# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ଫେବୃୟାରୀ ୫/୨୦୧୯ (୨୦ ପୃଷ୍ଠା) Sambalpur, Tuesday, February 5 / 2019 ★★

୧୫ଶ ଭାଗ ୫୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-



ଓଡ଼ିଶା ସରକାର

## ମାନ୍ୟବର ମୁଖ୍ୟମନ୍ତ୍ରୀ
## ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
## କୋରାପୁଟ ଜିଲ୍ଲା ଗସ୍ତ ଅବସରରେ
## ୧୧୩୬.୪୧ କୋଟି ଟଙ୍କା
## ମୂଲ୍ୟର ୩୧ଟି ଜନହିତକାରୀ
## ପ୍ରକଳ୍ପର ଉଦ୍‌ଘାଟନ

**ଏକମ୍ରା ପଡ଼ିଆ, ଜୟପୁର**

**ଅପରାହ୍ଣ ୩.୦୦**

- ତେଲେଙ୍ଗିରୀ ମଧ୍ୟମ ଜଳସେଚନ ପ୍ରକଳ୍ପ
- ଜିଲ୍ଲାର ନବନିର୍ମିତ ୪୧ଟି ଅଙ୍ଗନୱାଡି କେନ୍ଦ୍ର
- ଜୟପୁର ଅଞ୍ଚଳପାଇଁ ପାନୀୟଜଳ ଯୋଗାଣ ପ୍ରକଳ୍ପ
- କୋଟପାଡ ଏନ.ଏ.ସି, ନନ୍ଦପୁର, ଲମତାପୁଟ, କୁନ୍ଦ୍ରା, ଦଶମନ୍ତପୁର ଏବଂ ବନ୍ଧୁଗାଁ ବ୍ଲକର ପାଇପ ଜଳ ଯୋଗାଣ ପ୍ରକଳ୍ପ
- ପଟ୍ଟାଙ୍ଗୀ ୧୩୨/୩୩ କେ.ଭି ଗ୍ରୀଡ୍ ସବ୍‌ଷ୍ଟେସନ
- ସେମିଳିଗୁଡା ଠାରେ କୋଲାବ୍ ନଦୀ ଉପରେ ହାଇଲେଭ୍‌ଲ ସେତୁ
- ପଟ୍ଟାଙ୍ଗୀ ବ୍ଲକ୍‌ରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା
- ନାରାୟଣପାଟଣା କୁମ୍ଭାରୀ ସେବାଶ୍ରମ ସ୍କୁଲର ୧୦୦ ସିଟ୍ ବିଶିଷ୍ଟ ଛାତ୍ରୀନିବାସ
- ଲକ୍ଷ୍ମୀପୁର କଲେଜ ୧୦୦ ସିଟ୍ ବିଶିଷ୍ଟ ଜନଜାତି ଓ ଜାତି ଛାତ୍ରୀନିବାସ
- ଲମତାପୁଟ ଡ଼ଃ ଆମ୍ବେଦକର କଲେଜ ୧୨୦ ସିଟ୍ ବିଶିଷ୍ଟ ଛାତ୍ରୀନିବାସ, ନନ୍ଦପୁର ସିଦ୍ଧେଦେବୀ କଲେଜ ୧୨୦ ସିଟ୍ ବିଶିଷ୍ଟ ଛାତ୍ରାବାସ, ସୁନାବେଡା ବଧିର ବିଦ୍ୟାଳୟର ୧୦୦ ସିଟ୍ ବିଶିଷ୍ଟ ଜନଜାତି ଓ ଜାତି ଛାତ୍ରାବାସ
- କୋରାପୁଟ ସରକାରୀ ମହାବିଦ୍ୟାଳୟର ୩୦୦ ସିଟ୍ ବିଶିଷ୍ଟ ୨ଟି ଛାତ୍ରାବାସ ଓ ଛାତ୍ରୀନିବାସ
- ଲମତାପୁଟ ବ୍ଲକ୍‌ର ସାଗର - ଜଲ୍ଲାପୁଟ୍ ରାସ୍ତା ଏବଂ ବିଶାଖାପାଟଣା - ଜୟପୁର ଉନ୍ନତିକୃତ ରାସ୍ତା
- କୋରାପୁଟ ଜିଲ୍ଲାର ୨୫୪ଟି ଉନ୍ନତିକୃତ ପବିତ୍ର ପୀଠ ସ୍ଥଳୀ
- ବାମୁଣୀପୁଟ +୨ ବିଜ୍ଞାନ ମହାବିଦ୍ୟାଳୟର ନବନିର୍ମିତ ପ୍ରଶାସନିକ ଓ ଆକାଡ଼େମିକ ଭବନ, ୧୦୦ ସିଟ୍ ବିଶିଷ୍ଟ ଛାତ୍ରୀନିବାସ, ୩୦୦ ସିଟ୍ ବିଶିଷ୍ଟ ଛାତ୍ରାବାସ, ପାଠାଗାର ଓ ୪ଟି ଆବାସିକ ଗୃହ
- କୁନ୍ଦ୍ରା ବ୍ଲକ୍ ର ବାଗଦେରୀ ମେଗା ଉଠା ଜଳସେଚନ ପ୍ରକଳ୍ପ ଏବଂ ବାଗଦେରୀଠାରେ ୧୦୦ ସିଟ୍ ବିଶିଷ୍ଟ ହଷ୍ଟେଲ
- ବୈପାରୀଗୁଡା ବ୍ଲକ୍‌ର ଦୋରାଗୁଡା ସେବାଶ୍ରମର ୧୦୦ ସିଟ୍ ବିଶିଷ୍ଟ ହଷ୍ଟେଲ

15001/13/0571/1819

୯୯୨.୮୫ କୋଟି ଟଙ୍କା ବ୍ୟୟରେ ନିର୍ମିତ **ତେଲେଙ୍ଗିରୀ ମଧ୍ୟମ ଜଳସେଚନ ପ୍ରକଳ୍ପ** ଦ୍ୱାରା ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲ୍ଲାର ଲୋକମାନେ ବହୁଳଭାବେ ଉପକୃତ ହେବେ । ଏହି ପ୍ରକଳ୍ପ ଜୟପୁର ଓ ବୋରିଗୁମ୍ମା ବ୍ଲକ୍‌ର **୫୨ଟି ଗ୍ରାମର ୯୯୫୨ ହେକ୍ଟର ଚାଷ ଜମିକୁ** ଉଭୟ ଖରିଫ୍ ଓ ରବି ଋତୁରେ ଜଳସେଚନ ଯୋଗାଇଦେବ ।



ଉକ୍ତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ବିନମ୍ର ଅନୁରୋଧ ।



ଏଥିସହିତ ମାନ୍ୟବର ମୁଖ୍ୟମନ୍ତ୍ରୀ କୋରାପୁଟ ଜିଲ୍ଲା ପାଇଁ **୭୪୯ କୋଟି** ଟଙ୍କା ମୂଲ୍ୟର **୯୪ଟି ଜନହିତକାରୀ ପ୍ରକଳ୍ପର** ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହିତ ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରିବେ ।

**୫ ଫେବୃଆରୀ ୨୦୧୯**

**ମଙ୍ଗଳବାର**

DADLS-267

ବିଜୁ ଯୁବ ବାହିନୀ
Biju Yuva Vahini

**ବିଜୁ ଯୁବବାହିନୀ**
**ଆଞ୍ଚଳିକ ସମାବେଶରେ**
ଯୋଗଦାନ ଏବଂ ଉଦ୍‌ବୋଧନ






ସୂଚନା ଓ ଲୋକସମ୍ପର୍କ ବିଭାଗ

ଓଡ଼ିଶା ସରକାର



# ମାନ୍ୟବର ମୁଖ୍ୟମନ୍ତ୍ରୀ
# ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
## ନବରଙ୍ଗପୁର ଜିଲ୍ଲା ଗସ୍ତ

**୫ ଫେବୃଆରୀ ୨୦୧୯ ॥ ମଙ୍ଗଳବାର**

**ଉମରକୋଟ ॥ ପୂର୍ବାହ୍ନ ୧୧.୫୫**

### ୧୦୯୭ କୋଟି ଟଙ୍କା ମୂଲ୍ୟର ୧୭ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

- ଚ଼ନ୍ଦାହାଣ୍ଡି ବ୍ଲକ୍ ଭଣ୍ଡାରି ନଦୀ ଉପରେ ଦୁଇଟି ସେତୁ
- ରାଇଘର ବ୍ଲକ୍ ଭାଟିପଖାନ୍ ନାଳ ଏବଂ ଉମରକୋଟ ବ୍ଲକ୍ ର ସାନବାର୍‌ଲି ରାସ୍ତାର ସ୍ଥାନୀୟ ନାଳ ଉପରେ ୨ଟି ସେତୁ
- ନବରଙ୍ଗପୁର - ଖଡିଗୁଡ଼ା ରାସ୍ତା ଏବଂ ନବରଙ୍ଗପୁର - ଡହଣା- ଡିଗିସଲ୍‌ପା ରାସ୍ତା ଉନ୍ନତୀକରଣ କାର୍ଯ୍ୟ
- କୋଡିଙ୍ଗା - ଚ଼ଟାହାଣ୍ଡି ରାସ୍ତାରେ ତୁରୀନଦୀ ଉପରେ ହାଇଲେଭ୍‌ଲ ସେତୁ
- ନବରଙ୍ଗପୁର - ରାଜୋଡା - କୋଷାଗୁମୁଡା ରାସ୍ତାରେ ହାଇଲେଭ୍‌ଲ ସେତୁ
- ପୁଜାରୀଗୁଡା - ଅଞ୍ଚଳଗୁମା - ମଇଦଲପୁର ରାସ୍ତାର ସ୍ଥାନୀୟ ନାଳଉପରେ ହାଇଲେଭ୍‌ଲ ସେତୁ
- କୋଷାଗୁମୁଡା କେରାଣ୍ଡି ନାଳ ଉପରେ ଏବଂ ପାପାଡ଼ାହାଣ୍ଡି - କୋଡିଙ୍ଗା - କୋଷାଗୁମୁଡା ରାସ୍ତା ଉପରେ ୨ଟି ହାଇଲେଭ୍‌ଲ ସେତୁ
- ଡି.ଆଇ.ଇ.ଟି ନବରଙ୍ଗପୁରର ୧୦୦ ସିଟ୍ ବିଶିଷ୍ଟ ଛାତ୍ରୀ ନିବାସ

### ୧୯ କୋଟି ଟଙ୍କା ମୂଲ୍ୟର ୧୨ଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ

- ନବନିର୍ମିତ ଚ଼ନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର
- ପାତ୍ରପୁଟ ହାଇସ୍କୁଲର ୧୦୦ ସିଟ୍ ବିଶିଷ୍ଟ ସଂଖ୍ୟାଲଘୁ ଛାତ୍ରାବାସ
- ଜାମଗୁଡ଼ା ହାଇସ୍କୁଲର ୧୦୦ ସିଟ୍ ବିଶିଷ୍ଟ ଅନୁସୂଚିତ ଜାତି ଛାତ୍ରାବାସ
- ଜଟାବାଲ୍, ବାଘସିଉନୀ, ଉନ୍ନୀତ ହାଇସ୍କୁଲ
- ପାପଡ଼ାହାଣ୍ଡି ଠାରେ ୨ଟି ଉନ୍ନୀତ ଉଚ୍ଚ ମାଧ୍ୟମିକ ସ୍କୁଲ
- ଡ଼ାବୁଗାଁ ଉନ୍ନୀତ ଉଚ୍ଚ ମାଧ୍ୟମିକ ସ୍କୁଲ
- ଜିଲ୍ଲା ଶ୍ରମ କାର୍ଯ୍ୟାଳୟ
- ଲିଗାଲ୍ ମେଟ୍ରୋଲୋଜି କାର୍ଯ୍ୟାଳୟ
- ସୌନ୍ଦର୍ଯ୍ୟକୃତ ହିର୍‌ଲିଡୋଙ୍ଗରୀ ପାହାଡ଼
- ଜିଲ୍ଲା ଶିକ୍ଷକେନ୍ଦ୍ର କାର୍ଯ୍ୟାଳୟ

15001/13/0573/1819

DADLS-268

### ବିଭିନ୍ନ ଲୋକାଭିମୁଖୀ ଯୋଜନାରେ ହିତାଧିକାରୀମାନଙ୍କୁ ସହାୟତା ପ୍ରଦାନ

○ ୨୫୨୦ ନିର୍ମାଣ ଶ୍ରମିକଙ୍କୁ ସାଇକେଲ୍ ଏବଂ ୩୦୦୦ ନିର୍ମାଣ ଶ୍ରମିକଙ୍କୁ ଯନ୍ତ୍ରପାତି ଓ ସୁରକ୍ଷା ସରଞ୍ଜାମ ପ୍ରଦାନ ○ ୯୭୫ ବସ୍ତିବାସିନ୍ଦାଙ୍କୁ ଭୂମି ଅଧିକାର ପ୍ରଦାନ ○ ୧୫୧୧ ହିତାଧିକାରୀଙ୍କୁ ଜଙ୍ଗଲ ଜମି ଅଧିକାର ପଟ୍ଟା ବଣ୍ଟନ ○ ୨୪୦୦ ହିତାଧିକାରୀଙ୍କୁ ବାସୋପୋଯୋଗୀ ପଟ୍ଟା ପ୍ରଦାନ ○ ମଧୁବାବୁ ପେନ୍‌ସନ ଯୋଜନାରେ ବର୍ଦ୍ଧିତ ଭତ୍ତା ପ୍ରଦାନ ○ ଆଇ.ଟି.ଡି.ଏ ଦ୍ୱାରା ୧୮୦ ଜଣଙ୍କୁ ପମ୍ପସେଟ୍ ପ୍ରଦାନ ○ ଉମରକୋଟ ବ୍ଲକ ମିଶନ ଶକ୍ତି ସଂଘକୁ ୨୫ ଲକ୍ଷ ଟଙ୍କାର ସହାୟତା

**ସାଧାରଣ ସଭାରେ ଉଦ୍‌ବୋଧନ**







ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ବିନମ୍ର ଅନୁରୋଧ

**ସୂଚନା ଓ ଲୋକସମ୍ପର୍କ ବିଭାଗ**

# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ଫେବୃୟାରୀ ୫/୨୦୧୯ | Sambalpur, Tuesday, February 5 / 2019 | ପୃଷ୍ଠା-୧




**ଦୀପିକାଙ୍କୁ ପ୍ରଶଂସା ଅଜାଡ଼ିଲେ ରଣବୀର**

ଦୀପିକା ଅତି ଚମତ୍କାର ବ୍ୟକ୍ତିତ୍ୱ ଏବଂ ବିଶ୍ୱର ଅତି ନିପୁଣ କଳାକାରଙ୍କ ମଧ୍ୟରୁ ଜଣେ ବୋଲି ଅଭିନେତା ରଣବୀର ସିଂ ପ୍ରକାଶ କରିଛନ୍ତି। ୧୧

୧୩ **ଆରୋଜର ଭଲ ପ୍ରଦର୍ଶନ ନେଇ ପିଣ୍ଟୋ ଆଶାୟୀ**

ମଙ୍ଗଳବାର ମିନର୍ଭା ପଞ୍ଜାବ ବିପକ୍ଷ ଆଇ- ଲିଗ୍ ଫୁଟବଲ ମ୍ୟାଚରେ ଇଣ୍ଡିଆନ ଆରୋଜର ଭଲ ପ୍ରଦର୍ଶନ ନେଇ କୋଚ୍ ଫ୍ଲୟଡ ପିଣ୍ଟୋ ଆଶାବାଦୀ



■ ଗୁଜରାଟ ନିର୍ମାଣକାରୀ ସଂସ୍ଥା ଦଖଲରେ ଜଙ୍ଗଲ ଜମି

# ଜିଲାପାଳ, ଡିଏଫ୍‌ଓଙ୍କୁ ଏନ୍‌ଜିଟିଙ୍କ ଜରିମାନା

**କଟକ ଅଫିସ/କେନ୍ଦୁଝର, ୪।୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲାପାଳ ଓ ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ୨୫ହଜାର ଟଙ୍କା ଲେଖାଏ ଦେବାକୁ ଜାତୀୟ ସବୁଜ ପ୍ରାଧିକରଣ (ଏନ୍‌ଜିଟି) ସୋମବାର ଧାର୍ଯ୍ୟ କରିଛନ୍ତି। ଏକ ସପ୍ତାହ ମଧ୍ୟରେ ଏହି ଟଙ୍କା ଉଭୟ ଅଧିକାରୀ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରେ ଦାଖଲ କରିବା ଲାଗି ଏନ୍‌ଜିଟି ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି।

କେନ୍ଦୁଝର ଜିଲା ସଦର ଥାନା ଅନ୍ତର୍ଗତ ବାୟାପଣ୍ଡାଧର ଓ ବାୟାକୁମୁଟିଆ ନିକଟରେ ଜାତୀୟ ରାଜପଥ ସମ୍ପ୍ରସାରଣ କରୁଥିବା ଗୁଜରାଟ କମ୍ପାନୀ ମଣ୍ଟେକାର୍ଲୋ ଜଙ୍ଗଲ ଜମି ମାଡ଼ି ବସିବା ନେଇ ଏନ୍‌ଜିଟିରେ ମାମଲା ରୁଜୁ ହୋଇଥିଲା। କମ୍ପାନୀ ଦଖଲ କରିଥିବା ସମୁଦାୟ ୪୧ ଏକର ଜମି ମଧ୍ୟରୁ ୨୫ ଏକର ହେଉଛି ଜଙ୍ଗଲ ଜମି। ଏ ସମ୍ପର୍କରେ ଏନ୍‌ଜିଟିରେ ଆଗତ ମାମଲାର ଶୁଣାଣି ଗତ ଡିସେମ୍ବର ୧୮ରେ ହୋଇଥିଲା। ମାମଲାର ଶୁଣାଣି କରି ଏନ୍‌ଜିଟିଙ୍କ ମୁଖ୍ୟ ଖଣ୍ଡପୀଠ ଏ ସମ୍ପର୍କରେ କେନ୍ଦୁଝର ଜିଲାପାଳ ଓ ଡିଏଫ୍‌ଓଙ୍କୁ କେତେକ ନିର୍ଦ୍ଦେଶ ଜାରି କରିଥିଲେ। ନିର୍ଦ୍ଦେଶ ଅନୁଯାୟୀ ଆସନ୍ତା ୧ ମାସ ମଧ୍ୟରେ ନିର୍ମାଣକାରୀ ସଂସ୍ଥା ଜବରଦଖଲ କରିଥିବା ଜଙ୍ଗଲ ଜମିକୁ ମୁକ୍ତ କରାଯିବ। ଉକ୍ତ ଜମି ଉପରେ ନଷ୍ଟ ହୋଇଥିବା ସବୁଜିମା ଖର୍ଚ୍ଚ ସମ୍ପୃକ୍ତ ସଂସ୍ଥା ବହନ କରିବ। ଏ ସମସ୍ତ କାର୍ଯ୍ୟ ସମ୍ପନ୍ନ କରିବା ପରେ ଜିଲାପାଳ ଓ ଡିଏଫ୍‌ଓ ଫେବୃୟାରୀ ୪ ସୁଦ୍ଧା ଏନ୍‌ଜିଟିରେ ସତ୍ୟପାଠ ଦାଖଲ କରିବେ ବୋଲି ଆଦେଶ ହୋଇଥିଲା। ମାତ୍ର ନିର୍ଦ୍ଧାରିତ ସମୟ ମଧ୍ୟରେ ଜିଲାପାଳ ଓ ଡିଏଫ୍‌ଓ ରିପୋର୍ଟ ଦାଖଲ କରିବାରେ ଅସମର୍ଥ ହେବାରୁ ଏନ୍‌ଜିଟି ଉଭୟଙ୍କ ଉପରେ ଜରିମାନା ଧାର୍ଯ୍ୟ କରିଛନ୍ତି। ଏ ନେଇ ଡିଏଫ୍‌ଓ ସନ୍ତୋଷ କୁମାର ଯୋଶୀଙ୍କୁ ପଚାରିବାରୁ ଏଭଳି ଜରିମାନା ବିଷୟରେ ସେ ଜାଣିନାହାନ୍ତି ବୋଲି କହିଛନ୍ତି। ଜିଲାପାଳ ଆଶିଷ ଠାକରେଙ୍କୁ ପଚାରିବାରୁ ସମସ୍ତ ତଥ୍ୟ ଦିଆଯାଇଛି। ଏନ୍‌ଜିଟିରୁ ଜରିମାନା ସମ୍ପର୍କିତ ନୋଟିସ ଆସି ନ ଥିବା କହିଛନ୍ତି।

ଏନ୍‌ଜିଟିରେ ହୋଇଥିବା ଅଭିଯୋଗ ଅନୁଯାୟୀ, ମଣ୍ଟେକାର୍ଲୋ କମ୍ପାନୀ ବାୟାପଣ୍ଡାଧର ଗ୍ରାମରେ ମୋଟ ୧୮.୬୨ ହେକ୍ଟର ଜମି ଦଖଲ କରିଥିଲା। ଉକ୍ତ ଜମିରେ କମ୍ପାନୀ ବେଆଇନ ଭାବେ ଗଛକାଟି ଜଙ୍ଗଲ ସଂରକ୍ଷଣ ଆଇନର ଧାରା ୨ର ଉଲ୍ଲଂଘନ କରିଥିଲା। ଏପରି କି କମ୍ପାନୀ ସେଠାରେ କ୍ୟାମ୍ପ୍ କାର୍ଯ୍ୟାଳୟ ପ୍ରତିଷ୍ଠା କରିବା ସହ କଂକ୍ରିଟ୍ ମିକ୍ସ ପ୍ଲାଣ୍ଟ, ଷ୍ଟୋନ୍ କ୍ରଶର୍ ଇତ୍ୟାଦି ସ୍ଥାପନ କରିଥିଲା। ସେହିପରି ସେଠାରେ ଥିବା ଜୁଆଙ୍ଗ ଆଦିବାସୀଙ୍କ ବ୍ୟକ୍ତିଗତ ଜଙ୍ଗଲ ଜମିକୁ ମଧ୍ୟ ମାଡ଼ି ବସିଥିଲା। ନିୟମାନୁଯାୟୀ, ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ବନବାସୀଙ୍କୁ ମିଳିଥିବା ଜମିକୁ କୌଣସି ବ୍ୟକ୍ତିବିଶେଷ ବା କମ୍ପାନୀକୁ ହସ୍ତାନ୍ତର କରାଯାଇ ପାରିବ ନାହିଁ। କିନ୍ତୁ ଏ କ୍ଷେତ୍ରରେ, ଉକ୍ତ ଜମିଗୁଡିକ ଚଞ୍ଚକତାପୂର୍ବକ ପାୱାର ଅଫ୍ ଆର୍ଟର୍ନି ଦ୍ୱାରା ହଡ଼ପ କରାଯାଇଥିବା ଆବେଦନକାରୀଙ୍କ ଓକିଲ ଶଙ୍କର ପ୍ରସାଦ ପାଣି କହିଛନ୍ତି। ମାର୍ଚ୍ଚ ୫ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନଧାର୍ଯ୍ୟ ହୋଇଛି।

■ ପୋଲିସ କମିଶନରଙ୍କ ବାସଭବନକୁ ସିବିଆଇ ଯିବା ଘଟଣା

# ଦିଲ୍ଲୀରେ ପଶ୍ଚିମବଙ୍ଗ ତାତି

## ଗଣତନ୍ତ୍ର ଓ ସମ୍ବିଧାନ ବଞ୍ଚାଇବା ଲାଗି ଜାରି ରହିବ ସତ୍ୟାଗ୍ରହ: ମମତା

**କୋଲକାତା/ନୂଆଦିଲ୍ଲୀ,୪।୨**

ଚୂଡ଼ାନ୍ତ କ୍ଷମତାଯୁଦ୍ଧ ପୂର୍ବରୁ ପଶ୍ଚିମବଙ୍ଗରେ ଜଳୁଥିବା ନିଆଁର ଧୂଆଁ ଦିଲ୍ଲୀରେ ପହଞ୍ଚିଛି। ଚିଟ୍‌ଫଣ୍ଡ ତଦନ୍ତକୁ ନେଇ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏବଂ ରାଜ୍ୟ ପୋଲିସ ମୁହାଁମୁହିଁ ହେବା ବିବାଦ ରାଜନୈତିକ ରୂପ ନେଇସାରିଛି। ଫଳରେ ଏହି ଲଢ଼େଇ ଏବେ ବସ୍ତୁତଃ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବନାମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାଲଟିଯାଇଛି। ଏହି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ସହ ମୁହାଁମୁହିଁ ହୋଇଥିବା ମମତା ରବିବାର ରାତିରୁ ଧାରଣାରେ ବସିଛନ୍ତି। ତାଙ୍କ ସମର୍ଥନରେ ବିରୋଧୀ ଦଳଗୁଡ଼ିକ ଆଗେଇ ଆସି କେନ୍ଦ୍ରକୁ ଟାର୍ଗେଟ କରିଛନ୍ତି। ଅନ୍ୟପକ୍ଷରେ ଭାଜପା ଏହାକୁ ନେଇ ମମତାଙ୍କୁ ସମାଲୋଚନା କରିବା ସହ ପଶ୍ଚିମବଙ୍ଗରେ ସାମ୍ବିଧାନିକ ସଙ୍କଟ ସୃଷ୍ଟି ହେବା ଆଶଙ୍କା କରିଛି। ଭାଜପାର ଏକ ପ୍ରତିନିଧି ଦଳ ନିର୍ବାଚନ କମିଶନ(ଇସି)ଙ୍କ ଦ୍ୱାରସ୍ଥ ହୋଇ ରାଜ୍ୟରେ କେନ୍ଦ୍ରୀୟ ସୁରକ୍ଷା ବଳ ମୁତୟନ ପାଇଁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଛି। ସେପଟେ କୋଲକାତା ପୋଲିସ କମିଶନର ରାଜୀବ କୁମାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବାବେଳେ ସିବିଆଇ ସୁପ୍ରିମକୋର୍ଟ ଯାଇଛି। ସମ୍ପୂର୍ଣ୍ଣ ଘଟଣାକ୍ରମ ଉପରେ ରାଜ୍ୟପାଳ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ରିପୋର୍ଟ ଦେଇଛନ୍ତି। ଏସବୁ ଭିତରେ ପଶ୍ଚିମବଙ୍ଗ ତାତି ପାର୍ଲାମେଣ୍ଟରେ ଅନୁଭୂତ ହୋଇଛି। ଲୋକ ସଭା ଓ ରାଜ୍ୟ ସଭାରେ ଏହି ପ୍ରସଙ୍ଗକୁ ନେଇ ପ୍ରବଳ ହଟ୍ଟଗୋଳ ହେବା ପରେ ଉଭୟ ଗୃହକୁ ଦିନକ ପାଇଁ ମୁଲତବୀ କରାଯାଇଛି।



ମେଟ୍ରୋ ଚ୍ୟାନେଲ ସମ୍ମୁଖ ଧାରଣାସ୍ଥଳରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ।

ସାରଦା ଓ ରୋଜ୍‌ଭ୍ୟାଲି ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାର ତଦନ୍ତକାରୀ ଏସ୍‌ଆଇଟି ମୁଖ୍ୟ ହେଉଛନ୍ତି କୋଲକାତା ପୋଲିସ କମିଶନର ରାଜୀବ କୁମାର। ରାଜୀବଙ୍କୁ ଏହି ମାମଲାରେ ଜେରା କରିବା ପାଇଁ ସିବିଆଇର ଏକ ଟିମ୍ ରବିବାର କୋଲକାତା ଯାଇଥିଲା। ତଦନ୍ତକାରୀ ଅଧିକାରୀମାନେ ସନ୍ଧ୍ୟାରେ ରାଜୀବଙ୍କ ବାସଭବନରେ ପହଞ୍ଚିବା ପରେ ସ୍ଥାନୀୟ ପୋଲିସ ସେମାନଙ୍କୁ ଏକ ଥାନାକୁ ନେଇ ଅଟକ ରଖିଥିଲା। ପରେ ସେମାନଙ୍କୁ ଛାଡ଼ି ଦିଆଯାଇଥିଲେ ହେଁ ଏହି ବିବାଦ ଥମିବା ପରିବର୍ତ୍ତେ ତେଜିବାରେ ଲାଗିଛି। କାରଣ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ଏହାକୁ ପ୍ରଧାନମନ୍ତ୍ରୀ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ୍ ଡୋଭାଲଙ୍କ ପକ୍ଷରୁ ମିଳିତ ଭାବେ ରଚାଯାଇଥିବା ଏକ ଷଡ଼ଯନ୍ତ୍ରର ରୂପ ଦେଇ 'ସମ୍ବିଧାନ ବଞ୍ଚାଅ' ନାଁରେ ରବିବାର ରାତି ୮ଟା ୩୦ରୁ ଧାରଣାରେ ବସିଛନ୍ତି। ମମତାଙ୍କ ସମର୍ଥନରେ ପ୍ରାୟ ସବୁ ବିରୋଧୀ ଦଳ ଆସି କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ ଟାର୍ଗେଟ କରିଛନ୍ତି। କେନ୍ଦ୍ର ସରକାର ବିରୋଧୀଙ୍କୁ ପ୍ରତିହତ କରିବା ପାଇଁ ସିବିଆଇକୁ ବ୍ୟବହାର କରୁଥିବା ବିପକ୍ଷ ଅଭିଯୋଗ ଆଣିଛନ୍ତି।

ସେପଟେ ସିବିଆଇ ପକ୍ଷରୁ ସୋମବାର ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଏର କରାଯାଇଛି। ସାରଦା ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାର ପ୍ରମାଣଗୁଡ଼ିକୁ ରାଜୀବ କୁମାର ନଷ୍ଟ କରିବାକୁ ଉଦ୍ୟମ କରୁଛନ୍ତି। ଏହାସହ ପଶ୍ଚିବଙ୍ଗର ଶୀର୍ଷ ପୋଲିସ ଅଧିକାରୀମାନେ ନିଜକୁ ବଞ୍ଚାଇବା ଲାଗି ସିବିଆଇ ଅଧିକାରୀମାନଙ୍କୁ ଅଟକ ରଖିଥିଲେ। ଏହାସହ ସେମାନେ ଟିଏମ୍‌ସିର ରାଜନୈତିକ ଧାରଣାରେ ବସିଥିବା ଏଥିରେ ଦର୍ଶାଯାଇଛି। ରାଜୀବ କୁମାର ଅଦାଲତ ଅବମାନନା କରିଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପିଟିଶନରେ ଅନୁରୋଧ କରାଯାଇଛି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଏବଂ ଜଷ୍ଟିସ୍ ସଞ୍ଜୀବ ଖାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ତ୍ୱରିତ ଶୁଣାଣି କରିବାକୁ ମନାକରିଦେଇଛନ୍ତି। ସିବିଆଇ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟା ଦାଏର କରିଥିବା ଉକ୍ତ ପିଟିଶନର ଶୁଣାଣି ମଙ୍ଗଳବାର କରିବାକୁ ସର୍ବୋଚ୍ଚ ଅଦାଲତ ରାଜି ହୋଇଛନ୍ତି। ସିବିଆଇ ସୁପ୍ରିମକୋର୍ଟରେ ପହଞ୍ଚିଥିବାବେଳେ ପଶ୍ଚିମବଙ୍ଗ ସରକାର ଏହା ବିରୋଧରେ କୋଲକାତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଶିବକାନ୍ତ ପ୍ରସାଦ ଏହାର ତ୍ୱରିତ ଶୁଣାଣି କରିବାକୁ ମନା କରିଦେଇଛନ୍ତି। ଜଣିକିଆ ଖଣ୍ଡପୀଠରେ ଏହି ପିଟିଶନର ବିଚାର କରାଯିବ। ଅନ୍ୟପକ୍ଷରେ ପଶ୍ଚିମବଙ୍ଗ ରାଜ୍ୟପାଳ କେଶରୀନାଥ ତ୍ରିପାଠୀ ରାଜ୍ୟର ଘଟଣାକ୍ରମକୁ ନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ଏକ ରିପୋର୍ଟ ପ୍ରଦାନ କରିଛନ୍ତି। ଏହାସହ ସେ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂଙ୍କ ସହ ଫୋନ୍‌ରେ ଆଲୋଚନା କରିଥିବା ରାଜଭବନ ସୂତ୍ରରୁ ପ୍ରକାଶ। ପଶ୍ଚିମବଙ୍ଗରେ ସାମ୍ବିଧାନିକ ସଙ୍କଟ ସୃଷ୍ଟି ହୋଇପାରେ ବୋଲି ରାଜନାଥ ଆଶଙ୍କା ବ୍ୟକ୍ତ କରିଛନ୍ତି।

ଇତିମଧ୍ୟରେ ଭାଜପାର ଏକ ଉଚ୍ଚକ୍ଷମତାସମ୍ପନ୍ନ ପ୍ରତିନିଧି ଦଳ ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହୋଇ ☞ପୃଷ୍ଠା–୨

**ଦିଦି ବନାମ କେନ୍ଦ୍ର**

- ■ ସୁପ୍ରିମକୋର୍ଟ ଗଲା ସିବିଆଇ, ଆଜି ଶୁଣାଣି
- ■ କୋଲକାତା ପୋଲିସ ହାଇକୋର୍ଟଙ୍କ ଦ୍ୱାରସ୍ଥ
- ■ ନିର୍ବାଚନ କମିଶନଙ୍କୁ ଭେଟିଲେ ଭାଜପା ପ୍ରତିନିଧି
- ■ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ରିପୋର୍ଟ ଦେଲେ ରାଜ୍ୟପାଳ
- ■ ପଶ୍ଚିମବଙ୍ଗରେ ସାମ୍ବିଧାନିକ ସଙ୍କଟ ଆଶଙ୍କା: ରାଜନାଥ

**ବଜେଟ ଅଧିବେଶନରେ ସରକାରଙ୍କୁ ଘେରିବାକୁ ପ୍ରସ୍ତୁତ ଭାଜପା** ........୩........

**ଆଜିର ସମ୍ପାଦକୀୟ**

**ଅସ୍ୱାଦପୂର୍ଣ୍ଣ ସିବିଆଇ**

**ଆଜିର ମନ୍ତବ୍ୟ**

" ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କ ଲାଗି ଏନ୍‌ଡିଏ ଦ୍ୱାର ସବୁଦିନ ପାଇଁ ବନ୍ଦ।

– ଅମିତ ଶାହ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ

**କିଛି ତଥ୍ୟ**

ଚଳିତ ଆର୍ଥିକ ବର୍ଷ ଏପ୍ରିଲ–ସେପ୍ଟେମ୍ବର ସମୟରେ ଦେଶ ମଧ୍ୟକୁ ଏଫ୍‌ଡିଆଇରେ ୧୧% ହ୍ରାସ ଘଟି ୨୨.୬୬ ବିଲିୟନ ଡଲାର ରହିଛି।

– ବାଣିଜ୍ୟ ମନ୍ତ୍ରଣାଳୟ


**SUDHAKAR**
uPVC WINDOWS AND DOORS
EUROPEAN TECHNOLOGY PROFILE SYSTEMS
WE ARE LOOKING FOR uPVC WINDOWS & DOORS FABRICATORS
CONTACT US
96664 46664
sales.windows@sudhakarind.com

NECC NATIONAL EGG CO-ORDINATION COMMITTEE 04.02.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 82 | 135 | 145 |
| CTC | 84 | 137 | 147 |
| DKL | 85 | 139 | 149 |
| BDK | 83 | 136 | 146 |
| BLS | 83 | 136 | 146 |
| ANG | 85 | 139 | 149 |

*Conditions Apply
Eggs Retail Price- 49/-Dozen
Issued in the Interest of Consumers


■ ସରକାରଙ୍କ ସଫଳତାର ଚିତ୍ର ଦେଖାଇଲେ ରାଜ୍ୟପାଳ

# ବଢୁଛି ଆର୍ଥିକ ବିକାଶ

**ଭୁବନେଶ୍ୱର,୪।୨(ବ୍ୟୁରୋ)**

ରାଜ୍ୟରେ ଆର୍ଥିକ ବିକାଶ ଦ୍ରୁତ ଗତିରେ ମାଡି ଚାଲିଛି। ଦାରିଦ୍ର୍ୟ ହାର ତଳମୁହାଁ ହୋଇଛି। କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ଭିତ୍ତିଭୂମି, ଜଳସେଚନ, ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା, ଶିଳ୍ପାୟନ, ଆଦିବାସୀ ଓ ଦଳିତମାନଙ୍କ ବିକାଶ କାହିଁ କେତେ ଉପରକୁ ଚାଲିଗଲାଣି। ଦକ୍ଷତା ବିକାଶ ଠାରୁ ଆରମ୍ଭ କରି ଭାଷା ସାହିତ୍ୟ ସଂସ୍କୃତି ପ୍ରଚାର ପ୍ରସାରରେ ରାଜ୍ୟ ଅନେକ ପ୍ରଗତି କରିଛି। ୨୦୦୦ ମସିହା ପରଠାରୁ ରାଜ୍ୟର ଦୁର୍ଦ୍ଦିନ ହଟି ଯାଇଛି। ଶସ୍ୟ ଉତ୍ପାଦନ, ଚିକିତ୍ସା କ୍ଷେତ୍ରରେ ଅଭୂତପୂର୍ବ ସଫଳତା ମିଳିଛି। ସୋମବାର ବିଧାନସଭାରେ ନିଜର ଅଭିଭାଷଣ ରଖିବା ବେଳେ ରାଜ୍ୟପାଳ ଡ. ଗଣେଶୀ ଲାଲ ସରକାରଙ୍କ ଏଭଳି ରଙ୍ଗିନ ଚିତ୍ର ଆଙ୍କିଛନ୍ତି।



ବିଧାନସଭାରେ ରାଜ୍ୟପାଳ ଅଭିଭାଷଣ ରଖୁଛନ୍ତି।

ସୋମବାର ଆରମ୍ଭ ହୋଇଛି ପଞ୍ଚଦଶ ବିଧାନସଭା ଶେଷ ଅଧିବେଶନ। ପ୍ରଥମ ଦିବସରେ ରାଜ୍ୟପାଳ ନିଜ ଅଭିଭାଷଣରେ କହିଛନ୍ତି ଯେ, ଏବେ ରାଜ୍ୟ ଆର୍ଥିକ ପ୍ରଶାସନ ଉତ୍କର୍ଷତା ଲାଭ କରିଛି। ୨୦୦୦ ମସିହା ବେଳକୁ ଉତ୍କଟ ଦାରିଦ୍ର୍ୟ ଥିଲା। ଏକ ଦଶନ୍ଧିରୁ କମ୍ ସମୟ ମଧ୍ୟରେ ରାଜ୍ୟରେ ୨୪.୬୧ ପ୍ରତିଶତ ଦାରିଦ୍ର୍ୟ ହାର ହ୍ରାସ କରି ଓଡିଶା ଅନ୍ୟମାନଙ୍କ ପାଇଁ ପଥ ପ୍ରଦର୍ଶକ ହୋଇଛି। ସେତେବେଳେ ପ୍ରାକୃତିକ ବିପର୍ଯ୍ୟୟରେ ଅମୂଲ୍ୟ ଜୀବନ ଚାଲିଯାଉଥିଲା। କିନ୍ତୁ ଏବେ ବିପର୍ଯ୍ୟୟର ସୁପରିଚାଳନା କରି ରାଜ୍ୟ ସରକାର ବିଶ୍ୱରେ ନା ☞ପୃଷ୍ଠା–୨

- ■ ଏପ୍ରିଲରୁ ବିନା ସୁଧରେ ଚାଷୀଙ୍କୁ ମିଳିବ ଋଣ
- ■ ଚାଷୀଙ୍କୁ ମିଳିଛି ୬୦ ହଜାର ମୋବାଇଲ ଫୋନ
- ■ ୬ ଲକ୍ଷ ନବମ ଶ୍ରେଣୀପିଲାଙ୍କୁ ମିଳିବ ସାଇକେଲ

# ଅନ୍‌ଲାଇନ୍‌ରେ ହେବ ୟୁପିଏସ୍‌ସି, ଓପିଏସ୍‌ସି ପରୀକ୍ଷା

**ଭୁବନେଶ୍ୱର,୪।୨(ବ୍ୟୁରୋ)**

ଏଣିକି ଅନ୍‌ଲାଇନ୍‌ରେ ହେବ କେନ୍ଦ୍ରୀୟ ଲୋକସେବା ଆୟୋଗ(ୟୁପିଏସ୍‌ସି) ଓ ରାଜ୍ୟ ଲୋକସେବା ଆୟୋଗ (ଓପିଏସ୍‌ସି) ପରୀକ୍ଷା। ଫର୍ମ ପୂରଣଠାରୁ ଆରମ୍ଭ କରି ପରୀକ୍ଷାଫଳ ପ୍ରକାଶ ପର୍ଯ୍ୟନ୍ତ, ସବୁକିଛି ଅନ୍‌ଲାଇନ୍ ମାଧ୍ୟମରେ ହେବ। ଭୁବନେଶ୍ୱରରେ ପ୍ରଥମଥର ପାଇଁ ଅନୁଷ୍ଠିତ କେନ୍ଦ୍ରୀୟ ଲୋକସେବା ଆୟୋଗ ଓ ରାଜ୍ୟ ଲୋକସେବା ଆୟୋଗ ଅଧ୍ୟକ୍ଷଙ୍କ ସମ୍ମିଳନୀରେ ଏ ନେଇ ରୋଡ୍ ମ୍ୟାପ୍ ପ୍ରସ୍ତୁତ ହୋଇଛି। ପରୀକ୍ଷା ସମୟରେ ପରୀକ୍ଷାର୍ଥୀମାନେ ଯେପରି ମାନସିକ ସ୍ତରରେ ହଇରାଣ ନ ହେବେ, ସେଥିପାଇଁ ନିଯୁକ୍ତି ପ୍ରକ୍ରିୟାରେ ସଂସ୍କାର ଆଣିବାକୁ ଯୋଜନା ପ୍ରସ୍ତୁତ କରାଯାଉଥିବା ୟୁପିଏସ୍‌ସି ଅଧ୍ୟକ୍ଷ ଅରବିନ୍ଦ ସକ୍ସେନା କହିଛନ୍ତି। ଓପିଏସ୍‌ସି ମଧ୍ୟ ପରୀକ୍ଷା ପରିଚାଳନା ପ୍ରକ୍ରିୟାରେ ପରିବର୍ତ୍ତନ କରିବା ସହ ଅନ୍‌ଲାଇନ୍‌ରେ ପରୀକ୍ଷା କରିବ। ପରୀକ୍ଷାର୍ଥୀଙ୍କ କୌଣସି ସନ୍ଦେହ ହେଲେ, ସେମାନେ ଉତ୍ତର ଖାତା ଦେଖିପାରିବେ। ଏହାଦ୍ୱାରା ପରୀକ୍ଷା ପରିଚାଳନା ଓ ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ଆସିପାରିବ ବୋଲି ଓପିଏସ୍‌ସି ଅଧ୍ୟକ୍ଷ ବ୍ରିଗେଡିୟର ଏଲ୍.ସି. ପଟ୍ଟନାୟକ କହିଛନ୍ତି। ଏହି ସମ୍ମିଳନୀରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇଥିଲେ। ଏହି ସଂସ୍କାର ଯୋଜନାକୁ ଚାକିରି ଆଶାୟୀମାନେ ସ୍ୱାଗତ କରିଛନ୍ତି। ଅନେକ ସମୟରେ ୟୁପିଏସ୍‌ସି ଓ ଓପିଏସ୍‌ସି ପରୀକ୍ଷା ଗୋଟିଏ ଦିନରେ ହେଉଥିବାରୁ ପରୀକ୍ଷାର୍ଥୀ ଅଡୁଆରେ ପଡୁଛନ୍ତି। ତେଣୁ ଏଭଳି ସ୍ଥିତି ଏଡ଼ାଇବାକୁ ଆୟୋଗ ଧ୍ୟାନ ଦେଉ ବୋଲି ପରୀକ୍ଷାର୍ଥୀମାନେ ଦାବି କରିଛନ୍ତି।

# ଭୂତ ଭୟରେ ସ୍କୁଲ ଯାଉନାହାନ୍ତି ପିଲା

- ■ ୮ ଦିନରେ ୫ ଛାତ୍ରୀଛାତ୍ର ଅସୁସ୍ଥ
- ■ ଚିନ୍ତାରେ ଅଭିଭାବକ, ବିଇଓଙ୍କ ପରିଦର୍ଶନ

**ଆର.ଉଦୟଗିରି,୪।୨(ଡି.ଏନ୍.ଏ.)**

ଗଜପତି ଜିଲା ଆର.ଉଦୟଗିରିର ଦିଗବାରଣ ସାହିସ୍ଥିତ ଗୋପବନ୍ଧୁ ବିଦ୍ୟାପୀଠରେ କିଛିଦିନ ହେଲା ଛାତ୍ରୀଛାତ୍ରଙ୍କୁ ଭୂତ ଭୟ ଘାରିଛି। ଜାନୁୟାରୀ ୨୪ରୁ ଗତ ୧ ତାରିଖ ମଧ୍ୟରେ ୮ ଛାତ୍ରୀଛାତ୍ର କୌଣସି କାରଣରୁ ସ୍କୁଲରେ ଅସୁସ୍ଥ ହୋଇଥିଲେ। ଏଥିରେ ଭୟଭୀତ ହୋଇ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ସୋମବାର ସ୍କୁଲକୁ ଛାଡ଼ି ନ ଥିଲେ। ଶିକ୍ଷକମାନଙ୍କୁ ଏହାର କାରଣ ପଚାରିବା ସହ ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ତୁରନ୍ତ ସମସ୍ୟା ସମାଧାନ କରୁ ବୋଲି ଦାବି କରିଥିଲେ। ଅପରାହ୍ନରେ ଆର.ଉଦୟଗିରି ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ) ବିଶ୍ୱନାଥ ଭୂୟାଁ ଉକ୍ତ ସ୍କୁଲ ପରିଦର୍ଶନ କରିଥିଲେ। ମଙ୍ଗଳବାର ଶିକ୍ଷକ ଓ ଅଭିଭାବକମାନଙ୍କୁ ନେଇ ଏ ସମ୍ପର୍କରେ ଆଲୋଚନା କରାଯିବ ବୋଲି ବିଇଓ ସୂଚନା ଦେଇଛନ୍ତି।

୨୪ ତାରିଖରେ ଗୋପବନ୍ଧୁ ବିଦ୍ୟାପୀଠର ଅଷ୍ଟମ ଶ୍ରେଣୀ ଛାତ୍ରୀ ପିଙ୍କି ରଇତ ହଠାତ୍ ଅଚେତ ହୋଇ ପଡ଼ିଥିଲେ। ଶିକ୍ଷୟିତ୍ରୀ, ଶିକ୍ଷକମାନେ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଛାତ୍ରୀ ଜଣକ ବାନ୍ତି କରିବା ସହ ବାରମ୍ବାର ଅଚେତ ହୋଇପଡୁଥିବାରୁ ପ୍ରଶାସନ ତତ୍ତ୍ୱାବଧାନରେ ତାଙ୍କୁ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ପିଙ୍କିଙ୍କ ହିମୋଗ୍ଲୋବିନ କମ୍ ଥିବା ଡାକ୍ତର କହିଥିଲେ। ଚିକିତ୍ସା ପରେ ପିଙ୍କି ସୁସ୍ଥ ହୋଇ ଘରକୁ ଫେରିଥିଲେ। ତେବେ ଘରେ ପୁଣି ବାରମ୍ବାର ଅଚେତ ହେବାରୁ କାଳିଶି ଏବଂ ଦେଶୀ ଚିକିତ୍ସା କରିବାରୁ ପିଙ୍କି ବର୍ତ୍ତମାନ ଠିକ୍ ଥିବା ପରିବାର ଲୋକେ କହିଛନ୍ତି। ଅନ୍ୟପକ୍ଷରେ ସ୍କୁଲରେ ବିଭିନ୍ନ ସମୟରେ ଆଉ ୪ ଜଣ ଏପରି ଅସୁସ୍ଥ ଅନୁଭବ କରିଥିଲେ। ତେବେ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଉଦ୍ୟମରେ ୩ଜଣ ସ୍କୁଲରେ ଭଲ ହୋଇଥିଲେ। ଶନିବାର ପୂର୍ବାହ୍ନରେ ସପ୍ତମ ଶ୍ରେଣୀ ଛାତ୍ର ମନୋଜ କୁମାର ମାଳଦଣ୍ଡସେନାଙ୍କ ମୁଣ୍ଡ ବୁଲାଇଥିଲା। ପରେ ତାଙ୍କର ବାରମ୍ବାର ବାନ୍ତି ହେବାରୁ ସେ ଅଚେତ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଘରକୁ ଆଣି ଔଷଧ ଦେଇଥିଲେ। ସେଥିରେ କିଛି ପରିବର୍ତ୍ତନ ନ ହେବାରୁ ଗାଁରେ ଝଡ଼ାଫୁଙ୍କା କରିଥିଲେ ବୋଲି ମନୋଜଙ୍କ ମା' କହିଛନ୍ତି। ରବିବାର ପୁଣି ମନୋଜ ବାରମ୍ବାର ଅଚେତ ହେବାରୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଔଷଧପତ୍ର ଆଣି ମନୋଜ ଘରକୁ ଫେରିଥିଲେ ମଧ୍ୟ ସମ୍ପୂର୍ଣ୍ଣ ସୁସ୍ଥ ହୋଇନାହାନ୍ତି। ଗାଁରେ ମନୋଜଙ୍କୁ ଝଡ଼ାଫୁଙ୍କା କରାଯାଉଥିବା ଜଣାପଡିଛି। ସ୍କୁଲରେ ପିଲା ଅସୁସ୍ଥ ହେଉଥିବା ନେଇ ଅଭିଭାବକମାନେ ଚିନ୍ତାରେ ପଡିଛନ୍ତି। ଶୀଘ୍ର ସମସ୍ୟାର ସମାଧାନ କରାଯାଉ ବୋଲି ଦାବି କରିଥିଲେ।

■ ବଲାଙ୍ଗୀର ବାଇପାସ୍ ନିର୍ମାଣ ପ୍ରସଙ୍ଗ

# ବ୍ୟୟ ଅଟକଳକୁ ନେଇ ପୁଣି ଅନିଶ୍ଚିତତା

**ବଲାଙ୍ଗୀର ଅଫିସ, ୪।୨**

୨୦୦୯ରୁ ଝୁଲି ରହିଥିବା ବହୁପ୍ରତୀକ୍ଷିତ ବଲାଙ୍ଗୀର ବାଇପାସ୍ ରାସ୍ତା ନିର୍ମାଣକୁ ନେଇ ଲାଗି ରହିଥିବା ଅନିଶ୍ଚିତତା ଏଯାଏଁ ଦୂର ହୋଇନାହିଁ। ଚତୁର୍ଥ ଥର ପାଇଁ ସଂଶୋଧିତ ବ୍ୟୟ ଅଟକଳ ଅନୁମୋଦନ ପାଇଁ ପଠାଯାଇଛି । ୨୪୧ କୋଟିର ଉକ୍ତ ପ୍ରକଳ୍ପର ବ୍ୟୟ ଅଟକଳରୁ ୧୦୭ କୋଟି ଟଙ୍କାକୁ କମାଇ ଦିଆଯାଇଛି। ଫଳରେ ଏହି ପ୍ରକଳ୍ପକୁ ନେଇ ରାଜନୈତିକ ବିବାଦ ସୃଷ୍ଟି ହୋଇଛି । ଏହାର ସମାଧାନ ପନ୍ଥା ବାହାରୁ ନାହିଁ । ବରଂ ଏହି ପ୍ରକଳ୍ପ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି।

ଗତ ୨୪ ତାରିଖରେ ଏହି ବିବାଦୀୟ ଓ ବହୁପ୍ରତୀକ୍ଷିତ ବାଇପାସ୍ ପ୍ରକଳ୍ପର ବ୍ୟୟ ଅଟକଳ ଚତୁର୍ଥ ଥର ପାଇଁ ପୁନଃ ସଂଶୋଧିତ ହୋଇ ପଠାଯାଇଥିବା ଜଣାପଡିଛି। ତେବେ ଜିଲା ପ୍ରଶାସନ ପକ୍ଷରୁ ପୂର୍ବରୁ ୩ଥର ପଠାଯାଇଥିବା ସଂଶୋଧିତ ବ୍ୟୟ ଅଟକଳକୁ କେନ୍ଦ୍ର ସରକାର ଅନୁମୋଦନ ନ କରି ଫେରାଇ ଦେଇଥିବାରୁ ଚତୁର୍ଥ ଥର ପଠାଯାଇଥିବା ସଂଶୋଧିତ ବ୍ୟୟ ଅଟକଳକୁ କେନ୍ଦ୍ର ସରକାର ମଞ୍ଜୁର କରିବେ ନାଁ ନାହିଁ ସେନେଇ ଲାଗିରହିଥିବା ଅନିଶ୍ଚିତତା ଦୂର ହୋଇନାହିଁ। ଅନ୍ୟପକ୍ଷେ ଏହି ପ୍ରକଳ୍ପର ମୂଳ ବ୍ୟୟ ଅଟକଳ, ପ୍ରଥମ ସଂଶୋଧିତ ବ୍ୟୟ ଅଟକଳ ଓ ଚତୁର୍ଥ ଥର ପଠାଯାଇଥିବା ସଂଶୋଧିତ ବ୍ୟୟ ଅଟକଳ ମଧ୍ୟରେ ଆକାଶ ପାତାଳ ପାର୍ଥକ୍ୟ ପରିଲକ୍ଷିତ ହୋଇଛି। ୨୦୦୯ରେ ୧୨ କି.ମି. ବାଇପାସ ରାସ୍ତା ନିର୍ମାଣ ପାଇଁ ଅନୁମୋଦନ ମିଳିଥିଲା। ପରେ ପ୍ରକଳ୍ପ ପାଇଁ ୪୦ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ସେତିକିବେଳେ ଜିଲା ପ୍ରଶାସନ ଏହି ଦିଗରେ ବିଶେଷ ଆଗ୍ରହ ଦେଖାଇ ନ ଥିବାରୁ ପ୍ରକଳ୍ପ ମଞ୍ଜୁର ସତ୍ତ୍ୱେ ଅଗ୍ରଗତି ହୋଇପାରି ନ ଥିଲା। ୨୦୧୩ ମସିହାରେ ନୂଆ ଭୂମି ଅଧିଗ୍ରହଣ ଆଇନ କାର୍ଯ୍ୟକାରୀ ହେବା ପରେ ପ୍ରକଳ୍ପର ବ୍ୟୟ ଅଟକଳ ବୃଦ୍ଧି ପାଇଥିଲା। ପରେ ଜିଲା ପ୍ରଶାସନ ଏହି ପ୍ରସ୍ତାବିତ ୧୨ କି.ମି. ବାଇପାସ୍ ରାସ୍ତା ପାଇଁ ୨୪୧.୬ କୋଟି ଟଙ୍କାର ପରିବର୍ଦ୍ଧିତ ବ୍ୟୟ ଅଟକଳ ପ୍ରସ୍ତୁତ କରି ମଞ୍ଜୁର ପାଇଁ ପଠାଇଥିଲା। ତେବେ ପ୍ରଥମରୁ ଏହି ବର୍ଦ୍ଧିତ ବ୍ୟୟ ଅଟକଳ ପ୍ରସ୍ତାବକୁ କେନ୍ଦ୍ର ସରକାର ଖାରଜ୍ କରିଦେଇ ଏଥିରେ ଅନେକ ବିଭ୍ରାନ୍ତି ଓ ବିସଙ୍ଗତି ରହିଥିବା ଦର୍ଶାଇ ପୁନଃ ବିସଙ୍ଗତି ମୁକ୍ତ ବ୍ୟୟ ☞ପୃଷ୍ଠା–୨

- ■ ଅନୁମୋଦନ ପାଇଁ ଚତୁର୍ଥ ଥର ପଠାଗଲା ସଂଶୋଧିତ ବ୍ୟୟ ଅଟକଳ
- ■ ୨୪୧ରୁ ୧୩୩ କୋଟିକୁ କମିଲା ବ୍ୟୟ ଅଟକଳ
- ■ ୧୦୭ କୋଟିର ପାର୍ଥକ୍ୟ ଧରାପଡିଲା
- ■ ଷ୍ଟାଣ୍ଡିଂ ଫାଇନାନ୍ସ କମିଟି ଉପରେ ନଜର



“ଶାସକ ଯଦି ତା'ର କର୍ତ୍ତବ୍ୟ ନ କଲା, ତେବେ ସେ ଦସ୍ୟୁଠାରୁ ଅଧିକ ବିପଜ୍ଜନକ।

- ଲର୍ଡ ବାଇରନ




# ବଜେଟ ଅଧିବେଶନରେ ସରକାରଙ୍କୁ ଘେରିବାକୁ ପ୍ରସ୍ତୁତ ଭାଜପା

**ଭୁବନେଶ୍ୱର, ୪।୨(ବ୍ୟୁରୋ)**

ବିଧାନସଭା ବଜେଟ ଅଧିବେଶନରେ ଶାସକ ଦଳକୁ ଘେରିବା ଲାଗି ସୋମବାର ଭାଜପା ବିଧାୟକ ଦଳ ବୈଠକ ଦଳୀୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଛି। ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂଦେଓଙ୍କ ନେତୃତ୍ୱରେ ବସିଥିବା ବୈଠକରେ ଶାସକ ଦଳକୁ ଘେରିବା ଲାଗି ବିଭିନ୍ନ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା କରାଯାଇଛି। ୨୦୧୯ ନିର୍ବାଚନ ପୂର୍ବରୁ ଏହା ଶେଷ ଅଧିବେଶନ ହୋଇଥିବାରୁ କମ୍ ସମୟ ଭିତରେ ଶାସକ ଦଳକୁ ଘାଇଲା କରାଯାଇପାରିବା ଭଳି ମୁଖ୍ୟ ପ୍ରସଙ୍ଗଗୁଡ଼ିକ ନେଇ ଭାଜପା ନିଜର ପ୍ରସ୍ତୁତି କରିଛି। ମୁଖ୍ୟତଃ ରାଜ୍ୟରେ ଦେଖାଦେଇଥିବା ଚାଷୀ ଓ ଚାଷ ସମସ୍ୟା, ମଣ୍ଡି ନ ଖୋଲିବା, କଟ୍‌ନି ଛଟ୍‌ନି ଆଳରେ କୁଇଣ୍ଟାଲ ପ୍ରତି ୫/୭ କୁଇଣ୍ଟାଲ ଧାନ କାଟିବା, କେନ୍ଦ୍ର ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୧୭୫୦ ଟଙ୍କା ବୃଦ୍ଧି କରିବା ପରେ ରାଜ୍ୟ ସରକାର ଚାଷୀଙ୍କଠାରୁ ସେହି ମୂଲ୍ୟରେ ଧାନ ନ କିଣିବା ଆଦି ପ୍ରସଙ୍ଗ ଉଠାଯିବ ବୋଲି ରାଜ୍ୟ ଭାଜପା ବିଧାୟକ ପ୍ରଦୀପ ପୁରୋହିତ ସୂଚନା ଦେଇଛନ୍ତି। ସେହିପରି ରାଜ୍ୟରେ ବୃଦ୍ଧି ପାଇଥିବା ମହିଳା ଅତ୍ୟାଚାର, ପିସି କାରବାର, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମିଥ୍ୟା ତଥ୍ୟ ରଖିବା, ୩ଶହ କୋଟି ଟଙ୍କାର ଚିଟ୍‌ଫଣ୍ଡ କର୍ପସ ଫଣ୍ଡର ଘୋଟାଲା, ପାନୀୟ ଜଳ ସମସ୍ୟା, ଶ୍ରୀମନ୍ଦିର ପରିଚାଳନା ଅବ୍ୟବସ୍ଥା, ଡିଏମଏଫର ଠିକ୍ ବିନିଯୋଗ ନ ହେବା, ରାଜ୍ୟରେ ବେକାରି ଯୁବତୀ, ଯୁବକଙ୍କ ସଂଖ୍ୟା ବୃଦ୍ଧି ପାଇବା ସତ୍ତ୍ୱେ ସେମାନଙ୍କ ପାଇଁ ନିଯୁକ୍ତି ସୃଷ୍ଟି ନ କରିବା ଭଳି ପ୍ରସଙ୍ଗ ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉଠାଇବ ବୋଲି ପ୍ରଦୀପ ସୂଚନା ଦେଇଛନ୍ତି । ଅନ୍ୟପଟେ ମୋଦି ସରକାର ଗରିବ ଲୋକଙ୍କ ପାଇଁ ଅନେକ ଜନହିତକର ଯୋଜନା ଲାଗୁ କରିଛନ୍ତି। କିନ୍ତୁ ଏଠି ଶାସକ ଦଳର ଅପାରଗତା ଯୋଗୁ ଯୋଗ୍ୟ ହିତାଧିକାରୀ ସମସ୍ତ ଯୋଜନାରୁ ବଞ୍ଚିତ ରହୁଛନ୍ତି। କେନ୍ଦ୍ର ସରକାର ରାଜ୍ୟର ବିକାଶ ପାଇଁ ଗତ ୫ ବର୍ଷରେ ୫ ଲକ୍ଷ ୧୩ ହଜାର କୋଟିର ଅନୁଦାନ ଦେବାପରେ ରାଜ୍ୟ ସରକାର ସେହି ଅର୍ଥକୁ ସମ୍ପୂର୍ଣ୍ଣ ଖର୍ଚ୍ଚ କରିପାରୁନାହାଁନ୍ତି। ବିଧାନସଭାରେ କେନ୍ଦ୍ରୀୟ ଅନୁଦାନର ଟିକିନିଖି ହିସାବ ମଗାଯିବା ସହ ବିଗତ ଦିନରେ ପ୍ରଚାର ସର୍ବସ୍ୱ ବିଜେଡି କରିଥିବା ସମସ୍ତ ଘୋଷଣାର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ କରାଯିବ ବୋଲି ପ୍ରଦୀପ କହିଛନ୍ତି।

## ଯୁବକଙ୍କ ମୃତଦେହ ଉଦ୍ଧାର, ହତ୍ୟା ଅଭିଯୋଗ

**ଭେଡ଼େନ, ୪।୨(ଡ଼ି.ଏନ.ଏ)**

ବରଗଡ଼ ଜିଲା ଭେଡ଼େନ ଥାନା ଅନ୍ତର୍ଗତ ରେମଣ୍ଡା ଗ୍ରାମରେ ପୂର୍ବ ଶତ୍ରୁତାକୁ ନେଇ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି । ମୃତକ ହେଲେ ସେହି ଗ୍ରାମର ସହଦେବ କର(୪୫) । ରବିବାର ରାତ୍ରିରେ ତାଙ୍କର ରକ୍ତାକ୍ତ ମୃତଦେହ ଗ୍ରାମରେ ଥିବା ମଙ୍ଗଳୁ ପ୍ରଧାନଙ୍କ ପ୍ରତିମୂର୍ତ୍ତି ନିକଟରେ ପଡ଼ିଥିଲା। ଖବର ପାଇ ଭେଡ଼େନ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଡ଼ାକ୍ତରଖାନାକୁ ଆଣିଥିଲା । ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏ ନେଇ ଭେଡ଼େନ ଥାନା ପୋଲିସ ଏକ ମାମଲା (ନଂ.୨୧) ରୁଜୁ କରି ସୋମବାର ମୃତଦେହ ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇଛି । ପୂର୍ବ ଶତ୍ରୁତାରୁ କେହି ତାଙ୍କୁ ଲୁହାଛଡ଼ରେ ପିଟି ହତ୍ୟା କରିଥିବା ମୃତକଙ୍କ ପୁତ୍ର ଥାନାରେ ଅଭିଯୋଗ କରିଛନ୍ତି ।

■ ଖୋର୍ଦ୍ଧାରେ ବେଆଇନ ମାଙ୍କଡ଼ାପଥର ଖନନ

# ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଗଠନ ପାଇଁ ଏନ୍‌ଜିଟିଙ୍କ ଆଦେଶ

**କଟକ ଅଫିସ, ୪।୨**

ଖୋର୍ଦ୍ଧା ଜିଲା ତାପଙ୍ଗ ଅଞ୍ଚଳରେ ବେଆଇନ ମାଙ୍କଡ଼ାପଥର ଖନନକୁ ନେଇ ଜାତୀୟ ସବୁଜ ପ୍ରାଧିକରଣ (ଏନ୍‌ଜିଟି)ରେ ମାମଲା ରୁଜୁ ହୋଇଥିଲା। ସୋମବାର ଉକ୍ତ ମାମଲାର ଶୁଣାଣି କରି ଏନ୍‌ଜିଟି ଏକ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଗଠନ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ କମିଟିରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୂଷଣ ପ୍ରଭାବ ଆକଳନ କର୍ତ୍ତୃପକ୍ଷ(ଏସ୍‌ଇଆଇଏଏ)ଙ୍କ ସଦସ୍ୟ ସଚିବ, ଖୋର୍ଦ୍ଧା ଜିଲାପାଳ ପ୍ରମୁଖ ସଦସ୍ୟ ରହିବେ। ଉକ୍ତ କମିଟି ଘଟଣାର ଆକଳନ କରି ଏନ୍‌ଜିଟିରେ ସବିଶେଷ ତଥ୍ୟ ଦାଖଲ କରିବେ। ଏପ୍ରିଲ ୨୨ରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ। ଏହି ତାରିଖ ସୁଦ୍ଧା ଏନ୍‌ଜିଟିରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଛି।

ସୂଚନାଥାଉକି, ତାପଙ୍ଗ ଅଞ୍ଚଳରେ ବେଆଇନ ମାଙ୍କଡ଼ାପଥର ଖନନକୁ ନେଇ ଗତ ଡିସେମ୍ବର ୧୯ରେ ଖୋର୍ଦ୍ଧା ଅଞ୍ଚଳର ବିଦ୍ୟୁଭୂଷଣ ହରିଚନ୍ଦନ ଓ ସୂଚନା ଅଧିକାର କର୍ମୀ ଦିଲୀପ କୁମାର ସାମନ୍ତରାୟ ଏନ୍‌ଜିଟିଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀ ପିଟିଶନରେ ଦର୍ଶାଇଥିଲେ ଯେ, ତାପଙ୍ଗ ପଞ୍ଚାୟତ ଅଧୀନରେ ପ୍ରାୟ ୪୦ଟି ସ୍ଥାନ ଯଥା ଅଣ୍ଡା, ଝିଙ୍କିଝାରି ଓ ନିଜିଗଡ଼ ତାପଙ୍ଗ ମୌଜାରେ ପାଖାପାଖି ୫୦୦ ଏକର ପରିମିତ ଅଞ୍ଚଳରେ ଏହି ବେଆଇନ ମାଙ୍କଡା ପଥର ଖନନ କରାଯାଉଛି। ଉକ୍ତ ଜମିର କିସମ କେଉଁଠି ଗ୍ରାମ୍ୟ ଜଙ୍ଗଲ ତ କେଉଁଠି ଗୋଚର ଆଉ କେଉଁଠି କାଜୁ ଜଙ୍ଗଲ। ଉକ୍ତ ଜାଗାକୁ ଚାରଣ ଭୂମି ଭାବେ ବ୍ୟବହାର କରାଯାଉଥିଲା। ମାତ୍ର ପଥର ମାଫିଆମାନେ ବେଆଇନ ଭାବେ ଏହି ଜାଗାରୁ ମାଙ୍କଡା ଖନନ କରୁଛନ୍ତି। ଖନନ ହେଉଥିବା ଅଧିକାଂଶ ଜମି ପୁରୀ ଶ୍ରୀଜଗନ୍ନାଥଙ୍କ ନାମରେ ରହିଛି। ପଥର ଖନନ କରିସାରିବା ପରେ ମାଫିଆମାନେ ଉକ୍ତ ସ୍ଥାନକୁ ପରିତ୍ୟକ୍ତ ଅବସ୍ଥାରେ ଛାଡ଼ି ପଳାଉଛନ୍ତି। ଫଳରେ ସେଠାରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହେଉଛି, ଯାହା ମଣିଷ ଏବଂ ଗୃହପାଳିତ ପ୍ରାଣୀମାନଙ୍କ ପାଇଁ ମୃତ୍ୟୁଯନ୍ତା ପାଲଟିଛି। ଏହାବ୍ୟତୀତ ପଥର ମାଫିଆମାନେ ପଥର ଖନନ ନିଶାରେ ଉକ୍ତ ଜମିରେ ଥିବା ଗଛଗୁଡ଼ିକୁ କାଟି ପକାଉଛନ୍ତି। ଏହି ବେଆଇନ କାର୍ଯ୍ୟରେ ଜିଲା ପ୍ରଶାସନର କେତେଜଣ ଅଧିକାରୀ ଓ କର୍ମଚାରୀ ସାମିଲ ଥିବା ଆବେଦନକାରୀମାନେ ପିଟିଶନରେ ଏନ୍‌ଜିଟିଙ୍କୁ ଅବଗତ କରାଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଡଭୋକେଟ ଶଙ୍କର ପ୍ରସାଦ ପାଣି ମାମଲା ପରିଚାଳନା କରୁଛନ୍ତି।





ପ୍ରସିଦ୍ଧ ନବରାତ୍ର ରାମଲୀଲା ମହୋତ୍ସବ ୨୦୧୯ ଅବସରରେ ଅତାବିରା ନିର୍ବାଚନ ମଣ୍ଡଳୀ ତଥା ଭେଡ଼େନ ବ୍ଲକର ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା।



ସୁବାସ ହୋତା

ଜିଲ୍ଲା ପରିଷଦ ସଭ୍ୟ, ଜୋନ ୩
ସଭାପତି ରୁଷୁଡ଼ା ପ୍ୟାକ୍ସ, ଭେଡ଼େନ ବ୍ଲକ


### ୩୦ତମ ଜାତୀୟ ସଡ଼କ ସୁରକ୍ଷା ବାର୍ତ୍ତା

**ସଡ଼କ ସୁରକ୍ଷା ଜୀବନ ରକ୍ଷା**

୧. ନିଜେ ସଚେତନ ରୁହନ୍ତୁ, ଅନ୍ୟକୁ ସଚେତନ କରନ୍ତୁ।
୨. ସଚେତନତା ମାଧ୍ୟମରେ ଦୁର୍ଘଟଣା କମିବ।
୩. ୨୦୧୪ ମସିହାଠାରୁ ୫ଟି ଜିଲ୍ଲାରେ ସଚେତନତା ଓ ସଡ଼କ ସୁରକ୍ଷା ଆୟୋଜନ କରାଯାଉଛି।
୪. ବର୍ତ୍ତମାନ ପର୍ଯ୍ୟନ୍ତ ୫୦ଟି କଲେଜ, ୩୦୦ ହାଇସ୍କୁଲ, ୩୦ଟି ଥାନା ଓ ୧୦ଟି ଫାଣ୍ଡିମାନଙ୍କରେ ସଚେତନତା ଶିବିର ଓ ସଡ଼କ ସୁରକ୍ଷା ର୍‍ୟାଲି କରାଯାଇଛି।
୫. ବିଭିନ୍ନ ସ୍କୁଲ କଲେଜ ଛାତ୍ରଛାତ୍ରୀମାନଙ୍କୁ ଦର୍ଶନୀୟ ସ୍ଥାନମାନ ଦେଖା ଯାଇଅଛି।

ସୌଜନ୍ୟ: ପଦ୍ମଲୋଚନ ଭୋସାଗର
ଟ୍ରାଫିକ ସଚେତନତା ସଂଯୋଜକ (ପଶ୍ଚିମ ଓଡ଼ିଶା)
ମୋ: ୭୬୦୯୦୯୯୨୫୬, ୯୩୩୭୬୦୩୫୫୯, ୭୬୦୯୦୯୯୨୭୨




ଜଗତର ଦ୍ୱନ୍ଦ୍ୱ ସଂଗ୍ରାମରେ ଧନୀର ଧନକୁ ଦେଖି ତା'ର ପକ୍ଷ ନେବନାହିଁ। ଦରିଦ୍ରର ପକ୍ଷ ମଧ୍ୟ ନେବ ନାହିଁ ତା'ର ଦାରିଦ୍ର୍ୟ ଲାଗି। ରାଜାର ଶକ୍ତି ଐଶ୍ୱର୍ଯ୍ୟ ଦେଖି ତାଙ୍କ ପକ୍ଷ ବି ନେବ ନାହିଁ। ଜନଗଣଙ୍କ ଆଶା ଓ ଉତ୍ସାହ ଦେଖି ସେମାନଙ୍କ ପକ୍ଷ ବି ନେବ ନାହିଁ। ସର୍ବଦା ସେହି ଏକମାତ୍ର ଭଗବାନଙ୍କ ପକ୍ଷରେ ଇ ଠିଆ ହୋଇରହିବ। ଯଦି ଭଗବାନ ତାଙ୍କ ନିଜ ବିରୋଧରେ ବି ସଂଗ୍ରାମ କରିବାକୁ ଆଦେଶ ଦିଅନ୍ତି– ତେବେ ତୁମର ସମସ୍ତ ପ୍ରାଣ ଓ ଶକ୍ତି ଦେଇ ଆନନ୍ଦରେ ତାହା ମଧ୍ୟ କରିବ। –ଶ୍ରୀଅରବିନ୍ଦ

# ଅସ୍ୱାଦପୂର୍ଣ୍ଣ ସିବିଆଇ

ପଶ୍ଚିମବଙ୍ଗ ରାଜଧାନୀ କୋଲକାତାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ପ୍ରବେଶକୁ ନେଇ ଦେଶର ରାଜନୀତି ସରଗରମ ହୋଇଛି। ରୋଜ୍‌ଭ୍ୟାଲି ଓ ସାରଦା ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାର ତଦନ୍ତ ପାଇଁ ୩ ଫେବୃୟାରୀ ୨୦୧୯ରେ ଯାଇଥିବା ସିବିଆଇର ଏକ ଟିମ୍‌କୁ ସ୍ଥାନୀୟ ପୋଲିସ ଅଟକ ରଖିଥିଲା। ବିଶେଷକରି କୋଲକାତା ପୋଲିସ କମିଶନର ରାଜୀବ କୁମାରଙ୍କୁ ପ୍ରଶ୍ନ ପଚାରିବା ନେଇ ଏହି ଟିମ୍ ଅଣବୃତ୍ତିଗତ ଢଙ୍ଗରେ ଯାଇଥିବା ଜଣାପଡ଼ିବା ପରେ ତାଙ୍କ ସୁରକ୍ଷାରେ ବାହାରି ପଡ଼ିଛନ୍ତି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ଏପରିକି ମେଟ୍ରୋ ସିନେମା ହଲ୍ ନିକଟରେ ସେ ୩ ଫେବୃୟାରୀ ରାତିରୁ ଧାରଣାରେ ବସିରହିଛନ୍ତି। କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ରାଜନୈତିକ ଉଦ୍ଦେଶ୍ୟ ରଖି ପଶ୍ଚିମବଙ୍ଗରେ ସିବିଆଇକୁ ପୂରାଉଛି ବୋଲି ସେ ଅଭିଯୋଗ କରିଛନ୍ତି। ମୋଦି ଓ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ସାମ୍ବିଧାନିକ ସଂସ୍ଥାକୁ ନ୍ୟୂନ ସ୍ତରକୁ ନେବାକୁ ଚାହୁଁଥିବା କହିଛନ୍ତି। ମୋଦି ଯାହା କହୁଛନ୍ତି, ଜାତୀୟ ନିରାପତ୍ତା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ ତାହାକୁ ପାଳନ କରୁଛନ୍ତି ବୋଲି ମମତା ଅଭିଯୋଗ କରିଛନ୍ତି। ମୋଦି ସରକାର ସମ୍ବିଧାନରେ ଥିବା ସଂଘୀୟ ବ୍ୟବସ୍ଥାକୁ ଜାଣିଶୁଣି ଦୁର୍ବଳ କରୁଛନ୍ତି ବୋଲି ମମତା ଯେଉଁ ଅଭିଯୋଗ କରୁଛନ୍ତି, ଏହାର ପ୍ରମାଣ ମଧ୍ୟ ଅତୀତରେ ଦେଖିବାକୁ ମିଳିଛି। ପଶ୍ଚିମବଙ୍ଗ ଓ କେନ୍ଦ୍ର ମଧ୍ୟରେ ଦେଖା ଦେଇଥିବା ବିବାଦ ଏବେ କୋର୍ଟରେ ପହଞ୍ଚିଛି। ସାରଦା ଚିଟ୍‌ଫଣ୍ଡ ମାମଲାରେ ପ୍ରମାଣ ନଷ୍ଟ ସହ ତଦନ୍ତରେ ବାଧା ସୃଷ୍ଟି କରିଥିବାରୁ ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ ଅବମାନନା ନେଇ ସିବିଆଇ ୪ ଫେବୃୟାରୀ ୨୦୧୯ରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ତେବେ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ପୋଲିସ କମିଶନରଙ୍କୁ ପ୍ରଶ୍ନ ପଚାରିବା ନେଇ ସିବିଆଇ ଆବଶ୍ୟକ ପ୍ରମାଣ ନେଇ ଯାଇ ନ ଥିବା ଦର୍ଶାଇ ମାମଲାର ଶୁଣାଣି ୫ ଫେବୃୟାରୀରେ କରିବେ ବୋଲି କହିଛନ୍ତି। ସେପଟେ ରାଜୀବଙ୍କୁ ପଚରାଉଚୁରା ପାଇଁ ସିବିଆଇ କରିଥିବା ଉଦ୍ୟମ ସଂକ୍ରାନ୍ତରେ ତୁରନ୍ତ ଶୁଣାଣି କରିବା ଲାଗି ପଶ୍ଚିମବଙ୍ଗ ସରକାରଙ୍କ ପକ୍ଷରୁ କରାଯାଇଥିବା ଆବେଦନ ଉପରେ କଲିକତା ହାଇକୋର୍ଟ ରାଜି ହୋଇ ନାହାନ୍ତି। ରାଜନୈତିକ ବ୍ୟକ୍ତି ଭାବେ ମମତାଙ୍କ ଧାରଣା ସ୍ଥଳରେ ପୋଲିସ କମିଶନର ରାଜୀବଙ୍କ ଉପସ୍ଥିତି ମଧ୍ୟ ଅନେକ ପ୍ରଶ୍ନ ଛିଡ଼ା କଲାଣି। ପଶ୍ଚିମବଙ୍ଗରେ ଦେଖାଦେଇଥିବା ଡ୍ରାମାର ପ୍ରତିଫଳନ ପାର୍ଲାମେଣ୍ଟରେ ମଧ୍ୟ ଦେଖିବାକୁ ମିଳିଛି। ସିବିଆଇକୁ ମୋଦି ସରକାର ହାତବାରିସି କରିଛନ୍ତି ବୋଲି ବିରୋଧୀ କହିବା ପରେ ହଟ୍ଟଗୋଳ ସୃଷ୍ଟି ହେବାରୁ ଉଭୟ ଗୃହକୁ ୪ ଫେବୃୟାରୀରେ ଦିନକ ପାଇଁ ମୁଲତବୀ କରିବାକୁ ପଡ଼ିଛି।

ସାରଦା ଚିଟ୍‌ପଣ୍ଡରେ ରାଜନୈତିକ ବ୍ୟକ୍ତି, ପୋଲିସ, ପ୍ରଶାସନିକ ଅଧିକାରୀଙ୍କ ସମ୍ପୃକ୍ତି ବାରମ୍ବାର ଲୋକଲୋଚନକୁ ଆସିଛି। ପଶ୍ଚିମବଙ୍ଗରେ ଶାସକ ଦଳର ଅନେକ ବ୍ୟକ୍ତି ଏହା ସହିତ ଜଡ଼ିତ ଥିବା ଅଭିଯୋଗ ହେଉଛି। ରାଜ୍ୟ ପୋଲିସ ଏହି ମାମଲାରେ ଠିକ୍ ଅନୁସନ୍ଧାନ କରୁ ନ ଥିବା ଜାଣିବା ପରେ ସୁପ୍ରିମକୋର୍ଟ ୨୦୧୪ ମେ'ରେ ଏହାର ତଦନ୍ତ ସିବିଆଇ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଏପରି କି ବର୍ତ୍ତମାନର ପୋଲିସ କମିଶନର ରାଜୀବଙ୍କ ଭୂମିକା ରହିଥିବା ବିଷୟ ସିବିଆଇ ତରଫରୁ କୁହାଯାଉଥିବା ହେତୁ ତାଙ୍କୁ ସାକ୍ଷୀ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି।

ରାଜ୍ୟ ଓ କେନ୍ଦ୍ର ବିଭିନ୍ନ ପ୍ରସଙ୍ଗରେ ମୁହାଁମୁହିଁ ହେବା ଓ ସାଧାରଣ ନିର୍ବାଚନ ପୂର୍ବରୁ ବିରୋଧୀ ରାଜନୈତିକ ଦଳଗୁଡ଼ିକୁ ଏକାଠି କରି କୋଲକାତାରେ ରାଲି କରିବା ଆଦି ଘଟଣାକୁ ଦେଖିଲେ ମମତା କେନ୍ଦ୍ର ବିରୋଧରେ ଯୁଦ୍ଧଂଦେହି ଡାକରା ଦେଇ ଚାଲିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ନିକଟ ଅତୀତରେ ପଶ୍ଚିମବଙ୍ଗ ଓ ଆନ୍ଧ୍ରପ୍ରଦେଶ ସରକାର ରାଜ୍ୟର ବିନା ଅନୁମତିରେ ସିବିଆଇ ପ୍ରବେଶ କରିପାରିବ ନାହିଁ ବୋଲି ଘୋଷଣା କରିଥିଲେ। ଏବର ପରିସ୍ଥିତି ଦେଖିଲେ ମମତାଙ୍କ ଗତିରୋଧ କରିବା ଲାଗି କେନ୍ଦ୍ର ସାମ୍ବିଧାନିକ ବ୍ୟବସ୍ଥା ଜରିଆରେ ରାଜ୍ୟ ସରକାରଙ୍କୁ ବରଖାସ୍ତ କରିଦେଇପାରନ୍ତି ବୋଲି କଥା ଉଠିଲାଣି। ହେଲେ ବର୍ତ୍ତମାନ ପରିସ୍ଥିତିରେ ମୋଦିଙ୍କ ପାଖରେ ସେଭଳି ନୈତିକ ସାହସ ଥିବା ଭଳି ମନେହେଉ ନାହିଁ। ମୋଟାମୋଟି ଦେଖିଲେ ପରିସ୍ଥିତି ମମତାଙ୍କ ସପକ୍ଷରେ ଥିବା ଭଳି ଦୃଶ୍ୟମାନ ହେଉଛି। ଏଠାରେ ଉଲ୍ଲେଖଯୋଗ୍ୟ, ୪ ଫେବୃୟାରୀରେ ପାର୍ଲାମେଣ୍ଟରେ ଅଣଭାଜପା ଦଳଗୁଡ଼ିକର ସମୂହ ସମର୍ଥନ ମମତାଙ୍କୁ ଶକ୍ତିଶାଳୀ କରିପାରିଛି। ବିଶେଷକରି ବିଜୁ ଜନତା ଦଳ (ବିଜେଡି)ର ସମର୍ଥନ ଗୃହରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ନୈତିକ ଦୃଷ୍ଟିରୁ ସଂଘୀୟ ବ୍ୟବସ୍ଥାକୁ ସମର୍ଥନ କରିବାକୁ ଯାଇ ବିଜେଡି ଦ୍ୱାରା ସିବିଆଇର କାର୍ଯ୍ୟାନୁଷ୍ଠାନକୁ ବିରୋଧ ସାମ୍ବିଧାନିକ ଦୃଷ୍ଟିରୁ ଉଚିତ ପଦକ୍ଷେପ ଭାବେ ପରିଲକ୍ଷିତ ହୋଇଛି।

ଏହି ପରିପ୍ରେକ୍ଷୀରେ ସିବିଆଇର ଅତୀତକୁ ଦେଖିଲେ ବିବାଦୀୟ ଚିତ୍ର ସାମ୍ନାକୁ ଆସୁଛି। ଉପା–୨ ସରକାର ଅମଳରେ ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ସିବିଆଇକୁ 'ପଞ୍ଜୁରି ଭିତର ଶୁଆ ଓ ସେ ତା' ମୁନିବ (କେନ୍ଦ୍ର) କଥାରେ ଚାଲୁଛି' ବୋଲି ମତ ଦିଆଯାଇଥିଲା। କିନ୍ତୁ ମୋଦି ସରକାରଙ୍କ ସମୟରେ ଏହା ଅଧିକ ଅଧୋପତନ ଆଡ଼କୁ ଚାଲିଯାଇଛି। କିଛି ମାସର ଘଟଣାକୁ ଦେଖିଲେ ସଂସ୍ଥାର ଶୀର୍ଷ ଦୁଇ ଅଧିକାରୀଙ୍କ ମଧ୍ୟରେ ବିବାଦ ଘଟି ସ୍ଥିତି କେଉଁ ସ୍ତରକୁ ଯାଇଛି ତାହା କାହାରିକୁ ଅଛପା ନାହିଁ। ଏହାଛଡ଼ା ମୋଦି ସରକାରଙ୍କ ଶାସନ କାଳରେ ଆର୍‌ବିଆଇ, ନିର୍ବାଚନ କମିଶନ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଭଳି ଅନେକ ସାମ୍ବିଧାନିକ ଓ ବୈଧାନିକ ସଂସ୍ଥାର ସ୍ୱାତନ୍ତ୍ର୍ୟ ହ୍ରାସ ପାଇବା ଦୃଷ୍ଟାନ୍ତ ରହିଛି। ରାଜନୈତିକ ଉଦ୍ଦେଶ୍ୟ ପୂରଣ ଦିଗରେ ମୋଦି–ଶାହଙ୍କ ଯୋଡ଼ି କିଛିବି କରିପାରନ୍ତି ବୋଲି ବିରୋଧୀ ବାରମ୍ବାର ଅଭିଯୋଗ କରିଚାଲିଛନ୍ତି। ତାହା ଏବେ ଦେଶବାସୀଙ୍କ ଦ୍ୱାରା ବିଶ୍ୱାସଯୋଗ୍ୟ ହେବାକୁ ଆରମ୍ଭ ହେଲାଣି। ବର୍ତ୍ତମାନ ପରିସ୍ଥିତିକୁ ଅନିଷା କଲେ ମମତାଙ୍କ ହାତରେ କେନ୍ଦ୍ର ସରକାରଙ୍କ ଭୁଲ ଧରାପଡ଼ିଯାଇଛି। ପୁଣି ସାଧାରଣ ନିର୍ବାଚନ ନିକଟରେ ଥିବା ବେଳେ ସିବିଆଇ ଅଚାନକ ଯେଉଁଠାରେ ଚଢ଼ାଉ କରୁଛି ତାହା ସନ୍ଦେହ ସୃଷ୍ଟି କରୁଛି। ୪ ଫେବୃୟାରୀ ୨୦୧୯ରେ ସିବିଆଇର ନୂଆ ନିର୍ଦ୍ଦେଶକ ଭାବେ ଋଷି କୁମାର ଶୁକ୍ଲା ଦାୟିତ୍ୱ ନେଇଛନ୍ତି। ୫ ଫେବୃୟାରୀରେ ସର୍ବୋଚ୍ଚ ନ୍ୟାୟାଳୟ କୋଲକାତା ଘଟଣା ଉପରେ ଶୁଣାଣି କରିବେ। ଏଭଳି ପ୍ରଚ୍ଛଦପଟରେ ଋଷିଙ୍କ ଦାୟିତ୍ୱ ଗ୍ରହଣ ଅସ୍ୱାଦପୂର୍ଣ୍ଣ ସ୍ଥିତିରୁ ଆରମ୍ଭ ହେଉଛି ବୋଲି କୁହାଯାଇପାରେ।

# ପ୍ରକୃତିର ଆହ୍ୱାନ



ବୈକୁଣ୍ଠନାଥ ମିଶ୍ର

ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ସମ୍ପ୍ରତି ବିଶ୍ୱବାସୀଙ୍କ ସମ୍ମୁଖରେ ଏକ ବଡ଼ ଆହ୍ୱାନ। ଆମେ ବର୍ତ୍ତମାନ ଯେଉଁ ସ୍ତରରେ ଉପନୀତ ହୋଇଛୁ, ସେଥିରୁ ଅପସୃତ ହେବାର ସମ୍ଭାବନା କ୍ଷୀଣ। ଯେଉଁ ଦ୍ରବ୍ୟ ବ୍ୟବହାରରେ ଆମେ ଅଭ୍ୟସ୍ତ, ସେଥିରୁ ନିବୃତ୍ତ ହେବା କଷ୍ଟକର। ବିକାଶ ନାମରେ ଆମେ ଯାହାସବୁ କରିଛୁ ତାହା ଆମକୁ ବିନାଶ ଆଡକୁ ଟାଣିନେଉଛି। ପ୍ରକୃତି ଉପରେ କୃତ୍ରିମତାର ରାଜ୍ ଚାଲିଛି। ପକ୍କା ଘର, ପକ୍କା ସଡ଼କ, ବିଭିନ୍ନ ବିଦ୍ୟୁତ୍ ସରଞ୍ଜାମ, ଆଧୁନିକ କୃଷି ପ୍ରଣାଳୀ ଓ ରୋଗପୋକ ନିୟନ୍ତ୍ରଣ ନିମିତ୍ତ ବିଷ ପ୍ରୟୋଗ ଆମ ପାଇଁ କ୍ଷତିକାରକ ଜାଣି ମଧ୍ୟ ଆମେ ତହିଁରୁ ନିବୃତ୍ତ ହୋଇପାରୁନାହୁଁ। ଥରେ ଗୋଟିଏ ଜିନିଷର ବ୍ୟବହାରଜନିତ ଅଭ୍ୟାସରୁ ମୁକ୍ତି ପାଇବା ଏକ ଦୁରୂହ ବ୍ୟାପାର। ଗୁଟ୍‌ଖା, ପାନ ମସଲାର କୁପରିଣାମ ଏହାର ସୃଷ୍ଟି ସମୟରେ ଜଣା ନ ଥିଲା କି? ମାତ୍ର ଏହା ଯେତେବେଳେ ବ୍ୟାପକତା ଲାଭକଲା, ଏହାର ବ୍ୟବହାରକୁ ନିଷିଦ୍ଧ କରିବା ଏକ କଠିନ ବ୍ୟାପାର। ଆରମ୍ଭରୁ ତା'ର ଉତ୍ପାଦନକୁ ନିଷିଦ୍ଧ କରିବାର ଆବଶ୍ୟକତା ଥିଲା। ମାତ୍ର ତାହା ନ କରି ଏହାର ପ୍ୟାକେଟ ଉପରେ 'ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ' ପରି ବୈଧାନିକ ସତର୍କତା ଲେଖିଦେଇ ଏହାର ବ୍ୟାପ୍ତିକୁ ପ୍ରୋତ୍ସାହନ ଦେବା ଧର୍ମକୁ ଆଖିଠାର ବ୍ୟତୀତ ଆଉ କ'ଣ ହୋଇପାରେ? ବର୍ତ୍ତମାନ ପ୍ଲାଷ୍ଟିକ ଓ ପଲିଥିନର ବ୍ୟବହାରକୁ ନିଷିଦ୍ଧ କରିବା ଅନ୍ୟତମ ସମସ୍ୟା। ଏମାନଙ୍କର ବିକଳ୍ପ ଚିନ୍ତା କରିବା ସର୍ବାଦୌ ଗୁରୁତ୍ୱପୂର୍ଣ୍ଣ। ବିକଳ୍ପ ବ୍ୟବସ୍ଥା ହୁଏତ ପଲିଥିନକୁ ବିଦାୟ ଦେଇପାରେ।

ସରକାରୀ ପ୍ରୋତ୍ସାହନରେ ସବୁକିଛି ପ୍ରଚଳିତ ହେଉଛି। ମାତ୍ର ତା'ର ଭୟାବହ ପରିଣତିକୁ ଆକଳନ କରି ଏବଂ ପରିବେଶବିତ୍‌ଙ୍କ ଚେତାବନୀ ପାଇ ସେଥିରୁ ନିବୃତ୍ତ ହେଲାବେଳକୁ ନେଡ଼ିଗୁଡ଼ କହୁଣିରେ ପହଞ୍ଚିସାରିଛି। ବାର୍ଷିକ ପ୍ରାୟ ତିନିହଜାର କୋଟି ଟଙ୍କାର ରାଜସ୍ୱ ହାତଛଡ଼ା ହେବା ଭୟରେ ସରକାର ମଦ ନିଷିଦ୍ଧ କରୁନାହାନ୍ତି। କିନ୍ତୁ ପରୋକ୍ଷରେ ମଦ୍ୟପାନଜନିତ କ୍ଷତି ତିନିହଜାର କୋଟି ଟଙ୍କାରୁ ଅଧିକ ହେଲେ ମଧ୍ୟ ସରକାର ସେଥିପ୍ରତି ଧ୍ୟାନ ନ ଦେବା ପରିତାପର ବିଷୟ। ସମସ୍ତ ସାମାଜିକ ଅସନ୍ତୁଳନ, ଚାରିତ୍ରିକ ସ୍ଖଳନ, ପରପୀଡ଼ନ, ନୀତିହୀନ ଆଚରଣ ତଥା ନାରୀ ଅମର୍ଯ୍ୟାଦା ମୂଳରେ ଯେ ସେହି ମଦର ଭୂମିକା ଲୁଚିରହିଛି, ଏହା ଅନସ୍ୱୀକାର୍ଯ୍ୟ। ପଲିଥିନ ସାଧାରଣ ମଣିଷ ବ୍ୟବହାର କରେ ସତ, କିନ୍ତୁ ତାକୁ ସେ ଉଦ୍ଭାବନ କରିନାହିଁ। ପ୍ରଥମରୁ ପଲିଥିନ ସାମଗ୍ରୀ ଉତ୍ପାଦନକୁ ନିୟନ୍ତ୍ରିତ କରିବାର ଆବଶ୍ୟକତା ଥିଲା। ତା' ହୋଇଥିଲେ ଝୋଟଶିଳ୍ପ ପରି ଅର୍ଥକରୀ ଉଦ୍ୟୋଗ ବିଲୁପ୍ତିରୁ ମୁକ୍ତ ହୋଇଥାନ୍ତା। ଘରେ ଘରେ ଝୋଟର କୁଟୀରଶିଳ୍ପ ଆଜି ମଧ୍ୟ ଉଜ୍ଜୀବିତ ଥାଆନ୍ତା। କୃଷିକର୍ମରୁ ସାମୟିକ ବିରତି ଲଭୁଥିବା କୃଷକ ଆଜି ଝୋଟ ନିର୍ମିତ ବିଭିନ୍ନ ଉପାଦାନ ପ୍ରସ୍ତୁତ କରୁଥାନ୍ତା ଓ ଧାନ ପରେ ନଳିତା ଚାଷକୁ ଦ୍ୱିତୀୟ ଅର୍ଥକରୀ ଫସଲ ଭାବେ ପ୍ରାଧାନ୍ୟ ଦେଉଥାନ୍ତା। ଗ୍ରାମୀଣ ମହିଳା ଅବସର ସମୟରେ ଝୋଟ ଓ ସୂତାରୁ ପ୍ରସ୍ତୁତ ନାନା କାରୁକାର୍ଯ୍ୟଭରା ବ୍ୟାଗ୍, କାଗଜପ୍ରସ୍ତୁତ ଠୁଙ୍ଗା, ବିଲରୁ ମିଳୁଥିବା କାଇଁଚ (ଏକ ଜଳଜ ଉଦ୍ଭିଦ)ରୁ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରି ନିଜର ଆବଶ୍ୟକତା ପରିପୂରଣ ସହ ପରିବାରର ଆର୍ଥିକ ପ୍ରଗତିରେ ସହାୟକ ହେଉଥାନ୍ତା। ପଲିଥିନର ବ୍ୟବହାର ଆମକୁ ଏତେ ମୋହଗ୍ରସ୍ତ କରିଛି ଯେ ତାକୁ ପରିହାର କରିବାର ଚିନ୍ତା ଆମକୁ ଉଦ୍ଭଟ ମନେ ହେଉଛି।

ଜଳବାୟୁ ପରିବର୍ତ୍ତନର ବିଭୀଷିକା ବିଶ୍ୱବାସୀ ଅଙ୍ଗେ ନିଭାଇବା ଆରମ୍ଭ କରିବାକୁ ଲାଗିଲେଣି। ଅନାବୃଷ୍ଟି ଓ ମରୁଡ଼ି, ଅତିବୃଷ୍ଟି ଓ ବନ୍ୟା, ଫସଲହାନି, ଅରଣ୍ୟକ୍ଷୟ, ନାନାପ୍ରକାର ବୃକ୍ଷଲତା ଓ ଜୀବଜନ୍ତୁଙ୍କ ବିଲୁପ୍ତିର ମୂଳରେ ଜଳବାୟୁ ପରିବର୍ତ୍ତନ ହିଁ ନିହିତ। ମିଳିତ ଜାତିସଂଘ ଘୋର ଉଦ୍‌ବେଗ ପ୍ରକାଶ କରି ବିଶ୍ୱ ସମୁଦାୟକୁ ଚେତାବନୀ ଦେଇଛି ଯେ ପ୍ରତ୍ୟେକ ଦେଶ ହାରାହାରି ତାପମାତ୍ରାକୁ ୧.୫ ଡିଗ୍ରୀ ହ୍ରାସ କରନ୍ତୁ ଓ ଏଥିପାଇଁ ସମସ୍ତ ପ୍ରୟୋଜନୀୟ ପଦକ୍ଷେପ ଗ୍ରହଣ କରନ୍ତୁ। ନଚେତ୍ ଆସନ୍ତା ୧୦–୧୫ ବର୍ଷ ମଧ୍ୟରେ ଘୋର ବିପତ୍ତିର ସମ୍ମୁଖୀନ ହେବାକୁ ପଡ଼ିବ। ବ୍ୟାପକ ଶିଳ୍ପାୟନ, ଜଙ୍ଗଲ କ୍ଷୟ, ଦ୍ରୁତ ସହରୀକରଣ ଓ ମନୁଷ୍ୟର ସୁଖସ୍ୱାଚ୍ଛନ୍ଦ୍ୟମୟ ଜୀବନଶୈଳୀ ମନୁଷ୍ୟ ସଭ୍ୟତାର ଧ୍ୱଂସସାଧନ ପଥରେ କ୍ଷିପ୍ର ଅଗ୍ରସର। ସରକାର, ପ୍ରଜ୍ଞାଶୀଳ ବ୍ୟକ୍ତିବିଶେଷ ତଥା ପୁରୋଭାଗର ଲୋକେ ଯେତେବେଳେ ଏ ନିଷ୍ଠୁର ସତ୍ୟକୁ ଅଣଦେଖା କରିଚାଲିଛନ୍ତି, ସାଧାରଣ ମଣିଷ କେବଳ ତାହାହିଁ ଅନୁକରଣ କରୁଛି। ଗାଡ଼ିମୋଟର ବ୍ୟବହାର ମଣିଷ ପାଇଁ ଏତେ ଅପରିହାର୍ଯ୍ୟ ହୋଇପଡ଼ିଛି ଯେ, ଏହା ବ୍ୟତିରେକେ ଜୀବନଯାତ୍ରା ସତେଯେପରି ବନ୍ଦ ହୋଇଯିବ। ପ୍ରତିଦିନ ବ୍ୟାପକ ଇନ୍ଧନର ଦହନ ଯୋଗୁ ଉତ୍ପନ୍ନ କାର୍ବନ ମନୋକ୍ସାଇଡ୍ ପରି ବିଷାକ୍ତ ଧୂଆଁ ବାୟୁମଣ୍ଡଳରେ ବିଷଲେପନ ପ୍ରକ୍ରିୟାକୁ ଅଧିକ ଘନୀଭୂତ କରୁଛି ଜାଣି ମଧ୍ୟ ଆମେ ତହିଁରୁ ନିବୃତ୍ତ ହୋଇପାରୁ ନାହୁଁ। ସାଧାରଣ ଦୂରତାକୁ ଆମେ ସାଇକେଲ ଯୋଗେ କିମ୍ବା ପାଦରେ ଚାଲି ଅନାୟାସରେ ଅତିକ୍ରମ କରିବାର ସାମର୍ଥ୍ୟ ଥାଇ ମଧ୍ୟ ସ୍ୱୟଂଚାଳିତ ଯାନ ବ୍ୟବହାର କରୁଛୁ। ଏଥିରେ ଆର୍ଥିକ କ୍ଷତି ସହ ପାରିବେଶିକ ଅସନ୍ତୁଳନ ଉଗ୍ରରୂପ ଧାରଣ କରୁଛି। ସାଇକେଲ ଚାଳନା ଓ ପଦଯାତ୍ରା ଦ୍ୱାରା ଶାରୀରିକ ବ୍ୟାୟାମ ମଧ୍ୟ ହୋଇପାରିବ। ବୃଥା ଗରିମା ଓ ଆଡମ୍ବର ତ୍ୟାଗକରି ଗାଡ଼ିଚାଳନାକୁ ସଙ୍କୁଚିତ କରାଯିବା ଜରୁରୀ।

ପ୍ରଦୂଷଣ ନିୟନ୍ତ୍ରଣ କ୍ଷେତ୍ରରେ ଅବିକଶିତ ଓ ବିକାଶୋନ୍ମୁଖୀ ଦେଶଗୁଡ଼ିକର ଯେତିକି ଦାୟିତ୍ୱବୋଧ ରହିଛି, ବିକଶିତ ରାଷ୍ଟ୍ରଗୁଡ଼ିକର ତା'ଠାରୁ ଅଧିକ ଦାୟବଦ୍ଧତା ରହିବା କଥା। ମାତ୍ର ସେପରି ହେଉନାହିଁ। ପ୍ୟାରିସ ଜଳବାୟୁ ଚୁକ୍ତିରୁ ଆମେରିକା ଓହରିଯିବା ଏହାର ସଦ୍ୟତମ ଉଦାହରଣ। ଭାରତ ଭଳି ବିକାଶୋନ୍ମୁଖୀ ରାଷ୍ଟ୍ରଗୁଡ଼ିକ ଜୀବାଶ୍ମ ଇନ୍ଧନର ବିକଳ୍ପ ଅନୁସନ୍ଧାନ କରି କେତେକ କ୍ଷେତ୍ରରେ ସଫଳତାପ୍ରାପ୍ତ ହେଲେଣି। ଅଣପାରମ୍ପରିକ ତଥା ଅକ୍ଷୟଶକ୍ତି ଯଥା ସୂର୍ଯ୍ୟରଶ୍ମି ଓ ପବନଶକ୍ତି କାର୍ଯ୍ୟକ୍ଷମ କରିବା କ୍ଷେତ୍ରରେ ଆମେ ଯଥେଷ୍ଟ ଅଗ୍ରଗତି କରିଥିଲେ ମଧ୍ୟ ଆମେରିକା, ଚାଇନା ଓ ୟୁରୋପୀୟ ରାଷ୍ଟ୍ରସଂଘର ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବାର ଅଛି।

ପରିବେଶ ସାଧାରଣତଃ ତିନିପ୍ରକାର– ଯଥା ଜୈବିକ ପରିବେଶ, ଅଜୈବିକ ପରିବେଶ ଓ ସାଂସ୍କୃତିକ ପରିବେଶ। ଜୈବିକ ଓ ଅଜୈବିକ ପରିବେଶର ସୁରକ୍ଷା ଦିଗରେ ଆମେ ଯେତେ ସଚେତନ, ସାଂସ୍କୃତିକ ପରିବେଶର ସୁରକ୍ଷା ଦିଗରେ ଆମ ଭୂମିକା ଶୂନ। ମଣିଷ ବଞ୍ଚିବା ପାଇଁ ଯେଉଁ ପରିବେଶ ଦରକାର ତାହା ଜୈବ ପରିବେଶ। ସ୍ୱଚ୍ଛତା, ପରିମଳ, ଉତ୍ତମ ଜଳ ଓ ବିଶୁଦ୍ଧ ବାୟୁ ଇତ୍ୟାଦିର ସୁଲଭତା ଅଜୈବ ବା ଜଡ଼ ପରିବେଶର ଅନ୍ତର୍ଭୁକ୍ତ। କିନ୍ତୁ ସାଂସ୍କୃତିକ ପରିବେଶ ସମ୍ପୂର୍ଣ୍ଣ ଭିନ୍ନ। ମନୁଷ୍ୟର ଆଚରଣ, ମାର୍ଜିତ ଭାଷାକଥନ, ଗୁରୁଜନଙ୍କୁ ଯଥାମାନ୍ୟ ପ୍ରଦାନ, ନାରୀ ଜାତି ପ୍ରତି ସମ୍ମାନ, ମାନବିକ ମୂଲ୍ୟବୋଧ ପ୍ରତିପାଦନ ଇତ୍ୟାଦି ସମସ୍ତ ସୁସ୍ଥ ସାମାଜିକତା ସାଂସ୍କୃତିକ ପରିବେଶ ଅନ୍ତର୍ଭୁକ୍ତ, ଯେଉଁ କ୍ଷେତ୍ରରେ ବୟସ, ଲିଙ୍ଗ ନିର୍ବିଶେଷରେ ଆମର ଅବଦାନ ଅତ୍ୟନ୍ତ ଶୋଚନୀୟ।

ଏ ତିନିଟି ଯାକ ପାରିବେଶିକ ଅସନ୍ତୁଳନରେ ଆମର ଏ ଧରିତ୍ରୀ ସତତ ଜର୍ଜରିତ। ମାତୃକଷଣର ଅଭିଶାପ ଏ ଜାତିକୁ ଧ୍ୱଂସ ପଥରେ ସଞ୍ଚାଳିତ କରିବାକୁ ବେଶି ବିଳମ୍ବ ନାହିଁ। ନିଜ ମା'କୁ ତ କଷଣ ଦେଇ ଚାଲିଛୁ, ଧରିତ୍ରୀ ମାତାକୁ ମଧ୍ୟ ଲାଞ୍ଛନା ଦେବାରେ ଆମେ କୁଣ୍ଠାବୋଧ କରୁନାହୁଁ। ମା'ର ବକ୍ଷ ଭେଦକରି ସୁନାର ଫସଲ ଫଳାଉଥିଲୁ, ମା' ଖୁସି ଥିଲା। କିନ୍ତୁ ଯେବେଠାରୁ ତା'ର ଗିରିକାନନ, ସର, ସରିତ, ସାଗର, ନିର୍ଝରକୁ ବିପର୍ଯ୍ୟସ୍ତ କଲୁ, ମା'ର ଆଖିରୁ ଅବାରିତ ଉଷ୍ଣଲହୁ ନିଗିଡ଼ିବାରେ ଲାଗିଛି, ସେ ଆଜି ଶ୍ରୀହୀନ, ଶୂନ୍ୟକୋଳ, ବସନଭୂଷଣବିହୀନା ଓ ପ୍ରାୟତଃ ବିବସନା। ପୁତ୍ରର ଏତାଦୃଶ କର୍ମ ସହ ମାତୃ ଶବ୍ଦର ଅପପ୍ରୟୋଗରେ କୁରୁଚିପୂର୍ଣ୍ଣ ଭାଷା କଥନ ତାକୁ ହତଚକିତ କରିଛି। ତା' ହୃଦୟରୁ କୋମଳତା, ଶୀତଳତା ଅପସାରିତ ହୋଇ ସେ କ୍ରମେ ପାଲଟିଛି ଅଗ୍ନିବର୍ଷୀ। ସମଗ୍ର ନାରୀଜଗତ ପ୍ରକୃତି ମା'ର ସ୍ୱରୂପା। ବନ୍ୟା, ବାତ୍ୟା, ମରୁଡ଼ି, ଭୂକମ୍ପ, ଅତିବୃଷ୍ଟି ଓ ଅନାବୃଷ୍ଟି ମାଧ୍ୟମରେ ପ୍ରକୃତି ମା' ତା'ର ବିରାଗ ପ୍ରକଟ କରିଚାଲିଛି। ତା' ସନ୍ତାନକୁ ସେ ଚେତାଇ ଦେଉଛି, ଏସବୁ ତୋର କୁକର୍ମର ପ୍ରତିଫଳନ। ବାସ୍ତବିକ ଆମ କାର୍ଯ୍ୟକଳାପ ଅଶାନ୍ତିକର, ଆମ ବ୍ୟବହାର ଅମାର୍ଜିତ, ଆମ ଭାଷା ଅଶାଳୀନ ଓ ଆମ ଆଚରଣ ଶଠତାପୂର୍ଣ୍ଣ। ଆମ ଖାଦ୍ୟରୁଚି କ୍ରମଶଃ ଉତ୍ତେଜନାପ୍ରବଣ ହୋଇପଡୁଛି। ଏ ସମସ୍ତ ପ୍ରତିକୂଳତା ଆମ ପ୍ରତି ମା'ର ରୁଷ୍ଟତାକୁ ଆମନ୍ତ୍ରଣ କରୁଛି। ପ୍ରକୃତିମାତା ଆଜି ଅବ୍ୟକ୍ତ ଯନ୍ତ୍ରଣାରେ ଜର୍ଜରିତା। ଜୈବ ଓ ଅଜୈବ ପରିବେଶ ତାକୁ କ୍ଷତାକ୍ତ କରିଥିବା ବେଳେ ସାଂସ୍କୃତିକ ପରିବେଶ ତାକୁ ଲାଞ୍ଛିତ, ଅପମାନିତ ଓ ଅତ୍ୟାଚାରଜର୍ଜରିତ କରି ପକାଇଛି। ହେ ମୂଢ଼ମାନବ! ସାଂସ୍କୃତିକ ପରିବେଶକୁ ଶୁଦ୍ଧପୂତ କରି ପ୍ରକୃତିସ୍ୱରୂପା ମାତୃଜାତିର ସମ୍ମାନ ରକ୍ଷା ସର୍ବାଦୌ ପ୍ରାଥମିକତା ବହନ କରେ। ଏହାହିଁ ମା'ର ଆହ୍ୱାନ। ଜୈବ ଓ ଅଜୈବ ପରିବେଶର ସୁରକ୍ଷା ହୁଏତ ବ୍ୟକ୍ତି ପାଇଁ କଷ୍ଟକର ହୋଇପାରେ, ମାତ୍ର ସାଂସ୍କୃତିକ ପରିବେଶର ସୁରକ୍ଷା ଆମର ଦାୟିତ୍ୱ। ମାତୃଜାତି ଓ ପ୍ରକୃତିର ସୁରକ୍ଷା ଆମ ପାଇଁ କଠୋର ସଙ୍କଳ୍ପର ଆଧାର ହେଉ।

ସିଦ୍ଧଳ, ଜଗତ୍‌ସିଂହପୁର, ମୋ–୯୯୩୭୪୫୦୫୪୦

# ପାଠ୍ୟକ୍ରମରେ ସଡ଼କ ସୁରକ୍ଷା



ଅଭୟ କୁମାର ଦାସ

ଦୈନନ୍ଦିନ ସଡ଼କ ଦୁର୍ଘଟଣା ବଢ଼ିବାରେ ଲାଗିଛି। ସଚେତନତା ପାଇଁ ବିଦ୍ୟାଳୟ ପାଠ୍ୟକ୍ରମରେ ସଡ଼କ ସୁରକ୍ଷାକୁ ଅନ୍ତର୍ଭୁକ୍ତ କରାଯାଇଛି। ସଡ଼କ ସୁରକ୍ଷା କମିଟି ପକ୍ଷରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ଯେଉଁ ପ୍ରସ୍ତାବ ଦିଆଯାଇଥିଲା ସେହି ଅନୁଯାୟୀ ୨୦୧୬–୧୭ ଶିକ୍ଷା ବର୍ଷରୁ ପାଠ୍ୟକ୍ରମରେ ଏହା ସ୍ଥାନିତ ହୋଇଛି। ତୃତୀୟରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ପରିବେଶ ବିଜ୍ଞାନ ପାଠ୍ୟକ୍ରମରେ ସଡ଼କ ସୁରକ୍ଷା ସମ୍ପର୍କରେ ଶିକ୍ଷା ଦିଆଯାଉଥିବା ବେଳେ ତୃତୀୟ ଶ୍ରେଣୀରେ ଜଣାଅଜଣା ପାଠ୍ୟପୁସ୍ତକରେ ସଡ଼କ ନିରାପତ୍ତା ସମ୍ବନ୍ଧୀୟ ତଥ୍ୟ ସୂଚିତ ହୋଇଛି। ଚତୁର୍ଥ ଶ୍ରେଣୀର ଆମେ ଓ ଆମ ପରିବେଶ ପୁସ୍ତକରେ ସାଧାରଣ ଦୁର୍ଘଟଣା ଓ ପଞ୍ଚମ ଶ୍ରେଣୀର ପରିବେଶ ବିଜ୍ଞାନ ପୁସ୍ତକରେ ରାସ୍ତା ଦୁର୍ଘଟଣାର କାରଣ, ନିରାକରଣ, ସାମାଜିକ ଦାୟିତ୍ୱ ଆଦି ବିଷୟରେ ପିଲାମାନଙ୍କୁ ଶିକ୍ଷା ଦିଆଯାଉଛି। ଏଥିସହ ନିୟମିତ ଭାବେ ବିଭିନ୍ନ ସଚେତନତାଧର୍ମୀ ସ୍ଲୋଗାନ, ପ୍ରବନ୍ଧ, ତର୍କ ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଏଥିପାଇଁ ପିଲାମାନଙ୍କ ଶ୍ରେଣୀ ରୁଟିନ୍‌ରେ ଦୁଇଟି ପିରିୟଡ଼ ରହିଛି। ଚଳିତ ବର୍ଷ ଶିକ୍ଷାବର୍ଷରୁ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରସ୍ତୁତ ଇତିହାସ ଓ ଭୂଗୋଳ ପୁସ୍ତକର କଭର ପୃଷ୍ଠା ପଛପଟେ ସଡ଼କ ସୁରକ୍ଷା ସଂକ୍ରାନ୍ତ କରଣୀୟ ଓ ଅକରଣୀୟ ତଥ୍ୟ ସୂଚିତ ହୋଇଛି। ପିଲାମାନେ ବିଦ୍ୟାଳୟ ବସ୍‌ରେ ଚଢ଼ିବା ବେଳେ ଗୋଟିଏ ଧାଡ଼ିରେ ଛିଡ଼ା ହୋଇ ଶୃଙ୍ଖଳା ରଖିବା, ଫୁଟ୍‌ପାଥର ବ୍ୟବହାର, ରାତିରେ ସାଇକେଲରେ ପ୍ରତିଫଳକ ପଟି ଲଗାଇବା, ଚାଲି ଚାଲି ରାସ୍ତା ପାର ହେଉଥିଲେ ଜେବ୍ରା କ୍ରସିଂ ଓ ଫୁଟ୍‌ଓଭର ବ୍ରିଜ୍ ବ୍ୟବହାର ପରି ବିଭିନ୍ନ ତଥ୍ୟ ସୂଚିତ ହୋଇଛି।

ସୂଚନାପ୍ରଯୁକ୍ତିର ବୈପ୍ଳବିକ ପ୍ରଗତି, ଡିଜିଟାଲ ଇଣ୍ଡିଆର ଭେଲିକି, ସଚେତନତା ପାଇଁ କୋଟି କୋଟି ଟଙ୍କା ଶ୍ରାଦ୍ଧ ହେବା ସତ୍ତ୍ୱେ ଉଦ୍‌ବେଗଜନକ ଭାବରେ ସଡ଼କ ଦୁର୍ଘଟଣାରେ ଅନେକଙ୍କ ଜୀବନଦୀପ ନିର୍ବାପିତ ହୋଇଯାଉଛି। ନିକଟରେ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋର ତଥ୍ୟ ଅନୁଯାୟୀ ଭାରତରେ ଗୋଟିଏ ଘଣ୍ଟା ଭିତରେ ପାଖାପାଖି ୧୬ଜଣଙ୍କ ପ୍ରାଣହାନି ହେଉଛି। ଏହି ପରିସଂଖ୍ୟାନକୁ ହିସାବ କଲେ ଭାରତରେ ପ୍ରତିଦିନ ୩୮୪ଜଣଙ୍କ ଜୀବନହାନି ହେଉଛି। କେବଳ ଗତବର୍ଷ ସମଗ୍ର ଭାରତରେ ୪ଲକ୍ଷ ୫୦ ହଜାରରୁ ଊର୍ଦ୍ଧ୍ୱ ସଡ଼କ ଦୁର୍ଘଟଣାରେ ୧ଲକ୍ଷ ୪୦ ହଜାରରୁ ଅଧିକ ଲୋକଙ୍କ ପ୍ରାଣହାନି ହେବା ସହ ପ୍ରାୟ ୫ଲକ୍ଷ ଲୋକ ଗୁରୁତର ଆହତ ହୋଇଛନ୍ତି।

## ସଡ଼କ ସୁରକ୍ଷା ସପ୍ତାହ ଉପଲକ୍ଷେ

ଅନେକେ ବିକଳାଙ୍ଗ ହୋଇ ସାରା ଜୀବନ ଦୁଃଖକଷ୍ଟରେ ବିତାଉଛନ୍ତି। ସମଗ୍ର ପୃଥିବୀରେ ଭାରତର ରାସ୍ତା ସବୁଠାରୁ ଅଧିକ ଦୁର୍ଘଟଣାପ୍ରବଣ।

ସଡ଼କ ଦୁର୍ଘଟଣାରେ ଅନେକ ହତଭାଗ୍ୟଙ୍କ ବୃତ୍ତିଗତ କ୍ଷେତ୍ରଠାରୁ ପାରିବାରିକ କ୍ଷେତ୍ର କ୍ଷତିଗ୍ରସ୍ତ ହୋଇଥାଏ। ସଡ଼କ ଦୁର୍ଘଟଣାକୁ କେତେକାଂଶରେ ରୋକିବା ପାଇଁ ସରକାରୀ ଓ ବେସରକାରୀ କ୍ଷେତ୍ରରେ ବହୁତ କିଛି କାର୍ଯ୍ୟ ହେଉଥିବାର ଢୋଲ ପିଟାଯାଉଛି। କିନ୍ତୁ କିଛି ଫଳ ମିଳୁଥିବାର ଦେଖାଯାଉ ନାହିଁ। ଆଇନ କମିଶନଙ୍କ ଏକ ରିପୋର୍ଟ ଅନୁଯାୟୀ ସଡ଼କ ଦୁର୍ଘଟଣାର ଶିକାର ହୋଇ ପ୍ରାଣ ହରାଉଥିବା ବ୍ୟକ୍ତିଙ୍କ ମଧ୍ୟରୁ ପ୍ରାୟ ଅଧା ଲୋକଙ୍କ ଜୀବନ ରକ୍ଷା ହୋଇପାରନ୍ତା, ଯଦି ସେମାନଙ୍କୁ ଠିକଣା ସମୟରେ ଚିକିତ୍ସା ସୁବିଧା ମିଳିପାରନ୍ତା। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଅନେକ କ୍ଷେତ୍ରରେ ଦୁର୍ଘଟଣାରେ ଶିକାର ବ୍ୟକ୍ତିଙ୍କୁ ଠିକଣା ସମୟରେ ଚିକିତ୍ସା ସୁବିଧା ମିଳିପାରୁ ନାହିଁ। ଏଥିପାଇଁ ଜରୁରୀ ଆମ୍ବୁଲାନ୍ସ ସେବାର ଅଭାବ ମୁଖ୍ୟତଃ ଦାୟୀ ହୋଇଥିଲେ ସୁଦ୍ଧା ଆଇନଗତ ସମସ୍ୟା ମଧ୍ୟ ଏ କ୍ଷେତ୍ରରେ ଏକ ବାଧକ। ଆମ ଆଇନ ବ୍ୟବସ୍ଥା ଏମିତି ଯେ, ଏହା ଦୁର୍ଘଟଣାରେ ଶିକାର ଆହତଙ୍କୁ ସହାୟତା କରିବା ଲାଗି ଉତ୍ସାହିତ କରିବା ପରିବର୍ତ୍ତେ ନିରୁତ୍ସାହିତ କରୁଛି। ପୋଲିସ ଓ ଅଦାଲତରେ ହଇରାଣହରକତ ହେବା ଭୟରେ ଅନେକ ବ୍ୟକ୍ତି ଦୁର୍ଘଟଣାରେ ଆହତଙ୍କୁ ସହାୟତା କରିବାରୁ କ୍ଷାନ୍ତ ରହନ୍ତି। ସହାୟତାକାରୀଙ୍କୁ ସୁରକ୍ଷା ପ୍ରଦାନ ଲାଗି ଆଗତ ଏକ ଜନସ୍ୱାର୍ଥ ମାମଲା ୨୦୧୧ରୁ ସୁପ୍ରିମ୍‌କୋର୍ଟରେ ବିଚାରାଧୀନ ରହିଛି। ଏ ବିଷୟରେ କୋର୍ଟ ଏକ କମିଟି ଗଠନ କରିଥିଲେ ସୁଦ୍ଧା କିଛି ଚୂଡ଼ାନ୍ତ ହୋଇନାହିଁ।

ସଡ଼କ ଦୁର୍ଘଟଣାର ବିଭିନ୍ନ କାରଣ ଭିତରେ ନିଶାଦ୍ରବ୍ୟ ସେବନ ପ୍ରଥମ। କୋର୍ଟ ପ୍ରଥମେ ଜାତୀୟ ରାଜପଥ କଡ଼ରୁ ମଦ ଦୋକାନ ହଟାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ ବି ନ୍ୟାୟାଳୟର ରାୟ ସରକାରଙ୍କ ନାଲିଫିତା ତଳେ ବନ୍ଧାହୋଇ ରହିଛି। ସେହିପରି ଆମ ସଡ଼କର ଗୁଣାତ୍ମକ ମାନ ଭଲ ରହୁ ନ ଥିବାରୁ ରାସ୍ତା ଦବିଯିବା ବା ଫାଟ ସୃଷ୍ଟି ହେବା ବିଭିନ୍ନ ସମୟରେ ଦେଖାଯାଇଥାଏ। ସେହିପରି ମାତ୍ରାଧିକ ବେଗରେ ଗାଡ଼ି ଚାଳନା, ଯୁବକମାନଙ୍କ ଭିତରେ ଡେୟାର ଡ୍ରାଇଭିଂ, ବିନା ହେଲମେଟରେ ବାଇକ୍ ଚାଳନା, ଚାରିଚକିଆ ଯାନରେ ସିଟ ବେଲ୍ଟ ବ୍ୟବହାର ନ କରିବା ଆଦି ସଚେତନାତାର ଅଭାବକୁ ପ୍ରମାଣିତ କରୁଛି। ତେବେ ଏ ନେଇ ସରକାରଙ୍କ ଉପରେ ସବୁଯାକ ଦୋଷ ଲଦିଲେ ଏପରି ଏକ ଉଦ୍‌ବେଗଜନକ ପ୍ରସଙ୍ଗର ଅନ୍ତ ଘଟିବ ନାହିଁ। ସର୍ବୋପରି ସମସ୍ତଙ୍କ ଭିତରେ ସଚେତନତା ସୃଷ୍ଟି ପାଇଁ ସହଯୋଗର ହାତ ବଢ଼ାଇବା ନିହାତି ଜରୁରୀ।

ଗୋତରା, ମାହାଙ୍ଗା, କଟକ, ମୋ: ୯୪୩୭୧୪୨୭୧୭

## ଏଇ ଭାରତରେ

ଯୌତୁକ ପାଇଁ ଦେଶରେ ବଧୂନିର୍ଯାତନା ବଢ଼ିଚାଲିଛି। ଏଥିପାଇଁ ବ୍ୱାଇଁ ସମେତ ଶାଶୁଘର ଲୋକଙ୍କୁ ଦାୟୀ କରାଯାଏ। କେତେକ ସ୍ଥଳରେ ବ୍ୱାଇଁ ଯୌତୁକ ନେବାକୁ ପସନ୍ଦ କରି ନ ଥାନ୍ତି। ତେବେ ଏଭଳି ବ୍ୱାଇଁଙ୍କ ଉଦାହରଣ ଖୁବ୍ କମ୍ ଦେଖିବାକୁ ମିଳେ। ଜଣେ ବ୍ୱାଇଁ ସାଢ଼େ ୫ଲକ୍ଷ ଟଙ୍କା ଯୌତୁକ ନ ନେବା ଘଟଣା ଏକ ବିରଳ ଉଦାହରଣ ସୃଷ୍ଟି କରିଛି। ଏପରି ଏକ ଘଟଣା ଘଟିଛି ରାଜସ୍ଥାନରେ। ବରଘର ବଗତପୁରାରୁ ଆସି ସ୍ଥାନୀୟ ଝୁନ୍‌ଝୁନ୍ ଅଞ୍ଚଳର ଟିଟନୱାଡ ଗାଁରେ ପହଞ୍ଚିଥିଲେ। ସେହି ଗାଁର ବିକ୍ରମଜିତ କଓଁରଙ୍କ କନ୍ୟା ଜ୍ୟୋତି କଓଁରଙ୍କ ବିବାହ ଜେଠ ସିଂଙ୍କ ସହିତ ହେଉଥିଲା। ଜେଠ ସିଂ ଭାରତୀୟ ସେନାରେ ହାବିଲଦାର ଅଛନ୍ତି। ବ୍ୱାଇଁଙ୍କ ଆଗରେ ଶ୍ୱଶୁର ବିକ୍ରମଜିତ୍ ପ୍ରଚଳିତ ପ୍ରଥା ଅନୁସାରେ ସାଢ଼େ ୫ଲକ୍ଷ ଟଙ୍କା ଯୌତୁକ ସୁସଜ୍ଜିତ ସୁନାଥାଳିରେ ଧରି ଠିଆହେଲେ। ତେବେ ଅତି ଶାନ୍ତ ଏବଂ ନମ୍ର ଭାବେ ଜେଠ ସିଂ ଯୌତୁକ ନେବାକୁ ମନା କରିବା ସହିତ ପରମ୍ପରାକୁ ମାନି ନ ଥିବାରୁ ହାତଯୋଡି କ୍ଷମା ପ୍ରାର୍ଥନା କରିଥିଲେ। ଏହାକୁ ନେଇ ଖୁବ୍ ଚର୍ଚ୍ଚା ହେବା ସହିତ ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

## ଚିରନ୍ତନୀ

ତୁମ ଅପମାନ, ପ୍ରିୟ
ତବ ଅପମାନ କଲେ
ମରଣ ହୁଁ ବଳି ଦେଉ ବ୍ୟଥା,
ମୂକ ହେଉ ମୋର ସବୁ କଥା।
(ଆସ୍ତିକର ଆକୁତି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୫ ଫେବୃୟାରୀ ୧୯୯୪

- ଭାରତର ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଭୂପୃଷ୍ଠରୁ ଆକାଶକୁ ନିକ୍ଷେପ କରାଯାଇପାରୁଥିବା କ୍ଷେପଣାସ୍ତ୍ର 'ଆକାଶ'ର ସଫଳ ପରୀକ୍ଷାମୂଳକ ଉତ୍କ୍ଷେପଣ।
- ଓଡ଼ିଆ ଔପନ୍ୟାସିକ କାହ୍ନୁଚରଣ ମହାନ୍ତି ଏବଂ ଇଂରାଜୀ ସାହିତ୍ୟିକ ଆର.କେ. ନାରାୟଣଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ଫେଲୋଶିପ ।

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | C | | | | | | | | A | | | | 8 | 1 |
| | | E | | | | A | | | | | 7 | | | |
| | | 7 | 5 | | | | 4 | 8 | 3 | | | E | 2 | 6 |
| | | | E | A | | | | 6 | | | | D | 7 | |
| | | 2 | | | 7 | | | | 4 | D | | 9 | B | |
| | | 8 | 4 | B | | C | | 0 | E | A | | | | |
| 4 | | | | | C | | | B | 1 | | | | | |
| | | | | | | | | | | | D | | 1 | |
| 6 | A | | | | 9 | | E | | B | 5 | | 4 | 3 | |
| 5 | E | B | | 3 | 1 | 7 | | | | | | | | |
| | | | | | 8 | | 5 | D | 9 | C | 0 | | | |
| | | D | | 1 | E | | C | | | | 6 | | | |
| | 1 | | | 9 | | E | | 4 | | | | 2 | | |
| 8 | 2 | 5 | | | | | 6 | 7 | | | | | | 4 |
| C | | | A | 4 | 2 | | 8 | 9 | | | | | | D |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | 7 | 9 | 2 | 4 | 6 | E | B | A | 5 | 3 | C | D | 0 | 8 |
| A | 5 | 8 | E | B | 0 | 4 | D | 2 | 6 | 9 | 7 | 1 | 3 | C |
| B | 6 | 3 | D | 7 | C | 5 | 8 | 1 | 0 | A | 4 | E | 9 | 2 |
| 0 | C | E | 1 | 8 | 5 | 3 | 9 | 7 | D | B | 2 | 4 | 6 | A |
| 4 | D | 2 | 3 | 9 | A | 0 | C | 6 | 1 | 8 | E | 7 | 5 | B |
| D | 9 | 6 | A | E | 3 | 7 | 2 | C | B | 5 | 0 | 8 | 4 | 1 |
| 8 | E | 0 | 7 | C | D | 6 | 5 | B | A | 4 | 1 | 9 | 2 | 3 |
| 7 | 1 | 4 | 9 | 5 | 2 | A | E | D | 3 | 6 | 8 | B | C | 0 |
| 3 | B | C | 6 | 1 | 4 | 9 | 0 | 8 | 7 | 2 | D | 5 | A | E |
| 5 | 2 | A | 8 | 0 | B | 1 | 3 | 4 | C | E | 9 | 6 | 7 | D |
| 2 | 3 | 7 | 4 | A | 1 | C | 6 | 9 | 8 | D | B | 0 | E | 5 |
| C | 0 | B | 5 | 6 | 8 | 2 | 1 | E | 9 | 7 | A | 3 | D | 4 |
| E | 4 | 1 | C | D | 9 | B | 7 | 5 | 2 | 0 | 3 | A | 8 | 6 |
| 6 | A | D | B | 3 | 7 | 8 | 4 | 0 | E | C | 5 | 2 | 1 | 9 |
| 9 | 8 | 5 | 0 | 2 | E | D | A | 3 | 4 | 1 | 6 | C | B | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସମ୍ପୂର୍ଣ୍ଣ ନିଶା ନିବାରଣ

ମହାଶୟ,

ଭାରତ ସ୍ୱାଧୀନ ହେବା ପରେ କେଉଁ କାର୍ଯ୍ୟକୁ ସେ ଅଗ୍ରାଧିକାର ଦେବେ ବୋଲି ଜାତିରଜନକ ମହାତ୍ମା ଗାନ୍ଧୀଙ୍କୁ ପ୍ରଶ୍ନ କରାଯାଇଥିଲା। ଗାନ୍ଧିଜୀଙ୍କ ଉତ୍ତର ଥିଲା, 'ମୁଁ ଚାହେଁ, ସ୍ୱାଧୀନ ହେବାର ୨୪ ଘଣ୍ଟା ମଧ୍ୟରେ ଭାରତ ସମ୍ପୂର୍ଣ୍ଣ ନିଶାମୁକ୍ତ ହେଉ।' ମାତ୍ର ଦୁର୍ଭାଗ୍ୟର ବିଷୟ, ଦେଶ ସ୍ୱାଧୀନ ହେବାର ୭୧ ବର୍ଷ ପରେ ମଧ୍ୟ ଗାନ୍ଧିଜୀଙ୍କ ସ୍ୱପ୍ନ ସାକାର ହୋଇପାରିନାହିଁ। ଏପରିକି କୌଣସି ସରକାର ଓ ରାଜନୈତିକ ଦଳ ସମ୍ପୂର୍ଣ୍ଣ ନିଶା ନିବାରଣର ନାମ ମଧ୍ୟ ଧରୁନାହାନ୍ତି। ବିଳମ୍ବରେ ହେଲେ ମଧ୍ୟ ଦେଶର ପ୍ରମୁଖ ରାଜନୈତିକ ଦଳମାନେ ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ନିଜ ନିଜର ନିର୍ବାଚନ ଇସ୍ତାହାରରେ 'ନିଶାମୁକ୍ତ ଭାରତ' ଗଠନକୁ ଅଗ୍ରାଧିକାର ଦିଅନ୍ତୁ। କହିବା ନିଷ୍ପ୍ରୟୋଜନ ଯେ, ବିଭିନ୍ନ ସର୍ବେକ୍ଷଣ ରିପୋର୍ଟ ଅନୁସାରେ ଦେଶସାରା ଘଟୁଥିବା ସବୁପ୍ରକାର ହତ୍ୟା, ବଳାତ୍କାର, ସାମାଜିକ ଓ ପାରିବାରିକ ହିଂସା, ସଡ଼କ ଦୁର୍ଘଟଣା ଓ ରୋଗଜନିତ ଅକାଳ ମୃତ୍ୟୁର ମୁଖ୍ୟ କାରଣ ନିଶାପାନ। ସମ୍ପୂର୍ଣ୍ଣ ନିଶା ନିବାରଣ ହୋଇପାରିଲେ ଏହିସବୁ ସମସ୍ୟାର ସମାଧାନ ହୋଇ ଦେଶରୁ ଦାରିଦ୍ର୍ୟ ଓ ବେକାରି ଦୂରୀକରଣ ମଧ୍ୟ ସହଜ ହୋଇପାରିବ। ସବୁ ରାଜନୈତିକ ଦଳ ନିଜ ନିଜର ନିର୍ବାଚନ ଇସ୍ତାହାରରେ କେବଳ ଶସ୍ତା ଓ ଲୋଭନୀୟ ପ୍ରତିଶ୍ରୁତି ନ ଦେଇ ସମ୍ପୂର୍ଣ୍ଣ ନିଶା ନିବାରଣକୁ ଅଗ୍ରାଧିକାର ଦିଅନ୍ତୁ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

### ସ୍ୱାସ୍ଥ୍ୟସେବା ପ୍ରଚାରସର୍ବସ୍ୱ ନ ହେଉ

ମାଗଣାରେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ଆକର୍ଷଣୀୟ ବିଜ୍ଞାପନ ମାଧ୍ୟମରେ ପ୍ରଚାର ଚଳାଇଥିବା ସତ୍ତ୍ୱେ ସର୍ବତ୍ର ସକାଳ ପହରୁ ଔଷଧ ଦୋକାନ ସଂଲଗ୍ନ କ୍ଲିନିକ୍ସ ଓ ସରକାରୀ ହାସପାତାଳ ନିକଟରେ ଥିବା ଘରୋଇ ନର୍ସିଂହୋମ୍‌ରେ ବହୁ ସଂଖ୍ୟାରେ ରୋଗୀମାନଙ୍କର ଭିଡ଼ ଲାଗୁଛି। ତେଣୁ ସରକାର ବୃଥା ପ୍ରଚାରରୁ ଦୂରରେ ରହି ରୋଗୀମାନଙ୍କ ଦ୍ୱାରଦେଶରେ ପହଞ୍ଚି ରୋଗ ଚିହ୍ନଟୀକରଣ ଓ କିଛିଟା ନିଦାନ ବ୍ୟବସ୍ଥା କରନ୍ତୁ। ଦ୍ୱାରଦେଶରେ ସେବା ହିଁ ପ୍ରକୃତ ସେବା। ଏଥିପାଇଁ ଏକ ୱେବ୍ ପୋର୍ଟାଲର ବ୍ୟବସ୍ଥା କରାଯାଇପାରେ। ଗୁରୁତର ରୋଗୀଙ୍କୁ ଆମ୍ବୁଲାନ୍ସରେ ହସ୍ପିଟାଲ ନେଇ ଚିକିତ୍ସା କରାଯାଇପାରିବ।

ଡାକ୍ତର ଦେବଦତ୍ତ ମିଶ୍ର, ରେଡକ୍ରସ୍ ରୋଡ୍, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ସୁନାରେ ସୁଗନ୍ଧ, ଆଖୁରେ ଫଳ, ଚନ୍ଦନରେ ଫୁଲ ନ ଥାଏ। ବିଦ୍ୱାନ ଧନୀ ହୋଇ ନ ଥାନ୍ତି କି ରାଜା ଦୀର୍ଘଜୀବୀ ହୋଇ ନ ଥାନ୍ତି।

- ଚାଣକ୍ୟ

# ତୃଣମୂଳ କଂଗ୍ରେସ ସମର୍ଥନରେ ବାହାରିଲା ବିଜେଡି

- କାର୍ଯ୍ୟକଳାପ ଗ୍ରହଣୀୟ ନୁହେଁ : ଭର୍ତ୍ତୃହରି
- ବିଜେଡି ଡରିକି ସମର୍ଥନ କରୁଛି: ତାରା
- ଟିଏମ୍‌ସି, ବିଜେଡି ଚିଟଫଣ୍ଡ କମ୍ପାନୀର ପୃଷ୍ଠପୋଷକ: ଧର୍ମେନ୍ଦ୍ର

ଭୁବନେଶ୍ୱର,୪।୨(ବ୍ୟୁରୋ)

ଦେଶର ସର୍ବୋଚ୍ଚ ଅନୁସନ୍ଧାନକାରୀ ସଂସ୍ଥା ସିବିଆଇ ଏବଂ ପଶ୍ଚିମବଙ୍ଗ ସରକାରଙ୍କ ମଧ୍ୟରେ ଚାଲିଥିବା ବିବାଦକୁ ନେଇ ସମଗ୍ର ଦେଶର ରାଜନୀତି ଜୋର ଧରିଛି। ଏହାକୁ ନେଇ କେନ୍ଦ୍ର ସରକାରଙ୍କୁ ବହୁ ବିରୋଧୀ ଦଳ ବିରୋଧ କରିଛନ୍ତି। ଏହିକ୍ରମରେ ଉଭୟ କଂଗ୍ରେସ ଏବଂ ଭାଜପାଠାରୁ ସମଦୂରତ୍ୱ ଅବଲମ୍ବନ କରୁଥିବା ବିଜେଡି ମଧ୍ୟ ପ୍ରତିକ୍ରିୟା ରଖିବା ସହ ତୃଣମୂଳ କଂଗ୍ରେସ ସମର୍ଥନରେ ବାହାରିଛି। ଲୋକ ସଭାରେ ଦଳର ସଂସଦୀୟ ନେତା ଭର୍ତ୍ତୃହରି ମହତାବ ଦିଲ୍ଲୀରେ ଏ ନେଇ ପ୍ରତିକ୍ରିୟା ରଖିଛନ୍ତି। ସେହିପରି ଓଡ଼ିଶାରେ ବିଜେଡି ପକ୍ଷରୁ ମୁଖପାତ୍ର ସସ୍ମିତ ପାତ୍ର ଏହି ପ୍ରସଙ୍ଗରେ ମତ ରଖିଛନ୍ତି। ଅପରପକ୍ଷରେ ଭାଜପା ମମତା ବାନାର୍ଜୀଙ୍କ ଆଭିମୁଖ୍ୟକୁ ନେଇ ପ୍ରଶ୍ନ ଉଠାଇ ଥିବାବେଳେ କଂଗ୍ରେସ ଉଭୟ ବିଜେଡି-ଭାଜପାକୁ ସମାଲୋଚନା କରିଛି।

ଭର୍ତ୍ତୃହରି କହିଛନ୍ତି ଯେ, କୌଣସି ମାମଲାର ତଦନ୍ତ କରିବା ସିବିଆଇ ପକ୍ଷରେ ଯୁକ୍ତିଯୁକ୍ତ। ହେଲେ ଯେଉଁଭଳି ଢଙ୍ଗରେ ରାଜୀବ କୁମାରଙ୍କ ଘରେ ୪୦ ଅଧିକାରୀ ପ୍ରବେଶ କଲେ, ତାହା ଆଦୌ ଗ୍ରହଣୀୟ ନୁହେଁ। ଗତ କିଛି ବର୍ଷ ଧରି ସିବିଆଇ ଯେଉଁଭଳିଭାବେ କାର୍ଯ୍ୟ କରୁଛି, ତାହା ସେହି ସଂସ୍ଥାର ସ୍ୱଚ୍ଛତା ଏବଂ ନିରପେକ୍ଷତା ନେଇ ପ୍ରଶ୍ନ ଉଠାଇଛି। ପଶ୍ଚିମବଙ୍ଗରେ ରବିବାର ସନ୍ଧ୍ୟାରେ ଘଟିଯାଇଥିବା ଘଟଣା ସିବିଆଇର ପେସାଗତ ଆଚରଣର ଲକ୍ଷଣ ନୁହେଁ ବୋଲି ଭର୍ତ୍ତୃହରି କହିଛନ୍ତି। ଜଣେ ମୁଖ୍ୟମନ୍ତ୍ରୀ ରାସ୍ତାରେ ଧାରଣାରେ ବସିବା ମଧ୍ୟ ଠିକ୍ ନୁହେଁ। ତେଣୁ କେନ୍ଦ୍ର ତୁରନ୍ତ ହସ୍ତକ୍ଷେପ କରୁ। ଚାଲୁଥିବା ବିବାଦର ସମାଧାନ ରାସ୍ତା ବାହାରୁ ବୋଲି ଭର୍ତ୍ତୃହରି କହିଛନ୍ତି। ସେହିପରି ଦଳ ପକ୍ଷରୁ ସସ୍ମିତ ପାତ୍ର କହିଛନ୍ତି ଯେ, ଦେଶର ବିଭିନ୍ନ ସ୍ୱାୟତ୍ତ ସଂସ୍ଥାର ସ୍ୱାଧୀନତା ରହିବା ଆବଶ୍ୟକ। ଭାରତବର୍ଷର ଗଣତନ୍ତ୍ର ଅନନ୍ୟ ଏବଂ ଅଭିଜ୍ଞ, ତେଣୁ ସଂଘୀୟ ବ୍ୟବସ୍ଥାର ସୁରକ୍ଷା ହେବା ଦରକାର। ଅତୀତରେ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଏବଂ ବର୍ତ୍ତମାନ ସାଧାରଣ ନିର୍ବାଚନ ପୂର୍ବରୁ ସିବିଆଇ ଓଡ଼ିଶାରେ କରୁଥିବା କାର୍ଯ୍ୟକଳାପ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ବିଜେଡିର ବିବୃତ୍ତିକୁ ନେଇ ଅନ୍ୟ କୌଣସି ଦଳ ସହ ଯୋଡା ନ ଯାଉ ବୋଲି ସସ୍ମିତ କହିଛନ୍ତି। ସେହିପରି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, ମୋଦି-ଶାହଙ୍କ ସ୍ୱେଚ୍ଛାଚାର ଶାସନର ଏହା ନମୁନା ମାତ୍ର। ପଶ୍ଚିମବଙ୍ଗରେ ଘଟୁଥିବା ଘଟଣାବଳୀ କ୍ଷମତାର ଅପବ୍ୟବହାର, ସ୍ୱାଧୀନ ସଂସ୍ଥାର ସ୍ୱାୟତ୍ତତା ନଷ୍ଟ କରୁଥିବାର ପ୍ରମାଣ। ଏହାର ବିରୋଧରେ ସମସ୍ତ ଦେଶପ୍ରେମୀ ଭାରତୀୟ ଛିଡା ହେବାର ଆବଶ୍ୟକତା ରହିଛି ବୋଲି ନିରଞ୍ଜନ କହିଛନ୍ତି। ବିରୋଧୀ ଦଳ ନେତା ନରସିଂହ ମିଶ୍ର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତାଙ୍କ କାର୍ଯ୍ୟକଳାପକୁ ସମର୍ଥନ କରିଛନ୍ତି। ହେଲେ ବିରୋଧୀ ଦଳ ମୁଖ୍ୟ ସଚେତକ ତାରାପ୍ରସାଦ ବାହିନୀପତି ବିଜେଡିର ଦୋମୁହାଁ ନୀତିକୁ ସମାଲୋଚନା କରିଛନ୍ତି। ତାରା କହିଛନ୍ତି ଯେ, ବିଜେଡି-ଭାଜପା ରାଜ୍ୟରେ ବାଡିଆପିଟା , ହେଲେ ଦିଲ୍ଲୀରେ କୋଳାକୋଳି। ମମତା ଜଣେ ଦୃଢ ନେତ୍ରୀ, ତାଙ୍କ ପଦକ୍ଷେପକୁ ସ୍ୱାଗତ। ବିଜେଡିର ସମର୍ଥନରେ ମମତାଙ୍କ ପ୍ରତି ଦରଦ ନାହିଁ। ଭୟ ରହିଛି, ବିଜେଡି ନେତାମାନେ ଚିଟଫଣ୍ଡରେ ସଂପୃକ୍ତ ଥିବାରୁ ଏପରି ପ୍ରତିକ୍ରିୟା ପ୍ରକାଶ କରୁଥିବା ତାରା କହିଛନ୍ତି।

ମମତାଙ୍କ ପ୍ରତି ବିଜେଡିର ଆଭିମୁଖ୍ୟକୁ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ତୃଣମୂଳ କଂଗ୍ରେସ ପରି ବିଜୁ ଜନତା ଦଳ ମଧ୍ୟ ଚିଟଫଣ୍ଡ ଜମାକାରୀଙ୍କ ଟଙ୍କା ଖାଇଛି। ତେଣୁ ସମଧର୍ମୀ ଭାବେ ମମତାଙ୍କ ଉପରେ ହେଉଥିବା କାର୍ଯ୍ୟାନୁଷ୍ଠାନକୁ ବିଜେଡି ବିରୋଧ କରିଛି। ଶାରଦା ଏବଂ ଅର୍ଥତତ୍ତ୍ୱ ଭଳି କମ୍ପାନୀର ପୃଷ୍ଠପୋଷକ ନବୀନ ବାବୁ ଏବଂ ମମତା ବାନାର୍ଜୀ ଥିଲେ। ଚିଟଫଣ୍ଡରେ ସିବିଆଇ ଜେରା କରିଥିବା ସରୋଜ ସାହୁ କିଏ। ସେ କଥାର ଉତ୍ତର ମିଳିପାରିନାହିଁ। ତେଣୁ ଡରରେ ବିଜେଡି ଏଭଳି ଆଭିମୁଖ୍ୟ ନେଉଛି। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ତଦନ୍ତ ଜାରି ରହିଥିବା ଧର୍ମେନ୍ଦ୍ର କହିଛନ୍ତି। ପ୍ରକାଶ ଯେ, ନିକଟରେ ବିଜେଡିର ଦୁଇ ତୁଙ୍ଗ ନେତା ଅରୁଣ ସାହୁ ଏବଂ ଅତନୁ ସବ୍ୟସାଚୀ ନାୟକଙ୍କୁ ସିବିଆଇ ହାଜର ହେବା ପାଇଁ ସମନ୍ କରିଥିଲା।

■ ଏନ୍‌ଜିଟିର ୨୫ କୋଟି କ୍ଷତିପୂରଣ ଡିମାଣ୍ଡ ମାମଲା

# ପକ୍ଷ ରଖିବେ ରାଜ୍ୟ ସରକାର

- ଡଙ୍କାରୀରେ ବେଆଇନ ଖନନ
- ଜିଲା ପ୍ରଶାସନକୁ କଡ଼ା ତାଗିଦ କଲେ ମୁଖ୍ୟ ଶାସନ ସଚିବ

ଯାଜପୁର ଅଫିସ,୪।୨



ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ଡଙ୍କାରୀ ପାହାଡ଼ରେ ବେଆଇନ ଖନନ ଓ ପରିବେଶଗତ କ୍ଷତି ପାଇଁ ରାଜ୍ୟ ସରକାର ହରଡ଼ଘଣାରେ ପଡିଛନ୍ତି। ରାଜ୍ୟ ସରକାର ମଧ୍ୟବର୍ତ୍ତିକାଳୀନ କ୍ଷତିପୂରଣ ବାବଦକୁ ୨୫କୋଟି ଟଙ୍କା ଜମା କରିବାକୁ ଜାତୀୟ ସବୁଜ ପ୍ରାଧିକରଣ (ଏନ୍‌ଜିଟି)ର ନିର୍ଦ୍ଦେଶ ଉପରେ ସୋମବାର ଏକ ଭିଡିଓ କନ୍‌ଫରେନ୍ସିଂ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ଜିଲା ପ୍ରଶାସନର ସମ୍ପୃକ୍ତ ଅଧିକାରୀଙ୍କୁ କଡା ତାଗିଦ୍ କରିଥିବା ସୂଚନା ମିଳିଛି। ଏହାସହ ପୂର୍ବରୁ କୌଣସି ନୋଟିସ କିମ୍ବା ସୂଚନା ନ ଦେଇ ୨୫କୋଟି ଟଙ୍କା ଡିମାଣ୍ଡ କରିଥିବାରୁ ଏନ୍‌ଜିଟି ସମ୍ମୁଖରେ ରାଜ୍ୟ ସରକାର ପକ୍ଷ ରଖିବାକୁ ନିଷ୍ପତ୍ତି ନେଇଛନ୍ତି।

ଏନ୍‌ଜିଟିରେ ଗତ ୪।୧।୨୦୧୯ରେ ୬୦୪/୨୦୧୮ ନମ୍ବରରେ ହୋଇଥିବା ମାମଲାର ଶୁଣାଣି କରି ଜଷ୍ଟିସ ଆଦର୍ଶ କୁମାର ଗୋୟଲ, ଜଷ୍ଟିସ ଏସ.ପି. ୱାଙ୍ଗଡି, ଜଷ୍ଟିସ ରାମକ୍ରିଷ୍ଣନ ଓ ଡ. ନାଗିନ ନନ୍ଦଙ୍କୁ ନେଇ ଗଠିତ ଖଣ୍ଡପୀଠ ଡଙ୍କାରୀରେ ବେଆଇନ ଉତ୍ତୋଳନ ପାଇଁ ରାଜ୍ୟ ସରକାରଙ୍କୁ ଦାୟୀ କରିଥିଲେ। ରାୟରେ ରାଜ୍ୟ ସରକାରଙ୍କ ସମ୍ପୃକ୍ତ ଅଧିକାରୀମାନେ ବେଆଇନ ଉତ୍ତୋଳନକୁ ପ୍ରୋତ୍ସାହିତ କରିଛନ୍ତି ବୋଲି ଦର୍ଶାଇଥିଲେ। ୨୦୦୨ରୁ ୨୦୧୭ ପର୍ଯ୍ୟନ୍ତ କୌଣସି ପରିବେଶଗତ ଅନୁମତି ନ ନେଇ କୋଟି କୋଟି ଟଙ୍କାର କଳାପଥର ଉତ୍ତୋଳନ କରାଯାଇଛି। ତେଣୁ ଏଥିପାଇଁ ଦାୟୀ ରାଜ୍ୟ ସରକାର କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ପାଖରେ ମଧ୍ୟବର୍ତ୍ତୀକାଳୀନ କ୍ଷତିପୂରଣ ବାବଦକୁ ୧ ମାସ ମଧ୍ୟରେ ୨୫ କୋଟି ଟଙ୍କା ଜମା କରିବାକୁ ରାୟରେ କହିଥିଲେ। ଏଥିପାଇଁ ରାଜ୍ୟ ସରକାର ସଂପୃକ୍ତ ଅଧିକାରୀମାନଙ୍କଠାରୁ କିମ୍ବା ବେଆଇନ ଖାଦାନ ବ୍ୟବସାୟୀଙ୍କ ଠାରୁ ଉପରୋକ୍ତ ଅର୍ଥ ଆଦାୟ କରାଯାଇ ପାରିବ। ଏହି ଅର୍ଥ ପରିବେଶ ସୁରକ୍ଷା, ଲଘୁ ଖଣିଜ ଶ୍ରମିକ ଓ ସ୍ଥାନୀୟ ଲୋକଙ୍କ ହିତରେ ଖର୍ଚ୍ଚ ହେବ। ବେଆଇନ ଖାଦାନ ଯୋଗୁ ରୋଗଗ୍ରସ୍ତ ହୋଇଥିବା ଲୋକଙ୍କ ପାଇଁ ଏହି ଅର୍ଥ ଖର୍ଚ୍ଚ କରାଯାଇ ପାରିବ। ସିପିସିବି ପ୍ରତିନିଧି, ଧାନବାଦ ଇଣ୍ଡିଆନ ସ୍କୁଲ ଅଫ ମାଇନ୍ସ, ଡେହେରାଡୁନ ଫରେଷ୍ଟ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ ଏବଂ ଷ୍ଟେଟ ଏନ୍‌ଭାଇରନମେଣ୍ଟ ଇମ୍ପାକ୍ଟ ଆସେସମେଣ୍ଟ କମିଟି (ସିଆ)ର ଅଧ୍ୟକ୍ଷଙ୍କୁ ନେଇ ଗଠିତ ଏକ କମିଟି କ୍ଷତିପୂରଣ ଅର୍ଥ କେଉଁ ବାଟରେ ଖର୍ଚ୍ଚ ହେବ ସେ ନେଇ ନୀତି ନିର୍ଦ୍ଧାରଣ କରିବେ ବୋଲି ଏନ୍‌ଜିଟି ରାୟରେ ପ୍ରକାଶ କରିଥିଲା। ଏ ସଂକ୍ରାନ୍ତରେ ଗତ ମାସ ୨୬ ତାରିଖରେ ଧରିତ୍ରୀର ପ୍ରଥମ ପୃଷ୍ଠାରେ ଖବର ପ୍ରକାଶ ପାଇବା ପରେ ଜିଲା ପ୍ରଶାସନ ଛାନିଆ ହୋଇଯାଇଥିଲା। ଏନ୍‌ଜିଟି ରାୟରୁ କିଭଳି ମୁକୁଳାଯାଇ ପାରିବ ସେ ନେଇ ତର୍ଜମା କରିବା ସହିତ ଭିଡିଓ କନ୍‌ଫରେନ୍ସିଂରେ ପକ୍ଷ ରଖିବାକୁ ନିଷ୍ପତ୍ତି ହୋଇଥିଲା। ଲିଜଧାରୀ ଶ୍ରୀବାସ ଜେନା ଏନ୍‌ଜିଟିର ୩୧।୮।୨୦୧୮ ତାରିଖ ରାୟ ଉପରେ ସୁପ୍ରିମକୋର୍ଟରେ ଆଣିଥିବା ସ୍ଥଗିତାଦେଶ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଏହାସହ ରାଜ୍ୟ ସରକାରଙ୍କୁ ପୂର୍ବରୁ କୌଣସି ସୂଚନା ନ ଦେଇ ୨୫ କୋଟି ଟଙ୍କା କ୍ଷତିପୂରଣ ବାବଦ ଅର୍ଥ ଦାଖଲ କରିବା ସମୀଚିନ ନୁହେଁ ବୋଲି କନ୍‌ଫରେନ୍ସିଂରେ ମତପ୍ରକାଶ ପାଇଥିବା ଜଣାପଡିଛି। ତେଣୁ ଜିଲାପାଳ ଏହି ମର୍ମରେ ଏନ୍‌ଜିଟିରେ ପକ୍ଷ ରଖିବେ ବୋଲି ଶେଷରେ ନିଷ୍ପତ୍ତି ହୋଇଛି। ଅନ୍ୟପକ୍ଷେ ବେଆଇନ ଉତ୍ତୋଳନ ଉପରେ ଜିଲା ପ୍ରଶାସନ କଡା ପଦକ୍ଷେପ ଗ୍ରହଣ କରିବାକୁ ମୁଖ୍ୟ ଶାସନ ସଚିବ ତାଗିଦ କରିଛନ୍ତି। ଏପଟେ ଡଙ୍କାରୀ ପାଦଦେଶରେ ଥିବା ଏଆର୍‌ଏସ୍‌ଏସ୍ ମେଗା କ୍ରଶରରେ ପ୍ରତ୍ୟହ ଶତାଧିକ ଟ୍ରିପ କଳାପଥର କାରବାର ଚାଲିଛି। ଏ ପର୍ଯ୍ୟନ୍ତ ଗୋଟିଏ ବି କଳାପଥର ଖାଦାନ ଉପରେ ପରିବେଶ ମଞ୍ଜୁରୀ ମିଳିନାହିଁ। ତଥାପି କେଉଁଠୁ କୋଟି କୋଟି ଟଙ୍କାର କଳାପଥର ଏଆରଏସଏସକୁ ଯୋଗାଇ ଦିଆଯାଉଛି, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସଂକ୍ରାନ୍ତରେ ଧର୍ମଶାଳା ଭାରପ୍ରାପ୍ତ ତହସିଲଦାର ସରୋଜ କୁମାର ପଣ୍ଡାଙ୍କୁ ପଚାରିବାରେ, ୨୫କୋଟି ଟଙ୍କା ଜମା କରିବା ସମ୍ପର୍କରେ ଉଚ୍ଚପଦସ୍ଥ ଅଧିକାରୀଙ୍କସ୍ତରରେ ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି।

## ଭିଜିଲାନ୍ସ ଜାଲରେ ପୋଲିସ ଏଏସ୍‌ଆଇ

ନୂଆପଡା ଅଫିସ,୪।୨



ଏକ ମାମଲାର ରଫାଦଫା କରି ଦେବା ପାଇଁ ୭ ହଜାର ଟଙ୍କା ଲାଞ୍ଚ ନେବା ବେଳେ ନୂଆପଡ଼ା ଜିଲା ସିନାପାଲି ଥାନା ପୋଲିସ ଏଏସ୍‌ଆଇ କୃଷ୍ଣ ବଲ୍ଲଭ ଶବର ଭିଜିଲାନ୍ସ ହାତରେ ଧରା ପଡିଛନ୍ତି । ତାଙ୍କ ବିରୋଧରେ ମାମଲା (ନଂ. ୩/୧୯) ରୁଜୁ କରି ବିଭାଗ ଅଧିକ ତଦନ୍ତ ଚଳାଇଛି । ସୂଚନା ଅନୁସାରେ ଗତ ଜାନୁୟାରୀ ୨୦ ତାରିଖରେ ସ୍ଥାନୀୟ ବରପଦର ଗାଁର ପୁରୁଷୋତ୍ତମ ଛତ୍ରିଆଙ୍କୁ ସେହି ଗାଁର ଲୋଚନ ହଂସ ମାଡ ମାରିଥିଲେ। ଏ ନେଇ ପୁରୁଷୋତ୍ତମ ସିନାପାଲି ଥାନାରେ ମାମଲା ଦାଏର କରିଥିଲେ। ଅନ୍ୟପକ୍ଷେ ଲୋଚନ ମଧ୍ୟ ପୁରୁଷୋତ୍ତମ ଏବଂ ତାଙ୍କ ବାପା ଶିବ ଛତ୍ରିଆଙ୍କ ବିରୋଧରେ ପାଲଟା ଅଭିଯୋଗ ଆଣିଥିଲେ। ପୁରୁଷୋତ୍ତମ ଓ ତାଙ୍କ ବାପାଙ୍କ ବିରୋଧରେ ଥିବା ମାମଲାକୁ ରଫାଦଫା କରିବାକୁ ଅଧିକାରୀ ଶବର ଟଙ୍କା ମାଗିଥିଲେ । ଏ ବିଷୟରେ ପୁରୁଷୋତ୍ତମ ନୂଆପଡା ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ମୁତାବକ ସୋମବାର ପୂର୍ବାହ୍ନ ସାଢେ ୧୧ଟାରେ ଥାନାରେ ଏଏସଆଇ ପୁରୁଷୋତ୍ତମଙ୍କଠାରୁ ୭ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ବିଭାଗ ଅଧିକାରୀମାନେ ତାଙ୍କୁ କାବୁ କରିନେଇଥିଲେ। ନୂଆପଡା ଭିଜିଲାନ୍ସ ଡିଏସପି ଦାୟିତ୍ୱରେ ଥିବା ସତ୍ୟବାନ ମହାନନ୍ଦ, ଇନ୍ସପେକ୍ଟର ଶିବରାମ ସାହୁ, ଭବାନୀପାଟଣାରୁ ଡି. ବାସୁଦେବ ରାଓ ପ୍ରମୁଖ ଚଢାଉରେ ସାମିଲ ଥିଲେ। ଅଭିଯୁକ୍ତ ଶବରଙ୍କୁ ଭବାନୀପାଟଣାସ୍ଥିତ କାର୍ଯ୍ୟାଳୟରେ ରଖାଯାଇଥିବା ବେଳେ ମଙ୍ଗଳବାର କୋର୍ଟକୁ ଚାଲାଣ କରାଯିବ ବୋଲି ଇନ୍ସପେକ୍ଟର ଶିବରାମ ସାହୁ ସୂଚନା ଦେଇଛନ୍ତି ।

## ଲାଞ୍ଚ: ଅବକାରୀ ଏସ୍‌ଆଇ ଗିରଫ

**କଟକ ଅଫିସ, ୪।୨:** ୩ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଜଗତ୍‌ସିଂହପୁର ଅବକାରୀ ସବ୍‌ଇନ୍ସପେକ୍ଟର ରଞ୍ଜିତ କୁମାର ମହାନ୍ତି। ସେ ଏହି ଲାଞ୍ଚ ଟଙ୍କା ତିର୍ତ୍ତୋଲ ଥାନା ଦରବା ଗ୍ରାମର ଲକ୍ଷ୍ମୀଧର ମହାରଣାଙ୍କଠାରୁ ପୂର୍ବ ଦାବି ମୁତାବକ ଗ୍ରହଣ କରୁଥିଲେ। ୨୦୧୮ ଅକ୍ଟୋବର ୨୯ରେ ଲକ୍ଷ୍ମୀଧରଙ୍କ ଏକ ଇଣ୍ଡିଗୋ କାର୍‌କୁ ଅବକାରୀ ବିଭାଗ ପକ୍ଷରୁ ଜବତ କରାଯାଇଥିଲା। କାରଣ ଏହି କାର୍‌ରେ ମଦ ରହିଥିଲା। ହେଲେ କାର୍‌ରେ ଥିବା ଏକ ଏଲ୍‌ସିଡିକୁ ଅବକାରୀ ବିଭାଗ ପକ୍ଷରୁ ଜୋରଜବରଦସ୍ତ ଖୋଲି ନିଆଯାଇଥିଲା। ମାତ୍ର ତାହାକୁ ଜବତ ତାଲିକାରେ ଦର୍ଶାଯାଇ ନ ଥିଲା। ଉକ୍ତ ଏଲ୍‌ସିଡିକୁ ଫେରସ୍ତ ଦେବା ପାଇଁ ସବ୍‌ଇନ୍ସପେକ୍ଟର ମହାନ୍ତି ଲକ୍ଷ୍ମୀଧରଙ୍କଠାରୁ ୩ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏହି ଅନୁଯାୟୀ ସୋମବାର ଜଗତ୍‌ସିଂହପୁର ବଜାରର ଏକ ପାନ ଦୋକାନ ନିକଟରେ ସବ୍‌ଇନ୍ସପେକ୍ଟର ମହାନ୍ତି ଲକ୍ଷ୍ମୀଧରଙ୍କଠାରୁ ୩ହଜାର ଟଙ୍କା ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ। ଏହାପରେ ମହାନ୍ତିଙ୍କ ଜଗତ୍‌ସିଂହପୁର ସହରର ଜୟବଡ଼ଠାରେ ଥିବା ଘରକୁ ଭିଜିଲାନ୍ସ ପକ୍ଷରୁ ଯାଞ୍ଚ କରାଯାଇଥିଲା। ଏ ସମ୍ପର୍କରେ କଟକ ଭିଜିଲାନ୍ସ ଥାନାରେ ୫/୨୦୧୯ ନମ୍ବରରେ ଏକ ମାମଲା ରୁଜୁ କରାଯାଇ ମହାନ୍ତିଙ୍କୁ ଗିରଫ କରାଯାଇଛି।

## ଲାଞ୍ଚ ନେବାବେଳେ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ସହକାରୀ ଯନ୍ତ୍ରୀ ଗିରଫ

ବୌଦ୍ଧ, ୪।୨(ସ୍ୱ.ପ୍ର)



ଭାବଗ୍ରାହୀ ସାମନ୍ତରାଏଙ୍କ ଫାଇଲ ଫଟୋ।

ବୌଦ୍ଧ ବ୍ଲକ ଗ୍ରାମ୍ୟ ପାନୀୟ ଜଳଯୋଗାଣ ବିଭାଗର ସହକାରୀ ଯନ୍ତ୍ରୀ ଭାବଗ୍ରାହୀ ସାମନ୍ତରାଏ ସୋମବାର ବିଲ୍ ପାଶ୍ କରାଇ ଦେବାକୁ ୫୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରା ପଡିଛନ୍ତି। ସୂଚନା ଅନୁଯାୟୀ, ବୌଦ୍ଧ ବ୍ଲକ ଜହ୍ନାପଙ୍କଠାରେ ସୋଲାର ପ୍ଲାଣ୍ଟର ୱାଟର ଟ୍ୟୁବୱେଲ ପାଇଁ ୪ ଲକ୍ଷ ୮୫ ହଜାର ଟଙ୍କା ମଞ୍ଜୁର ହୋଇଥିଲା । ଏହି କାର୍ଯ୍ୟ ଶେଷ ହୋଇଥିଲେ ମଧ ସହକାରୀ ଯନ୍ତ୍ରୀ ସାମନ୍ତରାଏ ବିଲ୍ କରୁ ନ ଥିଲେ ଏବଂ ୫୦ହଜାର ଟଙ୍କା ଲାଞ୍ଚ ଦାବି କରୁଥିଲେ। ଏ ନେଇ ଭିଜିଲାନ୍ସରେ ଅଭିଯୋଗ ହୋଇଥିଲା। ସୋମବାର ସହକାରୀ ଯନ୍ତ୍ରୀ ସାମନ୍ତରାଏ ବୌଦ୍ଧସ୍ଥିତ ସରକାରୀ ଅଫିସ୍‌ରେ ଖୁଣ୍ଟବନ୍ଧ ସରପଞ୍ଚ ମିତ୍ରଭାନୁ ପ୍ରଧାନଙ୍କଠାରୁ ୫୦ ହଜାର ଟଙ୍କା ଲାଞ୍ଚ ନେଉଥିଲେ। ଏହି ସମୟରେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ବିଭାଗର ଅଧିକାରୀମାନେ ସହକାରୀ ଯନ୍ତ୍ରୀଙ୍କ ଠାରୁ ୫୦ ହଜାର ଟଙ୍କା ଜବତ କରିବା ସହ ତାଙ୍କୁ ଗିରଫ କରିଥିଲେ। ଏ ନେଇ ବ୍ରହ୍ମପୁର ଭିଜିଲାନ୍ସରେ ଏକ ମାମଲା (ନଂ.୩/୧୯) ରୁଜୁ କରି ଅଭିଯୁକ୍ତ ସହକାରୀ ଯନ୍ତ୍ରୀଙ୍କୁ କୋର୍ଟ ଚାଲାଣ କରାଯାଇଛି। ଭିଜିଲାନ୍ସ ଡିଏସ୍‌ପି ରତିକାନ୍ତ ସୁନା, ଇନ୍ସପେକ୍ଟର ପୋଲସ୍ତି ଛତ୍ରିଆ, ସିକନ୍ଦର ହେମ୍ବ୍ରମ, କନଷ୍ଟେବଳ ରାମଚନ୍ଦ୍ର ସାହୁ, ଦିଲୀପ ପ୍ରଧାନ, ମନୋଜ ପ୍ରଧାନ ପ୍ରମୁଖ ଏହି ଚଢାଉରେ ସାମିଲ ହୋଇଥିଲେ।

■ ଆଇନଜୀବୀଙ୍କୁ ଷ୍ଟାଇପେଣ୍ଡ ପ୍ରଦାନ ମାମଲା

## ଆଇନରେ ବ୍ୟବସ୍ଥା ନ ଥିବା କହିଲେ ସରକାର

କଟକ ଅଫିସ, ୪।୨

ଯୁବ ଆଇନଜୀବୀମାନଙ୍କୁ ଷ୍ଟାଇପେଣ୍ଡ ପ୍ରଦାନ ନିମନ୍ତେ ଆଇନରେ କୌଣସି ବ୍ୟବସ୍ଥା ନାହିଁ। ଅନେକାଂଶରେ ଡାକ୍ତର, ଇଞ୍ଜିନିୟର ଓ ଅନ୍ୟାନ୍ୟ ଡିଗ୍ରୀଧାରୀମାନେ ମଧ୍ୟ ଆଇନ ପେସାରେ ସମ୍ପୃକ୍ତ ଅଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟରେ ଦାଖଲ କରାଯାଇଥିବା ସତ୍ୟପାଠରେ ଏହା ଉଲ୍ଲେଖ କରାଯାଇଛି। ସରକାରଙ୍କ ପକ୍ଷରୁ ଅର୍ଥ ବିଭାଗ ଅତିରିକ୍ତ ସଚିବ ପ୍ରଦୀପ ବିଶ୍ୱାଳ ସତ୍ୟପାଠ ଆକାରରେ ଜବାବ ରଖିଛନ୍ତି। ତେବେ ଏନେଇ ଆବେଦନକାରୀଙ୍କୁ ପ୍ରତି ଜବାବ ରଖିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଫେବୃୟାରୀ ୧୮ରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ। ସୂଚନାଥାଉକି, ରାଜ୍ୟରେ କାର୍ଯ୍ୟରତ ଯୁବ ଆଇନଜୀବୀମାନଙ୍କୁ ଷ୍ଟାଇପେଣ୍ଡ ପ୍ରଦାନ କରିବା ନିମନ୍ତେ ଆଡଭୋକେଟ ଦିଲୀପ କୁମାର ମହାପାତ୍ର ଏକ ମାମଲା ରୁଜୁ କରିଥିଲେ। ଆବେଦନକାରୀ ମହାପାତ୍ର ଦର୍ଶାଇଥିଲେ ଯେ, ଦେଶର ଅନେକ ରାଜ୍ୟରେ ଷ୍ଟାଇପେଣ୍ଡ ବ୍ୟବସ୍ଥା ରହିଛି। ଏଣୁ ଓଡ଼ିଶାରେ ତାହା କାର୍ଯ୍ୟକାରୀ କରିବାକୁ ଆବେଦନକାରୀ ନିବେଦନ କରିଥିଲେ। ହାଇକୋର୍ଟ ଏ ସମ୍ପର୍କରେ ସରକାରଙ୍କଠାରୁ ଜବାବ ତଲବ କରିଥିଲେ।

ବହି ବସ୍ତାନି ବୋଝ: ଗାଇଡ୍‌ଲାଇନ କାର୍ଯ୍ୟକାରୀ ପାଇଁ ମିସ୍‌କେସ୍

## ରାଜ୍ୟ ସରକାରଙ୍କୁ ଜବାବ ତଲବ

କଟକ ଅଫିସ, ୪।୨

ଛୋଟ ପିଲାଙ୍କ କାନ୍ଧରେ ବହି ବସ୍ତାନି ବୋଝ ହେଉଛି। ଫଳରେ ଅଳ୍ପ ବୟସର ପିଲାମାନେ ବିଭିନ୍ନ ରୋଗରେ ପୀଡ଼ିତ ହେଉଛନ୍ତି। ଏହାକୁ ନେଇ ଆଡଭୋକେଟ କହ୍ନେୟାଲାଲ ଶର୍ମା ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ମାମଲାର ଶୁଣାଣି ଚାଲିଥିବା ସମୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗତ ନଭେମ୍ବରରେ ଶ୍ରେଣୀ ଅନୁଯାୟୀ ବହିର ଓଜନ ସମ୍ପର୍କରେ ଏକ ଗାଇଡ୍‌ଲାଇନ ପ୍ରସ୍ତୁତ କରାଯାଇଥିଲା। ଉକ୍ତ ଗାଇଡ୍‌ଲାଇନକୁ ରାଜ୍ୟରେ କାର୍ଯ୍ୟକାରୀ କରିବା ପାଇଁ ଆଡଭୋକେଟ ଶର୍ମା ହାଇକୋର୍ଟରେ ଆଉ ଏକ ମିସ୍‌କେସ୍ ଦାଏର କରିଥିଲେ। ଉକ୍ତ ମିସ୍ କେସ୍‌ର ଶୁଣାଣି ହାଇକୋର୍ଟ ମୁଖ୍ୟ ଖଣ୍ଡପୀଠରେ ହୋଇଛି। ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଓ ବିଚାରପତି କେ.ଆର୍. ମହାପାତ୍ର ରାଜ୍ୟ ସରକାରଙ୍କୁ ଜବାବ ମାଗିଛନ୍ତି। ଫେବୃୟାରୀ ୧୮ରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ।

ଆବେଦନକାରୀ ଆଡଭୋକେଟ ଶର୍ମା ପିଟିଶନରେ ଦର୍ଶାଇଥିଲେ ଯେ, ଆଇସିଏସ୍‌ଇ ଓ ସିବିଏସ୍‌ଇ ଢାଞ୍ଚାରେ ପାଠ ପଢୁଥିବା ପିଲାଙ୍କ ନିମନ୍ତେ ବସ୍ତାନି ବୋଝ ପାଲଟିଛି। ନିୟମାନୁଯାୟୀ ସ୍କୁଲ ବ୍ୟାଗ ଓଜନ ଜଣେ ପିଲାର ଓଜନର ୧୦%ଠୁ କମ୍ ହେବା ଦରକାର। କିନ୍ତୁ ଏହାକୁ ଆଦୌ ଅନୁପାଳନ କରାଯାଉ ନାହିଁ। ଫଳସ୍ୱରୂପ ଅଧିକାଂଶ ପିଲା ପିଠି ଯନ୍ତ୍ରଣା ସହିତ ମେରୁଦଣ୍ଡଜନିତ ରୋଗର ଶିକାର ହେଉଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଗତ ନଭେମ୍ବର ୨୦ରେ ପ୍ରସ୍ତୁତ କରାଯାଇଥିବା ଗାଇଡ୍‌ଲାଇନ ଅନୁଯାୟୀ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପିଲାଙ୍କ ପାଇଁ କୌଣସି ହୋମୱାର୍କ ଧାର୍ଯ୍ୟ କରାଯିବ ନାହିଁ। ଏହି ଅନୁଯାୟୀ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପିଲାଙ୍କ ବ୍ୟାଗ୍‌ର ଓଜନ ଦେଢ କେଜି ବିଶିଷ୍ଟ ରହିବାକୁ ଥିବାବେଳେ ତୃତୀୟରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ବ୍ୟାଗର ଓଜନ ୨ରୁ ୩ କେଜି, ଷଷ୍ଠ ଓ ସପ୍ତମ ଶ୍ରେଣୀ ପିଲାଙ୍କ ବ୍ୟାଗର ଓଜନ ୪ କେଜି, ଅଷ୍ଟମ ଓ ନବମ ଶ୍ରେଣୀ ପିଲାଙ୍କ ବ୍ୟାଗ୍ ଓଜନ ସାଢେ ୪ କେଜି ଓ ଦଶମ ଶ୍ରେଣୀ ପିଲାଙ୍କ ବ୍ୟାଗ୍‌ର ଓଜନ ୫ କେଜି ମଧ୍ୟରେ ରଖିବା ପାଇଁ କେନ୍ଦ୍ର ସରକାର ଧାର୍ଯ୍ୟ କରିଛନ୍ତି।

# ଗୋବରୀ ନଦୀରେ ବୁଡ଼ିଲା ଡଙ୍ଗା

ମହାକାଳପଡ଼ା,୪।୨(ଡି.ଏନ୍.ଏ.)

କେନ୍ଦ୍ରାପଡା ଜିଲା ମହାକାଳପଡ଼ା ବ୍ଲକ ଦେଇ ପ୍ରବାହିତ ଖୋଳା ନଦୀରେ ଗତ ଜାନୁୟାରୀ ୨ରେ ଡଙ୍ଗା ବୁଡ଼ିଯିବାରୁ ୧୦ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଏହି ଦୁଃଖଦ ଘଟଣା ଲୋକଙ୍କ ମନରୁ ଲିଭି ନ ଥିବା ବେଳେ ଏହି ବ୍ଲକ ଅନ୍ତର୍ଗତ ବିଜୟନଗର ଗ୍ରାମ ପାର୍ଶ୍ୱ ଗୋବରୀ ନଦୀରେ ସୋମବାର ଅନ୍ୟ ଏକ ଡଙ୍ଗା ବୁଡ଼ି ଯାଇଛି। ତେବେ ଡଙ୍ଗାରେ ଥିବା ୧୭ ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଗୋବରୀ ନଦୀ ଫେରିଘାଟରୁ ମହାକାଳପଡାର କିଆରବାଙ୍କ ଆଡକୁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣାରେ ବାଲି ସାହି ଗ୍ରାମର କଲେଜ ଛାତ୍ରୀ ଶିଲନ ସାମନ୍ତରାୟ (୧୬) ଆହତ ହୋଇଛନ୍ତି। ତାଙ୍କୁ ବିଜୟନଗରସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି। ଗୋଟିଏ ଡଙ୍ଗା ବୁଡିବା ପରେ ମଧ୍ୟ ପ୍ରଶାସନର ଚେତା ପଶି ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ବିଜୟନଗର ପଞ୍ଚାୟତ ଅନ୍ତର୍ଗତ ବିଜୟନଗର ଗ୍ରାମର ଗୋବରୀ ନଦୀ ଫେରିଘାଟରୁ ଅପରାହ୍ନରେ ୧୭ ଜଣ ଯାତ୍ରୀଙ୍କୁ ନେଇ ଡଙ୍ଗା ବାହାରି ଥିଲା। କୂଳଠାରୁ ୩୦ ଫୁଟ ନଦୀ ଭିତରକୁ ଯିବା ପରେ ଡଙ୍ଗାଟି ଭାରସାମ୍ୟ ହରାଇ ପାଣିରେ ବୁଡ଼ିଯାଇଥିଲା। କୌଣସି ଯାତ୍ରୀ ଲାଇଫ ଜ୍ୟାକେଟ ପିନ୍ଧି ନ ଥିବା ଦେଖିବାକୁ ମିଳିଥିଲା। ଡଙ୍ଗାରେ ଆବଶ୍ୟକଠାରୁ ଅଧିକ ଲୋକ ଥିବାବେଳେ ସେଥିରେ ୬ଟି ବାଇକ୍ ଓ ୪ଟି ସାଇକେଲ ରଖାଯାଇଥିଲା। ଏହାଛଡା ନଦୀରେ ଅଧିକ ଦଳ ରହିଥିଲା। ଅଧିକ ଓଜନ ସହ ଦଳ କାଟି ନ ପାରି ଡଙ୍ଗାଟି ଓଲଟି ପଡିଥିବା ଆଶଙ୍କା କରାଯାଉଛି। ଡଙ୍ଗା ବୁଡ଼ିବା ଦେଖି ସ୍ଥାନୀୟ ଲୋକେ କୂଳରେ ଥିବା ଅନ୍ୟ ଏକ ଡଙ୍ଗା ନେଇ ଜାଲ, ଦଉଡ଼ି ଓ ବାଉଁଶ ସାହାଯ୍ୟରେ ବୁଡ଼ିଯାଉଥିବା ଲୋକଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର କାର୍ଯ୍ୟରେ ସ୍ଥାନୀୟ ଅଞ୍ଚଳର ବାବାଜୀ ରାଉତ, କରଣ ମାଝି, ପପୁ ତରାଇ, ଚନ୍ଦନ ମାଝି, ବାଇନ ତରାଇ ଓ କାଳନ୍ଦୀ ମାଝି ପ୍ରମୁଖ ସାମିଲ ହୋଇଥିଲେ। ଖବରପାଇ ପ୍ରାୟ ୧ ଘଣ୍ଟା ପରେ ବିଡିଓ ରମେଶ ଚନ୍ଦ୍ର ସେଠୀ ଓ ଅତିରିକ୍ତ ତହସିଲଦାର ପ୍ରେମାନନ୍ଦ ବେହେରା ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିଲେ। ତଦନ୍ତ ସମୟରେ ଫେରିଘାଟର ନିଲାମ ହୋଇ ନ ଥିବା ଜଣାପଡ଼ିଥିଲା। ସେଠାରେ ବେଆଇନ ଭାବେ ଡଙ୍ଗା ଚଳାଚଳ ହେଉଥିଲା। ଏସମ୍ପର୍କରେ କେନ୍ଦ୍ରାପଡା ଜିଲାପାଳ ଦାଶରଥି ଶତପଥୀ କହିଛନ୍ତି, ଡଙ୍ଗାବୁଡ଼ି ଘଟଣାର ତଦନ୍ତ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ଆସିବା ପରେ ଏନେଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ।


**ଓରିଏଣ୍ଟାଲ୍ ବ୍ୟାଙ୍କ ଅଫ୍ କମର୍ସ**
ରାଜଗାଙ୍ଗପୁର ଶାଖା, ଲିପଲୋଇ, ରାଜଗାଙ୍ଗପୁର,
ଜିଲ୍ଲା: ସୁନ୍ଦରଗଡ, ଓଡ଼ିଶା-୭୭୦୦୧୭

**ଦଖଲ ନୋଟିସ୍**
ପରିଶିଷ୍ଟ-୪ [ରୁଲ୍ ୮(୧)]
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଓରିଏଣ୍ଟାଲ୍ ବ୍ୟାଙ୍କ ଅଫ୍ କମର୍ସ** ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୧୨) ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ଅର୍ଥ ରାଶି କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ନିମ୍ନସ୍ୱାକ୍ଷରକାରୀ ଉପରକଥିତ ଆକ୍ଟର ଧାରା ୧୩ର ଉପଧାରା (୪) ସହିତଗୁଡିକ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟ ରୁଲ୍ସ ୨୦୦୨ର ରୁଲ ୮ ଅନୁସାରେ ନିମ୍ନ ବର୍ଣ୍ଣିତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରି ଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ପାଇଁ **ଓରିଏଣ୍ଟାଲ୍ ବ୍ୟାଙ୍କ ଅଫ୍ କମର୍ସ** ନିକଟରେ ଉତ୍ତରଦାୟୀ ରହିବେ।
**ଋଣଗ୍ରହୀତାଙ୍କର ଦୃଷ୍ଟି ଆକର୍ଷଣ କରାଯାଉଛି କି ସେ କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ତାଙ୍କର ସୁରକ୍ଷିତ ସମ୍ପତ୍ତିଗୁଡିକୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ / ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍‌ର ତାରିଖ | ଦଖଲ ନୋଟିସ୍ ଅନୁଯାୟୀ ମୋଟ ବକେୟା |
|---|---|---|
| **ଋଣଗ୍ରହୀତା: ମେସର୍ସ ମା ଭଗବତୀ ଟ୍ରାନ୍ସପୋର୍ଟ, ସ୍ୱତ୍ତ୍ୱାଧିକାରୀ: ବୃଷବ ସନ୍ୟାସୀ,** ପିତା: ଲଳିତ ରାମ ସନ୍ୟାସୀ, **ଠିକଣା-୧:** ସା.: କୁମାରକେଲା, ଲକ୍ଷ୍ମୀପଡା, ରାଜଗାଙ୍ଗପୁର, ଜିଲ୍ଲା: ସୁନ୍ଦରଗଡ, ପିନ୍-୭୭୦୦୧୭, **ଠିକଣା-୨:** ସା.: କୁମାରକେଲା, ୱାର୍ଡ ନଂ.: ୧୫, ପୋ/ଥାନା: ରାଜଗାଙ୍ଗପୁର, ଜିଲ୍ଲା: ସୁନ୍ଦରଗଡ, ପିନ୍-୭୭୦୦୧୭ / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ ପ୍ରିୟଦର୍ଶିନୀ ଭୋଇ,** ସ୍ୱାମୀ: ବୃଷବ ସନ୍ୟାସୀ, ସା.: କୁମାରକେଲା, ୱାର୍ଡ ନଂ.: ୧୫, ପୋ/ଥାନା: ରାଜଗାଙ୍ଗପୁର, ଜିଲ୍ଲା: ସୁନ୍ଦରଗଡ, ପିନ୍-୭୭୦୦୧୭ | **ବୃଷବ ସନ୍ୟାସୀଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୨୮୮୫/୩୬୬୨ ଏବଂ ପ୍ଲଟ୍ ନଂ.: ୨୮୮୫/୪୦୦୩, ଖାତା ନଂ.: ୪୦୮/୧୯୭୧, ସମୁଦାୟ କ୍ଷେତ୍ର: ଏକର୦.୧୦ଡିସିମିଲି, କିସମ: ଘରବାରୀ, ମୌଜା: କୁମାରକେଲା, ତହସିଲ: ରାଜଗାଙ୍ଗପୁର, ପୋ/ଥାନା: ରାଜଗାଙ୍ଗପୁର, ଜିଲ୍ଲା: ସୁନ୍ଦରଗଡ, ଓଡିଶା-୭୭୦୦୧୭, ଏହାର ଚଉହଦିରେ ଉତ୍ତର: ବିଶ୍ରାମ ବଡାଇକଙ୍କ ବାସଗୃହ, ଦକ୍ଷିଣ: ଧନସିଂ ସନ୍ୟାସୀଙ୍କ ବାସଗୃହ, ପୂର୍ବ: ବୁଧୁ କିସାନଙ୍କ ବାସଗୃହ, ପଶ୍ଚିମ: ରାସ୍ତା / **୦୧.୧୨.୨୦୧୮ / ୦୧.୦୨.୨୦୧୯** | **୩୦.୧୧.୨୦୧୮ ସୁଦ୍ଧା ଟ.୨୫,୫୯,୭୭୧/-** + ସେବାବଦ ପରବର୍ତ୍ତୀ ସୁଧ ଓ ଖର୍ଚ୍ଚ |
| **ଋଣଗ୍ରହୀତାମାନେ: ୧) ଶ୍ରୀ ରାଜ କୁମାର ସାହୁ,** ପିତା: ସ୍ୱ ସୁନ୍ଦର ସାହୁ, **୨) ଶ୍ରୀ ବସନ୍ତ କୁମାର ସାହୁ,** ପିତା: ରାଜ କୁମାର ସାହୁ, ଉଭୟଙ୍କ ଠିକଣା ସା.: ଝାରବେଡା, ଥାନା: କୁତ୍ରା, ଜିଲ୍ଲା: ସୁନ୍ଦରଗଡ, ପିନ୍-୭୭୦୦୧୭ / **ଗ୍ୟାରେଣ୍ଟିଦାତା: ଶ୍ରୀ ଅମିତ୍ କୁମାର ସାହୁ,** ପିତା: ରାଜ କୁମାର ସାହୁ, ସା.: ଝାରବେଡା, ଥାନା: କୁତ୍ରା, ଜିଲ୍ଲା: ସୁନ୍ଦରଗଡ, ପିନ୍-୭୭୦୦୧୭ | **ବସନ୍ତ କୁମାର ସାହୁ,** ପିତା: ରାଜ କୁମାର ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୮୪୩/୨୯୯୬, ଖାତା ନଂ.: ୨୩୭/୨୯୨, କ୍ଷେତ୍ର: ଏକର୦.୧୦୦ଡିସିମିଲି, କିସମ: ଘରବାରୀ, ମୌଜା: ଝାରବେଡା, ତହସିଲ: କୁତ୍ରା, ପୋ.: ଝାରବେଡା, ଥାନା: କୁତ୍ରା, ଜିଲ୍ଲା: ସୁନ୍ଦରଗଡ, ଓଡ଼ିଶା-୭୭୦୦୧୭, ଏହାର ଚଉହଦିରେ ଉତ୍ତର: ଗଣେଶ ସାହୁଙ୍କ ଖୋଲା ପ୍ଲଟ୍ ଏବଂ ଅନ୍ୟମାନେ, ଦକ୍ଷିଣ: ରାସ୍ତା, ପୂର୍ବ: ଶାରଦା ଦେବୀଙ୍କ ବାସଗୃହ ବିଲ୍ଡିଂ, ପଶ୍ଚିମ: ପ୍ରଶାନ୍ତ ଦାସଙ୍କ ବାସଗୃହ / **୦୧.୧୧.୨୦୧୮ ଏବଂ ୦୧.୧୨.୨୦୧୮ / ୦୧.୦୨.୨୦୧୯** | **୩୦.୧୧.୨୦୧୮ ସୁଦ୍ଧା ଟ.୨୭,୦୪,୯୮୦.୬୦** + ସେବାବଦ ପରବର୍ତ୍ତୀ ସୁଧ ଓ ଖର୍ଚ୍ଚ |

**ସ୍ଥାନ: ରାଜଗାଙ୍ଗପୁର, ତାରିଖ : ୦୪.୦୨.୨୦୧୯** — **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଓରିଏଣ୍ଟାଲ୍ ବ୍ୟାଙ୍କ ଅଫ୍ କମର୍ସ**

**ବ୍ରଜନଗର ଶାଖା,**
ଅଲ୍ ଇଣ୍ଡିଆ ରେଡିଓ ନିକଟ, ଲୋଚାପଡା ରୋଡ୍, ବ୍ରହ୍ମପୁର,
ଜିଲ୍ଲା: ଗଞ୍ଜାମ-୭୬୦୦୦୧, ଓଡ଼ିଶା,
ଫୋନ୍ ନଂ.: ୦୬୮୦-୨୨୨୨୩୨୧

बैंक ऑफ़ बड़ौदा
Bank of Baroda

**ଡିମାଣ୍ଡ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନଲିଖିତ ଋଣଗ୍ରହୀତାଙ୍କ ବିରୁଦ୍ଧରେ ସୁରକ୍ଷିତ ଋଣଦାତା ଭାବେ **ବ୍ୟାଙ୍କ ଅଫ୍ ବରୋଦା** ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରି କରାଗଲା ।

| ଆକାଉଣ୍ଟର ନାମ | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ଏନ୍‌ପିଏ ତାରିଖ / ନୋଟିସ୍ ଫେରସ୍ତ ହେବାର କାରଣ | ଋଣ ପରିମାଣ | ସୁଧ ହାର | ୩୧.୧୨.୨୦୧୮ସୁଦ୍ଧା ବକେୟା ପରିମାଣ (୩୧.୧୨.୨୦୧୮ ପର୍ଯ୍ୟନ୍ତ ସୁଧ ଅନ୍ତର୍ଭୁକ୍ତ) |
|---|---|---|---|---|---|
| ଶ୍ରୀ ମନୋଜ କୁମାର ଜେନା | **ଋଣଗ୍ରହୀତା: ଶ୍ରୀ ମନୋଜ କୁମାର ଜେନା,** ପିତା: ଶ୍ରୀ ସୋମନାଥ ଜେନା, ସୁରଜ ବିହାର, ୪ର୍ଥ ଲାଇନ୍, ଲୋଚାପଡା ବ୍ୟାଙ୍କ କଲୋନୀ ନିକଟ (୭ମ ଲାଇନ୍), ଗେଟ ବଜାର, ବ୍ରହ୍ମପୁର-୭୬୦୦୦୧, ଜିଲ୍ଲା: ଗଞ୍ଜାମ, ଓଡ଼ିଶା/ **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀମତୀ ମାଧବୀ ଲତା ପାତ୍ର,** ସ୍ୱାମୀ: ଶ୍ରୀ ଭାସ୍କର ଚନ୍ଦ୍ର ପାତ୍ର, **୨) ଶ୍ରୀମତୀ ବିଜୟିନୀ ପାତ୍ର,** ସ୍ୱାମୀ: ଶ୍ରୀ ମନୋଜ କୁମାର ଜେନା, ଉଭୟଙ୍କ ଠିକଣା- ସା.: ସୁରଜ ବିହାର, ୪ର୍ଥ ଲାଇନ୍, ଲୋଚାପଡା ବ୍ୟାଙ୍କ କଲୋନୀ ନିକଟ (୭ମ ଲାଇନ୍), ଗେଟ ବଜାର, ବ୍ରହ୍ମପୁର-୭୬୦୦୦୧, ଜିଲ୍ଲା: ଗଞ୍ଜାମ, ଓଡ଼ିଶା / **ଆକାଉଣ୍ଟ ନଂ.: ୨୫୦୩୦୪୦୦୦୦୪୮୭୪ (ଓଡିବିଟିଏଲ୍)** | **୨୬.୧୨.୨୦୧୮** / ଅନୁପସ୍ଥିତ / ଜଣା ନାହିଁ | ଟ.୧୫,୦୦,୦୦୦/- | MCLR+ SP(୦.୨୫) + ୨.୫୦ (Spread) | **ଟ.୧୩,୨୯,୩୬୧/-** ଯୁକ୍ତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |
| **ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ : ଶ୍ରୀମତୀ ମାଧବୀ ଲତା ପାତ୍ରଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଖାତା ନଂ.: ୨୩୦/୨୫୨୨, ପ୍ଲଟ୍ ନଂ.: ୨୮୨/୫୦୦୪, କ୍ଷେତ୍ର: ଏକର୦.୦୪୫ଡିସିମିଲି, ମୌଜା: ରାଜେନ୍ଦ୍ରପୁର, ତହସିଲ: ବ୍ରହ୍ମପୁର, ଏସ୍‌ଆରଓ: ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ରାଜ୍ୟ: ଓଡ଼ିଶା | | | | | |
| ୧) ମେସର୍ସ ଅକ୍ଷୀତା ହୋମିଓ ଆଣ୍ଡ୍ ହର୍ବାଲ୍ସ ୨) ଶ୍ରୀମତୀ କ୍ରିଷ୍ଣା ଦାସ | **ଋଣଗ୍ରହୀତାମାନେ: ୧) ମେସର୍ସ ଅକ୍ଷୀତା ହୋମିଓ ଆଣ୍ଡ୍ ହର୍ବାଲ୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ କ୍ରିଷ୍ଣା ଦାସ,** ବିଡିଏ ମାର୍କେଟ କମ୍ପ୍ଲେକ୍ସ, ରୁମ୍ ନଂ.: ୨୮, ନୂଆ ବସଷ୍ଟାଣ୍ଡ, ବ୍ରହ୍ମପୁର-୭୬୦୦୦୧, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, **୨) ଶ୍ରୀମତୀ କ୍ରିଷ୍ଣା ଦାସ,** ସ୍ୱାମୀ: ଶ୍ରୀ ଅଶୋକ କୁମାର ଦାସ, ସ୍କେକ୍ସମ୍ ଏକଜୋଟିକା, ଫ୍ଲାଟ୍ ନଂ.: ୪୦୫, ହୋଣ୍ଡା ସୋରୁମ୍ ପଛପାର୍ଶ୍ୱ (ଟାଟା ବେଞ୍ଜ୍ ସ୍କୋୟାର), ନଟବର ନଗର, ବ୍ରହ୍ମପୁର-୭୬୦୦୦୧, ଜିଲ୍ଲା: ଗଞ୍ଜାମ, ଓଡ଼ିଶା/ **ଗ୍ୟାରେଣ୍ଟିଦାତା: ଶ୍ରୀ ଅଶୋକ କୁମାର ଦାସ,** ପିତା: ଶ୍ରୀ ମଦନମୋହନ ଦାସ, ସ୍କେକ୍ସମ୍ ଏକଜୋଟିକା, ଫ୍ଲାଟ୍ ନଂ.: ୪୦୫, ହୋଣ୍ଡା ସୋରୁମ୍ ପଛପାର୍ଶ୍ୱ (ଟାଟା ବେଞ୍ଜ୍ ସ୍କୋୟାର), ନଟବର ନଗର, ବ୍ରହ୍ମପୁର-୭୬୦୦୦୧, ଜିଲ୍ଲା: ଗଞ୍ଜାମ, ଓଡ଼ିଶା / **ଆକାଉଣ୍ଟ ନଂ.: ୨୫୦୩୦୫୦୦୦୦୪୮୨୪ (ସିସି)** | ୩୧.୧୨.୨୦୧୮ / ଗ୍ରହଣ କରିବାକୁ ନାହିଁ କଲେ | ଟ.୧୮,୦୦,୦୦୦/- | MCLR+ SP(୦.୨୫) + ୧.୭୫ (Spread) | **ଟ.୧୮,୪୮,୩୧୪/-** ଯୁକ୍ତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |
| **ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ : ଶ୍ରୀମତୀ କ୍ରିଷ୍ଣା ଦାସଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଖାତା ନଂ.: ୧୭୪୨, ପ୍ଲଟ୍ ନଂ.: ୯୫୯, ୯୮୦, ୯୮୧, ସପ୍ ନଂ.: ୨୮, ମୌଜା: ଗୋଇଲୁଣ୍ଡି, ତହସିଲ: ବ୍ରହ୍ମପୁର, ଏସ୍‌ଆର୍‌ଓ: ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ରାଜ୍ୟ: ଓଡ଼ିଶା | | | | | |

ଆମ ଶାଖାରୁ ଚୁକ୍ତିନାମା ହାରରେ ପରବର୍ତ୍ତୀ ସୁଧ ସହିତ ଦର୍ଶିତ ଋଣ ରାଶି ପରିଶୋଧ କରିବାରେ ଆପଣ ବିଫଳ ହୋଇଛନ୍ତି । ଉପରେ ଦର୍ଶାଯାଇଥିବା ସାରଣୀରେ ଉଲ୍ଲେଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ୍ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରିକରାଯାଇଥିଲା । ରେଜିଷ୍ଟ୍ରି ଡ଼ାକ ଯୋଗେ ଡିମାଣ୍ଡ ନୋଟିସ ଆପଣଙ୍କ ନିକଟକୁ ପଠାଯାଇଥିଲେ ମଧ୍ୟ ତାହା ଉପରୋକ୍ତ କାରଣ ଦର୍ଶାଯାଇ ଫେରସ୍ତ ଆସିଛି। ଆପଣ ବକେୟା ଦେୟ ପ୍ରଦାନ କରିବାରେ ବିଫଳ ହୋଇଛନ୍ତି । ଏଣୁ ଏହି ନୋଟିସ୍‌ର **୬୦ଦିନ** ମଧ୍ୟରେ ସୁଧ ସହିତ ସମସ୍ତ ଦେୟ ପରିଶୋଧ ପାଇଁ ଆପଣମାନଙ୍କୁ କୁହାଯାଉଛି । ଏଥିରେ ଖିଲାପ କଲେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନୁଯାୟୀ ବ୍ୟାଙ୍କ ସମସ୍ତ ସୁରକ୍ଷିତ ସଂପତ୍ତି ଉପରେ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଅନୁଯାୟୀ ଅଧିକାର ସାବ୍ୟସ୍ତ କରିବାକୁ ବାଧ୍ୟ ହେବ । ଏତଦ୍‌ଦ୍ୱାରା ଆପଣଙ୍କୁ ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଆପଣ କଥିତ ଆକ୍ଟର ଉପଧାରା ୧୩ ଅନୁସାରେ ଉପର ଦର୍ଶିତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ ବ୍ୟାଙ୍କର ଲିଖିତ ସହମତି ବିନା ବିକ୍ରୟ, ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । ଏହି ନୋଟିସ୍ ଆଇନତଃ ନିରପେକ୍ଷ ତଥା ବ୍ୟାଙ୍କ ଦ୍ୱାରା ଆରମ୍ଭ ହେବାକୁ ଥିବା ଆଇନ୍‌ଗତ ପଦକ୍ଷେପ ସମୂହକୁ ପ୍ରତିହତ କରିବ ନାହିଁ ।

**ସ୍ଥାନ : ବ୍ରଜନଗର**
**ତାରିଖ : ୦୪.୦୨.୨୦୧୯**
**ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ**
**ବ୍ୟାଙ୍କ ଅଫ୍ ବରୋଦା**

## ସଂକ୍ଷେପରେ

### ଡେଙ୍ଗୁରେ ଯୁବକଙ୍କ ମୃତ୍ୟୁ

କାଲିମେଳା,୪।୨(ଡି.ଏନ.ଏ.): ମାଲକାନଗିରି ଜିଲା କାଲିମେଳା ବ୍ଲକ ସଦର ତୁମ୍ବୁଗୁଡା କଲୋନୀରେ ଡେଙ୍ଗୁ ଜ୍ୱରରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ତାଙ୍କ ନାମ ସଞ୍ଜିତ ଭକ୍ତ। ଡେଙ୍ଗୁ ଜ୍ୱରରେ ଆକ୍ରାନ୍ତ ହେବା ପରେ ସେ ଆନ୍ଧ୍ର ଭଦ୍ରାଚଳମ୍‌ର ଏକ ମେଡିକାଲରେ ଚିକିତ୍ସାଧୀନ ଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। କାଲିମେଳା ତୁମ୍ବୁଗୁଡା ସାହିରେ ରହୁଥିବା ସଞ୍ଜିତଙ୍କୁ ଗତ ଏକ ସପ୍ତାହ ତଳେ ଜ୍ୱର ହୋଇଥିଲା। ପରିବାର ଲୋକେ ସଞ୍ଜିତଙ୍କୁ ଗତ ୩୦ରେ ଅଧିକ ଚିକିତ୍ସା ପାଇଁ ଭଦ୍ରାଚଳମ୍‌ର ଏକ ମେଡିକାଲକୁ ନେଇଥିଲେ । ଉକ୍ତ ମେଡିକାଲରେ ବିଭିନ୍ନ ପରୀକ୍ଷା କରିବା ପରେ ସଞ୍ଜିତଙ୍କୁ ଡେଙ୍ଗୁ ହୋଇଥିବା ଜଣାପଡିଥିଲା । ରବିବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା।

■ ପାରାଦୀପ-ହରିଦାସପୁର ରେଳପଥ ନିର୍ମାଣରେ ପରିବେଶ ଆଇନ ଉଲ୍ଲଂଘନ

# ହାଇଲେଭଲ କମିଟି କରିବ ଆକଳନ: ଏନ୍‌ଜିଟି

କଟକ ଅଫିସ, ୪।୨

ପାରାଦୀପ-ହରିଦାସପୁର ରେଳପଥ ନିର୍ମାଣରେ ପରିବେଶ ଆଇନର ଉଲ୍ଲଂଘନ କରାଯାଇଛି। ଏହାକୁ ବିରୋଧ କରି ଜାତୀୟ ସବୁଜ ପ୍ରାଧିକରଣ (ଏନ୍‌ଜିଟି)ରେ ମାମଲା ରୁଜୁ ହୋଇଛି। ସୋମବାର ମାମଲାର ଶୁଣାଣି କରି ଏନ୍‌ଜିଟି ଏକ ହାଇଲେଭଲ କମିଟି ଗଠନ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ କମିଟି ନିର୍ମାଣ କାର୍ଯ୍ୟରେ କ'ଣ ସବୁ ଆଇନର ଉଲ୍ଲଂଘନ ହୋଇଛି ତା'ର ଆକଳନ କରିବା ସହିତ ପରିବେଶ ଉପରେ ଏହାର କ'ଣ ପ୍ରଭାବ ରହିଛି ସେ ସମ୍ପର୍କିତ ତଥ୍ୟ ଦାଖଲ କରିବ। କମିଟିରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବୈଜ୍ଞାନିକ, ରାଜ୍ୟ ପ୍ରଦୂଷଣ ପ୍ରଭାବ ଆକଳନ କର୍ତ୍ତୃପକ୍ଷ(ଏସ୍‌ଇଆଇଏଏ)ଙ୍କ ସଦସ୍ୟ ସଚିବ ଓ କେନ୍ଦ୍ରାପଡ଼ା ଜିଲାପାଳ ପ୍ରମୁଖ ସଦସ୍ୟ ରହିବେ। ଆସନ୍ତା ଏପ୍ରିଲ ୨୨ରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ। କମିଟିର ରିପୋର୍ଟ ଆଧାରରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏନ୍‌ଜିଟିଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ରେଳପଥ ନିର୍ମାଣରେ ପରିବେଶ ଆଇନର ଉଲ୍ଲଂଘନ ହୋଇଥିବା ନେଇ ଆବେଦନକାରୀ ସଚ୍ଚିଭୂଷଣ ପଟ୍ଟନାୟକ, ଅଶେଷ କୁମାର ଖଟୁଆ, ଆଳୟ ସାମନ୍ତରାୟ ଓ ପ୍ରତାପ ଚନ୍ଦ୍ର ମହାନ୍ତି ପ୍ରମୁଖ ଏନ୍‌ଜିଟିଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀମାନେ ପିଟିଶନରେ ଦର୍ଶାଇଥିଲେ ଯେ, ପ୍ରାୟ ୫୦ ଲକ୍ଷ ଘନଫୁଟ ପରିମାଣର ମାଟି ରେଳପଥ ନିର୍ମାଣ କାର୍ଯ୍ୟରେ ବିନିଯୋଗ ହୋଇଛି। ସୂଚନା ଅଧିକାର ଆଇନ ବଳରେ ଆବେଦନକାରୀମାନେ ଜାଣିବାକୁ ପାଇଥିଲେ ଯେ, କେନ୍ଦ୍ରାପଡ଼ା ଜିଲା ଅଧୀନରେ ଥିବା ଡେରାବିଶ, ମାର୍ଶାଘାଇ, କେନ୍ଦ୍ରାପଡ଼ା ଓ ମହାକାଳପଡ଼ା ଆଦି ତହସିଲରୁ ମାଟି ଉଠାଣ ପାଇଁ କୌଣସି ଅନୁମତି ନିଆଯାଇ ନାହିଁ। ପାରାଦୀପଠାରୁ ହରିଦାସପୁର ପର୍ଯ୍ୟନ୍ତ ପ୍ରାୟ ୮୨ କିଲୋମିଟର ଲମ୍ବ ରେଳପଥ ମଧ୍ୟରୁ ୪୨ କିଲୋମିଟର ଅଞ୍ଚଳ କେନ୍ଦ୍ରାପଡ଼ା ଜିଲାରେ ଯାଉଛି। ପରିବେଶ ପ୍ରଭାବ ଆକଳନ ଆଇନ ବିଜ୍ଞପ୍ତି ୨୦୦୬ ଅନୁସାରେ ମାଟି ବା ଲଘୁ ଖଣିଜ ପଦାର୍ଥ ଖନନ ନିମନ୍ତେ ପରିବେଶ ମଞ୍ଜୁରୀ ଏବଂ ମାଇନିଂ ପ୍ଲାନ ଅନୁମୋଦନ ଆବଶ୍ୟକ। ମାତ୍ର ଏ କ୍ଷେତ୍ରରେ ଏହିସବୁ ଆଇନକୁ ଅନୁସରଣ କରାଯାଇ ନାହିଁ। ଏତଦ୍‌ଭିନ୍ନ ଉକ୍ତ ମାଟି ଉଠାଣ ଦ୍ୱାରା ବିଭିନ୍ନ ସ୍ଥାନରେ ଉତ୍ପାଦନକ୍ଷମ ମୃତ୍ତିକା ନଷ୍ଟ ହୋଇଥିବା ଦର୍ଶାଯାଇଛି। ସେହିପରି ଗଛ ମୂଳରୁ ମୃତ୍ତିକା ଖନନ ଦ୍ୱାରା ଗଛ ପ୍ରତି ବିପଦ ଦେଖାଦେଇଛି। ଆବେଦନକାରୀଙ୍କ ପକ୍ଷରୁ ଆଡଭୋକେଟ ଶଙ୍କର ପ୍ରସାଦ ପାଣି ମାମଲା ପରିଚାଳନା କରୁଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗଡ଼ିଆ ଘାଟର ବାଟର ଛାଇ**
**ଯେତେ କୂଟ କରେ ଆପଣା ଭାଇ ।**

ଭାଇ ସହ ଭାଇର ରକ୍ତର ସମ୍ପର୍କ ରହିଥାଏ। ଭାଇ ହିଁ ସବୁଠାରୁ ବଳି ପ୍ରିୟ ଓ ଅନ୍ତରଙ୍ଗ ହୋଇଥାଏ। ଏପରିସ୍ଥଳେ ଭାଇ ସହ କୂଟକପଟ ବା କଳିଗୋଳ କରିବା ଆଦୌ ଉଚିତ ହୋଇ ନ ଥାଏ। ତେବେ ଆଜିକାଲି ଅନେକ ସ୍ୱାର୍ଥପର ବ୍ୟକ୍ତି ଲୋଭ ବଶତଃ ନିଜ ସମ୍ପତ୍ତିବାଡ଼ି ତଥା ଭାଗବଣ୍ଟା ନେଇ ଭାଇ ସହ ଗଣ୍ଡଗୋଳ କରୁଥିବା ଦେଖିବାକୁ ମିଳୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଗୁଣ ଚିହ୍ନେ ଗୁଣିଆ**
**ସୁନା ଚିହ୍ନେ ବଣିଆ ।**

ଗୁଣୀ ବ୍ୟକ୍ତି ଗୁଣର ମହତ୍ତ୍ୱକୁ ଠିକ୍ ଚିହ୍ନିଥାନ୍ତି। ଯାହା ପାଖରେ ଗୁଣ ଥାଏ ସେହିବ୍ୟକ୍ତି ଶ୍ରେଷ୍ଠ ବୋଲାଇଥାନ୍ତି। ଆଦର ସମ୍ମାନ ପାଇବା ସହ ପ୍ରଶଂସା ସାଉଁଟିଥାନ୍ତି। ସେହିପରି ସୁନା ଗହଣା କାରବାର କରୁଥିବା ବଣିଆ ସୁନାରେ କେତେ ପରିମାଣର ଖାଦ ମିଶିଛି କି ନାହିଁ ବା ସୁନା ଅସଲି ନା ନକଲି ତାହା ନିର୍ଭୁଲଭାବେ ଜାଣି ପାରିଥାନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

■ ଗସ୍ତ ସାରି ଫେରିଗଲେ ଅମିତ୍ ଶାହ

# ରାତିରେ କାର୍ଯ୍ୟକର୍ତ୍ତାଙ୍କ କାନରେ ଫୁଙ୍କିଲେ ବିଜୟ ମନ୍ତ୍ର

**ଫେବୃୟାରୀ ୧୫ରେ ପୁଣି ଓଡ଼ିଶା ଆସିପାରନ୍ତି**

ପୁରୀ ଅଫିସ,୪।୨: ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ପୁରୀ ଗସ୍ତ ଶେଷ କରି ଫେରିଯାଇଛନ୍ତି। ସୋମବାର ପୂର୍ବାହ୍ନରେ ତାଳବଣିଆ ହେଲିପ୍ୟାଡ୍‌ରେ ତାଙ୍କୁ ଦଳର ବରିଷ୍ଠ ନେତା ପ୍ରତାପ ଷଡ଼ଙ୍ଗୀ, ସୁରେଶ ପୂଜାରୀ ପ୍ରମୁଖ ବିଦାୟ ଜଣାଇଥିଲେ। ଯିବା ପୂର୍ବରୁ ରବିବାର ରାତିରେ ସେ ଦଳର କାର୍ଯ୍ୟକର୍ତ୍ତାଙ୍କ କାନରେ ଫୁଙ୍କିଛନ୍ତି ବିଜୟର ମନ୍ତ୍ର। ଅନ୍ୟପକ୍ଷରେ ଶାହ ପୁଣି ଚଳିତ ମାସ ଦ୍ୱିତୀୟ ସପ୍ତାହରେ ଓଡ଼ିଶା ଆସିବାର କାର୍ଯ୍ୟକ୍ରମ ରହିଛି। ଫେବୃୟାରୀ ୧୫ରେ ପଶ୍ଚିମ ଓଡ଼ିଶାରେ ଅନୁଷ୍ଠିତ ହେବାକୁ ଥିବା ଦଳୀୟ ସମାବେଶରେ ସେ ଯୋଗଦେଇପାରନ୍ତି ବୋଲି ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା ସୂଚନା ଦେଇଛନ୍ତି। ଆସନ୍ତା ଦିନେ ଦୁଇଦିନ ମଧ୍ୟରେ ଶାହଙ୍କ ଗସ୍ତ ସମ୍ପର୍କିତ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଯିବ ବୋଲି ପଣ୍ଡା କହିଛନ୍ତି।

ରବିବାର ପୁରୀରେ ଅନୁଷ୍ଠିତ ଆଦିବାସୀ ଅଧିକାର ରାଲିରେ ଯୋଗଦେଇଥିଲେ ଶାହ। ସଭା ପରେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ମନ୍ଦିରରୁ ଫେରି ହୋଟେଲ ମେ ଫେୟାରରେ ରାତ୍ରିଯାପନ କରିଥିଲେ। ୨୦୧୯ ନିର୍ବାଚନରେ ଓଡ଼ିଶାରେ ଭାଜପା କ୍ଷମତାକୁ ଆସିବା ଦରକାର। ଏଥିପାଇଁ ଆମକୁ ଜନସାଧାରଣଙ୍କ ପାଖରେ ପହଞ୍ଚିବାକୁ ହେବ। ଆଗଧାଡ଼ିର ନେତୃବୃନ୍ଦଙ୍କଠାରୁ ତୃଣମୂଳସ୍ତରର କର୍ମୀ ସମସ୍ତେ ଏବେଠାରୁ ଏକ ଲକ୍ଷ୍ୟରେ ଆଗେଇବା ଦରକାର। କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାକୁ ପଡିବ। ଏଥିସହ ବିଜେଡି ସରକାର କିପରି ୧୯ ବର୍ଷ କ୍ଷମତାରେ ରହି ରାଜ୍ୟବାସୀଙ୍କୁ ଭକୁଆ ବନାଉଛି ତାହା ମଧ୍ୟ ଜଣାଇବା ଲାଗି ଶାହ କାର୍ଯ୍ୟକର୍ତ୍ତାଙ୍କୁ ମନ୍ତ୍ରଣା ଦେଇଥିଲେ। ଏଥିରେ ରାଜ୍ୟ କର୍ମକର୍ତ୍ତା, ପ୍ରତ୍ୟେକ ଜିଲା ଏବଂ ନିର୍ବାଚନମଣ୍ଡଳୀର ପ୍ରଭାରୀ ଏବଂ ଅନ୍ୟାନ୍ୟ କର୍ମକର୍ତ୍ତା ଯୋଗଦେଇଥିଲେ।

# ଗରିବଙ୍କ କଲ୍ୟାଣ ହେଉଛି ଓଏନ୍‌ଜିସିର ଦାୟିତ୍ୱ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୪।୨(ବ୍ୟୁରୋ)

ଦେଶର ୪କୋଟି ଘରେ ବିଦ୍ୟୁତ୍ ପହଞ୍ଚାଯାଇଛି। ଦେଶର ୪୦୦ଜିଲାରେ ପାଇପ ଯୋଗେ ପ୍ରାକୃତିକ ଗ୍ୟାସ ପହଞ୍ଚାଯିବାର ବ୍ୟବସ୍ଥା କରାଯାଇଛି। ଆଗାମୀ ୫ରୁ ୭ବର୍ଷ ମଧ୍ୟରେ ଏହି ଲକ୍ଷ୍ୟ ପୂରଣ ହେବ । ଆମେ ଶକ୍ତି ଦିଗରେ ଏକ ବଡ଼ ନେଟ୍‌ୱର୍କ ଛିଡା କରିପାରିଛୁ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ନୂଆଦିଲ୍ଲୀଠାରେ ସୋମବାର ଆୟୋଜିତ ଓଏନ୍‌ଜିସିର ପ୍ରଥମ ସିଡବ୍ଲ୍ୟୁସି ବୈଠକ ୨୦୧୮-୨୦ର ଉଦ୍‌ଘାଟନ ସମାରୋହରେ ଯୋଗଦେଇ ଧର୍ମେନ୍ଦ୍ର କହିଛନ୍ତି ଯେ, ବର୍ତ୍ତମାନ ଭାରତ ଶକ୍ତି ସଂରକ୍ଷଣରେ ବିଶ୍ୱର ୩ନମ୍ବର ସ୍ଥାନରେ ରହିଛି। ଆଗାମୀ ଦିନରେ ମୁଣ୍ଡ ପିଛା ଶକ୍ତି ସଂରକ୍ଷଣ ବୃଦ୍ଧି ପାଇବ । କଳ୍ପନା ନ ଥିବା ଘରେ ଆଜି ଏଲପିଜି ପହଞ୍ଚିପାରିଛି । ସ୍ୱାଧୀନତାର ଦୀର୍ଘ ୭୦ବର୍ଷ ପରେ ୧୩କୋଟି ଘରେ ଏଲ୍‌ପିଜି ପହଞ୍ଚିଥିବାବେଳେ ମାତ୍ର ସାଢେ ଚାରିବର୍ଷରେ ତାହା ବୃଦ୍ଧି ପାଇ ୨୫କୋଟିରେ ପହଞ୍ଚିଛି । ପେଟ୍ରୋଲ ଏବଂ ଡିଜେଲର ଅଭିବୃଦ୍ଧି ୬ରୁ ୭ପ୍ରତିଶତରୁ ନିମ୍ନସ୍ତରକୁ ଯାଉନାହିଁ ବୋଲି ସେ କହିଛନ୍ତି। ବଜେଟରେ ଅର୍ଥମନ୍ତ୍ରୀ କହିଲେ ୨୦୦୯ରୁ ୨୦୧୪ ମଧ୍ୟରେ ଯେତିକି ଯାତ୍ରୀ ବିମାନ ଦ୍ୱାରା ଯାତ୍ରା କରିଛନ୍ତି, ଏହାକୁ ତୁଳନା କରାଗଲେ ୨୦୧୪-୨୦୧୯ ମଧ୍ୟରେ ଦୁଇଗୁଣା ଲୋକ ବିମାନ ଯାତ୍ରା କରିଛନ୍ତି। ଏହାର ଅର୍ଥ ହେଉଛି ବିମାନ କ୍ଷେତ୍ରରେ ଇନ୍ଧନର ବ୍ୟବହାର ବଢିବାରେ ଲାଗିଛି। ପିଆରପି(ପର୍ଫମାନ୍‌ସ ରିଲେଟେଡ୍ ପେ) କେବଳ କାଗଜରେ ନୁହଁ ବ୍ୟକ୍ତିଗତ ସ୍ତରରେ ମଧ୍ୟ ହେବା ଦରକାର । ଦେଶରେ ନିବେଶ ବଢିଲେ ରୋଜଗାର ବଢିବ, ଯୁବକମାନେ ଚାକିରି ପାଇବେ,ଦେଶର ଅର୍ଥନୀତିରେ ସୁଧାର ଆସିବ। ବିଦେଶରୁ ଆମଦାନୀ କମ ହେବ ଏବଂ ଦେଶର ଅର୍ଥନୀତି ମଜଭୁତ ହେବ। ଏବେ ଯୁଗ ବଦଳି ଟେକ୍ନୋଲୋଜିର ସମୟ ଆସିଛି । ଉପସ୍ଥିତ ଅଧିକାରୀମାନଙ୍କୁ ଆହ୍ୱାନ କରି ଧର୍ମେନ୍ଦ୍ର କହିଛନ୍ତି ଯେ, ଆଗାମୀ ୨୫-୩୦ବର୍ଷ ପର୍ଯ୍ୟନ୍ତ ଏହି ଟିମ୍ କାମ କରିବା ଉଚିତ । ଆମେ ଦେଶରେ ରହିଥିବା ସମ୍ବଳକୁ ଉପଯୋଗ କରି ତାର ସୁବିନିଯୋଗ କରିବା କଥା। ଅର୍ଥନୈତିକ ବ୍ୟବସ୍ଥାକୁ ବୃଦ୍ଧି କରିବା ସହ ସାମାଜିକ ବ୍ୟବସ୍ଥାକୁ ସଜାଡିବାର ଦାୟିତ୍ୱ ଦାୟିତ୍ୱ ଆପଣଙ୍କ ହାତରେ ଅଛି । ଆମେରିକା ଯଦି ନୂଆ କୌଶଳ ମାଧ୍ୟମରେ ସବୁକିଛି କରିପାରୁଛି ତେବେ ଆମେ ନିଜର ଆବଶ୍ୟକତାକୁ ପୂରଣ କରିବା ଦରକାର। ବିଶ୍ୱର ଗରିବଙ୍କ କଲ୍ୟାଣ ହେଉଛି ଓଏନଜିସିର ଦାୟିତ୍ୱ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ପୂର୍ବତନ ମନ୍ତ୍ରୀ ହରିହର କରଣଙ୍କ ପରଲୋକ

ଭୁବନେଶ୍ୱର,(ବ୍ୟୁରୋ)/ନୟାଗଡ଼ ଅଫିସ/ଗଣିଆ(ଡି.ଏନ୍.ଏ.), ୪।୨



ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ହରିହର କରଣଙ୍କ ସୋମବାର ଭୋର ୫ଟା ସମୟରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୨ବର୍ଷ ହୋଇଥିଲା। ତାଙ୍କ ମୃତ୍ୟୁରେ ନୟାଗଡ଼ ଜିଲା ବିଶେଷ କରି ଜନ୍ମମାଟି ଗଣିଆ ବ୍ଲକ କରଡ଼ାପଡ଼ା ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ହରିହର ଦଶପଲ୍ଲା ନିର୍ବାଚନମଣ୍ଡଳୀରୁ ୬ଥର ବିଧାୟକ ଭାବେ ନିର୍ବାଚିତ ହୋଇ ବହୁ ଜନହିତକର କାର୍ଯ୍ୟ କରି ଲୋକପ୍ରିୟ ହୋଇପାରିଥିଲେ। ୧୯୪୭ ମେ' ୫ ତାରିଖରେ କରଡାପଡା ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ । ଛାତ୍ରଜୀବନରୁ ସେ ରାଜନୀତିରେ ପାଦ ଥାପିଥିଲେ । ସେ ୬ ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୧୯୭୪ ରେ ସେ ପ୍ରଥମଥର ପାଇଁ ଦଶପଲ୍ଲା ବିଧାନସଭା ଆସନରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଘୋଡା ଚିହ୍ନରେ ବିଜୟୀ ହୋଇଥିଲେ । ସେ ସମୟରେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସ୍ୱତନ୍ତ୍ର ପାର୍ଟିର ପଦ୍ମଚରଣ ମିଶ୍ରଙ୍କୁ ମାତ୍ର ୭୩ ଖଣ୍ଡ ଭୋଟରେ ହରାଇଥିଲେ। ୧୯୮୦ରେ ସେ କଂଗ୍ରେସ ଦଳ ଟିକେଟରୁ ପୁଣିଥରେ ବିଧାୟକ ଭାବେ ନିର୍ବାଚିତ ହେବା ପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କ୍ୟାବିନେଟ ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ । ପରେ ସେ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଦାୟିତ୍ୱ ତୁଲାଇ ଥିଲେ । ୨୦୧୩ରେ ତାଙ୍କୁ ପ୍ରଦେଶ କଂଗ୍ରେସର ଶୃଙ୍ଖଳା କମିଟି ଦାୟିତ୍ୱ ଦିଆଯାଇଥିଲା। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କ୍ୟାବିନେଟ ମନ୍ତ୍ରୀ ଥିବା ବେଳେ ଦଶପଲ୍ଲା ନିର୍ବାଚନମଣ୍ଡଳୀର ବହୁ ସ୍ଥାନରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ମାଳବନ୍ଧ ନିର୍ମାଣ କରିବାରେ ତାଙ୍କର ଅବଦାନ ଅତୁଳନୀୟ। କରଣଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା, କନ୍ଧମାଳ ଏମପି ପ୍ରତ୍ୟୁଷା ରାଜେଶ୍ୱରୀ ଦେବୀ, ବିଧାୟକ ଅରୁଣ ସାହୁ, ଅନୁଭବ ପଟ୍ଟନାୟକ, ବିରୋଧୀ ଦଳ ନେତା ନରସିଂହ ମିଶ୍ର, ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ, ବରିଷ୍ଠ କଂଗ୍ରେସ ନେତା ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ପ୍ରମୁଖ କରଣଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିବା ସହ ଶୋକ ସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଛନ୍ତି। ତାଙ୍କ ମୃତ୍ୟୁରେ ଜିଲା କଂଗ୍ରେସ ପକ୍ଷରୁ ମଧ୍ୟ ଶୋକପ୍ରକାଶ କରାଯାଇଛି।

# ଅନ୍‌ଲାଇନ୍‌ରେ ମିଳିବ ଡ୍ରାଇଭିଂ ଲାଇସେନ୍ସ

■ ପର୍ମାନେଣ୍ଟ ଲାଇସେନ୍ସ ପାଇଁ ଦେବାକୁ ପଡିବନି ଲର୍ନିଂ ଲାଇସେନ୍ସ

କଟକ ଅଫିସ, ୪।୨

ଲାଇସେନ୍ସ ପାଇଁ ଆଉ ବାରମ୍ବାର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ(ଆରଟିଓ)କୁ ଦୌଡ଼ିବାକୁ ପଡିବନି। ଏଣିକି ଅନଲାଇନ୍‌ରେ ମିଳିବ ଲର୍ନିଂ ଡ୍ରାଇଭିଂ ଲାଇସେନ୍ସ, ମାଲ ପରିବହନ ପରମିଟ୍, ଗାଡି ଫିଟନେସ୍ ସାର୍ଟିଫିକେଟ୍। ଉପଭୋକ୍ତାମାନେ ଏହି ସବୁ ଲାଇସେନ୍ସର ଅସଲି କପି ସଡକ ପରିବହନ, ଜାତୀୟ ରାଜପଥ ମନ୍ତ୍ରଣାଳୟ ୱେବ୍‌ସାଇଟ୍ WWW.parivahan.gov.inରୁ ଡାଉନଲୋଡ କରିପାରିବେ ବୋଲି ରାଜ୍ୟ ପରିବହନ କମିଶନର ସଞ୍ଜୀବ ପଣ୍ଡା କହିଛନ୍ତି। ଯେଉଁମାନେ ଅନଲାଇନ୍ ସମ୍ପର୍କରେ ଅଜ୍ଞ ସେମାନେ ଆରଟିଓକୁ ଆସି ଅନଲାଇନ୍‌ରେ ଆବେଦନ କରିବା ସହ ସାର୍ଟିଫିକେଟ୍ ଡାଉନଲୋଡ କରି ନେଇପାରିବେ। ଏଥିପାଇଁ ଆରଟିଓରେ ଥିବା ଆମର ଭଲ୍ୟୁଣ୍ଟିୟରମାନେ ସେମାନଙ୍କୁ ସହଯୋଗ କରିବେ। ଯେଉଁମାନେ ପର୍ମାନେଣ୍ଟ ଡ୍ରାଇଭିଂ ଲାଇସେନ୍ସ ପାଇଁ ଆବେଦନ କରିବାକୁ ଚାହୁଁଛନ୍ତି ସେମାନଙ୍କୁ ଆଉ ଲର୍ନିଂ ଡ୍ରାଇଭିଂ ଲାଇସେନ୍ସ ଦେବାକୁ ପଡିବନି। ଆରଟିଓ ଅଧିକାରୀମାନେ ୱେବ୍‌ସାଇଟ୍‌ରୁ ସେମାନଙ୍କ ଲର୍ନିଂ ଡ୍ରାଇଭିଂ ଲାଇସେନ୍ସ ସହ ପରିଚୟପତ୍ର ଦେଖି ଯାଞ୍ଚ କରିବେ ବୋଲି ପଣ୍ଡା କହିଛନ୍ତି।

ସୂଚନାଯୋଗ୍ୟ, ପ୍ରତିବର୍ଷ ପରିବହନ ବିଭାଗ ପକ୍ଷରୁ ୨ ଲକ୍ଷ ପର୍ମାନେଣ୍ଟ ଡ୍ରାଇଭିଂ ଲାଇସେନ୍ସ ଏବଂ ୫ ଲକ୍ଷ ଲର୍ନିଂ ଡ୍ରାଇଭିଂ ଲାଇସେନ୍ସ ଦିଆଯାଉଛି। ଆବେଦନକାରୀମାନେ ଉଭୟ ମୌଖିକ ଏବଂ ପ୍ରାକ୍ଟିକାଲ ଟେଷ୍ଟରେ ପାସ୍ ହେବା ପରେ ଆରଟିଓ ପକ୍ଷରୁ ସେମାନଙ୍କ ଲାଇସେନ୍ସ ଡାକ ଯୋଗେ ସେମାନଙ୍କ ଠିକଣାକୁ ପଠାଯାଉଥିଲା।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167, 9973805993

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free 18001238914
9319817746
9650353144
Add. : T-51, Gali No. 8, Gautampuri, Delhi

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୂରଣ କରନ୍ତୁ । ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 (Telangana)
7787907927
7787922501
9319932148
Email id- pmjansamridhi@gmail.com

BIKASA FINANCE
Bikasa Finance କମ୍ପାନୀଠାରୁ ସମସ୍ତ ପ୍ରକାର Loan କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପର୍ସନାଲ, Business, ଗୃହ, ଶିକ୍ଷା, କୃଷି, ଗାଈ ଓ ଛେଳି ଇତ୍ୟାଦି, 1% ସୁଧ 7 ଦିନ ମଧ୍ୟରେ।
M: 7381973695
8480304782
ବାବାଜୀପଡ଼ା, ପାଟଣାଗଡ଼, ବଲାଙ୍ଗୀର, ପିନ: ୭୬୭୦୨୫

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ସରକାରୀ ମୁଦ୍ରା ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫୦,00,000 ସନ୍ତୁଷ୍ଟ ଗ୍ରାହକ
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରୀକଲ୍ଚର
ସବୁ ପ୍ରକାର ଋଣ 24 ଘଣ୍ଟାରେ ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
8126568293
8126592819
SCO-106, Second Floor, Vishal Tower, Connaught Place, Delhi.

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Janata Finance
(Govt. Regd.) (Regd. No.- U6519TN19846)
କମ୍ପାନୀ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ମହିଳା ଗ୍ରୁପ୍ ଋଣ ପାଆନ୍ତୁ କମ୍ ସୁଧରେ। ଆପଣଙ୍କ ପାଇଁ ଆଣିଛୁ ସୁବର୍ଣ୍ଣ ସୁଯୋଗ 2% ସୁଧ, 45% ସରକାରୀ ସବ୍‌ସିଡି।
7497095128
7508116267
T-51, Gali No.8, Gautampuri, Delhi-110053

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।ଏଜେଣ୍ଟ ଆମନ୍ତ୍ରିତ
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଫାଇନାନ୍ସ ଧମାକା । ୪% ସୁଧରେ ସବୁପ୍ରକାର ବ୍ୟକ୍ତି, ସଂସ୍ଥା କିମ୍ବା ଅନୁଷ୍ଠାନମାନଙ୍କୁ ୬୦ ଲକ୍ଷ ପର୍ଯ୍ୟନ୍ତ ବିନା ଗ୍ୟାରେଣ୍ଟରରେ ୨୦ ବର୍ଷ ପାଇଁ ଋଣ ଯୋଗାଇ ଦିଆଯାଉଛି। ମହିଳା ମାନଙ୍କ ପାଇଁ ୩% ସୁଧ
Email- sixdocuments@gmail.com
B-19, Moti Bagh, New Delhi
7064382081
8658167603

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ଫାଇନାନ୍ସ ଧମାକା। ବାର୍ଷିକ ୬% ସୁଧରେ ଯେ କୌଣସି ବ୍ୟକ୍ତି, ଅନୁଷ୍ଠାନ ୫୦ ଲକ୍ଷ ପର୍ଯ୍ୟନ୍ତ ସର୍ବାଧିକ ୨୦ ବର୍ଷ ପାଇଁ ଋଣ ନେଇ ପାରିବେ। ମହିଳାମାନଙ୍କ ପାଇଁ ୪% ସୁଧ। ଡକ୍ୟୁମେଣ୍ଟ fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

T.F. FINANCE
(Govt. Registered)
ବିନା ଗ୍ୟାରେଣ୍ଟର, ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ, ଗୃହ ଋଣ, ସମସ୍ତ ଋଣ ୬ ଘଣ୍ଟାରେ, 0% ସୁଧ, 50% ରିହାତି।
09457625967
D-244, Tejendranagar, Zundal, Zundal-382421, Tal./Dist.- Gandhinagar

BALAJI FINANCE LTD.
(SINCE 1986) GOLD MEDALIST
ଅଧୀନରେ ମାର୍କଶିଟ୍, ପ୍ରପର୍ଟି, ବ୍ୟବସାୟ, ଶିକ୍ଷା, ଗୃହ ଋଣ ଆଦି ସବୁ ପ୍ରକାର ଋଣର ସୁବିଧା ନିଅନ୍ତୁ।
28 ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ଯୋଗାଯୋଗ କରନ୍ତୁ
9458728306
9458728290
LIG36, HARIPURA, Haripura Ward, ITARSI Tehsil, ITARSI, Distt.- Hoshangabad (M.P.)-461115

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ, ୭ ଘଣ୍ଟାରେ ଘରେବସି ଗ୍ୟାରେଣ୍ଟେଡ ସମାଧାନ
ଆମ ଇଲମ କିମ୍ବା ଆମଠୁ ଆଗରୁ କାମ କରିଲା ବାଲାକୁ ମନ ଚାହୁଁଥିବା ପୁରସ୍କାର
ମହାଗୁରୁ ବଙ୍ଗାଳୀ
ଯଦି କାହା ପତି, ପ୍ରେମୀ କିମ୍ବା ପୁତ୍ର କିମ୍ବା ପ୍ରେମିକା ଆଉ କାହା ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ କାରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ, ମୂଠକରଣୀ, ସଉତୁଣୀ ଶତ୍ରୁ ମୁକ୍ତି
ଚାକିରୀ, ବ୍ୟବସାୟ, ଅଡଚନ୍, ଗୃହକ୍ଲେଶ, ପତି-ପତ୍ନୀ ଅନବନ୍, ଶାଶୁ ବୋହୁଙ୍କ ଅନବନ ନିରାଶ ମା, ଭାଇ, ଭଉଣୀ ସଂମ୍ପର୍କ କରନ୍ତୁ
9997928820

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲ୍‌ଟାଇମ୍ ରୋଜଗାର କରନ୍ତୁ 15000ରୁ 25000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
9065013355, 9162431749
Bukaro malepur, jamui Bihar-811313

SHRI DURGA FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଶ୍ରୀ ଦୁର୍ଗା ଋଣ (ISO: 9001:1993) ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 75,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 50% ଛାଡ ।
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9068296909

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE — * GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |



ଯେଉଁ ଲୋକ ନିଜ ପରି ଅନ୍ୟମାନଙ୍କୁ ଦେଖେ ଏବଂ ଅନ୍ୟର ଅନିଷ୍ଟ ଚିନ୍ତା କରେ ନାହିଁ, ତା'ର କେବେ ହେଲେ ଅନିଷ୍ଟ ହୁଏ ନାହିଁ।
- ମହର୍ଷି ପରାଶର



## ସଂକ୍ଷେପରେ

### ବିଏସ୍ଏନ୍ଏଲ୍ ପେନସନ ଭୋଗୀଙ୍କ ସମ୍ପର୍କରେ ଆଲୋଚନା

**ସମ୍ବଲପୁର,୪।୨(ବ୍ୟୁରୋ)-** ସର୍ବଭାରତୀୟ ବିଏସଏନଏଲ ପେନସନ ଭୋଗୀ ମଙ୍ଗଳ ସମିତି ସମ୍ବଲପୁର ଶାଖାର ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଜିଲା ବିଏସଏନଏଲ ଅଫିସ ପରିସରରେ ଆନନ୍ଦଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଜିଲା ସମ୍ପାଦକ ଖଗୁ ଭୋଇ ସ୍ୱାଗତ ଭାଷଣ ଦେଇଥିଲେ । ପି.ଆର. ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ପେନସନ ଭୋଗୀଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ। ରାଜକିଶୋର ସାହୁ, ଗୋବିନ୍ଦ ଭୋଇ, ପ୍ରେମାନନ୍ଦ ଭୋଇ, ଯଦୁମଣି ପଟେଲ, ପ୍ରୀତିରଞ୍ଜନ ଦାଶ, ଭଗବତୀ ପ୍ରସାଦ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ୧ ଜାନୁୟାରୀ, ୨୦୧୭ରୁ ପ୍ରାପ୍ୟ ପେନସନ ସଂଶୋଧନ କରିବା, ମେଡିକାଲ ଭତ୍ତା ପ୍ରଭୃତି ଯଥାଶୀଘ୍ର ସମସ୍ତଙ୍କୁ ପ୍ରଦାନ କରିବା ସକାଶେ କେନ୍ଦ୍ର ସରକାରଙ୍କଠାରେ ବକ୍ତାମାନେ ଦାବି କରିଛନ୍ତି । ଶେଷରେ ଲକ୍ଷ୍ମଣ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

### ଘର ଆଗରୁ ଗାଡ଼ି ଚୋରି

**ବାଲିଶଙ୍କରା,୪।୨(ଡି.ଏନ୍.ଏ.):** ତଳସରା ଥାନା ଅନ୍ତର୍ଗତ ବାଲିଶଙ୍କରା ସରବାହାଲପଡ଼ାରୁ କୌଣସି ଦୁର୍ବୃତ୍ତ ଏକ ଗାଡ଼ି ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ସରବାହାଲପଡ଼ାର ସଞ୍ଜୟ କୁମାର ସାହୁ ତାଙ୍କ ଓଆର୍୧୫-ଜେ୫୨୨୯ନଂ ଗାଡ଼ିକୁ ସବୁଦିନ ପରି ନିଜ ଘର ପାର୍ଶ୍ୱରେ ରଖିଥିଲେ। ରବିବାର ବିଳମ୍ବିତ ରାତିରେ ଗାଡ଼ି ଚୋରି ହୋଇଯାଇଛି। ଏ ନେଇ ସଞ୍ଜୟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ସଙ୍ଗୀତରେ ମୁଖରିତ ହେଲା ନିଶିଗନ୍ଧା ପ୍ରେକ୍ଷାଳୟ

- ଅରୁନ୍ଧତୀ କଳା ସଂସଦର ବାର୍ଷିକୋତ୍ସବ
- ୪ଜଣ ଅରୁନ୍ଧତୀ ସମ୍ମାନରେ ସମ୍ମାନିତ

**ସମ୍ବଲପୁର, ୪।୨ (ବ୍ୟୁରୋ)**

ପଶ୍ଚିମ ଓଡିଶାର ଅଗ୍ରଣୀ ସଙ୍ଗୀତ, ସାହିତ୍ୟ ଓ ସାଂସ୍କୃତିକ ସଂଗଠନ ଅରୁନ୍ଧତୀ କଳା ସଂସଦର ଅଷ୍ଟମ ବାର୍ଷିକୋତ୍ସବ ବୁର୍ଲା ଏମ୍ସିଏଲ୍ ନିଶିଗନ୍ଧା ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି । ସଙ୍ଗୀତର ମୂର୍ଚ୍ଛନାରେ ମୁଖରିତ ହୋଇଥିଲା ପ୍ରେକ୍ଷାଳୟ । କଣ୍ଠଶିଳ୍ପୀ ସଙ୍ଗୀତା ପଣ୍ଡା ଗୀତଗୋବିନ୍ଦ ଗାନ କରିଥିଲେ । ସେହିପରି ସନ୍ତୁର ବାଦକ ଓସ୍ତାଦ ପିନାକ ଭଟ୍ଟାଚାର୍ଯ୍ୟଙ୍କ ସଙ୍ଗୀତରେ ମନ୍ତ୍ରମୁଗ୍ଧ ହୋଇଥିଲେ ଦର୍ଶକ। ଗାୟକ ଶ୍ରୀକର ପାଢ଼ୀଙ୍କ ଭଜନ ଓ ଗଜଲ ମନଛୁଆଁ ହୋଇଥିଲା । ସଂସଦ ସଭାପତି ଇଂ. ଦେବାଶିଷ ମଲ୍ଲିକଙ୍କ ପୌରୋହିତ୍ୟ ଓ ସାଧାରଣ ସମ୍ପାଦକ ଦେବାନନ୍ଦ ସାମଲଙ୍କ ସଂଯୋଜନାରେ ଉତ୍ସବ ଆୟୋଜିତ ହୋଇଥିଲା । ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବର ଉଦ୍‌ଘାଟନ କରିଥିଲେ । ଭିମସାର ଡିନ୍ ତଥା ଅଧ୍ୟକ୍ଷ ପ୍ରଫେସର ବ୍ରଜମୋହନ ମିଶ୍ର ସମ୍ମାନିତ ଅତିଥି ଓ ସାମାଜିକ କର୍ମୀ ହେମନ୍ତ କୁମାର ମହାପାତ୍ର ମୁଖ୍ୟବକ୍ତା, ଇଂ. ସୁଶାନ୍ତ କୁମାର ଗୁରୁ ସମ୍ମାନିତ ବକ୍ତାଭାବେ ଯୋଗ ଦେଇଥିଲେ । ଏହି ଅବସରରେ ପ୍ରଫେସର ପଣ୍ଡିତ ଉମେଶଚନ୍ଦ୍ର କରଙ୍କୁ ଅରୁନ୍ଧତୀ ବାଦ୍ୟ ବିଭାଶ ସମ୍ମାନ, ସମ୍ବଲପୁରୀ ଲୋକ ନୃତ୍ୟ ଗୁରୁ ଶଶାଙ୍କ ଶେଖର ଦୁବେ, ଓଡିଶୀ ସଙ୍ଗୀତ ଗାୟିକା ସଙ୍ଗୀତା ପଣ୍ଡା ଓ ମଞ୍ଚ ଅଭିନେତା ନଳିନୀ ନିହାର ନାୟକ ଏବଂ ଟିଟିଲାଗଡ କଳା ଶିକ୍ଷା ଓ ଗବେଷଣା ସଂସ୍ଥାନକୁ ଅରୁନ୍ଧତୀ ସମ୍ମାନ ପ୍ରଦାନ କରାଯାଇଥିଲା । ମୁଖ୍ୟ କାର୍ଯ୍ୟକ୍ରମ ନିଷ୍ପାଦକ ସମରେନ୍ଦ୍ର ନାୟକ ସ୍ୱାଗତ ଭାଷଣ ଓ ଉପସାଧାରଣ ସମ୍ପାଦକ ଭଗବାନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଡ. ପ୍ରେମଚାନ୍ଦ ମହାନ୍ତି, ଅଭୟ କୁମାର ମିଶ୍ର ଓ ଡ. ରଶ୍ମିରେଖା ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପ୍ରାରମ୍ଭରେ ସମ୍ବଲପୁର ସମ୍ ମ୍ୟୁଜିକ୍ ଅନୁଷ୍ଠାନର ସ୍ୱରାଜ ଦାଶ, ହର୍ଷିତା ପାତ୍ର, ପ୍ରିୟଦର୍ଶିନୀ ନାଥ, ହୃଦାନନ୍ଦ ଗର୍ଡିଆ ଥିମ୍ ସଙ୍ଗ୍ ଗାନ କରିଥିଲେ । ବାଦ୍ୟଯନ୍ତ୍ରରେ ଅଭିଷେକ ମିଶ୍ର ଓ ଲୋଟସ୍ ସହଯୋଗ କରିଥିଲେ ।



ବୁର୍ଲା ନିଶିଗନ୍ଧା ପ୍ରେକ୍ଷାଳୟରେ ସମ୍ବଲପୁର ସମ୍ କଳାକାରମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରୁଛନ୍ତି ।



ଲୋକନୃତ୍ୟ ଗୁରୁ ଶଶାଙ୍କଶେଖର ଦୁବେଙ୍କୁ ଅରୁନ୍ଧତୀ ସମ୍ମାନ ପ୍ରଦାନ କରାଯାଉଛି ।



ବୁର୍ଲା ନିଶିଗନ୍ଧା ପ୍ରେକ୍ଷାଳୟରେ ପିନାକ୍ ଭଟ୍ଟାଚାର୍ଯ୍ୟ ସନ୍ତୁର ବାଦନ କରୁଛନ୍ତି ।



ବୁର୍ଲା ନିଶିଗନ୍ଧା ପ୍ରେକ୍ଷାଳୟରେ ସଙ୍ଗୀତା ପଣ୍ଡା ଗୀତଗୋବିନ୍ଦ ଗାନ କରୁଛନ୍ତି ।





ସୋମବାର ଜେଲ ଛକଠାରେ ଜଣେ ବାଇକ ଆରୋହୀଙ୍କୁ ଅତିରିକ୍ତ ଏସପି ଅମରେନ୍ଦ୍ର ରଣା ଗୋଲାପ ଫୁଲ ଦେଇ ଶୁଭେଚ୍ଛା ଜଣାଉଛନ୍ତି (ବାମ)। ସୋମବାର ଜେଲ ଛକଠାରେ ଜିଲା ପୋଲିସ ଦ୍ୱାରା ଆୟୋଜିତ ସଡକ ସୁରକ୍ଷା ସଚେତନତା ପଥପ୍ରାନ୍ତ ନାଟକ ।

# ହେଲମେଟ ପାଇଁ ଗୋଲାପ ଧରାଇଲା ପୋଲିସ

**ସମ୍ବଲପୁର, ୪।୨ (ବ୍ୟୁରୋ)**

ସମ୍ବଲପୁର ଜିଲା ପୋଲିସ ପକ୍ଷରୁ ସୋମବାର ପୂର୍ବାହ୍ନ ସାଢ଼େ ୧୦ଟାରେ ସମ୍ବଲପୁର ଜେଲ ଛକଠାରେ ୩୦ତମ ଜାତୀୟ ସଡକ ସୁରକ୍ଷା ଦିବସ ଅନୁଷ୍ଠିତ ହୋଇଯାଇଛି । ଏସ୍‌ପି ସଞ୍ଜୀବ ଅରୋରା ମୁଖ୍ୟଅତିଥି ଭାବେ ଏଥିରେ ଯୋଗ ଦେଇ ସଡକ ସୁରକ୍ଷା ସପ୍ତାହ-୨୦୧୯ର ଶୁଭାରମ୍ଭ କରିଥିଲେ । ଜିଲାରେ ବିଭିନ୍ନ ସମୟରେ ଘଟିଥିବା ଦୁର୍ଘଟଣାରେ ସାହାଯ୍ୟ କରିଥିବା ଶାସନର ଉପେନ୍ଦ୍ର ପ୍ରଧାନ, ଅଇଁଠାପାଲିର ସୁରଥ ପାତ୍ର ଓ ହରିଶ୍ଚନ୍ଦ୍ର ପ୍ରଧାନ, ଝୁଝୁମୁରାର କୈଳାଶ ବାଗ ଓ ଧନୁପାଲିର ଦେବନ୍ତ ବେହେରାଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ଜନସାଧାରଣଙ୍କୁ ସଚେତନ ଉଦ୍ଦେଶ୍ୟରେ ପଥପ୍ରାନ୍ତ ନାଟକ ପରିବେଷିତ ହୋଇଥିଲା। ଏଥିସହ ହେଲମେଟ ପିନ୍ଧିଥିବା ସଚେତନ ବାଇକ ଆରୋହୀମାନଙ୍କୁ ଗୋଲାପ ଫୁଲ ଦେଇ ପୋଲିସ ପ୍ରଶଂସା କରିଥିଲା। ହେଲମେଟ ପରିଧାନ ପିନ୍ଧି ନ ଥିବା ବାଇକ ଚାଳକଙ୍କୁ ସଚେତନତା ପତ୍ରିକା ଦିଆଯାଇ ହେଲମେଟ ପିନ୍ଧିବାକୁ ପରାମର୍ଶ ଦିଆଯାଇଥିଲା।

### ଧାନକିଣା ବନ୍ଦ ସମ୍ପର୍କରେ ମନ୍ତ୍ରୀଙ୍କ ସହ ଆଲୋଚନା

**ଦେବଗଡ, ୪।୨ (ସ୍ୱ.ପ୍ର.)**

ଦେବଗଡ଼ ଜିଲାରେ ଚଳିତ ବର୍ଷ କିଛି ଦିନ ମଣ୍ଡି ଏବଂ ସେବା ସମବାୟ ସମିତି ଚାଷୀଙ୍କଠାରୁ ଧାନ କିଣିବା ପରେ ପ୍ରାୟ ଏକ ମାସ ହେବ ଧାନକିଣା ବନ୍ଦ ଅଛି । ଫଳରେ ଜିଲାର ବହୁ ଚାଷୀ ଧାନ ବିକ୍ରି କରି ନ ପାରି ପକାଇ ରଖିଛନ୍ତି। ଏ ନେଇ ବାରମ୍ବର ଜିଲା ପ୍ରଶାସନକୁ ଦାବିପତ୍ର ଦେଲେ ସୁଧା ସାମାଧାନ ହେଉନି। ଏଣୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ସୋମବାର ରିଆମାଳ ବ୍ଲକର ଛତାବର ଛକଠାରେ ଚାଷମାନେ ରାସ୍ତା ଅବରୋଧ କରିଥିଲେ। ତେବେ ଏ ନେଇ ଦେବଗଡ ବିଜୁ କୃଷକ ଜନତା ଜିଲା ସଭାପତି ଚିତ୍ତରଞ୍ଜନ ପ୍ରଧାନ ଭୁବନେଶ୍ୱରରେ ସମବାୟ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ରଙ୍କ ସହ ସାକ୍ଷାତ ପୂର୍ବକ ଆଲୋଚନା କରିଛନ୍ତି। ଉକ୍ତ ସମସ୍ୟାର ସାମାଧାନ କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ପ୍ରଧାନ ସୂଚନା ଦେଇଛନ୍ତି।

# ଧାନମଣ୍ଡି ବନ୍ଦ ହେବାରୁ ରାସ୍ତାରେ ଚାଷୀ

**ରିଆମାଳ,୪।୨ (ଡି.ଏନ.ଏ.)**

**ରିଆମାଳ ବ୍ଲକ**
- ସକାଳେ ୫ରୁ ରାସ୍ତା ଅବରୋଧ
- ଆସିଲେନି ପ୍ରଶାସନିକ ଅଧିକାରୀ
- ଦୁର୍ବାର ଆନ୍ଦୋଳନ ଚେତାବନୀ

ଦେବଗଡ ଜିଲା ରିଆମାଳ ବ୍ଲକ ଅନ୍ତର୍ଗତ ନାଉଲିପଡ଼ା ସେବା ସମବାୟ ସମିତିରେ ଧାନମଣ୍ଡି ବନ୍ଦ ହୋଇଯିବାରୁ ଚାଷୀମାନେ ସୋମବାର ୫୩ ନଂ. ଜାତୀୟ ରାସ୍ତା ଅବରୋଧ କରିବା ସହିତ କାର୍ଯ୍ୟାଳୟକୁ ତାଲା ପକାଇ ଦେଇଥିଲେ। ନାଉଲିପଡ଼ା ସେବା ସମବାୟ ସମିତି ୪୦ହଜାର କୁଇଣ୍ଟାଲ ଧାନ କିଣିବା ପାଇଁ ଧାର୍ଯ୍ୟ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ମାତ୍ର ୧୬ହଜାର କୁଇଣ୍ଟାଲ ଧାନ କ୍ରୟ କରିଛି। ରାଜ୍ୟ ସରକାର ୧୦୦ ପ୍ରତିଶତ ଧାନ କ୍ରୟ କରାଯିବ ବୋଲି ଡିଣ୍ଡିମ ପିଟୁଥିବା ବେଳେ ବର୍ତ୍ତମାନ ସମୟରେ ଧାନମଣ୍ଡି ବନ୍ଦ ହୋଇଯିବାରୁ ରାଜ୍ୟ ସରକାର ବୈମାତୃକ ମନୋଭାବ ପୋଷଣ କରୁଛନ୍ତି ବୋଲି ସ୍ଥାନୀୟ ଚାଷୀମାନେ ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି।

ତେବେ ଚାଷୀମାନେ ସୋମବାର ସକାଳେ ୫ରେ ରାସ୍ତାକୁ ଅବରୋଧ କରିଥିବା ବେଳେ ରାସ୍ତାର ଦୁଇପାର୍ଶ୍ୱରେ ଶହ ଶହ ଯାନବାହନ ଅଟକି ରହିଥିଲା। ତେବେ ଖବର ପାଇ ମଧ୍ୟ କୌଣସି ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଅନ୍ୟପକ୍ଷେ ମଣ୍ଡି ନ ଖୋଲିଲେ ଆନ୍ଦୋଳନ ବ୍ୟାପକ କରାଯିବ ବୋଲି ଚାଷୀମାନେ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ରବିବାର ମଧ୍ୟ ଏହି କାରଣ ଯୋଗୁ ଚାଷୀମାନେ ଟିଙ୍କବୀର ସେବା ସମବାୟ ସମିତି କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ।

# ବିଜେଡିର ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ

**ରେଙ୍ଗାଲି, ୪।୨ (ଡି.ଏନ.ଏ)**

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ସାଲଡ ପଞ୍ଚାୟତ ଅନ୍ତର୍ଗତ ରମ୍ଭେଲାଠାରେ ବିଜେଡି ପକ୍ଷରୁ ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସୋମବାର ରେଙ୍ଗାଲି ବ୍ଲକ ବିଜେଡି ସଭାପତି ଅଶୋକ ଗୁରୁଙ୍କ ଅଧ୍ୟକ୍ଷତା ଏବଂ ବ୍ଲକ ବିଜେଡି ଉପସଭାପତି ଡ. ସନ୍ତୋଷ ସିଂଙ୍କ ସଂଚାଳନରେ ଏହି କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଆଗାମୀ ନିର୍ବାଚନକୁ ଆଖି ଆଗରେ ରଖି ନିର୍ବାଚନ ପ୍ରସ୍ତୁତି କରିବା ସହ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା କିପରି ତୃଣମୂଳ ସ୍ତରରେ ପହଞ୍ଚିବ ତାହା ଆଲୋଚନା କରାଯାଇଥିଲା । ଉକ୍ତ ସମ୍ମିଳନୀରେ ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ କୁନା ଦାସ, ବ୍ଲକ ସଂଯୋଜିକା ସ୍ୱାଗତିକା ମହାନ୍ତି, ଜଙ୍ଗଲା ସରପଞ୍ଚ ଇଂ. ଗାନ୍ଧି ବେହେରା, ମୁରାରୀ ବିଶ୍ୱାଳ, ହରିଶଙ୍କର ବେହେରା, କବିରାଜ ବଢ଼େଇ, ଅଶୋକ ବଗର୍ତ୍ତି, ଜୟରଥ ବିଶ୍ୱାଳ, ବିଶ୍ୱକେଶନ ବିଶ୍ୱାଳ ପ୍ରମୁଖଙ୍କ ସହ ବହୁ ସଂଖ୍ୟକ ବିଜେଡି କର୍ମୀ ଉପସ୍ଥିତ ଥିଲେ ।

## ଫଟୋରେ ଖବର



ବିଜୁ ଯୁବ ସମାବେଶକୁ ୪ ଦିନ ବିତି ଯିବା ସତ୍ତ୍ୱେ ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରୁ ଟେଣ୍ଟ ସାମଗ୍ରୀ ନିଆଯାଇ ନାହିଁ । ତେଣୁ କ୍ରୀଡାବିତଙ୍କ ଅଭ୍ୟାସରେ ଅସୁବିଧା ଉପୁଜୁଛି ।

# ମହିଳାରେ ରାଉରକେଲା, ପୁରୁଷରେ ଅନାମିକା ଚାମ୍ପିୟନ

**ସମ୍ବଲପୁର,୪।୨ (ବ୍ୟୁରୋ)**

ମହାନଦୀ କୋଇଲା କମ୍ପାନୀ (ଏମସିଏଲ) ଆନନ୍ଦବିହାର କ୍ଲବ ପକ୍ଷରୁ ମହିଳା ଓ ପୁରୁଷ କବାଡି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ମହିଳା ବର୍ଗରେ ରାଉରକେଲା ଚାମ୍ପିୟନ ଓ ସମ୍ବଲପୁର ରନର୍ସ ଅପ୍ ଟ୍ରଫି ହାସଲ କରିଛି। ସେହିପରି ପୁରୁଷ ବର୍ଗରେ ଅନାମିକା କ୍ଲବ ଚାମ୍ପିୟନ ଓ ଭିଭାଶା ରନର୍ସ ଅପ୍ ହୋଇଛି। ଆନନ୍ଦବିହାର ଖେଳ ପଡିଆରେ ୨ବର୍ଗର ଫାଇନାଲ ମ୍ୟାଚ ଆକର୍ଷଣୀୟ ହୋଇଥିଲା। ଭିଭାଶ କ୍ଲବର ଗୌତମ ଜେନାଙ୍କୁ ଶ୍ରେଷ୍ଠ ରାଇଡର୍, ନିଲୁ ଦେବତାଙ୍କୁ ଶ୍ରେଷ୍ଠ ଡିଫେନ୍ସ ଭାବେ ପୁରସ୍କୃତ କରାଯାଇଥିଲା । ଏମସିଏଲ ଜନସମ୍ପର୍କ ଅଧିକାରୀ ଡି.କେ. ମେହେରା

**କବାଡି ଟୁର୍ନାମେଣ୍ଟ**

ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ । ରାଜେଶ ସେଠ, ଜଗବନ୍ଧୁ ବେହେରା, ଉମାପତି ତ୍ରିପାଠୀ, ରାମଦାସ ପଣ୍ଡା, କାର୍ତ୍ତିକେଶ୍ୱର ପ୍ରଧାନ, ଆଦିତ୍ୟ ବାରିକ, ମଳୟ କୁମାର ମଜୁନଦାର, ପ୍ରଶାନ୍ତ ସେଠ ଓ ସୁରେଶ ମହାଲିଙ୍ଗ ମ୍ୟାଚ ଗୁଡିକ ପରିଚାଳନା କରିଥିଲେ । ଆୟୋଜକ କ୍ଲବ ସଚିବ ମଧୁସୂଦନ ସ୍ୱାଇଁ, ବିଶ୍ୱନାଥ ଗଉଡ, ଅଧ୍ୟକ୍ଷ ରମା ପଣ୍ଡା, ଖେଳକୁଦ ସଚିବ ଦେବରାଜ ଦାଶ, ସୁଦର୍ଶନ ରାଉତ, ବିଜୟ କୁମାର ଦାଶ, ଆଲବର୍ଟ୍ ରାଜନ୍, ସନ୍ଦୀପ ସିଂ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।



ଏମ୍ସିଏଲ୍ ଜନସମ୍ପର୍କ ଅଧିକାରୀ ଡି.କେ. ମେହେରାଙ୍କଠାରୁ ଚାମ୍ପିୟନ ଦଳ ଟ୍ରଫି ଗ୍ରହଣ କରୁଛନ୍ତି ।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ଫେବୃୟାରୀ ୫/୨୦୧୯



ନିର୍ବୋଧମାନଙ୍କ ଅଭିଧାନରେ ହିଁ ଅସମ୍ଭବ ଶବ୍ଦର ସ୍ଥାନ ପାଇଥାଏ।
- ନୋପୋଲିୟନ ବୋନାପାର୍ଟ



## ସଂକ୍ଷେପରେ

### ୧୮ ଦାଦନ ଶ୍ରମିକ ଅଟକ

**ବଲାଙ୍ଗୀର ଅଫିସ, ୪।୨:** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ମହରାପଦର ଗ୍ରାମର ଶିଶୁ, ମହିଳା ସମେତ ୧୬ଜଣ ଦାଦ ଶ୍ରମିକ ଓ ବଲାଙ୍ଗୀର ଖୁଜେନପାଲି ଗ୍ରାମର ଜଣେ ବାଳିକା ଓ ମହିଳା ଦାଦନ ଶ୍ରମିକ ରାଜ୍ୟ ବାହାରେ ଅଟକ ରହିଥିବା ଜଣାପଡିଛି। ଏହି ଅଟକ ଦାଦନ ଶ୍ରମିକମାନଙ୍କ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଛି । ମହରାପଦର ଗ୍ରାମର ଅଟକ ଦାଦନ ଶ୍ରମିକମାନେ ଆନ୍ଧ୍ରପ୍ରଦେଶର ଇଛାପୁରମ ନିକଟ ରଟକାନା ଇଟାଭାଟିରେ ବନ୍ଧକ ଥିବା ଖବର ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଖପ୍ରାଖୋଲ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ସେହିପରି ଖୁଜେନ୍‌ପାଲି ଗ୍ରାମର ଗଣେଶ ସୁନା ତାଙ୍କ ସ୍ତ୍ରୀ ଓ ଝିଅ (୩)କୁ ନେଇ ଗତ ଅକ୍ଟୋବର ମାସରେ ତେଲେଙ୍ଗାନା ଦାଦନ ଖଟିଯାଇଥିଲେ । ୨ମାସ କାମ କଲା ପରେ ଖାଇବାକୁ ନ ଦେଇ ସେଠାରେ ନିର୍ଯାତନା ଦିଆଯିବାରୁ ଲୁଚି ପଳାଇ ଆସୁଥିବାବେଳେ ସ୍ତ୍ରୀ ଓ ଝିଅ ସେଠାରେ ରହିଯାଇଥିଲେ। ଗଣେଶ ସେଠାରୁ କୌଶଳ କ୍ରମେ ଖସି ଆସି ବଲାଙ୍ଗୀରରେ ପହଞ୍ଚିବା ପରେ ଘଟଣା ଜଣାପଡିଛି। ଶ୍ରମିକମାନଙ୍କୁ ଉଦ୍ଧାର ପାଇଁ ଜିଲା ପ୍ରଶାସନ ନିକଟରେ ନିବେଦନ କରାଯାଇଛି।

# ଗର୍ଜିଲେ ରେଙ୍ଗାଳି ବନ୍ଧ ବାସଚ୍ୟୁତ

**ଦେବଗଡ଼,୪।୨(ସ୍ୱ.ପ୍ର.)**

ଦେବଗଡ ଓ ପାଲଲହଡାର ରେଙ୍ଗାଳି ବନ୍ଧ ବାସଚ୍ୟୁତଙ୍କୁ ନେଇ ୫ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ସ୍ଥାନୀୟ ଗୋପାଳଜୀ ମନ୍ଦିରରୁ ସଭାପତି ନେତ୍ରାନନ୍ଦ ସାମଲଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ନଗର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ରଞ୍ଜନ ସାହୁ, ଚୌଧୁରୀ ବେହେରା, ଦିବ୍ୟଶଙ୍କର ଦ୍ୱିବେଦୀ, ଡିଲେଶ୍ୱର ସାହୁ, ପଦ୍ମଲୋଚନ ମାଝି, ଈଶ୍ୱର ଦ୍ୱିବେଦୀ, ପ୍ରହ୍ଲାଦ ସାହୁ, ଦିବାକର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ମଙ୍ଗଳବାରଠାରୁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଗଣଧାରଣ ଦିଆଯିବ ବୋଲି ମଧ୍ୟ ନିଷ୍ପତ୍ତି ହୋଇଛି।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

### ବର୍ଣ୍ଣେଇ ଜଙ୍ଗଲରୁ ବାଇକ୍ ଜବତ

ଟିଟିଲାଗଡ଼,୪।୨(ଡି.ଏନ.ଏ.)-ଟିଟିଲାଗଡ଼ ରେଞ୍ଜ ଅଧୀନ ବର୍ଣ୍ଣେଇ ଜଙ୍ଗଲରୁ ପୋଲିସ ଏକ ବାଇକ୍ ଜବତ କରିଛି। ବାଇକର ନମ୍ବର ପ୍ଲେଟରେ ଉଲ୍ଲେଖ ରହିଥିବା ନମ୍ବରଗୁଡିକର କିଛି ଅକ୍ଷର ଲିଭାଇ ଦିଆଯାଇଛି। ଫଳରେ ବାଇକ୍‌ର ମାଲିକ ସମ୍ପର୍କରେ ଜଣାପଡି ନାହିଁ। ମିଳିଥିବା ସୂଚନା ମୁତାବକ, କିଛିଦିନ ହେଲା ବାଇକ୍‌ଟି ଜଙ୍ଗଲରେ ପଡିରହିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ଖବର ପାଇ ବଡମାଲ ପୋଲିସ ବାଇକକୁ ଜବତ କରିଛି। ସୂଚନା ଯୋଗ୍ୟ, ଗତ ଜାନୁୟାରୀ ୨୬ ତାରିଖରେ ବାଇକ୍ ଜବତ ହେବା ସ୍ଥାନରୁ କିଛି ଦୂରରେ ଜଣେ କୁଖ୍ୟାତ ଅପରାଧୀଙ୍କ ସହ ପୋଲିସର ଗୁଳି ବିନିମୟ ହୋଇଥିଲା। ଏପରିସ୍ଥିତିରେ ବାଇକ୍‌ଟି ଏକ ଆପରାଧିକ ଗୋଷ୍ଠୀର ବୋଲି ଚର୍ଚ୍ଚା ହେଉଛି।

### ତାଲା ଭାଙ୍ଗି ଚୋରି ଉଦ୍ୟମ

**ସଇଁତଲା, ୪।୨(ଡି.ଏନ୍.ଏ.)**-ସଇଁତଲା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ କବାଟ ଭାଙ୍ଗି ଚୋରି ଉଦ୍ୟମ ହୋଇଥିବା ଜଣାପଡିଛି। ବ୍ଲକ ଶିକ୍ଷା ଅଧିକାରୀ ଫ୍ଲୋରା ଗୋରିଆଙ୍କ କହିବା ମୁତାବକ, ଶନିବାର କିମ୍ବା ରବିବାର ରାତିରେ କେହି ଦୁର୍ବୃତ୍ତ ସଇଁତଲା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଶିକ୍ଷା ବିଭାଗର କବାଟ ଭାଙ୍ଗି ଚୋରି ଉଦ୍ୟମ କରିଥିଲେ। ଚୋରମାନେ କାର୍ଯ୍ୟାଳୟରେ ଥିବା କିଛି ଆଲମାରୀ ଭାଙ୍ଗି ଫାଇଲଗୁଡ଼ିକୁ ଫିଙ୍ଗାଫୋପଡା କରିଛନ୍ତି। ସୋମବାର ଅଫିସ ଖୋଲିବା ପରେ ଏହି ଘଟଣା ଜଣାପଡିଛି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡିଛି।

# ବିଶ୍ୱ କର୍କଟ ଦିବସରେ ସଚେତନତା ଶୋଭାଯାତ୍ରା



ଦେବଗଡ଼ରେ ବିଶ୍ୱ କର୍କଟ ଦିବସ ଅବସରରେ ସଚେତନତା ଶୋଭାଯାତ୍ରା ବାହାରିଛି।

**ଦେବଗଡ,୪।୨(ସ୍ୱ.ପ୍ର.)**

ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ଥାନୀୟ ରାଜା ବାସୁଦେବ ହାଇସ୍କୁଲ ପ୍ରାଙ୍ଗଣରେ ବିଶ୍ୱ କର୍କଟ ଦିବସ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ହାଇସ୍କୁଲର ଛାତ୍ର ଏବଂ ମହିଳା ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ନେଇ ଏକ ସଚେତନତା ରାଲି ନଗର ପରିକ୍ରମା କରିବା ସହ ଲୋକଙ୍କୁ ସଚେତନ ବାର୍ତ୍ତା ଦିଆଯାଇଛି। ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମନୋଜ ଉପାଧ୍ୟାୟ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏଡିଏମଓ(ପିଏଚ) ଡା.ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ହାଇସ୍କୁଲର ଭାରପ୍ରାପ୍ତ ଶିକ୍ଷକ ଗୋପବନ୍ଧୁ ପ୍ରଧାନ, ଜିଲା ସ୍ୱାସ୍ଥ୍ୟ ମିଶନ ପରିଚାଳକ ମନୋରଞ୍ଜନ ସାହୁ , ରଘୁନାଥ ନାୟକ ପ୍ରମୁଖ ଉପସ୍ଥିତ ରହି ଏହି ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତପୋଷଣ କରିଥିଲେ । ସେହିପରି ଏହି ଦିବସ ପାଳନ ଉପଲକ୍ଷେ 'କର୍କଟରୋଗ ନିରାକରଣରେ ଛାତ୍ରଙ୍କ ଭୂମିକା' ସମ୍ପର୍କୀତ ଏକ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ଶେଖର ପ୍ରଧାନ ୧ମ, ତାପସ ପାତ୍ର ୨ୟ ଓ ଈଶ୍ୱର ଦତ୍ତ ଓ ଇଲିୟାସ୍ ହେମ୍ବ୍ରମ ୩ୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସୌଦାମିନୀ ଦତ୍ତ, ଅନିତା ସାହୁ, ଲକ୍ଷ୍ମୀପ୍ରିୟା ସ୍ୱାଇଁ, ମହେନ୍ଦ୍ର ମିଶ୍ର, ବିମଳେନ୍ଦୁ ପାଣିଗ୍ରାହୀ, ପରେଶ ସାହୁ, ପ୍ରଭାସ ବେହେରା, ବାସୁଦେବ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# 'ଉତ୍ସବ ପ୍ରଧାନପାଟ' ପାଇଁ ରାଲି କମିଟିର ପ୍ରସ୍ତୁତି ବୈଠକ



ରାଲି ସବ୍ କମିଟି ପ୍ରସ୍ତୁତି ବୈଠକରେ ଉପସ୍ଥିତ ସଦସ୍ୟ।

**ଦେବଗଡ,୪।୨(ସ୍ୱ.ପ୍ର.)**

ଦେବଗଡ ଜିଲାର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ ପ୍ରଧାନପାଟର ପାଦଦେଶରେ ଫେବୃୟାରୀ ୧୧ ତାରିଖଠାରୁ ୧୫ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ହେବାକୁ ଥିବା 'ଉତ୍ସବ ପ୍ରଧାନପାଟ-୨୦୧୯' ପାଇଁ ରାଲି ସବ୍ କମିଟିର ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ସବ୍‌କମିଟିର ଚେୟାରମ୍ୟାନ ତଥା ଉପ ଜିଲାପାଳ ବିମଳେନ୍ଦୁ ମିଶ୍ରଙ୍କ ଅଧକ୍ଷତାରେ ସ୍ଥାନୀୟ ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ବୈଠକରେ ଆଲୋଚନା କରାଯାଇଥିଲା। ମାର୍ଚ୍ଚ ୧୧ ତାରିଖ ଅପରାହ୍ନ ୩ଟାରେ ବାରକୋଟ, ରିଆମାଳ ଓ ତିଲେଇବଣି ବ୍ଲକରୁ ଆସିଥିବା ରାଲି ମଠସାହିସ୍ଥିତ କନକ ଦୁର୍ଗା ମନ୍ଦିରରୁ ପୂଜାର୍ଚ୍ଚନା ପରେ ନଗର ପରିକ୍ରମା କରିବ। ମଠସାହି, ଷ୍ଟେଟ ବ୍ୟାଙ୍କ ଛକ, ବଣିଆଁସାହି, ଥାନା ଛକ, ଶାସନସାହି, ଗୁରୁସାହି, ସଭାଗୋଲି ଛକରେ କଳସ ସ୍ଥାପନ, ଝୋଟି ମାଧମରେ ରାଲିକୁ ସ୍ୱାଗତ ଜଣାଇବା ପାଇଁ ଜନସାଧାରଣଙ୍କୁ ନିବେଦନ କରାଯାଇଛି। ଯେଉଁ ଛକରେ ସୁନ୍ଦର ତଥା ସ୍ୱାଗତ ସମ୍ବର୍ଦ୍ଧନା ଉଚ୍ଚକୋଟୀର ହୋଇଥିବ ସେହି ଛକ ବାସିନ୍ଦାଙ୍କୁ କମିଟି ତରଫରୁ ପୁରସ୍କୃତ କରିବା ପାଇଁ ସ୍ଥିର ହୋଇଛି। ଏହି ବୈଠକରେ ଜିଲା ସଂସ୍କୃତି ପରିଷଦ ସଂଯୋଜକ ଦିଲିପ ଗୁରୁ, ରାଲି କମିଟି କନ୍‌ଭେନର୍ ସୁଶୀଳ କପରଦାର, ଡେପୁଟି କଲେକ୍ଟର ଦିବ୍ୟଶଙ୍କର ଜୟପୁରିଆ, ଡିଆଇପିଆରଓ ବିଜୟ କୁମାର ମିଶ୍ର, ପ୍ରଫୁଲ୍ଲ କୁମାର ନାୟକ, ଟିକେଶ୍ୱର ଗୁରୁ, ଶ୍ରବଣ କୁମାର ନାୟକଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ଶ୍ରୀ ବ୍ରହ୍ମମଣ୍ଡପ ପଣ୍ଡିତ ମହାସଭା ନୂତନ କର୍ମକର୍ତ୍ତା

**ସମ୍ବଲପୁର,୪।୨(ବ୍ୟୁରୋ)**

ଶ୍ରୀବ୍ରହ୍ମମଣ୍ଡପ ପଣ୍ଡିତ ମହାସଭା ନୂତନ କର୍ମକର୍ତ୍ତା ସୋମବାର ଅନୁଷ୍ଠିତ ହୋଇଯାଇଛି । ପଣ୍ଡିତ ବଂଶୀଧର ଶତପଥୀଙ୍କ ସଭାପତିତ୍ୱରେ କର୍ମକର୍ତ୍ତା ଚୟନ ପ୍ରକ୍ରିୟା ହୋଇଥିଲା । ଏଥିରେ ପଣ୍ଡିତ ଲକ୍ଷ୍ମଣ ବେହେରା ସଭାପତି ଓ ପଣ୍ଡିତ ଚନ୍ଦ୍ରକାନ୍ତ ପାଣିଗ୍ରାହୀ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି । ସେହିପରି ପଣ୍ଡିତ ସୁଧାଂଶୁ ପାଣିଗ୍ରାହୀ ଓ ପଣ୍ଡିତ ବୈରାଗୀ ଚରଣ ଆଚାର୍ଯ୍ୟ ଉପସଭାପତି, ପଣ୍ଡିତ ଝସକେତନ ହୋତା କାର୍ଯ୍ୟକାରୀ ସଭାପତି, ପଣ୍ଡିତ ଅକ୍ଷୟ ପୁରୋହିତ କାର୍ଯ୍ୟକାରୀ ସମ୍ପାଦକ, ପଣ୍ଡିତ ଦୁର୍ଗା ମାଧବ ପାଢ଼ୀ ଓ ପଣ୍ଡିତ ରାକେଶ ମିଶ୍ର ସହସମ୍ପାଦକ, ପଣ୍ଡିତ ଗୋବିନ୍ଦ ପାଣିଗ୍ରାହୀ କୋଷାଧ୍ୟକ୍ଷ ଓ ପଣ୍ଡିତ ଡମ୍ବରୁଧର ତ୍ରିପାଠୀ ସହ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି । ସେହିପରି ପଣ୍ଡିତ ଆଲୋକ ପଣ୍ଡା, ପଣ୍ଡିତ ସରିତ ପାଢ଼ୀ, ପଣ୍ଡିତ ଧର୍ମେଶ ମିଶ୍ର, ପଣ୍ଡିତ ଜୟକୃଷ୍ଣ କର ସାଂସ୍କୃତିକ ସମ୍ପାଦକ ଏବଂ ପଣ୍ଡିତ ବଂଶୀଧର ଶତପଥୀ, ପଣ୍ଡିତ ଉପେନ୍ଦ୍ର ପାଣିଗ୍ରାହୀ, ପଣ୍ଡିତ କାଳୀଦାସ ପଣ୍ଡା ଓ ପଣ୍ଡିତ ଆନନ୍ଦ କୁମାର ଦାଶ ଉପଦେଷ୍ଟା ମଣ୍ଡଳୀରେ ରହିଛନ୍ତି ।



ସୋମବାର ମନୋନୀତ ଶ୍ରୀ ବ୍ରହ୍ମମଣ୍ଡପ ପଣ୍ଡିତ ମହାସଭା ନୂତନ କର୍ମକର୍ତ୍ତା ଓ ସଭ୍ୟମାନେ ।



ଶୁଭ୍ରଜ୍ୟୋତି ଆବାସିକ ସ୍କୁଲର ବାର୍ଷିକ ଉତ୍ସବରେ ଦୁଇ ଛାତ୍ରୀ ସିଲ୍ଡ ଗ୍ରହଣ କରୁଛନ୍ତି।

# ଶୁଭ୍ରଜ୍ୟୋତି ଆବାସିକ ସ୍କୁଲର ବାର୍ଷିକ ଉତ୍ସବ

**ଦେବଗଡ,୪।୨ (ସ୍ୱ.ପ୍ର.)**

ସ୍ଥାନୀୟ ଶୁଭ୍ରଜ୍ୟୋତି ଆବାସିକ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦିଲୀପ କୁମାର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ଅତିଥି ଭାବରେ ଅବସରପ୍ରାପ୍ତ କଲେଜ ଅଧକ୍ଷା ସୁକାନ୍ତି ଗଡତିଆ, ସାହିତ୍ୟିକ ତଥା ପ୍ରଧାପକ ଶ୍ରୀକୃଷ୍ଣ ପ୍ରସାଦ ପ୍ରଧାନ, ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶକ ରଞ୍ଜନ ଦେହୁରୀ, ପ୍ରାଧାପକ ଦିଲୀପ ବେହେରା, ବିଦ୍ୟାଳୟର ଅଧକ୍ଷ ଯୋଗେଶ୍ୱର ସାହୁ, ଦିନେଶ କୁମାର ବାଗ ଯୋଗ ଦେଇଥିଲେ। ଏହି ଅବସରରେ ଦଶମ ଶ୍ରେଣୀରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ସମ୍ବିତ କୁମାର ପ୍ରଧାନଙ୍କ ପୁରସ୍କୃତ କରାଯାଇଥିଲା । ଶେଷରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷକ ଚିରଞ୍ଜିତ ଘୋଷାଲ ଧନ୍ୟବାଦ ଦେଇଥିଲେ।

# ଉପରମୁହାଁ ହେଉଛି ପାରଦ

**ଭୁବନେଶ୍ୱର,୪।୨(ବ୍ୟୁରୋ)**

ଗତ କିଛିଦିନ ପୂର୍ବରୁ ରାଜ୍ୟରେ ଶୀତ ଥରାଉଥିବା ବେଳେ ଗତ ଦୁଇଦିନ ହେବ ହଠାତ୍ ହ୍ରାସ ପାଇଛି। ପାରଦ ଉପରମୁହାଁ ହୋଇଛି। ଦିନର ତାପମାତ୍ରା ୩୩ ଡିଗ୍ରୀ ସେଲ୍‌ସିୟସ ଉପରକୁ ଉଠିଯାଇଛି। ଆସନ୍ତା ୭ ତାରିଖ ଯାଏ ରାଜ୍ୟରେ ପାଗ ଶୁଖିଲା ରହିବ। ୯ ତାରିଖ ବେଳକୁ ଆଭ୍ୟନ୍ତରୀଣ ଓଡିଶାରେ ସ୍ୱଳ୍ପରୁ ମଧମ ଧରଣର ବର୍ଷା ହେବା ବେଳେ ଉପକୂଳ ଓଡିଶାରେ ପାଗ ଶୁଖିଲା ରହିବ। ଏହି ସମୟରେ ପାରଦ ୨ରୁ ୩ ଡିଗ୍ରୀ ଉପରକୁ ଉଠିବ। ତେବେ ରାତ୍ରିରେ ହାଲ୍‌କା ଶୀତ ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆଞ୍ଚଳିକ ପାଣିପାଗ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ କୋରାପୁଟରେ ସର୍ବନିମ୍ନ ୯ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ମାଲକାନଗିରି ଓ ତାଳଚେରରେ ସର୍ବୋଚ୍ଚ ୩୩.୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ରାଜ୍ୟର ଅନ୍ୟାନ୍ୟ ଭାଗରେ ସର୍ବନିମ୍ନ ତାପମାତ୍ରା ୧୦ରୁ ୧୭ ଡିଗ୍ରୀ ସେଲ୍‌ସିୟସ ମଧରେ ରହିଛି।

# ବାଇକ୍ ରାଲିରୁ ସଡ଼କ ସୁରକ୍ଷା ସପ୍ତାହ ଆରମ୍ଭ

**ଦେବଗଡ,୪।୨(ସ୍ୱ.ପ୍ର.)**

ଫେବୃଆରୀ ୪ରୁ ୧୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ୩୦ତମ ଜାତୀୟ ସଡକ ସୁରକ୍ଷା ସପ୍ତାହ ପାଳନ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ପୂର୍ବାହ୍ନରେ ସ୍ଥାନୀୟ କଚେରୀସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଜନସାଧାରଣଙ୍କୁ ନେଇ ଏକ ସଚେତନତା ବାଇକ୍ ରାଲି ବାହାରି ଥିଲା। ଏହା ନଗର ପରିକ୍ରମା କରି ବାରକୋଟ ବ୍ଲକ ପର୍ଯ୍ୟନ୍ତ ଲୋକଙ୍କୁ ସଡକ ସୁରକ୍ଷା ସମ୍ପର୍କୀତ ସଚେତନ ବାର୍ତ୍ତା ଦେଇଥିଲା। ଉକ୍ତ ରାଲିକୁ ଡିଆରଡିଏର ପିଡି ଭୀନ୍‌ସେଂଟ୍ ପୁନମକାନ୍ତ ଏକ୍କା ଓ ଆଡିସନାଲ ଏସ୍‌ପି ରବି ନାରାୟଣ ସି ପ୍ରମୁଖ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଭାରପ୍ରାପ୍ତ ଆଞ୍ଚଳିକ ପରିବହନ ଅଧିକାରୀ ପ୍ରମୋଦ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ବାଇକ୍ ରାଲିରେ ଜିଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ବିଜୟ ମିଶ୍ର, ଜିଲା କ୍ରୀଡା ଅଧିକାରୀ ଚନ୍ଦନ ସାହୁ, ଦେବଗଡ ଥାନା ଅଧିକାରୀ ଜିତେନ୍ଦ୍ର ସାହୁ, ଜୁନିୟର୍ ଏମଭିଆଇ ତୁଷାର ହେମ୍ବ୍ରମ, ଟ୍ରାଫିକ୍ ଏସଆଇ ଜିତେନ୍ଦ୍ରୀୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ତିଳେଇବଣି ବ୍ଲକ ବଣିଆଁ କିଲିଣ୍ଡାସ୍ଥିତ ଜିଲା ପରିବହନ କାର୍ଯ୍ୟାଳୟରେ ବିଭାଗୀୟ କର୍ମଚାରୀମାନେ ସମୂହ ଶପଥ ନେଇଥିଲେ। ସୁଶାନ୍ତ ନାୟକ, ପିଙ୍କେଶ୍ୱର ପ୍ରଧାନ, ହରିହର ଦେହୁରୀ, ଅନାଦୀ ଚରଣ ନାୟକ ପ୍ରମୁଖ ସହଯୋଗ କରିଥିଲେ।




ଦେବଗଡ଼ରେ ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ନେଇ ବାଇକ୍ ରାଲି ବାହାରିଛି।

## ଫଟୋରେ ଖବର




ସମ୍ବଲପୁର ଜିଲା କଂଗ୍ରେସ କାର୍ଯ୍ୟାଳୟରେ ସୋମବାର ଯୁବ କଂଗ୍ରେସ ନେତୃବୃନ୍ଦ ଚାଲ ପଞ୍ଚାୟତ, ଚାଲ ୱାର୍ଡ କାର୍ଯ୍ୟକ୍ରମ ସମ୍ପର୍କରେ ଖବରଦାତାଙ୍କୁ ସୂଚନା ଦେଉଛନ୍ତି ।




ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ସମ୍ବଲପୁରରେ ଆମରଣ ଅନଶନ ଚାଲିଛି। ସୋମବାର ଏଥିରେ ସାମିଲ ହୋଇଥିବା ବ୍ୟକ୍ତିମାନେ।

# ସିଡିଏମ୍‌ଓଙ୍କୁ ଫେରାଦ

**ବରଗଡ଼ ଅଫିସ୍,୪।୨**

ବରଗଡ଼ ଜିଲା ଆଶାକର୍ମୀ ସଂଘ ସୋମବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ନନ୍ଦକିଶୋର ପାଢ଼ୀଙ୍କୁ ଫେରାଦ ହୋଇ ଏକ ସ୍ମାରକପତ୍ର ପ୍ରଦାନ କରିଛି। ଆବଶ୍ୟକୀୟ ଉପକରଣ କ୍ରୟ କରିବା ସକାଶେ ସରକାରଙ୍କ ଦ୍ୱାରା ଘୋଷିତ ୧୦ହଜାର ଟଙ୍କା ଲେଖାଏଁ ପ୍ରଦାନ କରିବାକୁ ସେମାନେ ନିବେଦନ କରିଛନ୍ତି। ବରଗଡ଼ ଜିଲାରେ ଏପର୍ଯ୍ୟନ୍ତ ତାହା ପ୍ରଦାନ କରାଯାଇ ନାହିଁ ବୋଲି ସେମାନେ କହିଛନ୍ତି । ସଂଘର ଅହଲ୍ୟା ମାଝି, ହୀରାବତୀ ଭୁଏ, ରେଣୁକା ଭୁଏ, ଲତା ପ୍ରଧାନ, ସନ୍ତୋଷିନୀ ସେଟ୍ ପ୍ରମୁଖ ଉପସ୍ଥିତ ଥିଲେ ।



ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର ।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ଦୁର୍ଘଟଣାରେ ଆହତ ବୃଦ୍ଧଙ୍କ ମୃତ୍ୟୁ

ରେଢ଼ାଖୋଲ,୪।୨(ଡି.ଏନ.ଏ.) ଗତ ୨୯ ତାରିଖ ସନ୍ଧ୍ୟାରେ ରେଢ଼ାଖୋଲ ସହର ପୋଡାବଲଣ୍ଡା ଗାଁ ମୁଣ୍ଡରେ ଏକ ଅଜଣା ଗାଡି ଧକ୍କାରେ ଗୁରୁତର ହୋଇ ବୁର୍ଲା ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ରବୀନ୍ଦ୍ର ସାହୁ(୬୦)ଙ୍କ ସୋମବାର ମୃତ୍ୟୁ ଘଟିଛି। ସେହିଦିନ ସେ ଏକ ସାଇକେଲ ଯୋଗେ ଗାଁକୁ ଫେରୁଥିବା ବେଳେ ଏକ ଅଜଣାଗଡି ଧକ୍କା ଦେଇ ଫେରାର ହୋଇଯାଇଥିଲା। ଗ୍ରାମବାସୀ ତାଙ୍କୁ ଗୁରୁରତ ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ରେଢ଼ାଖୋଲ ଡାକ୍ତରଖାନାକୁ ଆଣିଥିବା ବେଳେ ଡାକ୍ତରଙ୍କ ପରାମର୍ଶ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା।

### ଭିସୁଟ ଓମେନ୍ସ କ୍ଲବ ବାର୍ଷିକ ଉତ୍ସବ

ସମ୍ବଲପୁର,୪।୨(ବ୍ୟୁରୋ) ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍) ଓମେନ୍ସ କ୍ଲବର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭିସୁଟ ପ୍ରେକ୍ଷାଳୟରେ ଆୟୋଜିତ ଉତ୍ସବରେ ପ୍ରଫେସର ଲକ୍ଷ୍ମୀକାନ୍ତ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ମହିଳାଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । କ୍ଲବ ସଭାନେତ୍ରୀ ଝୁମଝୁମ ଚୌଧୁରୀ ସୂଚନା ପ୍ରଦାନ ସହ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦିକା ସସ୍ମିତା ପ୍ରଧାନ ରିପୋର୍ଟ ପାଠ କରିଥିଲେ । ସୁନିତା ପତ୍ରି ଓ ସାତ୍ୱିକ୍ ଦେବ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୋଷାଧକ୍ଷା ଧରିତ୍ରୀ ମହାନ୍ତି ଲକ୍ଷ୍ୟ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଯୁଗ୍ମ ସମ୍ପାଦିକା ସ୍ମିତା ପଣ୍ଡାଙ୍କ ପରିଚାଳନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ଏଥି ସହ ପୁରସ୍କାର ବିତରଣ କରାଯାଇଥିଲା ।

### ସେଣ୍ଟ ଜାଭିୟର୍ ସ୍କୁଲର ବାର୍ଷିକ ଉତ୍ସବ

ସମ୍ବଲପୁର, ୪।୨ (ବ୍ୟୁରୋ)- ସେଣ୍ଟ ଜାଭିୟର ସ୍କୁଲର ପ୍ରଥମ ବାର୍ଷିକ ଉତ୍ସବ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ । ସ୍କୁଲ ପ୍ରତିଷ୍ଠାତା ବଲ୍ଲଭ ଚନ୍ଦ୍ର ନାୟକ, ଚେୟାରମ୍ୟାନ ସୁନିତା ବେହେରା, ନିର୍ଦ୍ଦେଶକ ଅକ୍ଷୟ କୁମାର ନାୟକ ସମ୍ମାନୀତ ଅତିଥି ଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ଶୋଭାମୟୀ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ ।

### ସମ୍ବଲପୁରରେ ସାଇକେଲ ଯାତ୍ରୀ ଜୟଦେବ

ସମ୍ବଲପୁର, ୪।୨ (ବ୍ୟୁରୋ)- ରକ୍ତଦାନ ପାଇଁ ସଚେତନତା ଲକ୍ଷ୍ୟ ନେଇ କଲିକତାର ଜୟଦେବ ରାଉତ ସୋମବାର ରାତିରେ ସମ୍ବଲପୁରରେ ପହଞ୍ଚିଛନ୍ତି । ମଙ୍ଗଳବାର ଗୋଲବଜାର ଛକଠାରେ ସହରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା କରାଯିବା କାର୍ଯ୍ୟକ୍ରମ ରହିଛି ।

### ବସନ୍ତପୁର ଗଡମୁଣ୍ଡା ୟୁଜି ହାଇସ୍କୁଲ ରୌପ୍ୟଜୟନ୍ତୀ ସମାରୋହ

ଚିପିଲିମା,୪।୨ (ଡି.ଏନ.ଏ) ଧନକଉଡା ବ୍ଲକ ବସନ୍ତପୁର ପଞ୍ଚାୟତସ୍ଥିତ ଗଡମୁଣ୍ଡା ସରକାରୀ ୟୁଜି ହାଇସ୍କୁଲର ୨ ଦିନିଆ ରୌପ୍ୟଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି । ବିଜେଡି ଯୁବନେତା ମୋତିଲାଲ ତନ୍ତି ଓ ଇଂ. ଦିଲୀପ ଦୁରିଆ, ପୂର୍ବତନ ବ୍ଲକ ଅଧକ୍ଷ ଶାନ୍ତନୁ ହୋତା, ଶିକ୍ଷକ ସୁବାଷ ସାହୁ ଯୋଗ ଦେଇଥିଲେ । ସେହିପରି ଦ୍ୱିତୀୟ ଦିବସରେ ପୂର୍ବତନ ମନ୍ତ୍ରୀ ଜୟନାରାୟଣ ମିଶ୍ର, ଜିଲାପରିଷଦ ଅଧକ୍ଷ ରାଧେଶ୍ୟାମ ବାରିକ, ଭାଜପା ନେତା ନାଉରୀ ନାଏକ, ଏମ୍‌ସିଏଲ୍ ସିଏସଆର ଆସିଷ୍ଟାଣ୍ଟ ମ୍ୟାନେଜର ଅରବିନ୍ଦ ସାହୁ, କନଖୁଣ୍ଡା ହାଇସ୍କୁଲ ବିଜ୍ଞାନ ଶିକ୍ଷକ ଡ. ଗୋରୀଦାସ ପଧାନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଜଗତ ପ୍ରସାଦ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ । ଅନ୍ୟାନ୍ୟ ଅତିଥି ମଧ୍ୟରେ ଜିଲା ପରିଷଦ ସଦସ୍ୟା ସଂଯୁକ୍ତା ପ୍ରଧାନ, ବ୍ଲକ ଅଧକ୍ଷା ସୀତା ଛୁରିଆ, ଉପାଧକ୍ଷା ସୁଷମା ସାହୁ, ସମିତି ସଭ୍ୟା ଅଞ୍ଜଳି ଛନ୍ଦ ପ୍ରମୁଖ ଯୋଗ ଦେଇଥିଲେ । ଗୋବିନ୍ଦପାଲି ଶିଶୁ ମନ୍ଦିର ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ । ଶିକ୍ଷକ ଗଗନ ବିହାରୀ ସ୍ୱାଇଁ ବିବରଣୀ ପାଠ କରିଥିଲେ । ଏହି ଅବସରରେ ପ୍ରତିଷ୍ଠାତା ସଦସ୍ୟ, ପୁରାତନ ଶିକ୍ଷକ, ଶ୍ରେଷ୍ଠ ଛାତ୍ରୀଛାତ୍ରମାନଙ୍କୁ ସମ୍ମାନିତ କରାଯାଇଥିଲା । ପୁରାତନ ଛାତ୍ର ସୁରେଶ ଛନ୍ଦ ସଭା ପରିଚାଳନା କରିଥିବା ବେଳେ ସୁଧୀର ମେଣ୍ଡେଲି ଧନ୍ୟବାଦ ଅର୍ପଣ କରିଥିଲେ । ରାଜୀବ ମିଶ୍ର, ଖଗେଶ୍ୱର ପ୍ରଧାନ, ଶିବନାରାୟଣ କର୍ଣ୍ଣ, ଶିଶିର ମେଣ୍ଡେଲି, ମାନସ ମେଣ୍ଡେଲି, ତ୍ରିଲୋଚନ ପ୍ରଧାନ, ରାକେଶ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

# ସରକାର କେନ୍ଦୁପତ୍ର କର୍ମଚାରୀଙ୍କ ଦାବିକୁ ଉପେକ୍ଷା କରୁଛନ୍ତି

**କୁଚିଣ୍ଡା, ୪।୨ (ଡି.ଏନ.ଏ)** ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଡିଭିଜନ ପକ୍ଷରୁ ସୋମବାର ୧୧ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳ ଓ ଡିଏଫଓଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ୧ ହଜାରରୁ ଉର୍ଦ୍ଧ୍ୱ ତୋଳାଳି, କର୍ମଚାରୀ ଓ ବନ୍ଧେଇ ଶ୍ରମିକ ସ୍ଥାନୀୟ କେନ୍ଦୁପତ୍ର ଶ୍ରମିକ ଭବନଠାରେ ଏକତ୍ରିତ ହୋଇଥିଲେ । ସେଠାରୁ ପଟୁଆରରେ ବାହାରିଡିଏଫଓ ଏବଂ ଉପଜିଲାପାଳ ଅଫିସ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ହିନ୍ଦ ମଜଦୁର ସଭା ରାଜ୍ୟ ସମ୍ପାଦକ ମହମ୍ମଦ ମୁର୍ତ୍ତୁଜାଙ୍କ ସଂଯୋଜନାରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ରାଜ୍ୟ ସଭାପତି ବିଜୟ କୁମାର ମହାନ୍ତି, ରାଜ୍ୟ ସମ୍ପାଦକ ଗୋକୁଳ ମେହେର, କୁଚିଣ୍ଡା ଡିଭିଜନ ସମ୍ପାଦକ କୀର୍ତ୍ତନ ସେନାପତି, ଯୋଗବିହାରୀ ପରିଡା, ପଦ୍ମାବତୀ କିସାନ, ସରୋଜ ମହାନ୍ତି, ଶ୍ୟାମସୁନ୍ଦର ମୁଣ୍ଡା, ଦୈତାରୀ ନାଏକ, କରୁଣାକର କିସାନ ପ୍ରମୁଖ ଯୋଗ ଦେଇଥିଲେ। ସରକାର କେନ୍ଦୁପତ୍ର କର୍ମଚାରୀଙ୍କ ଦାବିକୁ ଉପେକ୍ଷା କରୁଥିବା ଅଭିଯୋଗ କରି ଅସନ୍ତୋଷ ପ୍ରକାଶ କରିଥିଲେ । ପରେ ଉପଜିଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ । ଛାତ୍ର ବୃତ୍ତି ବାତିଲ ନିର୍ଦ୍ଦେଶର ପ୍ରତ୍ୟାହାର, ସିଜନାଲ କର୍ମଚାରୀଙ୍କୁ ଶୀଘ୍ର ବର୍ଦ୍ଧିତ ମଜୁରୀ ପ୍ରଦାନ, କେନ୍ଦୁପତ୍ର ଓ ବିଡିକୁ ଜିଏସଟି ମୁକ୍ତ କରିବା, ଶୀଘ୍ର ବୋନସ ପ୍ରଦାନ, ଇପିଏଫଓ ପେନସନ ଲାଗୁ, ସିଜନାଲ କର୍ମଚାରୀଙ୍କ ଗସ୍ତ ପାଇଁ ପେଟ୍ରୋଲ ଖର୍ଚ୍ଚ ଦେବା, ୫ଶହ କେରୀ କେନ୍ଦୁପତ୍ର ସଂଗ୍ରହକାରୀଙ୍କୁ ହିତାଧିକାରୀ ମାନ୍ୟତା ଦେବା, ୧୯୯୩ ପରଠାରୁ କାର୍ଯ୍ୟରତ ୱାଚରଙ୍କୁ ନିୟମିତ କରିବା, କେନ୍ଦୁପତ୍ର ବ୍ୟବସାୟରେ ନିର୍ଦ୍ଦିଷ୍ଟ ପରିମାଣର ଲାଭ ସ୍ଥିର କରିବା, ଜଙ୍ଗଲ ଅଧିକାର ଆଇନକୁ ଦୃଷ୍ଟିରେ ରଖି ନୀତି ନିର୍ଦ୍ଧାରଣ ପ୍ରସ୍ତାବକୁ କେଏଲଡିବିରେ ନିଷ୍ପତ୍ତି ନିଆଯିବାକୁ ଦାବି କରା ଯାଇଛି।




ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ କୁଚିଣ୍ଡାରେ ଶୋଭାଯାତ୍ରା ବାହାରିଛି।

## କିଡସ୍ ଫାଉଣ୍ଡେଶନ ସ୍କୁଲର ବାର୍ଷିକ ଉତ୍ସବ

ସମ୍ବଲପୁର,୪।୨(ବ୍ୟୁରୋ) ଶାନ୍ତିନଗରସ୍ଥିତ କିଡସ୍ ଫାଉଣ୍ଡେଶନର ବାର୍ଷିକ ଉତ୍ସବ ତପସ୍ୱିନୀ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ରମେଶ ସାହା ଅଧକ୍ଷତା କରିଥିଲେ। ଗଙ୍ଗାଧର ମେହେର କଲେଜର ଅବସରପ୍ରାପ୍ତ ଅଧକ୍ଷ ପ୍ରଫେସର ଶମ୍ଭୁ ପ୍ରସାଦ ମିଶ୍ର, ହେମନ୍ତ କୁମାର ମହାପାତ୍ର, ସେଣ୍ଟଜନ୍ ସ୍କୁଲର ଶିକ୍ଷୟିତ୍ରୀ ସସ୍ମିତା ପଟ୍ଟନାୟକ, ବନ୍ଦିତା ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ସ୍କୁଲ ଅଧକ୍ଷା ତମନ୍ନା ସାମନ୍ତରାୟ ସ୍ୱାଗତ ଭାଷଣ ଦେଇ ବିବରଣୀ ପାଠ କରିଥିଲେ। ମୁମ୍ବାଇରୁ ଆସିଥିବା ଇଣ୍ଡିୟାନ ସୁପର ଡେଜିଲିଙ୍ଗ ଡ୍ୟାନ୍ସର ଓ ମଡେଲ ନିର୍ଦ୍ଦେଶକ ତଥା ବୁଗିଉଗି ଡ୍ୟାନ୍ସ ରିଆଲିଟି ସୋ ବିଜେତା ୟଶ୍ ରେଡ୍ଡି ଓ ସାଥି ନୃତ୍ୟ ପରିବେଷଣ କରିଥିଲେ। ଛୋଟ ପିଲାମାନଙ୍କ ର୍ୟାମ୍ପ ୱାକ ଓ ଫ୍ୟାଶନ ସୋ ସାଙ୍ଗକୁ ନୃତ୍ୟ ପରିବେଷଣ ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା। ଏଥିରେ ଗଣେଶ ଗୁପ୍ତା ମାଷ୍ଟର କିଡସ୍ ଓ ଜି.ଗ୍ରିଷ୍ମାଙ୍କୁ ମିସ୍ କିଡିସ୍ ଭାବେ ପୁରସ୍କୃତ କରାଯାଇଥିଲା । ଶିକ୍ଷୟିତ୍ରୀ ଇପସିତା ପଣ୍ଡା, ସୋନାକ୍ଷୀ ଆସ୍, ରୁବୀ ଭଦୱାନୀ, ସୁନିତା ଯୋଶୀ ଓ କଲ୍ୟାଣୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

## ଆଞ୍ଚଳିକ ହୈହୟ ଶୌଣ୍ଡିକ ସମାଜର ସାଧାରଣ ସଭା



ଜନମକିରା କାଲୋପଡ଼ାରେ ଆଞ୍ଚଳିକ ହୈହୟ ଶୌଣ୍ଡିକ ସମାଜର ସାଧାରଣ ସଭାରେ ସମାଜର ସଦସ୍ୟମାନେ।

ଜମନକିରା, ୪।୨ (ଡି.ଏନ୍.ଏ.) ଜମନକିରା ବ୍ଲକ୍ କାଲୋପଡ଼ାରେ ଆଞ୍ଚଳିକ ହୈହୟ ଶୌଣ୍ଡିକ ସମାଜର ସାଧାରଣ ବୈଠକ ବରିଷ୍ଠ ସଭ୍ୟ ଯୋଗେନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟତଃ ସମାଜକୁ ସଂଗଠିତ କରି ପିଲାମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରେଇବା ଦିଗରେ ଗୁରୁତ୍ୱାରୋପ କରାଯାଇଥିଲା। ବର୍ତ୍ତମାନ ସ୍ଥିତରେ ସମାଜକୁ ଖାପଖୁଆଇ ଆଗକୁ ବଢ଼ିବା ପାଇଁ ଆହ୍ୱାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସଭ୍ୟ ଅଶ୍ୱିନୀ ବେହେରା, ପ୍ରସନ୍ନ ବେହେରା, ପ୍ରମୋଦ ନାୟକ, କରୁଣାକର ନାୟକ, ଭ୍ରମର ମହାପାତ୍ର ଓ ବାଞ୍ଛାନିଧି ସାହୁ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଶେଷରେ କରୁଣାକର ନାଏକ ଧନ୍ୟବାଦ ଦେଇଥିଲେ।

## ପିସିସିକୁ ଆବେଦନକାରୀଙ୍କ ତାଲିକା ଦେଲା ଜିଲା କଂଗ୍ରେସ

ସମ୍ବଲପୁର,୪।୨(ବ୍ୟୁରୋ) ସମ୍ବଲପୁର ଜିଲାର ଗୋଟିଏ ଲୋକସଭା ଆସନ ଓ ୪ଟି ବିଧାନସଭା (ସମ୍ବଲପୁର, ରେଢାଖୋଲ, କୁଚିଣ୍ଡା, ରେଙ୍ଗାଲି) ଆସନ ରହିଛି। ଏହି ଆସନଗୁଡିକରେ ନିର୍ବାଚନ ଲଢିବାକୁ ଗତ ୨୯ ତାରିଖ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ୩୯ ଜଣ ଆବେଦନ କରିଛନ୍ତି। ସୋମବାର ପ୍ରଦେଶ କଂଗ୍ରେସ କମିଟି (ପିସିସି) ନିକଟକୁ ସମ୍ବଲପୁର ଜିଲା କଂଗ୍ରେସ ଏମାନଙ୍କ ତାଲିକା ପଠାଇଛି। ସମ୍ବଲପୁର ଲୋକସଭା ଓ ରେଙ୍ଗାଲି, ରେଢାଖୋଲ, କୁଚିଣ୍ଡା, ସମ୍ବଲପୁର ବିଧାନସଭା ଆସନ ପାଇଁ ୩ ଜଣ ଲେଖାଏଁ ପ୍ରାର୍ଥୀଙ୍କ ନାମ ସୁପାରିଶ କରାଯାଇଛି । ଜୋନ ସଭାପତି, ଜିଲା ଚୟନ କମିଟି ଓ ବରିଷ୍ଠ କର୍ମୀମାନଙ୍କ ମତ ଲୋଡାଯାଇ ଏହି ନିଷ୍ପତ୍ତି ନିଆଯାଇଛି । ନିର୍ମଳ ଭାବମୂର୍ତ୍ତି ଓ ବିଜୟ ସମ୍ଭାବନା ରହିଥିବା ପ୍ରାର୍ଥୀଙ୍କୁ ଚୟନ କରାଯାଇଛି। କୌଣସି ଅପରାଧିକ ମାମଲା ନ ଥିବା, ଉକ୍ତ ନିର୍ବାଚନ ମଣ୍ଡଳୀରେ ସେ ଲୋକମାନଙ୍କ ସହ ମିଶି କାମ କରୁଥିବା ଆଦି ଦିଗରେ ମଧ ଗୁରୁତ୍ୱ ଦିଆଯାଇଛି । ୪ଟି ବିଧାନସଭା ଆସନରୁ ୨ଟିରେ ଯୁବ ନେତାମାନଙ୍କୁ ସୁଯୋଗ ଦିଆଯାଇଛି । ସେହିପରି ବରିଷ୍ଠ ନେତା, ପୂର୍ବତନ ବିଧାୟକଙ୍କୁ ମଧ ଗୁରୁତ୍ୱ ଦିଆଯାଇଛି । ୨ଟି ନିର୍ବାଚନ ମଣ୍ଡଳୀରେ ମହିଳା ନେତ୍ରୀଙ୍କ ନାମ ମଧ ସୁପାରିଶ କରାଯାଇଛି । ଜିଲା ସଭାପତି ଅଶ୍ୱିନୀ ଗୁରୁ ଏହା କହିଛନ୍ତି।

## ଚୋରା ଚାଲାଣ ବେଳେ କାଠଗଣ୍ଡି ସହ ପିକ୍‌ଅପ୍ ଭ୍ୟାନ୍ ଜବତ: ୨, ଗିରଫ



ଗିରଫ ୨ ଅଭିଯୁକ୍ତ।



ଜବତ ପିକଅପ ଭ୍ୟାନ ସହ କାଠଗଣ୍ଡି ।

**ରେଢାଖୋଲ,୪।୨(ଡି.ଏନ.ଏ.)** କାଠଗଣ୍ଡି ବୋଝେଇକରି ଚୋରା ଚାଲାଣ କରୁଥିବା ଏକ ପିକଅପ ଭ୍ୟାନକୁ ବନବିଭାଗ ରବିବାର ରାତିରେ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଅନଗୋଳ ଜିଲା କିଶୋରନଗର ଥାନା ଜୟରାଟ ଗ୍ରାମର ବିଶ୍ୱାମିତ୍ର ଲୁହା ଓ ରେଢାଖୋଲ ଥାନା ଲୁହାପଙ୍କ ଗ୍ରାମର କୃଷ୍ଣଚନ୍ଦ୍ର ବେହେରା। ଏମାନେ ରବିବାର ବିଳମ୍ବିତ ରାତିରେ ଭ୍ୟାନ (ନଂ.- ଓଡି ୧୯ ଏଲ୬୬୨୭) ଯୋଗେ ୪ଟି ଶାଳଗଣ୍ଡି ବୋଝେଇ କରି ଅନୁଗୋଳ ଚାଲାଣ କରୁଥିଲେ। ରେଞ୍ଜ ଅଧିକାରୀ ପ୍ରଦୀପ ସେଠୀ ସୂଚନା ପାଇ ସଦଳବଳେ ଚଡାଉ କରିଥିଲେ। ଜବତ କାଠଗଣ୍ଡିର ଆନୁମାନିକ ମୂଲ୍ୟ ୩୦ହଜାର ଟଙ୍କା ହେବ ବୋଲି ଜଣାପଡିଛି। ଚଡାଉରେ ରେଞ୍ଜ ଅଧିକାରୀଙ୍କ ସହ ଫରେଷ୍ଟର ପ୍ରିୟଦର୍ଶୀ ପ୍ରଧାନ, ରବୀନ୍ଦ୍ର ସାହୁ, ଫରେଷ୍ଟଗାର୍ଡ କିଶୋରଚନ୍ଦ୍ର ପ୍ରଧାନ ସାମିଲ ହୋଇଥିଲେ। ତେବେ ଗିରଫ ଅଭିଯୁକ୍ତ ଦ୍ୱୟଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯିବ ବୋଲି ରେଞ୍ଜ ଅଧିକାରୀ କହିଛନ୍ତି।

## ଚୋରି ଅଭିଯୋଗରେ ୨ କୋର୍ଟ ଚାଲାଣ

ବାମରା, ୪।୨ (ସ୍ୱ.ପ୍ର.) ସମ୍ବଲପୁର ଜିଲା ବାମରା ଅଞ୍ଚଳରେ ଦିନକୁ ଦିନ ଚୋରି ବୃଦ୍ଧି ହେଉଥିବା ଅଭିଯୋଗ ହୋଇଛି । ଶୁକ୍ରବାର ବାମରା ଷ୍ଟେଶନ ବସ୍ତିଠାରେ ଏକ ଦୋକାନ ତାଲା ଭାଙ୍ଗି ଦୁର୍ବୃତ୍ତ ଫେଲ ମାରିଥିଲେ। ଶନିବାର ରାତିରେ ପୁଣି ବାମରାସ୍ଥିତ ଗୌରବ ଅଗ୍ରୱାଲଙ୍କ ତେଜରାତି ଦୋକାନ ତାଲା ଭାଙ୍ଗି ଚୋରି କରି ନେଇଥିଲେ। ଅଭିଯୋଗ ପାଇ ଗୋବିନ୍ଦପୁର ପୋଲିସ ରେଳ ଷ୍ଟେଶନ ନିକଟରୁ ୨ ଜଣଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବଣେଇ ଉପରପଡାର ରଞ୍ଜନ ସାହୁ (୨୦) ଓ ରାଉରକେଲା ମାଲଗୋଦାମ ଅଞ୍ଚଳର ଶ୍ୟାମ ସିଂ (୩୮) । ଉଭୟଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି । ତେବେ ରାତିରେ ହୋମଗାର୍ଡମାନେ ଥାନାରୁ ଡ୍ୟୁଟି ଚାର୍ଜ ନେଇ ଘରେ ଶୋଇ ପଡୁଥିବା ଯୋଗୁ ଚୋରି ବୃଦ୍ଧି ପାଉଥିବା ନେଇ ଅଭିଯୋଗ ହେଉଛି।

## କେନାଢ଼ିପା ପଞ୍ଚାୟତ ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ



କେନାଢ଼ିପା ପଞ୍ଚାୟତ ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥି।

ଜମନକିରା, ୪।୨ (ଡି.ଏନ୍.ଏ.) ଜମନକିରା ବ୍ଲକ୍ କେନାଢ଼ିପା ପଞ୍ଚାୟତ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ତଥା ସ୍କୁଲର ପୁରାତନ ଛାତ୍ର ଡ. ହେମନ୍ତ କୁମାର ନାୟକ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧକ୍ଷ କିଶୋର କୁମାର ମହାନ୍ତି, ବିପ୍ଳବୀ ବୀର ସୁରେନ୍ଦ୍ର ସାଏ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଡ. ଗୌରିଦାସ ପ୍ରଧାନ, ଧନକଉଡ଼ା ବ୍ଲକ୍ ଗୋଷ୍ଠି ଶିକ୍ଷା ଅଧିକାରୀ ମୁରଲୀଧର ବେହେରା, ସମ୍ବଲପୁର ବିଜ୍ଞାନ ପରିଦର୍ଶିକା ଦୀପାଳି ଚୌଧରୀ, କୋଲାବିରା ପୂର୍ବତନ ଥାନା ଅଧିକାରୀ କାଶିନାଥ ନାୟକ, ଲଇକେରା ବ୍ଲକ୍ ଅଧକ୍ଷା ରୋଜାଲିନ ପଟେଲ, ସ୍କୁଲର ପ୍ରଧାନ ଶିକ୍ଷକ ଅମୋଘବୈରୋଗଞ୍ଜନ ନାୟକ, ପୁରାତନ ଛାତ୍ର ବିପିନ ବିହାରୀ କାଲୋ, ସମ୍ବଲପୁର ଜିଲା ଶିକ୍ଷା ଅଧିକାରୀ ସୁବୋଧ କୁମାର ଦାସ, କୁଚିଣ୍ଡା ମହାବିଦ୍ୟାଳୟ ଅଧାପିକା ମମତା ସାହୁ, ଜିଲା ପ୍ରକଳ୍ପ ସଂଯୋଜିକା କଳ୍ପନା ପଣ୍ଡା, ଜମନକିରା ଗୋଷ୍ଠି ଶିକ୍ଷା ଅଧିକାରୀ ସୁଷମା ନାୟକ, ଓଷ୍ଟା ସମ୍ପାଦକ ହରି ନାରାୟଣ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଏକ କବି ସମ୍ମିଳନୀ ଆୟୋଜିତ ହୋଇଥିଲା। କୁଚୁରାଗୁଆଁ କଲେଜ ଅଧକ୍ଷ ସୁବାଷ ନାୟକ ଏଥିରେ ଅଧକ୍ଷତା କରିଥିଲେ। ଅତିଥି ଭାବେ ବାମଣ୍ଡା ସାହିତ୍ୟ ସଂସଦ ସଭାପତି ପ୍ରଫୁଲ୍ଲ ମହାପାତ୍ର, କୁଚିଣ୍ଡା ଉପଜିଲାପାଳ ବିଶ୍ୱରଞ୍ଜନ ନାଏକ, ଫାଶିମାଲ ଆଞ୍ଚଳିକ ମହାବିଦ୍ୟାଳୟର ଅଧକ୍ଷା ଜ୍ୟୋତ୍ସ୍ନାରାଣୀ ଦଳବେହେରା, ସରପଞ୍ଚ ସଞ୍ଜୟ ଧୁରୁଆ ପ୍ରମୁଖ ମଞ୍ଚାସୀନ ଥିଲେ।

## କର୍କଟ ରୋଗ ସଚେତନତା କାର୍ଯ୍ୟକ୍ରମ

**ସମ୍ବଲପୁର,୪।୨(ବ୍ୟୁରୋ)** ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ କର୍କଟ ରୋଗ ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. କଲ୍ୟାଣ କୁମାର ଗୁପ୍ତା, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କୁବେର ଚନ୍ଦ୍ର ମହନ୍ତ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପଞ୍ଚାନନ ନାୟକ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ) ଡା. ଚିନ୍ତାମଣି ମେହେର, ଭେଷଜ ବିଶେଷଜ୍ଞ ଡା. ଲଳିତ କୁମାର ପ୍ରଧାନ, ଜିଲା ଜନସ୍ୱାସ୍ଥ୍ୟ ସମ୍ପର୍କ ଅଧିକାରୀ କମଳାକାନ୍ତ ମହାପାତ୍ର ଯୋଗଦେଇ କର୍କଟ ରୋଗର ନିରାକରଣ ବିଷୟରେ ଆଲୋକପାତ କରିଥିଲେ । ଚଳିତ ମାସ ୮ ତାରିଖ ପର୍ଯ୍ୟନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ମାଗଣା କର୍କଟ ରୋଗ ଚିହ୍ନଟ ଓ ପରାମର୍ଶ ସେବା କାର୍ଯ୍ୟକ୍ରମ ହେବ ବୋଲି ସମିତି ପକ୍ଷରୁ ସୂଚୀତ କରାଯାଇଛି । ଏହି ଅବସରରେ ପଦଯାତ୍ରା, ବୈଠକ, ପ୍ରଶ୍ନ ଉତ୍ତର ମାଧ୍ୟମରେ ପୁରସ୍କାର ବିତରଣ ଓ ମାଗଣା ରୋଗ ଚିହ୍ନଟ ଓ ପରାମର୍ଶ କାର୍ଯ୍ୟକ୍ରମ ହୋଇଥିଲା ।

## ଯୁବ ସାଧାରଣ ସମ୍ପାଦକ ପଦରୁ ବରୁଣ ଦେହୁରୀଙ୍କ ଇସ୍ତଫା

**ସମ୍ବଲପୁର,୪।୨(ବ୍ୟୁରୋ)** ନିର୍ବାଚନ ପାଇଁ ସମୟ ଯେତିକି ପାଖେଇ ଆସୁଛି କଂଗ୍ରେସରୁ ଅନେକ ନେତା କର୍ମୀ ଦଳ ଛାଡୁଛନ୍ତି । ପଦ ପଦବିରୁ ଓହରି ଯାଉଛନ୍ତି । ପ୍ରଦେଶ କଂଗ୍ରେସ କିମିଟି ଯୁବ ସାଧାରଣ ସମ୍ପାଦକ ବରୁଣ ଦେହୁରୀ ମଧ ନିଜ ପଦରୁ ଏବେ ଇସ୍ତଫା ଦେଇଛନ୍ତି । ଇସ୍ତଫା ପତ୍ରକୁ ସେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜାତୀୟ କଂଗ୍ରେସ ଯୁବ ସଭାପତି କେଶବ ଚନ୍ଦ୍ର ଯାଦବ ଜୀଙ୍କୁ ପଠାଇଛନ୍ତି।

୨୦୧୪ ମସିହାରୁ ସେ ରାଜ୍ୟ ଯୁବ ସାଧାରଣ ସମ୍ପାଦକ ପଦରେ ରହି ରେଢାଖୋଲ ନିର୍ବାଚନ ମଣ୍ଡଳୀରେ ସଂଗଠକ ଭାବେ କାମ କରୁଥିଲେ । ତେବେ ଇସ୍ତଫା ସମ୍ପର୍କରେ ସେ କହିଛନ୍ତି ଯେ ସୋମବାର ସାହାସପୁରଠାରେ ଯୁବ ସମାବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ହେଲେ ସେହି ସଭାକୁ ତାଙ୍କୁ ନିମନ୍ତ୍ରଣ କରାଯାଇ ନ ଥିଲା । ନବଙ୍କ ଇସ୍ତଫା ପରେ କଂଗ୍ରେସରୁ ତାଙ୍କ ସମର୍ଥକମାନେ ଦଳ ଛାଡି ଯାଉଛନ୍ତି । ବରୁଣ ମଧ ସେହି ରାସ୍ତା ଆପଣେଇବେ ବୋଲି ଚର୍ଚ୍ଚା ହେଉଛି। ବରୁଣଙ୍କ ଇସ୍ତଫା ପରେ ଝୁମୁମୁରା, ନାକଟିଦେଉଳ, ରେଢାଖୋଲ ବ୍ଲକରେ ଥିବା ଯୁବ ସମର୍ଥକମାନେ ନିରାଶ ହୋଇଛନ୍ତି । ମାନେଶ୍ୱର ବ୍ଲକର କଂଗ୍ରେସ ଓବିସି ସେଲ ବ୍ଲକ ସଭାପତି ଭାଗୀରଥି ସାହୁ ଓ ମାନେଶ୍ୱର ଏସସି ସେଲ ବ୍ଲକ ସଭାପତି ଶ୍ରୀକାନ୍ତ ବାଦୀ ମଧ ନିଜ ଫେସବୁକ ଆକାଉଣ୍ଟରେ ଦଳର ସମସ୍ତ ପଦ ପଦବୀରୁ ଇସ୍ତଫା ଦେଇଥିବା ସୂଚନା ଦେଇଛନ୍ତି । ଏଥିରୁ ଗୋଷ୍ଠୀ କନ୍ଦଳ ପଦାରେ ପଡିଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି ।

## ଫୁଟବଲ ଟୁର୍ନାମେଣ୍ଟ: ଝାଡ଼ଖଣ୍ଡ ଡାଇରେକ୍ଟର ଏକାଦଶ ବିଜୟୀ



ସୋମବାର ସମ୍ବଲପୁର ଫୁଟବଲ ଏକାଡେମୀ ଖେଳ ପଡିଆରେ ଅତିଥିଙ୍କ ସହ ଖେଳାଳିମାନେ ।

**ସମ୍ବଲପୁର, ୪।୨ (ବ୍ୟୁରୋ)** ଆନ୍ତଃ ଏକାଡେମୀ ଫୁଟବଲ ଟୁର୍ନାମେଣ୍ଟ ସୋମବାର ମ୍ୟାଚରେ ଝାଡ଼ଖଣ୍ଡ ଡାଇରେକ୍ଟର ଏକାଦଶ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ପିତାପାଲି ନିକଟସ୍ଥ ସମ୍ବଲପୁର ଫୁଟବଲ ଏକାଡେମୀ ଖେଳ ପଡିଆରେ ଝାଡ଼ଖଣ୍ଡ ବନାମ ସମ୍ବଲପୁର ଫୁଟବଲ ଏକାଡେମୀ ମ୍ୟାଚ ସଂଘର୍ଷପୂର୍ଣ୍ଣ ହୋଇଥିଲା। ୪୬ ମିନିଟ ପର୍ଯ୍ୟନ୍ତ ଗୋଲ ଶୂନ୍ୟ ରହିଥିଲା । ୪୭ ତମ ମିନିଟରେ ଝାଡ଼ଖଣ୍ଡର ଜର୍ସି ନଂ- ୧୬ ପି. ଟିପ୍ପୁ ଦର୍ଶନୀୟ ଗୋଲସ୍କୋର କରି ଦଳକୁ ବିଜୟୀ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ମଝି ପଡିଆରେ ସହଦେବ ବେହେରା ମ୍ୟାଚ ପରିଚାଳନା କରିଥିଲେ। ଲାଇନରେ ଶୈଳ କୁମାର ବେହେରା ଓ କୌଶିକ ଭୋଇ ସହଯୋଗ କରିଥିଲେ । ସୁବ୍ରତ ପୁରୋହିତ ଚତୁର୍ଥ ରେଫରି ଥିଲେ ।



କୌଣସି ମହତ ବ୍ୟକ୍ତି ଅଭାବ ଓ ସୁଯୋଗ ନିମନ୍ତେ ଅଭିଯୋଗ କରେନାହିଁ।
- ଆର. ଡବ୍ଲ୍ୟୁ. ଇମରସନ

# ମଦ ଭାଟି ବନ୍ଦ ପାଇଁ ମହିଳାଙ୍କ ଧାରଣା

କିର୍ମିରା, ୪।୨ (ଡି.ଏନ.ଏ.)



ଥାନା ସମ୍ମୁଖରେ ଧାରଣାରେ ବସିଥିବା ଆନ୍ଦୋଳନକାରୀ।

କିର୍ମିରା ବ୍ଲକ ବନ୍ଧପାଲି ପଞ୍ଚାୟତ ଅନ୍ତର୍ଗତ ଭାଲୁପତ୍ରା ମୁଖ୍ୟରାସ୍ତାରେ ଥିବା ସରକାରୀ ଦେଶୀ ମଦଭାଟି ଯୋଗୁ ସେହି ଅଞ୍ଚଳରେ ମଦ କାରବାର ବଢ଼ିଛି। ଏଥିଯୋଗୁ ଘରୋଇ କଳହ ଏବଂ ଅଞ୍ଚଳରେ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ମୁଖ୍ୟରାସ୍ତା ଉପରେ ମଦଭାଟି ଥିବାରୁ ମଦ୍ୟପମାନେ ନିଶାସକ୍ତ ଅବସ୍ଥାରେ ଅଶୋଭନୀୟ ଆଚରଣ କରୁଛନ୍ତି । ପାଖରେ ହାଇସ୍କୁଲ ଥିବା ବେଳେ ଛାତ୍ରୀଛାତ୍ରଙ୍କ ଉପରେ ଏହାର କୁପ୍ରଭାବ ପଡ଼ୁଛି । ଯେଉଁଥି ପାଇଁ ବନ୍ଧପାଲି ପଞ୍ଚାୟତବାସୀ ଅନେକଥର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି । ତେବେ ଉପରିସ୍ଥ ଅଧିକାରୀ କେବଳ ପ୍ରତିଶ୍ରୁତି ଦେଇ ଭୁଲି ଯାଇଛନ୍ତି । ପ୍ରଶାସନ ଏବଂ ମଦ ବେପାରୀଙ୍କ ମଧୁଚନ୍ଦ୍ରିକା ଯୋଗୁ ଏହି ବେଆଇନ କାରବାର ଚାଲିଥିବା ଅଭିଯୋଗ ହୋଇଛି। ଦୁଇ ଦିନ ପୂର୍ବେ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଏବଂ ଗ୍ରାମବାସୀ ଜିଲାପାଳଙ୍କୁ ଭେଟି ମଦଭାଟି ବନ୍ଦ ପାଇଁ ନିବେଦନ କରିବା ସହ ସମାଧାନ ନ ହେଲେ ଆନ୍ଦୋଳନ ପାଇଁ ଚେତାବନୀ ଦେଇଥିଲେ । ଏଥିରେ କୌଣସି ସୁଫଳ ନ ମିଳିବାରୁ ସୋମବାର ଲଇକେରା ଥାନା ଅଧିକାରୀଙ୍କୁ ସମାନ ନିବେଦନ କରାଯାଇଛି । ଏଥିସହିତ ଭାଟି ସାମନାରେ ବିକ୍ଷୋଭ ପ୍ରଦର୍ଶନ କରି ଧାରଣାରେ ଦିଆଯାଇଛି। ଲଇକେରା ଥାନା ପକ୍ଷରୁ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରାଯାଇଥିଲେ ମଧ୍ୟ ଖବର ଲେଖାଯିବା ପର୍ଯ୍ୟନ୍ତ ଧାରଣା ଜାରି ରହିଛି । ଲଇକେରା ଥାନା ଅଧିକାରୀ ପ୍ରବୀର କେଶରୀ ତ୍ରିପାଠୀ ପ୍ରଶାସନ ନିର୍ଦ୍ଦେଶ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।

# ପ୍ରାଣୀଧନ ବୀମା ଯୋଜନା ସଚେତନତା

**କିର୍ମିରା, ୪।୨ (ଡି.ଏନ.ଏ.):** କିର୍ମିରା ବ୍ଲକ ଗୌଡପାନପାଲି ଗ୍ରାମରେ ପ୍ରାଣୀଧନ ବୀମା ଯୋଜନା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । କିର୍ମିରା ବିଡ଼ିଓ ଡ. ରବୀନ୍ଦ୍ର ହୋତାଙ୍କ ଅଧ୍ୟକ୍ଷତାରେ ପାନପାଲି ଓମ୍‌ଫେଡ ସେଣ୍ଟରରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଦୁଗ୍ଧ ଚାଷୀଙ୍କୁ ଗାଈଙ୍କ ବୀମା ପାଇଁ ସଚେତନ କରାଯାଇଥିଲା । ବାଗଡିହି ଅତିରିକ୍ତ ପ୍ରାଣୀ ଚିକିତ୍ସକ ରୁଦ୍ରଲକ୍ଷ୍ମୀ ବିଜୟକାନ୍ତ ପାତ୍ର, ଅର୍ଡା ପ୍ରାଣୀଧନ ଚିକିତ୍ସକ ବାଲୁକେଶ୍ୱର ହାଁସଦା, ଟେକନିସିଆନ୍ ଗୋପାଳଚନ୍ଦ୍ର ମାଝି ପ୍ରମୁଖ ଉପସ୍ଥିତ ଥିଲେ । ଓମ୍‌ଫେଡର ସଭାପତି ପ୍ରଭାସିନୀ ସା, ସମ୍ପାଦକ ତୁଳସ୍ୟା ବଗାର ପ୍ରମୁଖ ସହଯୋଗ କରିଥିଲେ ।


GOVERNMENT OF ODISHA
OFFICE OF THE EXECUTIVE ENGINEER, RURAL WORKS DIVISION, KESINGA
E-mail : eerwkesinga@yahoo.com

**E-PROCUREMENT NOTICE**

**Cancel to Identification No. EERWKSNG-online-03/2018-19**

No. 238/dated : 30.01.19

No. 1540-O: The bid Identification No : EERWKSNG-online : 03/2018-19 is here by cancelled due to unavoidable circumstances.

Sd./- Executive Engineer,
25153/11/0006/1819 Rural Works Division, Kesinga

BHUBANESWAR MUNICIPAL CORPORATION

Notice No : 4566 Dt.04.02.2019

NOTICE INVITING EXPRESSION OF INTEREST (EOI)

Sealed Proposal are invited for **"EOI FOR EMPAMNELMENT OF AGENCIES/INDIVIDUAL UNDER BHUBANESWAR MUNICIPAL CORPORATION FOR DE-SILTING OF DRAIN/OTHER WORKS THROUGH EXCAVATORS"** in conformity with the Terms & Conditions of the EOI document in from intending applicants. Please refer to Website www.bmc.gov.in for complete details and downloading the Document. The Last date & time of submission of proposal is **25.02.2019 till 3:30 PM.**

For any queries please contact bmcpmu@bmc.gov.in

By Order,
Sd/-
Executive Engineer (Drainage)
Bhubaneswar Municipal Corporation

Progress Through Partnership for a Better Bhubaneswar

GOVERNMENT OF ODISHA
ELECTRONICS & INFORMATION TECHNOLOGY DEPARTMENT

Letter No. 307 / EIT Dated 01.02.19
EIT-OE-ESTT-0008-2016 Bhubaneswar

No.09-U:- Sealed Quotations/Tenders are invited within 7 days from the publication of the notice from interested reputed Travel Agencies/Tour Operators or Private individuals for supply of one A/C Swift Dzire (Petrol/Diesel) vehicle and one Non A/c Indica or equivalent Diesel Car on hiring basis for one year for use of officers of E & IT Department. The details of notice alongwith the terms and condition of hiring may be seen in the website of Government of Odisha in E&IT Department.

Sd./-
28001/11/0017/1819 Deputy Secretary to Government

DISTRICT PROJECT OFFICE
SARVA SHIKSHA ABHIYAN
(R.T.E.-S.S.A)
SHIKSHA SADAN, KORAPUT - 764020
Ph : (06852) - 252421 (Off), 252857 (MIS)
E-mail : dpckoraputssa.opepa@nic.in, financekoraput@gmail.com

Letter No. : 312/CW/19 III-CW-236/18 Date : 02.02.2019

**NOTICE**

No. 76-n: In view of Mass Strike by the Staffs of District Project Office, Koraput the Opening Date of Tender Documents notified in Letter No : 173/ CW/2019, dtd. 22/01/2019 which is schedule to be held on 05.02.2019 is hereby postponed until further orders. The revised date will be intimated by a fresh notice later on.

Sd./- District Project Coordinator,
27035/11/0026/1819 RTE-SSA, Koraput

OFFICE OF THE MUNICIPAL COUNCIL : KHORDHA

No. 423/ Dtd.02.02.2019

No.-458-C **e-Procurement Notice**

**Bid Identification No.KM-06/2018-19**

1. Name of the work for which tender invited - Privatization of sanitation work including collection of solid Waste from door to door in 20 Nos. (Twenty) of Wards of Khordha Municipality area i.e. from ward No. 03 to 22.
2. Estimated cost of work - **Rs.2,68,60,368.00**
3. Eligible Class of Contractor- Intending firms / Service Providers/N.G.Os those are experienced in similar nature of work at least three year and other criteria given in the D.T.C.N.
4. The Bid documents will be available in the website as mentioned below from **05.02.2019 on 11.00 A.M. to 18.02.2019 up to 5.00 P.M.** for online bidding
5. Bid Identification No. KM-06/2018-19.
6. Last date & time of receipt of Bid through online, date **18.02.2019.**
7. Date of receipt of Bid cost & Bid security by **20.02.2019 up to 5.00** P.M.
8. Opening of Bid documents Date **21.02.2019 at 11.30 A.M.**
9. The pre-bid meeting will be held on 11.02.2019 at 11.30 A.M. in the office of the undersigned.
10. The bidder has to participate in online bidding only. Further details can be seen from the e-procurement portal **http://www.tendersorissa.gov.in**

Sd./- Executive Officer, Khordha Municipality
13082/11/0006/1819

GOVERNMENT OF ODISHA,
"e"- PROCUREMENT NOTICE
Bid Identification No. E.E. GTN(R&B)-10/2018-19

No.1215-B:- E-mail address: eeghatagaon2015@gmail.com
Letter No. 253 dt. 30.01.2019

| | | | |
|---|---|---|---|
| 1. | Name of the work | : | Civil Work |
| 2. | Numbers of work | : | 01 (One) |
| 3. | Estimated cost | : | Rs24.96 Lakhs |
| 4. | Period of completion | : | 6 (Six) Months |
| 5. | Date & Time of availability of bid document in the portal | : | From 11.45 A.M of dt 08.02.2019 to 04.00 P.M of dt 16.02.2019 |
| 6. | Last Date/ Time for receipt of bids in the portal | : | 04.00 P.M of dt 16.02.2019 |
| 7. | Date of opening of Bid | : | 11.30 A.M of dt 18.02.2019 |
| 8. | Name and address of the officer inviting Bid | : | Ashok Kumar Giri Executive Engineer, Ghatagaon (R&B) Division |

Further details can be seen from the e-procurement portal https://tendersodisha.gov.in.

Sd./-
A.K. Giri dt.30.01.2019
Executive Engineer,
34140/11/0013/1819 Ghatagaon(R&B)Division

OFFICE OF THE SUPERINTENDING ENGINEER
RURAL WORKS CIRCLE, BERHAMPUR
(At:- Ambapua, Po:- Engineering School Near Income Tax Office, Berhampur-760011)
E-Mail:- serwbpr2004@yahoo.com
Tel/FAX:- 0680-2404287

E-Mail / E-Despatch

No. E-Tender // 556 // RWC// BAM // Dated. 01.02.2019

**Corrigendum to Bid identification No. Online Tender/34-2018-19/BPR**

No. 1580-O: Due to un-avoidable circumstances, the last date of availability of tender, seeking tender clarification, Opening of Technical Bid & Opening of Financial Bid for Sl No. 01 to 05 of NIT of Annexure in the Bid Identification No. Online Tender/34-2018-19/BPR may be read as follows.

| | | | |
|---|---|---|---|
| 1 | Last date of availability of tender | | 11.02.2019 upto 3.00 PM instead of 05.02.2019 upto 3.00 PM |
| 2 | Last date of seeking tender clarification | | 08.02.2019 upto 2.00 PM instead of 02.02.2019 upto 2.00 PM |
| 3 | Date of opening of Technical Bid. | | 12.02.2019 at 3.00 PM instead of 06.02.2019 at 3.00 PM |
| 4 | Date of opening of Financial Bid | | 18.02.2019 at 11.00 AM instead of 14.02.2019 at 11.00 AM |

All other contents will remain unchanged.

Sd/- Superintending Engineer
25071/11/0060/1819 R.W.Circle, Berhampur

MAHILA VIKAS SAMABAYA NIGAM
(Govt. of Odisha Undertaking)
A-1 Block, Ground Floor, ToshaliBhawan, Satya Nagar, Bhubaneswar- 751007, Ph.No.2573023, Tele Fax- 2573024, E-mail-mvsn_bbsr@yahoo.com

Ref. /MVSN Dt.

TENDER CALL NOTICE

No.CAD-1370:- Sealed Tenders are invited from interested Chartered Accountant Firms empanelled under C&AG and having experience in conducting audit of expenses, to conduct audit of Nutrition Operation Plan (NOP) at district (30) level. The Tender completed in all respect shall be deposited in the office of Managing Director, Mahila Vikas Samabaya Nigam, Toshali Bhawan, A-1 Block, and Ground floor, Satya Nagar, Bhubaneswar-751007 on or before Dt.11.03.2019 by 4 P.M. through Registered Post / Speed Post only. The application form of the Tender containing General Bid information and terms & conditions can be downloaded from the website- www.wcdodisha.gov.in from 05.02.2019 to 11.03.2019. A Tender Fee of Rs.2,000 /-(Rupees two thousand)only and EMD of Rs.25,000/- (Rupees Twenty five thousand) only are to be deposited in shape of Demand Draft as indicated in the Tender Schedule along with the Tender Application for each category at the time of submission of the application. The authority reserves the right to modify/cancel the Tender at any point of time.

Sd./- MANAGING DIRECTOR
33003/11/0012/1819 MAHILA VIKAS SAMABAYA NIGAM

GOVERNMENT OF ODISHA 1582-O
OFFICE OF THE EXECUTIVE ENGINEER, KALAHANDI RWS&S DIVISION, BHAWANIPATNA
Email: eerwsskld@nic.in, eerwsskld@gmail.com, Phone No.: 06670-230784

**INVITATION OF BID THROUGH e-TENDERING**

**Bid Identification No. 19/EE/RWSS/2018-19/Bpt, Dated 31.01.2019**

1. Name of the work : As per

ANNEXURE-A

| Procurement Officer | Bid Identification No. | Availability of tender online for bidding on office hour only | | Date of opening (Technical Bid) |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Kalahandi RWS&S Division, Bhawanipatna | 19/EE/RWSS/ 2018-19/ Bpt Dated 31.01.2019 | 04.02.2019 | 26.02.2019 | 27.02.2019 at 11.30AM onwards |

Cost of tender paper & payment of EMD to be made online payment system.
Further details can be seen from the e-Procurement portal http://tenderodisha.gov.in

25005/11/0035/1819 *Sd./- Executive Engineer, Kalahandi RWS&S Division, Bhawanipatna*

GOVERNMENT OF ODISHA 1583-O
OFFICE OF THE EXECUTIVE ENGINEER, KALAHANDI RWS&S DIVISION, BHAWANIPATNA
Email: eerwsskld@nic.in, eerwsskld@gmail.com, Phone No.: 06670-230784

**CANCELLATION OF BID THROUGH e-TENDERING**

**Bid Identification No. 16/EE/RWSS/2018-19/Bpt, Dated 15.01.2019**

1. Name of the work :

| Procurement Officer | Bid Identification No. | Availability of tender online for bidding on office hour only | | Date of opening (Technical Bid) |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Kalahandi RWS&S Division, Bhawanipatna | 16/EE/RWSS/ 2018-19/ Bpt Dated 15.01.2019 | 22.01.2019 | 07.02.2019 | 08.02.2019 at 11.30AM onwards |

The Bid Identification No.- 16/EE/RWSS/2018-19/Bpt, Dated 15.01.2019 is hereby cancelled due to Technical error during publishing the tender.

25005/11/0036/1819 *Sd./- Executive Engineer, Kalahandi RWS&S Division, Bhawanipatna*

ODISHA HYDRO POWER CORPORATION LIMITED
OFFICE OF THE SENIOR GENERAL MANAGER (ELECTRICAL), UPPER KOLAB HYDRO ELECTRIC PROJECT, AT/PO: BARINIPUT, DIST: KORAPUT- 764006, PHONE: 06854-242001, FAX: 06854242038, E-mail: sgmel_ukhep@ohpcltd.com, CIN: U40101OR1995SGC003963

**e-PROCUREMENT NOTICE NO.-UKHEP/ET- 14/2018-19, Dated 31.01.2019**

**No.: CAD-1364:** The Unit Head, Upper Kolab Hydro Electric Project, Bariniput, Koraput, Odisha invites percentage rate bid in Double cover system in ONLINE MODE only from eligible contractors for the works as mentioned below.

| Sl. No. | Name of the work | Approx. Estimated cost (in Rs.) | E.M.D. (In Rs.) (online) | Cost of bid document (online) | Class of Contractor | Availabiliy of Bids online for Bidders | Due date and time of Opening of Technical Bid |
|---|---|---|---|---|---|---|---|
| 1 | Bottom Soil Treatment and Metal spreading at 33KV & 220KV switchyard of UKHEP, Bariniput | 22,28,821/- | 22,300/- (online) | 7080/- (Rs. 7000/- + 18% GST) (online) | "B" & "C" Class having Electrical Licence issued by ELBO. | From 10.00 hrs of 11.02.2019 to 17.00 hrs of 25.02.2019 | At 11.30 hrs. of 28.02.2019 |

1. The Bidders have to participate in ONLINE bidding only through the Govt. e-Procurement portal www.tendersorissa.gov.in by using their compatible Digital Signature Certificate (DSC).
2. Further details like tender specification (DTCN), BOQ and any addendum/ corrigendum/ cancellation of tender can be seen in the same website.

04002/11/0092/1819 Sd./- Unit Head, UKHEP, Bariniput

OFFICE OF THE MUNICIPAL COUNCIL, SUNDARGARH

No. 560 Dt. 04.02.2019

**COMPETITIVE BIDDING THROUGH e-Procurement**
**NOTICE INVITING TENDER**
**Bid Reference No. SNGM-21/2018-19/Dt. 04.02.2019**

On behalf of the Sundargarh Municipality on-line e-tender Percentage Rate Bids are invited by the Executive Officer, Sundargarh Municipality from the intending and eligible class/ category of bidders in conformity with the Detailed Tender Call Notice for execution of the works mentioned in the DTCN. Contractors validity registered empanelled under Sundargarh Municipality are also eligible to participate for the works as per condition of DTCN.

1. Total No. of works for which Tenders invited : 15 Nos.
2. Place of Execution : Different areas of Sundargarh Municipality.
3. Estimated Cost of Works : Rs. 4,24,710/- to 16,38,700/-.
4. Eligible Class of Contractors : Registered Contractos of Class-'D' to Class-'C' as indicated against each work mentioned in the Tender Call Notice.
5. Intending bidders have to participate through "On-Line" bidding. The website for online bidding is https://www.tendersodisha.gov.in.
6. The bid documents will be available in the above website from 11 AM on 06.02.2019 to 5 PM on 15.02.2019 for online bidding.
7. Bids received online will be opened at 11 AM on 19.02.2019.
8. The bidder must possess valid and compatible Digital Signature Certificate (DSC).
9. The DTCN for 15 Nos. of work shall be available in the e-procurement portal https://www.tendersodisha.gov.in for on-line bidding.

Sd./- Executive Officer
Sundargarh, Municipality

PANCHAYAT SAMITI, NUAPADA,DIST : NUAPADA
BID IDENTIFICATION NO. : PS, NPD / 03/2018-19
No. 877 / Dev/ Dtd. 04.02.2019

The Block Development Officer, Nuapada on behalf of Governor of Odisha invites Percentage Rate bids in single cover system for the construction of works as detailed in the table, from the class of eligible contractors as mentioned in column-5 (five) registered with the State Governments and Contractors of equivalent Grades/ Class Registered with Central Government / MES/ Railways to be eventually drawn up in PWD P-1 Agreement form, for execution of Building / Road Works. The proof of registration from the appropriate authority shall be enclosed along with the Bid. If successful, the bidder who has not registered under state government has to register under the state PWD in appropriate class of eligibility before signing of the agreement. The bidders may submit bids for the following work.

| Sl. No. | Name of the Work | Approximate value of work (Rs in Lakh) | Period of Com-pletion | Class of Contr-actor | EMD @1% | Cost of bid documents (Non-refundable) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Stage with 2 Nos of Green Rooms and other infrastructure for stage Programme at National High School, Nuapada | 12, 23,444.00 | 4 Months | C & D | 12234.00 | 6000.00 |
| 2 | Improvement of road from Moharadihi to Gastidihi with three Nos of culvert | 10,64,730.00 | 4 months | C & D | 10647.00 | 6000.00 |

1. The sale of the Bid document shall start from Dt. 05.02.2019 and close on Dt. 14.02.2019 at 4.00 P.M. in the office of the undersigned. Bids shall be received by this office up to 5.00 PM on date 14.02.2019 through Registered Post / Speed Post only. The authority will not be held responsible for any postal delay in delivering of the Bid documents or non-receipt of the same.
2. The details Bid documents will also be available in the district website http://nuapada.nic.in from 05.02.2019 to 14.02.2019.
3. Bid documents consisting of plans, specification the schedule of quantities and the set of terms and conditions of contract and other necessary documents can be seen in the office of the undersigned during office hours every day except on Sunday & Public Holidays till last date of sale and receipt of tender papers.
4. The Bid will be opened on Dt. 15.02.2019 at 11.30 AM in the office of the undersigned in the presence of the bidders or their authorized representative.
5. The authority reserves right to reject any or all the bids without assigning any reason thereof.

Sd./- Block Development Officer, Nuapada

୩୦ ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ-୨୦୧୯
(ତା.୦୪/୦୨/୨୦୧୯ ଠାରୁ ତା.୧୦/୦୨/୨୦୧୯)
"ସଡ଼କ ସୁରକ୍ଷା - ଜୀବନ ରକ୍ଷା"

ସଡ଼କ ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ତୁରନ୍ତ ଡ଼ାକ୍ତରଖାନା ନିଅନ୍ତୁ - ଆର୍ଥିକ ପୁରସ୍କାର ପାଆନ୍ତୁ

ମାନ୍ୟବର ସୁପ୍ରିମକୋର୍ଟଙ୍କ ଆଦେଶ ଅନୁଯାୟୀ ରାଜ୍ୟ ସରକାର ସଡ଼କ ଦୁର୍ଘଟଣା ପିଡ଼ିତ ବ୍ୟକ୍ତିଙ୍କୁ ଡ଼ାକ୍ତରଖାନାରେ ଭର୍ତ୍ତି କରୁଥିବା ପରୋପକାରୀ ଭଦ୍ର ବ୍ୟକ୍ତିଙ୍କ ସୁରକ୍ଷା ନିମନ୍ତେ "Good Samaritan Policy" ପ୍ରକାଶିତ କରିଛନ୍ତି। ଏହି ପଲିସି ର କେତେକ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ନିମ୍ନରେ ପ୍ରଦାନ କରାଗଲା।

★ କୌଣସି ସଡ଼କ ଦୁର୍ଘଟଣାରେ ଆହତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଇଥିବା ବ୍ୟକ୍ତିଙ୍କୁ ନିଜର ପରିଚୟ କିମ୍ବା ଠିକଣା ଦେବା ପାଇଁ ବାଧ କରାଯିବ ନାହିଁ।
★ ସମ୍ପୃକ୍ତ ପରୋପକାରୀ ବ୍ୟକ୍ତି ଇଚ୍ଛା କଲେ ସଙ୍ଗେ ସଙ୍ଗେ ଡାକ୍ତରଖାନା ଛାଡ଼ି ଯାଇପାରିବେ।
★ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଦୁର୍ଘଟଣା ପିଡ଼ିତଙ୍କ ଚିକିତ୍ସା ଖର୍ଚ୍ଚ ବହନ କରିବା ପାଇଁ ଡାକ୍ତରଖାନା କର୍ତ୍ତୃପକ୍ଷ ବାଧ କରିପାରିବେ ନାହିଁ।
★ ସମ୍ପୃକ୍ତ ବ୍ୟକ୍ତିଙ୍କ ନାମରେ ପୁଲିସ୍ କୌଣସି ମାମଲା ଦାୟର କରି ପାରିବେ ନାହିଁ କିମ୍ବା ତାଙ୍କୁ ପୁଲିସରେ ଏଫ୍.ଆଇ.ଆର୍. ଦେବା ପାଇଁ ବାଧ କରାଯିବ ନାହିଁ।
★ ସମ୍ପୃକ୍ତ ବ୍ୟକ୍ତି ଯଦି ସାକ୍ଷୀ ହେବା ପାଇଁ ଇଚ୍ଛା କରନ୍ତି ତେବେ ଗୋଟିଏ ଥରରେ ପୁଲିସ୍ ତାଙ୍କ ଠାରୁ ଜମାନବନ୍ଦି ନେବେ।
★ ସମ୍ପୃକ୍ତ ପରୋପକାରୀ ବ୍ୟକ୍ତିଙ୍କୁ ତାଙ୍କ ନାମ ଓ ଠିକଣା ପ୍ରଦାନ କରିବା ପାଇଁ କୌଣସି ସରକାରୀ କର୍ମଚାରୀ ବାଧ କଲେ ସେହି କର୍ମଚାରୀଙ୍କ ବିରୁଦ୍ଧରେ ସରକାର ବିଭାଗୀୟ ତଦନ୍ତ କରିବେ।
★ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ତରଫରୁ 2000/- ଟଙ୍କାର ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯିବ ଏବଂ ଯଦି ସେ କୌଣସି ଭଡ଼ା ଗାଡ଼ିରେ ଦୁର୍ଘଟଣା ପିଡ଼ିତଙ୍କୁ ସ୍ଥାନାନ୍ତର କରିଥାନ୍ତି ତେବେ ଭଡ଼ା ବାବଦକୁ ଦେୟ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପ୍ରଦାନ କରାଯିବ। ଏତଦ୍‌ବ୍ୟତିତ ସମ୍ପୃକ୍ତ ଭଦ୍ର ବ୍ୟକ୍ତିଙ୍କୁ ଜିଲ୍ଲାସ୍ତରୀୟ / ରାଜ୍ୟସ୍ତରୀୟ ଉତ୍ସବରେ ସମ୍ମାନିତ କରାଯିବ।

ଜନସାଧାରଣ ନିର୍ଭୟର ସହିତ ଦୁର୍ଘଟଣା ପିଡ଼ିତଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସନ୍ତୁ।

ପରିବହନ କମିଶନର, ଓଡ଼ିଶା

ସୌଜନ୍ୟ :- ଓଡ଼ିଶା ରୋଡ଼ ସେଫ୍ଟି ସୋସାଇଟି



ପଶ୍ଚିମବଙ୍ଗର ବାଘୁଣୀ ମମତା ବାନାର୍ଜୀଙ୍କୁ ଟାର୍ଗେଟ କରି ମୋଦି ସରକାର ନିଆଁ ସହ ଖେଳୁଛନ୍ତି।
- ଶତ୍ରୁଘ୍ନ ସିହ୍ନା, ବରିଷ୍ଠ ଭାଜପା ନେତା



## ସଂକ୍ଷେପରେ

### ଦାୟିତ୍ୱ ଗ୍ରହଣ କଲେ ରାଜୀବ କୁମାର ଶୁକ୍ଳା



**ନୂଆଦିଲ୍ଲୀ,୪।୨**-କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ନୂତନ ନିର୍ଦ୍ଦେଶକ ଭାବେ ୧୯୮୩ ବ୍ୟାଚ ଆଇପିଏସ୍ ଅଫିସର, ମଧ୍ୟପ୍ରଦେଶର ପୂର୍ବତନ ଡିଜିପି ଋଷି କୁମାର ଶୁକ୍ଳା (୫୮) ସୋମବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ଏକ ଉଚ୍ଚସ୍ତରୀୟ କମିଟି ତାଙ୍କୁ ସିବିଆଇର ସ୍ଥାୟୀ ନିର୍ଦ୍ଦେଶକ ନିଯୁକ୍ତ କରିଥିବାବେଳେ କୋଲକାତା ପୋଲିସ ଓ ସିବିଆଇ ଅଧିକାରୀଙ୍କ ମଧ୍ୟରେ ହୋଇଥିବା ମୁହାଁମୁହିଁ ଘଟଣା ତାଙ୍କ ପାଇଁ ପ୍ରଥମ ଚ୍ୟାଲେଞ୍ଜ ହୋଇଛି। ସାରଦା ଚିଟ୍‌ଫଣ୍ଡ ମାମଲାରେ ରବିବାର କୋଲାକାତା ପୋଲିସ କମିଶନର ରାଜୀବ କୁମାରଙ୍କୁ ଜେରା କରିବାକୁ ଯାଇଥିବା ସିବିଆଇ ଅଧିକାରୀଙ୍କୁ ଅପଦସ୍ତ ଓ ଧସ୍ତାଧସ୍ତି କରିଥିବା ପଶ୍ଚିମବଙ୍ଗ ପୋଲିସ ବିରୋଧରେ ଦୃଷ୍ଟାନ୍ତ କାର୍ଯ୍ୟାନୁଷ୍ଠାନ ନେଇ ଶୁକ୍ଳା ବ୍ୟସ୍ତ ରହିଛନ୍ତି।

ହାଜାରେଙ୍କୁ ରାଜ ଠାକରେଙ୍କ ପରାମର୍ଶ

### ପ୍ରଧାନମନ୍ତ୍ରୀଙ୍କ ମାୟାରୁ ଦୂରେଇ ରୁହ



**ଅହମ୍ମଦାବାଦ,୪।୨**-ଦୁର୍ନୀତି ବିରୋଧୀ ଅଭିଯାନ ଅନ୍ତର୍ଗତ କେନ୍ଦ୍ରରେ ଲୋକପାଲ ଓ ରାଜ୍ୟରେ ଲୋକାୟୁକ୍ତ ନିଯୁକ୍ତି ସହ କୃଷକଙ୍କ ହିତସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ ଏମ୍ଏସ୍ ସ୍ୱାମୀନାଥନ ରିପୋର୍ଟ କାର୍ଯ୍ୟକ୍ଷମ ଦାବିରେ ମହାରାଷ୍ଟ୍ରର ରାଲେଗାଁ ସିଦ୍ଧିଠାରେ ସାମାଜିକ କର୍ମୀ ଆନ୍ନା ହାଜାରେ(୮୧) ଜାନୁୟାରୀ ୩୦ ତାରିଖରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଅନଶନରେ ବସିଛନ୍ତି। ଏହା ସୋମବାର ଷଷ୍ଠ ଦିନରେ ପହଞ୍ଚିଥିବା ବେଳେ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍ଏନ୍ଏସ୍) ସୁପ୍ରିମୋ ରାଜ୍ ଠାକ୍‌ରେ ତାଙ୍କୁ ଭେଟିଛନ୍ତି। ସ୍ଥାନୀୟ ଯାଦବ ବାବା ମନ୍ଦିରରେ ଦୀର୍ଘ ୨୦ ମିନିଟ୍ ଧରି ଉଭୟଙ୍କ ମଧ୍ୟରେ ବନ୍ଦଦ୍ୱାର ବୈଠକ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୌଣସି ମିଥ୍ୟା ପ୍ରତିଶ୍ରୁତିକୁ ବିଶ୍ୱାସ ନ କରିବାକୁ ଠାକ୍‌ରେ ତାଙ୍କୁ ପରାମର୍ଶ ଦେଇଛନ୍ତି। ଯଦି ଏହା ନ ହୁଏ ତେବେ ମୋଦି ପୁଣି ଥରେ କ୍ଷମତାକୁ ଆସିପାରନ୍ତି ବୋଲି ସେ ତାଙ୍କୁ ସତର୍କ କରାଇଛନ୍ତି। ଏଥିସହ ଉପବାସ ରହି ଅନଶନ ନ କରିବାକୁ ସେ ତାଙ୍କୁ କହିଛନ୍ତି।

### ଶିଶୁ ବଳାତ୍କାରୀଙ୍କୁ ପ୍ରଥମ ମୃତ୍ୟୁଦଣ୍ଡାଦେଶ

**ଭୋପାଲ,୪।୨**-ଜଣେ ୪ ବର୍ଷର ଛାତ୍ରୀଙ୍କୁ ବଳାତ୍କାର କରିଥିବା ସ୍କୁଲ ଶିକ୍ଷକ ମହେନ୍ଦ୍ର ସିଂ ଗୋଣ୍ଡଙ୍କୁ ମଧ୍ୟପ୍ରଦେଶ ଜିଲା କୋର୍ଟ ଫାଶୀ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜବଲପୁର ଜେଲରେ ତାଙ୍କୁ ଫାଶୀ ଦିଆଯିବାକୁ ଆଦେଶ ହୋଇଛି। ଶିଶୁ ବଳାତ୍କାର ଆଇନ ଅଧୀନ ପ୍ରଥମଥର ଜଣେ ବଳାତ୍କାରୀଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଛି। ଶିକ୍ଷକ ଗୋଣ୍ଡଙ୍କ ବିରୋଧରେ ଛାତ୍ରୀଙ୍କୁ ଅପହରଣ ଓ ବଳାତ୍କାର ଅଭିଯୋଗ ହୋଇଥିଲା। ୨୦୧୮ ଜୁନ ୩୦ରେ ଗୋଣ୍ଡ ଛାତ୍ରୀଙ୍କୁ ଏକ ଜଙ୍ଗଲକୁ ନେଇ ବଳାତ୍କାର କରିଥିଲେ।

## ■ ମମତାଙ୍କୁ ସମର୍ଥନ, କେନ୍ଦ୍ରକୁ ଟାର୍ଗେଟ

# ଏବେ ବଳ କଷାକଷି

**ଭୋଟ ପାଇଁ ନାଟ**

- ଦେଶକୁ ବଞ୍ଚାଇବା ଯାଏ ସତ୍ୟାଗ୍ରହ: ମମତା
- ନିଜକୁ ବଞ୍ଚାଇବା ପାଇଁ ଧାରଣାରେ ମମତା: ଜାଭଡେକର
- ରାଷ୍ଟ୍ରପତି ଶାସନ ଦାବି କଲେ ସୁପ୍ରିୟୋ

ମୁଣ୍ଡ ଉପରେ ସାଧାରଣ ନିର୍ବାଚନ ଥିବାରୁ ପ୍ରସ୍ତୁତ ହେଉଛନ୍ତି ସବୁ ଦଳ । ଏନ୍‌ଡିଏ ପୁନର୍ବାର କ୍ଷମତାସୀନ ହେବା ପାଇଁ କଳ, ବଳ, କୌଶଳ ଲଗାଇ ଦେଇଥିବାବେଳେ ମୋଦି–ଶାହ ଯୋଡ଼ିର ବିଜୟ ରଥ ରୋକିବା ଲାଗି ମେଳି ବାନ୍ଧୁଛନ୍ତି ବିରୋଧୀ। ଏଭଳି ସମୟରେ ସିବିଆଇ ମମତାଙ୍କ ଗଡ଼ରେ ପାଦଥାପି ରାଜ୍ୟ ପୋଲିସକୁ ଦେଇଛି ଚ୍ୟାଲେଞ୍ଜ । ଆଉ ଏହାର ଜବାବରେ ହୁଙ୍କାର ଦେଇଛନ୍ତି ଟିଏମ୍‌ସି ସୁପ୍ରିମୋ। କେନ୍ଦ୍ରରୁ ଭାଜପାକୁ ହଟାଇବାକୁ ଚାହୁଁଥିବା ବିରୋଧୀ ଦଳଗୁଡ଼ିକ ଧାଡ଼ିରେ ପଛକୁ ପଛ ଠିଆ ହେଲେଣି ମମତାଙ୍କ ସହ । ତମାମ ଘଟଣାକ୍ରମ କୋଲକାତାକୁ ଭାଜପା ଏବଂ ବିରୋଧୀଙ୍କ ଶକ୍ତି ପ୍ରଦର୍ଶନର କ୍ଷେତ୍ରରେ ପରିଣତ କରିଥିବାବେଳେ ପଶ୍ଚିମବଙ୍ଗ ପାଲଟିଯାଇଛି ପରିବର୍ତ୍ତନଶୀଳ ରାଜନୀତିର ଆଉ ଏକ ପ୍ରୟୋଗଶାଳା । ଏହି ନାଟକର ଯବନିକା କେବେ ପଡ଼ିବ କହି ହେଉନାହିଁ କାରଣ ଶାସକ–ବିରୋଧୀଙ୍କ ମଧ୍ୟରେ ବେଶ୍ କିଛି ଦିନ ଧରି ଚାଲିବାକୁ ଯାଉଛି ବଳ କଷାକଷି ।

**କୋଲକାତା/ନୂଆଦିଲ୍ଲୀ,୪।୨**

ରାଜ୍ୟ ପୋଲିସ ଓ ସିବିଆଇ ବିବାଦ ନିଜ ମୁଣ୍ଡକୁ ନେଇ ଧାରଣାରେ ବସିଥିବା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ 'ସତ୍ୟାଗ୍ରହ' ସୋମବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ବାମପନ୍ଥୀଙ୍କ ବ୍ୟତୀତ ପ୍ରାୟ ସବୁ ବିରୋଧୀ ଦଳ ମମତାଙ୍କୁ ସମର୍ଥନ କରି କେନ୍ଦ୍ରକୁ ଟାର୍ଗେଟ କରିଛନ୍ତି। ଫଳରେ ମୂଳ ପ୍ରସଙ୍ଗ (ଚିଟ୍‌ଫଣ୍ଡ ଦୁର୍ନୀତି) ଏକପ୍ରକାର ଗୌଣ ହୋଇଯାଇଥିବାବେଳେ କୋଲକାତାର ମେଟ୍ରୋ ଚ୍ୟାନେଲ୍ ଏକ ରାଜନୈତିକ ଆଖଡ଼ାରେ ପରିଣତ ହୋଇଛି। ମମତା ଗଣତନ୍ତ୍ରକୁ ନୁହେଁ, ବରଂ ନିଜକୁ ବଞ୍ଚାଇବା ପାଇଁ ଏଭଳି ନାଟକ କରୁଥିବା ଅଭିଯୋଗ ଆଣି ରାଷ୍ଟ୍ରପତି ଶାସନ ଜାରି ପାଇଁ ଦାବି କରିଛି ଭାଜପା।

ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ଓ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ହେଲିକପ୍ଟର ଓହ୍ଲାଇ ନ ଦେଇ ଉଭୟଙ୍କୁ ପଶ୍ଚିମବଙ୍ଗକୁ ମମତା ଏକପ୍ରକାର ବାରଣ କରିବା ପରେ କୁହୁଳିଥିବା ଧୂଆଁ ଶେଷରେ ନିଆଁର ରୂପ ନେଇଛି। ସିବିଆଇ ଅଧିକାରୀମାନେ ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାରେ ଜେରା କରିବା ପାଇଁ କୋଲକାତା ଯାଇଥିବାବେଳେ ରାଜ୍ୟ ପୋଲିସ ସେମାନଙ୍କୁ ଧରି ପକାଇଥିଲା। କେନ୍ଦ୍ର ସରକାର ରାଜନୈତିକ ଉଦ୍ଦେଶ୍ୟ ସାଧନ ପାଇଁ ସିବିଆଇକୁ ବ୍ୟବହାର କରୁଥିବା ଦର୍ଶାଇ କ୍ରମାଗତ ଦ୍ୱିତୀୟ ଦିନ ଧରି ଧାରଣାରେ ବସିଥିବା ଟିଏମ୍‌ସି ମୁଖ୍ୟ ମମତା ବାନାର୍ଜୀ ଏହାର ପ୍ରତିବାଦରେ ଗର୍ଜନ କରୁଛନ୍ତି। ମମତା କହିଛନ୍ତି, ଦେଶ ଓ ସମ୍ବିଧାନକୁ ସୁରକ୍ଷିତ କରିବା ପର୍ଯ୍ୟନ୍ତ 'ସତ୍ୟାଗ୍ରହ' ଜାରି ରହିବ। ଇତିମଧ୍ୟରେ ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଲନାଥ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଓ ଗୁଜରାଟର ଦଳିତ ନେତା ତଥା ବିଧାୟକ ଜିଗ୍ନେଶ ମେବାନୀ ତାଙ୍କୁ ଫୋନ୍ କରି ସମର୍ଥନ ଜଣାଇଛନ୍ତି। ଆଉ କେତେଜଣ ବିରୋଧୀ ନେତା ମମତାଙ୍କୁ ଭେଟି କେନ୍ଦ୍ରକୁ ଟାର୍ଗେଟ କରିଛନ୍ତି।

ମମତାଙ୍କୁ ବିରୋଧୀଙ୍କ ସମର୍ଥନର ସୁଅ ଛୁଟୁଥିବା ଦେଖି ଭାଜପା କହିଛି, ମମତାଙ୍କୁ ସମର୍ଥନ କରିବାକୁ ଭ୍ରଷ୍ଟାଚାରୀମାନେ ଏବେ ଏକାଠି ହୋଇଛନ୍ତି। କୋଲକାତା ପୋଲିସ କମିଶନର ରାଜୀବ କୁମାରଙ୍କ ନିକଟରେ 'ସିକେଟ୍' ଥିବାରୁ ସେ ସୁରକ୍ଷା ଚାହୁଁଛନ୍ତି। ଏଥିପାଇଁ ତାଙ୍କ ସମର୍ଥନରେ ମମତା ବାହାରିଛନ୍ତି। କେନ୍ଦ୍ରମନ୍ତ୍ରୀ ତଥା ଆସାନସୋଲ ଏମ୍‌ପି ବାବୁଲ ସୁପ୍ରିୟୋ କହିଛନ୍ତି, ଅଚଳାବସ୍ଥା ଦୂର କରିବା ପାଇଁ ପଶ୍ଚିମବଙ୍ଗରେ ରାଷ୍ଟ୍ରପତି ଶାସନ ଜାରି କରାଯାଉ। ମମତା ନିଜକୁ ବଞ୍ଚାଇବା ପାଇଁ ଧାରଣାରେ ବସିଥିବା ବରିଷ୍ଠ ଭାଜପା ନେତା ପ୍ରକାଶ ଜାଭଡେକର କୋଲକାତାରେ ସମାଲୋଚନା କରିଛନ୍ତି।




ସିବିଆଇ–କୋଲକାତା ପୋଲିସ ବିବାଦକୁ ନେଇ ଦକ୍ଷିଣ ଦିନାଜପୁର ଜିଲାରେ ସୋମବାର ଟିଏମ୍‌ସି କର୍ମୀମାନେ କେନ୍ଦ୍ର ସରକାରଙ୍କ ବିରୋଧରେ ବିକ୍ଷୋଭ ଶୋଭାଯାତ୍ରା କରି ସ୍ଲୋଗାନ ଦେଉଛନ୍ତି।



"ସିବିଆଇ ପ୍ରସଙ୍ଗରେ ବିରୋଧୀ ଦଳ ନେତାମାନଙ୍କ ସହ ଆଲୋଚନା କରି ଦେଶବ୍ୟାପୀ ଏକ ବଡ଼ ଆନ୍ଦୋଳନର ଖସଡ଼ା ପ୍ରସ୍ତୁତ କରାଯିବ।
- ଏନ୍. ଚନ୍ଦ୍ରବାବୁ ନାଇଡୁ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ



"ଭାଜପା କୌଣସି ପ୍ରକାରେ କ୍ଷମତାରେ ରହିବାକୁ ଚାହୁଁଛି। ଏଥିପାଇଁ ଏହି ଦଳ ନିର୍ବାଚନ ଜିତିବା ଲାଗି ସିବିଆଇକୁ ରାଜନୈତିକ ଏଜେଣ୍ଟ ଭାବେ ବ୍ୟବହାର କରୁଛି । ଏହା ଅସାମ୍ବିଧାନିକ ଓ ଅଗଣତାନ୍ତ୍ରିକ ।
- ଅଖିଳେଶ ଯାଦବ, ଏସ୍‌ପି ଅଧ୍ୟକ୍ଷ



"ଏନ୍‌ଡିଏ ସରକାର ସିବିଆଇ ଭଳି ସଂଘୀୟ ସଂସ୍ଥାଗୁଡ଼ିକର ଅପବ୍ୟବହାର କରୁଛି । ଏହାର ଜବାବରେ ମମତା ସମାନ ଭାବେ ଅଗଣତାନ୍ତ୍ରିକ ଉପାୟ ଆପଣାଉଛନ୍ତି। ଚିଟ୍‌ଫଣ୍ଡ ଦୁର୍ନୀତିକୁ ଉଭୟେ ଚପାଇ ଦେବାକୁ ଉଦ୍ୟମ କରୁଛନ୍ତି ।
- ସୀତାରାମ ୟେଚୁରୀ, ସିପିଆଇଏମ୍ ସାଧାରଣ ସମ୍ପାଦକ

## ■ ସିବିଆଇ-କୋଲକାତା ପୋଲିସ ବିବାଦ

# ପାର୍ଲାମେଣ୍ଟରେ ଝଡ଼



ଲୋକ ସଭାରେ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ।

**ନୂଆଦିଲ୍ଲୀ,୪।୨(ପି.ଟି.)**

ସିବିଆଇ–କୋଲକାତା ପୋଲିସ ବିବାଦକୁ ନେଇ ସୋମବାର ପାର୍ଲାମେଣ୍ଟରେ ଝଡ଼ ସୃଷ୍ଟି ହୋଇଛି। ଏହି ପ୍ରସଙ୍ଗରେ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ଲୋକ ସଭା ଓ ରାଜ୍ୟ ସଭାର କାର୍ଯ୍ୟ ବାରମ୍ବାର ବ୍ୟାହତ ହେବା ପରେ ଉଭୟ ଗୃହକୁ ଦିନକ ପାଇଁ ମୁଲତବୀ କରାଯାଇଛି।

ଲୋକ ସଭାରେ କଂଗ୍ରେସ, ଟିଏମ୍‌ସି, ବିଜେଡି, ଏନ୍‌ସିପି, ଏସ୍‌ପି ଏବଂ ଆର୍‌ଜେଡି ସଦସ୍ୟମାନେ ପଶ୍ଚିମବଙ୍ଗର ଘଟଣାକ୍ରମ ପ୍ରସଙ୍ଗ ଉଠାଇ ମୋଦି ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ସରକାର ସିବିଆଇର ଅପବ୍ୟବହାର କରୁଥିବା ସେମାନେ ଅଭିଯୋଗ ଆଣିଥିଲେ। ଟିଏମ୍‌ସି ସଦସ୍ୟ ସୁଗତ ରାୟ କହିଥିଲେ, କେନ୍ଦ୍ର ରାଜନୈତିକ ଫାଇଦା ପାଇଁ ସିବିଆଇକୁ ବ୍ୟବହାର କରୁଥିବାବେଳେ ପଶ୍ଚିମବଙ୍ଗ ସରକାର ଏହାକୁ ସବୁ ଦିଗରୁ ବିରୋଧ କରୁଛନ୍ତି। ସେହିପରି ସିବିଆଇ କ୍ରମଶଃ ରାଜନୈତିକ ଅସ୍ତ୍ର ପାଲଟୁଥିବା ବିଜେଡି ସଂସଦୀୟ ଦଳ ନେତା ଭର୍ତ୍ତୃହରି ମହତାବ ଅଭିଯୋଗ ଆଣି ଏହାର ନିଷ୍ଠା ଉପରେ ପ୍ରଶ୍ନ ଉଠାଇଥିଲେ। ଲୋକ ସଭାରେ କଂଗ୍ରେସ ନେତା ମଲ୍ଲିକାର୍ଜ୍ଜୁନ ଖାର୍ଗେ ମଧ୍ୟ ଅନୁରୂପ ଅଭିଯୋଗ ଆଣି କେନ୍ଦ୍ରକୁ ସମାଲୋଚନା କରିଥିଲେ। ହଟ୍ଟଗୋଳ ମଧ୍ୟରେ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ବକ୍ତବ୍ୟ ରଖି କହିଥିଲେ, ସିବିଆଇ ନିଜ କର୍ତ୍ତବ୍ୟ ପାଳନ ପାଇଁ କୋଲକାତା ପୋଲିସ ମୁଖ୍ୟ ରାଜୀବ କୁମାରଙ୍କୁ ଜେରା କରିବାକୁ ଯାଇଥିଲା। ହେଲେ ସ୍ଥାନୀୟ ପୋଲିସ ବେଆଇନ ଭାବେ ସେମାନଙ୍କୁ ଅଟକାଇଥିଲା। ଏହା ଏକ ଅପ୍ରତ୍ୟାଶିତ ଘଟଣା। ପଶ୍ଚିମବଙ୍ଗରେ ସାମ୍ବିଧାନିକ ସଙ୍କଟ ସୃଷ୍ଟି ହେବାର ଆଶଙ୍କା ପ୍ରକାଶ ପାଇଛି। ଏଥିଯୋଗୁ ଅରାଜକତା ସୃଷ୍ଟି ହୋଇପାରେ। ରାଜ୍ୟ ସଭାରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଥିଲା। ଟିଏମ୍‌ସି ସଦସ୍ୟମାନେ ସରକାର ବିରୋଧୀ ସ୍ଲୋଗାନ ଦେଇ ଅଚଳାବସ୍ଥା ସୃଷ୍ଟି କରିଥିଲେ।

# ପୋପ୍‌ଙ୍କ ଐତିହାସିକ ୟୁଏଇ ଗସ୍ତ

**ଆବୁଧାବି,୪।୨**



ଧର୍ମୀୟ ସଦ୍‌ଭାବ ଓ ସହିଷ୍ଣୁତାର ବାର୍ତ୍ତା ନେଇ ପୋପ୍ ଫ୍ରାନ୍ସିସ୍ ପ୍ରଥମଥର ଆରବର ମୁସଲିମ୍‌ବହୁଳ ରାଷ୍ଟ୍ର ୟୁଏଇ ଗସ୍ତ କରିଛନ୍ତି। ରବିବାର ସେ ରୋମରୁ ବିମାନରେ ଆବୁଧାବି ପହଞ୍ଚିଥିବାବେଳେ ସେଠାରେ ତାଙ୍କୁ ଆବୁଧାବିର ରାଜା ଶେଖ୍ ମହମ୍ମଦ ବିନ୍ ଜାଏଦ୍ ଅଲ୍ ନାହ୍ୟାନ ସ୍ୱାଗତ କରିଛନ୍ତି। ରାଜଭବନରେ ତାଙ୍କର ଅତିଥି ଚର୍ଚ୍ଚା କରାଯାଇଛି। ପୋପ୍ 'ବୁକ୍ ଅଫ୍ ଅନର'ରେ ସ୍ୱାକ୍ଷର କରିଛନ୍ତି। ଇସ୍‌ଲାମ୍ ଓ ଖ୍ରୀଷ୍ଟିୟାନ ଧର୍ମ ମଧ୍ୟରେ ୧୨୧୯ରେ ସେଣ୍ଟ ଫ୍ରାନ୍ସିସ୍ ଏବଂ ସୁଲତାନ ମାଲେକ୍ ଅଲ୍ କାମେଲଙ୍କ ମଧ୍ୟରେ ହୋଇଥିବା ଐତିହାସିକ ସାକ୍ଷାତ୍‌ର ସ୍ମୃତି ବହନକାରୀ ପଦକ ସେ ଶେଖ୍ ମହମ୍ମଦଙ୍କୁ ପ୍ରଦାନ କରିଛନ୍ତି। ଏଥିସହ ଇସ୍‌ଲାମ୍ ଧର୍ମଗୁରୁ ଓ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷଙ୍କୁ ପୋପ୍ ଭେଟି ଆଲୋଚନା କରିଛନ୍ତି।

## ଫୁର୍‌ସତ

### ସନ୍ତାନ ସୁଖ ଅଧିକ ଅନୁଭବ କରନ୍ତି ପିତା

**ନ୍ୟୁୟର୍କ:** ସନ୍ତାନଙ୍କୁ ଲାଳନ ପାଳନ ଅଥବା ସେମାନଙ୍କ ସହିତ ଭାବ ବିନିମୟ କରିବାବେଳେ ମାଆ ଅପେକ୍ଷା ପିତା ଅଧିକ ସୁଖ ସନ୍ତୁଷ୍ଟି ଅନୁଭବ କରିଥାଆନ୍ତି। ଆମେରିକାର କାଲିଫର୍ନିଆ ୟୁନିଭର୍ସିଟିର ଗବେଷକମାନେ ୩ଟି ପୃଥକ୍ ଅଧ୍ୟୟନ କରି ଏହା ଜାଣିପାରିଛନ୍ତି। ସେମାନେ ୧୮,୦୦୦ ଲୋକଙ୍କୁ ଏହି ଅଧ୍ୟୟନରେ ସାମିଲ କରିଥିଲେ। ସେମାନଙ୍କ ଖୁସି, ସନ୍ତୋଷ, ଚାପର ଲକ୍ଷଣ ଏବଂ ସନ୍ତାନ–ସୁଖ ଆଦି ବିଶ୍ଳେଷଣ କରାଯାଇଥିଲା। ଯେଉଁ ଦମ୍ପତିଙ୍କର ସନ୍ତାନ ନ ଥିଲା, ସେମାନଙ୍କ ସୁଖ ସନ୍ତୋଷ ସହିତ ସନ୍ତାନ ଥିବା ଦମ୍ପତିଙ୍କ ସୁଖଶାନ୍ତି ତୁଳନା କରାଯାଇଥିଲା। ଏଥି ସହିତ ସନ୍ତାନ ଥିବା ଦମ୍ପତିଙ୍କୁ ପୃଥକ୍ ଭାବେ ସେମାନଙ୍କ ସନ୍ତାନଜନିତ ସୁଖ ଅନୁଭୂତି ପଚରା ଯାଇଥିଲା। ଏ ସବୁକୁ ବିଶ୍ଳେଷଣ କରି ଗବେଷକମାନେ ଏକ ସିଦ୍ଧାନ୍ତରେ ଉପନୀତ ହେଲେ ଯେ, ମାଆଙ୍କ ତୁଳନାରେ ପିତାମାନେ ପିଲାଙ୍କ ଲାଳନ ପାଳନ କ୍ଷେତ୍ରରେ ଅଧିକ ସୁଖ ସନ୍ତୋଷ ଅନୁଭବ କରିଥାଆନ୍ତି।

### ଆମେରିକୀୟ ଦମ୍ପତି ଜିତିଲେ ୨୦୦ କୋଟି



**ୱାଶିଂଟନ୍:** ଆମେରିକାର ଜେରି ଏବଂ ମାର୍ଗେ ସେଲ୍‌ବି ଭାଗ୍ୟଖେଳରେ ୨୦୦ କୋଟି ଟଙ୍କା ଜିତି ପାରିଛନ୍ତି। ଏଥିପାଇଁ ସେମାନେ ଗଣିତକୁ ଗୁରୁତ୍ୱ ଦେଇଛନ୍ତି। ଜେରି ମ୍ୟାଥମେଟିକ୍ସରେ ଅଣ୍ଡରଗ୍ରାଜୁଏଟ୍ ଡିଗ୍ରୀ। ୨୦୦୩ରେ ଜେରି (ସେତେବେଳେ ତାଙ୍କୁ ୬୪ବର୍ଷ) ସ୍ଥାନୀୟ ଏକ ଷ୍ଟୋରକୁ ଯାଇ ଲଟେରି ଗେମ୍ 'ୱିନ୍‌ଫଲ୍' ବିଷୟରେ ଜାଣିବାକୁ ପାଇଥିଲେ। ଉକ୍ତ ଗେମ୍‌ରେ ଅନେକ ଛିଦ୍ର ଥିବାରୁ ଏଥିରେ ଜିତିବା ସମ୍ଭାବନା ଅଧିକ ବୋଲି ସେ ଅନୁଭବ କରିଥିଲେ। ଏହି ଗେମ୍ ସ୍ୱତନ୍ତ୍ର 'ରୋଲ୍ ଡାଉନ୍' ଫିଚର ଉପରେ ଆଧାରିତ। କୌଣସି ବ୍ୟକ୍ତି ୬ଅଙ୍କ ବିଶିଷ୍ଟ ସଂଖ୍ୟା ଜିତି ନ ପାରିଲେ ଉକ୍ତ ଟଙ୍କା ନିମ୍ନ ସ୍ତରକୁ ଚାଲିଯିବ। ଅର୍ଥାତ୍ ଯେଉଁମାନେ ଠିକ୍ ଭାବେ ୩ଅଙ୍କ ଓ ୪ଅଙ୍କ ବିଶିଷ୍ଟ ସଂଖ୍ୟା ଗେସ୍ କରିଥିବେ, ସେମାନେ ଉକ୍ତ ଟଙ୍କାକୁ ବାଣ୍ଟିନେବେ। ଜେରି ପ୍ରଥମ ଚେଷ୍ଟାରେ ୫୦ ଡଲାର ହାରିଥିଲେ। ଏଥିରେ ନିରାଶ ହୋଇ ସେ ୨,୫୭,୦୦୦ଟଙ୍କା (୩,୬୦୦ ଡଲାର) ମୂଲ୍ୟର ଟିକେଟ କିଣିଥିଲେ। ଦୃଢ଼ ଆତ୍ମବିଶ୍ୱାସ ଯୋଗୁ ସେ ୪,୫୦,୦୦୦ଟଙ୍କା ଜିତି ପାରିଥିଲେ। ପରବର୍ତ୍ତୀ ପ୍ରୟାସରେ ସେ ୧୧ଲକ୍ଷ ଟଙ୍କା ଜିତିଥିଲେ। ଅଧିକରୁ ଅଧିକ ଲଟେରି ଜିତିବା ପରେ ଜେରି ଏହି ବିଷୟ ତାଙ୍କ ସ୍ତ୍ରୀଙ୍କୁ ଜଣାଇଥିଲେ ଏବଂ ଏକ ଇନ୍‌ଭେଷ୍ଟମେଣ୍ଟ କମ୍ପାନୀ ଆରମ୍ଭ କରିଥିଲେ। ଏଥିରେ ତାଙ୍କ ଘନିଷ୍ଠ ସାଙ୍ଗସାଥୀ ଏବଂ ଝିଅପୁଅ ସାମିଲ ହୋଇଥିଲେ। ରୋଲ୍–ଡାଉନ୍ ସପ୍ତାହରେ ଏହି ଗୋଷ୍ଠୀ ହଜାର ହଜାର ଟିକେଟ କିଣି ୫୭ କୋଟି ଟଙ୍କା ଅର୍ଜନ କରିଥିଲେ। କିନ୍ତୁ ମିଚିଗାନ୍‌ରେ 'ୱିନ୍‌ଫଲ୍' ଲଟେରି ବନ୍ଦ ହୋଇଯିବାରୁ ଉକ୍ତ ଗୋଷ୍ଠୀ ଏହି ଲଟେରି ଥିବା ମାସାଚ୍ୟୁସେଟ୍ସକୁ ଚାଲିଗଲେ। ସେମାନେ ୬ବର୍ଷ ମଧ୍ୟରେ ପ୍ରଚୁର ଅର୍ଥ ଉପାର୍ଜନ କରିପାରିଛନ୍ତି।

ଇତିହାସର ଆଇନାରେ

### ଫେବୃୟାରୀ ୫ର ପ୍ରମୁଖ ଘଟଣା

୧୯୭୧ ଫେବୃୟାରୀ ୫ରେ ମହାକାଶଚାରୀମାନେ ଆପୋଲୋ ୧୪ ଯାନରେ ଚନ୍ଦ୍ରପୃଷ୍ଠରେ ଅବତରଣ କରିଥିଲେ। ଆପୋଲୋ ୧୪ ମହାକାଶଯାନ ହେଉଛି ଆମେରିକୀୟ ଆପୋଲୋ ପ୍ରୋଗ୍ରାମ୍‌ର ଅଷ୍ଟମ ମାନବଯୁକ୍ତ ଯାନ ଏବଂ ଚନ୍ଦ୍ରପୃଷ୍ଠରେ ଅବତରଣ କରିବାରେ ତୃତୀୟ। କମାଣ୍ଡର ଆଲାନ୍ ଶେଫାର୍ଡ, କମାଣ୍ଡ ମୋଡ୍ୟୁଲ ପାଇଲଟ୍ ଷ୍ଟୁଆର୍ଟ ରୁଷା ଏବଂ ଲୁନାର ମୋଡ୍ୟୁଲ ପାଇଲଟ୍ ଏଡ୍‌ଗାର ମିଚେଲ୍ ୧୯୭୧ ଜାନୁୟାରୀ ୩୧ରେ ଚନ୍ଦ୍ର ଅଭିଯାନ ଆରମ୍ଭ କରିଥିଲେ।

୨୦୦୮ ଫେବୃୟାରୀ ୫ରେ ଦକ୍ଷିଣ ୟୁନାଇଟେଡ୍ ଷ୍ଟେଟ୍‌ରେ ଏକ ବଡ ଧରଣର ଘୂର୍ଣ୍ଣିଝଡ଼ ଯୋଗୁ ୫୭ ଲୋକଙ୍କ ମୃତ୍ୟୁ ଘଟିଥିଲା। ଦକ୍ଷିଣ ୟୁନାଇଟେଡ୍ ଷ୍ଟେଟ୍‌କୁ ଆମେରିକାନ୍ ସାଉଥ୍ ବୋଲି ମଧ କୁହାଯାଏ। ଏହା ଯୁକ୍ତରାଷ୍ଟ୍ର ଆମେରିକାର ଏକ ଅଞ୍ଚଳ। ଆଟ୍‌ଲାଣ୍ଟିକ୍ ମହାସାଗର ଏବଂ ୱେଷ୍ଟର୍ନ ୟୁନାଇଟେଡ୍ ଷ୍ଟେଟ୍ସ ମଧ୍ୟରେ ଏହା ଅବସ୍ଥିତ। ଏହାର ଉତ୍ତର ଭାଗରେ ମିଡୱେଷ୍ଟର୍ନ ୟୁନାଇଟେଡ ଷ୍ଟେଟ୍ସ ଏବଂ ନର୍ଥଇଷ୍ଟର୍ନ ୟୁନାଇଟେଡ୍ ଷ୍ଟେଟ୍ସ ରହିଥିବା ବେଳେ ଦକ୍ଷିଣରେ ମେକ୍ସିକୋ ରହିଛି।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୧୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି।

ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୧.୬ | ୧୨.୯ |
| ଚାନ୍ଦବାଲି | ୩୧.୫ | ୧୪.୫ |
| କଟକ | ୩୧.୮ | ୧୩.୦ |
| ପାରାଦ୍ୱୀପ | ୨୯.୩ | ୧୫.୮ |
| ଭୁବନେଶ୍ୱର | ୩୩.୦ | ୧୩.୩ |
| ଗୋପାଳପୁର | ୩୧.୬ | ୧୫.୫ |
| ପୁରୀ | ୨୯.୬ | ୧୭.୦ |
| ଅନୁଗୋଳ | ୩୧.୧ | ୧୦.୦ |
| ବାରିପଦା | ୨୯.୫ | ୧୩.୮ |
| ଝାରସୁଗୁଡ଼ା | ୩୧.୨ | ୧୩.୦ |
| କେନ୍ଦୁଝର | ୨୮.୦ | ୧୧.୯ |
| ସମ୍ବଲପୁର | ୩୧.୦ | ୧୨.୫ |
| ସୁନ୍ଦରଗଡ଼ | --- | ୧୧.୦ |
| ହୀରାକୁଦ | ୩୦.୬ | ୧୪.୧ |
| ତାଳଚେର | ୩୩.୪ | ୧୨.୬ |
| ଭବାନୀପାଟଣା | ୨୯.୫ | ୧୩.୦ |
| ବଲାଙ୍ଗୀର | ୩୧.୦ | ୧୨.୧ |
| କୋରାପୁଟ | ୨୯.୭ | ୯.୪ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୧୦.୫ |
| ମାଲକାନଗିରି | ୩୩.୪ | ୧୨.୦ |
| ସୋନପୁର | ୩୧.୬ | ୧୦.୪ |
| ଦାରିଙ୍ଗିବାଡ଼ି | ୨୬.୫ | ୧୦.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

### ଦୀପିକାଙ୍କୁ ପ୍ରଶଂସା ଅଜାଡ଼ିଲେ ରଣବୀର

**ମୁମ୍ବାଇ:** ଅଭିନେତା ରଣବୀର ସିଂ ସ୍ତ୍ରୀ ତଥା ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ୍‌କୁ ପ୍ରଶଂସାରେ ପୋତି ପକାଇଛନ୍ତି। ଦୀପିକା ଅତି ଚମତ୍କାର ବ୍ୟକ୍ତିତ୍ୱ ଏବଂ ବିଶ୍ୱର ଅତି ନିପୁଣ କଳାକାରଙ୍କ ମଧ୍ୟରୁ ଜଣେ ବୋଲି ସେ ପ୍ରକାଶ କରିଛନ୍ତି। ଦୀପିକାଙ୍କଠାରେ ଭଲ ପାଇବା, କରୁଣା, ଦକ୍ଷତା, ଏବଂ ଦୟାଶୀଳ ଗୁଣ ଭରିରହିଛି। ଏହିସବୁ ଗୁଣ ତାଙ୍କୁ ଜଣେ ବାସ୍ତବ ଏବଂ ପ୍ରକୃତ କଳାକାର ଭାବେ ଗଢ଼ି ତୋଳିଛି ବୋଲି ରଣବୀର କହିଛନ୍ତି। ତାଙ୍କ ଅନ୍ତର୍ନିହିତ ଦୃଢ଼ତାକୁ ପ୍ରଶଂସା କରି ରଣବୀର କହିଲେ, 'ତାଙ୍କର ଶୃଙ୍ଖଳା ଜ୍ଞାନ ଓ ଅଙ୍ଗୀକାରବଦ୍ଧତା ଅତୁଳନୀୟ। ଦୀପିକା ଏତେ ନ୍ୟାୟସଙ୍ଗତ ଓ ବାସ୍ତବବାଦୀ ଯେ, ଏଥିପାଇଁ ସେ ସମ୍ମାନାସ୍ପଦ ସ୍ଥାନ ବଜାୟ ରଖନ୍ତି। ଯଥା ସମ୍ଭବ ଭଲ ମଣିଷ ହେବାକୁ ସେ ମୋତେ ପ୍ରେରଣା ଦିଅନ୍ତି। ତାଙ୍କ ପାଇଁ ମୋ ଜୀବନ ଧନ୍ୟ। ସେ ମୋ ଜୀବନର ବାସ୍ତବ ଆଲୋକ।'

ଏହି ସଫଳ ଯୋଡି 'ପଦ୍ମାବତ', 'ଗୋଲିଓଁ କି ରାସଲୀଲା ରାମ–ଲୀଲା' ଏବଂ 'ବାଜିରାଓ ମସ୍ତାନି'ରେ ଏକତ୍ର ଅଭିନୟ କରିଛନ୍ତି। ୨୦୧୮ ନଭେମ୍ବରରେ ଇଟାଲୀରେ ହୋଇଥିବା ଉକ୍ତ ପ୍ରେମୀ ଯୁଗଳଙ୍କ ବିବାହ ବେଶ୍ ଚର୍ଚ୍ଚାରେ ଥିଲା।





ଡା. ସରୋଜିନୀ ଷଡ଼ଙ୍ଗୀ

କର୍କଟ ଆଉ ଭୟଙ୍କର ରୋଗ ହୋଇ ରହିନାହିଁ କାରଣ ଅଧିକାଂଶ କର୍କଟ ରୋଗର ନିରାକରଣ ଓ ଚିକିତ୍ସା ଉପଯୁକ୍ତ ସମୟରେ ହୋଇପାରିଲେ ଏହା ସମ୍ପୂର୍ଣ୍ଣ ଭାବେ ଆରୋଗ୍ୟ ହୋଇପାରୁଛି...

# ମହିଳା କର୍କଟ ରୋଗ ଓ ନିରାକରଣ







ସାରା ବିଶ୍ୱରେ ପ୍ରତିବର୍ଷ ୧୨.୭ ମିଲିୟନ୍ ଲୋକ କର୍କଟ ରୋଗରେ ଆକ୍ରାନ୍ତ ହେଉଥିବାବେଳେ ୭ ମିଲିୟନ୍ ଲୋକ ମୃତ୍ୟୁବରଣ କରୁଛନ୍ତି। ତେଣୁ ଏଭଳି ଦୁରାରୋଗ୍ୟ ବ୍ୟାଧିକୁ ହଟାଇବା, ପ୍ରତିଷେଧକ ବ୍ୟବସ୍ଥା ତଥା ପ୍ରାଥମିକ ପର୍ଯ୍ୟାୟରୁ ଏହାର ଲକ୍ଷଣ, ଚିହ୍ନଟ ଓ ଚିକିତ୍ସା ପାଇଁ ସଚେତନତାର ବାର୍ତ୍ତା ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ପହଞ୍ଚାଇବା ଖୁବ୍ ଜରୁରୀ। ଯେଉଁଥିଲାଗି ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାଠାରୁ ଆରମ୍ଭ କରି ୟୁନାଇଟେଡ୍ ସ୍ୱାସ୍ଥ୍ୟ ଓ ୟୁଏନ୍ ଏଜେନ୍ସିଗୁଡ଼ିକ ମିଳିତ ଭାବେ ଚେଷ୍ଟା ଜାରି ରଖିଛନ୍ତି। ସମଗ୍ର ପୃଥିବୀରେ ଫେବୃୟାରୀ ୪ ତାରିଖକୁ ବିଶ୍ୱ କର୍କଟ ଦିବସ ରୂପେ ପାଳନ କରାଯାଇ ସମସ୍ତଙ୍କୁ ସଚେତନ କରାଯାଉଛି। ତେବେ ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ହେଉଛି ‘‘ମୁଁ ନିଶ୍ଚିତ ଭାବରେ କର୍କଟ ବିରୋଧରେ ଲଢ଼ିବି ଏବଂ ବିଜୟୀ ହେବି।’’

ଆମ ଦେଶରେ ମହିଳାମାନଙ୍କ କର୍କଟ ରୋଗକୁ ବିଚାରକୁ ନେଲେ ଜାଣିବା ଯେ, ଜରାୟୁ ମୁଖ କର୍କଟ, ସ୍ତନ କର୍କଟ ବେଶି ଦେଖାଦେଇଥାଏ। ପରେ ପରେ ଡିମ୍ବକୋଷର କର୍କଟ, ଜନନେନ୍ଦ୍ରିୟ କର୍କଟ ଏବଂ ଶରୀରର ଅନ୍ୟାନ୍ୟ କର୍କଟ ରୋଗ ଦେଖାଦେଇଥାଏ।

ଆମ ଦେଶରେ ଜରାୟୁ ଗ୍ରୀବା କର୍କଟରେ ପୀଡ଼ିତ ହୋଇ ପ୍ରତି ୭ ମିନିଟ୍‌ରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥାଏ। ଭାରତରେ ଏହି ରୋଗ ଭୋଗୁଥିବା ଶତକଡ଼ା ୯୦ ଭାଗ ମହିଳାଙ୍କ ଜରାୟୁ ଗ୍ରୀବା କର୍କଟ ହିଁ ହୋଇଥାଏ। ଯେଉଁ ରୋଗୀମାନେ ସାଧାରଣତଃ ଚିକିତ୍ସା ପାଇଁ ଆସିଥାନ୍ତି ତନ୍ମଧ୍ୟରୁ ଶତକଡ଼ା ୯୦ ଭାଗ ଶେଷ ପର୍ଯ୍ୟାୟ (ତୃତୀୟ, ଚତୁର୍ଥ ଷ୍ଟେଜ୍)ରେ ପହଞ୍ଚିଥାନ୍ତି। ଫଳରେ ରୋଗୀର ଅସ୍ତ୍ରୋପଚାର ତଥା ଚିକିତ୍ସା ଉପଯୁକ୍ତ ସମୟରେ ହୋଇପାରେନାହିଁ ଏବଂ ରୋଗୀ ମୃତ୍ୟୁମୁଖରେ ପଡ଼ିଥାଏ। ପ୍ରାଥମିକ ଅବସ୍ଥାରୁ ଜରାୟୁ ଗ୍ରୀବା କର୍କଟର ଚିହ୍ନଟ ଏବଂ ଚିକିତ୍ସା ହୋଇପାରିଲେ ୯୨% ରୋଗୀ ଭଲ ହୋଇଯାନ୍ତି।

**ଜରାୟୁ କର୍କଟର କାରଣ ବା କେଉଁମାନେ ହାଇରିସ୍କ ମହିଳା :**

୧. ଅଳ୍ପ ବୟସରେ ବିଶେଷକରି ୧୬ ବର୍ଷରୁ କମ୍ ବୟସରେ ବିବାହ, ଯୌନ ଜୀବନର ଆରମ୍ଭ, ପ୍ରଥମ ଗର୍ଭଧାରଣ, ଅଳ୍ପ ସମୟ ବ୍ୟବଧାନରେ ବହୁ ସନ୍ତାନର ଜନନୀ, ଅସ୍ୱାସ୍ଥ୍ୟକର ପରିବେଶରେ ବାସ କରୁଥିବା ମହିଳାଙ୍କଠାରେ ଏହାର ଆଶଙ୍କା ବେଶି। ସେହିପରି ଯୌନକ୍ରିୟା ଦ୍ୱାରା ପ୍ରବାହିତ ହେଉଥିବା ଭୂତାଣୁ ଯଥା ‘ହ୍ୟୁମାନ୍ ପାପିଲୋମା ଭାଇରସ୍’ ଓ ‘ହରପିସ୍ ସିମ୍ପ୍ଲେକ୍ସ ଭାଇରସ୍ ଟାଇପ୍ ଟୁ’କୁ ଏକ୍ସପୋଜର୍, ଅନେକ ପୁରୁଷଙ୍କ ସହ ଯୌନସଂଗମ, ଯେଉଁ ମହିଳାଙ୍କ ସ୍ୱାମୀଙ୍କର ପୂର୍ବ ପତ୍ନୀ ଜରାୟୁ ଗ୍ରୀବା କର୍କଟରେ ମୃତ୍ୟୁବରଣ କରିଥାଆନ୍ତି, ଏଚ୍‌ଆଇଭି ପଜିଟିଭ୍ ମହିଳା, ଗର୍ଭନିରୋଧକ ବଟିକା ସେବନ କିମ୍ବା ଧୂମପାନ କରୁଥିବା ମହିଳାଙ୍କଠାରେ ଏହାର ଆଶଙ୍କା ଅଧିକ।

ଏହି ରୋଗ ହେବାର ବହୁପୂର୍ବରୁ ପ୍ରତିଷେଧକ ବ୍ୟବସ୍ଥାମାନ ଗ୍ରହଣ କରିବା ସହ ମାସ୍ ସ୍କ୍ରିନିଂ ଓ ପାପ୍‌ସ୍ମିଅର କରିପାରିଲେ ଏହାକୁ ସମ୍ପୂର୍ଣ୍ଣଭାବେ ପ୍ରତିରୋଧ କରିହେବ। ତେଣୁ ପ୍ରତ୍ୟେକ ମହିଳା ବର୍ଷକୁ ଅନ୍ତତଃ ଥରେ ପାପ୍‌ସ୍ମିଅର ଟେଷ୍ଟ କରାଇନେବା ଆବଶ୍ୟକ।

**ସ୍ତନ କର୍କଟ ଓ ତା’ର ନିରାକରଣ:**

ସ୍ତନରେ ଅନିୟମିତ କୋଷ ବୃଦ୍ଧି ହେଲେ ତାକୁ ‘ସ୍ତନ କର୍କଟ’ କୁହାଯାଏ। ସମ୍ପୂର୍ଣ୍ଣ ଜୀବନକାଳ ମଧ୍ୟରେ ୮ ମହିଳାଙ୍କ ମଧ୍ୟରୁ ଅନ୍ତତଃ ଜଣେ ସ୍ତନ କର୍କଟରେ ପୀଡ଼ିତ ହେବାର ଆଶଙ୍କା ଥାଏ। ସମଗ୍ର ବିଶ୍ୱରେ ପ୍ରତି ୧୩ ମିନିଟ୍‌ରେ ଜଣେ ମହିଳା ଏହି ରୋଗରେ ମୃତ୍ୟୁ ମୁଖରେ ପଡିଥାନ୍ତି। ତେଣୁ ସ୍ତନ କର୍କଟର ପ୍ରାଥମିକ ଲକ୍ଷଣ ସବୁ ଜାଣିପାରିଲେ କିମ୍ବା ନିଜେ ନିଜର ସ୍ତନ ପରୀକ୍ଷା କରି (ବ୍ରେଷ୍ଟ ସେଲ୍ଫପାଲ୍‌ପ୍ରେସନ୍) ଅର୍ବୁଦ ଥିବା ଜାଣିଲେ, ଡାକ୍ତରଙ୍କ ପରାମର୍ଶ ନେଇ ଚିକିତ୍ସା କରିବା ଆବଶ୍ୟକ।

**ହାଇରିସ୍କ ମହିଳା:** ବୟସ ବଢ଼ିବା ସଙ୍ଗେସଙ୍ଗେ ଅର୍ଥାତ୍ ୫୦ ବର୍ଷରୁ ଊର୍ଦ୍ଧ୍ୱ ମହିଳା, ଯେଉଁ ମାନଙ୍କର ପ୍ରଥମ ଋତୁସ୍ରାବ (ଏଜ୍ ଏଟ୍ ମେନାର୍କି) ୧୨ ବର୍ଷ ଆଗରୁ ହୋଇଥାଏ, ଯେଉଁ ମହିଳାଙ୍କର ପ୍ରଥମ ସନ୍ତାନ ଜନ୍ମ ଡେରିରେ ବା ୩୦ ବର୍ଷ ପରେ ହୋଇଥାଏ, ଯେଉଁ ମହିଳାଙ୍କର ଆଦୌ ସନ୍ତାନସନ୍ତତି ନ ଥାଏ, ଯେଉଁ ମହିଳାଙ୍କ ମା’ ବା ଭଉଣୀଙ୍କର ସ୍ତନ କର୍କଟ ହୋଇଥାଏ, ଯେଉଁ ମହିଳାଙ୍କ ଋତୁସ୍ରାବର ବିରତି (ମେନୋପଜ୍) ବେଶି ବୟସରେ ହୋଇଥାଏ, ଯେଉଁ ମହିଳାଙ୍କର ଡିମ୍ବକୋଷରେ କର୍କଟ ହୋଇଥାଏ, ଯେଉଁ ମହିଳାଙ୍କ ଶରୀରର ବାରମ୍ବାର ଏକ୍ସରେ କରାହୋଇଥାଏ, ଅତ୍ୟଧିକ ମେଦବହୁଳ ମହିଳା, ଅତ୍ୟଧିକ ଚର୍ବିମିଶ୍ରିତ ଖାଦ୍ୟ ଖାଉଥିବା ମହିଳାଙ୍କଠାରେ ଏହି ରୋଗର ଆଶଙ୍କା ବେଶି।

**ଲକ୍ଷଣ**

– ସ୍ତନ କର୍କଟର ମୁଖ୍ୟ ଲକ୍ଷଣ ହେଉଛି ସ୍ତନରେ ଅର୍ବୁଦ। ଏଥିରେ ଆଦୌ ବ୍ୟଥା ବା ଦରଜ ହୁଏନାହିଁ।

– ସ୍ତନ ବା କାଖରେ ଏକ ନୂତନ ବା ଅସ୍ୱାଭାବିକ ଅର୍ବୁଦ କିମ୍ବା ଲିମ୍ଫନୋଡ୍ ଏନ୍‌ଲାର୍ଜମେଣ୍ଟ ବା କାଖ ଗୁଳି ବଢ଼ିଯିବା।

– ସ୍ତନର ଆକାର ବା ଆକୃତିରେ ଅସ୍ୱାଭାବିକ ପରିବର୍ତ୍ତନ।

– ସ୍ତନର ଉପର ଭାଗ ଚର୍ମରେ ଗାତ ସୃଷ୍ଟି ହୋଇଯିବା ବା ନାଲି ହୋଇଯିବା ପିଉ ଡି ‘ଅରେଞ୍ଜ୍ ଆପିଅରାନ୍ସ।’

– ସ୍ତନର ନିପଲ୍ ବା ଭୁଣ୍ଡିରୁ ପାଣି କିମ୍ବା ରକ୍ତ ବାହାରିବା।

– ସ୍ତନ ଭୁଣ୍ଡି ଭିତର ପଟକୁ ମୋଡ଼ି ହୋଇଯିବା ବା ପଶିଯିବା ‘‘ରିଟ୍ରାକ୍ଟେଡ୍ ନିପଲ୍’’।

– ସ୍ତନରେ କଷ୍ଟ ହେବା।

**ସ୍ତନ କର୍କଟର ଚିହ୍ନଟ :**

ଯେକୌଣସି କର୍କଟ ଭଳି ସ୍ତନ କର୍କଟର ପ୍ରାଥମିକ ପର୍ଯ୍ୟାୟରେ ଚିହ୍ନଟ ହୋଇପାରିଲେ, ଏହି ମାରାତ୍ମକ ରୋଗ ଦୂରେଇ ହେବ। ମହିଳାମାନେ ତାଙ୍କ ହାତରେ ନିଜ ସ୍ତନର ପରୀକ୍ଷା କରିବା ଦ୍ୱାରା ଏହି ମାରାତ୍ମକ ରୋଗରୁ ରକ୍ଷା ପାଇପାରିବେ। ଏହାଛଡ଼ା ଡାକ୍ତରଙ୍କ ଦ୍ୱାରା ସ୍ତନ ପରୀକ୍ଷା, ଫାଇନ୍‌ନିଡଲ୍ ଆସ୍‌ପିରେସନ୍ ସାଇଟୋଲୋଜି, ସ୍ତନର ଅଲ୍‌ଟ୍ରାସାଉଣ୍ଡ ଓ ମାମୋଗ୍ରାଫି ଦ୍ୱାରା ସ୍କ୍ରିନିଂ କଲେ ଏହି ରୋଗ ଚିହ୍ନଟ ହୋଇପାରିବ। ଯେଉଁ ରୋଗୀ ‘ହାଇରିସ୍କ କେସ୍’ ହୋଇଥିବେ ସେମାନେ ନିଜେ ନିଜର ସ୍ତନ ପରୀକ୍ଷା କରିବା ପଦ୍ଧତି ଜାଣିବା ଜରୁରୀ।

ଉପରୋକ୍ତ ପରୀକ୍ଷାଗୁଡ଼ିକ କଲେ କର୍କଟ ରୋଗର ପ୍ରତିହତ କରିହେବ। ତେଣୁ ଆସନ୍ତୁ ନିଜେ ନିଜ ସ୍ୱାସ୍ଥ୍ୟ ପାଇଁ ସଚେତନ ହେବା, ଏହାକୁ ପ୍ରତିହତ କରିବା ଓ କର୍କଟ ରୋଗ ବିରୋଧରେ ଲଢ଼େଇ କରି ବିଜୟୀ ହେବା।

– ଲିଙ୍କ୍‌ରୋଡ୍, କଟକ–୧୨
ମୋ– ୯୪୩୭୦୫୫୦୦୭



# ଘରେ ଅଫିସ୍ କାମ କରୁଥିଲେ

ୱାର୍କ ଫ୍ରମ୍ ହୋମ୍‌ର କନସେପ୍ଟ ଏବେ ବଢ଼ିବାରେ ଲାଗିଛି। ଖାସ୍‌କରି ମହିଳାମାନେ ଏହାର ବିଶେଷ ଲାଭ ଉଠାଉଛନ୍ତି। ଏମାନେ ଘରେ ରହି ଉଭୟ ଘର ଓ ଅଫିସ୍ କାମ କରୁଛନ୍ତି। ଅଫିସ୍‌ରେ ନୀତି ନିୟମ ଥିବାବେଳେ ଘରେ ରହି କାମ କରିବାରେ କର୍ମଚାରୀଙ୍କ ପାଇଁ କୌଣସି ନିୟମ ନ ଥାଏ। ତେଣୁ ଅଧିକାଂଶ ସମୟରେ କୌଣସି କାମ ଠିକ୍ ଭାବେ ହୋଇପାରି ନ ଥାଏ। ଜାଣନ୍ତୁ କିଛି ଟିପ୍ସ ଯାହାଦ୍ୱାରା ଉଭୟ କାମ ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିବ।

❖ପ୍ରତ୍ୟେକ କାମ କରିବା ପୂର୍ବରୁ ୱାର୍କ ସିଡ୍ୟୁଲ୍ ପ୍ରସ୍ତୁତ କରନ୍ତୁ। ଯାହାଦ୍ୱାରା ଆପଣ ଜାଣିପାରିବେ କେଉଁ କାମ କେତେବେଳେ ଆରମ୍ଭ କରିବେ ଓ କେତେବେଳେ ଶେଷ କରିବେ। ଏହାଦ୍ୱାରା କମ୍ ସମୟରେ ଅଧିକ କାମ କରିପାରିବେ।

❖ଯେତେବେଳେ ଇଚ୍ଛା ସେତେବେଳେ କାମ କରିବାକୁ ବସି ପଡ଼ନ୍ତୁ ନାହିଁ। ଏପରି କଲେ କାମ ସହ ସ୍ୱାସ୍ଥ୍ୟ ବିଗିଡ଼ିଯିବାର ସମ୍ଭାବନା ଥାଏ। କାମ ସହ ନିଜକୁ ଫିଟ୍ ରଖିବା ପାଇଁ ସମୟ ନିର୍ଘଣ୍ଟ କରନ୍ତୁ। ଏହାଦ୍ୱାରା କାମ ଠିକ୍‌ରେ ହେବ ଏବଂ ଆପଣ ଟେନ୍‌ସନ୍ ଫ୍ରି ରହିବେ।

❖କାମ କଲାବେଳେ ମୋବାଇଲ୍‌ରେ ଚାଟିଂ ବା ଗପ କରନ୍ତୁ ନାହିଁ। ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ କୁହନ୍ତୁ ଯେ ଆପଣ ଫ୍ରି ଥିବା ସମୟରେ ସେମାନଙ୍କ ସହ କଥା ହେବେ।

❖ଘରେ ରହି କାମ କରୁଥିଲେ ଅଫିସ୍ ଯିବାକୁ ପଡ଼ିବନି। କିନ୍ତୁ ଏହାର ମାନେ ନୁହେଁ ଯେ ଆପଣ ଲୋକମାନଙ୍କ ସହ ମିଳାମିଶା ଓ କଥାବାର୍ତ୍ତା କରିବେ ନାହିଁ। ବରଂ ଫିଲ୍ଡ ୱାର୍କ କରୁଥିବା ଲୋକଙ୍କ ସହ ସମ୍ପର୍କ ରଖନ୍ତୁ। ଏହାଦ୍ୱାରା ନୂଆ ନୂଆ କଥା ଜାଣିବାକୁ ପାଇବେ।

❖ଲକ୍ଷ୍ୟ ନିର୍ଦ୍ଧାରିତ କରନ୍ତୁ ଯେ ଆପଣଙ୍କୁ ନୂଆ କଥା ଶିଖିବାର ଅଛି। ଫଳରେ ଆପଣଙ୍କ ମଧ୍ୟରେ କାମକୁ ନେଇ ଜୋସ୍ ବଜାୟ ରହିବ। ଇମେଲ୍ ମ୍ୟାନର୍ସର ବି ଧ୍ୟାନ ରଖନ୍ତୁ। କେବଳ ଓକେ, ଥ୍ୟାଙ୍କ୍ ୟୁ କହି ରିପ୍ଲାୟ ଦିଅନ୍ତୁ ନାହିଁ। କାମ କରିବାର ପ୍ରେସର ପରିବାର ଲୋକଙ୍କ ଉପରେ ଦିଅନ୍ତୁ ନାହିଁ।

# ଗୃହିଣୀଙ୍କ ପାଇଁ



- ତେଜପତ୍ରର ମିଠା ବାସ୍ନାରେ ମୂଷାମାନେ ଖୁବ୍‌ଶୀଘ୍ର ଏହାକୁ ଖାଇବା ପାଇଁ ଆସିଥାନ୍ତି, ଯାହା ମୂଷା ପାଇଁ ବିଷାକ୍ତ ହୋଇଥାଏ।
- ମୂଷା ଉପଦ୍ରବରୁ ରକ୍ଷା ପାଇଁ ମୂଷା ଆସୁଥିବା ରାସ୍ତାରେ ଗୋବର ରଖିପାରିବେ।
- ପିଆଜ ଗନ୍ଧ ଖୁବ୍ କଡ଼ା ଥାଏ। ମୂଷାମାନେ ଏହି ଗନ୍ଧକୁ ସହିପାରନ୍ତି ନାହିଁ। ମୂଷା ଆସୁଥିବା ରାସ୍ତାରେ ପିଆଜ ଖଣ୍ଡ ଖଣ୍ଡ କରି ପକାନ୍ତୁ। ଦେଖିବେ ମୂଷା ଘର ଛାଡି ପଳାଇବେ।
- ପେଚାର ପରକୁ ମୂଷାମାନେ ଡରନ୍ତି। ମୂଷା ଆସୁଥିବା ସ୍ଥାନରେ ଏହି ପରକୁ ରଖନ୍ତୁ। ଘରେ ମୂଷା ଦେଖାଯିବେ ନାହିଁ।
- ପୋଦିନା ତେଲରେ ତୁଳା ଭିଜାଇ ମୂଷା ଆସୁଥିବା ସ୍ଥାନରେ ରଖନ୍ତୁ। ପୋଦିନା ଗନ୍ଧରେ ମୂଷା ଆସିବେ ନାହିଁ।
- ଗୋଲମରିଚକୁ ପାଣିରେ ଭିଜାଇ ମୂଷା ଆସୁଥିବା ବାଟରେ ରଖିଦିଅନ୍ତୁ। ଏହାର ଗନ୍ଧରେ ମୂଷା ଘରେ ପଶିବେ ନାହିଁ।
- ଫିଟିକିରି ଗୁଣ୍ଡକୁ ମୂଷା ଆସୁଥିବା ରାସ୍ତାରେ ବିଞ୍ଚିଦେଲେ ଏହାର ଗନ୍ଧରେ ମୂଷା ଘରକୁ ଆସିବେ ନାହିଁ।

ଖା|ଦ୍ୟ|ରୁ|ଚି

# ଦୋସା ସ୍ୟାଣ୍ଡଉଇଚ୍

**ଆବଶ୍ୟକ ସାମଗ୍ରୀ**

୨ କପ୍ ଚାଉଳ ଓ ଅଧା କପ୍ ବିରି ଡାଲି, ବ୍ରେଡ୍ – ୪ଖଣ୍ଡ, ଆବଶ୍ୟକ ଅନୁସାରେ ଲୁଣ, ଅଧା ଇଞ୍ଚ ଅଦାର ପେଷ୍ଟ, କଟା ଧନିଆପତ୍ର– ୨ ଚାମଚ, ଛୋଟ ଛୋଟ କଟାଯାଇଥିବା କଞ୍ଚାଲଙ୍କା, ତେଲ– ୨ ଚାମଚ।

**ପ୍ରସ୍ତୁତି ପ୍ରଣାଳୀ**

ପ୍ରଥମେ ଚାଉଳ ଓ ବିରି ଡାଲିକୁ ମିଶାଇ ଗ୍ରାଇଣ୍ଡିଂ କରି ପିଠଉ ପ୍ରସ୍ତୁତ କରନ୍ତୁ। ଏଥିରେ ଅଦା ପେଷ୍ଟ ଓ ଧନିଆପତ୍ରକୁ ଭଲଭାବେ ମିଶାନ୍ତୁ। ତାୱା ଗରମ କରି ତେଲ ପକାନ୍ତୁ। ବ୍ରେଡ୍‌କୁ ପିଠଉରେ ଗୋଳାଇ ତାୱାରେ ପକାନ୍ତୁ। ଏବେ ସ୍ୟାଣ୍ଡଉଇଚ୍ ଉପରେ ଏକ ଚାମଚ ତେଲ ପକାନ୍ତୁ। ସ୍ୟାଣ୍ଡଉଇଚ୍‌ର ଉଭୟ ପାର୍ଶ୍ୱ ବ୍ରାଉନ୍ ହେବା ପର୍ଯ୍ୟନ୍ତ ଏହାକୁ ସେକନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଦୋସା ସ୍ୟାଣ୍ଡଉଇଚ୍। ଗରମ ଗରମ ଏହାକୁ ଧନିଆ ଚଟଣି କିମ୍ବା ଟମାଟୋ ସସ୍ ସହ ପରଷନ୍ତୁ।



ସୌ|ନ୍ଦ|ର୍ଯ୍ୟ

# ଶୁଷ୍କ ତ୍ୱଚାର ଉପଚାର

ଶୀତଦିନେ ତ୍ୱଚା ଶୁଷ୍କ ହେବା ବା ଫାଟିବା ଏକ ସାଧାରଣ ସମସ୍ୟା। ଏଥିପାଇଁ କୋଲ୍ଡ କ୍ରିମ୍ ବା ମଇଶ୍ଚରାଇଜର ଜରୁରୀ। କିଛି ଘରୋଇ ଟିପ୍ସ ଆପଣାଇ ଆପଣ ଏଥିରୁ ରକ୍ଷା ପାଇପାରିବେ। ଜାଣନ୍ତୁ ସେ ସମ୍ପର୍କରେ...

**ନଡ଼ିଆ ତେଲ:** ଶୁଷ୍କ ତ୍ୱଚାର ଉପଶମ ପାଇଁ ନଡ଼ିଆ ତେଲ ବେଶ୍ ଉପକାରୀ। ଏହି ତେଲକୁ ହାଲ୍‌କା ଉଷୁମ କରି ଗାଧୋଇବା ପୂର୍ବରୁ ତ୍ୱଚାରେ ଲଗାଇ ଧୀରେ ଧୀରେ ମାଲିସ୍ କରନ୍ତୁ। ଯାହାଦ୍ୱାରା ଏହା ତ୍ୱଚା ମଧ୍ୟରେ ଭଲଭାବେ ଭେଦିପାରିବ। ୧୦ ମିନିଟ୍ ପରେ ଗାଧୋଇ ପଡ଼ନ୍ତୁ। ଆଣ୍ଟି ଅକ୍ସିଡାଣ୍ଟ ଗୁଣରେ ଭରପୂର ଏହି ତେଲରେ ଥିବା ଫ୍ୟାଟି ଏସିଡ୍, ପ୍ରୋଟିନ୍ ଏବଂ ଭିଟାମିନ୍ ଇ’ ତ୍ୱଚାକୁ ନମନୀୟ ରଖିଥାଏ।

**ମହୁ:** ପ୍ରାକୃତିକ ମଇଶ୍ଚରାଇଜର ଏବଂ ଆଣ୍ଟି ଅକ୍ସିଡାଣ୍ଟର କାମ କରିଥାଏ ମହୁ। ଗ୍ଲିସେରିନ୍ ଏବଂ ମହୁକୁ ସମାନ ମାତ୍ରାରେ ମିଶାଇ ତ୍ୱଚାରେ ଲଗାନ୍ତୁ। ୧୦ ମିନିଟ୍ ପରେ ଉଷୁମ ପାଣିରେ ଧୋଇଦିଅନ୍ତୁ।

**ଅଲିଭ୍ ଅଏଲ୍:** ଏଥିରେ ଥିବା ଭିଟାମିନ୍ ଇ’ ତ୍ୱଚାର ଶୁଷ୍କତା ଦୂର କରିଥାଏ। ଏକ ଚାମଚ ବ୍ରାଉନ୍ ସୁଗାର ଓ ସାମାନ୍ୟ ଅଲିଭ୍ ଅଏଲର ମିଶ୍ରଣକୁ ତ୍ୱଚାରେ ଲଗାଇ ଧୀରେ ଧୀରେ ସ୍କ୍ରବ୍ କରନ୍ତୁ। ୧୫ ମିନିଟ୍ ପରେ ଧୋଇଦିଅନ୍ତୁ।

**ମଲାଇ:** ମଲାଇରେ ଥିବା ଲାକ୍ଟିକ୍ ଏସିଡ୍ ଶୁଷ୍କ ତ୍ୱଚା ପାଇଁ ଉତ୍ତମ ମଇଶ୍ଚରାଇଜରର କାମ କରିଥାଏ। ୨ରୁ ୩ ଚାମଚ ମଲାଇ ଓ ୨ ଚାମଚ ବେସନର ମିଶ୍ରଣକୁ ମୁହଁ ଏବଂ ବେକରେ ଲଗାନ୍ତୁ। ୧୫ ମିନିଟ୍ ପରେ ହାଲ୍‌କା ଉଷୁମ ପାଣିରେ ଧୋଇଦିଅନ୍ତୁ।

**ଏଲୋଭେରା:** ତ୍ୱଚାର ଶୁଷ୍କତା ଦୂର କରିବା ପାଇଁ ଏହା ଉତ୍ତମ ମଇଶ୍ଚରାଇଜରର କାମ କରିବା ସହ ସ୍କିନ୍ ଟୋନ୍‌ରେ ସୁନ୍ଦରତା ବଜାୟ ରଖିଥାଏ। ଏଲୋଭେରା ପତ୍ରରୁ ଜେଲ୍ ବାହାର କରି ତ୍ୱଚାରେ କିଛି ସମୟ ମାଲିସ୍ କରନ୍ତୁ। ୩୦ ମିନିଟ୍ ପରେ ହାଲ୍‌କା ଉଷୁମ ପାଣିରେ ଧୋଇଦିଅନ୍ତୁ।



“ବର୍ତ୍ତମାନ ବାସନ୍ଦ ଦଣ୍ଡ ଭୋଗୁଥିବା ଷ୍ଟିଭ ସ୍ମିଥ୍ ଓ ଡେଭିଡ ୱାର୍ନର ଚଳିତବର୍ଷ ଇଂଲଣ୍ଡ ବିପକ୍ଷ ଆସେସ ସିରିଜରେ ପ୍ରମୁଖ ଭୂମିକା ଗ୍ରହଣ କରିପାରନ୍ତି ।
–ଟିମ୍ ପେନ୍, ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ



“ଭାରତର ଦୁଇ ପ୍ରତିଭାସମ୍ପନ୍ନ ସ୍ପିନର ପୁନମ ଯାଦବ ଓ ଏକତା ବିଷ୍ଟଙ୍କୁ ମୁକାବିଲା କରିବାକୁ ହେଲେ ଆକ୍ରମଣାତ୍ମକ ବ୍ୟାଟିଂ ଆବଶ୍ୟକ ।
–ସୁଜି ବେଟ୍ସ, ନ୍ୟୁଜିଲାଣ୍ଡ ମହିଳା କ୍ରିକେଟର



## ସଂକ୍ଷେପରେ

### ୧୯ବର୍ଷରୁ କମ୍ ମହିଳା କ୍ରିକେଟ ଦଳ ଘୋଷିତ

**କଟକ ଅଫିସ,୪।୨:** ଗୋଆଠାରେ ଆସନ୍ତା ୧୦ରୁ ୨୬ ତାରିଖ ପର୍ଯ୍ୟନ୍ତ ୧୯ବର୍ଷରୁ କମ୍ ମହିଳା ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ । ଏ ନେଇ ସୋମବାର ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ରାଜ୍ୟ ଦଳ ଘୋଷଣା କରାଯାଇଛି । ଦଳର ଅଧିନାୟିକା ରହିଛନ୍ତି ଇନ୍ଦ୍ରାଣୀ ଛତ୍ରିଆ। ଗ୍ରୁପ-ସିରେ ସ୍ଥାନ ପାଇଥିବା ଓଡ଼ିଶା ୧୦ ତାରିଖରେ ପ୍ରଥମ ମ୍ୟାଚରେ ବିଦର୍ଭକୁ ଭେଟିବ । **ଓଡ଼ିଶା ଦଳ:** ଇନ୍ଦ୍ରାଣୀ ଛତ୍ରିଆ(ଅଧିନାୟିକା), କାଜଲ ଜେନା, ପୁନମ ନାୟିକା (ଉପ ଅଧିନାୟିକା), ଶୁଭ୍ର ନିର୍ଝରିଣୀ ସ୍ୱାଇଁ, ରଶ୍ମିତା ଚିନ୍ନାରା (ଉଇକେଟ କିପର), ସ୍ୱିଟି ବେଉରା, ସୋନାଲୀ ହେମ୍ବ୍ରମ, ବିଏଲ୍ଏସ୍ ବୈଷ୍ଣବୀ, ତରଣା ପ୍ରଧାନ, ତନ୍ମୟୀ ବେହେରା, କଳ୍ପନା ନାୟକ, ରାଣୀ ପ୍ରସାଦ, ସୁଚିତ୍ରା ରାୟ, ରାଜେଶ୍ୱରୀ ଜେନା(ଉଇକେଟ କିପର), ଭବାନୀ ଧଡ଼ା । ଇତିଶ୍ରୀ ପଟ୍ଟନାୟକ-କୋଚ୍, ବିଦ୍ୟୁତପ୍ରଭା ଦାସ-ଫିଜିଓ, ଟିକିଲତା ପ୍ରଧାନ-ଟ୍ରେନର, ସୁଧାଂଶୁବାଳା ସାହୁ-ମ୍ୟାନେଜର ।

### ନ୍ୟୁଜିଲାଣ୍ଡ ଦଳକୁ ଶକ୍ତ ଧକ୍କା

**ୱେଲିଂଟନ,୪।୨(ପିଟି):** ଦିନିକିଆ ସିରିଜ୍‌ରେ ଭାରତୀୟ ଦଳଠାରୁ ଶୋଚନୀୟ ପରାଜୟ ପରେ ଟି୨୦ ସିରିଜ୍ ପୂର୍ବରୁ ନ୍ୟୁଜିଲାଣ୍ଡ ଦଳକୁ ଶକ୍ତ ଧକ୍କା ଲାଗିଛି। ଘରୋଇ ଓପନର ମାର୍ଟିନ ଗୁପ୍‌ଟିଲ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରୁ ବାଦ୍ ପଡ଼ିଛନ୍ତି। ତେବେ ଆହତ ସମସ୍ୟା ଯୋଗୁ ଗୁପ୍‌ଟିଲଙ୍କୁ ଏଭଳି ଅବସ୍ଥା ଭୋଗିବାକୁ ପଡ଼ିଛି। ଅନ୍ତିମ ଦିନିକିଆ ପୂର୍ବରୁ ଅଭ୍ୟାସ କରୁଥିବାବେଳେ ତାଙ୍କ ତଳ ପିଠିରେ ଆଘାତ ଲାଗିଥିଲା। ଏହି କାରଣରୁ ସେ ଭାରତ ବିପକ୍ଷ ୫ମ ଦିନିକିଆ ମ୍ୟାଚ୍‌ରେ ଖେଳିପାରି ନ ଥିଲେ। ସୋମବାର ତାଙ୍କର ଫିଟ୍‌ନେସ୍ ଟେଷ୍ଟ ନିଆଯାଇଥିଲା। ଏଥିରେ ସେ ବିଫଳ ହୋଇଛନ୍ତି। ଏ ସମ୍ପର୍କରେ କୋଚ୍ ଗ୍ୟାରି ଷ୍ଟିଡ ସୂଚନା ଦେଇଛନ୍ତି। ଦୁର୍ଭାଗ୍ୟବଶତଃ ଗୁପ୍‌ଟିଲ ଟି୨୦ ସିରିଜ୍‌ରେ ଖେଳିପାରିବେ ନାହିଁ। ଏହା ନ୍ୟୁଜିଲାଣ୍ଡ ଦଳ ପାଇଁ ଏକ ଶକ୍ତ ଝଟକା ସଦୃଶ। ବାଂଲାଦେଶ ବିପକ୍ଷ ଦିନିକିଆ ସିରିଜ୍ ବେଳକୁ ସେ ଫିଟ୍ ହେବା ନେଇ ଆଶା କରାଯାଉଛି ବୋଲି କୋଚ୍ ଷ୍ଟିଡ କହିଛନ୍ତି। ବୁଧବାରଠାରୁ ଆରମ୍ଭ ହେବାକୁ ଥିବା ଟି୨୦ ସିରିଜ୍ ଲାଗି ଗୁପ୍‌ଟିଲଙ୍କ ବଦଳ ଖେଳାଳି ଭାବେ ଜିମ୍ମି ନିଶାମଙ୍କୁ ଦଳରେ ସାମିଲ କରାଯାଇଛି। **ନ୍ୟୁଜିଲାଣ୍ଡ ଦଳ:** କେନ୍ ୱିଲିୟମ୍‌ସନ (ଅଧିନାୟକ), ଡଗ୍ ବ୍ରାସ୍‌ୱେଲ, କଲିନ ଡି. ଗ୍ରାଣ୍ଡହୋମ, ଲୋକି ଫର୍ଗୁସନ, ସ୍କଟ୍ କୁଗେଲେନ, ଡାର୍ଲି ମିଚେଲ, କଲିନ ମୁନ୍‌ରୋ, ଜିମ୍ମି ନିଶାମ, ମିଚେଲ ସାଣ୍ଟନର, ଟିମ୍ ସେଫର୍ଟ, ଇଶ ସୋଧି, ଟିମ୍ ସୌଦି ଓ ରସ୍ ଟେଲର।

### ଫୁଟ୍‌ବଲର ସାଲାଙ୍କ ମରଶରୀର ଠାବ



**ଲଣ୍ଡନ, ୪।୨ (ଏଏଫ୍‌ପି):** ବ୍ରିଟିଶ ତଦନ୍ତକାରୀମାନେ ଶେଷରେ ଆର୍ଜେଣ୍ଟିନା ଫୁଟ୍‌ବଲର ଏମିଲିଆନୋ ସାଲାଙ୍କ ମରଶରୀରକୁ ଏକ ଦୁର୍ଘଟଣାଗ୍ରସ୍ତ ବିମାନର ଭଗ୍ନାବଶେଷରୁ ଠାବ କରିବାରେ ସମର୍ଥ ହୋଇଛନ୍ତି। ୨୮ବର୍ଷୀୟ ସାଲା ଜାନୁୟାରୀ ୨୧ରେ ତାଙ୍କ ନୂଆ ପ୍ରିମିୟର ଲିଗ୍ ଦଳ କାର୍ଡିଫ ସିଟିରେ ଯୋଗଦେବା ଲାଗି ଫ୍ରାନ୍ସରୁ ଏକ କ୍ଷୁଦ୍ର ବିମାନରେ ଯାତ୍ରା କରୁଥିଲେ। ତାଙ୍କ ସହିତ ବିମାନ ପାଇଲଟ ଥିଲେ। ବିମାନଟି ଇଂଲିଶ ଚ୍ୟାନେଲ ଅନ୍ତର୍ଗତ ଗର୍ନସେ ଦ୍ୱୀପର ଉତ୍ତରଭାଗରେ କୌଣସି କାରଣରୁ ନିଖୋଜ ହୋଇଯାଇଥିଲା। ଦୁର୍ଘଟଣାଗ୍ରସ୍ତ ବିମାନଟିର ଭଗ୍ନାବଶେଷ ରବିବାର ସମୁଦ୍ର ଶଯ୍ୟାରେ ଦେଖିବାକୁ ମିଳିଥିଲା। ତଦନ୍ତକାରୀମାନେ ରିମୋଟଲି ଅପରେଟେଡ୍ ଭେଇକିଲ (ଆରଓଭି) ସହାୟତାରେ ତା’ ନିକଟକୁ ଯାଇ ଭିଡ଼ିଓ ଫୁଟେଜ୍ ନେଇଥିଲେ। ବିମାନ ମଧରେ ଏକ ମରଶରୀର ଥିବା ଏଥିରୁ ଜଣାପଡ଼ିଥିଲା ବୋଲି ବ୍ରିଟିଶ ସରକାରଙ୍କ ବିମାନ ଦୁର୍ଘଟଣା ତଦନ୍ତ ଶାଖା (ଏଏଆଇବି) ପ୍ରକାଶ କରିଛି। ପରବର୍ତ୍ତୀ- ପଦକ୍ଷେପ ସ୍ୱରୂପ ଏଏଆଇବି ବର୍ତ୍ତମାନ ପାଇଲଟ, ଯାତ୍ରୀଙ୍କ ପରିବାରବର୍ଗ ଏବଂ ପୋଲିସର ପରାମର୍ଶ ନେବ। ସୂଚନାଯୋଗ୍ୟ, ସାଲା ରେକର୍ଡ ୧୭ନିୟୁତ ୟୁରୋ (୧୯.୩ନିୟୁତ ପାଉଣ୍ଡ) ବିନିମୟରେ ଫ୍ରେଞ୍ଚ୍ ଟିମ୍ ନାନ୍‌ଟିସରୁ ୱେଲ୍ସ ଟିମ୍ କାର୍ଡିଫ୍‌ରେ ଯୋଗଦେବାକୁ ଯାଉଥିଲେ।

# ଆଜି କଳିଙ୍ଗରେ ଆରୋଜ-ପଞ୍ଜାବ

**ଆଇ-ଲିଗ୍ ଫୁଟବଲ**

ଭୁବନେଶ୍ୱର, ୪।୨(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ଇଣ୍ଡିଆନ ଆରୋଜ ଓ ଗତଥରର ଚାମ୍ପିୟନ ମିନର୍ଭା ପଞ୍ଜାବ ମଧରେ ଆଇ- ଲିଗ୍ ଫୁଟବଲ ମ୍ୟାଚ ଅନୁଷ୍ଠିତ ହେବ। ଇଣ୍ଡିଆନ ଆରୋଜ କଳିଙ୍ଗ ଷ୍ଟାଡିୟମକୁ ଘରୋଇ ପଡ଼ିଆଭାବେ ବ୍ୟବହାର କରୁଥିବାରୁ ମିନର୍ଭାକୁ କଡ଼ା ଚ୍ୟାଲେଞ୍ଜ ଦେବା ସମ୍ଭାବନା ରହିଛି। ଯଦି ଆସନ୍ତା ମ୍ୟାଚ ସହ ଆରୋଜ ଚଳିତ ଆଇ-ଲିଗ୍‌ରେ ୫ମ ବିଜୟ ହାସଲ କରେ ତେବେ ପଏଣ୍ଟ ଟେବୁଲର ୭ମ ସ୍ଥାନକୁ ଉନ୍ନୀତ ହୋଇ ପାରିବ। ମ୍ୟାଚ ଅପରାହ୍ନ ୨ଟାରେ ଆରମ୍ଭ ହେବ।

ଦୁଇ ମାସ ପୂର୍ବରୁ ଘରୋଇ ପରିବେଶରେ ମିନର୍ଭା ପଞ୍ଜାବ ୧-୦ ଗୋଲରେ ଆରୋଜକୁ ପରାସ୍ତ କରିଥିଲା। ମାତ୍ର ପ୍ରଥମ ଚରଣର ଏହି ମ୍ୟାଚ ପରେ ଫ୍ଲୟଡ ପିଣ୍ଟୋଙ୍କ ଯୁବ ଦଳ ସ୍ଥିର ପ୍ରଦର୍ଶନ ଦେବାରେ ସକ୍ଷମ ହୋଇଛି। ଆରୋଜ ୧୫ଟି ମ୍ୟାଚ ଖେଳି ୧୩ ପଏଣ୍ଟ ପାଇଛି। ଏହା ମଧରେ ୪ ବିଜୟ, ୧ ଡ୍ର ଏବଂ ୧୦ ପରାଜୟ ସାମିଲ। ଅନ୍ୟପକ୍ଷରେ ପଞ୍ଜାବ ୧୫ ମ୍ୟାଚ ଖେଳି ୩ ବିଜୟ, ୫ ଡ୍ର ଏବଂ ୭ ପରାଜୟ ସହ ୧୪ ପଏଣ୍ଟ ପାଇଛି। ଅନ୍ୟତମ ଦଳ ଆଇଜଲ ଏଫସି ମଧ ୧୪ ପଏଣ୍ଟ ପାଇଛି। ଏବେ ଆଇଜଲ ୭, ପଞ୍ଜାବ ୮ ଓ ଆରୋଜ ୯ମ ସ୍ଥାନରେ ରହିଛି। ତେଣୁ ଯଦି ଆଗାମୀ ମ୍ୟାଚରେ ଆରୋଜ ବିଜୟୀ ହୁଏ ତେବେ ଆଇଜଲ୍ ଓ ପଞ୍ଜାବକୁ ପଛରେ ପକାଇ ଦେଇପାରିବ। ଚଳିତ ସିଜନରେ ମିନର୍ଭା ଦକ୍ଷତା ଅନୁସାରେ ଖେଳି ପାରିନାହିଁ। ଗତ ୨ ମାସ ମଧରେ ଦଳ ୮ଟି ମ୍ୟାଚ ଖେଳିଥିଲେ ହେଁ ବିଜୟ ସ୍ୱାଦ ପାଇନାହିଁ। ପୂର୍ବ ୨ଟି ମ୍ୟାଚରେ ଦଳ ଆଇଜଲ ଏଫସି ଏବଂ ପଏଣ୍ଟ ଟେବୁଲର ନିମ୍ନରେ ଥିବା ଶିଲଂ ଲାଜଂଠାରୁ ପରାଜିତ ହୋଇଥିଲା।

“ଗତ ମ୍ୟାଚ ଗୁଡ଼ିକରେ କ’ଣ ହୋଇଛି ତାହା ଚିନ୍ତା ନ କରି ଆମେ ଆଗାମୀ ମ୍ୟାଚକୁ ସକାରାତ୍ମକ ମନୋଭାବରେ ଖେଳିବୁ। ପିଲାମାନେ ଭଲ ଟ୍ରେନିଂ କରିଛନ୍ତି। ମାନସିକଭାବେ ମଧ ଦୃଢ଼ ଅଛନ୍ତି। ତେଣୁ ଆମେ ଆଗାମୀ ମ୍ୟାଚ ପାଇଁ ପ୍ରସ୍ତୁତ” ବୋଲି ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପଞ୍ଜାବ ଟିମ୍‌ର ଆଇରିସ୍ କୋଚ୍ ପଲ୍ ମୁନଷ୍ଟର ପ୍ରକାଶ କରିଛନ୍ତି। ଏହି ମ୍ୟାଚ ଆମପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ। ଏବେ ବାହାର ପରିବେଶରେ ମ୍ୟାଚ ଜିତିବାର ସୁଯୋଗ ଆସିଛି। ଏହି ମ୍ୟାଚ ପରେ ଆମେ ଏଏଫସି କପ୍‌ରେ ଖେଳିବାକୁ ଯିବୁ। ତେଣୁ ଆରୋଜ ବିପକ୍ଷ ମ୍ୟାଚରୁ ଆମେ ୩ ପଏଣ୍ଟ ପାଇ ପାରିଲେ ପିଲାମାନଙ୍କ ମନୋବଳ ଦୃଢ଼ ହୋଇପାରିବ ବୋଲି ସେ କହିଛନ୍ତି। ଇଣ୍ଡିଆନ ଆରୋଜ ଏକ ଯୁବ ଦଳ। ଦଳର ଖେଳାଳିମାନେ ପ୍ରତିଶ୍ରୁତିବଦ୍ଧ ଏବଂ ଉତ୍ସାହରେ ଭରପୁର ବୋଲି ଆମେ ଜାଣିଛୁ। ଏବେ ଏହାର ଖେଳାଳିମାନେ କିଛିଟା ଅଭିଜ୍ଞ ମଧ ହୋଇ ଗଲେଣି। ତେବେ ଆମେ ବିଜୟ ହାସଲ ପାଇଁ ଦୃଢ଼ ଆଶାୟୀ ବୋଲି ମୁନଷ୍ଟର କହିଛନ୍ତି। ଅନ୍ୟପକ୍ଷରେ ଫ୍ଲୟଡ ପିଣ୍ଟୋଙ୍କ ପ୍ରଶିକ୍ଷଣପ୍ରାପ୍ତ ଆରୋଜ ଶିଲଂ ଲାଜଂକୁ ୩-୦ ଗୋଲରେ ହରାଇବାପରେ ଇଷ୍ଟବେଙ୍ଗଲ, ଚର୍ଚ୍ଚିଲ ବ୍ରଦର୍ସ ଓ ନେରୋକା ଏଫସି ପରି ଦଳଠାରୁ ପରାଜିତ ହୋଇଛି। ଏହି ତିନୋଟି ଯାକ ଦଳ ବର୍ତ୍ତମାନ ପରିସ୍ଥିତିରେ ଟାଇଟଲ ଦାବିଦାର ଭାବେ ଉଭା ହୋଇଛନ୍ତି। ଶେଷ ୪ଟି ଗେମ୍‌ରେ ଆରୋଜ ଖେଳାଳିମାନେ ୬ଟି ଗୋଲ ଦେବାରେ ସକ୍ଷମ ହୋଇଛନ୍ତି। ଏଥିରୁ ସେମାନଙ୍କ ସାହସିକତାର ପରିଚୟ ମିଳିଛି। ମଙ୍ଗଳବାରର ମ୍ୟାଚକୁ ନେଇ ପିଣ୍ଟୋ ବେଶ୍ ଆଶାୟୀ। “ପ୍ରତିଟି ମ୍ୟାଚ ଆମପାଇଁ ନୂଆ ଚ୍ୟାଲେଞ୍ଜ ନେଇ ଆସୁଛି। ଆମେ ସବୁବେଳେ ବିଜୟ ଆଶା ନେଇ ଖେଳୁଛୁ। ଗତ କିଛି ମ୍ୟାଚରେ ଆମେ ପରାଜିତ ହୋଇଥିଲେ ହେଁ ଖେଳାଳିଙ୍କ ପ୍ରଦର୍ଶନ ନେଇ ମୁଁ ସନ୍ତୁଷ୍ଟ” ବୋଲି ପିଣ୍ଟୋ କହିଛନ୍ତି। ଏବେ ଆମକୁ ପଏଣ୍ଟ ସଂଗ୍ରହ ଉପରେ ଧ୍ୟାନ ଦେବାକୁ ପଡ଼ିବ। ମିନର୍ଭା ବିପକ୍ଷ ୯୦ ମିନିଟର ମ୍ୟାଚ ନିଶ୍ଚିତ କଷ୍ଟସାଧ ହେବ। ଏହି ଦଳ ବିପକ୍ଷରେ ଚଣ୍ଡିଗଡ଼ରେ ଅନୁଷ୍ଠିତ ପୂର୍ବ ମୁକାବିଲାରେ ଆମେ ଅନେକ ସୁଯୋଗ ପାଇଥିଲେ ହେଁ ତାହାର ସଦୁପଯୋଗ କରିପାରି ନ ଥିଲୁ। ଆମର ଗୋଲ ସ୍କୋରିଂ ହାରରେ ଉନ୍ନତି ଆସିଛି। ଆମକୁ ହରାଇବା ପ୍ରତିପକ୍ଷ ଦଳପାଇଁ ସହଜ ହେବନାହିଁ ବୋଲି କୋଚ୍ ପ୍ରକାଶ କରିଛନ୍ତି।



ଇଣ୍ଡିଆନ୍ ଆରୋଜ ଓ ମିନର୍ଭା ପଞ୍ଜାବ ଆଇ-ଲିଗ୍ ମ୍ୟାଚ୍ ପୂର୍ବରୁ ସୋମବାର ଉଭୟ ଦଳର କୋଚ୍ ଓ ଖେଳାଳିମାନେ।

### ଦିନିକିଆ ର୍‌୍ୟାଙ୍କିଙ୍ଗ୍: ଉପରକୁ ଉଠିଲା ଭାରତ

**ଦୁବାଇ,୪।୨:** ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ସୋମବାର ନୂଆ ଦିନିକିଆ ର୍‌୍ୟାଙ୍କିଙ୍ଗ୍ ପ୍ରକାଶ ପାଇଛି। ଦଳଗତ ର୍‌୍ୟାଙ୍କିଙ୍ଗ୍‌ରେ ଭାରତ ଦ୍ୱିତୀୟ ସ୍ଥାନକୁ ଉଠିଛି। ପ୍ରଥମେ ଅଷ୍ଟ୍ରେଲିଆକୁ ୨-୧ରେ ଓ ପରେ ନ୍ୟୁଜିଲାଣ୍ଡକୁ ୪-୧ରେ ପରାସ୍ତ କରିଥିବା ଭାରତୀୟ ଦଳ ୧୨୨ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନ ହାତେଇଛି। ଇଂଲଣ୍ଡ ଦଳ ୧୨୬ ପଏଣ୍ଟ ସହ ପୂର୍ବଭଳି ଶୀର୍ଷରେ ରହିଛି। ନିକଟରେ ପାକିସ୍ତାନକୁ ହରାଇଥିବା ଦକ୍ଷିଣ ଆଫ୍ରିକା ୩ୟ ସ୍ଥାନ ହାସଲ କରିଛି। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ ଗୋଟିଏ ସ୍ଥାନ ତଳକୁ ଖସି ୪ର୍ଥରେ ଅଛି। ତେବେ ବ୍ୟାଟ୍ସମ୍ୟାନଙ୍କ ମଧରେ ବିରାଟ କୋହଲି ଓ ବୋଲରଙ୍କ ମଧରେ ଯଶପ୍ରୀତ ବୁମ୍‌ରା ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷରେ ହାଟ୍ରିକ୍ ହାଫ୍ ସେଞ୍ଚୁରି ମାରିଥିବା ମହେନ୍ଦ୍ର ସିଂ ଧୋନୀ ୩ଟି ସୋପାନ ଉପରକୁ ଉଠି ୧୭ତମ ମାନ୍ୟତା ହାସଲ କରିଛନ୍ତି। ସେହିଭଳି ଭାରତୀୟ ମିଡ୍‌ଲ ଅର୍ଡର ବ୍ୟାଟ୍ସମ୍ୟାନ କେଦାର ଯାଦବ ପୂର୍ବ ଅପେକ୍ଷା ୮ଟି ସ୍ଥାନ ଉପରକୁ ଉଠି ୩୫ତମ ସ୍ଥାନରେ ରହିଛନ୍ତି। ଅନ୍ୟ କୌଣସି ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ମାନ୍ୟତାରେ ଉନ୍ନତି ପରିଲକ୍ଷିତ ହୋଇନାହିଁ। ଲେଗ୍ ସ୍ପିନର ଯୁଜ୍‌ବେନ୍ଦ୍ର ଚହଲ ୫ମ ଓ ପେସର ଭୁବନେଶ୍ୱର କୁମାର ୧୭ତମ ସ୍ଥାନ ଅଧିକାର କରିଛନ୍ତି। ଚହଲ ଗୋଟିଏ ସ୍ଥାନ ଓ ଭୁବନେଶ୍ୱର ୬ ପାହ୍ୟା ଉପରକୁ ଉଠିଛନ୍ତି।





ଜାତୀୟ ସିନିୟର ମହିଳା ହକି ପାଇଁ ମନୋନୀତ ଗାଙ୍ଗପୁର ଏବଂ ଓଡ଼ିଶା ଦଳ।

**ଭାରତୀୟ କ୍ରୀଡ଼ା ସମ୍ମାନ**

### ବିଚାରକମଣ୍ଡଳୀରେ ବିନ୍ଦ୍ରା, ଗୋପୀଚାନ୍ଦ

**ମୁମ୍ବାଇ, ୪।୨ (ପି.ଟି.):** ଚଳିତମାସ ୧୬ ତାରିଖରେ ଦ୍ୱିତୀୟ ଭାରତୀୟ କ୍ରୀଡ଼ା ସମ୍ମାନ ପ୍ରଦାନ କରାଯିବ। ଏଥିପାଇଁ ଗଠନ କରାଯାଇଥିବା ବିଚାରକ ମଣ୍ଡଳୀରେ ଭାରତର ପ୍ରଥମ ଏବଂ ଏକମାତ୍ର ବ୍ୟକ୍ତିଗତ ଅଲିମ୍ପିକ ସ୍ୱର୍ଣ୍ଣ ପଦକ ବିଜେତା ଅଭିନବ ବିନ୍ଦ୍ରା ଏବଂ ଜାତୀୟ ବ୍ୟାଡ୍‌ମିଣ୍ଟନ କୋଚ୍ ପୁଲେଲା ଗୋପୀଚାନ୍ଦ ସ୍ଥାନ ପାଇଛନ୍ତି। ଏଥିରେ ସ୍ଥାନ ପାଇଥିବା ଅନ୍ୟ ବିଚାରକମାନେ ହେଲେ ପୂର୍ବତନ ଭାରତୀୟ ହକି ଅଧିନାୟକ ସର୍ଦ୍ଦାର ସିଂ, ଟେନିସ ଭେଟେରାନ ମହେଶ ଭୂପତି, କିମ୍ବଦନ୍ତୀ ଆଥଲେଟ୍ ପି.ଟି. ଉଷା ଏବଂ ପୂର୍ବତନ ଶୁଟର୍ ଅଞ୍ଜଳି ଭଗବତ। ସୂଚନାଯୋଗ୍ୟ, ଆରପି ସଞ୍ଜୀବ ଗୋଏଙ୍କା ଗ୍ରୁପ୍ ଏବଂ ବିରାଟ କୋହଲି ଫାଉଣ୍ଡେଶନର ମିଳିତ ଉଦ୍ୟମରେ ଭାରତୀୟ କ୍ରୀଡ଼ା ସମ୍ମାନ ପ୍ରଚଳନ କରାଯାଇଛି।

# ଓଡ଼ିଶା, ଗାଙ୍ଗପୁର ଦଳ ଘୋଷିତ

**ଜାତୀୟ ସିନିୟର ମହିଳା ହକି**

ଭୁବନେଶ୍ୱର, ୪।୨(କ୍ରୀଡ଼ା ପ୍ରତିନିଧି)

ଜାତୀୟ ସିନିୟର ମହିଳା ହକି(ଡିଭିଜ୍-ଏ)ର ୯ମ ସଂସ୍କରଣ ହରିୟାଣାର ହିସାରଠାରେ ଚଳିତମାସ ୮ରୁ ୧୭ ପର୍ଯ୍ୟନ୍ତ ହେବାକୁ ଯାଉଛି। ଏଥିପାଇଁ ଓଡ଼ିଶା ଓ ହକି ଗାଙ୍ଗପୁର ଦଳ ଘୋଷିତ ହୋଇଛି। ରୋଜାଲିନ ଡୁଙ୍ଗଡୁଙ୍ଗ ଓଡ଼ିଶା ଦଳର ଅଧିନାୟିକା ରହିଛନ୍ତି । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଦଳର ଚୟନ ଓ ପ୍ରସ୍ତୁତି ଶିବିର ଚାଲିଥିଲା । ସୋମବାର ରାତିରେ ଦଳ ହରିୟାଣା ଅଭିମୁଖେ ଯାତ୍ରା କରିଛି । ହକି ଓଡ଼ିଶା ସମ୍ପାଦକ ପ୍ରତାପ ଶତପଥୀ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି । ଏଲିନ ଲାକ୍ରାଙ୍କ ନେତୃତ୍ୱରେ ହକି ଗାଙ୍ଗପୁର-ଓଡ଼ିଶା ଦଳ ଖେଳିବ। ଦଳ ମଙ୍ଗଳବାର ରାଉରକେଲାରୁ ହରିୟାଣା ଅଭିମୁଖେ ଯାତ୍ରା କରିବ ବୋଲି ହକି ଗାଙ୍ଗପୁର ସାଧାରଣ ସମ୍ପାଦକ ଦେବାଶିଷ ଗୌଡ଼ା ପ୍ରକାଶ କରିଛନ୍ତି।

**ଓଡ଼ିଶା ଦଳ**

ରୋଜାଲିନ ଡୁଙ୍ଗଡୁଙ୍ଗ(ଅଧିନାୟିକା), ରୋଜାଲିଆ ଲାକ୍ରା(ଗୋଲ କିପର), ମଞ୍ଜୁ ଲାକ୍ରା, ଖୁସବୁ କୁଜୁର, ସଙ୍ଗୀତା ରୋଜ କୁଲୁ, ଅସିମା କାଞ୍ଚନ ବାର୍ଲା, ଅସୀମା ମିଞ୍ଜ (ଗୋଲ କିପର), ପ୍ରେମିତା ବାରା, ପୁନମ ମିଞ୍ଜ, ଦୀପ୍ତି ଲାକ୍ରା, ଅସ୍ମିତା ବାର୍ଲା, ଭାରତୀ ଏକ୍କା, ତରସିଲା ବେକ, ସୁଜାତା କୁଜୁର, ଜନନୀ ସୋରୋନିଆ, ରଶ୍ମିତା ମିଞ୍ଜ, ନେହା ଟପ୍ପୋ, ମନୀଷା ବେକ ।

**ହକି ଗାଙ୍ଗପୁର ଦଳ**

ମାଧୁରୀ କିଣ୍ଡୋ, ମୁକ୍ତା ଜୋଜୋ, ସମୀରା ଲାକ୍ରା, ଆଞ୍ଜେଲା ଟପ୍ପୋ, ଜ୍ୟୋତି ଛେତ୍ରୀ, ସୁଶାନ୍ତି ମିଞ୍ଜ, ସୁସ୍ମିତା କେର୍କେଟା, ଏଲିନ ଲାକ୍ରା(ଅଧିନାୟିକା), ମନୀଷା ଓରାମ, ପ୍ରେମାଞ୍ଜଳି ଟପ୍ପୋ, ଆଡେନ ଟପ୍ପୋ, ଚାନ୍ଦନୀ ନାଏକ, ରେସ୍‌ମା ଲାକ୍ରା, ନିକିତା ଟପ୍ପୋ, ମମିତା ଓରାମ, ପ୍ରତିଭା ଏକ୍କା, ଅର୍ଚ୍ଚନା ଟେଟେ, ରାଣି କୁମାରୀ। କୋଚ୍: ପାଉଲିନା ସୁରିନ, ମ୍ୟାନେଜର: ଜାଭିଏର ଲାକ୍ରା।

### ହୋଲ୍ଡର ବାସନ୍ଦ

**ନର୍ଥ ସାଉଣ୍ଡ (ଆଣ୍ଟିଗୁଆ), ୪।୨(ଏପି):** ଇଂଲଣ୍ଡ ବିପକ୍ଷରେ ଐତିହାସିକ ଟେଷ୍ଟ ସିରିଜ୍ ଜିତିଥିବା ୱେଷ୍ଟଇଣ୍ଡିଜ ଦଳକୁ ସିରିଜ୍‌ର ଅନ୍ତିମ ତଥା ୩ୟ ଟେଷ୍ଟ ମ୍ୟାଚ୍‌ରେ ଅଧିନାୟକ ଜାସନ ହୋଲ୍ଡରଙ୍କ ବିନା ଖେଳିବାକୁ ପଡ଼ିବ। ଏଠାରେ ଖେଳାଯାଇଥିବା ଇଂଲଣ୍ଡ ବିପକ୍ଷ ୨ୟ ଟେଷ୍ଟ ମ୍ୟାଚ୍‌ରେ ଧିମା ବୋଲିଂ ହାର ପାଇଁ ଘରୋଇ ଦଳର ଅଧିନାୟକ ହୋଲ୍ଡରଙ୍କୁ ଗୋଟିଏ ମ୍ୟାଚ୍‌ରୁ ବାସନ୍ଦ କରାଯାଇଛି। ଦ୍ୱିତୀୟ ଟେଷ୍ଟକୁ ୧୦ ଉଇକେଟରେ ଜିତିଥିବା ଇଣ୍ଡିଜ ଦଳ ବାର୍ବାଡସ୍‌ଠାରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌କୁ ୩୮୧ ରନ୍‌ରେ ଜିତି ନେଇଥିଲା। ଏହି ସିରିଜ୍‌ରେ ହୋଲ୍ଡର ସର୍ବାଧିକ ରନ୍ କରିଛନ୍ତି।

### ଝାଡ଼ଖଣ୍ଡକୁ ହରାଇଲା ଓଡ଼ିଶା

କଟକ ଅଫିସ,୪।୨



ଅର୍ଜୁନ ନାୟକ



ଅରବିନ ଲାକ୍ରା

ଛତିଶଗଡ଼ର ଭିଲାଇରେ ସୋମବାରଠାରୁ ୭୩ତମ ଜାତୀୟ ସିନିୟର ପୁରୁଷ ଫୁଟବଲ ଚାମ୍ପିୟନଶିପ ସନ୍ତୋଷ ଟ୍ରଫିର ପୂର୍ବାଞ୍ଚଳ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡ ଆରମ୍ଭ ହୋଇଛି। ଓଡ଼ିଶା ପ୍ରଥମ ମ୍ୟାଚ୍‌ରେ ୨-୧ ଗୋଲରେ ଝାଡ଼ଖଣ୍ଡକୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧର ୧୩ତମ ମିନିଟରେ ଅର୍ଜୁନ ନାୟକ ଓଡ଼ିଶା ପକ୍ଷରୁ ପ୍ରଥମ ଗୋଲ ସ୍କୋର କରି ଦଳକୁ ୧-୦ରେ ଅଗ୍ରଣୀ ରଖିଥିଲେ। ଦ୍ୱିତୀୟାର୍ଦ୍ଧର ୫୨ତମ ମିନିଟରେ ଅରବିନ ଲାକ୍ରା ଦଳ ନିମନ୍ତେ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ୬୮ତମ ମିନିଟରେ ଝାଡ଼ଖଣ୍ଡ ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିବା ସହ କ୍ରିଷ୍ଣାକାନ୍ତ ପ୍ରତାପ ଏକ ଗୋଲ ଦେଇଥିଲେ। ପରେ କୌଣସି ଗୋଲ ନହେବା ଯୋଗୁ ଓଡ଼ିଶା ଏହି ମ୍ୟାଚ୍ ଜିତିଥିଲା। ୬ ତାରିଖରେ ଛତିଶଗଡ଼ ବିପକ୍ଷରେ ଓଡ଼ିଶା ଦ୍ୱିତୀୟ ମ୍ୟାଚ୍ ଖେଳିବ।

**ଜାତୀୟ ସିନିୟର ସ୍ନୁକର**

### ମୁଖ୍ୟ ଡ୍ରରେ ସୁବ୍ରତ

ଭୁବନେଶ୍ୱର, ୪।୨(କ୍ରୀଡ଼ା ପ୍ରତିନିଧି)

ଇନ୍ଦୋରରେ ଚାଲିଥିବା ଜାତୀୟ ସିନିୟର ସ୍ନୁକର ଚାମ୍ପିୟନଶିପ୍‌ର ମୁଖ୍ୟ ଡ୍ର’ରେ ପ୍ରବେଶ କରିଛନ୍ତି ଓଡ଼ିଶାର ସୁବ୍ରତ ଦାସ। ଡବଲ ଏଲିମିନେଶନରେ ସେ ନିଜର ଅବଶିଷ୍ଟ ୩ଟି ଯାକ ମ୍ୟାଚ ଜିତି ଏହି ସଫଳତା ପାଇଛନ୍ତି। ଏବେ ସେ ରାଉଣ୍ଡ ଅଫ୍ ଟପ୍-୬୪ରେ ଖେଳିବେ। ଅନ୍ୟପକ୍ଷରେ ଆକାଶ ମହାପାତ୍ର ଓ ରାକେଶ ରୋଶନ ପ୍ରଧାନ ଯୋଗ୍ୟତା ପାଇବାରେ ବିଫଳ ହୋଇଛନ୍ତି। ସୋମବାର ଆରମ୍ଭ ହୋଇଥିବା ଟପ୍-୬୪ ରାଉଣ୍ଡ ପାଇଁ ଓଡ଼ିଶାର ଆଶୁତୋଷ ମହାପାତ୍ର ସିଧା ଏଣ୍ଟ୍ରି ପାଇଛନ୍ତି। ଏହି ପର୍ଯ୍ୟାୟରେ ସୁବ୍ରତ ନିଜର ପ୍ରଥମ ମ୍ୟାଚ ତେଲେଙ୍ଗାନାର ହିମାଂଶି ଜୈନଙ୍କଠାରୁ ୦-୪ ଏବଂ ଆଶୁତୋଷ ଦିଲ୍ଲୀର ମୋନୁ ଚୌଧାରୀଙ୍କଠାରୁ୨-୪ ଫ୍ରେମ୍‌ରେ ହାରି ଯାଇଛନ୍ତି। ସୁବ୍ରତ ୪ ଜଣିଆ ଗ୍ରୁପରେ ସ୍ଥାନ ପାଇଥିବାରୁ ଅବଶିଷ୍ଟ ୨ ମ୍ୟାଚ ଜିତିଲେ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହେବେ। ଅନ୍ୟପକ୍ଷରେ ଆଶୁତୋଷ ୫ ଖେଳାଳି ବିଶିଷ୍ଟ ଗ୍ରୁପରେ ରହିଛନ୍ତି। ସହଜରେ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହେବାକୁ ହେଲେ ତାଙ୍କୁ ୩ଟି ମ୍ୟାଚ ଜିତିବାକୁ ହେବ।





ସୁବ୍ରତ ଦାସ

# ଟି୨୦: କେହି ଫେଭରାଇଟ ନୁହନ୍ତି

ମହିନ୍ଦର ଅମରନାଥ

ନ୍ୟୁଜିଲାଣ୍ଡ ଏକ ଭଲ ଦଳ। ତେଣୁ ଏହା ବିପକ୍ଷରେ ଦିନିକିଆ ସିରିଜ ବିଜୟକୁ ନିଶ୍ଚିତ ଚମତ୍କାର ବୋଲି କହିବାକୁ ହେବ। ଅଭିଜ୍ଞ ଦଳ ହୋଇଥିବାରୁ ବ୍ଲାକ୍ କ୍ୟାପଙ୍କୁ ସେମାନଙ୍କ ଘରୋଇ ପରିବେଶରେ ୪-୧ରେ ହରାଇବା ସହଜକଥା ନ ଥିଲା। ନ୍ୟୁଜିଲାଣ୍ଡ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଦଳ। ବିଶେଷ କରି ବିଶ୍ୱକପ ସମୟରେ ଏହି ଦଳର ଖେଳାଳିମାନେ ଜୀବନଲଗାଇ ଖେଳିଥାନ୍ତି। ତେଣୁ ଏହାକୁ ସହଜରେ ହରାଇଥିବାରୁ ଭାରତ ନିଜ ଦକ୍ଷତାର ପ୍ରମାଣ ଦେଇଛି। ଶେଷ ୨ଟି ଦିନିକିଆ ପାଇଁ ପରିବେଶ ଅନୁକୂଳ ନ ଥିଲା। ସକାଳେ ବ୍ୟାଟିଂ କରିବା କଷ୍ଟସାଧ ହୋଇଥିଲା। ମାତ୍ର ଭାରତୀୟ ଖେଳାଳିମାନେ ୪ର୍ଥ ଦିନିକିଆ ପରାଜୟରୁ ଅନେକ କିଛି ଶିଖିଥିଲେ। ଅନ୍ତିମ ମ୍ୟାଚରେ ଶୀଘ୍ର ୪ଟି ଉଇକେଟ ହରାଇଥିଲେ ହେଁ ସେମାନେ ନିଜକୁ ପ୍ରୟୋଗ କରି ବଡ଼ ସ୍କୋର କରିବାରେ ସକ୍ଷମ ହେଲେ। ଅମ୍ବାତି ରାୟୁଡୁ ଚିତାକର୍ଷକ ଇନିଂସ ଖେଳିବା ସହ ନିଜ ଅଭିଜ୍ଞତାର ଉପଯୋଗ କଲେ। ୫୦ ଓଭର ଖେଳରେ ଅନେକ ବଲ୍ ଆସିବାକୁ ବାକିଅଛି ବୋଲି ସେ ହୃଦୟଙ୍ଗମ କରି ପାରିଥିଲେ। ତେଣୁ ସେ କ୍ରିଜ୍‌ରେ ତିଷ୍ଠି ରହିବାକୁ ଚେଷ୍ଟା କରିଥିଲେ, ଫଳରେ ଭାରତ ଏକ ସମ୍ମାନଜନକ ସ୍କୋର କରିବାରେ ସକ୍ଷମ ହୋଇଥିଲା। ଏହି ମ୍ୟାଚରେ ରାୟୁଡୁଙ୍କୁ ବିଜୟ ଶଙ୍କର, କେଦାର ଯାଦବ ଓ ହାର୍ଦ୍ଦିକ ପାଣ୍ଡ୍ୟା ଉପଯୁକ୍ତ ସହଯୋଗ କଲେ। ଫଳରେ ଭଲ ପାର୍ଟନରଶିପ୍ ହୋଇପାରିଲା। ଏହା ମୋତେ ୧୯୮୩ ବିଶ୍ୱକପର ଜିମ୍ବାୱେ ବିପକ୍ଷ ମ୍ୟାଚକୁ ମନେ ପକାଇ ଦେଇଥିଲା। ସେତେବେଳେ ଆମେ ସମାନ ସ୍ଥିତିରେ ଥିଲୁ। ଟପ୍ ଅର୍ଡରର ୫ ବ୍ୟାଟ୍ସମ୍ୟାନ ଶୀଘ୍ର ଆଉଟ ହୋଇ ଯାଇଥିବାବେଳେ କପିଳ ଦେବ ୧୭୫ ରନର ସୁପର ଇନିଂସ ଖେଳି ମ୍ୟାଚକୁ ନିୟନ୍ତ୍ରଣକୁ ଆଣିଥିଲେ। ଶେଷରେ ଆମେ ୩୧ ରନରେ ବିଜୟୀ ହେବାରେ ସକ୍ଷମ ହୋଇଥିଲୁ। ଏପରି ପରିସ୍ଥିତିରେ କୌଣସି ଜଣେ ବ୍ୟାଟ୍ସମ୍ୟାନଙ୍କୁ ଦାୟିତ୍ୱର ସହ ଖେଳି ମ୍ୟାଚକୁ ନିୟନ୍ତ୍ରଣକୁ ଆଣିବାକୁ ହୋଇଥାଏ। ନିଜକୁ ପ୍ରୟୋଗ କରିବାକୁ ପଡ଼ିଥାଏ। ରାୟୁଡୁ ତାହା ହିଁ ଏହି ମ୍ୟାଚରେ କରିଥିଲେ। ସ୍କୋର ବୋର୍ଡରେ ବଡ଼ ସ୍କୋର ହେଲେ ଯାଇ ବୋଲରମାନଙ୍କୁ ମ୍ୟାଚ ଜିତାଇବା ସହଜ ହୋଇ ପାରିବ ବୋଲି ଜଣେ ବ୍ୟାଟ୍ସମ୍ୟାନଭାବେ ସେ ହୃଦୟଙ୍ଗମ କରିଥିଲେ।

ଏବେ ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ଆସୁଛି। ନିର୍ଦ୍ଦିଷ୍ଟ ଦିବସରେ କେଉଁ ଦଳ ଭଲ ଖେଳୁଛି ତା’ ଉପରେ ସବୁକିଛି ନିର୍ଭର କରିବ। ସତ କହିବାକୁ ଗଲେ ଏହି ସିରିଜ ପାଇଁ କେହି ଫେଭରାଇଟ ନୁହନ୍ତି। ଏକଦିବସୀୟରେ ଅଧିକ ଓଭର ଖେଳିବାକୁ ଥିବାରୁ କୌଣସି ତ୍ରୁଟି ହେଲେ ଯୋଜନା ପ୍ରସ୍ତୁତ କରି ସେଥିରେ ସୁଧାର ଅଣା ଯାଇଥାଏ। ମାତ୍ର ଟି୨୦ରେ ସେଥିପାଇଁ ସମୟ ନ ଥାଏ। କହିଲେ ଭୁଲ ହେବନି ଯେ ଅନ୍ୟ ଦଳ ତୁଳନାରେ ଭାରତୀୟ ଖେଳାଳିମାନେ ଅଧିକ ଟି୨୦ ଖେଳୁଥିବାରୁ ଅଭିଜ୍ଞତାରେ ଭରପୂର। ଏହା ସେମାନଙ୍କୁ ସହାୟକ ହୋଇପାରେ। ତେବେ ଉଭୟ ଦଳ ଉନ୍ନତ ଏବଂ ଶକ୍ତିଶାଳୀ ମନେ ହେଉଥିବାରୁ ଆଗାମୀ ସିରିଜ ରୋମାଞ୍ଚକ ହେବା ଆଶା। ଏହି ଫର୍ମାଟରେ କୌଣସି ଜଣେ ଖେଳାଳି ୫-୬ ଓଭର ଶ୍ରେଷ୍ଠ ପ୍ରଦର୍ଶନ କରିପାରିଲେ ପୁରା ଗେମ୍‌ର ଗତିପଥ ବଦଳାଇ ଦେଇପାରିବ।

*(ଗେମ୍ ପ୍ଲାନ୍)*

THE ULTIMATE INVERTER BATTERY
EXIDE INVATUBULAR

## ସେଲ୍ଫି କର୍ଣ୍ଣର



@ ଦିବାସ



@ ଧୀରଜ



@ ଅନ୍ତର୍ଯ୍ୟାମି



@ ଖଗେଶ

ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍ଫି ପ୍ରକାଶ ପାଇବ)

### ବଛରେ ହେଲା ମା' ନିଖୋଜ୍, ନିଏ ଆଶ୍ରେ ବାପ୍ ବାର ଦୁଆର

# ହରମେଶା ମା'କେ ଝୁରୁଛନ୍ ୨ ପୁଓ

**ନୂଆପଡା ଅଫିସ,୪।୨:**

ମା'ର କୁଲେ ଖେଲବାର, ଅଲିଅରଦଲ କରବାର ବଏସ୍। ହେଲେ ମା' ଛାଡ଼ି ନିଖୋଜ ହେଇଗଲା ଉତାରୁ ଆଏଜ୍‌କେ ବଛରେ ହେଲା ବାପରନେ ଅରଦଲି କରୁଛନ୍ ଦୁଇ କଅଁଲ ଛୁଆ। ସୋମବାର ନୂଆପଡ଼ା ଆସି ଜିଲାପାଲକୁଁ ଦେଖା କରି ନିଜର ଦୁଖ୍ ଗୁହାରିଛନ୍ ତିନି ବାପ ପୁଓ। ଜିଲାର ଖଡ଼ିଆଲ ବ୍ଲକ ଭୁଲିଆ ସିକୁଆଁ ପଁପେଚ୍ ସଦର ଗାଁର ହୀରାଧର ମେହେର(୪୨)କଁର ମାଏକିନା ଜ୍ୟୋତି ମେହେର(୩୫) ବଛରେ ହେଲା ନିଖୋଜ୍ ଅଛନ୍। ହେଲେ ଆଏଜ୍‌ତକ୍ ତାହାକୁ ଉଧାର କରାଯାଇ ନାଇଁପାରି। ଏହେଦେ ଘରେ ପୁଓ ସିଙ୍ଘିଂଶ୍ୱର(୬) ଆର ସୁଧାଂଶୁ(୩) ମା'କେ ସବୁବେଲେ ଝୁରୁଛନ୍।

ଖବର ନେବାରେ ଜନାଯାଇଛେ ଯେ, ଆଏଜ୍‌କେ ୬ ବଛର ତଲେ ପେଟ୍‌ପାଟ୍‌ନାର ଲାଗି ହୀରାଧର ମାଏକିନାକେ ଧରି ଆନ୍ଧ୍ରପ୍ରଦେଶ କାମ କରବାକେ ଯାଇଥିଲେ। ସେଠାନେ ନାନା କାମ୍‌ଧଁଦା କରି ପରହର ଜାଗାରେ ଗୁଟେ କୁଡ଼ିଆ କରି ରହୁଥିଲେ। ହେଲେ ହୀରାଧର କହେବାର ହିସାବେ ସେ କାମ୍‌ଧଁଦାରେ ବାହାରକେ ଯାଇଥିଲା ବେଲେ ଛିନାଛକା ଦେଖି ଘରେ ତାକର ମାଏକିନାକେ କିଏ ଅତିଆଚାର କରିଥିଲା। ସେଦିନ୍‌ଠାନୁ ତାକର ମାଏକିନା ମାନ୍‌ସିକ୍ ସଁତୁଲନ୍ ହରେଇ ଇଆଡ଼େ ସିଆଡ଼େ ବୁଲୁଥିଲେ। ହେଲେ ହଠାତ୍ ଦିନେ ସେ ନିଖୋଜ ହେଇଗଲେ, ହୀରାଧର ବହୁତ୍ ଖୁଜାଖୁଜି କଲା ଉତାରୁ ବି ଜ୍ୟୋତିର ପତା ନାଇଁ ପାଏଲେ। ଶେଷେ ନିରାଶ ହେଇ ସଂଗେ ଦୁଇ ଛୁଆକୁ ଧରି ଗାଁକେ ଫିରିଆଏଲେ। ଇଆଡ଼େ ଦୁଇ ଛୁଆ ମା'କେ ନାଇଁପାଇ ସବୁବେଲେ ଝୁରି ହେଇ କଁଦାକଟା କରୁଛନ୍। ଘଟନା ବାବ୍‌ଦେ ହୀରାଧର ଭିନେ ଭିନେ ସମିଆରେ ପୁଲିସରେ ଯାଇ କହିଛନ୍, ହେଲେ ପୁଲିସ୍ ଇ ଦିଗେ କେହେନ୍‌ସି ପରକାର ପଦକ୍ଷେପ ନାଇଁ ନେଇଥିବାର ସେ ମନ୍‌ଦୁଖ୍ କରି କହିଛନ୍। ହୀରାଧରକଁର କହେବାର ହିସାବେ ଜ୍ୟୋତି ଏହେଦେ ରାଜସ୍ଥାନର ଗୁଟେ ଆଶ୍ରମରେ ରହୁଛନ୍। ଇ ଘଟନାକେ ନେଇ ଦୁଇ ଦୁଇଥର ଜିଲାପାଲକୁଁ ଭେଟିଥିବାର ସେ କହିଛନ୍। ଶେଷେ ସୋମବାର ଫେନ୍‌ଘାଏ ନୂଆପଡ଼ାକେ ଆସି ଜିଲାପାଲ ଡା.ପୋମା ଟୁଡୁକୁଁ ଭେଟିଛନ୍। ଇ ଘଟନା ଆର ଦୁଇ ଛୁଆକର ଭବିଷତ୍‌କେ ଗୁରୁତ୍ ଦେଇ ଜିଲାପାଲ ପଦକ୍ଷେପ ନେବାର ନିହାତି ଜରୁରି ଆଏ। ଜାନବାକେ ମିଲିଛେ ଯେ, ହୀରାଧରକଁର ନାଁରେ ଜମିବାଡ଼ି କିଛି ନାଇଁଥିଲା ବେଲେ ସେ ଗୁଟେ ଭଂଗା କୁରିଆରେ ରହୁଛନ୍। ଘରେ ଖାଏବାକେ କିଛି ନାଇଁ, ହେଲେ ଏନ୍‌ତାଥି ଦୁଇ ଛୋଟ ଛୁଆକୁ ଛାଡ଼ି ହୀରାଧର କେନ୍‌ଆଡ଼େ କାମ୍ କରିଯିବେ। ଭୋକ୍ ଉପାସରେ ବାର ଦୁଆର ବୁଲି ଖାଉଥିବାର ସେ କହିଛନ୍। ଇ ଘଟନା ଉପରେ ଜିଲା ଶିଶୁ ସୁରକ୍ଷା ବିଭାଗ ଦଖଲ ଦେଇ ଜ୍ୟୋତିକୁଁ ଉଧାର କରବାର ସଂଗେ ଦୁଇ ଛୁଆକର ଯତନ୍ ନେବାକେ ସାମାଜିକ କର୍ମୀ ଯାଜ୍ଞସେନୀ ମହାପାତ୍ର, ପ୍ରତିଭା ହୋତା ଦାବି କରିଛନ୍।



ସାମାଜିକ କର୍ମୀକଁର ସଂଗେ ତିନି ବାପପୁଓ ଜିଲାପାଲକଁର ଅଭିଯୋଗ ଶୁନାନି ଶିବିର ଆଘେ ଠିଆ ହେଇଛନ୍।





ଶିଳ୍ପ ଏବଂ ଅନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗ ପକ୍ଷରୁ ଦେଶରେ ୧୫,୫୦୦ରୁ ଊର୍ଦ୍ଧ୍ୱ ଷ୍ଟାର୍ଟ ଅପ୍‌ଗୁଡ଼ିକୁ ଚିହ୍ନଟ କରାଯାଇଛି।
– ସି.ଆର୍. ଚୌଧରୀ, କେନ୍ଦ୍ର ବାଣିଜ୍ୟ ଏବଂ ଉଦ୍ୟୋଗ ରାଷ୍ଟ୍ର ମନ୍ତ୍ରୀ



ଦେଶର ସର୍ଭିସ କ୍ଷେତ୍ର ଏବଂ ୟୁରୋପୀୟ ଦେଶ ମୋନାକୋ ମଧ୍ୟରେ ବାଣିଜ୍ୟ କ୍ଷେତ୍ରରେ ଅନେକ ସମ୍ଭାବନା ରହିଛି।
– ସୁରେଶ ପ୍ରଭୁ, କେନ୍ଦ୍ର ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ

## ପିଏମ୍-କିଷାନ ଯୋଜନାରେ ଆଧାର ସଂଯୋଗ

# ପ୍ରଥମ କିସ୍ତିରେ ଲୋଡ଼ାନାହିଁ, ଦ୍ୱିତୀୟରୁ ଅନିବାର୍ଯ୍ୟ

ନୂଆଦିଲ୍ଲୀ,୪–୨

- ମାର୍ଚ୍ଚ ସୁଦ୍ଧା ସମସ୍ତଙ୍କୁ ମିଳିବ ପ୍ରଥମ କିସ୍ତି
- ଆଧାର ନ ଥିଲେ ବିକଳ୍ପ ପରିଚୟପତ୍ର ନିଆଯିବ
- ରାଜ୍ୟ ସରକାର ସଂଗ୍ରହ କରିବେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ତଥ୍ୟ



କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ କିଷାନ ଯୋଜନା ସହ ଆଧାରକୁ ଯୋଡିଛନ୍ତି। କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ବାର୍ଷିକ ୬ ହଜାର ଟଙ୍କା ଦେବାକୁ ଅନ୍ତରୀଣ ବଜେଟରେ ଘୋଷଣା ହୋଇଛି। ତେବେ ପ୍ରଥମ କିସ୍ତି ପାଇବା ଲାଗି ଆଧାର ନମ୍ବରକୁ ଇଚ୍ଛାଧୀନ କରାଯାଇଥିବା ବେଳେ ଦ୍ୱିତୀୟ କିସ୍ତିରୁ ଏହାକୁ ଅନିବାର୍ଯ୍ୟ ବୋଲି ସରକାର ଦର୍ଶାଇଛନ୍ତି। ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା(ପିଏମ୍-କିଷାନ ଯୋଜନା)ରେ ୨୦୧୯-୨୦ ଆର୍ଥିକ ବର୍ଷ ଲାଗି ଅନ୍ତରୀଣ ବଜେଟରେ ୭୫,୦୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। କେନ୍ଦ୍ର କୃଷି ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟଗୁଡ଼ିକୁ ଲେଖାଯାଇଥିବା ପତ୍ରରେ କୁହାଯାଇଛି ଯେ, ତିନୋଟି କିସ୍ତିରେ ମିଳିବାକୁ ଥିବା ଚାଷୀ ସହାୟତାର ପ୍ରଥମ କିସ୍ତି ଲାଗି ଆବଶ୍ୟକସ୍ଥଳେ ଆଧାର ନମ୍ବର ସଂଗ୍ରହ କରାଯିବ। ତେବେ ଏହା ବାଧ୍ୟତାମୂଳକ ହେବ ନାହିଁ। କିନ୍ତୁ ଦ୍ୱିତୀୟ କିସ୍ତି ପରଠାରୁ ଏହା ଅନିବାର୍ଯ୍ୟ ହେବ। ଚାଷୀଙ୍କୁ ନିଜର ପରିଚୟ ଜଣାଇବା ଲାଗି ଆଧାର ନମ୍ବର ଦେବାକୁ ହେବ। ଚାଷୀଙ୍କୁ ମାର୍ଚ୍ଚ ସୁଦ୍ଧା ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଆର୍ଥିକ ସହାୟତା ପଠାଯିବ। ପ୍ରଥମ କିସ୍ତି ପାଇବା ଲାଗି ଆଧାର ନମ୍ବର ନ ଥିଲେ, ସେକ୍ଷେତ୍ରରେ ଅନ୍ୟ ବିକଳ୍ପ ଦସ୍ତାବିଜ ଉଦାହରଣ ସ୍ୱରୂପ, ଡ୍ରାଇଭିଂ ଲାଇସେନ୍ସ, ଭୋଟର ଆଇଡେଣ୍ଟିଟି କାର୍ଡ, ଏମ୍‌ଜିଏନ୍‌ଆର୍‌ଜିଏ ରୋଜଗାର କାର୍ଡ ଅଥବା କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ ଦ୍ୱାରା ଜାରି ଅନ୍ୟ କୌଣସି ପରିଚୟପତ୍ରକୁ ଦାଖଲ କରିହେବ। ତେବେ ଦ୍ୱିତୀୟ କିସ୍ତିଠାରୁ ଆଧାର ଦାଖଲ ବାଧ୍ୟତାମୂଳକ ହେବ। ନକଲି ଚାଷୀଙ୍କୁ ଚିହ୍ନଟ ପାଇଁ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ସରକାରମାନଙ୍କୁ ପରାମର୍ଶ ଦିଆଯାଇଛି। ଏହାଛଡ଼ା ଯୋଗ୍ୟ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ପରିବାର ସମ୍ପର୍କରେ ତଥ୍ୟ ସଂଗ୍ରହ ପାଇଁ ରାଜ୍ୟଗୁଡ଼ିକୁ କୁହାଯାଇଛି। ସେମାନଙ୍କ ନାମ, ଲିଙ୍ଗ, ଏସ୍/ଏସ୍‌ଟି, ଆଧାର, ବ୍ୟାଙ୍କ ଆକାଉଣ୍ଟ ଏବଂ ମୋବାଇଲ ନମ୍ବର ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମ୍ପୃକ୍ତ ରାଜ୍ୟ ସରକାରଙ୍କ ରେକର୍ଡ ଅନୁଯାୟୀ ୨ ହେକ୍ଟର ପର୍ଯ୍ୟନ୍ତ ଜମି ଥିବା ଏବଂ ସ୍ୱାମୀ-ସ୍ତ୍ରୀ ଓ ୧୮ ବର୍ଷ ପର୍ଯ୍ୟନ୍ତ ପିଲାମାନଙ୍କୁ ନେଇ ଗଠିତ ପରିବାରକୁ କ୍ଷୁଦ୍ର ଓ ନାମମାତ୍ର ଚାଷୀ ପରିବାର ବୋଲି ଧରାଯିବ। ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ରେକର୍ଡ ହୋଇଥିବା ଜମିର ପରିମାଣକୁ ହିଁ ବର୍ତ୍ତମାନ କେନ୍ଦ୍ର ସରକାର ଆଧାର ଭାବେ ଗ୍ରହଣ କରିବେ। ଚଳିତ ବର୍ଷ ଫେବୃୟାରୀ ପହିଲାକୁ ଧାର୍ଯ୍ୟ ଦିବସ ଭାବେ ଗ୍ରହଣ କରି ୨ ହେକ୍ଟର ପର୍ଯ୍ୟନ୍ତ ଜମିର ମାଲିକ ଥିବା କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଚିହ୍ନଟ କରାଯିବ। ତେବେ ଜମି ମାଲିକଙ୍କ ଜମି ବିଭିନ୍ନ ଏକାଧିକ ଗ୍ରାମ/ରାଜସ୍ୱ ରେକର୍ଡରେ ଦର୍ଶାଉଥିବ, ତେବେ ସେ କ୍ଷେତ୍ରରେ ସମସ୍ତ ଜମିକୁ ଏକତ୍ର ଭାବେ ଗଣତି କରାଯିବ।




## ଆସିଲା ନୂଆ ଟାଟା ହାରିୟର

ଭୁବନେଶ୍ୱର,୪–୨

ପ୍ରମୁଖ କମ୍ପାନୀ ଟାଟା ମୋଟର୍ସ ପକ୍ଷରୁ ଓଡ଼ିଶା ବଜାରରେ ବହୁ ପ୍ରତୀକ୍ଷିତ ମଡେଲ 'ହାରିୟର' ପ୍ରବେଶ କରିଛି। ସ୍ଥାନୀୟ ଗୁଗନାନୀ ମୋଟର୍ସଠାରେ ଏହି ମଡେଲଟିକୁ କମ୍ପାନୀର ଆଞ୍ଚଳିକ ପ୍ରବନ୍ଧକ ଶିଶିର ଶ୍ରୀବାସ୍ତବ, ବରିଷ୍ଠ ପ୍ରବନ୍ଧକ ରାଜ ଭଟ୍ଟ, ଡିଲର ପ୍ରିନ୍ସପାଲ ରାଜନ ଗୁଗନାନୀ ଉନ୍ମୋଚନ କରାଇଥିଲେ। ଏହି ଅବସରରେ ସିଦ୍ଧାର୍ଥ ଶର୍ମା, ୟଶନିତ ଗୁଗନାନୀ, ସାଧଭୀ ଗୁଗନାନୀ, ସମନୀତ ଗୁଗନାନୀ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାହକଙ୍କ ଏସ୍‌ୟୁଭି ଚାହିଦାକୁ ଧ୍ୟାନରେ ରଖି କମ୍ପାନୀ ଏଭଳି ମଡେଲ ଆଣିଛି। ସେହିଭଳି ଗ୍ରାହକଙ୍କୁ ଭାଲ୍ୟୁ ଫର ମନି ପ୍ରସଙ୍ଗକୁ ନଜରରେ ରଖାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏହା କ୍ୟାଲିଷ୍ଟୋ କପର, ଅର୍କସ ହ୍ୱାଇଟ, ଟେଲେଷ୍ଟୋ ଗ୍ରେ, ଏରିଏଲ ସିଲଭର, ଥର୍ମିଷ୍ଟୋ ଗ୍ଲୋଡ ଭଳି ରଙ୍ଗରେ ଉପଲବ୍ଧ।

ଏହାର ଏକ୍ସଶୋ'ରୁମ ଆରମ୍ଭ ମୂଲ୍ୟ ୧୨.୬୯ ଲକ୍ଷ ଟଙ୍କା ରହିଛି। ଏଥିରେ କ୍ରିଟୋଟେକ ୨.୦ ଲିଟର ଟର୍ବୋ ଚାର୍ଜଡ ଇଞ୍ଜିନ, ଡିଜେଲ ବିଏସ୍-୪, ୧୯୫୬ ସିସି ଇଞ୍ଜିନ, ଇନଲାଇନ ୪ ସିଲିଣ୍ଡର, ୬ସ୍ପିଡ ମାନୁଆଲ ଟ୍ରାନ୍ସମିଶନ, ୫୦ ଲିଟରର ଫୁଏଲ ଟ୍ୟାଙ୍କ, ୪୨୫ ଲିଟରର ବୁଟ ସ୍ପେଶ, ୫ ସିଟର କ୍ଷମତା ସହ ଆସୁଛି। ସେହିଭଳି କମ୍ପାନୀ ଏଥିରେ ଇମ୍ପାକ୍ଟ ଡିଜାଇନ ୨.୦ ପ୍ରଦାନ କରିଛି। ଲୁକ୍ସ କ୍ଷେତ୍ରରେ ଏହାକୁ ବେଶ ଆକର୍ଷକ କରାଯାଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ମଡେଲର ପଛ ପାଖକୁ ଡିସ୍କଭରି ସ୍ପୋର୍ଟଠାରୁ ଅନୁପ୍ରାଣୀତ ହୋଇ ପ୍ରସ୍ତୁତ କରାଯାଇଛି। ଏଥିରେ ଇଏସ୍‌ପି ଭିତ୍ତିକ ଟେରେନ ରେସପନ୍ସ ମୋଡ୍ ରହିଛି। ଲକ୍ସୁରି ଏବଂ ସ୍ପେଶକୁ ଦୃଷ୍ଟିରେ ରଖି ଏହାର ଇଣ୍ଟେରିୟରକୁ ପ୍ରସ୍ତୁତ କରାଯାଇଛି। ମଡେଲଟି ଏକ୍ସଇ, ଏକ୍ସଏମ୍, ଏକ୍ସଟି ଏବଂ ଏକ୍ସ ଜେଡ୍ ଭଳି ଭାରିଆଣ୍ଟରେ ଆସୁଛି।

### ଅନ୍ୟାନ୍ୟ ଆକର୍ଷଣୀୟ ଫିଚର

- ଜେଏଲଆର ଇନସ୍ପିରେଶନରେ ପ୍ରସ୍ତୁତ
- ୮.୮ ଇଞ୍ଚର ଫ୍ଲୋଟିଂ ଟଚ୍ ସ୍କ୍ରିନ ଇନଫୋଟେନମେଣ୍ଟ
- ଏଇଟୱେ ଆଡଜଷ୍ଟେବଲ ଡ୍ରାଇଭର ସିଟ
- ଫୋରୱେ ଆଡଜଷ୍ଟେବଲ କୋ ଡ୍ରାଇଭର ସିଟ
- କ୍ଲାଇମେଟ କଣ୍ଟ୍ରୋଲ
- ଇଲେକଟ୍ରିକ ଆଉଟସାଇଡ ରିୟରଭିୟୁ ମିରର
- କୋଲ୍ଡ ଷ୍ଟୋରେଜ ବକ୍ସ
- ଅମ୍ବ୍ରେଲା ହୋଲ୍ଡର ସହ ଅନ୍ୟାନ୍ୟ ଷ୍ଟୋରେଜ ଏରିଆ

## ସଂକ୍ଷେପରେ

### ମାଲ୍ୟାଙ୍କ ପ୍ରତ୍ୟର୍ପଣ ନିର୍ଦ୍ଦେଶ ଜାରି



**ଲଣ୍ଡନ,୪-୨:** ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କୁ ଭାରତ ପ୍ରତ୍ୟର୍ପଣ ଲାଗି ବ୍ରିଟେନ ଗୃହ ସଚିବ ସାଜିଦ ଜାଭିଦ ସୋମବାର ନିର୍ଦ୍ଦେଶ ସଂକ୍ରାନ୍ତ ଦସ୍ତାବିଜରେ ସ୍ୱାକ୍ଷର କରିଛନ୍ତି। ବ୍ରିଟେନ ସରକାରଙ୍କ ଏହି ପଦକ୍ଷେପ ଯୋଗୁ ମାଲ୍ୟାଙ୍କୁ ଜୋର ଝଟ୍‌କା ଲାଗିଛି। ପ୍ରତ୍ୟର୍ପଣକୁ ବିରୋଧ କରି ଉଚ୍ଚ ଅଦାଲତରେ ଅପିଲ କରିବା ଲାଗି ମାଲ୍ୟାଙ୍କୁ ଏବେ ୧୪ ଦିନ ସମୟ ମିଳିବ। ଗୃହ ସଚିବଙ୍କ ନିର୍ଦ୍ଦେଶ ପରେ ସେ ଅପିଲ କରିବାକୁ ସୁଯୋଗ ପାଇବେ। ସୂଚନାଥାଉ କି, ଭାରତୀୟ ବ୍ୟାଙ୍କଗୁଡ଼ିକରୁ ପ୍ରାୟ ୯ହଜାର କୋଟି ଟଙ୍କାର ଋଣ ନେଇ ଲଣ୍ଡନ ପଳାଇଥିବା ମାଲ୍ୟାଙ୍କୁ ପ୍ରତ୍ୟର୍ପଣ ଲାଗି ସ୍ଥାନୀୟ ୱେଷ୍ଟ ମିନିଷ୍ଟର ମାଜିଷ୍ଟ୍ରେଟ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଭାରତ ସହ ହୋଇଥିବା ପ୍ରତ୍ୟର୍ପଣ ଚୁକ୍ତି ଅନୁଯାୟୀ ପଦକ୍ଷେପ ଗ୍ରହଣ କରିବା ଲାଗି ୱେଷ୍ଟ ମିନିଷ୍ଟର କୋର୍ଟ ରାୟର ଏକ କପି ବ୍ରିଟେନ ଗୃହ ସଚିବଙ୍କ ନିକଟକୁ ପଠାଇଥିଲେ। ପ୍ରତ୍ୟର୍ପଣ ଲାଗି ଏହାକୁ ବିଚାର କରି ସେ ଉକ୍ତ ନିର୍ଦ୍ଦେଶ ଦେଇଛନ୍ତି।

### ସାର୍ବଜନୀନ ହେବନି କଳାଧନ ରିପୋର୍ଟ

**ନୂଆଦିଲ୍ଲୀ,୪-୨:** କେନ୍ଦ୍ର ସରକାର ଦେଶ ଭିତରେ ଅଥବା ବିଦେଶରେ କଳାଧନ ରଖିଥିବା ବ୍ୟକ୍ତିବିଶେଷଙ୍କ ସମ୍ପର୍କରେ ପ୍ରସ୍ତୁତ ୩ଟି ରିପୋର୍ଟକୁ ସାର୍ବଜନୀନ କରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଏକ ସଂସଦୀୟ କମିଟି ଏହାର ତର୍ଜମା କରୁଥିବାରୁ ରିପୋର୍ଟକୁ ବାହାରେ ପ୍ରକାଶ କରାଯାଇପାରିବ ନାହିଁ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। କାରଣ ଏହାଦ୍ୱାରା ସ୍ୱାଧିକାର ଭଙ୍ଗ ହୋଇପାରେ। ସୂଚନାଥାଉ କି, କଳାଧନ ସମ୍ପର୍କରେ ଉପା ସରକାର ୨୦୧୧ରେ ଦିଲ୍ଲୀସ୍ଥିତ ରାଷ୍ଟ୍ରୀୟ ଲୋକ ବିତ୍ତ ଏବଂ ନୀତି ସଂସ୍ଥା(ଏନ୍‌ଆଇପିଏଫ୍‌ପି), ରାଷ୍ଟ୍ରୀୟ ବ୍ୟବହାରିକ ଆର୍ଥିକ ଅନୁସନ୍ଧାନ ପରିଷଦ(ଏନ୍‌ସିଏଇଆର୍) ଏବଂ ଫରିଦାବାଦସ୍ଥିତ ରାଷ୍ଟ୍ରୀୟ ବିତ୍ତ ପରିଚାଳନା ସଂସ୍ଥା(ଏନ୍‌ଆଇଏଫ୍‌ଏମ୍)କୁ ୩ଟି ସ୍ୱତନ୍ତ୍ର ରିପୋର୍ଟ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

### ଡାକଘରେ ପଡ଼ିରହିଛି ଦାବିହୀନ ୯ହଜାର କୋଟି

**ନୂଆଦିଲ୍ଲୀ,୪-୨:** ଦେଶର ଡାକଘରେ ପ୍ରାୟ ୯ହଜାର କୋଟି ଟଙ୍କା ପଡ଼ିରହିଛି। ଏହାର କେହି ଦାବିଦାର ନାହାନ୍ତି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ୬ଟି କ୍ଷୁଦ୍ର ସଞ୍ଚୟ ଯୋଜନା ଯଥା- କିଷାନ ବିକାଶ ପତ୍ର(୨,୪୨୯କୋଟି ଟଙ୍କା), ମାସିକ ଆୟ ଯୋଜନା(୨,୦୫୭ କୋଟି ଟଙ୍କା), ଜାତୀୟ ସଞ୍ଚୟ ସାର୍ଟିଫିକେଟ(୧,୮୮୮ କୋଟି ଟଙ୍କା), ପବ୍ଲିକ ପ୍ରୋଭିଡେଣ୍ଟ ଫଣ୍ଡ(୨୮୯ କୋଟି ଟଙ୍କା), ରେକରିଂ ଡିପୋଜିଟ୍(୭୯୬ କୋଟି ଟଙ୍କା) ଏବଂ ଟାଇମ ଡିପୋଜିଟ୍(୧,୯୩୫ କୋଟି ଟଙ୍କା)ରେ ମୋଟ ୯,୩୯୫ କୋଟି ଟଙ୍କା ପଡ଼ିରହିଛି। ପୋଷ୍ଟ ଅଫିସ୍ ଅଧିକାରୀଙ୍କ କହିବାନୁଯାୟୀ, ପଡ଼ିରହିଥିବା ଟଙ୍କାକୁ ବ୍ୟାଙ୍କ ଅଣଦାବି ଆକାଉଣ୍ଟରେ ପଠାଇ ଦେଇଥାଏ ଅଥବା ଡିପୋଜିଟ ଆୱାରନେସ୍ ଆଣ୍ଡ ଏଜୁକେଶନ ଫଣ୍ଡ(ଡିଇଏଏଫ୍)ରେ ରଖିଦିଅନ୍ତି। ଏହି ପାଣ୍ଠି ବ୍ୟବହାର କରି ଜମାକାରୀଙ୍କୁ ସଚେତନ କରାଯାଉଥିବା କାର୍ଯ୍ୟକ୍ରମ ହାତକୁ ନିଆଯାଏ। କିନ୍ତୁ ବ୍ୟାଙ୍କ ଭଳି ଡାକ ଘରେ ପଡ଼ି ରହୁଥିବା ଅର୍ଥକୁ କୌଣସି କାର୍ଯ୍ୟରେ ବ୍ୟବହାର କରାଯାଏ ନାହିଁ। ଏହି ଦାବିରହିତ ଅର୍ଥକୁ ସାଇଲେଣ୍ଟ କୁହାଯାଏ।

### ଇପିଏଫଓ ସଦସ୍ୟଙ୍କୁ ମିଳିପାରେ ୩୦୦୦ ଟଙ୍କାର ପେନସନ୍

**ନୂଆଦିଲ୍ଲୀ,୪-୨:** କେନ୍ଦ୍ର ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ ଅନ୍ତରୀଣ ବଜେଟରେ ଅଣସଂଗଠିତ କ୍ଷେତ୍ରର କର୍ମଚାରୀ/ଶ୍ରମିକଙ୍କ ଲାଗି ପେନସନ ବ୍ୟବସ୍ଥା ଘୋଷଣା କରିଛନ୍ତି। ଏବେ ଇପିଏଫ୍‌ଓ ସଦସ୍ୟଙ୍କୁ ଖୁସି କରିବାକୁ କେନ୍ଦ୍ର ସରକାର ଅଣ୍ଟା ଭିଡ଼ିଛନ୍ତି। ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି ଯେ, ଖୁବଶୀଘ୍ର ଇପିଏଫ୍‌ଓ ସଦସ୍ୟଙ୍କ ସର୍ବନିମ୍ନ ପେନସନ ୩ ହଜାର ଟଙ୍କାକୁ ବୃଦ୍ଧି ପାଇବାକୁ ଯାଉଛି। ଏ ସଂକ୍ରାନ୍ତରେ ସରକାର ଖୁବଶୀଘ୍ର ଘୋଷଣା କରିବେ। ବର୍ତ୍ତମାନ ଇପିଏଫ୍‌ଓ ସଦସ୍ୟଙ୍କୁ ସର୍ବନିମ୍ନ ୧୦୦୦ ଟଙ୍କା ପେନସନ ଦିଆଯାଉଛି। ଅନ୍ତରୀଣ ବଜେଟରେ ଅଣସଂଗଠିତ କ୍ଷେତ୍ରର କର୍ମଚାରୀଙ୍କ ଲାଗି ସର୍ବନିମ୍ନ ୩୦୦୦ ଟଙ୍କାର ବେତନ ଘୋଷଣା କରାଯାଇଛି। ଏଣୁ ସଂଗଠିତ କ୍ଷେତ୍ର ଲାଗି ଏହାକୁ ଆଧାର ଭାବେ ଗ୍ରହଣ କରାଯାଇପାରେ। ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ସରକାର ଏ ସମ୍ପର୍କରେ ଘୋଷଣା କରିବାକୁ ଯାଉଛନ୍ତି। ଏ ସମ୍ପର୍କିତ ପ୍ରସ୍ତାବ ଏବେ ଅର୍ଥ ମନ୍ତ୍ରଣାଳୟର ବିଚାରାଧୀନ ରହିଛି। ସୂଚନାଥାଉ କି, ଇପିଏଫ୍‌ଓର ପେନସନ ଯୋଜନାରେ କମ୍ପାନୀର ଯୋଗଦାନ ୮.୩୩ ପ୍ରତିଶତ ରହିଥିବା ବେଳେ ସରକାର ୧.୧୬ ପ୍ରତିଶତର ଯୋଗଦାନ ଦେଇଥାନ୍ତି।

## ଅନିଲ ଅମ୍ବାନୀଙ୍କ ବ୍ୟକ୍ତିଗତ ସମ୍ପତ୍ତି ଦାବି କରିବ ଏରିକସନ୍

ନୂଆଦିଲ୍ଲୀ,୪–୨

**୫୫୦ କୋଟିର ସ୍ପେକ୍ଟ୍ରମ ବିବାଦ**

ଆମେରିକାର ଟେଲିକମ୍ ସାମଗ୍ରୀ ନିର୍ମାତା କମ୍ପାନୀ ଏରିକସନ ପକ୍ଷରୁ ରିଲାଏନ୍ସ କମ୍ୟୁନିକେଶନ (ଆର୍‌କମ୍)ବିରୋଧରେ ସୁପ୍ରିମକୋର୍ଟରେ ମାମଲା ଦାଏର କରାଯିବ। କମ୍ପାନୀର ପ୍ରମୋଟର ତଥା ଅଧ୍ୟକ୍ଷ ଅନିଲ ଅମ୍ବାନୀଙ୍କ ସମସ୍ତ ବ୍ୟକ୍ତିଗତ ସମ୍ପତ୍ତି ଉପରେ କମ୍ପାନୀ ନିଜର ଦାବି ଉପସ୍ଥାପନ କରିବ ବୋଲି ଜଣାପଡିଛି। ପ୍ରାପ୍ତ ସୂତ୍ରରୁ ଜଣାପଡିଛି ଯେ, ସୁପ୍ରିମକୋର୍ଟରେ ଦୁଇ କମ୍ପାନୀର ବୁଝାମଣା ଅନୁଯାୟୀ ଆର୍‌କମ୍ ୫୫୦ କୋଟି ଟଙ୍କାର ବକେୟା ପ୍ରଦାନ କରିବାକୁ ଏରିକ୍‌ସନ୍‌କୁ ପ୍ରତିଶ୍ରୁତି ଦେଇଥିଲା। ତେବେ ବକେୟା ଦେବାରେ ଅସମର୍ଥତା ଜାହିର କରି ଆର୍‌କମ୍ ଗତ ଶୁକ୍ରବାର ନ୍ୟାଶନାଲ କମ୍ପାନୀ ଲ' ଟ୍ରିବ୍ୟୁନାଲ(ଏନ୍‌ସିଏଲ୍‌ଟି)ରେ ଦେବାଳିଆ ସମାଧାନ ପାଇଁ ଆବେଦନ କରିଛି। ଅନିଲ ଅମ୍ବାନୀ ନିଜର ସମ୍ପତ୍ତି ବିକ୍ରି କରି ୨୭୦ ଦିନ ଭିତରେ ପ୍ରାୟ ୪୨ ହଜାର କୋଟି ଟଙ୍କାର ଋଣ ପରିଶୋଧ କରିଦେବେ ବୋଲି ଆର୍‌କମ୍ ପ୍ରକାଶ କରିଛି। ସୂଚନାଥାଉ କି, ଗତ ଦେଢ଼ ବର୍ଷ ହେବ ଆର୍‌କମ୍ ବିଭିନ୍ନ ମାଧ୍ୟମରେ ସମ୍ପତ୍ତି ବିକ୍ରି କରି ଋଣ ପରିଶୋଧ କରିବାକୁ ପ୍ରୟାସ ଚଳାଇଛି। ତେବେ ଏଥିରେ ଏହା ସଫଳ ହୋଇନି। ଅନ୍ୟପକ୍ଷରେ ଟିଡିସ୍ୟାଟ୍ ଆର୍‌କମ୍‌ର ସ୍ପେକ୍ଟ୍ରମ ଚାର୍ଜକୁ ଛାଡ଼ କରିଦେଇଛନ୍ତି। କମ୍ପାନୀର ୨୦୦୦ କୋଟି ଟଙ୍କାର ବ୍ୟାଙ୍କ ଗ୍ୟାରେଣ୍ଟି ଫେରାଇବାକୁ ଟେଲିକମ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି।

## ପାରାଦୀପରେ ମଲ୍ଟି ମୋଡାଲ ଲଜିଷ୍ଟିକ ପାର୍କ

ଭୁବନେଶ୍ୱର ,୪–୨

ପାରାଦୀପରେ ଏକ ବନ୍ଦର ଭିତ୍ତିକ ମଲ୍ଟି ମୋଡାଲ ଲଜିଷ୍ଟିକ ପାର୍କ ସ୍ଥାପନ ଲାଗି ଯୋଜନା ରହିଛି। ଏହା ପୂର୍ବାଞ୍ଚଳର ଏକ ପ୍ରମୁଖ ବିତରଣ ହବ୍ ହେବ। ଏଥିପାଇଁ କଣ୍ଟେନର କର୍ପୋରେଶନ ଅଫ୍ ଇଣ୍ଡିଆକୁ ୧୦୦ ଏକର ଜମି ପ୍ରଦାନ କରାଯାଇଛି। ଏଥିରେ ୧୧ ଲକ୍ଷ ବର୍ଗଫୁଟ ସ୍ଥାନରେ ଏକ ୱେରହାଉସ ସ୍ଥାପନ ହେବ ବୋଲି ପାରାଦୀପ ପୋର୍ଟ ଟ୍ରଷ୍ଟର ଅଧ୍ୟକ୍ଷ ରିଙ୍କେଶ ରଏ ସୋମବାର ସୂଚନା ଦେଇଛନ୍ତି। ଏହି ପ୍ରକଳ୍ପ ଲାଗି କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିବାବେଳେ ଏଥିରେ ୨୫୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ନିବେଶ ହେବ ବୋଲି ସେ ସୂଚନା ଦେଇଛନ୍ତି। ବହୁମୁଖୀ ରେଳ ଏବଂ ସଡକ ପଥ ଦ୍ୱାରା ଏହି ପାର୍କକୁ ସଂଯୋଗ କରାଯିବ। କାର୍ଗୋର ଆମଦାନୀ ଏବଂ ରପ୍ତାନି ଲାଗି ସ୍ଥାନୀୟ ଏବଂ ଆଖପାଖ ଅଞ୍ଚଳର ଶିଳ୍ପାନୁଷ୍ଠାନଗୁଡ଼ିକ ନିମନ୍ତେ ସୁଯୋଗ ସୃଷ୍ଟି ହେବ ବୋଲି ରଏ କହିଛନ୍ତି।

## ଭୂଷଣ ପାୱାର ଆଣ୍ଡ ଷ୍ଟିଲ୍‌ର ଋଣ ଶୁଝିବାକୁ ପ୍ରମୋଟର ରାଜି

ନୂଆଦିଲ୍ଲୀ,୪–୨

ଭୂଷଣ ପାୱାର ଆଣ୍ଡ ଷ୍ଟିଲକୁ ନିଲାମୀରୁ ରକ୍ଷା କରିବା ଲାଗି ଏହାର ପ୍ରମୋଟର ସଞ୍ଜୟ ସିଂଘଲ ଶେଷ ପ୍ରୟାସ ସ୍ୱରୂପ ନୂଆ ପ୍ରସ୍ତାବ ଦେଇଛନ୍ତି। ସେ ୪୭,୧୫୧ କୋଟି ଟଙ୍କାର ବକେୟା ଋଣ ପରିଶୋଧ କରିବାକୁ ରାଜି ଥିବା ଋଣପ୍ରଦାନକାରୀ ବ୍ୟାଙ୍କଗୁଡ଼ିକୁ ଦର୍ଶାଇଛନ୍ତି। ଦେବାଳିଆ ଋଣ ସମାଧାନ ପ୍ରକ୍ରିୟାର ଶେଷ ମୁହୂର୍ତ୍ତରେ ସେ ଏହି ପ୍ରସ୍ତାବ ଦେଇଛନ୍ତି। ଏହି କମ୍ପାନୀର ଦେବାଳିଆ ସମାଧାନ ପ୍ରକ୍ରିୟା ୧୮ ମାସ ପୂର୍ବରୁ ଆରମ୍ଭ ହୋଇଥିଲା। ସୂଚନାଥାଉ କି, ଟାଟା ଷ୍ଟିଲ୍, ବ୍ରିଟେନର ଲିବର୍ଟି ହାଉସ ଏବଂ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ ଏହାକୁ କିଣିବା ଲାଗି ଆଗ୍ରହ ଦେଖାଇଛନ୍ତି। ପ୍ରକ୍ରିୟା ଆରମ୍ଭ ବେଳେ କମ୍ପାନୀକୁ କିଣିବା ଲାଗି ବିଶେଷ ଆଗ୍ରହ ପ୍ରକାଶ ପାଇ ନଥିଲା।

## କାନାରା ବ୍ୟାଙ୍କ ପକ୍ଷରୁ ମେଗା ରିଟେଲ ଏକ୍ସପୋ



ଭୁବନେଶ୍ୱର ,୪–୨

କାନାରା ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ ମେଗା ରିଟେଲ ଏକ୍ସପୋ ରେଡକ୍ରସ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କାନାରା ବ୍ୟାଙ୍କର ମହାପ୍ରବନ୍ଧକ ତଥା ବ୍ୟାଙ୍କର ଓଡ଼ିଶା ରାଜ୍ୟ ମୁଖ୍ୟ ଶ୍ରୀକାନ୍ତ ମହାପାତ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ପ୍ରମୁଖ ବିଲ୍ଡର ଏବଂ ଗାଡି ଡିଲରମାନେ ନିଜ ନିଜ ଉତ୍ପାଦକୁ ପ୍ରଦର୍ଶନ କରିଥିଲେ। ବ୍ୟାଙ୍କ ପକ୍ଷରୁ ସ୍ୱଳ୍ପ ସୁଧହାରରେ ଯୋଗାଇ ଦିଆଯାଉଥିବା ଗୃହ ଋଣ ଓ ଗାଡି ଋଣ, ପ୍ରୋସେସିଙ୍ଗ ଦେୟ ଛାଡ, ପ୍ରଧାନମନ୍ତ୍ରୀ ଯୋଜନା ଅନୁଯାୟୀ ୨.୬୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସବସିଡି ସୁବିଧା ନେବାକୁ ମହାପାତ୍ର ସୂଚନା ଦେଇଛନ୍ତି। ବ୍ୟାଙ୍କ ପକ୍ଷରୁ ଉପଲବ୍ଧ ଥିବା ବିଭିନ୍ନ ଗୃହ ଋଣ ଯୋଜନା ଉପରେ ସେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ଏଜିଏମ୍ ବି.କେ ରଥ, ଡିଏମ୍ ପି.କେ. ଜେନା, ଡିଏମ୍ ଏମ୍.ପି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱର୍ଣ୍ଣିମ ବେଭରେଜ୍ ଆଣିଲା ନୂଆ ଗ୍ଲୁକୋରିଚ୍



ଭୁବନେଶ୍ୱର,୪–୨

ସ୍ୱର୍ଣ୍ଣିମ ଅର୍ଗାନିକ୍ସ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଏହାର ନୂଆ ପ୍ରଡକ୍ଟ ଗ୍ଲୁକୋରିଚ୍ ବଜାରକୁ ଆସିଛି। ଏହା ଏକ ଏନର୍ଜି ବୋଷ୍ଟର ଭାବେ ବଜାରରେ ପ୍ରବେଶ କରିଛି। ଅନଲିମିଟେଡ ଲିଚି, କଚା ଆମ୍ ଏବଂ ଜୁସି ଅରେଞ୍ଜ ଭଳି ୩ ସ୍ୱାଦରେ ଏହା ଉପଲବ୍ଧ ହେଉଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଓଡିଶା ବଜାରରେ ଏହି ବର୍ଗରେ ପ୍ରଡକ୍ଟ ଗ୍ରାହକଙ୍କ ଦ୍ୱାରା ଆଦୃତ ହୋଇ ପାରିବ ବୋଲି କମ୍ପାନୀ କହିଛି। ନିକଟରେ ଶେଷ ହୋଇଥିବା ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ ଟ୍ରେଡ ଫେୟାର ଅବସରରେ କମ୍ପାନୀ ଭାଗ ନେବା ସହ ଏହାର ପ୍ରଡକ୍ଟ ପ୍ରଦର୍ଶନ କରାଇଥିଲା। ଗ୍ରାହକଙ୍କ ନିକଟରୁ ଏହାକୁ ନେଇ ଭଲ ରେସପନ୍ସ ମିଳିଥିବା କମ୍ପାନୀ ପ୍ରକାଶ କରିଛି। ଲୋକମାନେ ଷ୍ଟଲରେ ପ୍ରଡକ୍ଟକୁ ମାଗଣାରେ ଟେଷ୍ଟ କରିବା ସହ ନିଜ ପ୍ରତିକ୍ରିୟା ରଖିଥିଲେ। ଏକ ଏମର୍ଜିଂ ଷ୍ଟାର୍ଟଅପ ଭାବେ ବେଷ୍ଟ ସ୍ମଲ ସ୍କେଲ ଇଣ୍ଡଷ୍ଟ୍ରି ପୁରସ୍କାର ପାଇଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

**ବିଜ୍ଞାପନ**

ବାଲେଶ୍ୱର ଜିଲ୍ଲାରେ ପରିଚାଳିତ ସ୍ୱୀକୃତିପ୍ରାପ୍ତ ଛଅ (୬) ଗୋଟି ସ୍ୱତନ୍ତ୍ର ବିଦ୍ୟାଳୟରେ ଶିକ୍ଷକ/ଅଣଶିକ୍ଷକ ନିଯୁକ୍ତି ନିମନ୍ତେ ପ୍ରସ୍ତୁତ ତାଲିକା ବାଲେଶ୍ୱର ଜିଲ୍ଲା website www.baleswar.nic.in ରେ ଉପଲବ୍ଧ।

ଏହି ତାଲିକାଭୁକ୍ତ ବ୍ୟକ୍ତି ବିଶେଷଙ୍କ ବିରୁଦ୍ଧରେ ଯଦି କାହାରି କୌଣସି ଅଭିଯୋଗ ଥାଏ, ସେମାନେ ଆସନ୍ତା ତା୦୭।୦୨।୨୦୧୯ ରିଖ ସନ୍ଧ୍ୟା ୫ ଘଟିକା ମଧ୍ୟରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କାର୍ଯ୍ୟାଳୟରେ ଲିଖିତ ଭାବେ ଦାଖଲ କରିପାରିବେ।

ଧାର୍ଯ୍ୟ ସମୟ ପରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ।

Sd./- District Social Security Officer, Balasore

**Corrigendum to Tender call Notice No. 178 / Dated.17.01.2019 of Panchayat Samiti, Raikia**

Due to typological error in tender schedule, the date line of tender process is modified and is rescheduled as follows:
1. Date of selling of tender Paper : From 06.02.2019 to 16.02.2019 within office hour.
2. Last date of selling of tender Paper : 16.02.2019 within office hour.
3. Date of opening of tender Paper : 18.02.2019 at 11.00 A.M.
And all other terms & condition of the previous tender remain unchanged.

Sd./- Block Development Officer, Raikia

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Regd. Office: Janapath Bhubaneswar-751022
OFFICE OF THE GM (ELECT.) E.H.T. (O&M) CIRCLE, JAJPUR ROAD
AT: QTR NO. 4R/1, TTS COLONY, PO: SOBRA, DIST: JAJPUR, PIN: 755019 (ODISH),
PHONE/FAX NO: 06726-220965 (off), E-mail: ehtm.cle.jjp@optcl.co.in
CIN: U40102OR2004SGC007553

No. Tech/CR-41/OT-09(18-19) 147 Dated: 04.02.2019

TENDER CALL NOTICE NO.- 09/18-19

Sealed tenders are invited from the Civil Contractors having valid "C" & "D" Class Civil Contractor license issued by Govt. of Odisha/ Military/Railways & having valid IT PAN Card/GST registration/up to date GST return certificate/experience certificate for "Protecton of tower from rapid and massive soil erosion by filling of sand bag packing with bullah supporting at location No. 272(OC+6) of 132 KV Kuchai-Jaleswar DC line near the river bank of SUBARNAREKHA at village Ektali" under EHT(O&M) Division, Balasore. Cost of Tender Paper Rs. 4,480/- (Including GST), EMD= Rs. 8,500/-, Sale of tender documents from dt: 05.02.2019 to 14.02.2019. Last Date of submission of tender: 15.02.2019 upto 1.00 PM. Date of opening of tender is 15.02.2019 at 3.00 PM. For details visit our website: www.optcl.co.in.
Corrigendum/ addendum if any will be published in the OPTCL website only.

Sd./- General Manager (Elect.), EHT (O&M) Circle, Jajpur Road

**OFFICE OF THE PRINCIPAL**
**NAYAGARH AUTONOMOUS COLLEGE, NAYAGARH**
**QUOTATION CALL NOTICE**

No.- Date-

Sealed quotations are invited from the registered firms/Authorized Dealers having valid GST, PAN & IT clearance for procurement of Water Purifiers with cooler, Desktop Computer, First Aid Box and Dustbin from assistance for non civil expenses under OHEPEE scheme, Govt. of Odisha.
The Sealed quotations should reach the office of the undersigned on or before 15.02.2019 through registered Post/speed Post.
Interested authorized dealers/ suppliers/ registered firms are requested to receive the detailed list of items with specifications and related papers from the undersigned during office hour on working days. The authority reserves the right to reject or cancel any or all quotation without assigning any reason thereof.

*Thanking you.* Principal
Nayagarh Autonomous College, Nayagarh

idco ODISHA NEW OPPORTUNITIES
Your power to grow
ISO 9001 & 14001 CORPORATION
**ODISHA INDUSTRIAL INFRASTRUCTURE DEVELOPMENT CORPORATION**
(A Government of Odisha Undertaking)
IDCO Towers, Janpath, Bhubaneswar - 751022

No. H.O./Civ/T&E/E/3897/01/2019/2064 Dated :- 01.02.2019

**QUOTATION CALL NOTICE**

Sealed Quotations are invited from the original Furniture Manufacture/Registered Supplier/Firms/Authorized Dealers of **Godrej Furniture** for "**Supply of Optimizer of "Godrej" make to DTET Office Building at Cuttack**". The last date of submission of the quotation is 21.02.2019 by 5.00 P.M and the quotation will be opened on 22.02.2019 at 11.00 A.M.
For the detail Quotation Call Notice, Terms & Condition, Specification and B.O.Q, Please visit our web site **www.idco.in** (Tender & Quotation)

Sd/-
Chief General Manager (Civil) I/C
IDCO, Bhubaneswar

**ODISHA CONSTRUCTION CORPORATION LTD.**
(A Government of Odisha Undertaking)
MANJORE GATE WORKS PROJECT, CENTRAL WORKSHOP, RASULGARH, BHUBANESWAR-751010
DESIGNED TO EXCEL

**CORRIGENDUM TO BID CALL NOTICE IDENTIFICATION**

No.OCC/MGWP/02/2018-19 Date. 18.01.2019

For the work **"Expression of interest for cutting, dismantling, removing, shifting etc. & disposal of existing old & damaged barrage bay radial gates No. 15 & 16 of Samal Barrage, Samal, Dist-Angul with all labours, consumables, tools & tackles, industrial gases, machinery, equipments etc. required to complete the work on as is where is basis as per direction of Engineer-in-charge"**
For details, please visit our website : **www.odishaconstruction.com** or Govt. of Odisha website : **www.odishagov.nic.in.** The last date & time of sale, receipt & opening of bid documents are extended up to **20.02.2019 at 1.00 P.M., 3.00 P.M. & 4.00 P.M.** respectively.

Sd/- SENIOR MANAGER (MECH.)

**ତହସିଲ କାର୍ଯ୍ୟାଳୟ, ଲେଫ୍ରିପଡ଼ା**
**ଲଘୁ ଖଣିଜ ସକାଶେ ଲିଜ ଇସ୍ତାହାର**

ବିଜ୍ଞପ୍ତି ସଂଖ୍ୟା: 232 ତାରିଖ: 02.02.2019

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଲେଫ୍ରିପଡ଼ା ତହସିଲ ଅନ୍ତର୍ଗତ ଲଘୁ ଖଣିଜ ଖାଦାନଗୁଡ଼ିକର ଲିଜ ସକାଶେ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଇଚ୍ଛୁକ ବ୍ୟକ୍ତି ଦରଖାସ୍ତଗୁଡ଼ିକ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଆସନ୍ତା ତା 14.02.2019 ଅପରାହ୍ନ ଘ 3.00 ଣ୍ଟା ସୁଦ୍ଧା ସିଲଡ୍ କଭରରେ ତହସିଲ କାର୍ଯ୍ୟାଳୟରେ ଥିବା ଡ୍ରପ ବକ୍ସରେ ପକାଇବେ। ଉକ୍ତ ଦିନ ଘ 4.15 ମି ସମୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କର ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତ ତନଖି କରାଯିବ। ଯେଉଁ ଉତ୍ସଗୁଡ଼ିକ ସେହିଦିନ ପର୍ଯ୍ୟନ୍ତ ଟେଣ୍ଡର ହୋଇନଥିବ ସେଗୁଡ଼ିକ ଦ୍ୱିତୀୟ ଥର ପାଇଁ ତା 22.02.2019 ଓ ତୃତୀୟ ଥର ପାଇଁ ତା 01.03.2019 ସମୟ 3 ଘଟିକାରେ ସ୍ଥିରୀକୃତ ହୋଇଅଛି। ଇଚ୍ଛୁକ ଜନସାଧାରଣ ଏ ସଂକ୍ରାନ୍ତୀୟ ସର୍ତ୍ତାବଳୀ ଓ ଅନ୍ୟାନ୍ୟ ତଥ୍ୟ ତହସିଲ କାର୍ଯ୍ୟାଳୟ, ପଞ୍ଚାୟତ ସମିତି ଲେଫ୍ରିପଡ଼ା, ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଲେଫ୍ରିପଡ଼ା ତଥା ଉପଜିଲ୍ଲାପାଳ ସଦର ସୁନ୍ଦରଗଡ଼, ଜିଲ୍ଲାପାଳ ସୁନ୍ଦରଗଡ଼ଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡରୁ ପାଇପାରିବେ ଓ ଜିଲ୍ଲାପାଳ ୱେବସାଇଟ www.sundargarh.nic.in ରୁ ପାଇପାରିବେ।

ସ୍ୱା./- ତହସିଲଦାର, ଲେଫ୍ରିପଡ଼ା

## ସଂକ୍ଷେପରେ

### ସିରିଜ ପୋଛିଲା ଅଷ୍ଟ୍ରେଲିଆ

**କାନବେରା,୪।୨:** ଅଷ୍ଟ୍ରେଲିଆ ଦଳ ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟକୁ ୩୬୬ ରନ୍‌ରେ ଜିତିଛି। ଏଥିସହିତ ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜକୁ ଅଷ୍ଟ୍ରେଲିଆ ୨-୦ରେ ପୋଛି ନେଇଛି। ଶ୍ରୀଲଙ୍କା ଦଳ ଦ୍ୱିତୀୟ ଇନିଂସ୍‌ରେ ୧୪୯ ରନ୍‌ରେ ଅଲଆଉଟ୍ ହୋଇଯାଇଛି। ଘରୋଇ ବୋଲର ମିଚେଲ ଷ୍ଟାର୍କ ମୋଟ ୧୦ ଉଇକେଟ ନେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଏହା ଶ୍ରୀଲଙ୍କା ଦଳର କ୍ରମାଗତ ୩ୟ ଟେଷ୍ଟ ସିରିଜ ପରାଜୟ।

### ମହୀଶୂର-ଅମୃତସର ଫାଇନାଲ

**ଭୁବନେଶ୍ୱର, ୪।୨(ସ୍ପୋର୍ଟ୍ସ ବ୍ୟୁରୋ):** ଟୁଇନ୍ ସିଟିରେ ଚାଲିଥିବା ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଚାମ୍ପିୟନଶିପ୍ ତଥା ରୋହିଙ୍ଗଟନ୍ ବାରିଆ ଟ୍ରଫିର ଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଯାଇଛି। ମହୀଶୂର ଓ ଅମୃତସରର ଗୁରୁନାନକ ଦେବ ବିଶ୍ୱବିଦ୍ୟାଳୟ ଫାଇନାଲ ଖେଳିବାକୁ ଯୋଗ୍ୟତା ହାସଲ କରିଛନ୍ତି। କିଟ୍ କ୍ରିକେଟ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଉତ୍ତରପ୍ରଦେଶର ବୀର ବାହାଦୂର ସିଂ (ଭିବିଏସ୍)ବିଶ୍ୱବିଦ୍ୟାଳୟକୁ ୨୮ ରନରେ ମହୀଶୂର ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ମହୀଶୂର ୪୫ ଓଭରରେ ୮ ଉଇକେଟ୍ ହରାଇ ୨୩୦ ରନ କରିଥିଲା। ଜବାବରେ ଭିବିଏସ୍ ୩୧.୫ ଓଭରରେ ୨୦୨ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ସେହିଭଳି କଟକର ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡ-୧ରେ ଅନୁଷ୍ଠିତ ୨ୟ ସେମିଫାଇନାଲ ମ୍ୟାଚ୍‌ରେ ଅମୃତସରର ଗୁରୁନାନକ ଦେବ ବିଶ୍ୱବିଦ୍ୟାଳୟ (ଜିଏନ୍‌ଡିୟୁ) ୪ ଉଇକେଟ୍‌ରେ ମୁମ୍ବାଇ ବିଶ୍ୱବିଦ୍ୟାଳୟକୁ ହରାଇଥିଲା। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ୪୦.୩ ଓଭରରେ ୨୨୦ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ଜିଏନ୍‌ଡିୟୁ ୪୩ ଓଭରରେ ୬ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା।

“ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜରେ ଆମେ ପରାସ୍ତ ହୋଇଥିଲେ ହେଁ ଆସନ୍ତା ଦକ୍ଷିଣ ଆଫ୍ରିକା ଟୁର୍‌ରେ ଭଲ ପ୍ରଦର୍ଶନ କରିବୁ।

–ଦୀନେଶ ଚାଣ୍ଡିମଲ, ଶ୍ରୀଲଙ୍କା ଅଧିନାୟକ



“ଏଥର ଅଲ୍ ଇଂଲଣ୍ଡ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ସାଇନା, ସିନ୍ଧୁ ଓ କିଡାମ୍ବୀଙ୍କ ମଧ୍ୟରୁ କେହି ଜଣେ ଟାଇଟଲ ଜିତିବେ ବୋଲି ମୋର ଆଶା।

–ପୁଲେଲା ଗୋପୀଚାନ୍ଦ, ଜାତୀୟ ବ୍ୟାଡ୍‌ମିଣ୍ଟନ କୋଚ୍




# ପୂଜାରା ବିଫଳ, ବ୍ୟାକ୍‌ଫୁଟ୍‌ରେ ସୌରାଷ୍ଟ୍ର

**ନାଗପୁର, ୪।୨(ପି.ଟି.)**

ସ୍ଥାନୀୟ ବିଦର୍ଭ କ୍ରିକେଟ ଆସୋସିଏଶନ ଗ୍ରାଉଣ୍ଡରେ ଚାଲିଥିବା ରଣଜୀ ଟ୍ରଫି ଫାଇନାଲ ମ୍ୟାଚ୍‌ରେ ସୌରାଷ୍ଟ୍ର ବ୍ୟାକ୍‌ଫୁଟ୍‌ରେ ରହିଛି। ବିଦର୍ଭର ପ୍ରଥମ ଇନିଂସ ସ୍କୋର ୩୧୨ ରନ ଜବାବରେ ସୌରାଷ୍ଟ ସୋମବାର ଷ୍ଟମ୍ପ ଅପସାରଣ ସୁଦ୍ଧା ପ୍ରଥମ ଇନିଂସରେ ୫ ଉଇକେଟ୍ ହରାଇ ୧୫୮ ରନ୍ ସଂଗ୍ରହ କରିଛି। ଓପନର୍ ସ୍ନେଲ ପଟେଲ ୮୭ ରନ୍ (୧୬୦ ବଲ୍, ୧୪ ଚୌକା) ଓ ପ୍ରେରକ ମଙ୍କଡ ୧୬ ରନ୍ କରି ଅପରାଜିତ ରହିଛନ୍ତି। ତେବେ ନିର୍ଭରଯୋଗ୍ୟ ତଥା ଚମତ୍କାର ଫର୍ମରେ ଥିବା ଚେତେଶ୍ୱର ପୂଜାରା ସମସ୍ତଙ୍କୁ ନିରାଶ କରିଛନ୍ତି। ନିକଟରେ ଅଷ୍ଟ୍ରେଲିଆ ଟୁର୍‌ରେ ସର୍ବାଧିକ ସ୍କୋର କରିଥିବା ପୂଜାରା ମାତ୍ର ୧ ରନ୍ କରିଥିଲେ। ଘରୋଇ ବିଦର୍ଭ ଦଳର ବାମହାତୀ ସ୍ପିନର ଆଦିତ୍ୟ ସରୱାଟେଙ୍କୁ ପୂଜାରାଙ୍କ ପ୍ରାଇଜ୍ ଉଇକେଟ୍ ମିଳିଥିଲା। ସୌରାଷ୍ଟ୍ର ପକ୍ଷରୁ ଅନ୍ୟମାନଙ୍କ ମଧ୍ୟରେ ହାର୍ଭିକ ଦେଶାଇ ୧୦, ବିଶଭରାଜ ଜାଡେଜା ୧୮, ଅର୍ପିତ ଭସଭାଡା

**ରଣଜୀ ଟ୍ରଫି ଫାଇନାଲ**

୧୩, ସେଲଡନ୍ ଜ୍ୟାକସନ ୯ ରନ କରିଥିଲେ। ବିଦର୍ଭ ପକ୍ଷରୁ ଆଦିତ୍ୟ ୩ ଓ ଅକ୍ଷୟ ୱାଡେକର ୨ଟି ଉଇକେଟ୍ ଅକ୍ତିଆର କରିଥିଲେ। ଷ୍ଟାର୍ ବୋଲର ଉମେଶ ଯାଦବ ୧୩ ଓଭର ବୋଲିଂ କରି ୧୭ ରନ୍ ବ୍ୟୟ କରିଥିଲେ ମଧ୍ୟ ଉଇକେଟ୍ ଶୂନ୍ୟ ରହିଥିଲେ।

**ସଂକ୍ଷିପ୍ତ ସ୍କୋର**

ବିଦର୍ଭ ପ୍ରଥମ ଇନିଂସ: ୩୧୨ରେ ଅଲ୍‌ଆଉଟ୍, ୧୨୦.୨ ଓଭର(ଅକ୍ଷୟ କର୍ଣ୍ଣୱାର ୭୩*, ଅକ୍ଷୟ ୱାଡେକର ୪୫, ଉନାଡକଟ୍ ୩/୫୪)।
ସୌରାଷ୍ଟ୍ର ପ୍ରଥମ ଇନିଂସ: ୧୫୮/୫, ୫୯ ଓଭର (ସ୍ନେଲ ପଟେଲ ୮୭*, ପୂଜାରା ୧, ବୈଶବରାଜ ଜାଡେଜା ୧୮, ଆଦିତ୍ୟ ୩/୫୫)।

ସୌରାଷ୍ଟ୍ରର ଆହୁରି ୫ ଉଇକେଟ୍ ବଳକା ରହିଥିବାବେଳେ ଇନିଂସ ଅଗ୍ରଣୀ ପାଇଁ ଆଉ ୧୫୫ ରନ ଆବଶ୍ୟକ କରୁଛି।

ଡିଫେଣ୍ଡିଂ ଚାମ୍ପିୟନ ବିଦର୍ଭ ପୂର୍ବଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୦୦/୭ରୁ ଖେଳ ଆରମ୍ଭ କରି ଦ୍ୱିତୀୟ ଦିବସରେ ଆଉ ୧୧୨ ରନ ଯୋଡ଼ି ବଳକା ୩ଟି ଉଇକେଟ୍ ହରାଇଥିଲା। ଦଳ ପକ୍ଷରୁ ଅକ୍ଷୟ କର୍ଣ୍ଣୱାର ସର୍ବାଧିକ ୭୩ ରନରେ ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅକ୍ଷୟ ୱାଡେକର ୩୪, ଉମେଶ ଯାଦବ ୧୩ ଓ ରଜନୀଶ ଗୁରବାନୀ ୬ ରନ କରିଥିଲେ। ସୌରାଷ୍ଟ୍ର ଅଧିନାୟକ ଜୟଦେବ ଉନାଡକଟ୍ ୩ ଏବଂ ଚେତନ ସକରିୟା ଓ କମଲେଶ ମାକଭନ ୨ଟି ଲେଖାଏ ଉଇକେଟ୍ ନେଇଥିଲେ। ପାଞ୍ଚଦିବସୀୟ ଏହି ମ୍ୟାଚ୍‌ର ୨ୟ ଦିନ ଶେଷ ହୋଇଥିବାରୁ ଫଳାଫଳ ବାହାରିବା ଆଶା ଉଜ୍ଜୀବିତ ରହିଛି।

■ ଆନ୍ତଃ ଜିଲା ମହାବୀର କପ୍ କ୍ରିକେଟ

# ସେମିଫାଇନାଲରେ ଭୁବନେଶ୍ୱର ସ୍କାନ



ସ୍କାନ କ୍ଲବର ସମ୍ପିତ ବରାଳଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

**ଭଣ୍ଡାରିପୋଖରୀ, ୪।୨ (ଡି.ଏନ.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ନେରଡ଼ା ପଞ୍ଚାୟତ ଯଶୋଟିକିରିସ୍ଥିତ ଖେଳପଡ଼ିଆରେ ଚାଲିଥିବା ଆନ୍ତଃ ଜିଲା ମହାବୀର କପ୍ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ଥିଲା ୨ୟ କ୍ୱାର୍ଟର ମ୍ୟାଚ୍। ଏଥିରେ ଯାଜପୁର ରୋଡ କ୍ରିକେଟ ଏକାଡେମୀକୁ ହରାଇ ଭୁବନେଶ୍ୱର ସ୍କାନ କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ଯାଜପୁର ରୋଡ ଏକାଡେମୀ ଟସ୍ ଜିତି ୨୫ ଓଭରରେ ୩ ଉଇକେଟ ହରାଇ ୨୪୨ ରନ୍ କରିଥିଲା। ଦଳ ପକ୍ଷରୁ ସତ୍ୟଜିତ ଗିରି ୧୦୫ ଓ ମୋଜାକିର ଅଲି ଖାନ ୯୫ ରନ୍ କରିଥିଲେ। ପ୍ରତିପକ୍ଷର ନଦୀମ ଖାଁ ୫ ଓଭର ବୋଲିଂ କରି ୨ ଉଇକେଟ ପାଇଥିଲେ। ଜବାବରେ ସ୍କାନ କ୍ଲବ ୨୪.୪ ଓଭରରେ ୭ ଉଇକେଟ ହରାଇ ୨୪୬ ରନ୍ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ସମ୍ପିତ ବରାଳ ୫୧, ସୁଜିତ ବେହୁରା ୫୪ ଓ ଉଜ୍ଜ୍ୱଳ ଗୌଡ ୪୩ ରନ୍ କରିଥିଲେ। ପ୍ରତିପକ୍ଷର ହିମାଂଶୁ ଧଳ ୫ ଓଭର ବୋଲିଂ କରି ୪ ଉଇକେଟ ପାଇଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ସମ୍ପିତ ବରାଳଙ୍କୁ ପୁରସ୍କୃତ କରାଯାଇଥିଲା। ଦୁର୍ଗା ପଟ୍ଟନାୟକ, ଦିଜେନ୍ଦ୍ର ଘୋଷ ଅମ୍ପାୟର ଦାୟିତ୍ୱ ତୁଲାଇଥିବା ବେଳେ ମାନସ ରଞ୍ଜନ ପଣ୍ଡା ରେଫରି, ପରେଶ ରଥ ଓ ମାନସ ନନ୍ଦ ସ୍କୋରର ଥିଲେ। ପ୍ରତ୍ୟୁଷ ସାହୁ, ଦିଲୀପ ପୃଷ୍ଟି ଧାରା ବିବରଣୀ ପ୍ରଦାନ କରିଥିଲେ। ମଙ୍ଗଳବାର ଭୁବନେଶ୍ୱର ପାରାମାଉଣ୍ଟ କ୍ଲବ ଓ ଭଦ୍ରକର ଚରମ୍ପା କ୍ରିକେଟ ଏକାଡେମୀ ମଧ୍ୟରେ ୩ୟ କ୍ୱାର୍ଟର ମ୍ୟାଚ୍ ଅନୁଷ୍ଠିତ ହେବ।

ଜାତୀୟ ୟୁନିଫାଏଡ୍ ମହିଳା ଫୁଟ୍‌ବଲ

# ପଞ୍ଜାବକୁ ହରାଇଲା ଓଡ଼ିଶା



ଓଡ଼ିଶା ଏବଂ ପଞ୍ଜାବ ଦଳର ଖେଳାଳିମାନେ।

**ଭୁବନେଶ୍ୱର, ୪।୨(ସ୍ପୋର୍ଟ୍ସ ବ୍ୟୁରୋ):** ଜାତୀୟ ୟୁନିଫାଏଡ୍ ମହିଳା ଫୁଟ୍‌ବଲ ଟୁର୍ନାମେଣ୍ଟ ସୋମବାରଠାରୁ କଳିଙ୍ଗ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଯାଇଛି। ସ୍ପେଶାଲ ଅଲିମ୍ପିକ ଭାରତ-ଓଡ଼ିଶା (ଏସ୍‌ଓବି-ଓଡ଼ିଶା) ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ଏହି ପ୍ରତିଯୋଗିତାରେ ଆୟୋଜକ ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ପୁଡୁଚେରୀ, ପଞ୍ଜାବ, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡର ମାନସିକ ଅନଗ୍ରସର ପିଲାମାନେ ଅଂଶଗ୍ରହଣ କରିଛନ୍ତି। ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ପତାକା ଉତ୍ତୋଳନ କରି ଏହି ଜାତୀୟସ୍ତରୀୟ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିବା ସହ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଘାଟନୀ ଦିବସରେ ୪ଟି ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ଓଡ଼ିଶା ୫-୦ ଗୋଲରେ ପଞ୍ଜାବକୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଛି। ସେହିଭଳି ପଶ୍ଚିମବଙ୍ଗ ଡବଲ ବିଜୟ ହାସଲ କରିଛି। ପଶ୍ଚିମବଙ୍ଗ ପ୍ରଥମେ ୫-୦ରେ ଆନ୍ଧ୍ରପ୍ରଦେଶକୁ ଓ ପରେ ୬-୦ ଗୋଲରେ ଝାଡ଼ଖଣ୍ଡକୁ ପରାସ୍ତ କରିଥିଲା। ଝାଡ଼ଖଣ୍ଡ ଏହାର ଅନ୍ୟ ଏକ ମ୍ୟାଚ୍‌ରେ ୩-୦ ଗୋଲରେ କର୍ଣ୍ଣାଟକକୁ ହରାଇଛି। ଦୁଃସାହସିକ କ୍ରୀଡ଼ାବିତ୍ ଅର୍ପିତା ମହାପାତ୍ର, ପ୍ରାକ୍ତନ ନାଲକୋ ଫୁଟ୍‌ବଲ ଖେଳାଳି ବସନ୍ତ ପଣ୍ଡା, ବିଆର୍‌ଏମ୍‌ଏସ୍‌ଏଚ୍‌ଏ ଉପସଭାପତି ପ୍ରଦୀପ୍ତ ରଥ ବିଭିନ୍ନ ମ୍ୟାଚ୍‌ରେ ଅତିଥିଭାବେ ଯୋଗ ଦେଇଥିଲେ। ଜାତୀୟସ୍ତରର ରେଫରି ତ୍ରିନାଥ ସାମଲ ମ୍ୟାଚ୍ ପରିଚାଳନା କରିଥିବାବେଳେ ଏବଂ ଝସକେତନ ପ୍ରଧାନ ଓ ଝସକେତନ ସାହୁ ସହଯୋଗ କରିଥିଲେ। ଲିନେସମେନ ଓ ଦୀପକ ମହନ୍ତ ସ୍କୋରର ରହିଥିଲେ।




ରାମନାରାୟଣ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ସ୍ପୋର୍ଟ୍ସ ହଷ୍ଟେଲ ଭବାନୀପାଟଣା ସେମିରେ



ସୋମବାର ଖେଳାଯାଇଥିବା ମ୍ୟାଚରେ ଅତିଥି ଓ ରେଫେରୀଙ୍କ ସହ ଉଭୟ ଦଳର ଖେଳାଳିମାନେ।

**ମୁରିବାହାଲ, ୪।୨(ଡି.ଏନ.ଏ.)**
ବଲାଙ୍ଗୀର ଜିଲା ମୁରିବାହାଲ ଗ୍ରାମ ପଞ୍ଚାୟତ ବନବାହାଲ ଖେଳ ପଡିଆରେ ଗତ ୧ ତାରିଖଠାରୁ ଚାଲିଥିବା ରାମନାରାୟଣ ମେମୋରିଆଲ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ସେମି ଫାଇନାଲରେ ପ୍ରବେଶ କରିଛି ସ୍ପୋର୍ଟ୍ସ ହଷ୍ଟେଲ ଭବାନୀପାଟଣା। ବନବାହାଲ ଫୁଟବଲ କ୍ଲବ ଆନୁକୂଲ୍ୟରେ ସୋମବାର ଖେଳାଯାଇଥିବା ମ୍ୟାଚରେ ରାୟପୁର ଓ ସ୍ପୋର୍ଟ୍ସ ହଷ୍ଟେଲ ଭବାନୀପାଟଣା ମୁହାଁମୁହିଁ ହୋଇଥିଲା। ଏଥିରେ ଏକତରଫା ଭାବେ ଭବାନୀପାଟଣା ଦଳ ୫-୦ ଗୋଲରେ ବିଜୟୀ ହୋଇ ସେମିଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି। ଆଜିର ମ୍ୟାଚକୁ ରାଜ୍ୟ କୃଷକ ମୋର୍ଚ୍ଚାର ସମ୍ପାଦକ ହୁତାସନ ବଗର୍ତ୍ତି ମୁଖ୍ୟଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଭାଜପା ସାଧାରଣ ସମ୍ପାଦକ ନାରାୟଣ ସାହୁ, କ୍ରୀଡାବିତ ପ୍ରଦୀପ କୁମାର ଠାକୁର ସମ୍ମାନୀତ ଅତିଥିଭାବେ ଯୋଗାଦେଇଥିଲେ। ଖେଳକୁ ଶ୍ରୀବସ୍ତ ବେହେରା, ଅଶ୍ୱିନୀ ଭୁକ୍ତା, ଶିବ ଧରୁଆ, ଗିରିଧାରୀ ମଲ୍ଲିକ ପରିଚାଳନା କରିଥିଲେ । ପ୍ରଭୁଦାସ କୁମ୍ଭାର, ମନୋଜ କୁମାର ଖମାରୀ ଓ ସୁଜିତ ରଞ୍ଜନ ପାଢ଼ୀ ଧାରା ବିବରଣୀ ପ୍ରଦାନ କରିଥିଲେ । ସଭାପତି ଶିବ ଧରୁଆ, ଉପସଭାପତି ଦିଲୀପ ନାଏକ, ସାଧାରଣ ସମ୍ପାଦକ ଗୋପବନ୍ଧୁ ଭୋଇ, ଆରତୀ କୁଅଁର ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାର ନେତୃତ୍ୱ ଦେଉଛନ୍ତି। ମଙ୍ଗଳବାର ଜିଲା ଦଳ ନୂଆପଡା ଓ ମହିନ୍ଦ୍ରା ଓ ମହିନ୍ଦ୍ରା ଭୁବନେଶ୍ୱର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

## ଫ୍ୟାନ୍‌ରେ ଝୁଲି ଯୁବକଙ୍କ ଆତ୍ମହତ୍ୟା

**ସମ୍ବଲପୁର,୪।୨(ବ୍ୟୁରୋ)**
ସମ୍ବଲପୁର ସଦର ଥାନା ଅଧୀନ ଧନକଉଡାରେ ଏକ ବନ୍ଦ କୋଠରୀରୁ ଫ୍ୟାନରେ ଝୁଲନ୍ତା ଅବସ୍ଥାରେ ଜଣେ ଯୁବକଙ୍କୁ ଉଦ୍ଧାର କରାଯାଇଛି। ସେ ହେଲେ କଟକ ଜିଲା ସାଲେପୁର ଶିଶୁଅ ଅଞ୍ଚଳର ଦିଲୀପ ବେହେରା ( ୩୮) । ଜିଲା ସଦର ଡାକ୍ତରଖାନରେ ଦିଲୀପଙ୍କୁ ମୃତ ଘୋଷଣା କରାଯାଇଥିଲା । ପୋଲିସ ଏ ନେଇ ୨/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସଦର ଥାନା ଅଧିକାରୀ ସୁରେଶ ସାହୁ କହିଛନ୍ତି ଯେ, ଉକ୍ତ କୋଠରୀରୁ ଏକ ସୁଇସାଇଡ ନୋଟ୍ ଜବତ ହୋଇଛି । ସେଥିରେ ସେ ଆତ୍ମହତ୍ୟା ପାଇଁ ନିଜକୁ ଦାୟୀ କରିଛନ୍ତି। ସ୍ତ୍ରୀ ଓ ଦୁଇ ଝିଅକୁ ସ୍ନେହ ଆଦରରେ ରଖିକୁ ବୃଦ୍ଧା ମା'ଙ୍କ ଉଦ୍ଦେଶ୍ୟରେ ଲେଖିଛନ୍ତି।

# ନବଜାତ ଶିଶୁଙ୍କୁ ମିଳୁନି ହେପାଟାଇଟିସ୍-ବି ଟିକା

**ବରଗଡ଼ ଅଫିସ୍, ୪।୨**
ଶିଶୁ ମୃତ୍ୟୁହାର ରୋକିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପ୍ରତିଷେଧକ ଟୀକାକରଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହିକ୍ରମରେ ଶିଶୁ ଜନ୍ମହେବା ଦିବସଠାରୁ ଆରମ୍ଭ କରି ଟିକାକରଣର ବ୍ୟବସ୍ଥା ରହିଛି। ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ହେପାଟାଇଟିସ୍-ବି (ବାର୍ଥ ଡୋଜ୍) ଅଭାବରୁ ଦୀର୍ଘଦିନ ହେଲା ଏଠାରେ ନବଜାତ ଶିଶୁମାନେ ସେହି ଟୀକା ପାଇବାରୁ ବଞ୍ଚିତ ହେବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ଶିଶୁ ଜନ୍ମ ହେବାର ୨୪ଘଣ୍ଟା ମଧ୍ୟରେ ତାକୁ ବିସିଜି, ଓପିଭି ଏବଂ ହେପାଟାଇଟିସ୍-ବି(ବାର୍ଥ ଡୋଜ୍) ଦିଆଯିବା କଥା। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆଯାଉଥିବା ମା' ଏବଂ ଶିଶୁ ସୁରକ୍ଷା କାର୍ଡ଼ (ଏମସିପି)ରେ ଏହା ସ୍ପଷ୍ଟ ଉଲ୍ଲେଖ ରହିଛି। କିନ୍ତୁ ଜିଲା ମୁଖ୍ୟ ଡାକ୍ତରଖାନାରେ ତାହା ଉପଲବ୍ଧ ନ ଥିବାରୁ ଗତ ୧୫ଦିନ ହେଲା ଏଠାରେ ଜନ୍ମଗ୍ରହଣ କରିଥିବା ଶିଶୁଙ୍କୁ କେବଳ ବିସିଜି ଏବଂ ଓପିଭି ଟିକା ଦିଆଯାଇଛି ଏବଂ ସେମାନେ ହେପାଟାଇଟିସ୍-ବି ଟିକା ପାଇବାରୁ ବଞ୍ଚିତ ହୋଇଛନ୍ତି ।



ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସାଧୀନ ପ୍ରସୂତୀ, ନବଜାତ ଶିଶୁ ।

ଜିଲା ମୁଖ୍ୟ ଡାକ୍ତରଖାନାର ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଭର୍ତ୍ତି ହୋଇଥିବା ବିଜେପୁର ବ୍ଲକ ସମଲେଇପଦର ଗ୍ରାମର ନାରାୟଣୀ ଶିକା କହିଛନ୍ତି, ସେ ଗତ ୨ତାରିଖରେ ଡାକ୍ତରଖାନା ଆସିଥିେ। ତାଙ୍କର ଅସ୍ତ୍ରୋପଚାର ହୋଇ ଏକ ଶିଶୁକନ୍ୟା ଜନ୍ମ ହୋଇଛି। ତେବେ ଶିଶୁକନ୍ୟାକୁ ହେପାଟାଇଟିସ୍-ବି ଟିକା ଦିଆଯାଇ ନ ଥିବା ସେ କହିଛନ୍ତି। ସେହିପରି ଅନ୍ୟ ଜଣେ ପ୍ରସୂତି ବରଗଡ଼ ବାଞ୍ଜିବାହାଲି ଗ୍ରାମର ସୁଦେଷ୍ଣା ମହାକୁର ୬ ଦିନ ହେଲା ଏଠାରେ ଭର୍ତ୍ତି ହୋଇଛନ୍ତି। ତାଙ୍କର ଏକ ଶିଶୁପୁତ୍ର ଜନ୍ମ ହୋଇଛି। ତାଙ୍କ ଶିଶୁକୁ ମଧ୍ୟ ହେପାଟାଇଟିସ୍ ବି ଟିକା ଦିଆଯାଇ ନାହିଁ। କେବଳ ନାରାୟଣୀ କିମ୍ବା ସୁଦେଷ୍ଣା ନୁହଁନ୍ତି, ଗତପ୍ରାୟ ୧୫/୨୦ଦିନ ଭିତରେ ଜନ୍ମିତ ଶିଶୁମାନଙ୍କୁ ହେପାଟାଇଟିସ୍-ବି ଟିକା ଦିଆଯାଇ ନାହିଁ। ସେହି ଟିକା କେବଳ ସରକାରୀ ହସ୍‌ପିଟାଲରେ ଉପଲବ୍ଧ ହୋଇଥାଏ। ବାହାରେ ମିଳୁନାହିଁ, ନଚେତ୍ ତାହା କିଣି ଶିଶୁମାନଙ୍କୁ ଦେଇଥାନ୍ତେ ବୋଲି ପରିବାର ଲୋକେ କହିଛନ୍ତି। ଅନ୍ୟପଟେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନନ୍ଦକିଶୋର ପାଢ଼ୀ ମଧ୍ୟ ହେପାଟାଇଟିସ୍-ବି ଟିକା ଉପଲବ୍ଧ ନ ଥିବା ଏବଂ ତାହା ଶିଶୁଙ୍କୁ ଦିଆଯାଇ ନ ଥିବା ଘଟଣାକୁ ସ୍ୱୀକାର କରିଛନ୍ତି। ସେ କହିଛନ୍ତି, ସେହି ଟିକା ନ ଥିବା ଯୋଗୁ ଗତ ୧୫ଦିନ ହେଲା ଶିଶୁଙ୍କୁ ଦିଆଯାଇ ପାରି ନ ଥିଲା। ସେଥିପାଇଁ ଅର୍ଡ଼ର କରାଯାଇଥିଲା ଏବଂ ସୋମବାର ସେହି ଟିକା ପହଞ୍ଚି ସାରିଛି। ଏଣିକି ଶିଶୁଙ୍କୁ ତାହା ପ୍ରଦାନ କରାଯିବ ବୋଲି ସିଡ଼ିଏମଓ ଡା. ପାଢ଼ୀ କହିଥିଲେ।

CLASSIFIED DISPLAY


















**ସଂକ୍ଷେପରେ**

ସିମ୍ରନ ମୃତ୍ୟୁ ଘଟଣା

## ଅନଶନ ପ୍ରତ୍ୟାହାର କଲେ ମା, ବାପା

ଝାରସୁଗୁଡ଼ା ଅଫିସ,୪।୨- ଆଲବମ୍ ଅଭିନେତ୍ରୀ ତଥା ସେଲଫି ବେବୋ ଗୀତର ନାୟିକା ସିମ୍ରନ୍ ମୌର୍ଯ୍ୟା ମୃତ୍ୟୁ ମାମଲାର ସିବିଆଇ ତଦନ୍ତ ଦାବି କରି ତାଙ୍କ ମା' ଓ ବାପା ଶନିବାର ଝାରସୁଗୁଡ଼ା ଜିଲାପାଳ ଅଫିସ ସମ୍ମୁଖରେ ଅନଶନରେ ବସିଥିଲେ। ସୋମବାର ସେମାନଙ୍କ ଅନଶନ ପ୍ରତ୍ୟାହୃତ ହୋଇଛି। ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକ ସିମ୍ରନଙ୍କ ମା'ବାପାଙ୍କୁ ଭେଟି ପୋଲିସ ତଦନ୍ତ ଠିକ୍ ଭାବେ ଚାଲିଥିବା ଭରସା ଦେଇଥିଲେ। ଏହାସହ ସିବିଆଇ ତଦନ୍ତ ଦାବିକୁ ରାଜ୍ୟ ଗୃହ ମନ୍ତ୍ରାଳୟକୁ ପଠାଇ ଦେଇଥିବା ଜିଲାପାଳ କହିଥିଲେ । ଏହା ପରେ ସିମ୍ରନଙ୍କ ମା'ଓ ବାପା ଅନଶନ ପ୍ରତ୍ୟାହାର କରିଥିଲେ। ଜିଲାପାଳଙ୍କ ଅନୁରୋଧକ୍ରମେ ଅନଶନ ସ୍ଥଗିତ ରହିଛି । ଆବଶ୍ୟକ ହେଲେ ପୁଣି ଥରେ ଆମେ ଅନଶନ କରିବୁ ବୋଲି ଏହି ଦମ୍ପତି କହିଛନ୍ତି। ଏଥର କିନ୍ତୁ ଝାରସୁଗୁଡ଼ା ନୁହେଁ, ବରଂ ସମ୍ବଲପୁର କିମ୍ବା ଭୁବନେଶ୍ୱରରେ ଅନଶନ କରିବେ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଜାନୁୟାରୀ ୩ ତାରିଖ ସକାଳେ ବୁର୍ଲା ବ୍ରିଜ୍ ତଳୁ ସିମ୍ରନଙ୍କ ମୃତଦେହ ଠାବ ହୋଇଥିଲା। ତାଙ୍କ ପ୍ରେମିକ କୁହାଯାଉଥିବା ଧ୍ରୁବରାଜଙ୍କ ଠାରୁ ସମ୍ପର୍କ କାଟିଦେବା ପରେ ତାଙ୍କୁ ହତ୍ୟା କରାଯାଇଛି । ପୋଲିସ ଏ ନେଇ ଦୃଢ଼ ପଦକ୍ଷେପ ଗ୍ରହଣ କରୁନାହିଁ । ତେଣୁ ଏହି ମାମଲାର ସିବିଆଇ ତଦନ୍ତ ଦାବି କରି ଏହି ଦମ୍ପତି ଅନଶନ ଆରମ୍ଭ କରିଥିଲେ ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

■ପଶ୍ଚିମ ଓଡ଼ିଶା ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା

# ବଲାଙ୍ଗୀରର ପ୍ରଶାନ୍ତଙ୍କୁ ପଶ୍ଚିମଶ୍ରୀ

**ରାଉରକେଲା ଅଫିସ,୪।୨**

ଗତ ରବିବାର ସନ୍ଧ୍ୟାରେ ସେକ୍ଟର-୧୯ ସିଭିକ ସେଣ୍ଟର ଠାରେ ସୁନ୍ଦରଗଡ଼ ଆମେଚର ବଡି ବିଲ୍ଡିଂ ଆସୋସିଏଶନ ପକ୍ଷରୁ ପଶ୍ଚିମ ଓଡିଶା ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା(ପଶ୍ଚିମଶ୍ରୀ) ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ରୂପେ ଆରଡିଏ ଅଧ୍ୟକ୍ଷ ସାରଦା ନାୟକ ଯୋଗଦେଇ ସାମ୍ପ୍ରତିକ ଅବସ୍ଥାରେ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବା ଯୁବ ପିଢିଙ୍କ ପାଇଁ ବଡ ଆବଶ୍ୟକତା ପାଇଲଟିଛି। ସୁସ୍ଥ ଜୀବନ ଅତିବାହିତ କରିବାକୁ ହେଲେ ସୁସ୍ଥ ଓ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବାକୁ ପଡିବ। ଯେଉଁମାନେ ଏ ଦିଗରେ ସଚେତନ ଅଛନ୍ତି ସେମାନେ ଅନ୍ୟମାନଙ୍କୁ ଏ ଦିଗରେ ପ୍ରେରିତ କରିବାକୁ ନାୟକ ପରାମର୍ଶ ଦେଇଥିଲେ। ସମ୍ମାନୀତ ଅତିଥି ରୂପେ ଆଞ୍ଚଳିକ ପ୍ରଦୂଷଣ ଅଧିକାରୀ ଏଚ୍.କେ.ନାୟକ, ଆରଏସ୍‌ପି ଅଧିକାରୀ ଆଶିଷ ଚକ୍ରବର୍ତ୍ତୀ, ସୁଧାଂଶୁ ଶେଖର ମହାପାତ୍ର ଓ ପୂର୍ବତନ ଓଡ଼ିଶାଶ୍ରୀ ଦେବଦତ୍ତ ମିଶ୍ର ପ୍ରମୁଖ ଯୋଗଦେଇ କହିଥିଲେ ଆଜିର ଡିଜିଟାଲ ଯୁଗରେ ପ୍ରତ୍ୟେକ ଯୁବକ ନିଜକୁ ଯୁଗୋପଯୋଗୀ କରି ଗଢି ତୋଳିବିକୁ ପ୍ରୟାସ କରିବା ଆବଶ୍ୟକ। ବିଶେଷ କରି ସ୍ୱାସ୍ଥ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ ତଥା ବ୍ୟକ୍ତିଗତ ସମ୍ପଦକୁ କିପରି ସୁରକ୍ଷିତ ଓ ସମୃଦ୍ଧ କରାଯାଇ ପାରିବ ସେ ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ପ୍ରଦାନ କରିଥିଲେ।

ଅନୁଷ୍ଠାନର ସଭାପତି ସୁଶାନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ବିରଞ୍ଚି ମିଶ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଅନୀଲ ମଲ୍ଲିକଙ୍କ ସଂଯୋଜନାରେ ଆୟୋଜତ ପ୍ରତିଯୋଗିତାରେ ପଶ୍ଚିମ ଓଡିଶାର

### ଭାଗନେଲେ ୫୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ

୫୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲେ। ପ୍ରତିଯୋଗିତାକୁ ୬ଟି ବର୍ଗରେ ବିଭକ୍ତ କରାଯାଇଥିବା ବେଳେ ଏଥିରେ ୧ରୁ ୫୫ କିଲୋ ବର୍ଗରେ ବରଗଡ଼ର ହରି ଭୋଇ, ୨ରୁ ୬୦ କିଲୋ ବର୍ଗରେ ବରଗଡ଼ର ଦେବବ୍ରତ ସାହୁ , ୩ରୁ ୬୫ ବର୍ଗରେ ବାଲାଙ୍ଗୀରର ପ୍ରଶାନ୍ତ ଦାସ, ୪ରୁ ୭୦ କିଲୋ ବର୍ଗରେ ଝାରସୁଗୁଡ଼ାର ଗଜାନନ ରାଉତ, ୫ରୁ ୭୫ କିଲୋ ବର୍ଗରେ ବଲାଙ୍ଗୀରର ଭବାନୀଶଙ୍କର ପୃଷ୍ଟି ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିପରି ସୁନ୍ଦର ଚେହେରା ପାଇଁ ରାଉରକେଲାର ପ୍ରତାପ ଓଝାଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଥମ ସ୍ଥାନ ଅଧିକାର କରିଥିବା ସଫଳ ପ୍ରତିଯୋଗୀମାନଙ୍କୁ ନଗଦ୨୫ଶହ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା । ସୁନ୍ଦର ଚେହେରା ପାଇଁ ପୁରସ୍କୃତ ହୋଇଥିବା ଓଝାଙ୍କୁ ୧ ହଜାର ଟଙ୍କା ସହ ମାନପତ୍ର ପ୍ରଦାନ କରାଯାଇ ଥିଲା। ପ୍ରତି ବିଭାଗରୁ ପ୍ରଥମ ହୋଇଥିବା ପ୍ରତିଯୋଗୀଙ୍କୁ ନେଇ ପଶ୍ଚିମଶ୍ରୀ ଚୟନ କରାଯାଇଥିଲା। ଏଥିରେ ବଲାଙ୍ଗୀରର ପ୍ରଶାନ୍ତ ଦାସ ପ୍ରଥମ ସ୍ଥାନ ଅଧିକାର କରି ୫ହଜାର, ଦ୍ୱିତୀୟ ସ୍ଥାନରେ ଥିବା ବଲାଙ୍ଗୀରର ଭବାନୀ ପୃଷ୍ଟିଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ସେହିଭଳି ପ୍ରଥମ ୫ଟି ବର୍ଗରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ୧୫ଶହ କରି ପ୍ରଦାନ କରାଯାଇଥିବା ବେଳେ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ୧ହଜାରେ ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ସେହିଭଳି ପ୍ରତିଯୋଗିତାରେ ୪ର୍ଥ ଓ ୫ମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ୫ଶହ ଲେଖାଏ ଟଙ୍କା ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ପ୍ରଶାନ୍ତ କବି, ବିଜୟ ବଡାଇକ, ବିକ୍ରମ ସ୍ୱାଇଁ, ଉତ୍କଳ ବେହେରା, ପ୍ରଫୁଲ୍ଲା ଏକ୍କା, ଆଶିଷ ମହାନ୍ତି, ଅଭିଷେକ ମିଶ୍ର, ରଞ୍ଜିତ ମଲ୍ଲିକ, ନିଖିଳ ପ୍ରଧାନ, ଅମିତାଭ ଠାକୁର, ସୁରେଶ ମହାପାତ୍ର, ପବିତ୍ର ଲେଙ୍କା ଓ ନରହରି ରାଉତ ପ୍ରମୁଖ ପରିଚାଳନା କରିଥିଲେ।



ଅତିଥିଙ୍କ ଗହଣରେ ୨ କୃତୀ ପ୍ରତିଯୋଗୀ।

## ପୁଣି ଝାରସୁଗୁଡ଼ା ଆସୁଛନ୍ତି ମୋଦି

**ଝାରସୁଗୁଡ଼ା ଅଫିସ,୪।୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫେବୃୟାରୀ ୮ରେ ପୁଣିଥରେ ଝାରସୁଗୁଡ଼ା ଆସିବେ। ଏଥର କିନ୍ତୁ ଝାରସୁଗୁଡ଼ାରେ ତାଙ୍କର କୌଣସି କାର୍ଯ୍ୟକ୍ରମ ନାହିଁ । ଛତିଶଗଡ଼ ଲରାସ୍ଥିତ ଏନ୍‌ଟିପିସିର ଉଦ୍‌ଘାଟନୀ ଉତ୍ସବରେ ସେ ଯୋଗଦେବେ। ନିର୍ଦ୍ଧାରିତ ହୋଇଥିବା ଗସ୍ତସୂଚୀ ଅନୁସାରେ, ୮ ତାରିଖ ସକାଳ ୯.୩୫ରେ ସେ ନୂଆଦିଲ୍ଲୀରୁ ବିମାନରେ ଆସି ୧୧.୧୫ରେ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରେ ଅବତରଣ କରିବେ। ପୂର୍ବରୁ ପ୍ରସ୍ତୁତ ଥିବା ବାୟୁସେନାର ହେଲିକପ୍ଟର ଯୋଗେ ଝାରସୁଗୁଡ଼ାରୁ ଛତିଶଗଡ଼ର ରାୟଗଡ଼ ଯାତ୍ରା କରିବେ। ସେଠାରେ କାର୍ଯ୍ୟକ୍ରମରେ ଯୋଗଦେଇ ପୁଣିଥରେ ଦିନ ୧.୩୦ରେ ଝାରସୁଗୁଡ଼ା ବିମାନବନ୍ଦରରେ ପହଞ୍ଚିବେ । ସେଠାରୁ ୧.୩୫ରେ ବାୟୁସେନାର ସ୍ୱତନ୍ତ୍ର ବିମାନ ଯୋଗେ ପଶ୍ଚିମବଙ୍ଗର ବଡଡୋଗ୍ରା ଯିବା ପାଇଁ ଗସ୍ତସୂଚୀ ଧାର୍ଯ୍ୟ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି କଡା ସୁରକ୍ଷା ବନ୍ଦୋବସ୍ତ କରିବାକୁ ଜିଲା ପୋଲିସକୁ ମୌଖିକ ନିର୍ଦ୍ଦେଶ ମିଳିଥିବା ଜଣାଯାଇଛି।

## ନିଆଁରେ ପୋଡି ବୃଦ୍ଧା ମୃତ

ଅମରପାଲି, ୪।୨ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଲପଦର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗୌଡଗାଡ ଗ୍ରାମରେ ନିଆଁରେ ପୋଡି ହୋଇ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି । ମୃତା ହେଲେ ବିମଳା କଲତା (୮୫)। ସେ ଜଣେ ବିଧବା ଅଟନ୍ତି। ଶୀତରୁ ରକ୍ଷା ପାଇବା ପାଇଁ ସେ ଶନିବାର ସକାଳୁ ନିଆଁ ପୁଆଁଉ ଥିଲେ। ହଠାତ ତାଙ୍କ ଲୁଗାରେ ନିଆଁ ଲାଗି ଯାଇଥିଲା। ଶୀତବସ୍ତ୍ର ପିନ୍ଧିଥିବାରୁ ତାଙ୍କର ଦେହସାରା ନିଆଁ ଲାଗି ପୋଡି ଯାଇଥିଲା । ଲୋକେ ନିଆଁକୁ ଲିଭାଇଲା ବେଳକୁ ଶରୀରର ୮୦ ପ୍ରତିଶତ ପୋଡି ଯାଇଥିଲା। ଗୁରୁତର ଅବସ୍ଥାରେ ବିମଳାଙ୍କୁ ଆମ୍ବୁଲାନ୍ସରେ ସୋନପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧିନ ଅବସ୍ଥାରେ ସୋମବାର ଭୋର ୪ଟାରେ ତାଙ୍କ ମୃତ୍ୟୁ ହୋଇଯାଇଛି । ମୃତକଙ୍କ ଦୁଇ ପୁଅ ଗରୀବ ଶ୍ରେଣୀର ହୋଇଥିବାରୁ ତାଙ୍କ ପରିବାରକୁ ଅନୁକମ୍ପାମୂଳକ କ୍ଷତିପୁରଣ ଦେବାକୁ ଦାବି ହେଉଛି ।

## ଟ୍ରାକ୍ଟର ଓଲଟି ୩ ଆହତ

**କୁଚିଣ୍ଡା,୪।୨(ଡି.ଏନ.ଏ.)**

କୁଚିଣ୍ଡା ଥାନା ଅନ୍ତର୍ଗତ ଝାରମୁଣ୍ଡା ଛକଠାରେ ଇଟା ବୋଝେଇ ଟ୍ରାକ୍ଟର ଓଲଟି ୩ଜଣ ଆହତ ହୋଇଛନ୍ତି। ଟ୍ରାକ୍ଟରଟି ଇଟା ବୋଝେଇ କରି ଗାଁ ମଝିରୁ ଏନଏଚ- ୪୯କୁ ଆସୁଥିଲା। ହେଲେ ଗାଁ ଛକରେ ହଠାତ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଏଥିରେ ଟ୍ରାକ୍ଟର ଡ୍ରାଇଭର ରାମଚନ୍ଦ୍ର କିସାନ ଏବଂ ଦୁଇ ଶ୍ରମିକ ମନ କିସାନ, ବହ ମୁନୁ ଶବର ଆହତ ହୋଇଛନ୍ତି । ତେବେ ସମସ୍ତେ ଚିକିତ୍ସା ପରେ ସୁସ୍ଥ ଅଛନ୍ତି। ଏ ବାବଦରେ କୁଚିଣ୍ଡା ପୋଲିସ ଏକ କେସ୍ ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ହେ ପ୍ରାଣୀ ନିଜ ଆତ୍ମା ସହିତ ଯୁଦ୍ଧ କର। ବାହାର ଲୋକଙ୍କ ସହିତ ଯୁଦ୍ଧକରି କିଛି ଲାଭନାହିଁ। ଦୁଷ୍ଟ ଆତ୍ମା ସମାନ ଯୁଦ୍ଧଯୋଗ୍ୟ ଦ୍ୱିତୀୟ ବସ୍ତୁ ନାହିଁ।

- ମହାବୀର



## ସଂକ୍ଷେପରେ

### ବର୍ଣ୍ଣେଇ ଜଙ୍ଗଲରୁ ବାଇକ୍ ଜବତ

**ଟିଟିଲାଗଡ଼,୪।୨(ଡି.ଏନ.ଏ.):** ଟିଟିଲାଗଡ଼ ରେଞ୍ଜ ଅଧୀନ ବର୍ଣ୍ଣେଇ ଜଙ୍ଗଲରୁ ପୋଲିସ ଏକ ବାଇକ୍ ଜବତ କରିଛି। ବାଇକର ନମ୍ବର ପ୍ଲେଟରେ ଉଲ୍ଲେଖ ରହିଥିବା ନମ୍ବରଗୁଡିକର କିଛି ଅକ୍ଷର ଲିଭାଇ ଦିଆଯାଇଛି। ଫଳରେ ବାଇକ୍‌ର ମାଲିକ ସମ୍ପର୍କରେ ଜଣାପଡି ନାହିଁ। ମିଳିଥିବା ସୂଚନା ମୁତାବକ, କିଛିଦିନ ହେଲା ବାଇକ୍‌ଟି ଜଙ୍ଗଲରେ ପଡିରହିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ଖବର ପାଇ ବଡମାଲ ପୋଲିସ ବାଇକକୁ ଜବତ କରିଛି। ସୂଚନା ଯୋଗ୍ୟ, ଗତ ଜାନୁୟାରୀ ୨୬ ତାରିଖରେ ବାଇକ୍ ଜବତ ହେବା ସ୍ଥାନରୁ କିଛି ଦୂରରେ ଜଣେ କୁଖ୍ୟାତ ଅପରାଧୀଙ୍କ ସହ ପୋଲିସର ଗୁଳି ବିନିମୟ ହୋଇଥିଲା। ଏପରିସ୍ଥିତିରେ ବାଇକ୍‌ଟି ଏକ ଆପରାଧିକ ଗୋଷ୍ଠୀର ବୋଲି ଚର୍ଚ୍ଚା ହେଉଛି। ଅନ୍ୟପକ୍ଷେ ପୋଲିସ ଘଟଣାର ତଦନ୍ତ ଚଳାଇଥିବା ବଡମାଲ ଫାଣ୍ଡି ଅଧିକାରୀ ପ୍ରାଣବନ୍ଧୁ ସାହୁ କହିଛନ୍ତି।

### ୧୮ ଦାଦନ ଶ୍ରମିକ ଅଟକ

**ବଲାଙ୍ଗୀର ଅଫିସ, ୪।୨:** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ମହରାପଦର ଗ୍ରାମର ଶିଶୁ, ମହିଳା ସମେତ ୧୬ଜଣ ଦାଦ ଶ୍ରମିକ ଓ ବଲାଙ୍ଗୀର ଖୁଜେନପାଲି ଗ୍ରାମର ଜଣେ ବାଳିକା ଓ ମହିଳା ଦାଦନ ଶ୍ରମିକ ରାଜ୍ୟ ବାହାରେ ଅଟକ ରହିଥିବା ଜଣାପଡିଛି। ଏହି ଅଟକ ଦାଦନ ଶ୍ରମିକମାନଙ୍କ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଛି । ମହରାପଦର ଗ୍ରାମର ଅଟକ ଦାଦନ ଶ୍ରମିକମାନେ ଆନ୍ଧ୍ରପ୍ରଦେଶର ଇଚ୍ଛାପୁରମ ନିକଟ ରଟକାନା ଇଟାଭାଟିରେ ବନ୍ଧକ ଥିବା ଖବର ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଖପ୍ରାଖୋଲ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ସେହିପରି ଖୁଜେନ୍‌ପାଲି ଗ୍ରାମର ଗଣେଶ ସୁନା ତାଙ୍କ ସ୍ତ୍ରୀ ଓ ଝିଅ (୩)କୁ ନେଇ ଗତ ଅକ୍ଟୋବର ମାସରେ ତେଲେଙ୍ଗାନା ଦାଦନ ଖଟିଯାଇଥିଲେ । ୨ମାସ କାମ କଲା ପରେ ଖାଇବାକୁ ନ ଦେଇ ସେଠାରେ ନିର୍ଯାତନା ଦିଆଯିବାରୁ ଲୁଚି ପଳାଇ ଆସୁଥିବାବେଳେ ସ୍ତ୍ରୀ ଓ ଝିଅ ସେଠାରେ ରହିଯାଇଥିଲେ। ଗଣେଶ ସେଠାରୁ କୌଶଳ କ୍ରମେ ଖସି ଆସି ବଲାଙ୍ଗୀରରେ ପହଞ୍ଚିବା ପରେ ଘଟଣା ଜଣାପଡିଛି। ଶ୍ରମିକମାନଙ୍କୁ ଉଦ୍ଧାର ପାଇଁ ଜିଲା ପ୍ରଶାସନ ନିକଟରେ ନିବେଦନ କରାଯାଇଛି।

### ବିଇଓ ଅଫିସ ତାଲା ଭାଙ୍ଗି ଚୋରି ଉଦ୍ୟମ

**ସଇଁତଲା, ୪।୨(ଡି.ଏନ୍.ଏ.):** ସଇଁତଲା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ କବାଟ ଭାଙ୍ଗି ଚୋରି ଉଦ୍ୟମ ହୋଇଥିବା ଜଣାପଡିଛି। ବ୍ଲକ ଶିକ୍ଷା ଅଧିକାରୀ ଫ୍ଲୋରା ଗୋରିଆଙ୍କ କହିବା ମୁତାବକ, ଶନିବାର କିମ୍ବା ରବିବାର ରାତିରେ କେହି ଦୁର୍ବୃତ୍ତ ସଇଁତଲା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଶିକ୍ଷା ବିଭାଗର କବାଟ ଭାଙ୍ଗି ଚୋରି ଉଦ୍ୟମ କରିଥିଲେ। ଚୋରମାନେ କାର୍ଯ୍ୟାଳୟରେ ଥିବା କିଛି ଆଲମାରୀ ଭାଙ୍ଗି ଫାଇଲଗୁଡ଼ିକୁ ଫିଙ୍ଗାଫୋପଡା କରିଛନ୍ତି। ସୋମବାର ଅଫିସ ଖୋଲିବା ପରେ ଏହି ଘଟଣା ଜଣାପଡିଛି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡିଛି।

# ସଚେତନତା କ୍ୟାନସରକୁ ଦୂରେଇପାରେ

**ସୋନପୁର,୪।୨(ନି.ପ୍ର.)**




ଜିଲାପାଳ ପତାକା ଦେଖାଇ ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ କରୁଛନ୍ତି ।

**ସୁବର୍ଣ୍ଣପୁର ଜିଲା**
- ଜିଲାରେ ଅଛନ୍ତି ୧୧୮ ଜଣ କର୍କଟ ରୋଗୀ
- ସବୁ କର୍କଟ ରୋଗ ଦୁରାରୋଗ୍ୟ ନୁହେଁ
- ବାହାରିଲା ସଚେତନତା ଶୋଭାଯାତ୍ରା

ଜିଲା ସ୍ୱାସ୍ଥ୍ୟ ସମିତି ତରଫରୁ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରସ୍ଥ ଜିଲା ତାଲିମ କେନ୍ଦ୍ରଠାରେ ଏକ ସଚେତନତା ସଭା ସହ ବିଶ୍ୱ କ୍ୟାନସର ଦିବସ ସୋମବାର ପାଳିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସରୋଜ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଚେତନତା ସଭାରେ ଜିଲାପାଳ ମଧୁସୂଦନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ କର୍କଟ ରୋଗକୁ ପ୍ରତିହତ କରିବା ପାଇଁ ବ୍ୟକ୍ତିଗତ ସ୍ତରରେ ସଚେତନତା ହିଁ ମୁଖ୍ୟ ଅସ୍ତ୍ର ବୋଲି କହିଥିଲେ। ଏଥିପାଇଁ ନିୟମିତ ଭାବେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସକାଶେ ଜିଲାପାଳ ପରାମର୍ଶ ଦେଇଥିଲେ। ତେବେ ଫସଲରେ ରାସାୟନିକ ସାର ଓ କୀଟନାଶକର ବହୁଳ ବ୍ୟବହାର ଯୋଗୁଁ କର୍କଟ ରୋଗ ବୃଦ୍ଧି ପାଉଛି ବୋଲି ଜିଲାପାଳ ମିଶ୍ର ମତପ୍ରକାଶ କରିଥିଲେ। ଏସ୍‌ପି ଦେବୀପ୍ରସାଦ ଦାଶ ସମ୍ମାନିତ ଅତିଥିଭାବେ ଯୋଗଦେଇ କହିଥିଲେ ଯେ, ସବୁ କ୍ୟାନସର ବା କର୍କଟ ରୋଗ ଦୁରାରୋଗ୍ୟ ନୁହେଁ। ଏହାର ନିରାକରଣ ସମ୍ଭବ। ପ୍ରାଥମିକ ଅବସ୍ଥାରେ ଏହାର ଚିହ୍ନଟ ଓ ଉପଯୁକ୍ତ ଚିକିତ୍ସା ହୋଇ ପାରିଲେ ରୋଗୀଟିଏ ବର୍ଷ ବର୍ଷ ଧରି ସୁସ୍ଥ ରହିପାରିବ। ପିଡି ଡିଆରଡିଏ ସୂର୍ଯ୍ୟନାରାୟଣ ଦାଶ ଅନ୍ୟତମ ସମ୍ମାନିତ ଅତିଥିଭାବେ ଯୋଗଦେଇ ତମାଖୁ ସେବନ, ମଦ୍ୟପାନ, ଖାଦ୍ୟ ପଦାର୍ଥରେ ରାସାୟନିକ ଦ୍ରବ୍ୟର ବ୍ୟବହାର ଯୋଗୁଁ କର୍କଟ ରୋଗ ବୃଦ୍ଧି ପାଉଥିବା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ଡାକ୍ତର ଶୋଭା ଚନ୍ଦ୍ର ମେହେର, ଡିଏମଓ ଏମଏସ ଡାକ୍ତର ପ୍ରଦୀପ କୁମାର ଗୁରୁ, ଡିପିଏଚଓ ଡାକ୍ତର ଦୈତ୍ୟନାରାୟଣ ପାତ୍ରୀ, ଏଡିପିଏଚଓ ଭିବିଡି ଡାକ୍ତର ନବ କିଶୋର ବେହେରା, ଜିଲା ଯକ୍ଷ୍ମା ଅଧିକାରୀ ଡାକ୍ତର ପଦ୍ମାହଂସ ଦୋରା, ଏପିଡେମିଓଲୋଜିଷ୍ଟ ଡାକ୍ତର ବଟକୃଷ୍ଣ ସେଠୀ ଏବଂ ଭେଷଜ ବିଶେଷଜ୍ଞ ଡାକ୍ତର ନରେନ୍ଦ୍ର ମେହେର ପ୍ରମୁଖ କର୍କଟ ରୋଗର ଲକ୍ଷଣ ଓ ନିରାକରଣ ଉପରେ ଆଲୋଚନା କରିଥିଲେ।

ଜିଲାରେ ୧୧୮ ଜଣ କର୍କଟ ରୋଗୀ ଅଛନ୍ତି। ସେମାନଙ୍କ ମଧ୍ୟରୁ ୬ ଜଣ କେମୋ ଥେରାପି ନେଉଥିବା ସୂଚନା ଦିଆଯାଇଥିଲା। ଡିଏସଏମଓ ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁ, ଜିଲା ମଙ୍ଗଳ ଅଧିକାରୀ ପାଲକା ରବିନ୍ଦ୍ର ଓ ଜିଲା ସମାଜ ମଙ୍ଗଳ ବିଭାଗର ପ୍ରୋଗ୍ରାମ ଅଫିସର ଅନିତା ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନର ଡିପିଏମ ମୌସୁମୀ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ କେନ୍ଦ୍ରର ଛାତ୍ରୀମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଜିଲାପାଳ ଏହି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ସହକାରୀ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସାହୁ ସମସ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ସ୍ୱାସ୍ଥ୍ୟ ବିଭାଗର ପ୍ରମୋଦ କୁମାର ସାହୁ, ସମୀର କୁମାର ନାୟକ ଓ ତାରିଣୀ ପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

## ଧରିତ୍ରୀ ପ୍ରଭାବ

### ବାଙ୍କିଘିର୍ଡି ପ୍ରାଥମିକ କେନ୍ଦ୍ରରେ ଆୟୁଷ ଡାକ୍ତର ନିଯୁକ୍ତ

**ବିନିକା,୪।୨(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ବାଙ୍କିଘିର୍ଡି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘଦିନ ହେଲା ଡାକ୍ତର ପଦବୀ ଖାଲିପଡିଥିବା ଅଭିଯୋଗ ହୋଇଥିଲା। ଏହି ସମ୍ପର୍କିତ ଏକ ଖବର ଧରିତ୍ରୀରେ ପ୍ରକାଶିତ ହୋଇଥିଲା। ଏନେଇ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତତ୍ପରତା ଦେଖାଦେଇଥିଲା। ଜିଲା ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକ୍ରମେ ସୋମବାର ମହିଳା ଆୟୁଷ ଡାକ୍ତର ସୁସ୍ମିତା ପଣ୍ଡାଙ୍କୁ ବାଙ୍କିଘିର୍ଡି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତି କରାଯାଇଛି। ଡା. ପଣ୍ଡା ପର୍ବରୁ ଡୁଙ୍ଗୁରିପାଲି ବ୍ଲକ ଏସ୍‌ରାମପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟୋଜିତ ଥିବା ଜଣାପଡିଛି। ଡା. ପଣ୍ଡାଙ୍କୁ ପଚାରିବାରୁ ରୋଗୀଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ ବୋଲି କହିଛନ୍ତି।

## ଜିଲାସ୍ତରୀୟ ପାଚିକା ସଂଘର ବୈଠକ

**ବିନିକା, ୪।୨(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ସରକାରୀ ଉପ୍ରା ବିଦ୍ୟାଳୟଠାରେ ଜିଲାସ୍ତରୀୟ ପାଚିକା ସଂଘର ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି । ସଂଘ ସଭାନେତ୍ରୀ ସପ୍ତା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ କୋସଳ ନିର୍ମାଣ ମଜଦୁର ସଂଘ କେନ୍ଦ୍ରୀୟ ଅଧ୍ୟକ୍ଷ କୁଶ ପଣ୍ଡା ଯୋଗଦେଇ ଥିଲେ । ବୈଠକରେ ପାଚିକାମାନେ ସରକାରଙ୍କ ଟାଳଟୁଳ ନୀତି ବିରୋଧରେ ବିକ୍ଷୋଦ୍‌ଗାର କରିଥିଲେ। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ଯାଏଁ କାମରେ ନିୟୋଜିତ ଥିଲେ ବି ମାସିକ ପାରିଶ୍ରମିକ ମିଳୁଛି ମାତ୍ର ୧୪ଶହ । ଛୁଟି ଦିନ ମାନଙ୍କର ଦରମା ମିଳୁନାହିଁ। ବର୍ତ୍ତମାନର ଖର୍ଚ୍ଚ ବହୁଳ ସମୟରେ ଏତିକି ଟଙ୍କାରେ ଜୀବିକା ନିର୍ବାହ କଷ୍ଟକର ହେଉଛି । ଏଣୁ ମାସିକ ଦରମା ୯ ହଜାର ଟଙ୍କାକୁ ବୃଦ୍ଧି କରାଯାଉ। ଏଥି ସହିତ ଛୁଟିଦିନଗୁଡିକର ଦରମା ଦେବାକୁ ଦାବି କରାଯାଇଥିଲା। ଏହି ନ୍ୟାୟୋଚିତ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ପାଚିକାମାନେ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବେ ବୋଲି ବୈଠକରେ ଚେତାବନୀ ଦେଇଥିଲେ । ଆସନ୍ତା ୧୬ତାରିଖ ଓଡିଶା ରାଜ୍ୟ ପାଚିକା ସଂଘ ଭୁବନେଶ୍ୱରଠାରେ ହେବାକୁ ଥିବା ବୈଠକରେ ସାମିଲ ହେବାକୁ ସଂଘ ସୂଚନା ଦେଇଛି। ଆଜିର ବୈଠକରେ ବୁଣାକାର ସଂଘର ରାଜ୍ୟ ଉପସଭାପତି ଡମ୍ବରୁଧର ମେହେର, ଡୁଙ୍ଗୁରିପାଲି ମଜଦୁର ସଂଘର ଉପସଭାପତି ପଞ୍ଚାନନ ପଧାନ, ଡୁଙ୍ଗୁରିପାଲି ବ୍ଲକର ପାଚିକା ସଂଘ ସଂଯୋଜିକା ଚନ୍ଦ୍ରମା ବାଗ, ବିନିକା ବ୍ଲକର ଶାନ୍ତି ରଣା, ଲଳିତା ପଧାନ, ଉଲୁଣ୍ଡା ବ୍ଲକର ପାରା ଭୂଏ, ସରିତା କର୍ମୀ, ତରଭା ବ୍ଲକର ଶାନ୍ତି ନାୟକ, ସବିତା ଜେନା ପ୍ରମୁଖ ଉପସ୍ଥିତ ଥିଲେ । ସମ୍ପାଦିକା ଗୁରୁବାରୀ ଭୋଇ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କୋଷାଧ୍ୟକ୍ଷା ମମତା ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।



ବିନିକା ସରକାରୀ ଉପ୍ରା ବିଦ୍ୟାଳୟଠାରେ ଜିଲାସ୍ତରୀୟ ପାଚିକା ସଂଘର ବୈଠକ।

## କୁମ୍ଭାର ସଂଘର ମହାସଭା

**ଡୁଙ୍ଗୁରିପାଲି, ୪।୨ (ଡି.ଏନ.ଏ.)**

ଡୁଙ୍ଗୁରିପାଲି ବ୍ଲକ ନାଇକେନପାଲି ଗ୍ରାମର ଶାନ୍ତି ନିକେତନ କଲ୍ୟାଣ ମଣ୍ଡପରେ ଦୁଇ ଦିନ ଧରି ଜିଲା କୁମ୍ଭାର ସଂଘର ବାର୍ଷିକ ମହାସଭା ଅନୁଷ୍ଠିତ ହୋଇଯାଇଛି। ବ୍ଲକ କୁମ୍ଭାର ସଂଘ ସଭାପତି ହୃଷିକେଶ ରଣାଙ୍କ ଦ୍ୱାରା ସମାଜର ଇଷ୍ଟଦେବୀ ନୀରାକାର ସ୍ୱାମୀଙ୍କୁ ପୂଜାର୍ଚ୍ଚନା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ମୁଖ୍ୟ ଅତିଥିଭାବେ ପ୍ରଫୁଲ୍ଲ କୁମାର ବେହେରା ଯୋଗଦେଇ କୁରାଳ ପତାକା ଉତ୍ତୋଳନ କରିଥିଲେ । ମୁଖ୍ୟବକ୍ତା କପିଳ ରଣା, ସମ୍ମାନୀତ ଅତିଥି ଭାବେ ଜିଲା ସଭାପତି ପିତାମ୍ବର ରଣା, ଅନନ୍ତ ରଣା, ଦେବପ୍ରସାଦ ରଣା, ଜିତେଶ୍ୱର ରଣା, ତ୍ରିନାଥ ରଣା, ସୁଦର୍ଶନ ରଣା, ହୃଷିକେଶ ରଣା,ମହାଦେବ ରଣା, ପଞ୍ଚାନନ ରଣା, ଝରି ରଣା, ରଘୁନାଥ ରଣା, ଫଗୁନୁ ରଣା, ଜିଲା ସମ୍ପାଦକ ନିରାକାର ରଣା ପ୍ରମୁଖ ଯୋଗ ଦେଇଥିଲେ । ପରେ ଜିଲାସ୍ତରୀୟ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ସଭାପତି ଭାବେ ପୀତାମ୍ବର ରଣା, ଉପସଭାପତି ଗଣେଶ୍ୱର ରଣା, ସୁରେଶ ରଣା ଓ ଅନନ୍ତ ରଣା, କାର୍ଯ୍ୟକାରୀ ସଭାପତି ସୁଦର୍ଶନ ରଣା, ସମ୍ପାଦକ ନିରାକାର ରଣା, ସହସମ୍ପାଦକ ତ୍ରିନାଥ ରଣା, କୋଷାଧ୍ୟକ୍ଷ ଭାବେ ସୁଦର୍ଶନ ରଣାଙ୍କୁ ରଖାଯାଇଛି। ବାସୁଦେବ ରଣା,କାହ୍ନୁ ରଣା, ସଂକୀର୍ତ୍ତନ ରଣା, ଯୁଧିଷ୍ଠିର ରଣା, ନିରଞ୍ଜନ ରଣା, ଫକିର ରଣା, ଖଗେଶ୍ୱର ରଣାଙ୍କୁ ସଭ୍ୟ ଭାବେ ଚୟନ କରାଯାଇଥିଲା । ଶେଷରେ ସହସମ୍ପାଦକ ତ୍ରିନାଥ ରଣା ଧନ୍ୟବାଦ ଅର୍ପଣ କରିଥିଲେ ।

## ପାତାଳି ମହୋତ୍ସବ ପାଇଁ କଳସ ଶୋଭାଯାତ୍ରା

**ଉଲୁଣ୍ଡା, ୪।୨(ଡି.ଏନ.ଏ.)**



ପାତାଳି ମହୋତ୍ସବ ପାଇଁ ସୋମବାର ବାହାରିଥିବା କଳସ ଶୋଭାଯାତ୍ରା।

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ପାତାଳି ଶ୍ରୀକ୍ଷେତ୍ର କୋଟସମଲାଇଠାରେ ୧୪ତମ ପାତାଳି ମହୋତ୍ସବ ପାଇଁ ସୋମବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସଂସ୍କୃତି ଅଧିକାରୀ ଅଶୋକ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନ ଓ ପୂର୍ଣ୍ଣଚନ୍ଦ୍ର ପାତ୍ରୀଙ୍କ ସଂଯୋଜନାରେ ହୋଇଥିଲା କଳସ ଶୋଭାଯାତ୍ରା। ସ୍ଥାନୀୟ ଗୁପ୍ତେଶ୍ୱର ମନ୍ଦିର ପରିସରସ୍ଥ ପୋଖରୀରୁ ୧୫୧ମହିଳା ପୂର୍ଣ୍ଣ କଳସ ଧାରଣ କରି ମହୋତ୍ସବର ପଞ୍ଚକୁଣ୍ଡୀୟ ଘୃତଯଜ୍ଞ ପୀଠରେ ସ୍ଥାପନ କରିଥିଲେ। ଆଚାର୍ଯ୍ୟ ଦେବାର୍ଚ୍ଚନ ଦାଶ ପୂଜାର୍ଚ୍ଚନା କରିଥିବା ବେଳେ ସସ୍ତ୍ରୀକ ଚମରା ଅମାତ, ଚିତରଞ୍ଜନ ପାତ୍ରୀ, ସତ୍ୟାନନ୍ଦ ମେଣ୍ଡେଲି, ଗୋପାଳପଣ୍ଡା, କମଳାକାନ୍ତ ବାଘ ଏବଂ ନାରାୟଣ ତ୍ରିପାଠୀ ପ୍ରମୁଖ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଏହି କଳସ ଶୋଭାଯାତ୍ରାରେ କୋଟସମଲାଇ, ଭାଲୁବାହାଲ, ମାନମାଲ, ଡୁଡୁପାଲି, ଜଉଁରାଭଉଁରା, ଜାଳୋଏ, କଇରାଖୁଲି, ଦଶରାଜପୁର, ଦୀପପାଲି, ସୁବଳୟା ଓ ବୈରାଗିପାଲିର ୧୦ସଂକୀର୍ତ୍ତନ୍ୟ, ପତରସଉରା, ସବରସବରାଣୀ ଏବଂ ଘଣ୍ଟବାଦ୍ୟ ଆଦି ସାଂସ୍କୃତିକ ଦଳ ସାମିଲ ହୋଇଥିଲେ। ଏହି ଅବସରରେ ରାଧାକୃଷ୍ଣଙ୍କୁ ଶୋଭାଯାତ୍ରାରେ ନେଇ ଭାଗବତ ପାରାୟଣ ମଣ୍ଡପ ଓ ନାମମଣ୍ଡପଠାରେ ଅବସ୍ଥାପିତ କରାଯାଇଥିଲା। ଅନୁଷ୍ଠାନର ସାଂସ୍କୃତିକ ସମ୍ପାଦକ ଉତ୍ତର କୁମାର ପାତ୍ର କାର୍ଯ୍ୟକ୍ରମ ସମ୍ପାଦନା କରିଥିବା ବେଳେ ମହେଦେବ ସାହୁ ଓ ଜାନକୀରାମ ଦେହୁରୀ ଏଥିରେ ସହାୟତା କରିଥିଲେ। ୫ ତାରିଖରୁ ଆରମ୍ଭ ହେବାକୁ ଥିବା ମହୋତ୍ସବ ୭ ଦିନ ଧରି ଚାଲିବ।

## ଆଜିଠୁ ସରକାରଙ୍କ ଧାନ କିଣା ବନ୍ଦ: ମଣ୍ଡିରେ ପଡ଼ି ରହିଛି ଧାନ

**ସୋନପୁର,୪।୨(ନି.ପ୍ର.)**

ଫେବୃୟାରୀ ୫ରୁ ସରକାର ଆଉ ଚାଷୀଙ୍କଠାରୁ ଧାନ କିଣିବେ ନାହିଁ। ଯୋଗାଣ ବିଭାଗର ସଚିବ ବୀର ବିକ୍ରମ ଯାଦବ ଏ ନେଇ ସ୍ପଷ୍ଟ କରି ସାରିଛନ୍ତି ଫଳରେ ଜିଲାର ଚାଷୀଙ୍କ ମଧ୍ୟରେ ଭାଳେଣି ସୃଷ୍ଟି ହୋଇଛି। କାରଣ ଚାଷୀଙ୍କ ପାଖରେ ପ୍ରାୟ ୨ଲକ୍ଷ କୁଇଣ୍ଟାଲ ବଳକା ଧାନ ରହିଯାଇଛି । ସୁବର୍ଣ୍ଣପୁର ଜିଲାର ତରଭା, ସୋନପୁର, ଡୁଙ୍ଗୁରିପାଲି, ବୀରମହାରାଜପୁର ଓ ଉଲୁଣ୍ଡା ବ୍ଲକର ବିଭିନ୍ନ ପ୍ୟାକ୍ସରେ ଧାନ ବସ୍ତା ପଡି ରହିଛି। ତରଭା ବ୍ଲକର ସିଂହାରୀ, ବଘିଆ, ଦେଉଳପଦର, ମେଣ୍ଡା, ସୋନପୁର ବ୍ଲକର ନାରାୟଣପୁର, ଡୁଙ୍ଗୁରିପାଲି ବ୍ଲକର ଇଚ୍ଛାପୁର, ଦିଗଶିରା ଓ ବୀରମହାରାଜପୁର ବ୍ଲକର କୁଞ୍ଜାପାଲିରେ ଚାଷୀଙ୍କ ଧାନ ମଣ୍ଡିରେ ରହିଥିବା ଅଭିଯୋଗ ହୋଇଛି। ସରକାର ଧାନ ସଂଗ୍ରହ ଆଉ ୭ ଦିନ ବୃଦ୍ଧି କରିବାକୁ ଚାଷୀ ମହଲରେ ଦାବି ହେଉଛି। ଚଳିତ ଖରିଫରେ ସୁବର୍ଣ୍ଣପୁର ଜିଲାରୁ ୩୧ ଲକ୍ଷ ୬୯ ହଜାର ୯୬ କୁଇଣ୍ଟାଲ ଧାନ ସଂଗ୍ରହ କରିବାକୁ ସରକାର ଲକ୍ଷ୍ୟ ରଖିଥିଲେ। ଜିଲାର ୪୧ ମିଲର୍ସ ଓ ବଲାଙ୍ଗୀର ଜିଲାର ୨୦ ମିଲର୍ସଙ୍କ ଦ୍ୱାରା ୬୪ ପ୍ୟାକ୍ସ ଜରିଆରେ ବର୍ତ୍ତମାନ ସୁଦ୍ଧା ୨୯ ଲକ୍ଷ ୫୩ ହଜାର ୮୦୮ କୁଇଣ୍ଟାଲ ଧାନ କିଣା ଯାଇଛି । ଯାହାକି ଧାର୍ଯ୍ୟ ଲକ୍ଷ୍ୟର ୯୩ %। ତେବେ ଉତ୍ପାଦନ ବଢି ଥିବାରୁ ଜିଲାର ଟାର୍ଗେଟ୍ ସରକାର ବୃଦ୍ଧି କରିବା ଆବଶ୍ୟକ ବୋଲି ଚାଷୀ ମହଲରେ ଦାବି ହେଉଛି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ବିବେକାନନ୍ଦ କୋରକୋରା କୁହନ୍ତି ଚାଷୀଙ୍କ ଧାନ ପ୍ରାୟ ଉଠି ସାରିଛି । ଆଉ ଅଳ୍ପ କିଛି ଚାଷୀଙ୍କର ଧାନ କେତେକ ପ୍ୟାକ୍ସରେ ରହିଯାଇଛି। ସରକାର ଧାନ ସଂଗ୍ରହ ବନ୍ଦ କରି ଥିବାରୁ କୌଣସି ପରିସ୍ଥିତିରେ ଆଉ ଧାନ କିଣିବା ସମ୍ଭବ ନୁହଁ।

## ଘରଡ଼ିହ ପଟ୍ଟା ଦାବିରେ ମହିଳାଙ୍କ ବିକ୍ଷୋଭ

**ସୋନପୁର,୪।୨(ନି.ପ୍ର.)**

ସୋନପୁର ବ୍ଲକ ଖରଝୁରା ପଞ୍ଚାୟତର ନୂଆବସ୍ତି ଓ ବାଘପାଲି ଗ୍ରାମର ଶତାଧିକ ମହିଳା ଘରଡିହ ପଟ୍ଟା ଦାବିରେ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ୪୦୦ରୁ ଉର୍ଦ୍ଧ୍ୱ ପରିବାର ଗତ ୩୫ ବର୍ଷ ଧରି ସରକାରୀ ଜମିରେ ରହି ଆସୁଛନ୍ତି । ଘରଡିହ ପଟ୍ଟା ପାଇବା ପାଇଁ ଏହି ପରିବାର ଗୁଡିକ ପୂର୍ବରୁ ବହୁବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। କିନ୍ତୁ ପ୍ରଶାସନ ଦାବି ପତ୍ର ଅଣଦେଖା କରି ଆସିଛି। ଫଳରେ ଏହି ପରିବାରଗୁଡିକ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ହୋଇ ପାରୁ ନାହାନ୍ତି। ବାସସ୍ଥାନ ପ୍ରମାଣପତ୍ର ଅଭାବରୁ ପିଲାମାନେ ପାଠ ପଢିବାରେ ଅସୁବିଧା ଭୋଗୁଛନ୍ତି। ଏ ସମ୍ପର୍କରେ ଗ୍ରାମର ମହିଳାମାନେ ସୋମବାର ଜିଲାପାଳଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ୭ଦିନ ଭିତରେ ପ୍ରଶାସନ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବ ବୋଲି ଜିଲାପାଳ ମଧୁସୂଦନ ମିଶ୍ର ପ୍ରତିଶୃତି ଦେଇଛନ୍ତି। ଜିଲା କଂଗ୍ରେସ କମିଟି ସଭାପତି ଶଙ୍କର ଦାଶଙ୍କ ନେତୃତ୍ୱରେ ଜିଲା ସାଧାରଣ ସମ୍ପାଦକ ବରୁଣ ସୁନା, ଗୌରୀ ନାଗ, ବାଘପାଲି ଗ୍ରାମର ଗୌରୀ ନାଗ, ବାସନ୍ତି ରାଉତ, ରୀନା ମେହେର, ରଶ୍ମିତା ଦୀପ, ରଶ୍ମିତା ସାହୁ, ତପସ୍ୱିନୀ ମେହେର, ନୂଆବସ୍ତି ଗ୍ରାମର ନୁରାବତୀ ମେହେର, ବେଦମତି ମେହେର, ସୀତା ମେହେର, ରୀତା ମେହେର, ଗୀତା ମେହେର ଓ ଆରତୀ ଝାଙ୍କର ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।



ମହିଳାମାନେ ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

### ସଡକ ସୁରକ୍ଷା ସପ୍ତାହ ଉଦ୍‌ଘାଟିତ

# ବାହାରିଲା ସଚେତନତା ଶୋଭାଯାତ୍ରା

**ସୋନପୁର,୪।୨(ନି.ପ୍ର.)**




ଉଦ୍‌ଘାଟନୀ ସଭାରେ ମଞ୍ଚାସୀନ ଅତିଥି ବୃନ୍ଦ।

- ଜିଲାରେ ଦୁର୍ଘଟଣା ହ୍ରାସ ପାଇଛି
- ଡ୍ରାଇଭର, ଜନସାଧାରଣଙ୍କୁ ସଚେତନ ଉପରେ ଗୁରୁତ୍ୱ

ସୁବର୍ଣ୍ଣପୁରରେ ୩୦ତମ ଜାତୀୟ ସଡକ ସୁରକ୍ଷା ସପ୍ତାହ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ଜିଲାପାଳ ମଧୁସୂଦନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବିଦ୍ୟାଳୟରେ ଶିଶୁମାନଙ୍କୁ ସଡକ ସୁରକ୍ଷା ସମ୍ପର୍କରେ ସଚେତନତା କରାଯିବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଜନସାଧାରଣ ଓ ଡ୍ରାଇଭରମାନେ ଟ୍ରାଫିକ୍ ନିୟମ ସମ୍ପର୍କରେ ସଚେତନ ହେଲେ ଦୁର୍ଘଟଣା ବହୁ ପରିମାଣରେ ହ୍ରାସ ପାଇବ ବୋଲି ଜିଲାପାଳ ମିଶ୍ର ମତ ଦେଇଥିଲେ। ଏସ୍‌ପି ଦେବୀପ୍ରସାଦ ଦାଶ ସମ୍ମାନିତ ଅତିଥିଭାବେ ଯୋଗଦେଇ ବେପରୁଆ ଗାଡିଚାଳନା ଯୋଗୁଁ ୯୦ପ୍ରତିଶତ ଦୁର୍ଘଟଣା ଘଟିଥାଏ। ମଦ୍ୟପ ଡ୍ରାଇଭରଙ୍କୁ ଧରିବା ଓ ଗାଡି ଚାଳନା ନିୟମ ସମ୍ପର୍କରେ ସଚେତନ କରାଯିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଚଳିତ ବର୍ଷ ଜିଲାରେ ସଡକ ସୁରକ୍ଷା ସମ୍ପର୍କିତ ବିଭିନ୍ନ ସଚେତନାତ୍ମକ କାର୍ଯ୍ୟକ୍ରମ ଗ୍ରହଣ କରାଯିବା ଫଳରେ ଦୁର୍ଘଟଣା ୨୭ପ୍ରତିଶତ ହ୍ରାସ ପାଇଛି ବୋଲି ଏମଭିଆଇ ରବିନ ପଟ୍ଟନାୟକ ସୂଚନା ଦେଇଥିଲେ। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଓ ଡିଆରଡିଏ ପିଡି ସୂର୍ଯ୍ୟନାରାୟଣ ଦାଶ ଅନ୍ୟତମ ସମ୍ମାନିତ ଅତିଥିଭାବେ ଯୋଗଦେଇ ସଡକ ସୁରକ୍ଷା ସମ୍ପର୍କରେ ଶିକ୍ଷିତ କରାଯିବା ସହିତ ସେହି ଅନୁସାରେ ରାସ୍ତା ନିର୍ମାଣ, ବାଇକ୍ ଚାଳକ ହେଲମେଟ୍ ବ୍ୟବହାର କଲେ ଦୁର୍ଘଟଣା ହ୍ରାସ ପାଇବ ବୋଲି ମତପ୍ରକାଶ କରିଥିଲେ। ସୋନପୁର ଉପଜିଲାପାଳ ତଥା ଭାରପ୍ରାପ୍ତ ଆଞ୍ଚଳିକ ପରିବହନ ଅଧିକାରୀ ବଳରାମ ମଲ୍ଲିକ ଟ୍ରାଫିକ୍ ନିୟମ ନ ମାନିବା, ମୋବାଇଲ ଫୋନ ବ୍ୟବହାର କରି ଗାଡି ଚାଳାଇବା, ଦ୍ରୁତ ଗାଡି ଚାଳନା ଓ ନିଶା ସେବନ ପାଇଁ ଦୁର୍ଘଟଣା ବୃଦ୍ଧି ପାଉଛି। ଏଥିପାଇଁ ସଚେତନତା ହିଁ ଏକମାତ୍ର ପ୍ରତିଷେଧକ ବୋଲି କହିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଡାକ୍ତର ସରୋଜ କୁମାର ନାୟକ ଯୋଗଦାନ କରି ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ସଠିକ୍ ସମୟରେ ନିକଟତମ ଡାକ୍ତରଖାନାରେ ପହଞ୍ଚାଇବା ପାଇଁ ଜନସାଧାରଣ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ । ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଶିବାଶିଷ ନାୟକ ମଞ୍ଚାସୀନ ଥିଲେ। ମନୋରଞ୍ଜନ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଟ୍ରାଫିକ ସବ୍ ଇନ୍ସପେକ୍ଟର ସୁଶାନ୍ତ କୁମାର ପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର, ପୋଲିସ, ଅଗ୍ନିଶମ ବିଭାଗ ଓ ଅବକାରୀ ବିଭାଗର କର୍ମଚାରୀଙ୍କୁ ନେଇ ଏକ ସଚେତନତା ରାଲି ସହର ପରିକ୍ରମା କରିଥିଲା। ଜିଲାପାଳ ସବୁଜ ପତାକା ଦେଖାଇ ଏହି ରାଲିର ଶୁଭାରମ୍ଭ କରିଥିଲେ। ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଜିଲାର ବିଭିନ୍ନ ସ୍ଥାନରେ ସଡକ ସୁରକ୍ଷା ସମ୍ପର୍କିତ ସଚେତନତା ସହିତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ଜିଲା ସଡକ ସୁରକ୍ଷା କମିଟିର ସଭ୍ୟ ଶ୍ରୀବତ୍ସ ମଲ୍ଲିକ, ପୁରୁଷୋତ୍ତମ ପାଣିଗ୍ରାହୀ, ମୃତ୍ୟୁଞ୍ଜୟ ଶତପଥୀ ଓ ସ୍ୱାଧୀନ ମେହେର ପ୍ରମୁଖ ଉପସ୍ଥିତ ଥିଲେ ।



ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ



## ସଂକ୍ଷେପରେ

### ରେହେଟି ଦୋଳିରୁ ପଡ଼ି ଦୁଇ ଆହତ

**ଭେଡ଼େନ, ୪।୨(ଡ଼ି.ଏନ.ଏ):** ଭେଡ଼େନଠାରେ ଚାଲିଥିବା ରାମଲୀଳା ମହୋତ୍ସବରେ ମୀନାବଜାର ରେହେଟି ଦୋଳିରୁ ରବିବାର ରାତ୍ରିରେ ପଡ଼ିଯାଇ ୨ଜଣ ଆହତ ହୋଇଛନ୍ତି । ଆହତମାନେ ହେଲେ ବଡ଼ପିପିଲିପାଲିର ଭି. ଏସ. ଗିରିସୁ ଏବଂ ଖଇରପାଲିର ଗଣେଷ ମହାକୁର । ସେମାନଙ୍କୁ ବିଜୁ ଯୁବ ବାହିନୀର ସଦସ୍ୟମାନେ ଉଦ୍ଧାର କରି ଭେଡ଼େନ ଡ଼ାକ୍ତରଖାନା ନେଇଥିଲେ । ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବୁର୍ଲା ଡ଼ାକ୍ତରଖାନା ସ୍ଥାନାନ୍ତର କରାଯାଇଛି ।

### ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ଉଦ୍‌ଯାପିତ

**ସୋହେଲା,୪।୨(ଡି.ଏନ.ଏ):** ସୋହେଲା ବ୍ଲକ ତବଡା ପଞ୍ଚାୟତ ଅନ୍ତର୍ଗତ ପଧାନପାଲିରେ ଚାଲିଥିବା ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ମହିମା ବାଲ୍ୟଲୀଳା ରବିବାର ଉଦ୍‌ଯାପିତ ହୋଇଛି । ପ୍ରଥମ ଦିନ ଅପରାହ୍ନ ୩ଟାରେ ବ୍ରହ୍ମାବଧୂତ ଉଦ୍ଧବ ଚରଣ ବାବାଙ୍କ ପୌରୋହିତ୍ୟରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ବିଶ୍ୱକଲ୍ୟାଣ ନିମନ୍ତେ ବ୍ରହ୍ମଧୂନି ପ୍ରଜ୍ୱଳନ, ଅଖଣ୍ଡବତୀ ବ୍ରହ୍ମାର୍ପଣ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଯଜ୍ଞରେ ସାଧୁ ଶ୍ରୀବନ୍ତ ଦାସ, ମନୁ ଦାସ, ନିରାଳମ୍ବ ଦାସ, ଦ୍ୱାରିକା ଦାସ, ଦେବାନନ୍ଦ ଦାସ, ଗିରିଜା ଶଙ୍କର ଦାସ, ରାମାନନ୍ଦ ଦାସ, ଦିଲୀପ ବ୍ରହ୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ ।

### କ୍ରିକେଟ: ବାଲିପଟା ଦଳ ଚାମ୍ପିୟନ

**ପଦ୍ମପୁର, ୪।୨ (ଡି.ଏନ.ଏ):** ପଦ୍ମପୁର ଉପଖଣ୍ଡ ପୁରେନା ମହାଜନକଟା ପଡିଆରେ ଷ୍ଟାର କ୍ଲବ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟରେ ବାଲିପଟା ଦଳ ଚାମ୍ପିୟନ ହୋଇଛି । ଫାଇନାଲ ମ୍ୟାଚ୍ ଲୋହାରପାଲି ଓ ବାଲିପଟା ଦଳ ମଧ୍ୟରେ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ପୂର୍ବତନ ମନ୍ତ୍ରୀ ବିଜୟ ରଞ୍ଜନ ସିଂ ବରିହା ମୁଖ୍ୟଅତିଥି, ପୁରେନା ନୋଡାଲ ସ୍କୁଲର ପ୍ରଧାନଶିକ୍ଷକ ସୂର୍ଯ୍ୟନାରାୟଣ ହୋତା ଏବଂ ସମିତି ସଭ୍ୟ ପ୍ରଶାନ୍ତ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ମୁନା ଖାଁ ଓ ଧରଣୀଧର ବାରିକ ଖେଳ ପରିଚାଳନା କରିଥିବା ବେଳେ କୁନା ଖାଁ ଓ ଗଗନ ସାହୁ ସ୍କୋରର ଦାୟିତ୍ୱରେ ଥିଲେ । ସଞ୍ଜୀବ ବେହେରା, ବୁଲୁ ସାହୁ, ରାମ ସାହୁ, ପ୍ରଦୀପ କାଲୁ, ମିତ୍ର ପଟେଲ ପ୍ରମୁଖ ସହଯୋଗ କରିଥିଲେ ।

### ବିଞ୍ଝାଲ ସମାଜର ବାର୍ଷିକ ସଭା

**ଝାରବନ୍ଧ, ୪।୨ (ଡି.ଏନ.ଏ):** ଝାରବନ୍ଧ ବ୍ଲକସ୍ତରୀୟ ସର୍ବଭାରତୀୟ ବିଞ୍ଝାଲ ସମାଜର ବାର୍ଷିକ ସଭା କନ୍ଦାଡଙ୍ଗରେ ସ୍ଥିତ ବିନ୍ଧ୍ୟବାସିନୀ ପିଠରେ ଅନୁଷ୍ଠିତ ହୋଇଛି । ଏହି ଅବସରରେ ଯୁବଗୋଷ୍ଠୀମାନଙ୍କୁ ନେଇ ପାରମ୍ପରିକ ଧନୁଶର ଲକ୍ଷ୍ୟଭେଦ, ଧନୁଗୁଟା, ଗୁଲେରଗୁଟା, ନୃତ୍ୟ, ଗୀତ, ବକ୍ତବ୍ୟ, ଗପ ପ୍ରତିଯୋଗିତା କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ବିଞ୍ଝାଲ ସମାଜର ଲାଟ ସଭାପତି ହୃଷିକେଶ ବରିହା ମୁଖ୍ୟଅତିଥି ଭାବେ ଯୋଗଦାନ କରି ଉଦ୍‌ଘାଟନ କରିଥିଲେ । ଉଦ୍‌ଯାପନୀ ସଭାରେ ପ୍ରେମାନନ୍ଦ ବରିହା, ଚନ୍ଦ୍ରଶେଖର ବାଗ, କୀର୍ତ୍ତନ ବରିହା, ଅମୃତଲାଲ ବରିହା, ଜବାହାର ଲାଲ ସିଂ ବରିହା, ଆତ୍ମାରାମ ବରିହା, ଜୟନ୍ତୀ ବରିହା, ଶଙ୍କର ମାଝୀ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ । ଶିକ୍ଷକ ତ୍ରିଲୋଚନ ବରିହା ମଞ୍ଚ ପରିଚାଳନା କରିଥିଲେ ।

### ବିଶ୍ୱକଲ୍ୟାଣ ହୋମଯଜ୍ଞ, ପ୍ରବଚନ

**ପାଇକମାଳ, ୪।୨ (ଡି.ଏନ.ଏ):** ପାଇକମାଳ ହାଇସ୍କୁଲ ପଡିଆ ନିକଟରେ ଅନ୍ତଃରାଷ୍ଟ୍ରୀୟ ସାଧକ ପରିବାର ତରଫରୁ ବିଶ୍ୱକଲ୍ୟାଣ ପାଇଁ ପ୍ରବଚନ ଓ ହୋମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାମଚନ୍ଦ୍ର ସାହୁ ଓ ତାଙ୍କ ସ୍ତ୍ରୀ ତପସ୍ୱିନୀ ସାହୁ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପଞ୍ଚାନନ ମିଶ୍ର ଯଜ୍ଞକାର୍ଯ୍ୟ ଓ ଶୁଭ୍ରାଂଶୁ ଦାସ ପ୍ରବଚନ ଦେଇଥିଲେ। ଯଜ୍ଞରେ ୧ ଲକ୍ଷ ୨୫ ହଜାର ମନ୍ତ୍ରଜପ କରାଯାଇଥିଲା । ଗିରିଧାରି ପୁରୋହିତ, ଡା. ସବିତା ଚରଣ ମେହେର, ଡା. ବୁଲୁ ବାରିକ, ଡା. ଜୟଶ୍ରୀ ସାହୁ, ସୁଭାଶିନୀ ମେହେର, ମହାଦେବ ବେହେରା, ଡା. ପ୍ରଦୀପ ସାହୁ ସହଯୋଗ କରିଥିଲେ ।

# ତେଜିଲା ବୀମା କ୍ଷତିପୂରଣ ଆନ୍ଦୋଳନ

**ବରଗଡ଼ ଅଫିସ୍/ବିଜେପୁର,୪।୨**

**ବରଗଡ଼ ଜିଲା**



ଗୋବିନ୍ଦପୁର ପ୍ୟାକ୍ସରେ ଚାଷୀମାନେ ତାଲା ପକାଇଛନ୍ତି ।

- ଚାଷୀମାନଙ୍କୁ ଏଯାଏ ମିଳିନି ୨୦୧୭ର ବୀମା କ୍ଷତିପୂରଣ
- କମ୍ପାନୀ ଉପରେ ଆହୁରି ୪୩ କୋଟି ଟଙ୍କା ବକେୟା ପଡ଼ିଛି
- ବ୍ୟାଙ୍କ ଓ ପ୍ୟାକ୍ସରେ ତାଲା ପକାଇଲେ ଚାଷୀ
- ଅଭିଯୋଗ ପରେ ବି ସରକାରୀ ସ୍ତରରେ ନିଆଯାଉନାହିଁ ପଦକ୍ଷେପ
- କ୍ଷତିପୂରଣ ନ ମିଳିଲେ ଆନ୍ଦୋଳନ ବ୍ୟାପକ ହେବ

ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାକୁ ନେଇ ଚାଷୀ ମହଲରେ ଦେଖାଯାଇଥିବା ଅସନ୍ତୋଷ ଥମିବା ନାଁ ନେଉନାହିଁ । ଏହି ଯୋଜନାରେ ବୀମାରାଶି ପାଇବାରୁ ବଞ୍ଚିତ ଚାଷୀଙ୍କ ମଧ୍ୟରେ ଦେଖାଯାଇଥିବା ଅସନ୍ତୋଷ ପୁଣି ଆନ୍ଦୋଳନ ରୂପ ନେଇଛି । ଏହି କ୍ରମରେ ସୋମବାର ବରଗଡ଼ ଜିଲା ବିଜେପୁରସ୍ଥିତ ଏସଡିସିସି ବ୍ୟାଙ୍କ ଏବଂ ବରଗଡ଼ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ)ରେ ଚାଷୀମାନେ ତାଲା ପକାଇ ପ୍ରତିବାଦ କରିଛନ୍ତି ।

ବିଜେପୁର ବ୍ଲକ ଲାଉମୁଣ୍ଡା ଅଞ୍ଚଳର ଚାଷୀମାନେ ଅଭିଯୋଗ କରିଛନ୍ତି, ୨୦୧୭ ଖରିଫ ଋତୁରେ ସେମାନେ ମରୁଡ଼ିର ସମ୍ମୁଖୀନ ହୋଇଥିଲେ । ବୀମା କମ୍ପାନୀ କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା କ୍ଷତିପୂରଣ ପ୍ରଦାନ କରିଥିଲେ ମଧ ବିଭିନ୍ନ ଆଳ ଦେଖାଇ ଅଞ୍ଚଳର ଅନ୍ୟ ୯୫ଜଣ କ୍ଷତିଗ୍ରସ୍ତ ଚାଷୀଙ୍କୁ ଏପର୍ଯ୍ୟନ୍ତ ତାହା ପ୍ରଦାନ କରି ନାହିଁ । ଏ ନେଇ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ମାତ୍ର କୌଣସି ପଦକ୍ଷେପ ନିଆ ନ ଯିବାରୁ ଗତ ୧ତାରିଖରେ ଲାଉମୁଣ୍ଡା ପ୍ରାଥମିକ କୃଷି ସମବାୟ ସମିତିରେ ଚାଷୀମାନେ ତାଲା ପକାଇଥିବା ବେଳେ ପୁଣି ସୋମବାର ବିଜେପୁରସ୍ଥିତ ଏସଡ଼ିସିସି ବ୍ୟାଙ୍କକୁ ଆସି ତାଲା ମାରିଥିଲେ। ତୁରନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସେମାନଙ୍କ ପ୍ରାପ୍ୟ ବୀମା କ୍ଷତିପୂରଣ ପ୍ରଦାନ କରା ନ ଗଲେ ଆଗକୁ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଖସକେତନ ବର୍ଗର୍ତ୍ତା, ପାଣେଶ୍ୱର ସାହୁ, ଲଳିତ ସାହୁ ପ୍ରମୁଖ ଚେତାବନୀ ଦେଇଛନ୍ତି ।

ସେହିପରି ଗୋବିନ୍ଦପୁର ପ୍ରାଥମିକ କୃଷି ସମବାୟ ସମିତି ଉପରେ ନିର୍ଭର କରୁଥିବା ଗୋବିନ୍ଦପୁର ଏବଂ ଚକରକେନ୍ଦ ଅଞ୍ଚଳର ଚାଷୀମାନେ ଅଭିଯୋଗ କରିଛନ୍ତି, ବର୍ଷାଭାବ ଯୋଗୁ ଗତ ୨୦୧୭ ଖରିଫରେ ସେମାନଙ୍କ ୯୪ପ୍ରତିଶତ ଧାନ ଫସଲ ଉଜୁଡ଼ି ଯାଇଥିଲା । କିନ୍ତୁ ଏପର୍ଯ୍ୟନ୍ତ ସେମାନଙ୍କୁ ବୀମା କ୍ଷତିପୂରଣ ପ୍ରଦାନ କରିବା ପରିବର୍ତ୍ତେ ବୀମା କମ୍ପାନୀ ଟାଳଟୁଳ ନୀତି ଅବଲମ୍ବନ କରୁଛି । ଏ ନେଇ ବୀମା କମ୍ପାନୀ, ପ୍ରାଥମିକ କୃଷି ସମବାୟ ସମିତିଠାରୁ ଆରମ୍ଭ କରି ଜିଲାପାଳ ଅଫିସ ପର୍ଯ୍ୟନ୍ତ ଧାଁଧପଡ଼ ହେଲେ ସୁଦ୍ଧା କିଛି ସୁଫଳ ମିଳୁନାହିଁ । ଫଳରେ ସେମାନେ ବାଧ୍ୟ ହୋଇ ସମିତିରେ ତାଲା ପକାଇଛନ୍ତି। ପ୍ରକାଶଥାଉକି, ଗତ ୨୦୧୭ ଖରିଫ ଫସଲକ୍ଷତିର ବୀମା କ୍ଷତିପୂରଣ ବାବଦକୁ ବୀମା କମ୍ପାନୀ କ୍ଷତିଗ୍ରସ୍ତ ଚାଷୀଙ୍କୁ ୭୩୪ କୋଟି ବୀମା କ୍ଷତିପୂରଣ ଦେବା କଥା। ମାତ୍ର ବାରମ୍ବାର ଆନ୍ଦୋଳନ ପରେ ବୀମା କମ୍ପାନୀ ଏପର୍ଯ୍ୟନ୍ତ ସେଥିରୁ ୬୯୧ କୋଟି ଟଙ୍କା ପ୍ରଦାନ କରିଛି ଏବଂ ଆହୁରି ୪୩କୋଟି ଟଙ୍କାକୁ ବିଭିନ୍ନ ଆଳ ଦେଖାଇ ପ୍ରଦାନ କରୁନାହିଁ ।

### ବିଶ୍ୱ କର୍କଟ ଦିବସରେ ଶୋଭାଯାତ୍ରା

**ଅତାବିରା, ୪।୨ (ଡି.ଏନ.ଏ)**

ରାସାୟନିକ ସାର, କୀଟନାଶକ ଓ ତମାଖୁ ଜାତ ଦ୍ରବ୍ୟର ବହୁଳ ବ୍ୟବହାର କର୍କଟ ଓ କିଡ୍‌ନୀ ରୋଗର ମୁଖ୍ୟ କାରଣ ବୋଲି ବରଗଡ ଜିଲା ଅତାବିରା ଓ ଲରମ୍ଭା କଲେଜ ପରିସରରେ ସୋମବାର ଆୟୋଜିତ ବିଶ୍ୱ କର୍କଟ ଦିବସ ଅବସରରେ ମତପ୍ରକାଶ ପାଇଛି। ଏହି ଉପଲକ୍ଷେ ମହାବିଦ୍ୟାଳୟସ୍ତରୀୟ କର୍କଟ ସଚେତନତା ସଭା ଓ ଶୋଭାଯାତ୍ରା ହୋଇଥିଲା । ଲରମ୍ଭା କଲେଜ ଅଧ୍ୟକ୍ଷ ଗଙ୍ଗାଧର ଚୌହାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବୁର୍ଲା ଭୀମସାର ନିର୍ଦ୍ଦେଶକ ଡ. ଅଶ୍ୱିନୀ ପୂଜାହାରୀ, ଡ. ଜ୍ୟୋତି ମିଶ୍ର, ରତନ କୁମାର ଶର୍ମା, ଡ. ପ୍ରମୋଦ କୁମାର ଭୋଇ, ପ୍ରମୋଦ ସେଠ, ଡ. ରାମକୃଷ୍ଣ ପୁରୋହିତ, କୋଶଳ ଟାଇମ ପତ୍ରିକା ସମ୍ପାଦକ ସଞ୍ଜୀବ କୁମାର ମହାପାତ୍ର ମଞ୍ଚାସୀନ ଥିଲେ । ଡ. ଅଜିତ କୁମାର ନାଥ, ପବିତ୍ର ମାହାଣା, ପୁଷ୍ପ କୁମାର ମେହେରଙ୍କ ସମେତ ଅଧ୍ୟାପିକା ଅଧ୍ୟାପକମାନେ ସହଯୋଗ କରିଥିଲେ । ନରେନ୍ଦ୍ର କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

■ ଭେଡ଼େନ ରାମଲୀଳା ମହୋଛବ୍

# କଳାକାରଙ୍କଁର ମହାକୁମ୍ଭ

ଭେଡ଼େନଠାନେ ଚାଲିଥିବାର ବିରାଟ ରାମଲୀଲା ମହୋଛବ ଶେଷମୁଡ଼ସାନେ ପୁହୁଁଚିଛେ। ପୁରନା ହାଟପଦାର ଅଯୋଧ୍ୟା ମଞ୍ଚ, ଥାନା ସାମନାର ପଡ଼ିଆରେ ରାବଣ ଦରବାର ଆର ସିଦ୍ଧେଶ୍ୱର ମହାଦେବ ଗୁଡ଼ିନେ ଚାଲିଥିବାର ନାମଜପ୍‌ରେ ସାମିଲ ହେଇଛନ୍ ରାଏଜ୍ ଆର ରାଏଜ୍ ବାହାରର ଶତାଧିକ୍ କଳାକାର। କିଏ ଅଭିନଏ ଜରିଆରେ ତ କିଏ ନାଚ୍, ଗୀତ ଆର ସଁକିର୍ତନ୍ ଗାଇ ନିଜର ନିଜର ପରତିଭାର ପରଦଶନ କରି ଦେଖନହାରିକର ମନ୍‌ମୁହୁଛନ୍। ଇ ଅବ୍‌ଛରରେ ଆମେ କେତେ କଳାକାରକୁଁ ଭେଟିଥିଲୁଁ। ସେମାନେ ଯାହା କହିଲେ ସେଟାକେ ନେଇ ଆମର ଇ ଖାସ୍ ଉପସ୍ଥାପନା।



ପଞ୍ଜାବ ପଟିଆଲାର ଲୋକ୍‌ନାଚ ସୋସାଇଟିର ଝନେ ସଦସିଅ ରବି। ସେ ତିନ୍‌ଦିନ ଧରି ନିଜର ସହଯୋଗୀ କଳାକାରଙ୍କଁର ସଂଗେ ରାବଣ ଦରବାରରେ ପଞ୍ଜାବର ଭାଙ୍ଗଡ଼ା, ଲୁଧି ଆର ଝୁମର ଲୋକନାଚ୍ ପରିବେଷନ କରୁଛନ୍। ସବୁ ଲୋକ୍‌ନାଚର ଗୁଟେନ ଉଦେଶ୍ ସାଧାରନ୍ ଜନତା ଇଥିରେ ନିଜକେ ସାମିଲ କରୁନ୍। ସେମାନେ ସଂଗୀତ ତାଲରେ ନାଚ୍‌ଲେ ନାଚ୍ ସଫଲ ହେସି ।**–ରବି କୁନ୍ଦୁର, ପଞ୍ଜାବୀ ଲୋକ କଳାକାର**



ଭେଡ଼େନ ବ୍ଲକ କୁଦୋପାଲିର ବଳବନ୍ତ ଭେଡ଼େନ ବ୍ଲକର ଝନେ ଅସ୍ଥାଇ କରମଚାରୀ। ସେ ଚଲ୍‌ତି ବଛର ପହେଲା କରି ଭେଡ଼େନ ରାବଣ ଦରବାରରେ ମନ୍ତ୍ରୀ ହିସାବେ ଅଭିନଏ କରୁଛନ୍। ଅଭିନେତା ଜଗଦାନନ୍ଦ ମିଶ୍ର ଆର ଉନିଆ ନାଁକରା ଅଭିନେତାଙ୍କର ସଂଗେ ମନ୍ତ୍ରୀ ହିସାବେ ଅଭିନଏ କରବାରଟା ତାକର ଲାଗି ଗରବ୍ ଆର ଗଉରବ୍‌ର କଥା ଆଏ ବଲି ସେ କହିଛନ୍।**–ବଳବନ୍ତ ଭୋଇ, ମଞ୍ଚ ଅଭିନେତା**



ପଞ୍ଜାବ ଲୋକ୍‌ନାଚ ସୋସାଇଟିର ଆରଝନେ ସଦସିଅ ମୋହିତ। ପହେଲା କରି ଭେଡ଼େନ ରାମଲୀଲା ଯାତ୍‌ରାରେ ସେ ନାଚ୍ ପରିବେଷନ୍ କରୁଛନ୍। ହେଲେ ଇ ଅଂଚଲରେ ଗୁଟେ ଅପନାପନ ରହିଛେ। ଇ ଅଂଚଲର ନାଚ୍ ବି ନିଜର ଲେଖେଁ ଲାଗୁଛେ ବଲି ସେ କହିଛନ୍।**–ମୋହିତ କୁମାର, ପଞ୍ଜାବୀ ଲୋକ କଳାକାର**



ଭେଡ଼େନ ବ୍ଲକ ବରପଦର ଗେଥଲ ଭୋଇ। ସେ ପହେଲା କରି ଭେଡ଼େନ ମଞ୍ଚରେ ଅଭିନଏ କରୁଛନ୍। ସେ ରାବଣର ସେନାପତି ହିସାବେ ଅଭିନଏ କରିଥିଲେ। ଭେଡ଼େନ ରାମଲୀଲା ମହୋଛବ୍‌ରେ ଅଭିନଏ ଲାଗି ରଂଗ୍‌ମାଖିବାରଟା ମୋର ଲାଗି ବଡ଼େଟେ କଥା ଆଏ ।**–ଗେଥଲ ଭୋଇ, ମଞ୍ଚ ଅଭିନେତା**



ଗୁଜୁରାଟ ଭାବନଗର ଜିଲାର ଓମ ଶିବସଂସ୍ଥା ଅନୁଷ୍ଠାନର ଲୋକ୍‌ନାଚ କଳାକାର। ଇ ମଞ୍ଚରେ ଗରବା ଆଦି ଲୋକ୍‌ନାଚ ପରିବେଷନ କରିଛନ୍। ଜଗନ୍ନାଥଙ୍କର ମାଏଟ୍‌କେ ଆସି ଉନିଆ ଗୁଟେ ଭାଷାରେ ରାମଲୀଲା ଦେଖିବାର ଆର ରାବଣ ମଞ୍ଚରେ ନାଚ୍ ପରିବେଷନ୍ କରବାରଟା ତାକର ଲାଗି ଗୁଟେ ଖାସ୍ ଅନୁଭୂତି ଆଏ ବଲି ସେ କହିଛନ୍।**–ହୋଲି ପାଣ୍ଡିଆ, ଗୁଜୁରାଟି ଲୋକ କଳାକାର**



ଭେଡ଼େନ ବ୍ଲକ ହିରୋମୁଣ୍ଡାର କଳାକାହ୍ନୁ ବେହେରା। ଭେଡ଼େନ ମଞ୍ଚରେ ସେ ଭିନେ ଭିନେ ଦିନ୍‌ରେ ଖର, ଶୁକ, ସୁବାହୁ, ପ୍ରହରୀ, ସେନାପତି ଆଦି ଭୂମିକାନେ ଅଭିନଏ କରିଛନ୍। ଛୋଟ ହେଲେ ବି ଗୁରୁତ୍‌ପୂର୍ଣ୍ଣ ଭୂମିକାନେ ଅଭିନଏ କରବାରେ କଳାକାର ଜୀବନ୍‌ର ସାର୍ଥକତା ଅଛେ ବଲି ସେ କହିଛନ୍।–**କଳାକାହ୍ନୁ ବେହେରା, ମଞ୍ଚ ଅଭିନେତା**

*ରିପୋର୍ଟ: ନିର୍ମଳ କୁମାର ମେହେର, ଭେଡ଼େନ*

### ଦେଶର ପ୍ରଗତି ପାଇଁ ଗାଁର ବିକାଶ ଆବଶ୍ୟକ

**ବିଜେପୁର, ୪।୨ (ଡି.ଏନ.ଏ)**

ବିଜେପୁର ବ୍ଲକ ଖୁଣ୍ଟପାଲିରେ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ରବିବାର ଅନୁଷ୍ଠିତ ହୋଇଯାଇଛି । ପଶ୍ଚିମ ଓଡିଶା ବିକାଶ ପରିଷଦ ସଦସ୍ୟ ଲାଲ ବିକ୍ରମ ସିଂଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଆୟୋଜକ ବୀର ସୁରେନ୍ଦ୍ର ସାଏ କ୍ଲବର ସଭାପତି ସେବାକାର ବାରିକଙ୍କ ଅଧ୍ୟକ୍ଷତାରେ ଜୟନ୍ତୀ ସଭା ହୋଇଥିଲା । ସରପଞ୍ଚ କୁମୁଦିନୀ ସାହା, ସମିତି ସଭ୍ୟା ମୁକ୍ତା ବାରିକ, ଗୌନ୍ତିଆ ସଦାନନ୍ଦ ସାହା, ସାମାଜିକ କର୍ମୀ ଦିବ୍ୟ ସିଂ, ଋଷଭ ସାହା ସମ୍ମାନିତ ଅତିଥି, ଅଧ୍ୟାପକ ପବିତ୍ର ବାରିକ ମୁଖ୍ୟବକ୍ତା ଭାବେ ମଞ୍ଚାସୀନ ଥିଲେ । ଦେଶର ପ୍ରଗତି ପାଇଁ ଗାଁର ବିକାଶ ଏକାନ୍ତ ଆବଶ୍ୟକ । ବର୍ତ୍ତମାନ ପର୍ଯ୍ୟନ୍ତ ଗାଁ ଗହଳିରେ ଗମନାଗମନ, ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହିଛି। ଏହାଦ୍ୱାରା ମୌଳିକ ସୁବିଧାରୁ ବଞ୍ଚିତ ଅଧିବାସୀ ଦୟନୀୟ ଭାବେ ଜୀବନଯାପନ କରୁଛନ୍ତି । ସୁତରାଂ ଏହାର ସମାଧାନ ପାଇଁ ସରକାରଙ୍କ ନିକଟରେ ଚାପ ପକାଇବାରେ ଯୁବ ଗୋଷ୍ଠୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ । ଏହି ଅବସରରେ ସଂକୀର୍ତ୍ତନ ବାଦକ ସନ୍ତୋଷ ନାଏକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ହୃଦୟାନନ୍ଦ ବାରିକ ମାନପତ୍ର ପାଠ କରିଥିଲେ । ସମ୍ପାଦକ କୈଳାସ ବାରିକ ବାର୍ଷିକ ବିବରଣୀ, ରାହୁଲ ବାରିକ ସ୍ୱାଗତ ଭାଷଣ, ଆଲୋକ ବାରିକ ଉଦ୍ଦେଶ୍ୟ ଜ୍ଞାପନ, ଆଶିଷ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ । ଆକାଶବାଣୀ କଣ୍ଠଶିଳ୍ପୀ ଜୟଲାଲ ବୁଡେକ ଓ କୁମାର ବଶିଷ୍ଠ ପ୍ରାରମ୍ଭିକ ଓ ଉଦ୍‌ଯାପନୀ ସଙ୍ଗୀତ ପରିବେଷଣ କରିଥିଲେ । ସୁଶାନ୍ତ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ମଣ୍ଟୁ ବାରିକ, ଜୟଲାଲ ବାରିକ, ରୋହିତ ଭୁଏ, ରୂପା ଭୁଏ, ଗଣ୍ଡାରାମ ସାହା, ନାରାୟଣ ବୁଡେକ, ସୁଶୀଲ ବୁଡେକ ସହଯୋଗ କରିଥିଲେ ।

# ବୋଡାସମ୍ବର ଧନୁଯାତ୍ରା ଉଦ୍‌ଯାପିତ



କଂସ ମହାରାଜା ନଗର ଭ୍ରମଣ କରୁଛନ୍ତି ।

**ଗାଇସିଲେଟ, ୪।୨(ଡି.ଏନ.ଏ)**

ଗାଇସିଲେଟ ଥାନା ଅନ୍ତଗତ ତାଲପାଲି ଠାରେ ଗତ ୨୫ତାରିଖରୁ ଆରମ୍ଭ ହୋଇଥିବା ବୋଡାସମ୍ବର ଧନୁଯାତ୍ରା ମହୋତ୍ସବ ସୋମବାର କଂସ ବଧ ପରେ ଉଦ୍‌ଯାପିତ ହୋଇଛି । କୃଷ୍ଣ ଓ ବଳରାମ ମଥୁରାରେ ପହଞ୍ଚିବା ପରେ ରଜକ ସହିତ ଉଭୟଙ୍କ ଭେଟ ହୋଇଛି। ଏହାପରେ କୃଷ୍ଣ କୁବୁଜାକୁ ଉଦ୍ଧାର କରିଛନ୍ତି । ମଥୁରା ଦାଣ୍ଡରେ କୃଷ୍ଣ ଓ ବଳରାମଙ୍କୁ ଦେଖିବା ସକାଶେ ପ୍ରବଳ ଭିଡ ହୋଇଥିଲା । ଏହାପରେ ବେନିଭାଇ ସୁବଳୟା ହସ୍ତୀ ବଧ, ଧନୁଭଙ୍ଗ, ଚାଣୁର ଓ ମୁଷ୍ଟିକ ଆଦି ମଲ୍ଲଙ୍କୁ ନିପାତ କରିଥିଲେ। ଶେଷରେ କଂସ କୃଷ୍ଣଙ୍କୁ ଦେଖି ମଞ୍ଚରୁ ପଡି ମୃତ୍ୟୁବରଣ କରିଥିଲେ। ଏହାପରେ ଉଗ୍ରସେନଙ୍କ ରାଜାଭିଷେକ ଓ ଦେବକୀ, ବସୁଦେବଙ୍କୁ ବନ୍ଦିଶାଳାରୁ ମୁକ୍ତ କରାଯାଇଥିଲା । ଅମ୍ବାଭୋନା ତହସିଦାର ସଦାକର କୁମ୍ଭାର, ଡା. ସୁରେନ୍ଦ୍ର କୁମାର ପରକିଆ, ଆଇନଜୀବୀ ପ୍ରଶାନ୍ତ ମାଝୀ, ପ୍ରବୀଣ ପାଣିଗ୍ରାହୀ, ଜିଲା ପରିଷଦ ଉପାଧ୍ୟକ୍ଷ ମଦନ ଦୀପ, ଜିଲା ପରିଷଦ ସଭ୍ୟା ସଂଯୁକ୍ତା ମାଝୀ, ସସ୍ମିତା ଡନସନା, ବ୍ଲକ ଉପାଧ୍ୟକ୍ଷ ପ୍ରଣୟ କୁମାର ସାହୁ ରାଜଅତିଥି ଭାବେ ମଞ୍ଚାସୀନ ଥିଲେ ।

# ଚିଚୋଲି ଧନୁଯାତ୍ରାର ଷଷ୍ଠ ସନ୍ଧ୍ୟା

**ଅମ୍ବାଭୋନା, ୪।୨ (ଡି.ଏନ.ଏ)**

ଅମ୍ବାଭୋନା ବ୍ଲକ ଚିଚୋଲି ଧନୁଯାତ୍ରା ମହୋତ୍ସବର ଷଷ୍ଠ ସନ୍ଧ୍ୟାରେ ମଥୁରା ନଗରୀରେ ମହାରାଜ କଂସଙ୍କ ଦିଗ୍‌ବିଜୟ ଦୃଶ୍ୟ ଅଭିନୀତ ହୋଇଛି । ପାତ୍ରମନ୍ତ୍ରୀଙ୍କ ସହ କଂସ ମହାରାଜ ଭୁକ୍ତା ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଦିଗ୍‌ବିଜୟ କରିଥିଲେ । ଏହି ସମୟରେ ସେ ବିଭିନ୍ନ ଦୋଷ ତ୍ରୁଟି ଦର୍ଶାଇ ଜରିମାନା ଆଦାୟ କରିଥିଲେ । ଅନ୍ୟପଟେ ମାମୁଁ କଂସାସୁରଙ୍କ ଚିଟାଉ ପାଇ କୃଷ୍ଣ, ବଳରାମ ଧନୁଯାତ୍ରା ଦେଖିବାକୁ ମଥୁରା ବାହାରିଛନ୍ତି । ଚିଚୋଲି ଗ୍ରାମର ପ୍ରତି ଘରେ ଝୋଟି ଚିତା କାଟି ପୂର୍ଣ୍ଣ କଳସ ସ୍ଥାପନା କରି କୃଷ୍ଣ ଓ ବଳରାମଙ୍କୁ ମେଲାଣି ଦେଇଛନ୍ତି । ଧନୁଯାତ୍ରା ଦେଖିବାକୁ ପଡୋଶୀ ଛତିଶଗଡ ସମେତ ଆଖପାଖ ଅଞ୍ଚଳରୁ ଦର୍ଶକଙ୍କ ବେଶ୍ ଗହଳି ହୋଇଛି।

# ରାମଲୀଳା ମହୋତ୍ସବର ନବମ ସନ୍ଧ୍ୟା



ରାବଣ ଦରବାରରେ ପଞ୍ଜାବର ଭାଙ୍ଗଡ଼ା ଲୋକନୃତ୍ୟ ପରିବେଷଣ କରାଯାଉଛି ।

**ଭେଡ଼େନ, ୪।୨(ଡ଼ି.ଏନ.ଏ)**

ଭେଡ଼େନଠାରେ ଚାଲିଥିବା ଅଖଣ୍ଡ ବିଶ୍ୱଶାନ୍ତି ନାମଯଜ୍ଞ ତଥା ବିରାଟ ରାମଲୀଳା ମହୋତ୍ସବର ସୋମବାର ଥିଲା ଅଷ୍ଟମ ସନ୍ଧ୍ୟା । ନିକୁମ୍ଭିଳା ଗଡ଼ରେ ଇନ୍ଦ୍ରଜିତର ଯଜ୍ଞାରମ୍ଭ, ହନୁମାନ ଆଦି ବୀରଙ୍କ ଦ୍ୱାରା ଯଜ୍ଞନଷ୍ଟ, ଲକ୍ଷ୍ମଣଙ୍କ ଦ୍ୱାରା ଇନ୍ଦ୍ରଜିତ ବଧ, ରାବଣଙ୍କ ଅସ୍ତ୍ରରେ ଲକ୍ଷ୍ମଣଙ୍କ ଶକ୍ତିଭେଦ, ହନୁମାନଙ୍କ ହିମାଳୟ ଗମନ, ଗନ୍ଧମାର୍ଦ୍ଦନ ଆଣିବା ସମୟରେ ଭରତଙ୍କ ସହ ମିଳନ ଆଦି କଥାବସ୍ତୁ ଏହି ସନ୍ଧ୍ୟାରେ ଅଭିନୀତ ହୋଇଛି । ରାଜ ଦରବାରରେ ଅନ୍ୟତମ ଆକର୍ଷଣ ଥିଲା ପଞ୍ଜାବର ଲୋକନୃତ୍ୟ ଭାଙ୍ଗଡ଼ା, ଗୁଜୁରାଟର ଲୋକନୃତ୍ୟ ଏବଂ ହୁତମାର ଲୋକନୃତ୍ୟ । ମଙ୍ଗଳବାର ମଧ୍ୟାହ୍ନରେ ନାମଜପ ଉଦ୍‌ଯାପନ ଏବଂ ରାତିରେ ରାବଣ ବଧ ସହ ରାମଲୀଳା ଉଦ୍‌ଯାପିତ ହେବାର କାର୍ଯ୍ୟକ୍ରମ ରହିଛି ।

# ବକେୟା ପ୍ରାପ୍ୟ ଦାବିକରି ଘେରାଉ

**ସୋହେଲା,୪।୨(ଡି.ଏନ.ଏ)**

ବକେୟା ପ୍ରାପ୍ୟ ଦାବି କରି ସୋହେଲା ବ୍ଲକ ଆଶା ସଂଘ ତରଫରୁ ସୋମବାର ୧୦ଟାରୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଫିସ୍‌ରେ ତାଲା ପକାଯାଇଥିଲା। ଫଳରେ ପ୍ରଶାସନିକ କାର୍ଯ୍ୟ ସମ୍ପୂର୍ଣ୍ଣ ଅଚଳ ହୋଇପଡିଥିଲା । ଖବର ପାଇ ସନ୍ଧ୍ୟାରେ ବରଗଡରୁ ସିଡିଏମଓ ଡା. ନନ୍ଦୀ କିଶୋର ପାଢ଼ୀ ଘଟଣାସ୍ଥଳକୁ ଆସି ଆନ୍ଦୋଳନରତ ଆଶାକର୍ମୀମାନଙ୍କ ସହିତ ଆଲୋଚନା କରିଥିଲେ । ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସାଧୁ ଚରଣ ଦାସ ସୋହେଲା ଡାକ୍ତରଖାନାର ଡିଡିଓ ଦାୟିତ୍ୱରେ ରହିବେ ବୋଲି ସିଡିଏମ୍‌ଓ ଆଦେଶ ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ସୂଚନାଯୋଗ୍ୟ, ଗତ ନଭେମ୍ବର ମାସରେ ଏହି ଡାକ୍ତରଖାନାର ମୁଖ୍ୟ ଚିକିତ୍ସାଧିକାରୀ ଡା. ରଞ୍ଜନ କୁମାର ମହାପାତ୍ରଙ୍କୁ ବରଗଡ ବଦଳି ହେବା ପରେ ଡା. ସମୀର କୁମାର ପଣ୍ଡାଙ୍କୁ ସେହି ଦାୟିତ୍ୱ ଅର୍ପଣ କରାଯାଇଥିଲା।



ଆଶାକର୍ମୀମାନେ ସୋହେଲା ଡାକ୍ତରଖାନା ଅଫିସ୍‌କୁ ଘେରାଉ କରିଛନ୍ତି ।

କିନ୍ତୁ ଡାକ୍ତର ପଣ୍ଡା ଆର୍ଥିକ (ଡିଡିଓ) କ୍ଷମତା ନେବାକୁ ମନା କରି ଦେଇଥିଲେ। ଫଳରେ ସେ ସମୟରୁ ଡାକ୍ତରଖାନାରେ କାର୍ଯ୍ୟରତ ଡାକ୍ତର, କର୍ମଚାରୀ, ସେବିକା ଦରମା ପାଉ ନାହାନ୍ତି। ଏପରିକି ଆଶାକର୍ମୀମାନଙ୍କ ୩ ମାସ ହେଲା ଭତ୍ତା ଓ ଅନ୍ୟାନ୍ୟ ସୁବିଧା ମଧ୍ୟ ଅଟକି ରହିଛି ବୋଲି ଆଶା ସଂଘ ସଭାନେତ୍ରୀ ଅଭାଗିନୀ ଛତର ପ୍ରକାଶ କରିଛନ୍ତି।



ବିଶ୍ରାମର ମାତ୍ରା ଯଦି ଅଧିକ ହୋଇଗଲା ତେବେ ସେହି ବିଶ୍ରାମ ହିଁ କଷ୍ଟଦାୟକ ହୋଇଉଠେ ।

- ହୋମର

## ସଂକ୍ଷେପରେ

### ବୋଲେରୋ ଓଲଟି ୬ ଆହତ

**ଅତାବିରା,୪।୨(ଡି.ଏନ.ଏ):** ବରଗଡ଼ ଜିଲା ଅତାବିରାରେ ଏକ ବୋଲେରୋ(ନଂ.ଓଡି୧୭ଏନ ୫୪୦୦) ଓଲଟି ୬ଜଣ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରୁ ୩ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ଆହତମାନେ ବରଗଡ଼ ବ୍ଲକ ସିମେଣ୍ଟନଗର, ଖଲିଆପାଲି ଅଞ୍ଚଳର ବୋଲି ସୂଚନା ମିଳିଛି ।

### ଅମିନ ସଂଘ ବୈଠକ

**ପାଇକମାଳ, ୪।୨ (ଡି.ଏନ.ଏ):** ପାଇକମାଳ ବ୍ଲକ ନୃସିଂହନାଥ ପରିସରରେ ବରଗଡ ଜିଲାସ୍ତରୀୟ ଅମିନ ସଂଘର ଏକ ବୈଠକ ଓମପ୍ରକାଶ ପ୍ରଧାନଙ୍କ ସଭାପତିତ୍ୱରେ ସୋମବାର ଅନୁଷ୍ଠିତ ହୋଇଥିଲା । ବୈଠକରେ ଜିଲା ସମସ୍ତ ତହସିଲ ଅଧୀନ ଅମିନମାନେ ଯୋଗଦେଇ ଗ୍ରେଡ ପେ ବୃଦ୍ଧି, ନିୟମିତ ତଥା ସ୍ଥାୟୀ ଚାକିରୀ ଉପରେ ବିଷଦ ଆଲୋଚନା କରିଥିଲେ । କିଶୋର କୁମାର ସାହୁ, ସମିର ସାହୁ, ରମେଶ ରଣା, ହେମାନନ୍ଦ ବାରିକ, ଲିଙ୍କନ ସରାଫ, ରାଜେଶ ଜୁଆଡି, ନାଗେଶ୍ୱର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

### କୋଶଲୀ କବିତା ଆସର

**ପଲଶାଗୋରା,୪।୨(ଡି.ଏନ.ଏ.):** ବୌଦ୍ଧ ଜିଲା ପଲଶାଗୋରା ଲୋକ ମହୋତ୍ସବ ଅବସରରେ ମହକ ନାଟ୍ୟ ଅନୁଷ୍ଠାନ ପକ୍ଷରୁ କୋଶଲୀ କବିତା ଆସର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶିଶୁ ସାହିତ୍ୟିକ ରମେଶ ପତ୍ରୀ ମୁଖ୍ୟଅତିଥି, ନାଟ୍ୟକାର ଅଧ୍ୟାପକ ପୁରୁଷୋତ୍ତମ ମିଶ୍ର ମୁଖ୍ୟବକ୍ତା, କବି ଦେବେନ୍ଦ୍ର ନାଏକ, ସତ୍ୟଜିତ କୁମାର ପଣ୍ଡା, ନୀଳ ଲୋହିତ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କମିଟି ସମ୍ପାଦକ ଦିଲୀପ ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସରରେ କବି ଶାନ୍ତନୁ ମହାପାତ୍ରଙ୍କୁ ମହକ କବିତା ସମ୍ମାନ, ରାଜେଶ ଦଣ୍ଡସେନାଙ୍କୁ ମହକ ସାରସ୍ୱତ ସମ୍ମାନ, ନୂଆ ସକାଳ ପବ୍ଲିକେସନ ସମ୍ପାଦକ ଗୌରାଙ୍ଗ ପାଣ୍ଡେ ଏବଂ ନିସାର ଅହମ୍ମଦଙ୍କୁ ସମ୍ମାନିତ କରାଯାଇଥିଲା। ପରେ ସାହିତ୍ୟକ ନରେନ୍ଦ୍ର ଭୋଇଙ୍କ ସଭାପତିତ୍ୱରେ କବୟିତ୍ରୀ ଚନ୍ଦ୍ରାବତୀ ପାଣ୍ଡେ, ସ୍ମୃତିଶେଫାଳି ମେହେର, କବି ଲକ୍ଷ୍ମୀ ନାରାୟଣ ସାହୁ, ଅମୂଲ୍ୟ କୁମାର ବେହେରା, ରଞ୍ଜୁ ଅମାତ କବିତା ଆସର ସଂଯୋଜନା କରିଥିଲେ।

### ଆଶାୟୀଙ୍କ ମେଳି ଫସର ଫାଟିଛି

**କନ୍ଧମାଳ/ମନମୁଣ୍ଡା, ୪।୨ (ଡି.ଏନ.ଏ):** ଗତ ୩ ତାରିଖରେ କନ୍ଧମାଳ ନିର୍ବାଚନ ମଣ୍ଡଳୀ ଖୁଣ୍ଟିଗୋରା ଖଡଙ୍ଗ ନଦୀ କୂଳରେ ଅସନ୍ତୁଷ୍ଟ ବିଜେଡି ନେତା ଓ କର୍ମୀ ମାନଙ୍କ ମହିଧର ହଟାଓ ମେଳି ଓ ସଂକଳ୍ପ ସଭା ହୋଇଥିଲା । ଆଗାମୀ ନିର୍ବାଚନରେ ବିଧାୟକ ମହିଧର ରଣାଙ୍କୁ ବିଜେଡି ଟିକେଟ ମିଳିଲେ ସମସ୍ତେ ତାର ବିରୁଦ୍ଧରେ ଲଢ଼େଇ କରିବା ପାଇଁ ସଂକଳ୍ପ ନେଇଥିଲେ। ଏହାକୁ ଭିତ୍ତିକରି ବିଧାୟକ ରଣା ସୋମବାର ଏକ ପ୍ରେସ ଇସ୍ତାହାରରେ କହିଛନ୍ତି, ସେ ବିଧାୟକ ହେବା ଦିନଠାରୁ କନ୍ଧମାଳ ନିର୍ବାଚନ ମଣ୍ଡଳୀରେ ବିକାଶ ହୋଇଛି। ବିଧାୟକଙ୍କ ଲୋକପ୍ରିୟତା ବୃଦ୍ଧି ପାଇବା ଦେଖି କେତେକ ଆଶାୟୀ ପ୍ରାର୍ଥୀ ଉକ୍ତ ସଭାର ଆୟୋଜନ କରିଥିଲେ । ବିଜେଡିର ଦଳୀୟ କାର୍ଯ୍ୟକ୍ରମ ମାନଙ୍କରେ ସେମାନଙ୍କ ଦେଖା ମିଳୁନାହିଁ । ବିଧାୟକ ହେବା ନିଶାରେ ସେମାନଙ୍କର ଏହା ଏକ ସୁଚିନ୍ତିତ ବୈଠକ ଥିଲା । ସେମାନଙ୍କ ଯୋଜନା ଫସର ଫାଟିଯାଇଛି ବୋଲି ବିଧାୟକ ରଣା ପ୍ରକାଶ କରିଛନ୍ତି ।

# ସ୍ଥାନୀୟ ନିଯୁକ୍ତି ଦାବିରେ ବୌଦ୍ଧ ବନ୍ଦ

## ଦାବି ପୂରଣ ନ ହେଲେ ପୁଣି ଆନ୍ଦୋଳନ

**ବୌଦ୍ଧ,୪।୨(ସ୍ୱ.ପ୍ର)**

ବୌଦ୍ଧ ଜିଲାରେ ଷ୍ଟାଫ ନର୍ସ ନିଯୁକ୍ତିରେ ସ୍ଥାନୀୟ ପିଲାଙ୍କୁ ଅଗ୍ରାଧିକାର ଦାବି କରି ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ସୋମବାର ବୌଦ୍ଧ ଜିଲା ବନ୍ଦ ଡାକରା ଦିଆଯାଇଥିଲା। ଯୁବମୋର୍ଚ୍ଚା କର୍ମୀମାନେ ସକାଳ ୬ ଟାରୁ ସହରର ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ-୫୭ ଉପରେ ବିକ୍ଷୋଭ କରିବା ସହ ଅବରୋଧ କରିଥିଲେ । ଫଳରେ ବୌଦ୍ଧ ସହରର ଏନଏସି ଛକ, ମହାନଦୀ ବ୍ରିଜ୍ ଛକରେ ବହୁ ଯାନବାହନ ଅଟକି ରହିଥିଲା । ସହରର ଦୋକାନ ବଜାର ସହ ଗାଡି ଚଳାଚଳ ବନ୍ଦ ରହିଥିଲା । ଆନ୍ଦୋଳନକାରୀମାନେ ଜିଲା ଦୌରା ଜଜ୍ ଓ ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ସମସ୍ତ ସରକାରୀ ଅଫିସ୍, ଡାକଘର ସମ୍ମୁଖରେ ବିକ୍ଷୋଭ କରି ସେସବୁକୁ ବନ୍ଦ କରିଥିଲେ । ବିଚାରପତିମାନଙ୍କୁ କୋର୍ଟକୁ କୋର୍ଟକୁ ନ ଛାଡିବାରୁ ସେମାନେ ଫେରିଯାଇଥିଲେ । ଆମ୍ବୁଲାନ୍ସ ଓ ଜରୁରି ସେବାକୁ ବନ୍ଦରୁ ବାଦ୍ ଦିଆଯାଇଥିଲା। ସେହିପରି ଜିଲାର ଚାରିଛକ, ପରୁଣାକଟକ, ବୀରନରସିଂହପୁର, ମନମୁଣ୍ଡା, ଦହ୍ୟା, କନ୍ଧମାଳ ଓ ମାଧପୁର ଆଦି ସ୍ଥାନରେ କର୍ମୀମାନେ ରାସ୍ତା ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ବାଉଁଶୁଣୀ ଠାରେ ଯୁବନେତା ଇଂ ରାକେଶ ତ୍ରିପାଠୀଙ୍କ ନେତୃତ୍ୱରେ କର୍ମୀମାନେ ବନ୍ଦ ପାଳନ କରିଥିଲେ । ଅପରାହ୍ନ ୫ଟା ପରେ ଯୁବମୋର୍ଚ୍ଚା ସଭାପତି ସୁଶାନ୍ତ ବାଘ ଓ ଆନ୍ଦୋଳନକାରୀମାନେ ଜିଲାପାଳ ସୀତାଂଶୁ କୁମାର ରାଉତଙ୍କ ଜରିଆରେ ମୁଖ୍ୟ ଶାସନ ସଚିବଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଜିଲା ପୋଲିସ ପକ୍ଷରୁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା । ରାଜ୍ୟ କୃଷକ ମୋର୍ଚ୍ଚା ସମ୍ପାଦକ ସୂର୍ଯ୍ୟ ନାରାୟଣ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଯୁଗଳ କିଶୋର ସାହୁ, କୃଷକ ମୋର୍ଚ୍ଚା ରାଜ୍ୟ ସଂଯୋଜକ ମନୋରଞ୍ଜନ ଦାଶ, ଭାଜପା ଜିଲା ମହିଳା ସଭାନେତ୍ରୀ ନମିତାରାଣୀ ଦାଶ, ବରିଷ୍ଠ ନେତା ସରୋଜ କୁମାର ପ୍ରଧାନ, ସୁନୀଲ କ୍ଷେତୀ, ପ୍ରତାପ କର୍ଣ୍ଣ, ଦାମୋଦର ମିଶ୍ର, ସୁଶାନ୍ତ କୁମାର ରଥ, ଡିଙ୍ଗର ମେହେର ପ୍ରମୁଖ ଏହି ବନ୍ଦରେ ସାମିଲ ହୋଇଥିଲେ । ଯଦି ପ୍ରଶାସନ ଏହା ଉପରେ କୌଣସି ପଦକ୍ଷେପ ଗ୍ରହଣ ନ କରେ ଆଗାମୀ ୭ ଦିନ ପରେ ପୁନର୍ବାର ଆନ୍ଦୋଳନ କରାଯିବ ବୋଲି ଯୁବମୋର୍ଚ୍ଚା ପକ୍ଷରୁ ଚେତାବନୀ ଦିଆଯାଇଛି ।




ବନ୍ଦ ପାଳନ ବେଳେ ବୌଦ୍ଧ ସହରରେ ଯାନବାହନ ଅଟକି ରହିଛି ।

# ସ୍କୁଲ ସମସ୍ୟା ଜିଲାପାଳଙ୍କୁ ଜଣାଇଲେ ଗ୍ରାମବାସୀ

**ବରଗଡ଼ ଅଫିସ୍,୪।୨**

ବରଗଡ଼ ବ୍ଲକ ଅନ୍ତର୍ଗତ କଲାପାଣି ଛକ ପ୍ରାଥମିକ ବିଦ୍ୟାଳୟ ବିଭିନ୍ନ ସମସ୍ୟା ଘେରରେ ରହିଛି । ଏହାକୁ ନେଇ ସ୍ଥାନୀୟ ଲୋକ ତଥା ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି କ୍ରମରେ ସୋମବାର ସ୍ଥାନୀୟ ଲୋକେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଭେଟି ସ୍କୁଲରେ ରହିଥିବା ସମସ୍ୟାଗୁଡ଼ିକର ସମାଧାନ ପାଇଁ ନିବେଦନ କରିଛନ୍ତି। ଏ ନେଇ ସେମାନେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ୧୯୮୭ ମସିହାରୁ ଉକ୍ତ ସ୍କୁଲ ନିର୍ମାଣ ହୋଇଛି। ସ୍କୁଲ ଶ୍ରେଣୀ କୋଠରିର ଛାତ ବିପଦଶଙ୍କୁଳ ଅବସ୍ଥାରେ ରହିଥିବାବେଳେ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବା ଯୋଗୁ କମ୍ପ୍ୟୁଟର ଶିକ୍ଷାଦାନ କରାଯାଇ ପାରୁନାହିଁ । ଅନ୍ୟପଟେ ସ୍କୁଲକୁ ଯୋଗାଇ ଦିଆଯାଇଥିବା କମ୍ପ୍ୟୁଟର ଖତ ଖାଉଥିବା ସେମାନେ ଅଭିଯୋଗ କରିଛନ୍ତି। ସେହିପରି ସ୍କୁଲ ପାଚେରି ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ି ରହିଥିବା ଯୋଗୁ ଗାଈଗୋରୁ ସ୍କୁଲ ଭିତରକୁ ପଶି ଆସୁଛନ୍ତି ଏବଂ ପାଠପଢ଼ାରେ ବାଧାସୃଷ୍ଟି ହେଉଥିବା ସେମାନେ କହିଛନ୍ତି। ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଗ୍ରାମବାସୀ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ସୁରେଶ ନେକାଣ୍ଟି, କେଦାର ସାହୁ, ନିର୍ଭୟ ଗୁପ୍ତା ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିଥିଲେ ।

# ବିଶ୍ୱ କର୍କଟ ଦିବସରେ ମାରାଥନ ଦୌଡ଼




ବିଶ୍ୱ କର୍କଟ ଦିବସରେ ମାରାଥନ ଦୌଡ଼ର ଶୁଭାରମ୍ଭ କରାଯାଉଛି ।

**ବରଗଡ଼ ଅଫିସ୍,୪।୨**

ବରଗଡ଼ରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସୋମବାର ବିଶ୍ୱ କର୍କଟ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ କର୍କଟ ପୀଡ଼ିତଙ୍କୁ ନେଇ ଗଠିତ ଅନୁଷ୍ଠାନ ଫାଇଟର୍ସ ଆୟୋଜନରେ ମାରାଥନ ଦୌଡ଼ କାର୍ଯ୍ୟକ୍ରମ ହୋଇଥିଲା । ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ଏହାର ଶୁଭାରମ୍ଭ କରିଥିଲେ । ମାରାଥନ ଦୌଡ଼ଟି ସ୍ଥାନୀୟ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରୁ ବାହାରି ଗାନ୍ଧିଛକ, ଭଟଲି ରୋଡ୍ ଛକ, ଥାନାଛକ ଦେଇ ପୁଣି ଷ୍ଟାଡ଼ିୟମକୁ ଆସିଥିଲା । ଏହି କାର୍ଯ୍ୟକ୍ରମରେ ବହୁ ପଦାଧିକାରୀ, ସ୍ୱେଚ୍ଛାସେବୀ ଏବଂ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା, ସଭ୍ୟବୃନ୍ଦ ସାମିଲ ଥିଲେ । ସେହିପରି ବିକାଶ ଡିଗ୍ରୀ କଲେଜରେ ବିଶ୍ୱ କର୍କଟ ଦିବସ ଅବସରରେ ଏକ ସଚେତନତା ସଭା ହୋଇଥିଲା । ଏଠାରେ ବରିଷ୍ଠ ଖବଦାତା ଅଶ୍ୱିନୀ ଦର୍ଜୀ ଏବଂ ତାଙ୍କ ସ୍ତ୍ରୀ ଶାରଦା ଲାହାଙ୍ଗୀର ଅତିଥି ଭାବେ ଯୋଗ ଦେଇଥିଲେ । ସ୍ୱାମୀ କର୍କଟ ରୋଗ ସହିତ ସଂଘର୍ଷ କରି ଆଜି କିଭଳି ଶୃଙ୍ଖଳିତ ଜୀବନଯାପନ କରୁଛନ୍ତି, ସେ ନେଇ ଲାହାଙ୍ଗୀର ନିଜ ବକ୍ତବ୍ୟ ରଖିଥିଲେ। ବିକାଶ ଶିକ୍ଷାନୁଷ୍ଠାନର ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା କର୍କଟ ରୋଗର ଭୟାବହତା ଉପରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିକାଶ ଡିଗ୍ରୀ କଲେଜର ଉପାଧ୍ୟକ୍ଷା ପୁଷ୍ପିତା ପଣ୍ଡା, ଅଧ୍ୟାପିକା ଶ୍ୱେତପଦ୍ମା ମହାନ୍ତି ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

# ପ୍ରମାଣପତ୍ର ପାଇଁ ଆସି ଦିବ୍ୟାଙ୍ଗ ନିରାଶ

**ବରଗଡ଼ ଅଫିସ୍,୪।୨**

ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ପ୍ରମାଣପତ୍ର ପ୍ରସ୍ତୁତିରେ ଦିବ୍ୟାଙ୍ଗଙ୍କ ପ୍ରତି ଅଣଦେଖା ମନୋଭାବ ପୋଷଣ କରାଯାଉଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଦିବ୍ୟାଙ୍ଗଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଜିଲା ମୁଖ୍ୟ ଡାକ୍ତରଖାନାରେ ଅସ୍ଥିଶଲ୍ୟ ବିଶେଷଜ୍ଞ ନ ଥିବା ଯୋଗୁ ସେମାନଙ୍କ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରସ୍ତୁତ କରାଯାଉ ନାହିଁ ଏବଂ ଏଥିପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ଆସି ସେମାନଙ୍କୁ ନିରାଶ ହେବାକୁ ପଡୁଛି ବୋଲି ଦିବ୍ୟାଙ୍ଗମାନେ ଅଭିଯୋଗ କରିଛନ୍ତି। ସୋମବାର ଜିଲାର ବିଭିନ୍ନ ବ୍ଲକରୁ ଶତାଧିକ ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ଆସିଥିଲେ। ମାତ୍ର ଡାକ୍ତର ନ ଥିବା ଯୋଗୁ ସେମାନଙ୍କୁ ପ୍ରମାଣପତ୍ର ପ୍ରସ୍ତୁତ କରାଯାଇ ନ ଥିଲା। ଫଳରେ ଦିବ୍ୟାଙ୍ଗମାନେ ସେଠାରୁ ଜିଲାପାଳ ଅଫିସ ଆସି ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଅଭିଯୋଗ କରିଥିଲେ। ଲଳିତ ସେଠ, ସଞ୍ଜୟ ବରିହା, ସଚ୍ଚିଦାନନ୍ଦ ସେଠ, ନିବାସ ନାଗ, ରବିନ୍ଦ୍ର ନାଗ ପ୍ରମୁଖ ଜିଲାପାଳଙ୍କୁ ଫେରାଦ ହୋଇଥିଲେ ।



ଜିଲାପାଳଙ୍କୁ ଫେରାଦ ହୋଇଥିବା ଦିବ୍ୟାଙ୍ଗମାନେ ।

## କ୍ରିକେଟ ଟୁର୍ନାମେଣ୍ଟ ଉଦ୍ଯାପିତ

**ବୌଦ୍ଧ/ବଘିଆପଡା, ୪।୨(ସ୍ୱ.ପ୍ର/ଡି.ଏନ.ଏ)**

ବୌଦ୍ଧ ଜିଲା ବଘିଆପଡା ପଞ୍ଚାୟତର ନୂଆପାଲି ଗ୍ରାମର ରଘୁନାଥ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ସମୁଦାୟ ୨୪ଟି ଦଳ ଅଂଶଗ୍ରହଣ କରିଥିଲେ। ୧୩ ଦିନ ଧରି ଚାଲିଥିବା ଏହି ଖେଳର ଫାଇନାଲ ମ୍ୟାଚ୍ ବୌଦ୍ଧର ରକେଟ ଦଳ ଓ ମହୁଲପାଲିର ସୁପର ଇଲେଭେନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଖେଳରେ ରକେଟ ଦଳ ପ୍ରଥମେ ବ୍ୟାଟିଂ କରି ୧୨୩ ରନ କରିଥିବା ବେଳେ ସୁପର ଇଲେଭେନ ଦଳ ୯୭ ରନ କରି ଅଲଆଉଟ ହୋଇଥିଲେ। ଖେଳରେ ରକେଟ ଦଳ ୨୬ ରନରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଉଦ୍ଯାପନୀ ଉତ୍ସବରେ ବୌଦ୍ଧ ବ୍ଲକ ଅଧ୍ୟକ୍ଷା ରେବତୀ ମହାଲିକ ମୁଖ୍ୟଅତିଥି, ବଘିଆପଡା ସରପଞ୍ଚ ସୈରେନ୍ଦ୍ରୀ ମହାକୁଡ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଚାମ୍ପିୟନ ଓ ରନର୍ସ ଦଳକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ। ସଞ୍ଜୀବ କୁମାର ପାତ୍ର ଓ ପ୍ରଦୀପ ପ୍ରଧାନ ଖେଳ ପରିଚାଳନା କରିଥିଲେ ।

# କ୍ରିକେଟ ଟୁର୍ନାମେଣ୍ଟ: ଗୋଡ଼ଭଗା ଚାମ୍ପିୟନ

**ସୋହେଲା, ୪।୨(ଡି.ଏନ.ଏ)**

ସୋହେଲା ମିନି ଷ୍ଟାଡିୟମଠାରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍ଯାପିତ ହୋଇଯାଇଛି। ଏଥିରେ ଗୋଡଭଗା ଦଳ ଚାମ୍ପିୟନ ହୋଇଛି। ଫାଇନାଲ ଖେଳ ବଲାଙ୍ଗୀର (ଏଏଫସିସି) ଓ ଗୋଡଭଗା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଗୋଡଭଗା ଦଳ ୬ ଉଇକେଟରେ ବିଜୟୀ ହୋଇଛି । ପ୍ରଥମେ ବଲାଙ୍ଗୀର ଦଳ ଟସ୍ ଜିଣି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିଲା ଏବଂ ୧୦ ଉଇକେଟ୍ ବିନିମୟରେ ୧୫୭ ରନ୍ କରିଥିଲା । ୧୫୮ ରନ୍‌ର ପିଛା କରି ଗୋଡଭଗା ଦଳ ୪ ଉଇକେଟ୍ ହରାଇ ୧୭.୪ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିଥିଲା । ସୋହେଲା ଆଥ୍‌ଲେଟିକ ଆସୋସିଏଶନ ସଭାପତି ସତ୍ୟନାରାୟଣ ଦେବତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍ଯାପନୀ ସଭାରେ ବରଗଡ ଜିଲା କ୍ରିକେଟ ଆସୋସିଏଶନ ସଭାପତି ଅରୁଣ ମହାନ୍ତି ମୁଖ୍ୟଅତିଥି, ଜିଲା ଆଥଲେଟିକ ଆସୋସିଏଶନ ସମ୍ପାଦକ ଯୁଗଳ ସିଂହ ଓ ଜିଲା କ୍ରିକେଟ ଆସୋସିଏଶନ ସମ୍ପାଦକ ଶୁଭ୍ରାଂଶୁ ଶେଖର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରେଷ୍ଠ ଖେଳାଳି ଏବଂ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ୱିଲସନ ସିଂହ ଓ ଅନୀଲ ସାହୁ ଫାଇନାଲ ଖେଳ ପରିଚାଳନା କରିଥିଲେ। ସନ୍ତୋଷ ମେହେର ଓ ସୁଶୀଲ କାଲୁ ସ୍କୋରର ଏବଂ ରିତେଶ ଅଗ୍ରୱାଲ ଉଦଘୋଷକ ଥିଲେ । ଅନ୍ତର୍ଯାମୀ ମଟାରୀ, ଅଶୋକ ମିଶ୍ର, ସଞ୍ଜୀବ ଡୁଙ୍ଗୁରୀ, ତନ୍ମୟ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ ।

## ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ

**ବରଗଡ଼ ଅଫିସ୍,୪।୨**

ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ସୋମବାର ବରଗଡ଼ ବ୍ଲକ ଅନ୍ତର୍ଗତ ବରାହଗୋଡ଼ା ଉନ୍ନୀତ ଉଚ୍ଚ ପ୍ରାଥମିକ ସ୍କୁଲରେ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା ସଭାରେ ପଶ୍ଚିମ ଓଡ଼ିଶା ଟ୍ରାଫିକ ସଚେତନତା ସଂଯୋଜକ ପଦ୍ମଲୋଚନ ଭୋସାଗର ମୁଖ୍ୟଅତିଥି ଭାବେ ଯୋଗଦେଇ ଟ୍ରାଫିକ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ମିନି ଶତପଥୀ, ମିନି ମେହେର, ଦିନେଶ ଭୋସାଗର, ପ୍ରଜ୍ଞାନ ରଞ୍ଜନ ପାଣ୍ଡେ, ଠାକୁର ଭୁଏ ପ୍ରମୁଖ କୃତିତ୍ୱ ଅର୍ଜନ ସହିତ ପୁରସ୍କୃତ ହୋଇଥିଲେ । କ୍ରୀଡ଼ା ଶିକ୍ଷକ ଜୟନ୍ତ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଶିକ୍ଷୟିତ୍ରୀ ପଙ୍କଜିନୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

# ମଣ୍ଡି ବନ୍ଦ, ଚାଷୀ ହଟହଟା



ମଣ୍ଡି ଖୋଲିବା ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀମାନେ ।

**ବରଗଡ଼ ଅଫିସ୍,୪।୨**

ବରଗଡ଼ ଜିଲାରେ ଖରିଫ ଋତୁ ଧାନ ସଂଗ୍ରହ ପ୍ରକ୍ରିୟା ପାଇଁ ଖୋଲିଥିବା ଅନେକ ମଣ୍ଡି ବନ୍ଦ ହୋଇଯାଇଛି । ତେବେ ଜିଲାର କେତେକ ସ୍ଥାନରେ ବିକ୍ରି ପାଇଁ ଆହୁରି ଧାନ ଗଚ୍ଛିତ ଥିବା ସତ୍ତ୍ୱେ ସମ୍ପୃକ୍ତ ଅଞ୍ଚଳର ମଣ୍ଡି ଗୁଡ଼ିକୁ ବନ୍ଦ କରି ଦିଆଯାଇ ଥିବାରୁ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲାର ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁକ୍ତାର ଚାଷୀମାନେ ସୋମବାର ଏଭଳି ଅଭିଯୋଗ ନେଇ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଫେରାଦ ହୋଇଥିଲେ । ବିକ୍ରି ପାଇଁ ଅଞ୍ଚଳର ଚାଷୀଙ୍କ ପାଖରେ ବହୁ ପରିମାଣରେ ଧାନ ରହିଛି । ମାତ୍ର ଗତମାସ ୨୨ତାରିଖରୁ ମଣ୍ଡି ବନ୍ଦ କରି ଦିଆଯାଇ ଥିବାରୁ ସେମାନେ ତାହା ବିକ୍ରି କରି ପାରି ନ ଥିବା ଅଭିଯୋଗ କରିଥିଲେ। ଫଳରେ ମଣ୍ଡି ଖୋଲା ରଖିବାକୁ ସେମାନେ ଜିଲାପାଳଙ୍କୁ ନିବେଦନ କରିଥିଲେ । ଭୁକ୍ତାର କେଶବ ପ୍ରଧାନ, ତିଳକ ବୁଧିଆଙ୍କ ସମେତ ଅନେକ ଚାଷୀ ଜିଲାପାଳଙ୍କୁ ଭେଟିଥିଲେ ।

# ଫୁଟବଲ ଟୁର୍ନାମେଣ୍ଟ: ଫୁଲାପାଲି ଚାମ୍ପିୟନ

**ବରଗଡ଼ ଅଫିସ୍,୪।୨**

ବରଗଡ଼ ବ୍ଲକ ଅନ୍ତର୍ଗତ ଖଲିଆପାଲିରେ ଏକଦିବସୀୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ବିର୍ସାମୁଣ୍ଡା କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ । ଫୁଲାପାଲି ଓ ତେଜାଗୋଲା ଫାଇନାଲକୁ ଉନ୍ନୀତ ହୋଇଥିଲେ । ଫାଇନାଲ ମ୍ୟାଚ୍ ଅମୀମାଂଶିତ ରହିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା ଏବଂ ଏଥିରେ ଫୁଲାପାଲି ୪-୩ ଗୋଲରେ ଚାମ୍ପିୟନ ହୋଇଥିଲା । ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ସମ୍ବଲପୁରୀ ବସ୍ତ୍ରାଳୟ ସଭାପତି ତଥା ବିଜେଡ଼ି ନେତା ସମ୍ପିତ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ପୁରସ୍କୃତ କରିଥିଲେ । ସେହିପରି ମିଳିତ କଳାକାର ମଞ୍ଚର ସମ୍ପାଦକ ଚୈତନ୍ୟ ପାଇକ, ଯୁବନେତା ଦୁଃଖିଶ୍ୟାମ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉପବିଜେତା ଏବଂ କୃତୀ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ପ୍ରମୋଦ ଭୋଇ, ଟୁନା ଭୂୟାଁ, ମୁକେଶ ବାନ୍ଦ୍ରା, ମଙ୍ଗଳ ମିଞ୍ଜ, ଅଶୋକ ଲାକ୍ରା, ବବଲୁ ମାଝି, ମଙ୍ଗା ମିଞ୍ଜ, ମଧୁ ମିଞ୍ଜ ପ୍ରମୁଖ ସହଯୋଗ କରିଥିଲେ ।

# କ୍ରିକେଟ: କଲରାକୋଠାକୁ ହରାଇ ବନ୍ଧପାଲି ଚାମ୍ପିୟନ

**ଘଣ୍ଟାପଡା,୪।୨(ଡି.ଏନ.ଏ.)**

କନ୍ଧମାଳ ବ୍ଲକ ଘଣ୍ଟାପଡା ରଘୁନାଥ କ୍ରିକେଟ କ୍ଲବ ଦ୍ୱାରା ହାଇସ୍କୁଲ ଖେଳ ପଡିଆରେ ଆୟୋଜିତ ୮ମ ରଘୁନାଥ କ୍ରିକେଟ ପ୍ରତିଯୋଗିତା ରବିବାର ଉଦ୍ଯାପିତ ହୋଇଛି। ପ୍ରଥମ ସେମିଫାଇନାଲ ବଲାଙ୍ଗୀର ଓ କଲରାକୋଠା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ବଲାଙ୍ଗୀର ଦଳ ନିର୍ଦ୍ଧାରିତ ଓଭରରେ ୬୩ ରନ ସଂଗ୍ରହ କରିଥିଲା। ଜବାବରେ କଲରାକୋଠା ୯ ଉଇକେଟରେ ଆବଶ୍ୟକ ରନ୍ କରି ବିଜୟୀ ହୋଇଥିଲା । ଦ୍ୱିତୀୟ ସେମିଫାଇନାଲ ଖେଳ ବନ୍ଧପାଲି ଓ ଦୁହେଲ ମଧ୍ୟରେ ହୋଇଥିଲା । ବନ୍ଧପାଲି ୧ ଉଇକେଟରେ ୯୩ରନ ସଂଗ୍ରହ କରିଥିବା ବେଳେ ଦୁହେଲ ଦଳ ୫ ଉଇକେଟ୍ ହରାଇ ୫୩ ରନ୍ ସଂଗ୍ରହ କରି ପରାସ୍ତ ହୋଇଥିଲା । ଫାଇନାଲ ମ୍ୟାଚରେ ବନ୍ଧପାଲି ଦଳ ଟସ୍ ଜିଣି ବ୍ୟାଟିଙ୍ଗ କରି ୫ ଉଇକେଟ୍ ବିନିମୟରେ ୬୬ ରନ୍ ସଂଗ୍ରହ କରିଥିଲା। ଜବାବରେ କଲରାକୋଠା ଦଳ ୬ ଉଇକେଟ୍ ହରାଇ ୫୪ ରନ୍ କରି ୧୨ରନରେ ପରାଜିତ ହୋଇଥିଲା। ଉଦ୍ଯାପନୀ ଉତ୍ସବରେ ବ୍ଲକ ଉପାଧ୍ୟକ୍ଷା ମମତା ବେହେରା ମୁଖ୍ୟଅତିଥି, ବିଧାୟକ ପ୍ରତିନିଧି ସୁଧାଂଶୁ ରଣା, ସରପଞ୍ଚ ଜିତେନ୍ଦ୍ର ପ୍ରସାଦ ଦେହୁରୀ, ସମିତିସଭ୍ୟ ନିତ୍ୟାନନ୍ଦ ସେନାପତି, ଭାଜପା ଯୁବ ନେତା ଇଂ ରାଜେଶ ତ୍ରିପାଠୀ, ସାମାଜିକ କର୍ମୀ ଶ୍ରୀକାନ୍ତ ମିଶ୍ର, କାର୍ତ୍ତିକେଶ୍ୱର ବେହେରା, ସୁଶାନ୍ତ ମାଝୀ, କନ୍ଧମାଳ ମିଳିତ ଶିକ୍ଷକ ସଂଘ ସଭାପତି ନୀଳାଞ୍ଚଳ ଭୋଇ, ପଣ୍ଡିତ ଚମ୍ପେଶ୍ୱର ପାଣିଗ୍ରାହୀ, ଅଧ୍ୟାପକ ପରେଶ ସାହୁ, ଶିକ୍ଷକ ପଞ୍ଚାନନ କର୍ଣ୍ଣ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ । ପୂର୍ଣ୍ଣ ରଣା, ଜିତେନ୍ଦ୍ର ପାଣିଗ୍ରାହୀ, ପାଣ୍ଡବ ମହଲା ଓ ପ୍ରତାପ ରଣା ଖେଳ ପରିଚାଳନା କରିଥିଲେ । ମାନସ ପ୍ରଧାନ, ଅଶୋକ ସାହୁ, ଆଶୁତୋଷ ମଲିକ, ଦେବେନ୍ଦ୍ର ନାଥ ରଣା ଧାରା ବିବରଣୀ ପ୍ରଦାନ କରିଥିଲେ । ଧିରେନ ଦେହୁରୀ ଓ ରାଜୀବ ସେନାପତି ସ୍କୋରର ଥିଲେ । ସଭାପତି ରାଜେନ୍ଦ୍ର ପାଣିଗ୍ରାହୀଙ୍କ ନେତୃତ୍ୱରେଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ ।



ରଘୁନାଥ କ୍ରିକେଟ ପ୍ରତିଯୋଗିତାର ଚାମ୍ପିୟନ ଦଳ ଖେଳାଳିମାନେ ।

## ସିଡିଏମ୍‌ଓଙ୍କୁ ଫେରାଦ

**ବରଗଡ଼ ଅଫିସ୍,୪।୨**

ବରଗଡ଼ ଜିଲା ଆଶାକର୍ମୀ ସଂଘ ସୋମବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ନନ୍ଦକିଶୋର ପାଢ଼ୀଙ୍କୁ ଫେରାଦ ହୋଇ ଏକ ସ୍ମାରକପତ୍ର ପ୍ରଦାନ କରିଛି। ଆବଶ୍ୟକୀୟ ଉପକରଣ କ୍ରୟ କରିବା ସକାଶେ ସରକାରଙ୍କ ଦ୍ୱାରା ଘୋଷିତ ୧୦ହଜାର ଟଙ୍କା ଲେଖାଏଁ ପ୍ରଦାନ କରିବାକୁ ସେମାନେ ନିବେଦନ କରିଛନ୍ତି। ବରଗଡ଼ ଜିଲାରେ ଏପର୍ଯ୍ୟନ୍ତ ତାହା ପ୍ରଦାନ କରାଯାଇ ନାହିଁ ବୋଲି ସେମାନେ କହିଛନ୍ତି । ସଂଘର ଅହଲ୍ୟା ମାଝି, ହୀରାବତୀ ଭୁଏ, ରେଣୁକା ଭୁଏ, ଲତା ପ୍ରଧାନ, ସନ୍ତୋଷିନୀ ସେଟ୍ ପ୍ରମୁଖ ଉପସ୍ଥିତ ଥିଲେ ।





## ସଂକ୍ଷେପରେ

### ବର୍ଣ୍ଣେଇ ଜଙ୍ଗଲରୁ ବାଇକ୍ ଜବତ

**ଟିଟିଲାଗଡ଼,୪।୨(ଡି.ଏନ.ଏ.):** ଟିଟିଲାଗଡ଼ ରେଞ୍ଜ ଅଧୀନ ବର୍ଣ୍ଣେଇ ଜଙ୍ଗଲରୁ ପୋଲିସ ଏକ ବାଇକ୍ ଜବତ କରିଛି। ବାଇକର ନମ୍ବର ପ୍ଲେଟରେ ଉଲ୍ଲେଖ ରହିଥିବା ନମ୍ବରଗୁଡିକର କିଛି ଅକ୍ଷର ଲିଭାଇ ଦିଆଯାଇଛି। ଫଳରେ ବାଇକ୍‌ର ମାଲିକ ସମ୍ପର୍କରେ ଜଣାପଡି ନାହିଁ। ମିଳିଥିବା ସୂଚନା ମୁତାବକ, କିଛିଦିନ ହେଲା ବାଇକ୍‌ଟି ଜଙ୍ଗଲରେ ପଡିରହିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ଖବର ପାଇ ବଡମାଲ ପୋଲିସ ବାଇକକୁ ଜବତ କରିଛି। ସୂଚନା ଯୋଗ୍ୟ, ଗତ ଜାନୁୟାରୀ ୨୬ ତାରିଖରେ ବାଇକ୍ ଜବତ ହେବା ସ୍ଥାନରୁ କିଛି ଦୂରରେ ଜଣେ କୁଖ୍ୟାତ ଅପରାଧୀଙ୍କ ସହ ପୋଲିସର ଗୁଳି ବିନିମୟ ହୋଇଥିଲା। ଏପରିସ୍ଥିତିରେ ବାଇକ୍‌ଟି ଏକ ଆପରାଧିକ ଗୋଷ୍ଠୀର ବୋଲି ଚର୍ଚ୍ଚା ହେଉଛି। ଅନ୍ୟପକ୍ଷେ ପୋଲିସ ଘଟଣାର ତଦନ୍ତ ଚଳାଇଥିବା ବଡମାଲ ଫାଣ୍ଡି ଅଧିକାରୀ ପ୍ରାଣବନ୍ଧୁ ସାହୁ କହିଛନ୍ତି।

### ୧୮ ଦାଦନ ଶ୍ରମିକ ଅଟକ

**ବଲାଙ୍ଗୀର ଅଫିସ, ୪।୨:** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ମହରାପଦର ଗ୍ରାମର ଶିଶୁ, ମହିଳା ସମେତ ୧୬ଜଣ ଦାଦ ଶ୍ରମିକ ଓ ବଲାଙ୍ଗୀର ଖୁଜେନପାଲି ଗ୍ରାମର ଜଣେ ବାଳିକା ଓ ମହିଳା ଦାଦନ ଶ୍ରମିକ ରାଜ୍ୟ ବାହାରେ ଅଟକ ରହିଥିବା ଜଣାପଡିଛି। ଏହି ଅଟକ ଦାଦନ ଶ୍ରମିକମାନଙ୍କ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଛି। ମହରାପଦର ଗ୍ରାମର ଅଟକ ଦାଦନ ଶ୍ରମିକମାନେ ଆନ୍ଧ୍ରପ୍ରଦେଶର ଇଚ୍ଛାପୁରମ ନିକଟ ରଟକାନା ଇଟାଭାଟିରେ ବନ୍ଧକ ଥିବା ଖବର ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଖପ୍ରାଖୋଲ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ସେହିପରି ଖୁଜେନ୍‌ପାଲି ଗ୍ରାମର ଗଣେଶ ସୁନା ତାଙ୍କ ସ୍ତ୍ରୀ ଓ ଝିଅ (୩)କୁ ନେଇ ଗତ ଅକ୍ଟୋବର ମାସରେ ତେଲେଙ୍ଗାନା ଦାଦନ ଖଟିଯାଇଥିଲେ। ୨ମାସ କାମ କଲା ପରେ ଖାଇବାକୁ ନ ଦେଇ ସେଠାରେ ନିର୍ଯାତନା ଦିଆଯିବାରୁ ଲୁଚି ପଳାଇ ଆସୁଥିବାବେଳେ ସ୍ତ୍ରୀ ଓ ଝିଅ ସେଠାରେ ରହିଯାଇଥିଲେ। ଗଣେଶ ସେଠାରୁ କୌଶଳ କ୍ରମେ ଖସି ଆସି ବଲାଙ୍ଗୀରରେ ପହଞ୍ଚିବା ପରେ ଘଟଣା ଜଣାପଡିଛି। ଶ୍ରମିକମାନଙ୍କୁ ଉଦ୍ଧାର ପାଇଁ ଜିଲା ପ୍ରଶାସନ ନିକଟରେ ନିବେଦନ କରାଯାଇଛି।

### ବିଇଓ ଅଫିସ ତାଲା ଭାଙ୍ଗି ଚୋରି ଉଦ୍ୟମ

**ସଇଁତଲା, ୪।୨(ଡି.ଏନ୍.ଏ.):** ସଇଁତଲା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ କବାଟ ଭାଙ୍ଗି ଚୋରି ଉଦ୍ୟମ ହୋଇଥିବା ଜଣାପଡିଛି। ବ୍ଲକ ଶିକ୍ଷା ଅଧିକାରୀ ଫ୍ଲୋରା ଗୋରିଆଙ୍କ କହିବା ମୁତାବକ, ଶନିବାର କିମ୍ବା ରବିବାର ରାତିରେ କେହି ଦୁର୍ବୃତ୍ତ ସଇଁତଲା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଶିକ୍ଷା ବିଭାଗର କବାଟ ଭାଙ୍ଗି ଚୋରି ଉଦ୍ୟମ କରିଥିଲେ। ଚୋରମାନେ କାର୍ଯ୍ୟାଳୟରେ ଥିବା କିଛି ଆଲମାରୀ ଭାଙ୍ଗି ଫାଇଲଗୁଡ଼ିକୁ ଫିଙ୍ଗାଫୋପଡା କରିଛନ୍ତି। ସୋମବାର ଅଫିସ ଖୋଲିବା ପରେ ଏହି ଘଟଣା ଜଣାପଡିଛି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡିଛି।

# ନିର୍ବାଚନ ପୂର୍ବରୁ ବାଇପାସ ରାସ୍ତା କାମ ଆରମ୍ଭ ଦାବି

**ବଲାଙ୍ଗୀର ଅଫିସ, ୪।୨**





ବଲାଙ୍ଗୀର ଆକ୍ସନ କମିଟି ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀ।

**ବଲାଙ୍ଗୀର ବାଇପାସ୍ ରାସ୍ତା ନିର୍ମାଣ ପ୍ରସଙ୍ଗ**

- ଆକ୍ସନ କମିଟିର ଖବରଦାତା ସମ୍ମିଳନୀ
- ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ
- ୧୩୩ କୋଟିର ସଂଶୋଧିତ ବ୍ୟୟ ଅଟକଳ ପୁଣି ପଠାଗଲା

ବହୁପ୍ରତୀକ୍ଷିତ ବଲାଙ୍ଗୀର ବାଇପାସ୍ ରାସ୍ତା ପ୍ରକଳ୍ପର ସଂଶୋଧିତ ବ୍ୟୟ ଅଟକଳ ଗତ ୨୪ ତାରିଖରେ ଚତୁର୍ଥ ଥର ପାଇଁ ସରକାରଙ୍କ ପାଖକୁ ପଠାଯିବା ପରେ ବଲାଙ୍ଗୀର ଆକ୍ସନ କମିଟି ପକ୍ଷରୁ ସୋମବାର ଏକ ଖବରଦାତା ସମ୍ମିଳନୀ କରାଯାଇଥିଲା।

କମିଟିଆବାହକ ଗୋପାଳଜୀ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ବଲାଙ୍ଗୀର ବାଇପାସ୍ ରାସ୍ତା ପ୍ରକଳ୍ପର ମନ୍ଥର ଗତି, ପ୍ରଶାସନିକ ଅବହେଳା ଏବଂ ସରକାରୀ ପ୍ରତାରଣାକୁ ନେଇ କମିଟି ସଦସ୍ୟମାନେ ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଚତୁର୍ଥ ଥର ପାଇଁ ଏହି ରାସ୍ତା ନିର୍ମାଣ ସକାଶେ ସଂଶୋଧିତ ବ୍ୟୟ ଅଟକଳ ପଠାଯିବା ପରେ ପ୍ରକଳ୍ପକୁ ନେଇ ଅନିଶ୍ଚିତତା ଦୂର ହୋଇ ନ ଥିବାରୁ କମିଟି ସଦସ୍ୟ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଆଗାମୀ ନିର୍ବାଚନ ପୂର୍ବରୁ ବାଇପାସ୍ ରାସ୍ତା କାମ ଆରମ୍ଭ ନ ହେଲେ କମିଟି ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଚେତାବନୀ ଦେଇଥିଲେ। ସମ୍ମିଳନୀରେ ଜିଲା ପ୍ରଶାସନ, ସରକାରୀ କଳ ଓ ସ୍ଥାନୀୟ ଜନପ୍ରତିନିଧିଙ୍କ ଭୂମିକାକୁ ନେଇ କମିଟି ସଦସ୍ୟମାନେ ପ୍ରଶ୍ନ ଉଠାଇଥିଲେ। ଅଧିକାରୀ ଓ ଜନପ୍ରତିନିଧିମାନେ ଠିକଣା ସମୟରେ ଆନ୍ତରିକତା ପ୍ରକାଶ କରିଥିଲେ ବଲାଙ୍ଗୀରବାସୀ ବାଇପାସ୍ ରାସ୍ତା ପାଇସାରିଥାନ୍ତେ ବୋଲି ପାଣିଗ୍ରାହୀ କହିଥିଲେ। ଜିଲା ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁ ୧୦ବର୍ଷରୁ ଊର୍ଦ୍ଧ୍ୱ ହେଲା ଏହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇପାରୁ ନ ଥିବା ଅଭିଯୋଗ କରିଥିଲେ।

ପ୍ରକଳ୍ପର ବ୍ୟୟ ଅଟକଳ ୪୦ କୋଟି ମଞ୍ଜୁର ହୋଇଥିଲା। ପରେ ବ୍ୟୟ ଅଟକଳ ୨୪୧ କୋଟିକୁ ବୃଦ୍ଧି ପାଇଥିଲା। ଏପରି କି ପ୍ରକଳ୍ପର ବ୍ୟୟଅଟକଳ ୨ଥର ସଂଶୋଧ ପରେ ଏହା ୨୨୪ କୋଟି ଓ ୧୯୦ କୋଟିକୁ ଖସିଥିଲା। ତେବେ ଏହି ସମସ୍ତ ସଂଶୋଧିତ ବ୍ୟୟ ଅଟକଳକୁ ଷ୍ଟାଣ୍ଡିଂ ଫାଇନାନ୍ସ କମିଟି ଖାରଜ କରିବା ସହ ଏନେଇ ସ୍ପଷ୍ଟୀକରଣ ମାଗିଥିଲେ। ଏବେ ଚତୁର୍ଥ ଥର ପାଇଁ ଜିଲା ପ୍ରଶାସନ ୧୩୩ କୋଟିର ବ୍ୟୟ ଅଟକଳ ପଠାଇଛି। ଇତିମଧ୍ୟରେ ପ୍ରକଳ୍ପ ବ୍ୟୟ ଅଟକଳ ସଂଶୋଧିତ ହୋଇ ୨୪୧ କୋଟିରୁ ୧୩୩ କୋଟି ଟଙ୍କାକୁ ପହଞ୍ଚିଛି। ତେବେ କିଭଳି ଭାବେ ପୂର୍ବରୁ ଜିଲା ପ୍ରଶାସନ ଏଭଳି ବିଭ୍ରାନ୍ତିମୂଳକ ବ୍ୟୟ ଅଟକଳ ପଠାଉଥିଲେ ଓ ଏଥିରେ କାହାର ସ୍ୱାର୍ଥ ରହିଥିଲା ବୋଲି କମିଟି ପକ୍ଷରୁ ପ୍ରଶ୍ନ କରାଯାଇଥିଲା। ୧୩୩ କୋଟି ଟଙ୍କାର ସଂଶୋଧିତ ବ୍ୟୟ ଅଟକଳକୁ ଷ୍ଟାଣ୍ଡିଂ ଫାଇନାନ୍ସ କମିଟି ମଞ୍ଜୁର କରିବ କି ନା ସେନେଇ ଅନିଶ୍ଚିତତା ଲାଗି ରହିଛି। ନିର୍ବାଚନ ପୂର୍ବରୁ ଏହି ଦିଗରେ କୌଣସି ବିସଙ୍ଗତି ଓ ବିଭ୍ରାନ୍ତ ପରିଲକ୍ଷିତ ହେଲେ ବଲାଙ୍ଗୀରବାସୀଙ୍କୁ ନେଇ ଆକ୍ସନ କମିଟି ଆନ୍ଦୋଳନକୁ ତୀବ୍ରତର କରିବ ବୋଲି ପାଣିଗ୍ରାହୀ ଚେତାବନୀ ଦେଇଛନ୍ତି। ଖବରଦାତା ସମ୍ମିଳନୀରେ କମିଟି ପକ୍ଷରୁ ବାଇପାସ୍ ସଂକ୍ରାନ୍ତୀୟ ବିଭିନ୍ନ ସୂଚନା ପ୍ରଦାନ କରାଯାଇଥିଲା। ଏଥିରେ କମିଟିର ବିକ୍ରମାନନ୍ଦ ବହିଦାର, ସନ୍ତୋଷ ସାହୁ, ଗିରିଶ ସିଂଦେଓ, ଗୋପାଳ ଆଚାର୍ଯ୍ୟ ପ୍ରମୁଖ ମଞ୍ଚାସୀନ ଥିଲେ।



ବହିହାଟରେ ଲୋକଙ୍କ ଗହଳି।

ଟିଟିଲାଗଡ଼ ବହିହାଟର ସପ୍ତମ ସନ୍ଧ୍ୟା

### ସ୍ୱାସ୍ଥ୍ୟ ହିଁ ମାନବର ପ୍ରକୃତ ସମ୍ପଦ

**ଟିଟିଲାଗଡ଼,୪।୨ (ଡି.ଏନ.ଏ.)**

ଟିଟିଲାଗଡ଼ଠାରେ ଚାଲିଥିବା ବହିହାଟର ମଙ୍ଗଳବାର ସପ୍ତମ ଦିନରେ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା। ଏହି ଅବସରରେ ଏକ ଆଲୋଚନା ଚକ୍ରରେ ଆମ ସ୍ୱାସ୍ଥ୍ୟ ଆମ କର୍ତ୍ତବ୍ୟ ଅନୁଷ୍ଠିତ ହୋଇଥିଲା। ବହିହାଟ ସଦସ୍ୟ ଭିକାରିଚରଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡା. ସୁଜତାରାଣୀ ମିଶ୍ର, ଡା. ଘନଶ୍ୟାମ ଜୈନ, ଡା. ରମେଶ ଚନ୍ଦ୍ର ସାହୁ, ଡା. ବଳରାମ ସାହୁ ଯୋଗଦେଇ ସ୍ୱାସ୍ଥ୍ୟ ହିଁ ମାନବର ପ୍ରକୃତ ସମ୍ପଦ ବୋଲି କହିଛନ୍ତି। ବନମାଳି ଦାସ ମଞ୍ଚ ପରିଚାଳନା ଓ ବୃନ୍ଦାବନ କୁମ୍ଭାର ଧନ୍ୟବାଦ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# କର୍କଟ ରୋଗ ସଚେତନତା କର୍ମଶାଳା

**କଣ୍ଟାବାଞ୍ଜି,୪।୨(ଡି.ଏନ.ଏ.)**

ତୁରେକେଲା ବ୍ଲକ ଚଟୁଆନକା ପଞ୍ଚାୟତ ସଦର ଗ୍ରାମ ମାଝିପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସୋମବାର କର୍କଟ ରୋଗ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଦାବ୍ରୀ ମୁଣ୍ଡା ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିବେକାନନ୍ଦ ରାଏ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଦେବକୀ ତାଣ୍ଡି, ଶିକ୍ଷକ କିଶୋର ବରିହା ନିଶା ଦ୍ରବ୍ୟ ସେବନ କର୍କଟ ରୋଗର ମୁଖ୍ୟ କାରଣ। ଏନେଇ ନିଶା ଦ୍ରବ୍ୟଠାରୁ ଦୁରେଇ ରହିବାକୁ ଛାତ୍ରୀଛାତ୍ରମାନଙ୍କୁ ସଚେତନ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରମାନେ ମଧ୍ୟ ନିଜ ମତବ୍ୟକ୍ତ କରିଥିଲେ।





କର୍କଟ ରୋଗ ସଚେତନତା କର୍ମଶାଳାରେ ଛାତ୍ର ଜଣକ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

କଣ୍ଟାବାଞ୍ଜି ଜିଲା ଦାବି ପ୍ରସଙ୍ଗ: ଧାରଣା ୮୦ ଦିନରେ

# ଆନ୍ଦୋଳନରେ ସାମିଲ ହେଲା ସ୍ୱୟଂ ସହାୟକ ଗୋଷ୍ଠୀ

**କଣ୍ଟାବାଞ୍ଜି,୪।୨ (ଡି.ଏନ.ଏ.)**





ଧାରଣାରେ ସାମିଲ ହୋଇଥିବା ମହିଳା ଗୋଷ୍ଠୀ।

କଣ୍ଟାବାଞ୍ଜିକୁ ନୂତନ ଜିଲା ଦାବିରେ ଜିଲା ସଂଘର୍ଷ ସମିତି ପକ୍ଷରୁ ତହସିଲ ଅଫିସ ସମ୍ମୁଖରେ ଚାଲିଥିବା ଧାରଣା ସୋମବାର ୮୦ଦିନରେ ପହଞ୍ଚିଛି। ଦିନକୁ ଦିନ ଆନ୍ଦୋଳନ ଜୋର ଧରୁଥିବା ବେଳେ ଅଞ୍ଚଳର ଜନସାଧାରଣଙ୍କ ସହିତ ମହିଳାମାନେ ଆନ୍ଦୋଳନକୁ ସମର୍ଥନ କରି ସାମିଲ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ସୋମବାର ଧାରଣାରେ ତୁରେକେଲା ବ୍ଲକ ମହୁଲବାହାଲି ଗ୍ରାମର ଜୟ ମା' ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀର ଜମୁନା ମାଝି, ଚଞ୍ଚଳା ମାଝି, କଳାବାତି ରାଉତ, ତୁଳସା ପୁଟେଲ, ସତ୍ୟବତୀ ପୁଟେଲ, କାନ୍ତୀ ଧରୁଆ, ବୃନ୍ଦାବତି ବାଗ, ଗୌରି ଧରୁଆ, ଭୂମିସୁତା ସମରଥଙ୍କ ସହିତ ବଙ୍ଗୋମୁଣ୍ଡା ବ୍ଲକ ଖଇରା ଗ୍ରାମର ଲକ୍ଷ୍ମୀଧର ମାଝି, ଗିରିଧାରୀ ରଣା, ସାଧୁ ବାଗ, ନରସିଂ ରଣା, ଜିତ ବାଗ, ସତ୍ୟନାରାୟଣ ମାଝି, ତ୍ରିଲୋଚନ ତାଣ୍ଡି, ଭଜମନ ତାଣ୍ଡି, ସୁନ୍ଦର ବନଛୋର, ଗଣପତି ଛତ୍ରିଆ ପ୍ରମୁଖ ସାମିଲ ହୋଇ ଜିଲା ଦାବିକୁ ସମର୍ଥନ କରିଛନ୍ତି। କଣ୍ଟାବାଞ୍ଜି ଜିଲା ଦାବି ସହିତ ବଲାଙ୍ଗୀର ଜିଲା ସଦର ମହକୁମାରେ ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ ସ୍ଥାପନ କରିବାକୁ ଦାବି କରିଥିଲେ। ଦାବି ପୂରଣ ନ ହେଲେ ଅଞ୍ଚଳବାସୀ ଆଗାମୀ ନିର୍ବାଚନରେ ଉଚିତ ଜବାବ ଦେବେ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଛନ୍ତି। ଧାରଣାରେ ଜିଲା ସଂଘର୍ଷ ସମିତି ସଭାପତି ଶେଷଦେବ ପୁଟେଲ, କାର୍ଯ୍ୟକାରୀ ସଭାପତି ବ୍ରଜଶ୍ୟାମ ଗୁରୁ, ସମ୍ପାଦକ ଦୁଃଖିଶ୍ୟାମ ଗୁରୁ, ଅମରଚାନ୍ଦ ଶର୍ମା, ରାମଚନ୍ଦ୍ର ସାହୁ, ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭ୍ୟ ନରେନ୍ଦ୍ର ସୁନା, ତୀର୍ଥ ଚଣ୍ଡି, କୁଞ୍ଜ ବିହାରୀ ବେହେରା, ଲଳିତ ମାଝି, ଆଇନଜୀବୀ କାନନକିଶୋର ପଣ୍ଡା, ସତ୍ୟନାରାୟଣ ରାଏ, ପ୍ରେମାନନ୍ଦ ବାଗଙ୍କ ସହିତ ଅନ୍ୟମାନେ ଧାରଣାରେ ବସିଛନ୍ତି।

ପାଣି ପାଇପ୍ ଖୋଲିଦେଲେ, ଆଦିବାସୀପଡା ଡହକବିକଳ

# ଜିଲା ପ୍ରଶାସନର ଦ୍ୱାରସ୍ଥ ହେଲେ ମଧୁପୁରବାସୀ

**ବଲାଙ୍ଗୀର ଅଫିସ,୪।୨**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମଧୁପୁର ଗ୍ରାମର ଆଦିବାସୀପଡ଼ା (ଧରୁଆପଡା)ର ଜନସାଧାରଣ ସୋମବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇ ଅଭିଯୋଗ ଜଣାଇଥିଲେ। ମଧୁପୁର ଗାଁରେ ଜିଲା ଗ୍ରାମ୍ୟ ଜଳ ଓ ପରିମଳ ଖଣ୍ଡ (ଆର୍‌ଡବ୍ଲୁଏସ୍‌ଏସ୍) ପକ୍ଷରୁ ମଧୁପୁର ଗାଁରେ ପାଇପ୍ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି। ଏହି ପ୍ରକଳ୍ପରୁ ଗାଁର ଧରୁଆପଡାକୁ ମଧ ପାନୀୟ ଜଳଯୋଗାଣ ସକାଶେ ପାଇପ ବିଛାଯାଇଥିଲା। ତେବେ ଏହି ଗାଁର ୨ଜଣ ବ୍ୟକ୍ତି ଧରୁଆପଡାକୁ ବିଛା ଯାଇଥିବା ପାଇପ୍ ଖୋଲି ଦେଇଥିଲେ। ଫଳରେ ପଡାକୁ ଆଉ ପାଇପ୍ ପାଣି ଯୋଗାଣ ହୋଇପାରୁନାହିଁ। ପାଇପ ପାଣି ନ ପାଇବାରୁ ପଡାର ୧୫ପରିବାରର ପ୍ରାୟ ୬୦ ଜଣ ସଦସ୍ୟ ଦୂଷିତ କୂଅ ପାଣି ପିଇବାକୁ ବାଧ ହେଉଛନ୍ତି। ଏନେଇ ବାରମ୍ବାର ଅଭିଯୋଗ କରାଗଲେ ମଧ କେହି ନ ଶୁଣିବାରୁ ସୋମବାର ପଡାବାସୀ ପୁଇଁତଲା ବ୍ଲକଠାରେ ଅନୁଷ୍ଠିତ ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିକୁ ଆସି ଅଭିଯୋଗ କରିଥିଲେ। ତୁରନ୍ତ ପାଇପ୍ ପାଣି ଯୋଗାଇ ଦେବାକୁ ସେମାନେ ଦାବି କରିଥିଲେ। ଏଦିଗରେ ପ୍ରଶାସନ ପକ୍ଷରୁ ଉଚିତ୍ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିବା ଜଣାପଡିଛି।



ମଧୁପୁର ଧରୁଆପଡ଼ାର ମହିଳା ଓ ପୁରୁଷମାନେ ଜିଲାପାଳଙ୍କ ଅଭିଯୋଗ ଶୁଣାଣିକୁ ଆସି ଦୃଷ୍ଟି ଆକର୍ଷଣ କରିଛନ୍ତି।

### ଫୁଟବଲ ଟୁର୍ଣ୍ଣାମେଣ୍ଟ: ଟିକ୍ରାପଡ଼ା ବିଜୟୀ

**ଟିକ୍ରାପଡା,୪।୨(ଡି.ଏନ୍.ଏ.)**

ମୁରିବାହାଲ ବ୍ଲକ ଚଳକି ଗ୍ରାମରେ ଚାଲିଥିବା ଜୟ ଜଗନ୍ନାଥ ଫୁଟବଲ ଟୁର୍ଣ୍ଣାମେଣ୍ଟର ସୋମବାର ଥିଲା ଦ୍ୱିତୀୟ ଦିବସ। ଯୁରାବନ୍ଧ ଓ ଟିକ୍ରାପଡ଼ା ମଧ୍ୟରେ ମ୍ୟାଚ ହୋଇଥିଲା। ଖେଳ ଅମିମାଂସିତ ରହିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ଯୁରାବନ୍ଧ ଦଳକୁ ୧–୦ ଗୋଲରେ ହରାଇ ଟିକ୍ରାପଡ଼ା ବିଜୟୀ ହୋଇଥିଲା। ଆଶିର୍ବାଦ ସା, ଆଶିଷ ଦେବ ସା, ପ୍ରତାପ ଭୁକ୍ତା ଖେଳ ପରିଚାଳନା କରିଥିଲେ। ଫୁଟବଲ ଖେଳାଳି ଅରବିନ୍ଦ ସୁପକାର ମୁଖ୍ୟଅତିଥି, ଗିରିଧାରୀ ନାହାକ, ଦୀପ ମାଝି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

# ପୋଲିସ ଜନସମ୍ପର୍କ କାର୍ଯ୍ୟକ୍ରମ

**ଖପ୍ରାଖୋଲ ୪।୨(ଡି.ଏନ୍.ଏ.)**

ଖପ୍ରାଖୋଲ ବ୍ଲକ ଭାନପୁର ହାଇସ୍କୁଲ ପଡ଼ିଆରେ ବଲାଙ୍ଗୀର ଜିଲା ପୋଲିସ ଓ ଖପ୍ରାଖୋଲ ଥାନାର ମିଳିତ ଆନୁକୁଲ୍ୟରେ ଜନସମ୍ପର୍କ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଖପ୍ରାଖୋଲ ଥାନା ଆଇଆଇସି ଜ୍ୟୋତିରଞ୍ଜନ ପତି ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଜିଲା ଏଏସ୍‌ପି ବରୁଣ ଗୁଣ୍ଟୁପଲି, ସମ୍ମାନିତ ଅତିଥି ଭାବେ କୁମୁଦରଞ୍ଜନ ସେଠ, ଆର୍‌ଆଇ ଅତିଶ କୁମାର ସାହୁ, ସର୍ଜେଣ୍ଟ ଏମ୍. ଲକ୍ଷ୍ମୀରାଜନ, ଭାନପୁର ସରପଞ୍ଚ ତ୍ରିନାଥ ବାରିକ ପ୍ରମୁଖ ଯୋଗଦେଇଥିଲେ। ପୋଲିସ ଲୋକଙ୍କ ସେବା ପାଇଁ ରହିଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ ସ୍କୁଲ ବ୍ୟାଗ ଓ ପାଠ୍ୟ ଉପକରଣ ଏବଂ ଜନସାଧାରଣଙ୍କୁ କମ୍ବଳ, ମଶାରୀ, ଲାଇଟ, ପାଣି ବୋତଲ ଆଦି ବଣ୍ଟନ କରାଯାଇଥିଲା। ସେହିପରି ଡା, ପ୍ରହଲ୍ଲାଦ ମେହେରଙ୍କ ଉପସ୍ଥିତିରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୨ଶହ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଔଷଧ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଏକ ବନ୍ଧୁତ୍ୱ ପୂର୍ଣ୍ଣ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାନପୁର ଦଳ ଚାମ୍ପିୟନ ଏବଂ ଜଲିଆବାହାଲ ଦଳ ରନର୍ସ ଅପ ହୋଇଥିଲା। ଅତିଥିମାନେ ଉଭୟ ଦଳକୁ ଟ୍ରଫି ପ୍ରଦାନ କର ଉତ୍ସାହିତ କରିଥିଲେ। ଶେଷରେ ଛାତ୍ରୀଛାତ୍ର ଏବଂ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ହରିଶଙ୍କର ଫାଣ୍ଡି ଅଧିକାରୀ ସେବନ କେରକେଟା, ବିଜୟ ପୁଟେଲ, ଫାଲଗୁନି ବେହେରା ପ୍ରମୁଖ ପରିଚାଳନା କରିଥିଲେ।



ଛାତ୍ରୀଛାତ୍ର ଏବଂ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

ସରକାରୀ ସାହାଯ୍‌ର ଅଭାବ

# ମୁର୍‌ତୁ ସଂଗେ ଯୁଝୁଛନ୍ କର୍କଟ ରୁଗୀ

**ଲାଠୋର, ୪।୨ (ଡି.ଏନ.ଏ)**

ରାଏଜ୍ ଆର କେନ୍ଦ୍ର ସରକାର ଗରିବ୍ ଦୁଖିକର ଲାଗି ସ୍ୱାସ୍ଥ୍ୟବୀମା ଯୋଜ୍‌ନା ଲାଗୁକରିଛନ୍। ହେଲେ ଅନେକ ଜାଗାରେ ଗରିବ୍‌ଦୁଖି ଇ ଯୋଜ୍‌ନାର ଲାଭ ନାଇଁ ପାଉଥିବାର ଅଭିଯୋଗ୍ ହେଉଛେ। ଏନ୍‌ତା ଗୁଟେ ଘଟନା ଦେଖିବାକେ ମିଲିଛେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଁଝର ପଁଚେତର ସାନଗୁର୍ଜିଭଟା ଗାଁରେ। ଗାଁର ମନବୋଧ ସୂର୍ଯ୍ୟ ଅନେକ ଦିନ୍ ହେଲା କର୍କଟ ରୋଗ୍‌ରେ ପୀଡ଼ିତ ଅଛନ୍। ଘଟନା ବାବ୍‌ଦେ ଖବର ପାଇ ଖପ୍ରାଖୋଲ ବିଡିଓ ରୋଗୀକଁର ଘରକେ ଯାଇଥିଲେ, ପରିସ୍ଥିତି ଦେଖିଲା ଉତାରୁ ସେ ନିୟମ ହିସାବେ ସରକାରୀ ସାହାଯ୍ ଯୁଗେଇ ଦେବାକେ କଥା ଦେଇଥିଲେ। ସେ ହିସାବେ ପରିବାର ଲୋକ ମନବୋଧର ଚିକିତ୍ସା ଲାଗି ଗାଡ଼ି ଭଡ଼ାକରି ବଲାଙ୍ଗୀର ସନ୍ଥ ଭୀମ ଭୋଇ ମେଡିକାଲ କଲେଜକେ ନେଇଥିଲେ। ସେଠାନେ ଗୁଟେ ଦିନ୍ ରଖିଲା ଉତାରୁ ୧୯.୧.୨୦୧୯ ତାରିଖରେ ବୁର୍ଲା ବଡ଼ ଡାକ୍‌ତରଖାନାରେ ଚିକିତ୍ସା ଲାଗି ପଠେଇ ଦେଲେ। ଡାକ୍‌ତରଖାନାରେ ଆମ୍ବୁଲାନ୍ସ ଅଭାବୁ ପରିବାର ଲୋକ ଗାଡ଼ି ଭଡ଼ା କରି ବୁର୍ଲା ନେଇଥିଲେ। ହେଲେ ଦୁଖର କଥା ସେଠାନେ ବି ଚିକିତ୍ସା ଲାଗି ଖଟଖଁଡ଼େ ନାଇଁ ମିଲ୍‌ଲା। ବାରନ୍‌ଡାରେ ପଡ଼ି ତିନ୍ ଦିନ୍ ଚିକିତ୍ସିତ ହେଲା ଉତାରୁ ଡାକ୍‌ତରମାନେ କହେଲେ ଇଠାନେ ଚିକିତ୍ସା ନାଇଁ ହେଇପାରେ। ଏନ୍‌ତାଥି ପରିବାର ଲୋକ୍ ଟଁକା ପଏସା ଅଭାବୁ ମୁହୁଁକାନ ସୁଆଁଲି ମନବୋଧକୁଁ ଘରକେ ଫିରେଇ ଆନ୍‌ଲେ। ଘରେ ଯାହା ଥିଲା ବନବୋଧକଁର ଚିକିତ୍ସାରେ ସରଲା। ଏହେଦେ ପରିବାରଟା ସରବ୍‌ସୁଆଁନ୍ତ୍ ହେଇଯାଇଛନ୍। ବନବୋଧକଁର ଚିକିତ୍ସା ଲାଗି ପରିବାର ଲୋକ୍ ପରଶାସନକେ ଗୁହାରି କରିଥିଲେ ବି ଆଏଜ୍‌ତକ୍ ଟଁକାଟେ ସାହାଯ୍ ନୁହେ ପାଆନ। ଇଆଡ଼େ ବାପର ଚିକିତ୍ସା ଲାଗି ଯୁକ୍ତ ଦୁଇ ପାସ୍ କରିଥିବାର ପାଠୁଆ ଝିଁ ଛାୟାବତୀ ଦାଦନ୍ ଖଟିଯାଇଛନ୍। ଘରର ପରିସ୍ଥିତି ଏନ୍‌ତା ଯେ, ଲୁକ୍‌କର ଲାଗ୍‌ବରମସ୍ ସୁଝିବାର ଲାଗି ପରିବାର ଲୋକ୍ ଘର ବିକ୍‌ବାକେ ବାହାରଲେନ। ଇ ବାବ୍‌ଦେ ଖପ୍ରାଖୋଲ ବିଡିଓ ତରଣୀ ସୁନାକୁଁ ପଚରାଲାରୁ ବଲାଙ୍ଗୀର ଜିଲା ମୁଖିଆ ଚିକିତ୍ସା ଅଧିକାରୀକଁର ସଂଗେ କଥା ହେମି। ରୁଗୀ ତାକର ଆୟ ପରମାନପତର ସଂଗେ ବଲାଙ୍ଗୀର ଗଲେ ସେ ସବୁପରକାର ସହଯୋଗ କରବେ ବଲି କହିଥିଲେ। ହେଲେ ଏହେଦେ ରୁଗୀକଁର ପରିବାରର ଅବସ୍‌ତା ଏନ୍‌ତା ଯେ ତାହାକୁ ବଲାଙ୍ଗୀର ନେବାକେ ବି ସକ୍ଷମ ନୁହଁନ୍।

**ଇମାନେ ଯାହା କହିଛନ୍..**

> ରାଏଜ୍ ଆର କେନ୍ଦ୍ର ସରକାର ଗରିବ୍ ଦୁଖିକର ଲାଗି ସ୍ୱାସ୍ଥ୍ୟ ବୀମା ଯୋଜ୍‌ନା କରିଛନ୍। ହେଲେ ପରଶାସନିକ ଅବହେଲାରୁ ଗରିବଦୁଖି ସୁବିଧାରୁ ବଁଚିତ୍ ହେଇ ମୁର୍‌ତୁମୁଖେ ପଡ଼ୁଛନ୍।
> **-ଘନଶ୍ୟାମ ସରାପ, ଗାଁବାସୀ**

> ସରକାରୀ ପଇସାରେ କ୍ରିକେଟ, ଫୁଟବଲ ମ୍ୟାଚ ହେଉଛେ, ହେଲେ ମନବୋଧ ଲେଖେଁ କର୍କଟ ରୁଗୀକୁଁ ଚିକିତ୍ସା ସାହାଯ୍ ନାଇଁ ମିଲବାରଟା ନିହାତି ଗୁଟେ ଦୁଖର କଥା।
> **-ଶେଷଦେବ ନାଗ, ଗାଁବାସୀ**

> ଝନେ କର୍କଟ ରୁଗୀକେ ପରଶାସନ ସାହାଯ୍ ନାଇଁ ଦେବାରଟା ଗୁଟେ ଦୁଖର କଥା। ଆମେ ଭିନେ ଭିନେ ଲୁକ୍‌କରନୁ ଟଁକା ପଏସା ଠୁଲେଇ ରୁଗୀକଁର ପରିବାର ଲୁକ୍‌କୁ ଦେମୁ।
> **- ସୁଶିଲ ଅଗ୍ରୱାଲ, ସମାଜସେବୀ**

> ପରଶାସନକେ ଭରସି ଲୁକ୍‌କରନୁ ଲାଗ୍ ବରମସ କରି ବାପାକେ ବଲାଙ୍ଗୀରରୁ ବୁର୍ଲା ତକ୍ ନେଲି। ହେଲେ କିଛି ଲାଭ ନାଇଁ ହେଲା। ଶେଷେ ଟଁକା ପଏସା ଅଭାବୁ ଘରକେ ଫିରେଇ ଆନ୍‌ଲି।
> **-ଶିବଚରଣ ସୂର୍ଯ୍ୟ, ରୋଗୀକଁର ପୁଓ**



ଯାହାର କୌଣସି ମୂଲ୍ୟ ନାହିଁ, ତାକୁ ହିଁ ପାଇବା ପାଇଁ ସମୟେ ସମୟେ ଯେଉଁ ଶକ୍ତି ବ୍ୟୟ ହୁଏ ତାହା ମହାଦୁଃଖଦାୟକ।
-ଆଇନଷ୍ଟାଇନ୍

## ସଂକ୍ଷେପରେ

### ବାରପୁଡୁଗିଆ ଦଳ ଚାମ୍ପିୟନ

ବଲାଙ୍ଗୀର ଅଫିସ, ୪।୨

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ଚିକଲବାହାଲ ନିକଟସ୍ଥ ଫଟକରା ଗ୍ରାମରେ ଗତ ୩ ଦିନ ଧରି ଚାଲିଥିବା ଉଦ୍ୟୋଗୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଛି । ଫାଇନାଲ ଖେଳରେ ବାରପୁଡୁଗିଆ ଓ ଫଟକରା ଦଳ ମୁହାଁମୁହିଁ ହୋଇଥିଲେ । ଫାଇନାଲ ଖେଳରେ ଉଭୟ ଦଳ ମଧ୍ୟରେ ସଂଘର୍ଷପୂର୍ଣ୍ଣ ଖେଳ ହୋଇଥିଲେ ମଧ୍ୟ ଶେଷରେ ବାରପୁଡୁଗିଆ ଦଳ ଗୋଟିଏ ଗୋଲଦେଇ ବିଜୟୀ ହୋଇଥିଲା । ନିର ବରିହା ଗୋଲ ସ୍କୋର କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ପିସିସି ବରିଷ୍ଠ ପ୍ରବକ୍ତା ସମରେନ୍ଦ୍ର ମିଶ୍ର, ବିଡିସିସି ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେର, ଜିଲା ଲେଖକ ପରିଷଦ ମଳୟ ମିଶ୍ର, ଉପସଭାପତି ବିଶ୍ୱମୟ ପୂଜାରୀ, ଚାଣ୍ଡିମୁଣ୍ଡା ହାଇସ୍କୁଲ ପ୍ରଧାନ ଶିକ୍ଷକ ବବ୍ରୁବାହନ ଭୋଇ, ସ୍ଥାନୀୟ ସରପଞ୍ଚ ଜେମାଦେଇ ନାଏକ, ଦେବରାଜ ଭୋଇ, ସରୋଜ କୁମାର ରଥ, ଗଗନ ନାଥ ଯୋଗଦେଇ ଥିଲେ। ରେଫରୀ ବିଜୟ କୁମାର ଖମାରୀ, ଭକ୍ତବନ୍ଧୁ ପଶାୟତ, ଉଚ୍ଛବ ଧରୁଆ ଓ ସରୋଜ କୁମାର ସୁନା ମ୍ୟାଚ ପରିଚାଳନା କରିଥିଲେ । ଆୟୋଜକ କମିଟିର ଚିତ୍ତରଞ୍ଜନ ଦାଶ, ସୁଜିତ ଭୋଇ, ଦେବାରାଜ ଭୋଇ, ପୁରନ୍ଦର କର୍ମ ଓ ଗଜରାଜ ଧରୁଆ ସହଯୋଗ କରିଥିଲେ ।

### ସଡ଼କ ସୁରକ୍ଷା ସପ୍ତାହ ଆରମ୍ଭ

# ନୂଆପଡ଼ା ସହରରେ ସଚେତନତା ଶୋଭାଯାତ୍ରା

ନୂଆପଡା ଅଫିସ,୪।୨

ସୋମବାର ଜିଲା ପରିବହନ ବିଭାଗ ତରଫରୁ ସଡକ ସୁରକ୍ଷା ସପ୍ତାହ ପାଳନ ଅବସରରେ ଏକ ବିଶାଳ ସଚେତନତା ଶୋଭାଯାତ୍ରା କରାଯାଇଛି । ଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରିଥିବା ଏହି ସଚେତନତା ଶୋଭାଯାତ୍ରାକୁ ଜିଲାପାଳ ଡା. ପୋମା ଟୁଡୁ ଆନୁଷ୍ଠାନିକ ଭାବେ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲା ପରିବହନ ଅଧିକାରୀ ପ୍ରଶାନ୍ତ କୁମାର ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ମୁଖ୍ୟଅତିଥି, ଅତିରିକ୍ତ ଜିଲାପାଳ ସୀତାରାମ ପଟେଲ, ଅତିରିକ୍ତ ଏସପି ସୁନୀଲ କୁମାର ଆଚାରୀ, ଏସଡିପିଓ ବିଦ୍ୟୁତ ଚନ୍ଦ୍ର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ସଡକ ସୁରକ୍ଷା କରିବା ଆମରି ପରମ କର୍ତ୍ତବ୍ୟ ରହିଛି । ଏହାକୁ ଆମକୁ ପାଳନ କରି ଦେଶର ପ୍ରଗତିରେ ସାମିଲ ହେବାକୁ ଆହ୍ୱାନ କରିଥିଲେ। ଏହି ରାଲି ନୂଆପଡା ସହରର ସବୁ ଗଳିକନ୍ଦି ପରିକ୍ରମା କରିଥିଲା। ଏଥିରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଶତାଧିକ ଛାତ୍ରୀଛାତ୍ର ସାମିଲ ଥିଲେ। ବିଭାଗର ସମସ୍ତ କର୍ମଚାରୀ ଯୋଗଦେଇଥିଲେ। ଏହି ପରିପେକ୍ଷୀରେ ଏକ ସଚେତନତା ରଥ ବାହାରି ଜିଲା ପରିକ୍ରମାର୍ଥେ ବାହାରିଥିବା ଜିଲା ପରିବହନ ଅଧିକାରୀ ପରିଡା କହିଛନ୍ତି ।




ଜିଲାପାଳ ଡା. ପୋମା ଟୁଡୁ ସଚେତନତା ଶୋଭାଯାତ୍ରାକୁ ଶୁଭାରମ୍ଭ କରୁଛନ୍ତି ।

# କର୍କଟ ରୋଗ ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର,୪।୨(ବ୍ୟୁରୋ)

ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ କର୍କଟ ରୋଗ ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି । ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. କଲ୍ୟାଣ କୁମାର ଗୁପ୍ତା, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କୁବେର ଚନ୍ଦ୍ର ମହନ୍ତ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପଞ୍ଚାନନ ନାୟକ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ) ଡା. ଚିନ୍ତାମଣି ମେହେର, ଭେଷଜ ବିଶେଷଜ୍ଞ ଡା. ଲଳିତ କୁମାର ପ୍ରଧାନ, ଜିଲା ଜନସ୍ୱାସ୍ଥ୍ୟ ସମ୍ପର୍କ ଅଧିକାରୀ କମଳାକାନ୍ତ ମହାପାତ୍ର ଯୋଗଦେଇ କର୍କଟ ରୋଗର ନିରାକରଣ ବିଷୟରେ ଆଲୋକପାତ କରିଥିଲେ । ଚଳିତ ମାସ ୮ ତାରିଖ ପର୍ଯ୍ୟନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ମାଗଣା କର୍କଟ ରୋଗ ଚିହ୍ନଟ ଓ ପରାମର୍ଶ ସେବା କାର୍ଯ୍ୟକ୍ରମ ହେବ ବୋଲି ସମିତି ପକ୍ଷରୁ ସୂଚୀତ କରାଯାଇଛି । ଏହି ଅବସରରେ ପଦଯାତ୍ରା, ବୈଠକ, ପ୍ରଶ୍ନ ଉତ୍ତର ମାଧ୍ୟମରେ ପୁରସ୍କାର ବିତରଣ ଓ ମାଗଣା ରୋଗ ଚିହ୍ନଟ ଓ ପରାମର୍ଶ କାର୍ଯ୍ୟକ୍ରମ ହୋଇଥିଲା ।

# ଭିସୁଟ ଓମେନ୍ସ କ୍ଲବ ବାର୍ଷିକ ଉତ୍ସବ

ସମ୍ବଲପୁର,୪।୨(ବ୍ୟୁରୋ)

ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍) ଓମେନ୍ସ କ୍ଲବର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭିସୁଟ ପ୍ରେକ୍ଷାଳୟରେ ଆୟୋଜିତ ଉତ୍ସବରେ ପ୍ରଫେସର ଲକ୍ଷ୍ମୀକାନ୍ତ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ମହିଳାଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । କ୍ଲବ ସଭାନେତ୍ରୀ ଝୁମଝୁମ ଚୌଧୁରୀ ସୂଚନା ପ୍ରଦାନ ସହ ସ୍ୱାଗତ ଭାଷଣ ଦେଇଥିଲେ । ସମ୍ପାଦିକା ସସ୍ମିତା ପ୍ରଧାନ ରିପୋର୍ଟ ପାଠ କରିଥିଲେ । ସୁନିତା ପତ୍ରି ଓ ସାତ୍ତ୍ୱିକ୍ ଦେବ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କୋଷାଧ୍ୟକ୍ଷା ଧରିତ୍ରୀ ମହାନ୍ତି ଲକ୍ଷ୍ୟ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଯୁଗ୍ମ ସମ୍ପାଦିକା ସ୍ମିତା ପଣ୍ଡାଙ୍କ ପରିଚାଳନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ଏଥି ସହ ପୁରସ୍କାର ବିତରଣ କରାଯାଇଥିଲା ।

### ୩୦ତମ ସଡ଼କ ସୁରକ୍ଷା ସଚେତନତା ସପ୍ତାହ ଆରମ୍ଭ

# ଦୁର୍ଘଟଣାରେ ଦେଶର ଭବିଷ୍ୟତ ନଷ୍ଟ ନ ହେଉ: ଅରିନ୍ଦମ

ବଲାଙ୍ଗୀର ଅଫିସ,୪।୨

ସୋମବାରଠାରୁ ବଲାଙ୍ଗୀର ଜିଲାରେ ୩୦ତମ ସଡ଼କ ସୁରକ୍ଷା ସଚେତନତା ସପ୍ତାହ ଆରମ୍ଭ ହୋଇଛି । ବଲାଙ୍ଗୀର ଜିଲା ପରିବହନ ବିଭାଗ ପକ୍ଷରୁ ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଣୟ କୁମାର ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲାପାଳ ଅରିନ୍ଦମ ଡାକୁଆ ଦିନକୁ ଦିନ ବୃଦ୍ଧି ପାଉଥିବା ସଡ଼କ ଦୁର୍ଘଟଣାକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। କିଭଳି ଭାବେ ଦୁର୍ଘଟଣାକୁ ରୋକାଯାଇପାରିବ ସେଦିଗରେ କାର୍ଯ୍ୟ କରିବାକୁ କହିଥିଲେ। ସମଗ୍ର ଦେଶ ଏବେ ବିକାଶ ମାର୍ଗରେ ଆଗକୁ ବଢୁଛି । ଦୁର୍ଘଟଣାରେ ଯଦି ଦେଶର ଭବିଷ୍ୟତ ନଷ୍ଟ ହୋଇଯିବ ତେବେ ଏହାର ଭାରୀ ମୂଲ୍ୟ ଦେବାକୁ ପଡିବ ବୋଲି ସେ କହିଥିଲେ। ଏଣୁ ସାମୂହିକ ସଚେତନତା ଓ ଉଦ୍ୟମରେ ଦୁର୍ଘଟଣାକୁ ହ୍ରାସ କରି ଦେଶର ଭବିଷ୍ୟତକୁ ସୁରକ୍ଷିତ ରଖିପାରିବ ବୋଲି କହିଥିଲେ। ସ୍ଥାନୀୟ ପୃଥ୍ୱୀରାଜ ହାଇସ୍କୁଲ ପଡ଼ିଆରେ ସକାଳ ୯ଟାରୁ ଆରମ୍ଭ ହୋଇଥିବା ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରାକୁ ମୁଖ୍ୟଅତିଥି ଜିଲାପାଳ ଡାକୁଆ ଓ ଏଡିଏମ୍ ଲକ୍ଷ୍ମୀକାନ୍ତ ପ୍ୟାରେଲାଲ ପ୍ରଧାନ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ରାଲିରେ ଏନ୍‌ସିସି ଛାତ୍ରୀଛାତ୍ର, ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ରୀ, ସଚେତନ ନାଗରିକ ସାମିଲ ହୋଇଥିଲେ । ସଚେତନତା ଶୋଭାଯାତ୍ରାଟି ସହର ପରିକ୍ରମା କରି କଳାମଣ୍ଡଳ ପଡ଼ିଆରେ ପହଞ୍ଚିବା ପରେ ସେଠାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । କବି ସନ୍ଦୀପ କୁମାର କୁଅଁରଙ୍କ ପରିଚାଳନା କ୍ରମେ ଅନୁଷ୍ଠିତ ସଭାରେ ଆଞ୍ଚଳିକ ପରିବହନ ଅଧିକାରୀ ମିଶ୍ର, ଡିଏସ୍‌ପି ପୁରୁଷୋତ୍ତମ ସେଠୀ, ନାଗରିକ କମିଟି ସମ୍ପାଦକ ବିଷ୍ଣୁ ପ୍ରସାଦ କେଡିଆ, ଟାଉନ୍ ଥାନା ଅଧିକାରୀ ଗୋକୁଳାନନ୍ଦ ସାହୁ, ଅତିରିକ୍ତ ଏମ୍‌ଭିଆଇ ହୃଷୀକେଶ ନାଏକ ମଞ୍ଚାସୀନ ହୋଇ ବକ୍ତବ୍ୟ ରଖିଥିଲେ। ଶେଷରେ ଅତିରିକ୍ତ ପରିବହନ ଅଧିକାରୀ ଲୋକନାଥ ମେହେର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ପରିବହନ ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ । ସୋମବାରଠାରୁ ୭ ଦିନ ଧରି ଏହି ସଚେତନତା କାର୍ଯ୍ୟକ୍ରମ ଜାରି ରହିବ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସଚେତନତା ମୂଳକ ପ୍ରତିଯୋଗିତାମାନ ଆୟୋଜନ କରାଯାଇ ଟ୍ରାଫିକ୍ ସଚେତନତା ଓ ସଡ଼କ ସୁରକ୍ଷା ସଚେତନତା କରାଯିବ ବୋଲି ସୂଚନା ଦିଆଯାଇଛି।



ବଲାଙ୍ଗୀରରେ ସଡ଼କ ସୁରକ୍ଷା ସପ୍ତାହ ଉପଲକ୍ଷେ ଆୟୋଜିତ ସଚେତନତା ଶୋଭାଯାତ୍ରା ।



ବିଶ୍ୱ କ୍ୟାନସର ଦିବସ ଅବସରରେ ବଲାଙ୍ଗୀର ସନ୍ଥଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ପରିସରରୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବାହାରିଥିବା ସଚେତନତା ରାଲି। (ଫଟୋ-ସୁନୀଲ)

### ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

# ତଳେ ବସି ଜଗୁଛନ୍ତି ହିତାଧିକାରୀ

ନୂଆପଡା ଅଫିସ,୪।୨

ଜିଲାର ଜନସାଧାରଣଙ୍କ ଅଭିଯୋଗଗୁଡିକର ଶୁଣାଣି କରିବାକୁ ଜିଲାପାଳ ଜିଲାବ୍ୟାପି ବିଭିନ୍ନ ବ୍ଲକରେ ଅଭିଯୋଗ ଶୁଣାଣି ଶିବିରମାନ ଆୟୋଜନ କରିଥାନ୍ତି । ଏହି ଅଭିଯୋଗ ଶୁଣାଣି ସମୟରେ ହିତାଧିକାରୀମାନଙ୍କ ସାମୟିକ ଆଶ୍ରୟ ସକାଶେ ଆଶ୍ରୟ ଗୃହର ବ୍ୟବସ୍ଥା କରାଯାଇଛି । ହେଲେ ନୂଆପଡା ଜିଲାପାଳଙ୍କ ସଭାବନା ସଭାଗୃହ ନିକଟରେ ଥିବା ଆଶ୍ରୟ ଗୃହରେ ବହୁ ଦିନ ଧରି କେହି ଜଣେ ଠିକାଦାର କବଜା କରି ବିଭିନ୍ନ ସାମଗ୍ରୀ ରଖିଥିବାରୁ ତାହା ଗୋଦାମ ଘର ପାଲଟିଛି । ଫଳରେ ଲୋକେ ବାଧ୍ୟ ହୋଇ ଘର ବାହାରେ ଖରାରେ ବସୁଥିବା ଦେଖାଯାଉଛି । ସୋମବାର ଅଭିଯୋଗ ଶୁଣାଣି ଶିବିର ଚାଲିଥିବା ବେଳେ ଶତାଧିକ ଲୋକ ରୁଣ୍ଡ ହୋଇଥିବାବେଳେ ସମସ୍ତେ ବାଧ୍ୟ ହୋଇ ବାହାରେ ଛିଡା ହୋଇ ରହିଥିବା ଦେଖିବାକୁ ମିଳିଥିଲା । ଏପରିକି ହିତାଧିକାରୀଙ୍କ ସକାଶେ ପାନୀୟ ଜଳର ମଧ୍ୟ କୌଣସି ବ୍ୟବସ୍ଥା କରାଯାଇ ନ ଥିବାରୁ ଛୋଟ ଶିଶୁମାନେ ବହୁ ହଇରାଣ ହୋଇଥିବା ଦେଖାଯାଇଥିଲା । ଏହା ଉପରେ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ହିତାଧିକାରୀମାନେ ଦାବି କରିଛନ୍ତି ।

**ଆଶ୍ରୟ ଗୃହ ପାଲଟିଛି ଗୋଦାମ ଘର**




ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ବାହାରେ ହିତାଧିକାରୀମାନେ ଖରାରେ ବସିଛନ୍ତି ।

### ସେଣ୍ଟ ଜାଭିୟର୍ ସ୍କୁଲର ବାର୍ଷିକ ଉତ୍ସବ

ସମ୍ବଲପୁର, ୪।୨ (ବ୍ୟୁରୋ)

ସେଣ୍ଟ ଜାଭିୟର ସ୍କୁଲର ପ୍ରଥମ ବାର୍ଷିକ ଉତ୍ସବ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ । ବଲ୍ଲଭ ଚନ୍ଦ୍ର ନାୟକ, ଚେୟାରମ୍ୟାନ ସୁନିତା ବେହେରା, ନିର୍ଦ୍ଦେଶକ ଅକ୍ଷୟ କୁମାର ନାୟକ ସମ୍ମାନୀତ ଅତିଥି ଥିଲେ ।

# ଜିଲା ଦାବି ଆନ୍ଦୋଳନ ୯୬ ଦିନରେ, ଆଜି ଟିଟିଲାଗଡ଼ ବନ୍ଦ

ଟିଟିଲାଗଡ଼,୪।୨(ଡି.ଏନ.ଏ.)

ଟିଟିଲାଗଡ଼ ଜିଲା ଦାବି ନେଇ ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗତ ନଭେମ୍ବର ୧ତାରିଖରୁ ଗଣଧାରଣା ଜାରିରହିଛି। ଆନ୍ଦୋଳନ ସୋମବାର ୯୬ ଦିନ ପହଞ୍ଚିଛି। ଏହି ପରିପ୍ରେକ୍ଷୀରେ ସମସ୍ତ ସରକାରୀ କାର୍ଯ୍ୟାଳୟ, କୋର୍ଟ, କଚେରି ବନ୍ଦ ରହିଥିବା ବେଳେ ପ୍ରଶାସନିକ ଅଚଳାବସ୍ଥା ସହ ନ୍ୟାୟିକ ପ୍ରକ୍ରିୟାରେ ବାଧା ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ଜିଲା କ୍ରିୟାନୁଷ୍ଠାନ କମିଟି ସଦସ୍ୟଙ୍କ ସହ ଟିଟିଲାଗଡ଼ ବିଧାୟିକା ଦାବି ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ। ଏନେଇ ମୁଖ୍ୟମନ୍ତ୍ରୀ ଜିଲା ଗଠନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ୫ତାରିଖରେ ୧୨ଘଣ୍ଟିଆ ଟିଟିଲାଗଡ଼ ସହର ବନ୍ଦ ପାଇଁ କ୍ରିୟାନୁଷ୍ଠାନ କମିଟି ବୈଠକରେ ନିଷ୍ପତ୍ତି ନେଇଥିବା ଆବାହକ କୃଷ୍ଣଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି। ରବିବାର ସ୍ଥାନୀୟ ହାଇସ୍କୁଲପଡ଼ାର ଶତାଧିକ ଯୁବକ ଏକ ଶୋଭାଯାତ୍ରାରେ ବାହାରି ଧାରଣାରେ ସାମିଲ ହୋଇଥିଲେ। ବରିଷ୍ଠ ଆଇନଜୀବୀ ପ୍ରଭାସ ବହିଦାର, ମନୋରଞ୍ଜନ ତ୍ରିପାଠୀ, ଶୁକ ପ୍ରଧାନୀ, ଅକ୍ଷୟ ଚିନ୍ଦା, ଅରୁଣ ବାଗ, ବିପିନ ଠାକୁର, ଶିବ ରତେଇ, ଜଗଦୀଶ ପ୍ରଧାନୀ, ଭିଙ୍ଗରାଜ ଜାଲ, କିଶୋର ରତେଇ, ସୁନିଲ ସାହୁ, ରଶ୍ମିରଞ୍ଜନ ଖମାରୀ, ଘାସି ଗହିର ପ୍ରମୁଖ ଆନ୍ଦୋଳନ ଚଳାଇଛନ୍ତି। ସୋମବାର କାନିଜୁରି ଗ୍ରାମର ମହିଳା ସଂଗଠନ କର୍ମକର୍ତ୍ତାଙ୍କ ସହ ଗ୍ରାମବାସୀ ଆନ୍ଦୋଳନରେ ସାମିଲ ହୋଇଥିଲେ।

### ଆନ୍ତଃ ଜିଲା ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

# ଇଚ୍ଛାପୁର ଦଳ ୪-୨ରେ ବିଜୟୀ

ଧର୍ମଗଡ,୪।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଝାରକୁଣ୍ଡାମାଳଠାରେ ଆନ୍ତଃଜିଲା ଫୁଟବଲ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି । ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମା' ଲଙ୍କେଶ୍ୱରୀ ଯୁବକ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟ ୭ ଦିନ ଧରି ଚାଲିବାକୁ ଥିବାବେଳେ ଏଥିରେ ଜିଲାର ଅନେକ ଦଳଗୁଡିକ ଭାଗ ନେଇଛନ୍ତି। ଉଦ୍‌ଘାଟନୀ ମ୍ୟାଚ୍ ଜୁନାଗଡ ଟାଉନ ଓ ଇଚ୍ଛାପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଇଚ୍ଛାପୁର ଦଳ ୪-୨ରେ ବିଜୟୀ ହୋଇଛି। ଉଦ୍‌ଘାଟନୀ ଦିବସରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଚିତ୍ତରଞ୍ଜନ ପଣ୍ଡା ଯୋଗଦେଇ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ତରାପୁର ସରପଞ୍ଚ ପ୍ରତିନିଧୀ ସୁରତ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥଲେ। ଜାତୀୟ ସଙ୍ଗୀତ ଗାନ ପୂର୍ବକ ଖେଳ ପ୍ରାରମ୍ଭ ହୋଇଥିଲା । ମୁଖ୍ୟ ଖେଳ ପରିଚାଳକ ଭାବରେ ଗୌତମ ମାଝି ପରିଚାଳନା କରିଥିବାବେଳେ ମୁନା ସରାପ ଓ ସୁଶାନ୍ତ ତାଙ୍କୁ ସହଯୋଗ କରିଥିଲେ। ଲାବାଣ୍ୟ ପଟେଲ ଓ ରାମ ଗୋପାଳ ପଣ୍ଡା ଧାରାବିବରଣୀ ପ୍ରଦାନ କରିଥିଲେ। ରାଜେଶ ଦ୍ୱିବେଦୀ, ପୂର୍ଣ୍ଣଚନ୍ଦ୍ର ଶବର, ଧୀରେନ ସରାପ, ଯଦୁ ଶବର, ସୁଜିତ ସିଂ, ଭବାନୀ ସରାପ, ଦେବେନ୍ଦ୍ର ସିଂ, ପ୍ରବୀଣ ପଣ୍ଡା ଏବଂ ସମସ୍ତ ସଭ୍ୟ କାର୍ଯ୍ୟ ତଦାରଖ କରିଥିଲେ ।



ଉଦ୍‌ଘାଟନୀ ମ୍ୟାଚ୍‌ରେ ଅତିଥିଙ୍କ ଗହଣରେ ଖେଳାଳିମାନେ ।

# ଫୁଟବଲ ଟୁର୍ଣ୍ଣାମେଣ୍ଟ: ଟର୍କେଲା ଚାମ୍ପିୟନ

ଡୁଣ୍ଡଲା,୪।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଡୁଣ୍ଡଲା ପଞ୍ଚାୟତ ରଜାପଡା ଭାଗୀରଥି ଯୁବକ ସଂଘ ପକ୍ଷରୁ ଗତ ୨୪ ତାରିଖରୁ ଚାଲିଥିବା ଫୁଟବଲ ଟୁର୍ଣ୍ଣାମେଣ୍ଟ ସୋମବାର ଉଦଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ ଟର୍କେଲା ଓ ରଜାପଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଟର୍କେଲା ୨-୦ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଛି । ଖେଳକୁ ଛବି ନାଏକ, ରମେଶ ପଧାନ, ସରୋଜ ମାଝି ପରିଚାଳନା କରିଥିଲେ। ଭାଗୀରଥି ଯୁବକ ସଂଘ ସଭାପତି ରଜନୀକାନ୍ତ ମାଝି, ଉପସଭାପତି କୃଷ୍ଣଚନ୍ଦ୍ର ନାଏକ, କୋଷାଧ୍ୟକ୍ଷ କ୍ଷତିକାନ୍ତ ନାଏକ ଏବଂ ସଂଘ ସଦସ୍ୟ ଯାଦବ ଥପା, ହେମନ୍ତ ମାଝି, ନିରଞ୍ଜନ ମାଝି, ଦିବ୍ୟ ମାଝି, ତପନ ମାଝି, ଖେତ୍ରୁ ଚନ୍ଦ୍ର ଥପା ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସାମାଜିକ କର୍ମୀ ସାରଦା ପ୍ରସନ୍ନ ସ୍ୱାଇଁ, ସମ୍ମାନିତ ଅତିଥି ମନୋଜ କୁମାର ପଟ୍ଟନାୟକ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଚାମ୍ପିୟନ ଟର୍କେଲା ଦଳକୁ ଟ୍ରଫି ସହ ୬ ହଜାର ଓ ରଜାପଡା ଦଳକୁ ଟ୍ରଫି ସହ ନଗଦ ୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା ।



ଅତିଥିଙ୍କ ସହ ଖେଳାଳିମାନେ ।



ପ୍ରତ୍ୟେକ ଧର୍ମକୁ ସ୍ନେହ କର, ପ୍ରେମ କର, ସମ୍ମାନ ଦିଅ। ମନେରଖ ପ୍ରତ୍ୟେକ ଧର୍ମ ସେଇ ପରମେଶ୍ୱରଙ୍କ ପାଖକୁ ଯିବାର ଏକମାତ୍ର ପଥ।
- ଶିରିଡି ସାଇବାବା

## ସଂକ୍ଷେପରେ



### ଯାତ୍ରୀ ବିଶ୍ରାମାଗାର ଉଦ୍‌ଘାଟିତ

**କୋକସରା,୪।୨(ଡି.ଏନ.ଏ.)** କଳାହାଣ୍ଡି ଜିଲା କୋକସରା ବ୍ଲକ ଚିଲିଗୁଡ଼ାଠାରେ ଯାତ୍ରୀ ବିଶ୍ରାମାଗାର ଗୃହ ସୋମବାର ଉଦ୍‌ଘାଟିତ ହୋଇଯାଇଛି । ଏହାକୁ ଧର୍ମଗଡ଼ ବିଧାୟକ ତଥା ବିଜେଡି ମୁଖପାତ୍ର ପୁଷ୍ପେନ୍ଦ୍ର ସିଂଦେଓ ଉଦଘାଟନ କରିଛନ୍ତି । ଏହି ଅବସରରେ ଆୟୋଜିତ ସଭାରେ କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ ଅଧ୍ୟକ୍ଷତା କରିଥିବା ବେଳେ ବିଧାୟକ ସିଂଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବାବେଳେ ବ୍ଲକ ବରିଷ୍ଠ ବିଜେଡି ନେତା ପର୍ଶୁରାମ ପ୍ରଧାନୀ, ଚିଲିଗୁଡ଼ା ଗ୍ରାମ୍ୟ କମିଟି ଶୋଭାଚନ୍ଦ୍ର ହଂସ, ପୂର୍ବତନ ସଭାପତି ମୋହନ ଚରଣ ସିଂ ଯୋଗଦେଇଥିଲେ । ବହୁଦିନରୁ ଯାତ୍ରୀ ବିଶ୍ରାମାଗାର ପାଇଁ ଦାବି ରହିଥିଲା ଯାହାକି ଏବେ ସମ୍ପୂର୍ଣ୍ଣ ହୋଇଛି। ଏହି ଅବସରରେ ଚିଲିଗୁଡ଼ା ଗ୍ରାମର ରଜନୀ ପଣ୍ଡା ବିଜେଡିରେ ଯୋଗଦେଇଥିଲେ। ଏଥିରେ ଧନେଶ୍ୱର ଗୋପାଲ, ଅଭିମନ୍ୟୁ ଗୋପାଲ, ବଂଶିଧର ସିଂ, କେଶବ ନାଏକ, ସତ୍ୟାନନ୍ଦ ବାଗ, ଗୌରଚନ୍ଦ୍ର ନାଗ, କୈଳାଶଚନ୍ଦ୍ର ସିଂ, ବଂଶୀଧର ବାଗ, ମୁକ୍ତେଶ୍ୱର ନାଗ, ଲିଙ୍ଗରାଜ ନିଆଲ, କୋକସରା ବିଜେଡି ବ୍ଲକ୍ ସଭାପତି ସୁଶାନ୍ତ ବେହେରା, ଏମ୍‌ପି ପ୍ରତିନିଧି ପ୍ରମୋଦ ପ୍ରଧାନୀ, ଅନିଲ କୁମାର ପ୍ରଧାନୀ, ଅଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ରାମଜୀ ୟଙ୍ଗଷ୍ଟାର କ୍ରିକେଟ ଟୁର୍ଣ୍ଣାମେଣ୍ଟ

ରିଷିଡା,୪।୨(ଡି.ଏନ.ଏ.) କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରେଗେଡା ରାମଜୀ ୟଙ୍ଗଷ୍ଟାର କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଉଦଘାଟନୀ ମ୍ୟାଚରେ ଝାରମୁଣ୍ଡା ଦଳକୁ ପରାସ୍ତ କରି ଯୋରାଡବରା ବିଜୟୀ ହୋଇଛି। ସେହିପରି ଅନ୍ୟ ଏକ ମ୍ୟାଚରେ ମହଗାଁକୁ ପରାସ୍ତ କରି ଧୁମାଭଟା ବିଜୟୀ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଭାଜପା କୃଷକ ମୋର୍ଚ୍ଚାର ରାଜ୍ୟ ସଂଯୋଜକ ଅନିରୁଦ୍ଧ ପଧାନ, ସମ୍ମାନିତ ଅତିଥି ଭାବେ ହାଇସ୍କୁଲର ପ୍ରଧାନଶିକ୍ଷକ ସୈରେନ୍ଦ୍ର ନାଏକ ଯୋଗଦେଇଥିବା ବେଳେ ଖେଳ ପରିଚାଳନା ଯାଜ୍ଞସେନ ଭୋଇ ଓ ଶରତ ମିର୍ଦ୍ଧା ଧାରା ବିବରଣୀ ପ୍ରଦାନ କରିଥିଲେ।

## ବଳଦିଆମାଲ ଖଗେଶ୍ୱର ମେହେର ଉଚ୍ଚ ବିଦ୍ୟାଳୟ

# ଦୀର୍ଘ ବର୍ଷ ପରେ ବି ସରୁନି କୋଠା ନିର୍ମାଣ କାମ

- ବିଦ୍ୟାଳୟ କୋଠା ନିର୍ମାଣରେ ଅନିୟମିତତା
- ଭିଜିଲାନ୍ସ ତଦନ୍ତ ଦାବି

**ଜୁନାଗଡ,୪।୨(ଡି.ଏନ.ଏ.)** କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବଳଦିଆମାଲ ଖଗେଶ୍ୱର ମେହେର ଉଚ୍ଚ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ କୋଠା ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ଜଣାପଡିଛି। ଏହି କୋଠା ପକ୍କାଘର (ସ୍ଲାପ) ହେବାକୁ ଥିବାବେଳେ ନିମ୍ନମାନର କାମ ଯୋଗୁ ପିଲରଗୁଡିକ ସମ୍ଭାଳି ପାରିବ ନି ଭାବି ପରବର୍ତ୍ତୀ ସମୟରେ ତାହାକୁ ଟିଣ ଛାତ ପକାଇ କୋଠାଟିକୁ ଶେଷ କରାଯାଇଛି। ଏପରିକି ଦୀର୍ଘ ବର୍ଷ ପରେ ମଧ୍ୟ କୋଠା ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଛାତ୍ରୀଛାତ୍ରଙ୍କ ପାଠ ପଢାରେ ବ୍ୟାଘାତ ସୃଷ୍ଟି ହୋଇଛି। ଯାହାକୁ ନେଇ ଏବେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି।

ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ବଳଦିଆମାଲ ଖଗେଶ୍ୱର ମେହେର ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ପାଇଁ ଆବଶ୍ୟକ ଶ୍ରେଣୀ କୋଠରି ନ ଥିବାରୁ ଗତ ୨୦୧୩ରେ ତତ୍କାଳୀନ ବିଧାୟକ ଗୋବର୍ଦ୍ଧନ ଦାଶ ଶ୍ରେଣୀ କୋଠା ନିର୍ମାଣ କରିବା ପାଇଁ ୨ ଲକ୍ଷ ଟଙ୍କା ଅନୁଦାନ ଦେଇଥିଲେ। ଏହି ୨ ଲକ୍ଷ ଟଙ୍କାରେ ଶ୍ରେଣୀ କୋଠାର କେବଳ ଫାଉଣ୍ଡେଶନ ପର୍ଯ୍ୟନ୍ତ ଉଠିପାରିଥିଲା। ପରେ ୨୦୧୬-୧୭ରେ ପଶ୍ଚିମ ଓଡିଶା ବିକାଶ ପରିଷଦ ପକ୍ଷରୁ ଉକ୍ତ କୋଠାକୁ ସମ୍ପୂର୍ଣ୍ଣ କରିବା ପାଇଁ ୫ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଥିଲା। ଯେଉଁଥିରେ ଏହି କୋଠା ପକ୍କାଘର ହେବାର ଥିଲା। ତେବେ ନିମ୍ନମାନର କାମ ଯୋଗୁ ପିଲରଗୁଡିକ ଦୁର୍ବଳ ହେବାରୁ ସିମେଣ୍ଟ ଛାତ ସମ୍ଭାଳି ପାରିବ ନି ଭାବି ପରବର୍ତ୍ତୀ ସମୟରେ ଏହି କୋଠାକୁ ପକ୍କା ଘର ବଦଳରେ ଟିଣଛାତ ପକାଇ ଶେଷ କରାଯାଇଛି। ଅବଶିଷ୍ଟ କାମ ଏବେ ଟଙ୍କା ଅଭାବରୁ ବନ୍ଦ ରହିଥିବାରୁ କୋଠା ଅଧାପନ୍ତରିଆ ଭାବରେ ରହିଛି। ଏହି କୋଠା ପାଇଁ ୨ଟି ପର୍ଯ୍ୟାୟରେ ସମୁଦାୟ ୭ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିଲେ ମଧ୍ୟ କୋଠା ନିର୍ମାଣ ନ ସରିବା ପରିତାପର ବିଷୟ। ସେହିପରି ଏହି କୋଠା ନିର୍ମାଣ କାମରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏହାର ଏକ ଭିଜିଲାନ୍ସ ତଦନ୍ତ କରାଗଲେ କୋଠାର ଅନିୟମିତତା ଜଣାପଡିବ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ଏ ନେଇ ଜୁନାଗଡ ବ୍ଲକ ସହକାରୀ ଯନ୍ତ୍ରୀ ଗୋବିନ୍ଦ ବଲ୍ଲଭ ମହାରଣାଙ୍କୁ ପଚାରିବାରୁ ଉକ୍ତ କୋଠା ସମାପନ ପାଇଁ ଡବ୍ଲ୍ୟୁଓଡିସି ପକ୍ଷରୁ ୩ ଲକ୍ଷ ଟଙ୍କା ଅନୁମୋଦନ ହୋଇଆସିଛି, ଶୀଘ୍ର କୋଠାର ଅବଶିଷ୍ଟ କାମ କରାଯାଇ ସମାପନ କରାଯିବ ବୋଲି କହିଥିଲେ। ସେହିପରି ପକ୍କା ଘର ବଦଳରେ ଟିଣଛାତ କରାଯିବା ବିଷୟରେ ପଚାରିବାରୁ ୧୦ ଇଞ୍ଚ କଲମରେ ୨୪ ଫୁଟ ଚଉଡା ସିମେଣ୍ଟ ଛାତ ଘର ରହିବ ନାହିଁ, ସେଥିପାଇଁ ଟିଣ ଛାତ ପକାଗଲା ବୋଲି କହିଥିଲେ।




ଅଧାପନ୍ତରିଆରେ ଥିବା ଅତିରିକ୍ତ ଶ୍ରେଣୀ କୋଠା ।

# ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଆରମ୍ଭ

**ଭବାନୀପାଟଣା,୪।୨(ଡି.ଏନ.ଏ.)** ଗାଡି ଚାଳକ ତଥା ଜନସାଧାରଣଙ୍କ ମଧ୍ୟରେ ଟ୍ରାଫିକ୍ ନିୟମ ସମ୍ପର୍କରେ ସଚେତନତା ସୃଷ୍ଟି କରି ଦୁର୍ଘଟଣା ରୋକିବା ସହ ଧନ ଜୀବନର ସୁରକ୍ଷା ପାଇଁ ୩୦ତମ ଜାତୀୟ ସଡକ ସୁରକ୍ଷା ସପ୍ତାହର ଶୁଭାରମ୍ଭ କରାଯାଇଛି । ଏହି ପରିପ୍ରେକ୍ଷୀରେ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ସ୍କୁଲ ଛାତ୍ରୀଛାତ୍ର, ଏନସିସିଏକ ଓ ଅନ୍ୟ ବହୁ ଯୁବକଙ୍କ ସହ ପର୍ବତାରୋହୀ ଯୋଗବ୍ୟାଶ ଭୋଇଙ୍କ ନେତୃତ୍ୱରେ କଲେଜ ଛକ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଜିଲାପାଳ ଡ. ଗାଭାଳି ପରାଗ ହର୍ଷଦ, ଜିଲା ଆରକ୍ଷୀ ଅଧୀକ୍ଷକ ବାତୁଲା ଗଙ୍ଗାଧର, ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ଦୀନବନ୍ଧୁ ଶୁଣ୍ଠି, ଉପଜିଲାପାଳ ମର୍ଦ୍ଧା ଟପ୍ପୋ, ଏମ୍‌ଭିଆଇ ସମ୍ବିତ କୁମାର ଯୋଗଦେଇ ସଡକ ସୁରକ୍ଷା ସଚେତନତା ରଥ ଏବଂ ସଚେତନତା ରାଲିକୁ ସବୁଜ ପତାକା ଦେଖାଇ ସୁଭାରମ୍ଭ କରିଥିଲେ। ଏଥିରେ ଏନ୍‌ସିସି ଗାଇଡ ରବି କାନୁନ୍‌ଗୋ ଓ ଶରତ ପୁରୋହିତ ଓ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବିଜୟ ସିଂହ ପ୍ରମୁଖ ଯୋଗଦେଇ ଥିଲେ । ସୂଚନାଯୋଗ୍ୟ ଯେ, ସୋମବାରଠାରୁ ଆରମ୍ଭ ହୋଇଥିବା ୩୦ ତମ ଜାତୀୟ ସଡକ ସୁରକ୍ଷା ସପ୍ତାହ ୭ ଦିନ ଧରି ଚାଲିବ।



ଜିଲାପାଳ ସଡ଼କ ସୁରକ୍ଷା ସପ୍ତାହ ଅବସରରେ ସଚେତନତା ଶୋଭାଯାତ୍ରାକୁ ଉଦ୍‌ଘାଟନ କରୁଛନ୍ତି ।

# ଫୁଟବଲ ଟୁର୍ଣ୍ଣାମେଣ୍ଟ: ଘୋଡାବନ୍ଧ ବିଜୟୀ

**ରିଷିଡା,୪।୨(ଡି.ଏନ.ଏ.)** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ନିକଟସ୍ଥ ତେରେସିଂହା ଖେଳ ପଡିଆରେ ରବିବାର ଦଇତାରୀ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି । ଉଦଘାଟନୀ ମ୍ୟାଚରେ ତେରେସିଂହା ଦଳକୁ ୩-୧ ଗୋଲରେ ପରାସ୍ତ କରି ଘୋଡାବନ୍ଧ ବିଜୟୀ ହୋଇଛି। ଦଇତାରୀ ମେମୋରିଆଲ ଗେମ୍ସ ଆଣ୍ଡ ସ୍ପୋର୍ଟ୍ସ ଆନୁକୂଲ୍ୟରେ ଆୟୋଜିତ ଉଦଘାଟନୀ ମ୍ୟାଚରେ ମୁଖ୍ୟଅତିଥି ଭାବେ ସରପଞ୍ଚ ହନୁମାନ ଦାସ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ମୁରଲୀଧର ରଣା, ଶିକ୍ଷାବିତ ବୈକୁଣ୍ଠ ରଣା, ଲୋକନାଥ ଗହୀର ପ୍ରମୁଖ ଯୋଗଦେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ କଳାହାଣ୍ଡି ଓ ବଲାଙ୍ଗୀର ଜିଲାର ୮ଟି ଫୁଟବଲ ଦଳ ଭାଗ ନେଉଛନ୍ତି । ଖେଳ ପରିଚାଳନା ସୁବ୍ରତ ରଣା କରିଥିବା ବେଳେ ସହାୟତା କିଶୋର ନାଏକ ଓ ଗୌରଚନ୍ଦ୍ର ନାଏକ କରିଥିଲେ । ଆୟୋଜକ ଦଳର ସଭାପତି ହେମନ୍ତ ବାଗ ଓ ସମ୍ପାଦକ କ୍ଷେତ୍ରମଣି ରଣା ପରିଚାଳନା କରୁଛନ୍ତି ।



ଉଦଘାଟନୀ ମ୍ୟାଚରେ ଉଭୟ ଦଳର ଖେଳାଳି ସହ ଅତିଥି ।

### ରାହୁଲଙ୍କ ଗସ୍ତ ନେଇ କଂଗ୍ରେସର ସମୀକ୍ଷା ବୈଠକ

**ଭବାନୀପାଟଣା,୪।୨(ଡି.ଏନ.ଏ.)** ଆସନ୍ତା ୬ ତାରିଖରେ ଜାତୀୟ କଂଗ୍ରେସ ଦଳ ସଭାପତି ରାହୁଲ ଗାନ୍ଧୀ କଳାହାଣ୍ଡି ଗସ୍ତରେ ଆସି ଆୟୋଜିତ କର୍ମୀ ସମାବେଶରେ ଉଦ୍‌ବୋଧନ ଦେବେ। ଏହି ପରିପ୍ରେକ୍ଷୀରେ ରବିବାର ସନ୍ଧ୍ୟାରେ କଂଗ୍ରେସର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଭବାନୀପାଟଣା ସହର ନିକଟସ୍ଥ ଶ୍ରୀକୃଷ୍ଣ ନଗରଠାରେ ଅନୁଷ୍ଠିତ ବୈଠକରେ ପିସିସି ପ୍ରଚାର କମିଟି ଅଧ୍ୟକ୍ଷ ଭକ୍ତ ଚରଣ ଦାସ, ଦକ୍ଷିଣ ଜୋନର କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି, ଜିଲା କଂଗ୍ରେସ କମିଟି ସଭାପତି ଭାରତ ଭୂଷଣ ବେମାଲ, ରାଜ୍ୟ ସମ୍ପାଦକ ଶାନ୍ତନୁ ବେହେରା, ଚିତ୍ତରଞ୍ଜନ ମଣ୍ଡଳ, ଜିଲା ମିଡିଆ ସେଲ ଅଧ୍ୟକ୍ଷ ମହମ୍ମଦ ଅଲ୍ଲୀ, ଜିଲା ପରିଷଦ ସଦସ୍ୟ ମୁରଲୀଧର ନାଏକ, ଜିଲା ସାଧାରଣ ସମ୍ପାଦକ ଦେବେନ୍ଦ୍ର ନାୟକଙ୍କ ଉପସ୍ଥିତି ଥିଲେ । ଏହି ଅବସରରେ ଥୁଆମୂଳ ରାମପୁର ଅଞ୍ଚଳର ୨୮ ଜଣ କଂଗ୍ରେସରେ ସାମିଲ ହୋଇଛନ୍ତି। ସେହିପରି ରାହୁଲ ଗାନ୍ଧୀଙ୍କ କଳାହାଣ୍ଡି ଗସ୍ତ ପାଇଁ ରବିବାର ସନ୍ଧ୍ୟାରେ ଜାତୀୟ ଏସପିଜି ୱିଙ୍ଗ ପକ୍ଷରୁ ଶ୍ରୀକୃଷ୍ଣ ନଗରଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ପୋଲିସ, ବିଦ୍ୟୁତ, ପୂର୍ତ୍ତବିଭାଗ ଓ ଅନ୍ୟାନ୍ୟ ବିଭାଗର ପଦାଧିକାରୀ ଯୋଗଦେଇଥିଲେ । ଏସପିଜିର ନିର୍ଦ୍ଦେଶକ୍ରମେ ପୂର୍ବରୁ ତିଆରି ଚାଲିଥିବା ହ୍ୟାଲିପେଡକୁ ବାତିଲ କରି ପୁନର୍ବାର ନୂଆ ହ୍ୟାଲିପେଡ ନିର୍ମାଣ ନେଇ ଆୟୋଜକମାନେ ନାକେଦମ ହୋଇଥିଲେ। ଦଶବର୍ଷ ପରେ କିବେକେ ଅଞ୍ଚଳକୁ ରାହୁଲ ଆସୁଥିବାରୁ କଂଗ୍ରେସ କର୍ମୀମାନେ ବେଶ ଉତ୍ସାହିତ ହୋଇ ପଡିଛନ୍ତି ।

## ରକ୍ତ ଭଣ୍ଡାରରେ, ରକ୍ତ ଅଭାବ

# ବଦଳରେ ଚାଲିଛି ରକ୍ତ ଦିଆନିଆ

**ଭବାନୀପାଟଣା,୪।୨(ସ୍ୱ.ପ୍ର.)** କଳାହାଣ୍ଡି ଜିଲା ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଓଡିଶା ରକ୍ତ ଭଣ୍ଡାରରେ ଏବେ ରକ୍ତ ଅଭାବ ଦେଖିବାକୁ ମିଳିଛି। ଏଠାରେ ଆବଶ୍ୟକ ପରିମାଣର ରକ୍ତ ମହଜୁଦ ରହୁନାହିଁ। ଫଳରେ ବିଭିନ୍ନ ସମୟରେ ଜରୁରୀ କାଳୀନ ରୋଗୀମାନେ ଆବଶ୍ୟକ ଗ୍ରୁପର ରକ୍ତ ନ ପାଇ ହଇରାଣ ହେଉଥିବା ଅଭିଯୋଗ ହୋଇଛି। ଏପରିକି ପ୍ରାୟ ସମୟରେ ବିଭିନ୍ନ ଗ୍ରୁପର ରକ୍ତ ମହଜୁଦ ନ ଥିବା ରକ୍ତ ଭଣ୍ଡାରରେ

**ମହଜୁଦ ରହୁନି ରକ୍ତ**

ଟଙ୍ଗାଯାଇଥିବା ସାରେଣୀରେ ଦେଖିବାକୁ ମିଳିଥାଏ। ଯଦି କାହାର ରକ୍ତ ଦରକାର ଅଛି ତାଙ୍କ ସମ୍ପର୍କୀୟ ରକ୍ତ ଦେଇ ରକ୍ତ ଭଣ୍ଡାରରୁ ନିଜ ଆବଶ୍ୟକ ମୁତାବକ ରକ୍ତ ବଦଳ ନେଇ ଯାଇଥାନ୍ତି। କଳାହାଣ୍ଡି ଜିଲା ରେଡକ୍ରସ ସୋସାଇଟି ପକ୍ଷରୁ ପରିଚାଳିତ ଏହି ରକ୍ତ ଭଣ୍ଡାର ଗତ ୨୧ ଜାନୁୟାରୀ ୧୯୭୦ ରେ ସ୍ଥାପନ ହୋଇଥିଲା। ଜିଲାରେ ପ୍ରାୟ ସମୟରେ ବିଭିନ୍ନ ସଙ୍ଗଠନ, ସଂସ୍ଥା, ସମ୍ପ୍ରଦାୟ, ଦଳ, ଅନୁଷ୍ଠାନ ପକ୍ଷରୁ ରକ୍ତ ଶିବିର ଆୟୋଜନ କରାଯାଇ ଶତାଧିକ ୟୁନିଟ ରକ୍ତ ସଂଗ୍ରହ କରି ରକ୍ତ ଭଣ୍ଡାରକୁ ଦିଆଯାଇଥାଏ। ଏହା ପରେ ମଧ ରକ୍ତ ଭଣ୍ଡାରରେ ରକ୍ତ ଅଭାବ ଦେଖାଯିବା ସାଧାରଣରେ ଚର୍ଚ୍ଚାର ବିଷୟ। ଏ ନେଇ ଜିଲା ଚିକିତ୍ସା ଅଧିକାରୀ ଡାକ୍ତର କବିରାଜ ଚୌଧୁରୀଙ୍କୁ ପଚାରିବାରୁ ଜରୁରୀକାଳୀନ ରୋଗୀ ଯାହାର କେହି ନାହାନ୍ତି ସେମାନଙ୍କ ପାଇଁ ରକ୍ତ ଯୋଗାଯାଉଛି ବୋଲି କହିଥିଲେ। ସେହିପରି ବିଭିନ୍ନ ବ୍ଲଡ ଗ୍ରୁପ ମହଜୁଦ ନ ଥିବା ବିଷୟରେ ପଚାରିବାରୁ କେହି ରକ୍ତ ଦେଲେ ଏଠାରେ ରକ୍ତ ମିଳିଥାଏ ବୋଲି କହିଥିଲେ।







ଭବାନୀପାଟଣାଠାରେ ଥିବା ଓଡିଶା ରକ୍ତ ଭଣ୍ଡାର । ପ୍ରାୟ ରକ୍ତ ଗ୍ରୁପ ମହଜୁଦ ନ ଥିବା ସାରେଣୀରେ ଦର୍ଶାଯାଇଛି।

# ଆନ୍ଧ୍ରପ୍ରଦେଶରେ ଜଣେ ମହିଳା ଦାଦନ ଶ୍ରମିକଙ୍କ ମୃତ୍ୟୁ

**ଧର୍ମଗଡ,୪।୨(ଡି.ଏନ.ଏ.)** କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଦଣ୍ଡପାଟଅଞ୍ଚଳ ପଲସପାନି ଗ୍ରାମର ଜଣେ ମହିଳା ଦାଦନ ଶ୍ରମିକଙ୍କ ଆନ୍ଧ୍ରପ୍ରଦେଶରେ ମୃତ୍ୟୁ ଘଟିଛି। ମୃତ ମହିଳା ଶ୍ରମିକ ହେଉଛନ୍ତି ପଲସପାନି ଗ୍ରାମର ପଦ୍ମିନୀ ପରାଭୋଇ। ଗତ ୩ ମାସ ତଳେ ଛଞ୍ଚାଣବାହିଲି ଗ୍ରାମପଞ୍ଚାୟତ ଅଧୀନ ପଲସପାନି ଗ୍ରାମର ଟିବୁ ପରାଭୋଇ ଏବଂ ତାଙ୍କ ସ୍ତ୍ରୀ ପଦ୍ମିନୀ ଜଣେ ଦାଦନ ଦଲାଲଙ୍କ ପ୍ରଲୋଭନରେ ପଡି ଆନ୍ଧ୍ରାପ୍ରଦେଶର ସାଥନଗର ଅଞ୍ଚଳର ଏକ ଇଟା ଭାଟିକୁ କାମ କରିବାକୁ ଯାଇଥିଲେ । ଗତ ସୋମବାର ଦୁଇ ଜଣ ଇଟା ଭାଟିରେ କାମ କରୁଥିବା ବେଳେ ଏକ ବିଷାକ୍ତ ସାପ ପଦ୍ମିନୀଙ୍କୁ କାମୁଡି ଦେଇଥିଲା। ଗୁରୁତର ଅବସ୍ଥାରେ ପଦ୍ମିନୀଙ୍କ ସିକନ୍ଦରାବାଦସ୍ଥିତ ଗାନ୍ଧୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଦୀର୍ଘ ୬ ଦିନ ଚିକିତ୍ସା ପରେ ଶେଷରେ ଗତ ଶନିବାର ତାଙ୍କର ମୃତ୍ୟୁ ଘଟିଥିଲା। ପରିବାରର ଆର୍ଥିକ ଅନାଟନ ଯୋଗୁ ମୃତଦେହ ଆଣିବା ପାଇଁ ସାମର୍ଥ୍ୟ ନ ହେବାରୁ ସେଠାରେ ହିଁ ଅନ୍ତିମ ଶତ୍କାର କରାଯାଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି ।



ମୃତ ପଦ୍ମିନୀଙ୍କ ଫାଇଲ ଫଟୋ।

# ପତ୍ରଝଡ଼ା ଋତୁ ଆରମ୍ଭ, ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା ଜରୁରୀ

**ଭବାନୀପାଟଣା,୩।୨(ଡି.ଏନ.ଏ.)** ବସନ୍ତ ଋତୁରେ ପ୍ରାୟ ସବୁ ଗଛରୁ ପତ୍ର ଝଡିବା ଆରମ୍ଭ ହୋଇ ଯାଇଛି। ଖରାଦିନେ ଏସବୁ ଶୁଖିଲା ପତ୍ର ଗୁଡିକରେ ନିଆଁ ଲାଗି ବ୍ୟାପକ ଭାବରେ ଜଙ୍ଗଲ ନଷ୍ଟ ହୋଇଥାଏ। ଲୋକଙ୍କ ଅଜାଣତରେ ଅନେକ ସମୟରେ ଜଙ୍ଗଲରେ ନିଆଁ ଲାଗୁଥିବା ବେଳେ ଲୋକେ ଜାଣିଶୁଣି ମଧ ମହୁଲ ଗୋଟାଇବା ଓ କେନ୍ଦୁପତ୍ର ସଂଗ୍ରହ କରିବା ପାଇଁ ଶୁଖିଲା ପତ୍ରସବୁକୁ ନିଆଁ ଲଗାଇଥାନ୍ତି । ଯାହାର କୁପରିଣାମ ସ୍ୱରୂପ ଜଙ୍ଗଲରେ ଭୟଙ୍କର ନିଆଁ ଲାଗିଥାଏ। ଆହୁରି ମଧ ଏହି ନିଆଁ ଜନ ବସତି ଆଡକୁ ମାଡି ଆସିବାର ଭୟ ଅଛି। ତେଣୁ ବେଳହୁଁ ସମସ୍ତେ ସଜାଗ ହେଲେ ଜଙ୍ଗଲ ନିଶ୍ଚିତ ଧ୍ୱଂସମୁଖରୁ ରକ୍ଷା ପାଇବା ସହିତ ଜଙ୍ଗଲ ଭିତରେ ଥିବା ପଶୁପକ୍ଷୀମାନେ ମଧ ରକ୍ଷା ପାଇବେ। ଏହାଦ୍ୱାରା ପରିବେଶ ସୁରକ୍ଷିତ ରହିବା ସଙ୍ଗେ ସଙ୍ଗେ ସମସ୍ତଙ୍କ ତଥା ଦେଶର ମଙ୍ଗଳ ହେବ ବୋଲି ପ୍ରକୃତି ବନ୍ଧୁ ରବୀନ୍ଦ୍ର ପଟ୍ଟନାୟକ ପ୍ରକାଶ କରିଛନ୍ତି। ସେ ପୁଣି କହିଛନ୍ତି ଯେ, ନିଆଁ ଲାଗିବା ଯୋଗୁ ଜଙ୍ଗଲରେ ଥିବା ଔଷଧୀୟ ବୃକ୍ଷ ସବୁକୁ ନଷ୍ଟ କରୁଥିବା ବେଳେ ଜୀବଜନ୍ତୁଙ୍କ ମଧ କ୍ଷତି ସାଧନ କରିଥାଏ। ଫଳରେ ସ୍ଥାନୀୟ ଲୋକଙ୍କର ଜୀବନ ଓ ଜୀବିକାକୁ ପ୍ରଭାବିତ କରେ। ଅନେକ ଦୁର୍ଲଭ ସରିସୃପ ଜାତୀୟ ପ୍ରାଣି ଏହି ନିଆରେ ପୋଡିଯାଇଥାନ୍ତି ବୋଲି ସେ କହିଛନ୍ତି।

# ଉଦେପୁର ଉନ୍ନୀତ ହାଇସ୍କୁଲର ପଞ୍ଚମ ବାର୍ଷିକ କ୍ରୀଡ଼ା ଉତ୍ସବ

**ଭବାନୀପାଟଣା,୪।୨(ଡି.ଏନ.ଏ.)** ଉଦେପୁର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପଞ୍ଚମ ବାର୍ଷିକ କ୍ରୀଡା ଉତ୍ସବ ଦୁଇ ଦିନଧରି ସ୍ଥାନୀୟ ଗଛଖୋଲା ପଡିଆରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଦିବସରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଦୀପ କୁମାର ସାହୁ କ୍ରୀଡା ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଦ୍ୱିତୀୟ ଦିବସରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅରୁଣ ପଧାନ କ୍ରୀଡା ପତାକା ଅବତରଣ କରି ଉଦ୍‌ଯାପନୀ ଉତ୍ସବରେ ଛାତ୍ରୀଛାତ୍ରଙ୍କୁ ସମ୍ବୋଧନ କରି କ୍ରୀଡା ଛାତ୍ରୀଛାତ୍ରଙ୍କ ସାମଗ୍ରୀକ ଉନ୍ନତୀର ପଥ ଉନ୍ମୁକ୍ତ କରିଥାଏ ଏବଂ ସୁସ୍ଥ ଓ ଆଦର୍ଶ ଛାତ୍ର ଗଢ଼ିବାରେ କ୍ରୀଡା ଏକ ପ୍ରମୁଖ ଭୂମିକା ନେଇଥାଏ ବୋଲି କହିଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କ୍ରୀଡା ଉତ୍ସବରେ ମାର୍ଗଦର୍ଶକ ଶିକ୍ଷକ ରୋହିତ ମାଝି, ଶିକ୍ଷୟିତ୍ରୀ ସଙ୍ଗତା ନାଗ ଛାତ୍ରୀଛାତ୍ରଙ୍କ ମାର୍ଚ୍ଚଫାଷ୍ଟ କରାଇ ଅଭିବାଦନ ଜଣାଇଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ କ୍ରୀଡା ଯଥା ୧୦୦ ମିଟର ଦୌଡ, ମ୍ୟୁଜିକ ଚେୟାର, ଦଉଡି ଡିଆଁ, କବାଡି ଇତ୍ୟାଦି କନିଷ୍ଠ, ଉପକନିଷ୍ଠ ଓ ବରିଷ୍ଠ ବିଭାଗ ମଧ୍ୟରେ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟ ଶିକ୍ଷୟିତ୍ରୀ ମନୋରମା ଦାସ, ରେଣୁବାଳା ମହାନ୍ତି, ସିକ୍ତା ପଟ୍ଟନାୟକ, ସୁଜାତା ଆଚାର୍ଯ୍ୟ, ସୌଭାଗିନୀ ଦେବୀ, ପ୍ରିତୀମୟୀ ଆଚାର୍ଯ୍ୟ, ସୌଦାମିନୀ ମିଶ୍ର, ପୁଷ୍ପାଞ୍ଜଳୀ ସାହୁ, ଶାଶ୍ୱତ ମହାପାତ୍ର, ପଦ୍ମାଳୟା ମାଝି ଏବଂ ଶିକ୍ଷକ ନିରୋଦ ମାଝି, ଚନ୍ଦ୍ରମଣୀ ମହାନନ୍ଦ ପ୍ରମୁଖ ପରିଚାଳନା କରିଥିଲେ । ବିଦ୍ୟାଳୟ କ୍ୟାବିନେଟ ପ୍ରଧାନମନ୍ତ୍ରୀ ଇଷା ଯୋଷୀ, ଖେଳମନ୍ତ୍ରୀ ଈଶ୍ୱର ରଣା ଉଦଘାଟନୀ ଉତ୍ସବରେ ସ୍ୱାଗତ ଜଣାଇଥିବା ବେଳେ ବିଦ୍ୟାଳୟ କ୍ୟାପଟେନ ସଙ୍ଗିତା ବାଗ ଓ କମାଣ୍ଡର ଜିତେନ୍ଦ୍ର କରୁଆ ଧନ୍ୟବାଦ ଅର୍ପଣ କରିଥିଲେ।



ଉଦେପୁରର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଅନୁଷ୍ଠିତ ବାର୍ଷିକ ଉତ୍ସବ।

## ସମ୍ବିଧାନ ବଞ୍ଚାଅ ସଂଘର୍ଷ ସମିତିର ୭ ଦଫା ଦାବି

# ତହସିଲ ସମ୍ମୁଖରେ ଧାରଣା, ଦାବିପତ୍ର

**କୋକସରା,୪।୨(ଡି.ଏନ.ଏ.)** କଳାହାଣ୍ଡି ଜିଲା କୋକସରା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ସମ୍ବିଧାନ ବଞ୍ଚାଅ ସଂଘର୍ଷ ସମିତ କୋକସରା ଶାଖା ପକ୍ଷରୁ ୭ ଦଫା ଦାବି ନେଇ ରବିବାର ଧାରଣା ଓ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରଥମେ ବଡପଡାଠାରୁ ଏକ ରାଲିରେ ବାହାରି ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ସେଠାରେ ସମିତି ପକ୍ଷରୁ ଧାରଣା ଦେବା ସହ ଏକ ପ୍ରତିବାଦ ସଭାର ଆୟୋଜନ କରାଯାଇଥିଲା। ଏହି ଧାରଣାରେ ଭାରତ ମୁକ୍ତି ମୋର୍ଚ୍ଚା ଉପସଭାପତି ଦୁର୍ଯ୍ୟୋଧନ ଜାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ସଂଯୋଜକ କିର୍ତ୍ତି ଚନ୍ଦ୍ର ଗଉଡ ମୁଖ୍ୟଅତିଥି, ବହୁଜନ ମୁକ୍ତି ପାର୍ଟି କାର୍ଯ୍ୟକାରୀ ସଭାପତି ଯୁବରାଜ ଛତ୍ରିଆ, କ୍ଷୀରସିନ୍ଧୁ ବୋଡକିଆ, ବଳଦେବ ଜାଲ, ନରେନ୍ଦ୍ର ନାଏକ, ତୁଳସୀ ନିଆଲ, ଭଗବାନ ହଂସ, ପରମେଶ୍ୱର ବାଗ, ବହୁଜନ ମୁକ୍ତିପାର୍ଟି ସାଧାରଣ ସମ୍ପାଦକ ମହେନ୍ଦ୍ର ଧଙ୍ଗଡାମାଝି, ଜଗଦିଶ ଯାଦବ, ବିଦ୍ୟାଧର ଶବର, ଇନ୍ଦ୍ରମଣି ପୂଝାରୀ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ୭ ଦଫା ଦାବି ମଧ୍ୟରେ ୧୦ ପ୍ରତିଶତ ଆରକ୍ଷଣକୁ ରଦ୍ଦ, ଏସଟି, ଏସସି, ଓ ଓବିସିଙ୍କୁ ସଂଖ୍ୟାନୁପାତିକ ପ୍ରତିନିଧିତ୍ୱ ଦେବା, ଓବିସିମାନଙ୍କୁ ଲଗାଯାଇଥିବା କ୍ରିମିଲେୟର ଉଚ୍ଛେଦ କରାଯାଉ, ଏନଟି, ଡିଏନଟି, ଭିଜେଏନଟି ତଥା ଓବିସିଙ୍କ ଜାତିଆଧାରରେ ଜନଗଣନା କରିବା, ବେସରକାରୀ ଓ ସରକାରୀ କ୍ଷେତ୍ରରେ ମଧ୍ୟ ଆରକ୍ଷଣ ପ୍ରଦାନ କରାଯାଉ, ଏସସି, ଏଟି ଅନ୍ୟାୟ ଅତ୍ୟାଚାର ନିବାରଣ କାନୁନକୁ ଅଧିକ ସକ୍ରୀୟ କରାଯାଉ, ଆଗାମୀ ଲୋକ ସଭା ନିର୍ବାଚନରେ ଇଭିଏମ ପରିବର୍ତ୍ତେ ବ୍ୟାଲଟ ପେପର ମାଧ୍ୟମରେ ନିର୍ବାଚନ କରିବାକୁ ଦାବି କରାଯାଇଛି । ଚନ୍ଦ୍ରଶେଖର ଗୋପାଳ ଧନ୍ୟବାଦ ଦେଇଥିଲେ। ଆସନ୍ତା ୧୭ ତାରିଖରେ ବ୍ଲକସ୍ତରରେ ଓ ମାର୍ଚ୍ଚ ୫ରେ ଭାରତ ବନ୍ଦ ଆନ୍ଦୋଳନ କରାଯିବ ବୋଲି ସଂଘ ତରଫରୁ ଚେତାବନୀ ଦିଆଯାଇଛି ।




ସମ୍ବିଧାନ ବଞ୍ଚାଅ ସଂଘର୍ଷ ସମିତିର ଆୟୋଜିତ ବିକ୍ଷୋଭ ଶୋଭାଯାତ୍ରା।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୫ ଫେବୃୟାରୀ, ୨୦୧୯



ହେ ପ୍ରାଣୀ ନିଜ ଆତ୍ମା ସହିତ ଯୁଦ୍ଧ କର। ବାହାର ଲୋକଙ୍କ ସହିତ ଯୁଦ୍ଧକରି କିଛି ଲାଭନାହିଁ। ଦୁଷ୍ଟ ଆତ୍ମା ସମାନ ଯୁଦ୍ଧଯୋଗ୍ୟ ଦ୍ୱିତୀୟ ବସ୍ତୁ ନାହିଁ।
- ମହାବୀର



## ସଂକ୍ଷେପରେ

### ୫ରୁ କଳାବ୍ୟାଜ୍ ପରିଧାନ, ୧୨ରୁ ସମୂହ ଛୁଟିରେ ଯିବେ ଭିଏଡବ୍ଲ୍ୟୁ ସଂଘ

ବଲାଙ୍ଗୀର ଅଫିସ, ୪।୨- ଓଡ଼ିଶା ରାଜ୍ୟ ଗ୍ରାମ୍ୟ କୃଷି କର୍ମଚାରୀ/ମହିଳା ଗ୍ରାମ୍ୟ କୃଷି କର୍ମଚାରୀ ସଂଘ ନିଷ୍ପତ୍ତି କ୍ରମେ ବଲାଙ୍ଗୀର ସଂଘ ୪ ଦଫା ଦାବିପୂରଣ ନେଇ ଆସନ୍ତା ୫ରୁ କଳାବ୍ୟାଜ ପିନ୍ଧି କାର୍ଯ୍ୟ କରିବେ ଓ ୧୨ ତାରିଖଠାରୁ ସମୂହ ଛୁଟିରେ ଯିବେ ବୋଲି ଘୋଷଣା କରାଯାଇଛି। ଗ୍ରାମ୍ୟ କୃଷି କର୍ମଚାରୀ ନାମ ପରିବର୍ତ୍ତନ କରି ପଞ୍ଚାୟତ କୃଷି ଅଧିକାରୀ କରାଯିବା, ଗ୍ରାମ୍ୟ କୃଷି କର୍ମଚାରୀ ଓ କୃଷି ଅଧିଦର୍ଶକମାନଙ୍କ କ୍ୟାଡର ପୁର୍ନଗଠନ କରିବା ସହ ଅନ୍ୟ ଦୁଇ ଦାବି ପୂରଣ କରିବା ଦାବିରେ ଗ୍ରାମ୍ୟ କୃଷି କର୍ମଚାରୀ(ଭିଏଡବ୍ଲ୍ୟୁ)ମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଘୋଷଣା କରି ସୋମବାର ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାଦ କରିଛନ୍ତି।

## ଏନ୍‌କାଉଣ୍ଟର ପରେ ଦୁର୍ବୃତ୍ତଙ୍କ ଖୋଲା ଚ୍ୟାଲେଞ୍ଜ

# ଫାଇନାନ୍ସ କମ୍ପାନୀ କର୍ମଚାରୀଙ୍କୁ ଆକ୍ରମଣ: ୭୩ହଜାର ଲୁଟ୍

ସଇଁତଲା,୪।୨(ଡି.ଏନ୍.ଏ.)

ବଲାଙ୍ଗୀର ପୋଲିସ ଏନ୍‌କାଉଣ୍ଟର ଘଟଣାର ୨୪ ଘଣ୍ଟା ନ ପୂରୁଣୁ ସଇଁତଲା ଥାନା ଅଞ୍ଚଳରେ ପୁଣି ଏକ ଲୁଟ ହୋଇଛି। ଆପରାଧିକ ଗୋଷ୍ଠୀ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି। ଗତ ୨୦ ତାରିଖରେ ମଦଭାଟି ମ୍ୟାନେଜରଙ୍କୁ ଗୁଳି କରି ଦୁର୍ବୃତ୍ତମାନେ ୩ଲକ୍ଷ ୬ ହଜାର ଟଙ୍କା ଲୁଟି ନେଇଥିଲେ। ଘଟଣା ପରେ ପୋଲିସ ଆକ୍ସନମୋଡ୍‌ରେ ଆସି ୨୭ ତାରିଖରେ ସଇଁତଲା ଥାନା ଅନ୍ତର୍ଗତ ଗୋଏଲଭାଡ଼ି ଛକରେ ବବଲୁ ମହାନନ୍ଦଙ୍କୁ ଏନ୍‌କାଉଣ୍ଟର କରିଥିଲା। ସେହିପରି ୩ ତାରିଖ ସନ୍ଧ୍ୟାରେ ଦେଓଗାଁ-ସଇଁତଲା ରାସ୍ତାରେ ପୋଲିସ ସହ କୃଷ୍ଣ କଟା ନାମକ ଜଣେ ଲୁଟେରାଙ୍କ ସହ ଗୁଳି ବିନିମୟ ହୋଇଥିଲା। ଏଥିରେ କୃଷ୍ଣ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାର ୨୪ ଘଣ୍ଟା ନ ପୂରୁଣୁ ସଇଁତଲା ଥାନା ଅଧୀନ କୁମ୍ଭାରୀ ପଞ୍ଚାୟତର ଡୁମେରମୁଣ୍ଡା ଗାଁ ନିକଟରେ ପୁଣି ଏକ ଲୁଟ ଘଟଣା ଘଟିଛି। ସୂଚନାଯୋଗ୍ୟ, ଟିଁଟିଲାଗଡ଼ରେ ଥିବା ଭାୟା ମାଇକ୍ରୋ ଫାଇନାନ୍ସ କମ୍ପାନୀରେ କାର୍ଯ୍ୟରତ ଫୁଇଁତଲା ଥାନା ଖରଗୁରା ଗ୍ରାମର ଯତୀନ୍ଦ୍ର ନାଗ ଟଙ୍କା ଅସୁଲି ପାଇଁ ସୋମବାର କରମତଲା, କୁମ୍ଭାରୀ ପଞ୍ଚାୟତର ବିଭିନ୍ନ ଗାଁକୁ ଯାଇଥିଲେ। ସେ ଟଙ୍କା ଅସୁଲି କରି ଅପରାହ୍ନ ୧ଟାରେ ଫେରୁଥିବା ବେଳେ ବାଟରେ ୩ଜଣ ଯୁବକ ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ସେ ବାଇକ୍‌ରୁ ଖସିପଡ଼ି ଚେତାଶୂନ୍ୟ ହୋଇପଡିଥିଲେ। ଏହାର ସୁଯୋଗ ନେଇ ଯୁବକମାନେ ଯତୀନ୍ଦ୍ରଙ୍କ ନିକଟରୁ ୭୩ହଜାର ୯୧୦ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ଡୁମେରମୁଣ୍ଡା ଗ୍ରାମର ମହିଳାମାନେ ଯତୀନ୍ଦ୍ରଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଚିକିତ୍ସା ପରେ ପରେ ଯତୀନ୍ଦ୍ର ସଇଁତଲା ଥାନାକୁ ଆସି ଘଟଣା ସଂକ୍ରାନ୍ତରେ ଏକ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଟିଁଟିଲାଗଡ଼ ଏସ୍‌ଡିପିଓ ସରୋଜ ମହାପାତ୍ର, ସଇଁତଲା ଥାନା ଅଧିକାରୀ ଅବନୀ ସାହୁ, ଏସ୍‌ଆଇ ଦୂର୍ବାଦଳ ମେହେର, ଏସ୍‌ଆଇ ସୁନୀଲ ସୋରେନ ପ୍ରମୁଖ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ହେଲେ ପୋଲିସ କାହାରିକୁ ଗିରଫ କରି ନ ଥିବା ଜଣାପଡିଛି।

## ଶିଶୁ ମନ୍ଦିରର ବନବିହାର

**ଟିକ୍ରାପଡା,୪।୨(ଡି.ଏନ୍.ଏ.):** ସଇଁନ୍ତଲା ବ୍ଲକ କରମତଲା ପଞ୍ଚାୟତ ଅଧୀନ ଛନଛଡାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ବନବିହାର କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ଦୁର୍ଗାପ୍ରସାଦ ଶର୍ମା ଏଥିରେ ଅଧକ୍ଷତା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପୁରୁଷୋତ୍ତମ ପଣ୍ଡା ଅତିଥି ପରିଚୟ କରିଥିଲେ। ରଶ୍ମିରନ ବାଗ ସଭା ସଯୋଜନା କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଫ୍ଲୋରା ଗୁରିଆ ମୁଖ୍ୟଅତିଥି, ସିଆରସିସି ଅନନ୍ତ ବର୍ଗତ୍ତି, ସମିତି ସଭ୍ୟ ସୁବାଷ ବୁଡେକ, ପୁରୁଷୋତ୍ତମ ଦାଶ, ଗୋକୁଳ ଅଗ୍ରୱାଲ, ଭାରତ ଭୂଷଣ ବୁଡେକ, ସଜ୍ଜନ ଅଗ୍ରୱାଲ, ଦୁର୍ଯୋଧନ ସେନାପତି, ହିମାଞ୍ଚଳ ମହାକୁର, ପ୍ରେମରାଜ ବୁଡେକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।


GOVERNMENT OF ODISHA
OFFICE OF THE EXECUTIVE ENGINEER, RURAL WORKS DIVISION, KESINGA
E-mail : eerwkesinga@yahoo.com

E-PROCUREMENT NOTICE

Cancel to Identification No. EERWKSNG-online-03/2018-19
No. 238/dated : 30.01.19

No. 1540-O: The bid Identification No : EERWKSNG-online : 03/2018-19 is here by cancelled due to unavoidable circumstances.

Sd./- Executive Engineer,
25153/11/0006/1819 Rural Works Division, Kesinga

BHUBANESWAR MUNICIPAL CORPORATION

Notice No : 4566 Dt.04.02.2019

NOTICE INVITING EXPRESSION OF INTEREST (EOI)

Sealed Proposal are invited for "EOI FOR EMPAMNELMENT OF AGENCIES/INDIVIDUAL UNDER BHUBANESWAR MUNICIPAL CORPORATION FOR DE-SILTING OF DRAIN/OTHER WORKS THROUGH EXCAVATORS" in conformity with the Terms & Conditions of the EOI document in from intending applicants. Please refer to Website www.bmc.gov.in for complete details and downloading the Document. The Last date & time of submission of proposal is 25.02.2019 till 3:30 PM.

For any queries please contact bmcpmu@bmc.gov.in

By Order,
Sd/-
Executive Engineer (Drainage)
Bhubaneswar Municipal Corporation

Progress Through Partnership for a Better Bhubaneswar

GOVERNMENT OF ODISHA
ELECTRONICS & INFORMATION TECHNOLOGY DEPARTMENT

Letter No. 307 / EIT Dated 01.02.19
EIT-OE-ESTT-0008-2016 Bhubaneswar

No.09-U:- Sealed Quotations/Tenders are invited within 7 days from the publication of the notice from interested reputed Travel Agencies/Tour Operators or Private individuals for supply of one A/C Swift Dzire (Petrol/Diesel) vehicle and one Non A/c Indica or equivalent Diesel Car on hiring basis for one year for use of officers of E & IT Department. The details of notice alongwith the terms and condition of hiring may be seen in the website of Government of Odisha in E&IT Department.

Sd./-
28001/11/0017/1819 Deputy Secretary to Government

DISTRICT PROJECT OFFICE
SARVA SHIKSHA ABHIYAN
(R.T.E.-S.S.A)
SHIKSHA SADAN, KORAPUT - 764020
Ph : (06852) - 252421 (Off), 252857 (MIS)
E-mail : dpckoraputssa.opepa@nic.in, financekoraput@gmail.com

ଶିକ୍ଷା ଅଧିକାର

Letter No. : 312/CW/19 III-CW-236/18 Date : 02.02.2019

NOTICE

No. 76-n: In view of Mass Strike by the Staffs of District Project Office, Koraput the Opening Date of Tender Documents notified in Letter No : 173/ CW/2019, dt. 22/01/2019 which is schedule to be held on 05.02.2019 is hereby postponed until further orders. The revised date will be intimated by a fresh notice later on.

Sd./- District Project Coordinator,
27035/11/0026/1819 RTE-SSA, Koraput

OFFICE OF THE MUNICIPAL COUNCIL : KHORDHA
No. 423/ Dtd.02.02.2019
No.-458-C

e-Procurement Notice

Bid Identification No.KM-06/2018-19

1. Name of the work for which tender invited - Privatization of sanitation work including collection of solid Waste from door to door in 20 Nos. (Twenty) of Wards of Khordha Municipality area i.e. from ward No. 03 to 22.
2. Estimated cost of work - Rs.2,68,60,368.00
3. Eligible Class of Contractor- Intending firms / Service Providers/N.G.Os those are experienced in similar nature of work at least three year and other criteria given in the D.T.C.N.
4. The Bid documents will be available in the website as mentioned below from 05.02.2019 on 11.00 A.M. to 18.02.2019 up to 5.00 P.M. for online bidding
5. Bid Identification No. KM-06/2018-19.
6. Last date & time of receipt of Bid through online, date 18.02.2019.
7. Date of receipt of Bid cost & Bid security by 20.02.2019 up to 5.00 P.M.
8. Opening of Bid documents Date 21.02.2019 at 11.30 A.M.
9. The pre-bid meeting will be held on 11.02.2019 at 11.30 A.M. in the office of the undersigned.
10. The bidder has to participate in online bidding only. Further details can be seen from the e-procurement portal http://www.tendersorissa.gov.in

Sd./- Executive
13082/11/0006/1819 Officer, Khordha Municipality

GOVERNMENT OF ODISHA,
"e"- PROCUREMENT NOTICE
Bid Identification No. E.E. GTN(R&B)-10/2018-19
No.1215-B:- E-mail address: eeghatagaon2015@gmail.com
Letter No. 253 dt. 30.01.2019

| | | | |
|---|---|---|---|
| 1. | Name of the work | : | Civil Work |
| 2. | Numbers of work | : | 01 (One) |
| 3. | Estimated cost | : | Rs24.96 Lakhs |
| 4. | Period of completion | : | 6 (Six) Months |
| 5. | Date & Time of availability of bid document in the portal | : | From 11.45 A.M of dt 08.02.2019 to 04.00 P.M of dt 16.02.2019 |
| 6. | Last Date/ Time for receipt of bids in the portal | : | 04.00 P.M of dt 16.02.2019 |
| 7. | Date of opening of Bid | : | 11.30 A.M of dt 18.02.2019 |
| 8. | Name and address of the officer inviting Bid | : | Ashok Kumar Giri Executive Engineer, Ghatagaon (R&B) Division |

Further details can be seen from the e-procurement portal https://tendersodisha.gov.in.

Sd./-
A.K. Giri dt.30.01.2019
Executive Engineer,
34140/11/0013/1819 Ghatagaon(R&B)Division

OFFICE OF THE
SUPERINTENDING ENGINEER
RURAL WORKS CIRCLE, BERHAMPUR
(At:- Ambapua, Po:- Engineering School
Near Income Tax Office, Berhampur-760011)
E-Mail:- serwbpr2004@yahoo.com
Tel/FAX:- 0680-2404287

E-Mail / E-Despatch

No. E-Tender // 556 // RWC// BAM // Dated. 01.02.2019

Corrigendum to Bid identification No. Online Tender/34-2018-19/BPR

No. 1580-O: Due to un-avoidable circumstances, the last date of availability of tender, seeking tender clarification, Opening of Technical Bid & Opening of Financial Bid for Sl No. 01 to 05 of NIT of Annexure in the Bid Identification No. Online Tender/34-2018-19/BPR may be read as follows.

| | | | |
|---|---|---|---|
| 1 | Last date of availability of tender | | 11.02.2019 upto 3.00 PM instead of 05.02.2019 upto 3.00 PM |
| 2 | Last date of seeking tender clarification | | 08.02.2019 upto 2.00 PM instead of 02.02.2019 upto 2.00 PM |
| 3 | Date of opening of Technical Bid. | | 12.02.2019 at 3.00 PM instead of 06.02.2019 at 3.00 PM |
| 4 | Date of opening of Financial Bid | | 18.02.2019 at 11.00 AM instead of 14.02.2019 at 11.00 AM |

All other contents will remain unchanged.

Sd/- Superintending Engineer
25071/11/0060/1819 R.W.Circle, Berhampur

MAHILA VIKAS SAMABAYA NIGAM
(Govt. of Odisha Undertaking)
A-1 Block, Ground Floor, ToshaliBhawan, Satya Nagar, Bhubaneswar- 751007, Ph.No.2573023, Tele Fax- 2573024, E-mail-mvsn_bbsr@yahoo.com
Ref. /MVSN Dt.

TENDER CALL NOTICE

No.CAD-1370:- Sealed Tenders are invited from interested Chartered Accountant Firms empanelled under C&AG and having experience in conducting audit of expenses, to conduct audit of Nutrition Operation Plan (NOP) at district (30) level. The Tender completed in all respect shall be deposited in the office of Managing Director, Mahila Vikas Samabaya Nigam, Toshali Bhawan, A-1 Block, and Ground floor, Satya Nagar, Bhubaneswar-751007 on or before Dt.11.03.2019 by 4 P.M. through Registered Post / Speed Post only. The application form of the Tender containing General Bid information and terms & conditions can be downloaded from the website- www.wcdodisha.gov.in from 05.02.2019 to 11.03.2019. A Tender Fee of Rs.2,000 /-(Rupees two thousand)only and EMD of Rs.25,000/-(Rupees Twenty five thousand) only are to be deposited in shape of Demand Draft as indicated in the Tender Schedule along with the Tender Application for each category at the time of submission of the application. The authority reserves the right to modify/cancel the Tender at any point of time.

Sd./- MANAGING DIRECTOR
33003/11/0012/1819 MAHILA VIKAS SAMABAYA NIGAM

GOVERNMENT OF ODISHA 1582-O
OFFICE OF THE EXECUTIVE ENGINEER, KALAHANDI RWS&S DIVISION, BHAWANIPATNA
Email: eerwsskld@nic.in, eerwsskld@gmail.com, Phone No.: 06670-230784

INVITATION OF BID THROUGH e-TENDERING

Bid Identification No. 19/EE/RWSS/2018-19/Bpt, Dated 31.01.2019

1. Name of the work : As per

ANNEXURE-A

| Procurement Officer | Bid Identification No. | Availability of tender online for bidding on office hour only | | Date of opening (Technical Bid) |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Kalahandi RWS&S Division, Bhawanipatna | 19/EE/RWSS/ 2018-19/ Bpt Dated 31.01.2019 | 04.02.2019 | 26.02.2019 | 27.02.2019 at 11.30AM onwards |

Cost of tender paper & payment of EMD to be made online payment system.
Further details can be seen from the e-Procurement portal http://tenderodisha.gov.in

25005/11/0035/1819 *Sd./- Executive Engineer, Kalahandi RWS&S Division, Bhawanipatna*

GOVERNMENT OF ODISHA 1583-O
OFFICE OF THE EXECUTIVE ENGINEER, KALAHANDI RWS&S DIVISION, BHAWANIPATNA
Email: eerwsskld@nic.in, eerwsskld@gmail.com, Phone No.: 06670-230784

CANCELLATION OF BID THROUGH e-TENDERING

Bid Identification No. 16/EE/RWSS/2018-19/Bpt, Dated 15.01.2019

1. Name of the work :

| Procurement Officer | Bid Identification No. | Availability of tender online for bidding on office hour only | | Date of opening (Technical Bid) |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Kalahandi RWS&S Division, Bhawanipatna | 16/EE/RWSS/ 2018-19/ Bpt Dated 15.01.2019 | 22.01.2019 | 07.02.2019 | 08.02.2019 at 11.30AM onwards |

The Bid Identification No.- 16/EE/RWSS/2018-19/Bpt, Dated 15.01.2019 is hereby cancelled due to Technical error during publishing the tender.

25005/11/0036/1819 *Sd./- Executive Engineer, Kalahandi RWS&S Division, Bhawanipatna*

ODISHA HYDRO POWER CORPORATION LIMITED
OHPC
OFFICE OF THE SENIOR GENERAL MANAGER (ELECTRICAL), UPPER KOLAB HYDRO ELECTRIC PROJECT, AT/PO: BARINIPUT, DIST: KORAPUT- 764006, PHONE: 06854-242001, FAX: 06854242038,
E-mail: sgmel_ukhep@ohpcltd.com, CIN: U40101OR1995SGC003963

e-PROCUREMENT NOTICE NO.-UKHEP/ET- 14/2018-19, Dated 31.01.2019

**No.: CAD-1364:** The Unit Head, Upper Kolab Hydro Electric Project, Bariniput, Koraput, Odisha invites percentage rate bid in Double cover system in ONLINE MODE only from eligible contractors for the works as mentioned below.

| Sl. No. | Name of the work | Approx. Estimated cost (in Rs.) | E.M.D. (In Rs.) (online) | Cost of bid document (online) | Class of Contractor | Availabiliy of Bids online for Bidders | Due date and time of Opening of Technical Bid |
|---|---|---|---|---|---|---|---|
| 1 | Bottom Soil Treatment and Metal spreading at 33KV & 220KV switchyard of UKHEP, Bariniput | 22,28,821/- | 22,300/- (online) | 7080/- (Rs. 7000/- + 18% GST) (online) | "B" & "C" Class having Electrical Licence issued by ELBO. | From 10.00 hrs of 11.02.2019 to 17.00 hrs of 25.02.2019 | At 11.30 hrs. of 28.02.2019 |

1. The Bidders have to participate in ONLINE bidding only through the Govt. e-Procurement portal www.tendersorissa.gov.in by using their compatible Digital Signature Certificate (DSC).
2. Further details like tender specification (DTCN), BOQ and any addendum/ corrigendum/ cancellation of tender can be seen in the same website.

04002/11/0092/1819 Sd./- Unit Head, UKHEP, Bariniput

OFFICE OF THE MUNICIPAL COUNCIL, SUNDARGARH

No. 560 Dt. 04.02.2019

COMPETITIVE BIDDING THROUGH e-Procurement
NOTICE INVITING TENDER
Bid Reference No. SNGM-21/2018-19/Dt. 04.02.2019

On behalf of the Sundargarh Municipality on-line e-tender Percentage Rate Bids are invited by the Executive Officer, Sundargarh Municipality from the intending and eligible class/ category of bidders in conformity with the Detailed Tender Call Notice for execution of the works mentioned in the DTCN. Contractors validity registered empanelled under Sundargarh Municipality are also eligible to participate for the works as per condition of DTCN.

1. Total No. of works for which Tenders invited : 15 Nos.
2. Place of Execution : Different areas of Sundargarh Municipality.
3. Estimated Cost of Works : Rs. 4,24,710/- to 16,38,700/-.
4. Eligible Class of Contractors : Registered Contractos of Class-'D' to Class-'C' as indicated against each work mentioned in the Tender Call Notice.
5. Intending bidders have to participate through "On-Line" bidding. The website for online bidding is https://www.tendersodisha.gov.in.
6. The bid documents will be available in the above website from 11 AM on 06.02.2019 to 5 PM on 15.02.2019 for online bidding.
7. Bids received online will be opened at 11 AM on 19.02.2019.
8. The bidder must possess valid and compatible Digital Signature Certificate (DSC).
9. The DTCN for 15 Nos. of work shall be available in the e-procurement portal https://www.tendersodisha.gov.in for on-line bidding.

Sd./- Executive Officer
Sundargarh, Municipality

PANCHAYAT SAMITI, NUAPADA,DIST : NUAPADA
BID IDENTIFICATION NO. : PS, NPD / 03/2018-19
No. 877 / Dev/ Dtd. 04.02.2019

The Block Development Officer, Nuapada on behalf of Governor of Odisha invites Percentage Rate bids in single cover system for the construction of works as detailed in the table, from the class of eligible contractors as mentioned in column-5 (five) registered with the State Governments and Contractors of equivalent Grades/ Class Registered with Central Government / MES/ Railways to be eventually drawn up in PWD P-1 Agreement form, for execution of Building / Road Works. The proof of registration from the appropriate authority shall be enclosed along with the Bid. If successful, the bidder who has not registered under state government has to register under the state PWD in appropriate class of eligibility before signing of the agreement. The bidders may submit bids for the following work.

| Sl. No. | Name of the Work | Approximate value of work (Rs in Lakh) | Period of Completion | Class of Contractor | EMD @1% | Cost of bid documents (Non-refundable) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Stage with 2 Nos of Green Rooms and other infrastructure for stage Programme at National High School, Nuapada | 12, 23,444.00 | 4 Months | C & D | 12234.00 | 6000.00 |
| 2 | Improvement of road from Moharadihi to Gastidihi with three Nos of culvert | 10,64,730.00 | 4 months | C & D | 10647.00 | 6000.00 |

1. The sale of the Bid document shall start from Dt. 05.02.2019 and close on Dt. 14.02.2019 at 4.00 P.M. in the office of the undersigned. Bids shall be received by this office up to 5.00 PM on date 14.02.2019 through Registered Post / Speed Post only. The authority will not be held responsible for any postal delay in delivering of the Bid documents or non-receipt of the same.
2. The details Bid documents will also be available in the district website http://nuapada.nic.in from 05.02.2019 to 14.02.2019.
3. Bid documents consisting of plans, specification the schedule of quantities and the set of terms and conditions of contract and other necessary documents can be seen in the office of the undersigned during office hours every day except on Sunday & Public Holidays till last date of sale and receipt of tender papers.
4. The Bid will be opened on Dt. 15.02.2019 at 11.30 AM in the office of the undersigned in the presence of the bidders or their authorized representative.
5. The authority reserves right to reject any or all the bids without assigning any reason thereof.

Sd./- Block Development Officer, Nuapada

୩୦ ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ-୨୦୧୯
(ତା.୦୪/୦୨/୨୦୧୯ ଠାରୁ ତା.୧୦/୦୨/୨୦୧୯)
"ସଡ଼କ ସୁରକ୍ଷା - ଜୀବନ ରକ୍ଷା"

ସଡ଼କ ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ତୁରନ୍ତ ଡ଼ାକ୍ତରଖାନା ନିଅନ୍ତୁ - ଆର୍ଥିକ ପୁରସ୍କାର ପାଆନ୍ତୁ

ମାନ୍ୟବର ସୁପ୍ରିମକୋର୍ଟଙ୍କ ଆଦେଶ ଅନୁଯାୟୀ ରାଜ୍ୟ ସରକାର ସଡ଼କ ଦୁର୍ଘଟଣା ପିଡ଼ିତ ବ୍ୟକ୍ତିଙ୍କୁ ଡ଼ାକ୍ତରଖାନାରେ ଭର୍ତ୍ତି କରୁଥିବା ପରୋପକାରୀ ଭଦ୍ର ବ୍ୟକ୍ତିଙ୍କ ସୁରକ୍ଷା ନିମନ୍ତେ **"Good Samaritan Policy"** ପ୍ରକାଶିତ କରିଛନ୍ତି। ଏହି ପଲିସି ର କେତେକ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ନିମ୍ନରେ ପ୍ରଦାନ କରାଗଲା।

★ କୌଣସି ସଡ଼କ ଦୁର୍ଘଟଣାରେ ଆହତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଇଥିବା ବ୍ୟକ୍ତିଙ୍କୁ ନିଜର ପରିଚୟ କିମ୍ବା ଠିକଣା ଦେବା ପାଇଁ ବାଧ କରାଯିବ ନାହିଁ।
★ ସମ୍ପୃକ୍ତ ପରୋପକାରୀ ବ୍ୟକ୍ତି ଇଚ୍ଛା କଲେ ସଙ୍ଗେ ସଙ୍ଗେ ଡାକ୍ତରଖାନା ଛାଡ଼ି ଯାଇପାରିବେ।
★ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଦୁର୍ଘଟଣା ପିଡ଼ିତଙ୍କ ଚିକିତ୍ସା ଖର୍ଚ୍ଚ ବହନ କରିବା ପାଇଁ ଡାକ୍ତରଖାନା କର୍ତ୍ତୃପକ୍ଷ ବାଧ କରିପାରିବେ ନାହିଁ।
★ ସମ୍ପୃକ୍ତ ବ୍ୟକ୍ତିଙ୍କ ନାମରେ ପୁଲିସ୍ କୌଣସି ମାମଲା ଦାୟର କରି ପାରିବେ ନାହିଁ କିମ୍ବା ତାଙ୍କୁ ପୁଲିସରେ ଏଫ୍.ଆଇ.ଆର୍. ଦେବା ପାଇଁ ବାଧ କରାଯିବ ନାହିଁ।
★ ସମ୍ପୃକ୍ତ ବ୍ୟକ୍ତି ଯଦି ସାକ୍ଷୀ ହେବା ପାଇଁ ଇଚ୍ଛା କରନ୍ତି ତେବେ ଗୋଟିଏ ଥରରେ ପୁଲିସ୍ ତାଙ୍କ ଠାରୁ ଜମାନବନ୍ଦି ନେବେ।
★ ସମ୍ପୃକ୍ତ ପରୋପକାରୀ ବ୍ୟକ୍ତିଙ୍କୁ ତାଙ୍କ ନାମ ଓ ଠିକଣା ପ୍ରଦାନ କରିବା ପାଇଁ କୌଣସି ସରକାରୀ କର୍ମଚାରୀ ବାଧ କଲେ ସେହି କର୍ମଚାରୀଙ୍କ ବିରୁଦ୍ଧରେ ସରକାର ବିଭାଗୀୟ ତଦନ୍ତ କରିବେ।
★ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ତରଫରୁ **2000/-** ଟଙ୍କାର ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯିବ ଏବଂ ଯଦି ସେ କୌଣସି ଭଡ଼ା ଗାଡ଼ିରେ ଦୁର୍ଘଟଣା ପିଡ଼ିତଙ୍କୁ ସ୍ଥାନାନ୍ତର କରିଥାନ୍ତି ତେବେ ଭଡ଼ା ବାବଦକୁ ଦେୟ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପ୍ରଦାନ କରାଯିବ। ଏତ୍‌ଦବ୍ୟତିତ ସମ୍ପୃକ୍ତ ଭଦ୍ର ବ୍ୟକ୍ତିଙ୍କୁ ଜିଲ୍ଲାସ୍ତରୀୟ / ରାଜ୍ୟସ୍ତରୀୟ ଉତ୍ସବରେ ସମ୍ମାନିତ କରାଯିବ।

ଜନସାଧାରଣ ନିର୍ଭୟର ସହିତ ଦୁର୍ଘଟଣା ପିଡ଼ିତଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସନ୍ତୁ।

ପରିବହନ କମିଶନର, ଓଡିଶା

ସୌଜନ୍ୟ :- ଓଡ଼ିଶା ରୋଡ଼ ସେଫ୍ଟି ସୋସାଇଟି

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୫ ଫେବୃୟାରୀ, ୨୦୧୯



ଜୀବନର ଲକ୍ଷ୍ୟ ଥରେ ସ୍ଥିର କରିନେଲା ପରେ ନିଜର ସବୁକିଛି ତାହାରି ପାଖରେ ଥୋଇଦିଅ, ସଫଳତା ମିଳିବାକୁ ବାଧ୍ୟ।
- କାର୍ଲାଇଲ



## ସଂକ୍ଷେପରେ

### ଠକେଇ ଅଭିଯୋଗ, ୪ ଅଟକ

**ରାଉରକେଲା ଅଫିସ,୪।୨** - ନିରୀହ ଲୋକଙ୍କୁ ବ୍ୟାଙ୍କ ଋଣ ଓ ବୀମାଭୁକ୍ତ କରାଇବା ନାଁରେ ଲୁଟୁଥିବା ଏକ ଗ୍ୟାଙ୍ଗ ୪ ସଦସ୍ୟଙ୍କୁ ଝିରପାଣି ପୋଲିସ ଅଟକ ରଖି ପଚରାଉଚରା କରୁଛି। ଆଧାର କାର୍ଡ, ଭୋଟର କାର୍ଡ ଓ ଏଟିଏମ କାର୍ଡର ପିନ ହାତେଇବା ପରେ ଏହାକୁ ଦୁରୁପଯୋଗ କରୁଥିଲେ ସମ୍ପୃକ୍ତ ଗ୍ୟାଙ୍ଗର ସଦସ୍ୟ। ଯଦି କାହାକୁ ଲୋନ କରାଇ ଦେଉଥିଲେ ତାଙ୍କ ଠାରୁ ମୋଟା ଅଙ୍କର କମିଶନ ଆଦାୟ କରୁଥିଲେ। ଏଥିରେ ୪ଜଣଙ୍କ ସମ୍ପୃକ୍ତି ରହିଥିବା ବେଳେ ସେମାନଙ୍କ କଳା କାରନାମା ସମ୍ପର୍କରେ ପୋଲିସ ଅଧିକ ତଥ୍ୟ ସଂଗ୍ରହ କରୁଥିବା ଜଣା ଯାଇଛି। ତେବେ ଏନେଇ ମାମଲା ରୁଜୁ ହୋଇ ନ ଥିବାରୁ ପୋଲିସ ସବିଶେଷ ତଥ୍ୟ ଦେବାକୁ ମନା କରିଦେଇଛି।
ରାଜ୍ୟ ତଥା ରାଜ୍ୟ ବାହାରର କେତେକ ଯୁବକ ବିଭିନ୍ନ ପ୍ରତଶ୍ରୁତି ଦେଇ ଲୋକମାନଙ୍କୁ ଠକୁଥିବା ନଜୀର ରହିଛି। ଏ ନେଇ ଏକାଧିକ ବାର ବିଭିନ୍ନ ଥାନାରେ ବି ଅଭିଯୋଗ ହୋଇଛି। ହେଲେ ଲୋକେ ସଚେନତ ନ ହେବାରୁ ଏହି ଠକେଇ ଧାରା ବଢ଼ି ଚାଲିଛି। ଏ ନେଇ ପୋଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି।

# ଦେଶର ପ୍ରଥମ ବ୍ଲାଷ୍ଟ ଫର୍ଣ୍ଣେସ 'ପାର୍ବତୀ' ସ୍ମୃତି

**ରାଉରକେଲା ଅଫିସ,୪।୨**

ମହାରତ୍ନ କମ୍ପାନୀ ସେଲ ଅଧୀନସ୍ଥ ରାଉରକେଲା ଇସ୍ପାତ୍ କାରଖାନାର ବ୍ଲାଷ୍ଟ ଫର୍ଣ୍ଣେସ 'ପାର୍ବତୀ'ରୁ ପ୍ରଥମ ଉତ୍ତପ୍ତ ଧାତୁ ଟ୍ୟାପିଂର ୬୦ ବର୍ଷ ପୂର୍ତ୍ତି ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ 'ପାର୍ବତୀ'କୁ ମନେ ପକାଇଛନ୍ତି ଆରଏସ୍‌ପି ଅଧିକାରୀ। ଏନେଇ ରବିବାର କାରଖାନା ପରିସରରେ ଥିବା ବ୍ଲାଷ୍ଟ ଫର୍ଣ୍ଣେସ-୧ ନଂ. ସପ୍‌ଫ୍ଲୋରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ବରିଷ୍ଠ ଅଧିକାରୀ ଏହି ଉତ୍ସବ ପାଳନ କରିଥିଲେ। ଆରଏସ୍‌ପି ସିଇଓ ଅଶ୍ୱିନୀ କୁମାର କେକ୍ କାଟିବା ପରେ ଆକାଶ ମାର୍ଗକୁ ବେଲୁନ ଛଡା ଯାଇଥିଲା। ଏଥିରେ କାର୍ଯ୍ୟ ବିଭାଗ ଇଡି ଗୌତମ ବାନାର୍ଜୀ, ସାମଗ୍ରୀ ପରିଚାଳନା ବିଭାଗ ଇଡି ଦିଲ୍ଲୀପ ମହାପାତ୍ରଙ୍କ ସମେତ କାରଖାନାର ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଆରଏସ୍‌ପି ସିଇଓ କୁମାର ଏଥିରେ ବକ୍ତବ୍ୟ ପ୍ରଦାନ କରି ଏହାକୁ ଏକ ସ୍ମରଣୀୟ ଦିବସ ଭାବେ ଅଭିହିତ କରିଥିଲେ। ଏହାର ଶ୍ରେୟ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ପ୍ରଦାନ କରି କାରଖାନାକୁ ଏକ ଶ୍ରେଷ୍ଠ ଓ ପ୍ରଗତିଶୀଳ ୟୁନିଟରେ ପରିଣତ ପାଇଁ ଶପଥ ନେବାକୁ ଆହ୍ୱାନ ଦେଇଥିଲେ।




'ପାର୍ବତୀ'ରୁ ପ୍ରଥମ ଉତ୍ତପ୍ତ ଧାତୁ ଟ୍ୟାପିଂର ୬୦ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରୁଛନ୍ତି ଆରଏସ୍‌ପିର ଅଧିକାରୀମାନେ।

### ମନେ ପକାଇଲେ ଆରଏସ୍‌ପି ଅଧିକାରୀ

ଏହି ଅବସରରେ ଆୟୋଜିତ ଏକ ଫଟୋ ପ୍ରଦର୍ଶନୀ ବୁଲି ଦେଖିଥିଲେ ସିଇଓ କୁମାର। ଏଭଳି ଉତ୍ସବ ଆମକୁ ଆରଏସ୍‌ପି ରୁଦ୍ଧିମନ୍ତ ଐତିହ୍ୟକୁ ସ୍ମରଣ କରାଇବା ସହ ସଫଳତାର ପାହାଚ ଅତିକ୍ରମ କରିବାକୁ ପ୍ରେରଣା ପ୍ରଦାନ କରିଥାଏ ବୋଲି କୁମାର କହିଥିଲେ। ସୂଚନାଯୋଗ୍ୟ, ଗତ ୧୯୫୯ ଫେବୃୟାରୀ ୩ ତାରିଖରେ ଭାରତୀୟ ଇତିହାସର ସ୍ୱର୍ଣ୍ଣିମ ଦିବସ ରହିଥିଲା, ଯେଉଁଦିନ ନୂତନ ଗଣ ରାଜ୍ୟର ମାନ୍ୟତା ଲାଭ କରିଥିବା ଆମ ଦେଶର ପ୍ରଥମ ବ୍ଲାଷ୍ଟ ଫର୍ଣ୍ଣେସକୁ ରାଉରକେଲାରେ ତତ୍କାଳୀନ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦ ଅଗ୍ନି ସଂଯୋଗ କରି ଉଦ୍‌ଘାଟନ କରିଥିଲେ। ସେବେଠୁ ଏହି କାରଖାନା ନିରନ୍ତର ପ୍ରଗତି ପଥରେ ଆଗେଇ ଚାଲିଛି। ଏଥିରେ କର୍ମଚାରୀଙ୍କ ସହଯୋଗ ରହିଲେ ଏହା ଆହୁରି ଅଧିକ ସଫଳତା ହାସଲ କରିବ ବୋଲି ଉପସ୍ଥିତ ଆରଏସ୍‌ପି ଅଧିକାରୀମାନେ ମତବ୍ୟକ୍ତ କରିଥିଲେ।

### କେଜେଡିର ପ୍ରଥମ ରାଜ୍ୟସ୍ତରୀୟ ପ୍ରଭାରୀ ସମ୍ମିଳନୀ

# ପ୍ରାର୍ଥୀ ଚୂଡ଼ାନ୍ତ ଉପରେ ଗୁରୁତ୍ୱାରୋପ

**ରାଉରକେଲା ଅଫିସ,୪।୨**

ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ଗତ ରବିବାର କୋଶଳ ଜନତା ଦଳ(କେଜେଡି)ର ରାଜ୍ୟସ୍ତରୀୟ ପ୍ରଭାରୀ ସମ୍ମିଳନୀ ରାଉରକେଲାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଳର ଇସ୍ତାହାର କମିଟି ପ୍ରଥମେ ତା'ର ରିପୋର୍ଟ ଉପସ୍ଥାପନ କରିଥିଲା। ଏହା ଉପରେ ଆଲୋଚନା କରାଯାଇ ମତାମତ ସଂଗ୍ରହ କରାଯାଇଥିଲା। କମିଟି ଅଧ୍ୟକ୍ଷ ମେଜର ଡାକ୍ତର ଅକ୍ଷୟ ସାମଲ ଏନେଇ ସଂକ୍ଷିପ୍ତରେ ନିଜ ମତ ଉପସ୍ଥାପନ କରିଥିଲେ। ଦ୍ୱିତୀୟ ପ୍ରଭାରୀ ସମ୍ମିଳନୀରେ ଦଳର ଇସ୍ତାହାରକୁ ଚୂଡ଼ାନ୍ତ ରୂପ ଦିଆଯିବ ବୋଲି ଏଥିରେ ସ୍ପଷ୍ଟ କରାଯାଇଥିଲା। ଦଳର ମୁଖପାତ୍ର ଡା. ସୁରମା ମିଶ୍ର, ପୀତବାସ ମିଶ୍ର, ରଞ୍ଜନ ଲେଙ୍କା ଓ ଅର୍ଚ୍ଚନା ଦେବତା ପ୍ରମୁଖ ଆଗାମୀ କାର୍ଯ୍ୟକ୍ରମ ନେଇ ସବିଶେଷ ଆଲୋଚନ କରିଥିଲେ। ଦଳର ରାଉରକେଲା ପ୍ରଭାରୀ ସନତ ପ୍ରଧାନ, ରାଜଗାଙ୍ଗପୁର ପ୍ରଭାରୀ ପରୁଆ ଏକ୍କା ଓ ଡାକ୍ତର ଅକ୍ଷୟ ସାମଲ ପ୍ରମୁଖ ଏଥିରେ ବକ୍ତବ୍ୟ ପ୍ରଦାନ କରି ପ୍ରାର୍ଥୀ ଚୂଡ଼ାନ୍ତ ନେଇ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ କେତେକ ସମ୍ଭାବ୍ୟ ପ୍ରାର୍ଥୀ ତାଲିକା ଉପରେ ଉପସ୍ଥିତ ଦଳୀୟ କର୍ମକର୍ତ୍ତା ଆଲୋଚନା କରିଥିଲେ ହେଁ ଏହା ଚୂଡ଼ାନ୍ତ ନୁହେଁ ବୋଲି ପ୍ରକାଶ କରିଥିଲେ। ବୈଠକରେ ବରିଷ୍ଠ ନେତା ରଞ୍ଜନ ଲେଙ୍କାଙ୍କୁ ରାଉରକେଲା ସଭାପତି ରୂପେ ମନୋନୀତ କରାଯାଇଥିଲା। ଏହାବ୍ୟତୀତ ନରେନ୍ଦ୍ର ପତ୍ରୀଙ୍କୁ ସୁନ୍ଦରଗଡ଼, ତଳସରା, ଝାରସୁଗୁଡ଼ା ଓ ବ୍ରଜରାଜନଗର ପାଇଁ ମହାପ୍ରଭାରୀ ରୂପେ କାର୍ଯ୍ୟ କରିବାକୁ ରାଜ୍ୟ କମିଟି ସଭାପତି ବୈଦ୍ୟନାଥ ମିଶ୍ର ପରାମର୍ଶ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଦଳର ସାଧାରଣ ସମ୍ପାଦକ ଚକ୍ରାନ୍ତ ଜେନା ଧନ୍ୟବାଦ ପ୍ରଦାନ କରିଥିଲେ।



ଉପଜିଲାପାଳଙ୍କ ସହ ସାମାଜିକ କର୍ମୀ ଶାନ୍ତନୁ କୁସୁମ ଆଲୋଚନା କରୁଛନ୍ତି।

# ନୁନି ଏକ୍କାଙ୍କ ସାମାଜିକ ସୁରକ୍ଷା ଚିନ୍ତା

- ପାନପୋଷ ଉପଜିଲାପାଳଙ୍କ ସହ ଆଲୋଚନା କଲେ ସାମାଜିକ କର୍ମୀ

**ରାଉରକେଲା ଅଫିସ,୪।୨**

ଗତ ୧୪ବର୍ଷ ପୂର୍ବେ ଲାଠିକଟା ବ୍ଲକ ଅନ୍ତର୍ଗତ ଟାଇଁସର ପଞ୍ଚାୟତ ପାତ୍ରାଟୋଲା ଗାଁର ତାହାରୁ ଏକ୍କାଙ୍କ ସ୍ତ୍ରୀ ନୁନି ଏକ୍କା(୫୦)ଙ୍କ ସାମାଜିକ ସୁରକ୍ଷା ପାଇଁ ସୋମବାର ପାନପୋଷ ଉପଜିଲାପାଳ ବିଶ୍ୱଜିତ ମହାପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ତାଙ୍କୁ ନ୍ୟାୟ ଦେବାକୁ ଅଣ୍ଟା ଭିଡିଛନ୍ତି ସାମାଜିକ କର୍ମୀ ଶାନ୍ତନୁ କୁସୁମ। ଗତ କିଛି ଦିନ ତଳେ କୁସୁମ ନୁନିଙ୍କ ଗ୍ରାମକୁ ଯାଇ ତାଙ୍କ ସାମାଜିକ ଜୀବନ ଉପରେ ବିଶେଷ ଅନୁଧ୍ୟାନ କରିଥିଲେ। ସେତେବେଳେ ସେ ନୁନିଙ୍କ ସଂଘର୍ଷମୟ ଜୀବନ ସମ୍ପର୍କରେ ଅବଗତ ହୋଇଥିଲେ। ଏନେଇ ଉପଜିଲାପାଳ ମହାପାତ୍ରଙ୍କୁ ନୁନିଙ୍କ ସମ୍ପୂର୍ଣ୍ଣ କାହାଣୀ ଶୁଣାଇ ଥିଲେ କୁସୁମ। ଏହି ଅବସରରେ କୁସୁମ ଉପଜିଲାପାଳଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ଏଥିରେ ସେ ଦର୍ଶାଇଛନ୍ତି, ନୁନିଙ୍କ ଠାକୁର ପୂଜାକୁ ନେଇ ସାହିପଡିଶା ତାଙ୍କୁ କିଭଳି ସନ୍ଦେହ କରି ତାଙ୍କୁ ୧୪ ବର୍ଷ ପୂର୍ବ ଗାଁ ଦାଣ୍ଡରେ ଉଲଗ୍ନ କରି ମାଡ ମାରି ତଡି ଦେଇଥିଲେ। ଏଥିପାଇଁ ତାଙ୍କ ପରବର୍ତ୍ତୀ ଜୀବନ କିଭଳି ଦୁର୍ବିସହ ହୋଇ ପଡିଲା। ତାଙ୍କର ୩ଟି ପିଲା କିପରି ସମାଜରୁ ଉପେକ୍ଷିତ ହେଲେ। ସନ୍ଦେହ କିପରି ଭୟଙ୍କର ରୂପ ନେଇପାରେ। ନୁନିଙ୍କ ପରି ଜଣେ ନିରୀହ ମହିଳାଙ୍କ ଜୀବନକୁ କିପରି ଛାରଖାର କରିଦେଇ ପାରେ ତାହା କୁସୁମ ଦର୍ଶାଇଛନ୍ତି। ଏଣୁ ନୁନି କିପରି ସ୍ୱାଭାବିକ ଜୀବନଯାପନ କରିବେ ଓ ତାଙ୍କୁ ସାମାଜିକ ସୁରକ୍ଷା ମିଳିବ ସେ ଦିଗରେ ଉପଜିଲାପାଳ ଦୃଷ୍ଟି ଦେବାକୁ କୁସୁମ ଦୃଷ୍ଟି ଆକର୍ଷଣ କରିଛନ୍ତି।

### ଏମ୍‌ସିକେ ଇଂଲିଶ ମାଧ୍ୟମ ସ୍କୁଲର ବାର୍ଷିକୋତ୍ସବ

# 'ସମୟର ଅପଚୟ କଲେ ଅମଙ୍ଗଳ'

**ରାଉରକେଲା ଅଫିସ, ୪।୨**

ବେଦବ୍ୟାସସ୍ଥିତ ଏମ୍‌ସିକେ ଇଂଲିଶ ମାଧ୍ୟମ ବିଦ୍ୟାଳୟର ବାର୍ଷିକୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡ. ଭାବଗ୍ରାହୀ ମହାପାତ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଡ. ଉମାକାନ୍ତ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସିମରନ କୌର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସମ୍ମାନିତ ଅତିଥି ରୂପେ ଭାରତୀୟ ରେଳବାଇ ମଜଦୁର ସଂଘର ଜାତୀୟ ମୁଖପାତ୍ର କବି ସୁବାସ ଲେଙ୍କା ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ରୂପେ ସାମାଜିକ କର୍ମୀ ଆକୁଳି ପ୍ରଧାନ, ଆଇନଜିବୀ ରମେଶ ବଳ, ବିଦ୍ୟାଳୟ କାର୍ଯ୍ୟକର୍ତ୍ତା ଜଶପାଲ ସିଂ, ଗୁରମିତ ସିଂ ଓ ଧନେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ମୁଖ୍ୟଅତିଥି ମହାପାତ୍ର ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ସମ୍ବୋଧିତ କରି କହିଲେ, ଶିକ୍ଷା ହେଉଛି ଏକ ପ୍ରକାର ଘୋଷଣା ଓ ମନନ ବିଦ୍ୟା। ଏଥିରେ ଅବହେଳା ନ କରି ଛାତ୍ରୀଛାତ୍ରମାନେ ସମୟାନୁବର୍ତ୍ତିତା ହେବା ଉଚିତ। ସମୟକୁ ଅପଚୟ କଲେ କେବେ ନିଜର କିମ୍ବା ଅନ୍ୟ କାହର ମଙ୍ଗଳ ହୁଏନି। ଏଣୁ ଏ ଦିଗରେ ଛାତ୍ରୀଛାତ୍ର ଯତ୍ନବାନ ହେବାକୁ ମହାପାତ୍ର ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଲେଙ୍କା ନିଜ ବକ୍ତବ୍ୟରେ ଭାରତୀୟ ସଂସ୍କୃତିର ମୂଳ ଆଧାର ହେଉଛି ବେଦ ଓ ଦେବ ସଂସ୍କୃତି। ଶୃଙ୍ଖଳିତ ଜୀବନଧାରା, ଶୁଦ୍ଧ ତଥା ଉଚ୍ଚ ବିଚାର। ଏଥିରୁ ଶିକ୍ଷାର୍ଥୀମାନେ ଦୂରେଇ ଯିବା ଅନୁଚିତ। ଶ୍ରଦ୍ଧା ଓ ସମର୍ପଣ ମନୋଭାବ ନେଇ ଶିକ୍ଷା ଗ୍ରହଣ ପ୍ରତି ଧ୍ୟାନ ଦେବାକୁ ଲେଙ୍କା ପରାମର୍ଶ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପଣ୍ଡିତ ଧନେଶ୍ୱର ବେହେରା ମଧ୍ୟ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଉଦାହରଣ ଦେଇ ନିଜ କର୍ତ୍ତବ୍ୟ ପ୍ରତି ସଚେତନ ହେବାକୁ କହିଥିଲେ। ସଭାପତି ଉମାକାନ୍ତ ପଣ୍ଡା ନିଜ ବକ୍ତବ୍ୟରେ ଛାତ୍ରୀଛାତ୍ରଙ୍କ ଚରିତ୍ର ଗଠନ ପ୍ରତି ଗୁରୁତ୍ୱାରୋପ କରିଥିଲେ। ଶେଷରେ ଯଶପାଲ ସିଂ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।




ଏମ୍‌ସିକେ ଇଂଲିଶ ମାଧ୍ୟମ ସ୍କୁଲର ବାର୍ଷିକୋତ୍ସବରେ ଯୋଗଦେଇଥିବା ଅତିଥିମାନେ।

### ସ୍ୱତନ୍ତ୍ର ସାଧନା ଶିବିର

**ରାଉରକେଲା ଅଫିସ,୪।୨**

ଜଗଦାଠାରେ ଥିବା କ୍ରିୟାଯୋଗ ଧ୍ୟାନ କେନ୍ଦ୍ର ପରିସର ମଧ୍ୟରେ ଏକ ସ୍ୱତନ୍ତ୍ର ସାଧନା ଶିବିର ଆସନ୍ତା ୭ ତାରିଖରୁ ଆରମ୍ଭ ହେବ। ପରମହଂସ ଆତ୍ମାନନ୍ଦଜୀ ଯୋଗଦେଇ ମାର୍ଚ୍ଚ ୪ ପର୍ଯ୍ୟନ୍ତ ମାର୍ଗ ଦର୍ଶନ କରାଇବେ। ଆସନ୍ତା ୧୦ରେ ସରସ୍ୱତୀ ପୂଜା ପାଳନ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

# ସଙ୍ଗଠନ ପାଇଁ ଶୃଙ୍ଖଳା ଗୁରୁତ୍ୱପୂର୍ଣ୍ଣ

**ରାଉରକେଲା ଅଫିସ,୪।୨**

ନିଖିଳ ଓଡିଶା କୈବର୍ତ୍ତ ମହାସଭା ରାଉରକେଲା ଶାଖା ପକ୍ଷରୁ ରବିବାର ସେକ୍ଟର-୧୩ କମ୍ୟୁନିଟି ସେଣ୍ଟରଠାରେ ଅନୁଷ୍ଠିତ ହୋଇଯାଇଛି। ଶାଖା ସଭାପତି ଚନ୍ଦ୍ରମଣି ମାଝି ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସେ ନିଜ ବକ୍ତବ୍ୟରେ କହିଥିଲେ କୌଣସି ସଂଘ ବା ସଂଗଠନ ମଧ୍ୟରେ ଶୃଙ୍ଖଳା ହେଉଛି ବଡ ଆବଶ୍ୟକତା। କୈବର୍ତ୍ତ ସମାଜ ସର୍ବଦା ନିଜ ସଂଗଠନର ସମୃଦ୍ଧି ସହ ସାମାଜିକ ଉତ୍‌ଥାନ ପ୍ରତି ଦୃଷ୍ଟି ଦେଇ ଆସିଛି। ଆଗାମୀ ଦିନରେ ଏହାକୁ ଆହୁରି ଅଧିକ

### କୈବର୍ତ୍ତ ମହାସଭା ପକ୍ଷରୁ ସମାବେଶ

ତ୍ୱରାନ୍ୱିତ କରିବାକୁ ସେ ପରାମର୍ଶ ପ୍ରଦାନ କରିଥିଲେ। ମହାସଭା ସଭ୍ୟଙ୍କ ମଧ୍ୟରେ ସମନ୍ୱୟ ଓ ଭ୍ରାତୃଭାବ ପ୍ରତିଷ୍ଠା କରି ସଂଗଠନର ସାମଗ୍ରୀକ ଉତ୍‌ଥାନ ଦିଗରେ କାର୍ଯ୍ୟ କରିବାକୁ ସଭାପତି ମାଝି ଉପସ୍ଥିତ କର୍ମକର୍ତ୍ତା ଓ ସଦସ୍ୟଙ୍କୁ ପରାମର୍ଶ ପ୍ରଦାନ କରିଥିଲେ। ଏହି ଅବସରରେ ସଂଗଠନର ପ୍ରତିଷ୍ଠା ଦିବସ ନେଇ ଉପସ୍ଥିତ କର୍ମକର୍ତ୍ତା ଆଲୋଚନା କରିଥିଲେ। ଏଥିରେ ସଂଗଠନର ବହୁ ସମର୍ଥକ ଉପସ୍ଥିତ ଥିଲେ। ଶେଷରେ ପ୍ରଶାନ୍ତ ଭୋଇ ଧନ୍ୟବାଦ ପ୍ରଦାନ କରିଥିଲେ।




ମଧୁସୂଦନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବାକୁ ଆସିଥିବା ସଂଘର କର୍ମକର୍ତ୍ତାମାନେ।

# ପ୍ରଗତି ଉତ୍କଳ ସଂଘ ପକ୍ଷରୁ ମଧୁସୂଦନଙ୍କ ଜୟନ୍ତୀ

**ରାଉରକେଲା ଅଫିସ,୪।୨**

ସେକ୍ଟର-୭ ପ୍ରଗତି ଉତ୍କଳ ସଂଘ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପୁଣ୍ୟ ତିଥି ପାଳିତ ହୋଇଯାଇଛି। ଏହି ଅବସରରେ ସୋମବାର ସକାଳ ସାଢେ ୮ଟାରେ ମଧୁସୂଦନ ମାର୍ଗରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ସଂଗଠନ ପକ୍ଷରୁ ଆଇଜିଏଚ୍‌ରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇ ଥିଲା। ଏଥିରେ ୧୬ ଜଣ ରକ୍ତଦାନ କରିଥିଲେ। ସେହିଭଳି ଭଞ୍ଜ ଭବନରେ ଆୟୋଜିତ ପୁସ୍ତକ ମେଳାରେ ସନ୍ଧ୍ୟା ୭ଟାରେ ଏକ ଆଲୋଚନା ଚକ୍ର ଆୟୋଜନ କରାଯାଇଥିଲା। ଏଥିରେ ଐତିହାସିକ ଡ. ପ୍ରଭାତ ମଲ୍ଲିକ, ସାହିତ୍ୟିକା ଲୋପାମୁଦ୍ରା ମହାନ୍ତି ଓ ପ୍ରଫେସର ଡ.ନଗେନ ଦାସ ପ୍ରମୁଖ ଯୋଗଦେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ମଧୁବାବୁଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଭାପତି ନିରୋଦ ସାମନ୍ତରାୟ, ଉପସଭାପତି ଦିବାକର ମହାନ୍ତି, ଅଜୟ ନାୟକ, ରଶ୍ମିରଞ୍ଜନ ବୋଇତାଇ, ବିଶ୍ୱନାଥ ବେହେରା, ଅଯୋଧ୍ୟା ଦାସ, ଘନଶ୍ୟାମ ଧଳ, ରାଧାମୋହନ ନାୟକ, ପ୍ରସନ୍ନ ମହାନ୍ତି, ପରୀକ୍ଷିତ ଗୁରୁ, ଶ୍ରଦ୍ଧା ଷଡଙ୍ଗୀ, ଆର୍ତ୍ତତ୍ରାଣ ମହାପାତ୍ର ଓ କୁଞ୍ଜବିହାରୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# କ୍ୟାନସର ଅସାଧ୍ୟ ରୋଗ ନୁହେଁ

- ସଚେତନତା ଉପରେ ଗୁରୁତ୍ୱାରୋପ
- ପ୍ରଥମରୁ ଚିକିତ୍ସା କଲେ ରୋଗ ଭଲ ହୁଏ

**ରାଉରକେଲାଅଫିସ,୪।୨**

କ୍ୟାନସର ରୋଗକୁ ଅସାଧ୍ୟ ବୋଲି କୁହାଯାଇ ପାରିବନି। ବେଳହୁଁ ରୋଗ ଚିହ୍ନଟ କରି ଏହାର ନିରାକରଣ ପ୍ରତି ସଜାଗ ରହିଲେ ଏହା ମରାତ୍ମକ ହେବନି ବୋଲି ସୋମବାର ସେକ୍ଟର-୨୨ ଇସ୍ପାତ୍ ମେଡିକାଲ ପରିସରରେ ଆୟୋଜିତ କ୍ୟାନସର ଦିବସ ସଚେତନତା ସଭାରେ ମତ ପ୍ରକାଶ ପାଇଛି। ଡାକ୍ତର ରାହାସବିହାରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଇଜିଏଚ୍ ଉପ ମହାନିର୍ଦ୍ଦେଶକ ଡାକ୍ତର ଆଶିଷ ସାହା ମୁଖ୍ୟଅତିଥି ରୂପେ ଯୋଗ ଦେଇଥିବା ବେଳେ କ୍ୟାନସର ବିଶେଷଜ୍ଞ ଡାକ୍ତର ଇନ୍ଦିରା ମିଶ୍ର, ଡାକ୍ତର ଇନ୍ଦ୍ରାଣୀ ସାହୁ, ଡାକ୍ତର ଅକ୍ଷୟ ସାମଲ, ଡାକ୍ତର ତରୁଣାଦିତ୍ୟ ମିଶ୍ର ଓ କବି କୁଞ୍ଜବିହାରି ରାଉତ ପ୍ରମୁଖ ସମ୍ମାନିତ ଅତିଥି ରୂପେ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଡାକ୍ତର ସାହୁ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। କ୍ୟାନସର ଭଳି ମାରାତ୍ମକ ବ୍ୟାଧି ପ୍ରତି କି ଭଳି ଆମେ ସତର୍କ ରହିବା ଓ ଏଥିରୁ ମୁକ୍ତି ପାଇବା ସେ ନେଇ ଉପସ୍ଥିତ ବରିଷ୍ଠ ଡାକ୍ତର ଆଲୋଚନା କରିଥିଲେ। ସଚେତନତା ଅଭାବ, ବିଳମ୍ବରେ ରୋଗ ପରୀକ୍ଷା ଓ କ୍ୟାନସର ସମ୍ପର୍କରେ ଅଜ୍ଞତା ଯୋଗୁ ଏହା ଦୁରାରୋଗ୍ୟ ବ୍ୟାଧି ରୂପେ କାୟା ବିସ୍ତାର କରିଥାଏ। ନିୟମିତ ରୋଗ ପରୀକ୍ଷଣ ସହ ଚିକିତ୍ସା ଦ୍ୱାରା ଏହା ଲାଘବ ହୋଇ ପାରିବ ବୋଲି ଏଥିରେ ମତ ପ୍ରକାଶ ପାଇଥିଲା। ଏହି ଅବସରରେ ପ୍ରୋଜେକ୍ଟର ମାଧ୍ୟମରେ ରୋଗର ସବିଶେଷ ତଥ୍ୟ ଓ ନିରାକରଣ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ସାଧାରଣତଃ ମଳ ତ୍ୟାଗ ଅଭ୍ୟାସରେ ପରିବର୍ତ୍ତନ ଦେଖା ଦେବା, ଦୀର୍ଘଦିନ ପର୍ଯ୍ୟନ୍ତ ଘା ନ ଶୁଖିବା, ଅସ୍ୱାଭାବିକ ରକ୍ତସ୍ରାବ, ସ୍ତନ ବା ଶରୀରର ଅନ୍ୟ ସ୍ଥାନରେ ଶିରା ବହଳ ହେବା କିମ୍ବା ଆବୁ ପରି ଫୁଲିବା, ଅଜୀର୍ଣ୍ଣ ହେବା, ଢୋକିବାରେ କଷ୍ଟ ଅନୁଭବ କରିବା, ଭାଡୁଡି ବା ତିଳ ଚିହ୍ନରେ ପରିବର୍ତ୍ତନ ଘଟିବା, ଅନବରତ କାଶ ଲାଗି ରହିବା ତଥା ସ୍ୱର କର୍କଶ ହେବା କ୍ୟାନସର ରୋଗର ଲକ୍ଷଣ ହୋଇପାରେ ବୋଲି ଉପସ୍ଥିତ ଡାକ୍ତରମାନେ କହିଥିଲେ। ଏଥିରୁ ବର୍ତ୍ତିବା ପାଇଁ ତୁରନ୍ତ ଡାକ୍ତରୀ ପରାମର୍ଶ ନେବା ଜରୁରୀ ବୋଲି ଡାକ୍ତରମାନେ କହିଥିଲେ। ଉକ୍ତ ସଭାରେ ସାମାଜିକ କର୍ମୀ ଅରୁଣ ପରିଡା, କବି ଗୌରାଙ୍ଗ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଚିତ୍ତରଞ୍ଜନ ନନ୍ଦ ଧନ୍ୟବାଦ ପ୍ରଦାନ କରିଥିଲେ।




କ୍ୟାନସର ସଚେତନତା ସଭାରେ ଉପସ୍ଥିତ ଅତିଥିମାନେ।



ହେ ପ୍ରାଣୀ ନିଜ ଆତ୍ମା ସହିତ ଯୁଦ୍ଧ କର। ବାହାର ଲୋକଙ୍କ ସହିତ ଯୁଦ୍ଧକରି କିଛି ଲାଭନାହିଁ। ଦୁଷ୍ଟ ଆତ୍ମା ସମାନ ଯୁଦ୍ଧଯୋଗ୍ୟ ଦ୍ୱିତୀୟ ବସ୍ତୁ ନାହିଁ।
- ମହାବୀର



## ସଂକ୍ଷେପରେ

### ନବବିବାହିତାଙ୍କ ମୃତ୍ୟୁ, ହତ୍ୟା ଅଭିଯୋଗ

**ବଣାଇ,୪।୨(ସ୍ୱ.ପ୍ର.):** ସୁନ୍ଦରଗଡ଼ ଜିଲା ଟିକାୟତପାଲି ଥାନା ଅନ୍ତର୍ଗତ ଶିବନାଥପୁର ଗ୍ରାମର ଗଣେଶ କିଷାନଙ୍କ ସ୍ତ୍ରୀ ରଶ୍ମିତାଙ୍କର ବିଷକ୍ରିୟାରୁ ମୃତ୍ୟୁ ହୋଇଛି। ତେବେ ରଶ୍ମିତା ବିଷ ପିଇ ଆତ୍ମହତ୍ୟା କରିନାହାନ୍ତି ବରଂ ଗଣେଶ ତାଙ୍କୁ ଖାଦ୍ୟରେ ବିଷ ମିଶାଇ ହତ୍ୟା କରିଥିବା ରଶ୍ମିତାଙ୍କ ବାପା ବିଦ୍ୟାଧର କିଷାନ ଥାନାରେ ଅଭିଯୋଗ କରିଛନ୍ତି। ରଶ୍ମିତା ଓ ଗଣେଶଙ୍କ ସମ୍ପର୍କରେ ତିକ୍ତତା ରହିଥିଲା। ଅନେକଥର ଏଥିରେ ସେ ହସ୍ତକ୍ଷେପ କରି ସମାଧାନ କରିଥିଲେ। ତଥାପି ଗଣେଶ ରଶ୍ମିତାଙ୍କୁ ମାନସିକ, ଶାରୀରିକ ନିର୍ଯାତନା ଦେଇଆସୁଥିଲେ। ତେଣୁ ଗଣେଶ ତାଙ୍କୁ ହତ୍ୟା କରିଥିବା ବିଦ୍ୟାଧର ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଏକ ଯୌତୁକ ଜନିତ ହତ୍ୟା ମାମଲା ରୁଜୁ କରି ତଦନ୍ତ କରୁଛି। ରଶ୍ମିତାଙ୍କ ସ୍ୱାମୀ ଗଣେଶଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ବିଦ୍ୟାଧରଙ୍କ ଉପସ୍ଥିତିରେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରିଛି। ସୂଚନାଯୋଗ୍ୟ, ଗଣେଶ ବର୍ଷକ ତଳେ ନିକିତିମାଲ ଗ୍ରାମର ରଶ୍ମିତାଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ରବିବାର ରାତିରେ ରଶ୍ମିତା ବିଷ ଖାଇ ମୃତ୍ୟୁବରଣ କରିଥିବା ସୋମବାର ସକାଳେ ଜଣାପଡ଼ିଥିଲା।



### ରାମଲୀଳା ଯାତ୍ରାର ବରିଷ୍ଠ କଳାକାରଙ୍କ ଦେହାନ୍ତ

**ବଡ଼ଗାଁ,୪।୨(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ରାମଲୀଳା ଯାତ୍ରାର ବରିଷ୍ଠ କଳାକାର ନିରଞ୍ଜନ ଅଗ୍ରୱାଲ (ନିରୁ)ଙ୍କର ୭୨ ବର୍ଷ ବୟସରେ ରବିବାର ରାତି ସାଢ଼େ ୧୦ଟାରେ ତାଙ୍କ ବାସଭବନରେ ଦେହାନ୍ତ ଘଟିଛି। ନିରଞ୍ଜନ ଦୀର୍ଘବର୍ଷ ପର୍ଯ୍ୟନ୍ତ ରାମଲୀଳା ଯାତ୍ରାରେ କୁମ୍ଭକର୍ଣ୍ଣ ଭୂମିକାରେ ଅଭିନୟ କରିଥିଲେ। ସେହିପରି ଗ୍ରାମର ବିଭିନ୍ନ ଧର୍ମୀୟ କାର୍ଯ୍ୟକ୍ରମ ଓ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। କିଛିବର୍ଷ ହେଲା ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିଲା। ତାଙ୍କ ଦେହାନ୍ତ ଖବର ଶୁଣି ଯାତ୍ରା ସଂସଦ କର୍ମକର୍ତ୍ତା ଓ ଗ୍ରାମବାସୀ ଶେଷଦର୍ଶନ କରିଥିଲେ।

### ଅନୁକୂଳ ଚନ୍ଦ୍ରଙ୍କ ଜନ୍ମୋତ୍ସବ ଉପଲକ୍ଷେ ଜାଗୃତି ମହୋତ୍ସବ

**ଲହୁଣୀପଡ଼ା,୪।୨(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜଲା ଲହୁଣୀପଡ଼ା ରାଜାମୁଣ୍ଡାସ୍ଥିତ ସତସଙ୍ଗ କେନ୍ଦ୍ରରେ ସୋମବାର ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୧ତମ ଜନ୍ମ ଉତ୍ସବ ପାଳନ ଅବସରରେ ଜାଗୃତି ମହୋତ୍ସବ ଅନୁଷ୍ଠିତ ହୋଇଛି। ପ୍ରତ୍ୟୁଷରେ ଦେବ ମାଙ୍ଗଳିକ ବେଦ ଅଧ୍ୟୟନ ସଙ୍ଗୀତାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏକ ସୁସଜ୍ଜିତ ରଥରେ ଠାକୁରଙ୍କ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ସହପ୍ରତୀକ ନଟବର ଦାଶଙ୍କ ମଞ୍ଚ ପରିଚାଳନାରେ ସନାତନ ନାଏକ ପ୍ରବଚନ ପ୍ରଦାନ କରିଥିଲେ। ନିୟତ କର୍ମୀ ରାଧାକାନ୍ତ ମିଶ୍ର, ବସନ୍ତ କୁମାର ଜେନା, ଶାନ୍ତନୁ କୁମାର ନାୟକ, ହିମାଂଶୁଶେଖର ମାହାନ୍ତ, ରଶ୍ମିରଞ୍ଜନ ଜେନା, ଜଟାଧାରୀ ନାଏକ, ଚନ୍ଦ୍ରଶେଖର ନାଏକଙ୍କ ତତ୍ତ୍ୱାବଧାନରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଲହୁଣୀପଡ଼ା, ଗୁରୁଣ୍ଡିଆ, କୋଇଡ଼ା ବ୍ଲକର ବହୁ ଶ୍ରଦ୍ଧାଳୁ ଏଥିରେ ଯୋଗଦେଇଥିଲେ। ରତ୍ନାକର ଧଳ, ଶଶିଭୂଷଣ ମାହାନ୍ତ, ଚିତ୍ତରଞ୍ଜନ ମାହାନ୍ତି, ପ୍ରଶାନ୍ତ ମହାପାତ୍ର, ଆନନ୍ଦ ଧରୁଆ, ନାରାୟଣ ବାରିକ, ଗଗନ ମାହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

### ଘର ଆଗରୁ ଗାଡ଼ି ଚୋରି

**ବାଲିଶଙ୍କରା,୪।୨(ଡି.ଏନ୍.ଏ.):** ତଳସରା ଥାନା ଅନ୍ତର୍ଗତ ବାଲିଶଙ୍କରା ସରବାହାଲପଡ଼ାରୁ କୌଣସି ଦୁର୍ବୃତ୍ତ ଏକ ଗାଡ଼ି ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ସରବାହାଲପଡ଼ାର ସଞ୍ଜୟ କୁମାର ସାହୁ ତାଙ୍କ ଓଆର୍୧୫-ଜେ୫୨୨୯ନଂ ଗାଡ଼ିକୁ ସବୁଦିନ ପରି ନିଜ ଘର ପାର୍ଶ୍ୱରେ ରଖିଥିଲେ। ରବିବାର ବିଳମ୍ବିତ ରାତିରେ ଗାଡ଼ି ଚୋରି ହୋଇଯାଇଛି। ଏ ନେଇ ସଞ୍ଜୟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ୭୮ ଅଭିଯୋଗର ଶୁଣାଣି କଲେ ଜିଲାପାଳ

**ବଡ଼ଗାଁ,୪।୨(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏହି ଅବସରରେ ଜିଲାପାଳ ସୁରେନ୍ଦ୍ର କୁମାର ମୀନା ୭୮ ଅଭିଯୋଗର ଶୁଣାଣି କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଏସ୍‌ପି ସୌମ୍ୟା ମିଶ୍ରା, ଡିଏଫ୍‌ଓ ଡ. ଅରୁଣ କୁମାର ମିଶ୍ର, ସିଡିଏମ୍‌ଓ ଡା. ଦିଲୀପ କୁମାର ଷଡ଼ଙ୍ଗୀ, ଡିଏସ୍‌ଏସ୍‌ଓ ଅଶୋକ କୁମାର ବିଶି, ଡିପିଓ ଗୁରଭା ସିଂ, ଏମର୍ଜେନ୍ସି ଅଫିସର ମନୋରଞ୍ଜନ ଚୌଧୁରୀ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଭୂମେଶ ବେହେରା, ବଡ଼ଗାଁ ବିଡିଓ ଦାୟିତ୍ୱରେ ଥିବା ତହସିଲଦାର ସୋନାଲି ଚାନ୍ଦ, ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ମିଞ୍ଜ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଚାଷୀମାନେ ସଫେଇ ନଦୀରେ ବ୍ୟାରେଜ ନିର୍ମାଣ ପାଇଁ ଦାବି କରିଛନ୍ତି। ଖରିଫ ଋତୁର ମରୁଡ଼ି ସମୟରେ ନଦୀର ଜଳସ୍ରୋତ କମିଯାଉଥିବାରୁ ଉଚ୍ଚ କ୍ଷମତାସମ୍ପନ୍ନ ମେଗା ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ନେଇ ଆଶଙ୍କା ପ୍ରକଟ କରି ବ୍ୟାରେଜ ନିର୍ମାଣ ଦାବି କରିଛନ୍ତି। ଜରଙ୍ଗଲୋଇ ପବ୍ଲିକ ସ୍କୁଲକୁ



ଜନଶୁଣାଣିରେ ଜିଲାପାଳ ସୁରେନ୍ଦ୍ର କୁମାର ମୀନାଙ୍କ ସହିତ ଅନ୍ୟ ଅଧିକାରୀ ଗଣ।

ବିଇଓଙ୍କ ଚିଠି ଅନୁଯାୟୀ ସେଣ୍ଟ୍ରାଲ ମଡେଲ ସ୍କୁଲ କରାଯିବା ଓ ସ୍କୁଲର ପ୍ରତିଷ୍ଠାତା ଜିଲାରେ ୧୨ ସ୍କୁଲ ଖୋଲି ୧୧୦ ଯୁବତୀ ଯୁବକଙ୍କଠାରୁ ୫୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକିନେଇ ଫେରାର ହୋଇଯିବା ଘଟଣାରେ ପୋଲିସ ମାମଲା ନ କରିବା ଓ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆ ନ ଯିବା ସମ୍ପର୍କରେ ଅଭିଯୋଗ ହୋଇଥିଲା। ୧୦ନଂ ରାଜ୍ୟ ରାଜପଥରୁ ମୁକୁନ୍ଦପୁର ରାସ୍ତାକୁ ପିଏମ୍‌ଜିଏସ୍‌ୱାଇରେ ସାମିଲ ଏବଂ ପୋଲ ନିର୍ମାଣ, ବାଇବାଇ ତଳିମୁଣ୍ଡାରେ ନଦୀ ଖଣ୍ଡି ଖାଇଥିବାରୁ ଏହାର ମରାମତି, ବାମଡେରା ପଞ୍ଚାୟତ ଅଫିସ ପାଚେରି ନିର୍ମାଣ, ବଡ଼ଗାଁ କଲେଜ ସମ୍ମୁଖ ରାସ୍ତାକୁ ପିଚୁ କରିବା, ରୁନଗା ବଡ଼ପଡ଼ାରେ ଅଚଳ ପଡ଼ିଥିବା ସୌରଚାଳିତ ପମ୍ପ ମରାମତି କରିବା, ସିଙ୍ଗାରମୁଣ୍ଡା ଓରାମପଡ଼ାରେ ଥିବା ସଏଲମୁଣ୍ଡା (ପୋଖରୀ) ପୁନଃ ନିର୍ମାଣ ସମ୍ପର୍କରେ ମଧ୍ୟ ଅଭିଯୋଗ ହୋଇଥିଲା। ସେହିପରି ସରପଞ୍ଚ ଏମ୍‌ଆର୍‌ରେ ଦସ୍ତଖତ ଦେଉ ନ ଥିବା ନେଇ ଟିମନା ପଞ୍ଚାୟତର ଗାଁସାଥୀ ବିରାଜ ଲାକ୍ରା ଓ ସାବିତ୍ରୀ ବାଡ଼ା ଅଭିଯୋଗ କରିଥିଲେ। ବଣେଇଗଡ଼ର ମୀନା ଆଚାର୍ଯ୍ୟ ତାଙ୍କ ସ୍ୱର୍ଗତ ସ୍ୱାମୀଙ୍କ ଚାକିରିରେ ନିଯୁକ୍ତି ପାଇବାକୁ ଅଭିଯୋଗ ଶୁଣାଣିରେ ଜଣାଇଛନ୍ତି। ଦୁର୍ଘଟଣାରେ ମୃତ ବଡ଼ଗାଁ ଡୁଡୁଙ୍ଗପଡ଼ାର ସନାନ୍ତ କେର୍କେଟା, ରୋଗଗ୍ରସ୍ତ ଥିବା ବଡ଼ଗାଁର ୱାର୍ଡସଭ୍ୟ ପ୍ରଭାତ ସାହୁଙ୍କ ପରିବାରକୁ ଆର୍ଥିକ ସହାୟତା ପାଇଁ ଦାବି କରାଯାଇଥିଲା। ବରଙ୍ଗାକଛାର ପଞ୍ଚାୟତର କେତେକ ଗ୍ରାମରେ ହୋଇଥିବା କାମ ବିନା ମଷ୍ଟର ରୋଲରେ ହୋଇଥିବା, ଦୁର୍ନୀତି ଅଭିଯୋଗ କରି ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଜିପିଟିଏଙ୍କ ବଦଳି ଦାବି କରାଯାଇଛି।

## ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ହେଉଛି ପିଇବା ପାଣି

**ହେମଗିର,୪।୨(ଡି.ଏନ୍.ଏ.)**

ସ୍ୱଚ୍ଛ ପାଣି ମୁନ୍ଦେ ପାଇବାକୁ ଲୋକେ ଡହଳବିକଳ ହେଉଛନ୍ତି। ଆଗକୁ ଖରାଦିନ ଆସୁଥିବାବେଳେ ପରିସ୍ଥିତି ଆହୁରି ସଙ୍ଗିନ ହେବା ଆଶଙ୍କା ରହିଛି। ହେଲେ ହେମଗିର ବ୍ଲକ ଟାଙ୍ଗରଡିହିଠାରେ ନିର୍ମାଣାଧୀନ ଏକ ପାନୀୟ ଜଳ ପ୍ରକଳ୍ପରେ ପିଇବା ପାଣି ବ୍ୟବହୃତ ହେଉଥିବା ଅଭିଯୋଗ ହୋଇଛି। ଗ୍ରାମବାସୀ ବ୍ୟବହାର କରୁଥିବା ଏକ ନଳକୂପର ହ୍ୟାଣ୍ଡପମ୍ପ ଖୋଲି ସେଥିରୁ ମୋଟର ଯୋଗେ ପାଣି ଉଠାଇ ଠିକାସଂସ୍ଥା ଏହି ପ୍ରକଳ୍ପରେ ବ୍ୟବହାର କରୁଥିବା ଲୋକେ ଅଭିଯୋଗ କରିଛନ୍ତି। ପଞ୍ଚାୟତ ପକ୍ଷରୁ ଲୋକଙ୍କ ପାନୀୟ ଜଳ ସମସ୍ୟା ସମାଧାନ ପାଇଁ ଏହି ନଳକୂପ ବସାଯାଇଥିଲା। ଏଥିରୁ ହ୍ୟାଣ୍ଡ ପମ୍ପ ଖୋଲି ଦିଆଯିବା ପରେ ଗ୍ରାମବାସୀ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏ ନେଇ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପାଖରେ କୌଣସି ଖବର ନ ଥିବା ସେ କହିଛନ୍ତି।



ନଳକୂପର ହ୍ୟାଣ୍ଡ ପମ୍ପ କଢ଼ାଯାଇ ସେଥିରେ ମୋଟର ଫିଟିଂ କରାଯାଇଛି।

ନଳକୂପ ଯନ୍ତ୍ରାଂଶ ଖୋଲି ଠିକାସଂସ୍ଥା ସେଥିରୁ ପାଣି ନେଉଥିବା ସମ୍ପର୍କରେ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଅବଗତ କରି ନ ଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ସୁନ୍ଦରଗଡ଼ ଜଳ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ପଚାରିବାରୁ ଏହା ଠିକ୍ ନୁହେଁ ବୋଲି ସେ କହିଛନ୍ତି। କନିଷ୍ଠ ଯନ୍ତ୍ରୀ ପି.ସି. ଟୁଡୁଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ନ ଥିବାବେଳେ ହେମଗିର ବିଡିଓ ଏହାକୁ ନିନ୍ଦା କରିଛନ୍ତି। ଘଟଣାର ଉପଯୁକ୍ତ ତଦନ୍ତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ଚାଟ୍ ବେପାରୀଙ୍କୁ ଗଳାକାଟି ହତ୍ୟା ଘଟଣା

## ଅପରାଧୀଙ୍କ ଟେର୍ ପାଉନି ପୋଲିସ

**କୁଆଁରମୁଣ୍ଡା,୪।୨(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ତଥା କୁଆଁରମୁଣ୍ଡା ଫାଣ୍ଡି ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। କୁଆଁରମୁଣ୍ଡା ପଞ୍ଚାୟତ ପୋଡ଼ମରା ଆଦିବାସୀ ପୁନର୍ବାସ କଲୋନୀରେ ଗତ ୨୬ ତାରିଖ ବିଳମ୍ବିତ ରାତିରେ ବାବୁଲାଲ ସିଂ (୫୫) ନାମକ ଜଣେ ଚାଟ୍ ବ୍ୟବସାୟୀଙ୍କ ଘରେପଶି ଦୁର୍ବୃତ୍ତମାନେ ତାଙ୍କ ଗଳାକାଟି ହତ୍ୟା କରିବା ଘଟଣା ଏହାର ଜ୍ୱଳନ୍ତ ଉଦାହରଣ। ଏହି ଘଟଣାକୁ ଏବେ ୧୦ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ଅପରାଧୀଙ୍କ ଟେର୍ ପାଇନି। ଏହି ଘଟଣା ପରେ ପୋଲିସ ୨୭ ତାରିଖ ସକାଳେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଆରମ୍ଭ କରିଥିଲା। ଖୁବ୍‌ଶୀଘ୍ର ହତ୍ୟାକାରୀଙ୍କ ନିକଟରେ ପୋଲିସ ପହଞ୍ଚି ପାରିବ ବୋଲି ଆଶା କରାଯାଉଥିଲା। ମାତ୍ର ଅଦ୍ୟାବଧି ପୋଲିସ ହାତ ଖାଲି। ଅନ୍ୟପକ୍ଷରେ ହତ୍ୟାକାଣ୍ଡର ତଦନ୍ତ କରୁଥିବା କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ଅନୀଲ ପରିଡ଼ା ଏକ ପୁରୁଣା ମାମଲାରେ ଗତ ୨ ଦିନ ତଳେ ନିଲମ୍ବିତ ହେବା ପରେ ଏବେ ଉକ୍ତ ପଦବୀ ଖାଲି ପଡ଼ିଛି। ଫଳରେ ଘଟଣାର ତଦନ୍ତ ପ୍ରକ୍ରିୟା ଶେଷ ହେବାକୁ ଆହୁରି ଅଧିକ ସମୟ ଲାଗିବା ଆଶଙ୍କା ଉପୁଜିଛି। ଏହା ଅପରାଧୀଙ୍କୁ ବେଶ୍ ସୁହାଉଥିବାବେଳେ ମୃତକଙ୍କ ପରିବାର ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ପୋଲିସ ବିଭାଗର ଉଚ୍ଚ ଅଧିକାରୀ ଏ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଜଣେ ଦକ୍ଷ ଅଧିକାରୀଙ୍କୁ କୁଆଁରମୁଣ୍ଡା ଫାଣ୍ଡିରେ ନିଯୁକ୍ତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ଆହତ ଅବସ୍ଥାରେ ଘୂରି ବୁଲୁଛନ୍ତି ମାନସିକ ଭିନ୍ନକ୍ଷମ

**ବଡ଼ଗାଁ,୪।୨(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ତୁଡ଼ାଲଗା ଗ୍ରାମରେ ଗତ ୬ମାସ ହେଲା କୌଣସି ସ୍ଥାନରୁ ଆସି ରହିଥିବା ଜଣେ ମାନସିକ ଭିନ୍ନକ୍ଷମ ବ୍ୟକ୍ତି ଆହତ ଅବସ୍ଥାରେ ଏଣେତେଣେ ଘୂରି ବୁଲୁଛନ୍ତି। ସମ୍ପୃକ୍ତ ବ୍ୟକ୍ତିଙ୍କ ପରିଚୟ ମିଳି ନ ଥିବାବେଳେ ତାଙ୍କ ବୟସ ପ୍ରାୟ ୫୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ତାଙ୍କ ହାତ କଟି ରକ୍ତ ବୋହୁଛି। କଟିଥିବା ସ୍ଥାନରେ ପଲିଥିନ୍ ବନ୍ଧାଯାଇଛି। ଏପରି ଅବସ୍ଥାରେ ସୋମବାର ସେ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇଥିବାବେଳେ ସରପଞ୍ଚ ହରିପ୍ରିୟା ପ୍ରଧାନ ତାଙ୍କୁ ଦେଖିଥିଲେ। ଏ ସମ୍ପର୍କରେ ପ୍ରଧାନ ବ୍ଲକ ଅଫିସରେ ଆୟୋଜିତ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଜିଲାପାଳଙ୍କୁ ସୂଚନା ଦେଇଥିଲେ। ତାଙ୍କୁ ତୁରନ୍ତ ମେଡିକାଲରେ ଭର୍ତ୍ତି କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଏହି ମାନସିକ ଭିନ୍ନକ୍ଷମ ବ୍ୟକ୍ତି ଜଣକ ଅଧିକାଂଶ ଦିନ ପଞ୍ଚାୟତ ଅଫିସକୁ ଆସିଥାନ୍ତି। ସେଠାରେ ଲୋକଙ୍କଠାରୁ ବିସ୍କୁଟ ମାଗି ଖାଇବା ପରେ ଚାଲିଯାଉଥିବା ଗ୍ରାମବାସୀ କହିଛନ୍ତି।



ଏସ୍‌ପି ସୌମ୍ୟା ମିଶ୍ରା ସଡ଼କ ସୁରକ୍ଷା ସଚେତନତା ରଥକୁ ପତାକା ଦେଖାଇ ଉଦ୍‌ଘାଟନ କରୁଛନ୍ତି।

## ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ

**ସୁନ୍ଦରଗଡ଼,୪।୨(ଡି.ଏନ୍.ଏ.)**

ଏଲ୍ ଆଣ୍ଡ ଟି ଏସ୍‌ଟିଏସ୍‌ଆର୍‌ଟିଏଲ୍ ପକ୍ଷରୁ ସୋମବାର ରାଉରକେଲା-ସମ୍ବଲପୁର ବିଜୁ ଏକ୍ସପ୍ରେସ ୱେର ମକନିକାନୀ ଟୋଲ ପ୍ଲାଜା ନିକଟରେ ୩୦ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଛି। ଏହି ଅବସରରେ ଆୟୋଜିତ ସଚେତନତା ସଭାକୁ ସୁନ୍ଦରଗଡ଼ ଏସ୍‌ପି ସୌମ୍ୟା ମିଶ୍ରା ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ବେପାରୁଆ ଗାଡ଼ିଚାଳନା ଯୋଗୁ ବଢୁଥିବା ସଡ଼କ ଦୁର୍ଘଟଣା ରୋକିବା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଆଇନ ବ୍ୟବସ୍ଥା ଥିଲେ ମଧ୍ୟ ସଚେତନତା ଅଭାବରୁ ଏହା ଫଳପ୍ରଦ ହୋଇପାରୁ ନାହିଁ। ତେଣୁ ଲୋକଙ୍କ ମଧ୍ୟରେ ଅଧିକ ସଚେତନତା ସୃଷ୍ଟି ଉପରେ ମୁଖ୍ୟଅତିଥି ଗୁରୁତ୍ୱାରୋପ କରିଥିଲେ। ପରେ ଏକ ସଚେତନତା ରଥକୁ ମୁଖ୍ୟଅତିଥି ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ କମ୍ପାନୀର ଟୋଲ୍ ପ୍ଲାଜା ହେଡ୍ ଦେବେନ୍ଦ୍ର କୁମାର ବାରିକ, ସଦର ଏସ୍‌ଡିପିଓ ବଳଭଦ୍ର ଦୀପଙ୍କ ସମେତ ଅନ୍ୟ ପଦାଧିକାରୀ ସାମିଲ ଥିଲେ।

### ହନୁମାନ ମନ୍ଦିରର ସପ୍ତମ ବାର୍ଷିକ ଉତ୍ସବ

**ଲହୁଣୀପଡ଼ା,୪।୨(ଡି.ଏନ୍.ଏ.)**

ଲହୁଣୀପଡ଼ା ବ୍ଲକ ଛକସ୍ଥିତ ଓଁ ନମଃ ଶିବାୟ ସାଇ, ସଙ୍କଟମୋଚନ ହନୁମାନ ମନ୍ଦିରର ତିନିଦିନିଆ ସପ୍ତମ ବାର୍ଷିକ ଉତ୍ସବ ସୋମବାର ଆରମ୍ଭ ହୋଇଛି। ପ୍ରଥମ ଦିନରେ ମହିଳାମାନେ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ତୁମକଳା ଗ୍ରାମ ନଦୀତୁଠରୁ କଳସରେ ଜଳ ଆଣିଥିଲେ। ଲହୁଣୀପଡ଼ା ମୁଖ୍ୟବଜାର ପରିକ୍ରମା କରି ମନ୍ଦିରରେ କଳସ ସ୍ଥାପନ କରାଯାଇଥିଲା। ସନ୍ଧ୍ୟାରେ ସାଇବାବାଙ୍କ ପାଲିଙ୍କି ଶୋଭଯାତ୍ରା ମୁଖ୍ୟବଜାର ପରିକ୍ରମା କରି ମନ୍ଦିରରେ ପହଞ୍ଚିଥିଲା। ଏଥିରେ ଗ୍ରାମର ବହୁ ଶ୍ରଦ୍ଧାଳୁ ଯୋଗଦେଇଲେ। ମଙ୍ଗଳବାର ଅଷ୍ଟପ୍ରହର ନାମଯଜ୍ଞ ସହ ପ୍ରସାଦସେବନ ଏବଂ ବୁଧବାର ପୂର୍ଣ୍ଣାହୁତି ପ୍ରଦାନ କରାଯିବ ବୋଲି ମନ୍ଦିର କମିଟି ପକ୍ଷରୁ ସୂଚନା ଦିଆଯାଇଛି।



କଳସ ଶୋଭାଯାତ୍ରା ବଜାର ପରିକ୍ରମା କରୁଛି।

### ବଡ଼ଗାଁ ସରପଞ୍ଚ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ

**ବଡ଼ଗାଁ,୪।୨(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ସରପଞ୍ଚ ସଂଘ ସୋମବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛି। ଏ ସମ୍ପର୍କରେ ସଂଘ ପକ୍ଷରୁ ବିଡିଓ ଦାୟିତ୍ୱରେ ଥିବା ତହସିଲଦାର ସୋନାଲି ଚାନ୍ଦଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି। ସଂଘ ସଭାପତି ବିକ୍ରମ ଟପ୍ପୋ, ଉପାଧ୍ୟକ୍ଷ ଅହଲ୍ୟା ଲାକ୍ରା, ସମ୍ପାଦକ ରଜିତ ଏକ୍କା, ସହସମ୍ପାଦକ ଗଜେନ୍ଦ୍ର ବାଗ, କୋଷାଧ୍ୟକ୍ଷ ହରିପ୍ରିୟା ପ୍ରଧାନ, ସଭ୍ୟାସଭ୍ୟ ଶୁଶିଲା ଡନସନା, ଟଙ୍କଧର ନାଏକ, ମନ୍ଦାକିନୀ ବରିହା ପ୍ରମୁଖଙ୍କ ଦସ୍ତଖତ ଥିବା ପତ୍ରରେ ଉଲ୍ଲେଖ କରାଯାଇଛିଯେ ରାଜ୍ୟ ସରକାର ସରପଞ୍ଚମାନଙ୍କ କ୍ଷମତା ସଙ୍କୁଚିତ କରିଛନ୍ତି। ଅନେକ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରୁଥିବାରୁ ରାଜ୍ୟ ସରପଞ୍ଚ ସଂଘ ନିଷ୍ପତ୍ତି ଅନୁଯାୟୀ ୪ତାରିଖଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସରପଞ୍ଚ ସଂଘ ପଞ୍ଚାୟତର ଉନ୍ନତିମୂଳକ କାର୍ଯ୍ୟରେ ଅସହଯୋଗ କରିବ ବୋଲି କୁହାଯାଇଛି।

## ଇଫ୍‌କୋ କୃଷକବନ୍ଧୁ କ୍ଲବ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ସୁନ୍ଦରଗଡ଼,୪।୨(ଡି.ଏନ୍.ଏ.)**

ସ୍ଥାନୀୟ କିରେଇସ୍ଥିତ କୃଷିବିଜ୍ଞାନ କେନ୍ଦ୍ରରେ ଇଫ୍‌କୋ କୃଷକବନ୍ଧୁ କ୍ଲବ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ କୁତ୍ରା, ଟାଙ୍ଗରପାଲି, ସବ୍‌ଡେଗା, ବଡ଼ଗାଁ ଓ ସଦର ବ୍ଲକର ୫୦ରୁ ଅଧିକ ଚାଷୀ ଯୋଗଦେଇଥିଲେ। କୃଷିବିଜ୍ଞାନ କେନ୍ଦ୍ର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ କୃଷିବିଜ୍ଞାନ କେନ୍ଦ୍ରର କାର୍ଯ୍ୟକାରିତା ଏବଂ କୃଷକବନ୍ଧୁ କ୍ଲବ ଗଠନର ଆବଶ୍ୟକତା ସମ୍ପର୍କରେ ସୂଚନା ଦେଇଥିଲେ। ବରିଷ୍ଠ ବୈଜ୍ଞାନିକ ଡ. ସଞ୍ଜୀବ ବିଶ୍ୱାସୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶସ୍ୟ ଉତ୍ପାଦନ ଉପରେ ପାଣିପାଗର ପ୍ରଭାବ ସମ୍ବନ୍ଧରେ ସୂଚନା ଦେଇଥିଲେ। ଅନ୍ୟତମ ବରିଷ୍ଠ ବୈଜ୍ଞାନିକ ଡ. ସତ୍ୟମୟ ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାଷୀଙ୍କୁ ସ୍ୱାଗତ କରି ମୁଗଚାଷ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ୫୦ ପ୍ରତିଶତ ରିହାତି ଦରରେ ଇଫ୍‌କୋର ସ୍ୱତନ୍ତ୍ର ଫର୍ଟିଲାଇଜର ବଣ୍ଟନ କରାଯାଇଥିଲା। ଇଫ୍‌କୋର କୁଳମଣି ମାଝି କୃଷକବନ୍ଧୁ କ୍ଲବ ଗଠନ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।



ଇଫ୍‌କୋ କୃଷକବନ୍ଧୁ କ୍ଲବ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଦୁଇଦିନିଆ ଶିକ୍ଷକ ସମ୍ମିଳନୀ ଉଦ୍‌ଯାପିତ

**ସବ୍‌ଡେଗା,୪।୨ (ଡି.ଏନ୍.ଏ.)**

ସ୍ଥାନୀୟ ଗାରିବିରାସ୍ଥିତ ନ୍ୟୁ ଓଡ଼ିଶା ଉଚ୍ଚ ବିଦ୍ୟାଳୟରେ ସବ୍‌ଡେଗା ବ୍ଲକସ୍ତରୀୟ ଦୁଇଦିନିଆ ଶିକ୍ଷକ ସମ୍ମିଳନୀ ଉଦ୍‌ଯାପିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ସୁନ୍ଦରଗଡ଼ ଉପଜିଲାପାଳ ବୀରସେନ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଗୁଣାତ୍ମକ ଶିକ୍ଷା ପ୍ରଦାନ ଓ ଶିକ୍ଷାଦାନ ପ୍ରଦାନ ବେଳେ ଶିକ୍ଷକମାନେ ସମ୍ମୁଖୀନ ହେଉଥିବା ସମସ୍ୟା ତଥା ଏହାର ସମାଧାନ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ମୁଖପତ୍ର ପ୍ରେରଣାର ତୃତୀୟ ସଂସ୍କରଣ ଉନ୍ମୋଚିତ ହୋଇଥିଲା। ସବ୍‌ଡେଗା ବ୍ଲକ ଶିକ୍ଷା ଅଧିକାରୀ ଅଜୟ କୁମାର ଏକ୍କାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସମ୍ମିଳନୀରେ ସର୍ବଶିକ୍ଷା ଅଭିଯାନ ଜିଲା ପ୍ରକଳ୍ପ ସଂଯୋଜକ ଅମୂଲ୍ୟ କୁମାର ପଧାନ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକ, ସବ୍‌ଡେଗା ବିଡିଓ ଲମ୍ବୋଦର ଧୁରୁଆ, ବଡ଼ଗାଁ ବିଇଓ ସାରଙ୍ଗଧର ବରିହା, ରାଉରକେଲା କେଥେଲିକ ବୋର୍ଡ ଅଫ୍ ଏଜୁକେଶନ୍‌ର ସମ୍ପାଦକ ଫାଦର ବିଜୟ କେର୍କେଟା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଫେସର ରାମ କିଶୋର ଶର୍ମା ପ୍ରଥମ ଦିବସର ସାଧନକର୍ମୀ ଓ ଡ. ହରପ୍ରସନ୍ନ ଦାସ ଦ୍ୱିତୀୟ ଦିବସର ସାଧନକର୍ମୀ ଭାବେ ଯୋଗଦେଇଥିଲେ। ଏହି ଅବସରରେ କୃତୀ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରେଷ୍ଠ ସିଆର୍‌ସିସି ଭାବେ ଡୁମେର କ୍ଲଷ୍ଟରର ଅର୍ଜୁନ ରୋହିଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ମାଲଡିହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ସୁଶୀଲ କୁମାର ନାଏକଙ୍କୁ ଶ୍ରେଷ୍ଠ ଶିକ୍ଷକ ଭାବେ ସମ୍ମାନିତ କରାଯାଇଥିଲା। ଶ୍ରେଷ୍ଠ ବିଦ୍ୟାଳୟ ଭାବରେ ବାଗବନ୍ଧା ପ୍ରାଥମିକ ବିଦ୍ୟାଳୟକୁ ପୁରସ୍କୃତ କରାଯାଇଥିଲା। ଶ୍ରେଷ୍ଠ ପ୍ରଧାନ ଶିକ୍ଷକ ଭାବେ ପ୍ରେମା ରଥ, ଶ୍ରେଷ୍ଠ ଉଦ୍ୟାନ ସ୍କୁଲ ଭାବେ ଟେଡଗା ମୁହାଣା, ଶ୍ରେଷ୍ଠ ଉଜ୍ଜ୍ୱଳ ସ୍କୁଲ କିଷାନପଡ଼ା ପ୍ରାଥମିକ ବିଦ୍ୟାଳୟ, ଶ୍ରେଷ୍ଠ ଲାଇବ୍ରେରି ସ୍କୁଲ କିରାଲଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଶ୍ରେଷ୍ଠ ମଧ୍ୟାହ୍ନ ଭୋଜନ ସ୍କୁଲ ସବ୍‌ଡେଗା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଶ୍ରେଷ୍ଠ ସାମଗ୍ରୀ ଉପଯୋଗ କରୁଥିବା ଶିକ୍ଷକ ପ୍ରଶାନ୍ତ ପୃଷ୍ଟି, ସୃଜନଶୀଳ ଶିକ୍ଷକ ମୁକ୍ତେଶ୍ୱରୀ ପଟେଲ, ପାଚିକା ଦୁର୍ଗାବତୀ ସିଂ ଓ ଶ୍ରେଷ୍ଠ ଏସ୍‌ଏମ୍‌ସି ଅଧ୍ୟକ୍ଷ ଭାବେ ରାଜେନ୍ଦ୍ର ତିର୍କୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏବିଇଓ ଅକ୍ଷୟ କୁମାର ବେହେରା, ଫକୀର ନିସପଟ୍ଟା, ସିଆର୍‌ସିସି ଅର୍ଜୁନ ରୋହିଦାସ, ପ୍ରଶାନ୍ତ ନାଏକ, ମହେନ୍ଦ୍ର ତନ୍ତୀ, ସୁରେଶ ପୃଷେଟ, ଲଙ୍କେଶ୍ୱର ନାଏକ, ସଞ୍ଜୟ ପରଡ଼ିଆ, ଡିଲେଶ୍ୱର ଭଇଁଷାଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏବିଇଓ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।




ଶିକ୍ଷକ ସମ୍ମିଳନୀ ଅବସରରେ ଅତିଥିମାନେ ମୁଖପତ୍ର ଉନ୍ମୋଚନ କରୁଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୫ ଫେବୃୟାରୀ, ୨୦୧୯



ଗତକାଲି ଏକ ଅଚଳ ଚେକ୍। ଆସନ୍ତାକାଲି ପ୍ରୋମିସରି ନୋଟ୍। ଆଜି ହିଁ ନଗଦ ଧନ, ଏହାକୁ ବ୍ୟବହାର କର।
- ହିଟ୍‌ଲର



## ସଂକ୍ଷେପରେ

### ସଡ଼କ ସୁରକ୍ଷା ସପ୍ତାହ ଆରମ୍ଭ

**ଝାରସୁଗୁଡ଼ା ଅଫିସ,୪।୨-** ଝାରସୁଗୁଡ଼ାରେ ସୋମବାର ୩୦ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ଆରମ୍ଭ ହୋଇଛି। ପୂର୍ବାହ୍ନରେ ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକ ସଚେତନା ରଥ ଓ ଅଟୋ ରାଲିର ଶୁଭାରମ୍ଭ କରିଥିଲେ। ଝାରସୁଗୁଡ଼ା ଏମ୍‌ଭିଆଇ ଜନ୍ମେଜୟ ନାୟକ, ଆଞ୍ଚଳିକ ପରିବହନ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ପୋଲିସ ସହାୟତାରେ ହେଲମେଟ୍ ବ୍ୟବହାର କରୁ ନ ଥିବା ବାଇକ୍ ଆରୋହୀଙ୍କୁ ଅଟକାଇ ଫୁଲ ଏବଂ ମିଠା ବଣ୍ଟନ କରାଯାଇଥିଲା। ଏହାସହ ହେଲମେଟ୍ ବ୍ୟବହାର ପାଇଁ ସେମାନଙ୍କୁ କୁହାଯାଇଥିଲା।

### କ୍ଲଷ୍ଟରସ୍ତରୀୟ କ୍ରୀଡା ପ୍ରତିଯୋଗିତା

**ଝାରସୁଗୁଡ଼ା ଅଫିସ,୪।୨-** ଝାରସୁଗୁଡ଼ା କକ୍ସ କଲୋନୀସ୍ଥିତ ସ୍କୁଲରେ କ୍ଲଷ୍ଟରସ୍ତରୀୟ କ୍ରୀଡା ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚପଡା ସିଆରସିସିଙ୍କ ତତ୍ତ୍ୱାବଧାନରେ ଆୟୋଜିତ କ୍ରୀଡା ପ୍ରତିଯୋଗିତାରେ ଡିପିସି ମୀନାରାଣୀ ମଙ୍ଗଳ, ବ୍ଲକ୍ ଶିକ୍ଷା ଅଧିକାରୀ ଉଜାଗର ପ୍ରଧାନ, ଏବିଇଓ କ୍ଷୀରୋଦ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ଅଞ୍ଜଳିପ୍ରଭା ପଟ୍ଟନାୟକ ଓ ନନ୍ଦିନୀ ପଟେଲ ମଞ୍ଚ ପରିଚାଳନା କରିଥିଲେ। ଜ୍ୟୋତିର୍ମୟୀ ବେହେରା, ଅଶୋକ ପଟ୍ଟନାୟକ, ସୁରଜ ପଟେଲ ଏବଂ କ୍ଲଷ୍ଟରର ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ସହଯୋଗ କରିଥିଲେ।

### ଆମ ପୋଲିସ ସମିତି ବୈଠକକୁ ନେଇ ଅସନ୍ତୋଷ

**ବ୍ରଜରାଜନଗର,୪।୨ (ଡି.ଏନ.ଏ.)-** ବ୍ରଜରାଜନଗର ଥାନାରେ ପୋଲିସ ପ୍ରଶାସନ ତରଫରୁ କରାଯାଉଥିବା ଆମ ପୋଲିସ ସମିତି ବୈଠକକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି । ଥାନା ତରଫରୁ ସମିତି ସଭ୍ୟ ଭାବେ ବିଭିନ୍ନ ୱାର୍ଡର ଯେଉଁ ୩୦ଟି କାର୍ଡ ବଣ୍ଟନ କରାଯାଇଛି ସେମାନଙ୍କୁ ଦୀର୍ଘଦିନ ହେବ ସମିତି ବୈଠକକୁ ଡକାଯାଉ ନ ଥିବା ଅଭିଯୋଗ ହୋଇଛି । ପ୍ରତି ମାସରେ ପୋଲିସ ପ୍ରଶାସନ ତରଫରୁ ଯେଉଁ ମିଟିଂ କରାଯାଉଛି କେବଳ ପୋଲିସ ରେକର୍ଡ ବଜାୟ ରଖିବା ପାଇଁ ୫ରୁ ୬ଜଣ ସଭ୍ୟଙ୍କୁ ନିମନ୍ତ୍ରଣ କରାଯାଉଛି । ନିର୍ଦ୍ଦିଷ୍ଟ କେତେଜଣ ବ୍ୟକ୍ତି ସମିତି କାର୍ଡ ପାଇ ତା'ର ଅପବ୍ୟବହାର କରୁଛନ୍ତି। ପୋଲିସ କାର୍ଡ ଦେଖାଇ ବିଭିନ୍ନ ଅସାମାଜିକ ବ୍ୟକ୍ତିଙ୍କୁ ସହାୟତା କରୁଛନ୍ତି। ସମିତିରେ ନିଷ୍ପତ୍ତି ନିଆଯାଉଥିବା ପ୍ରସ୍ତାବ ବର୍ଷ ବର୍ଷ ଧରି କାର୍ଯ୍ୟକ୍ଷମ ହୋଇ ପାରୁନାହିଁ । ସମିତି ବୈଠକ ସଂକ୍ରାନ୍ତରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ମଧ୍ୟ ଅବଗତ କରାଯାଉ ନାହିଁ । ଏନେଇ ଥାନା ପ୍ରଭାରୀଙ୍କୁ ପଚାରିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ ।

ଝାରସୁଗୁଡ଼ା ଜିଲା ଶିକ୍ଷା ବିଭାଗର ଗୁମର କଥା

# ଲାଞ୍ଚ ନ ଦେଲେ ଖୋଲିବନି ସର୍ଭିସ୍ ବୁକ

■ ଟଙ୍କା ଆଦାୟରେ ଶିକ୍ଷୟିତ୍ରୀ ସାଜିଛନ୍ତି ମଧ୍ୟସ୍ଥ

**ଝାରସୁଗୁଡ଼ା ଅଫିସ,୪।୨**

ଗତ କିଛିଦିନ ପୂର୍ବରୁ ସୁନ୍ଦରଗଡ଼ ଜିଲା ଗୁରୁଣ୍ଡିଆ ବ୍ଲକ୍ ଶିକ୍ଷା ଅଫିସ୍‌ର ଆକାଉଣ୍ଟାଣ୍ଟ ପ୍ରଫୁଲ୍ଲ କୁମାର ପତି ଲାଞ୍ଚ ନେଇ ଭିଜିଲାନ୍ସ ଅଧିକାରୀଙ୍କ ଦ୍ୱାରା ଗିରଫ ହୋଇଥିଲେ। ଏହି ଲାଞ୍ଚ କାରବାରର ମୁଖ୍ୟ କାରଣ ହେଲା, ଶିକ୍ଷା ସହାୟକଙ୍କ ନୂଆ ସର୍ଭିସ ବୁକ୍ ଏବଂ ଭବିଷ୍ୟନିଧି ପାଣ୍ଠି ଆକାଉଣ୍ଟ ଖୋଲିବା। ଏଥିପାଇଁ ପ୍ରତି ଶିକ୍ଷା ସହାୟକଙ୍କ ଠାରୁ ୫ ଶହ ଟଙ୍କା ଲେଖାଏଁ ଆଦାୟ କରାଯାଉଥିଲା। ଜଣେ ଶିକ୍ଷକଙ୍କ ଅଭିଯୋଗ ପରେ ଭିଜିଲାନ୍ସ ତରଫରୁ ଚଢ଼ାଉ କରି ଆକାଉଣ୍ଟାଣ୍ଟଙ୍କୁ ଗିରଫ କରାଯାଇଥିଲା। ଗିରଫ ପରେ ଆକାଉଣ୍ଟାଣ୍ଟଙ୍କ ବୟାନ ଚାଞ୍ଚଲ୍ୟକର ଥିଲା। ଜିଲାସ୍ତରୀୟ ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶରେ ଟଙ୍କା ଆଦାୟ କରାଯାଉଥିବା ସେ ଗଣମାଧ୍ୟମକୁ କହିଥିଲେ। ଏହା କେବଳ ସୁନ୍ଦରଗଡ଼ ଜିଲାର ସମସ୍ୟା ନୁହେଁ। ଝାରସୁଗୁଡ଼ା ଜିଲାରେ ମଧ୍ୟ ସମାନ ଭାବେ ଟଙ୍କା ଆଦାୟ କରାଯାଉଛି। ତଥ୍ୟ ସହ ଏଭଳି ଘଟଣା ସାମ୍ନାକୁ ଆସିଛି। ଏହି କାମରେ ଶିକ୍ଷା ବିଭାଗର ଅଧିକାରୀମାନେ ଶିକ୍ଷକଙ୍କୁ ହିଁ ନିୟୋଜିତ କରି ଟଙ୍କା ଆଦାୟ କରି ଭାଗ ବାଣ୍ଟୁଛନ୍ତି। ଦଲାଲ ଭୂମିକାରେ ଅବତୀର୍ଣ୍ଣ ଶିକ୍ଷୟିତ୍ରୀ,ଶିକ୍ଷକମାନେ ଟଙ୍କା ନ ଦେଲେ କାମ ହେବାର ସମ୍ଭାବନା ନ ଥିବା କହି ଶିକ୍ଷା ସହାୟକଙ୍କୁ ଡରାଉଛନ୍ତି। ବ୍ଲକ୍ ଅନୁସାରେ ମୁଣ୍ଡପିଛା ୧୫୦୦ରୁ ୨୫୦୦ ଟଙ୍କା ଯାଏଁ ଆଦାୟ କରାଯାଉଛି।

ତଥ୍ୟ ମୁତାବକ, ୨୦୧୧ ମସିହାରେ ଝାରସୁଗୁଡ଼ା ଜିଲାରେ ୩୦୨ ଜଣ ଶିକ୍ଷା ସହାୟକ ନିଯୁକ୍ତି ପାଇଥିଲେ। ସ୍ୱଳ୍ପ ଦରମାରେ ୬ ବର୍ଷ କାମ କରିବା ପରେ ୨୦୧୭ ମସିହାରେ ସେମାନଙ୍କ ଚୁକ୍ତି ଅବଧି ପୂରଣ ହୋଇଛି। ବର୍ତ୍ତମାନ ଶିକ୍ଷକଙ୍କ ଚାକିରି ନିୟମିତ ହେବା ପରେ ୨୦୧୭ରୁ ପିଛିଲା ଭାବେ ବକେୟା ପ୍ରଦାନ କରିବାକୁ ୮୩ ଲକ୍ଷ ଟଙ୍କା ଜିଲାକୁ ଆସିଛି। ହେଲେ ସେଥିପାଇଁ ସର୍ଭିସ ବୁକ୍ ଏବଂ ପିଏଫ୍ ଆକାଉଣ୍ଟ ଖୋଲିବାକୁ ହେବ। ଏହାର ଫାଇଦା ଉଠାଇ ବ୍ଲକ୍ ଶିକ୍ଷା ଅଫିସ ଜରିଆରେ ଚାଲିଛି ଦଲାଲି। ଏଥିରେ କୋଲାବିରା ବ୍ଲକର କେଳେଙ୍କାରୀ ସାମ୍ନାକୁ ଆସିଛି। ଏହି ବ୍ଲକରେ କାର୍ଯ୍ୟରତ ଜଣେ ଶିକ୍ଷୟିତ୍ରୀ ବ୍ଲକର ୩୮ ଜଣ ଶିକ୍ଷକଙ୍କ ସର୍ଭିସ୍ ବୁକ୍ ଏବଂ ପିଏଫ୍ ଆକାଉଣ୍ଟ ଖୋଲିବା ପାଇଁ ୩୫ ହଜାର ଟଙ୍କା ଆଦାୟରେ ଲାଗି ପଡିଥିବା ଅଡିଓ ସାମ୍ନାକୁ ଆସିଛି। ଆଗରୁ ଦେଢଲକ୍ଷ ଟଙ୍କା ଦେବାକୁ ଧାର୍ଯ୍ୟ ହୋଇଥିଲା। ହେଲେ ବ୍ଲକ୍ ଶିକ୍ଷା ଅଫିସର ଜଣେ କର୍ମଚାରୀଙ୍କ ସ୍ତ୍ରୀଙ୍କ ଜରିଆରେ ଏହି କାମ କରିବାକୁ ୩୫ ହଜାର ଟଙ୍କା ଧାର୍ଯ୍ୟ ହୋଇଛି। ୧୦ ହଜାର ଟଙ୍କା ଅଗ୍ରିମ ଦିଆ ସରିଛି ଏବଂ ଅବଶିଷ୍ଟ ୨୫ ହଜାର ଦିଆଯିବ ବୋଲି ବାର୍ତ୍ତାଳାପରୁ ସ୍ପଷ୍ଟ ହୋଇଛି। ଏହି ଅର୍ଥ ଆଦାୟ ଓ ଭାଗବଣ୍ଟା ବ୍ଲକ୍‌ସ୍ତରରୁ ଜିଲାସ୍ତର ପର୍ଯ୍ୟନ୍ତ ବ୍ୟାପିଛି।

ପ୍ରତି ବ୍ଲକରେ ଏହି କାରବାର ଚାଲିଛି। ବ୍ଲକ୍ ଅନୁସାରେ ଟଙ୍କା ଆଦାୟ ସୀମା ନିର୍ଦ୍ଧାରଣ ହୋଇଛି। ଜଣେ ଜଣେ ଶିକ୍ଷକ ହିଁ ଏହି କାମରେ ନିୟୋଜିତ ହୋଇଛନ୍ତି। ସେମାନେ ନିୟମିତ ହେବାକୁ ଥିବା ଶିକ୍ଷା ସହାୟକଙ୍କୁ ଫୋନରେ ଟଙ୍କା ଦେବାର ଯଥାର୍ଥତା ବୁଝାଉଛନ୍ତି। ଏପରି କି ଲାଞ୍ଚ ନ ଦେଲେ ବକେୟା ପ୍ରଦାନ ପାଇଁ ଆସିଥିବା ପାଣ୍ଠି ଫେରାଇ ଦିଆଯିବ କହି ଭୟଭୀତ କରାଉଛନ୍ତି। ତେଣୁ ୬ ବର୍ଷ ଦୁଃଖକଷ୍ଟରେ କାଳାତିପାତ କରିଥିବା ଶିକ୍ଷକ ଲାଞ୍ଚ ଦେବାକୁ ବାଧ୍ୟ ହେଉଛନ୍ତି। ଏ ଘଟଣା ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପଙ୍କୁ ପଚାରିବାରୁ ସେ କହିଲେ, ଏଭଳି କାରବାର ବେଆଇନ୍ ଅଟେ। ଏ ବାବଦରେ ଯାଞ୍ଚ କରିବାକୁ କୋଲାବିରା ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ କୁହାଯିବ। ଆବଶ୍ୟକ ସ୍ଥଳେ ତଦନ୍ତ କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଲେ।




ବେଲପାହାଡ଼ରେ ଅନୁଷ୍ଠିତ କଂଗ୍ରେସ କର୍ମୀ ସମ୍ମିଳନୀରେ ପୂର୍ବତନ ବାଚସ୍ପତି କିଶୋର ପଟେଲ ଉଦ୍‌ବୋଧନ ଦେଉଛନ୍ତି।

## ବେଲପାହାଡ଼ରେ କଂଗ୍ରେସ କର୍ମୀ ସମ୍ମିଳନୀ

■ ସମସ୍ୟା ଉଠାଇବା ପାଇଁ ଆହ୍ୱାନ ଦେଲେ ନେତା

**ବେଲପାହାଡ଼,୪।୨ (ଡ଼ି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳସ୍ଥିତ ରବିଶଙ୍କର ହଲ୍‌ରେ ରବିବାର କଂଗ୍ରେସର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀରେ କଂଗ୍ରେସ ନେତା ତଥା ପୂର୍ବତନ ବାଚସ୍ପତି କିଶୋର ପଟେଲ,ପିସିସି ପ୍ରବକ୍ତା ଡ. ହମିଦ ହୁସେନ,ପିସିସି ସମ୍ପାଦକ ରାଜକିଶୋର ଷଡ଼ଙ୍ଗୀ,ଜିଲା ସଭାପତି ଗିରିଶ ପଣ୍ଡା,ବେଲପାହାଡ଼ ଟାଉନ ସଭାପତି ବୁଲୁ ପଣ୍ଡା,ବ୍ରଜରାଜନଗର ଟାଉନ ସଭାପତି ପ୍ରମୋଦ ପଣ୍ଡା ଓ ପୂର୍ବତନ ଏନଏସି ଉପାଧ୍ୟକ୍ଷା ଜବିନ ନୱାଜଙ୍କ ସମେତ ପ୍ରାୟ ୧୮୦ ଜଣ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ । ସମ୍ମିଳନୀରେ କଂଗ୍ରେସ ନେତା କିଶୋର ପଟେଲ ଜନସାଧାରଣଙ୍କ ସମସ୍ୟା ଉଠାଇବା ପାଇଁ ଏବଂ ଆବଶ୍ୟକ ହେଲେ ଆନ୍ଦୋଳନ କରିବାକୁ କର୍ମୀମାନଙ୍କୁ ଆହ୍ୱାନ କରିଥିଲେ । ପ୍ରବକ୍ତା ଡ.ହମିଦ ହୁସେନ ବୁଥ ସ୍ତରରେ ସଙ୍ଗଠନ ସୁଦୃଢ଼ ହୋଇପାରିଲେ ନିର୍ବାଚନରେ ଦଳକୁ ନିଶ୍ଚିତ ସଫଳତା ମିଳିବ ବୋଲି ପ୍ରକାଶ କରିଥିଲେ । ଟାଉନ ସଭାପତି ବୁଲୁ ପଣ୍ଡା ସମ୍ମିଳନୀରେ ଅଧ୍ୟକ୍ଷତା କରିଥିଲେ । ବରିଷ୍ଠ କର୍ମୀ ମକରଧ୍ୱଜ ଖମାରୀ ସଭା ସଞ୍ଚାଳନ କରିଥିଲେ ।

ବେଆଇନ ବାଲି ଚାଲାଣ

## ୮୦ ହଜାର ଟଙ୍କା ଜରିମାନା ଆଦାୟ

**କୋଲାବିରା,୪।୨ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା କୋଲାବିରା ତହସିଲ ଅନ୍ତର୍ଗତ ସୋଡାମାଲ, ସମାସିଂହା, ଗୁଛାପାଲି,ଏବଂ ସୁନାମୁହାନ ନଦୀଘାଟରୁ ବେଆଇନ ଭାବେ ଟ୍ରାକ୍ଟର ଯୋଗେ ବାଲି ଚାଲାଣ କରାଯାଉଛି । ଗ୍ରାମବାସୀ ସମାସିଂହା ରାଜସ୍ୱ ନୀରିକ୍ଷକଙ୍କୁ ଏ ନେଇ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ରାଜସ୍ୱ ନୀରିକ୍ଷକ ଜଗଦୀଶ ସାହୁ ଘଟଣାସ୍ଥଳରେ ପହଞ୍ଚି ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିଥିଲେ। ଜୁଗିଆଡିହି ଗ୍ରାମର ବୀରେନ୍ଦ୍ର ପଟେଲଙ୍କ ୨ଟି ଟ୍ରାକ୍ଟର ସୁନାମୁହାନ ଘାଟରୁ , ଗୁଛାପାଲି ଗ୍ରାମର ନିର୍ମଳ ପଟେଲଙ୍କ ଟ୍ରାକ୍ଟର ଗୁଛାପାଲି ଘାଟରୁ ଏବଂ ଭୁଗରାପାଲି ଗ୍ରାମର ପ୍ରଫୁଲ୍ଲ ପଟେଲ ଟ୍ରାକ୍ଟର ସମାସିଂହା ଘାଟରୁ ବାଲି ଲୋଡିଂ ବେଳେ ରାଜସ୍ୱ ନିରୀକ୍ଷକଙ୍କ ହାବୁଡରେ ପଡିଥିଲା। ସମସ୍ତ ଗାଡ଼ିକୁ ଜବତ କରାଯାଇଥିଲା । ପ୍ରତି ଗାଡ଼ିରୁ ୨୦ ହଜାର ଟଙ୍କା ଲେଖାଏଁ ୮୦ ହଜାର ଟଙ୍କା ଜୋରିମାନା ଆଦାୟ ପରେ ଛଡାଯାଇଥିଲା। ସୂଚନାଯୋଗ୍ୟ, ଆଗରୁ ମଧ୍ୟ ଏହି ଘାଟରୁ ବେଆଇନ ଭାବେ ବାଲି ଚାଲାଣ ହେଉଥିଲା । ବିଭିନ୍ନ ସମୟରେ ଏଥିପାଇଁ ଟ୍ରାକ୍ଟର ମାଲିକମାନଙ୍କଠାରୁ ଜରିମାନା ଆଦାୟ କରାଯାଇଥିଲା । ଏହାପରେ ମଧ୍ୟ ଚୋରାରେ ବାଲି ଚାଲାଣ ବନ୍ଦ ହୋଇନି । ଏଥିପ୍ରତି ରାଜସ୍ୱ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି ।

## କୁଡାଲୋଇରେ ଚାଷୀ ପ୍ରତିନିଧିଙ୍କ ବୈଠକ

■ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ପ୍ରସ୍ତାବ

**ଲଖନପୁର,୪।୨ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ କୁଡାଲୋଇ ପଞ୍ଚାୟତ ରାଜୀବ ଭବନରେ ସୋମବାର ବ୍ଲକ୍ କୃଷକ ସଙ୍ଗଠନ ତରଫରୁ ବିରଞ୍ଚି ସାହୁଙ୍କ ଆହ୍ୱାନକ୍ରମେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବେଲପାହାଡ ପୌରାଞ୍ଚଳ ସହ କୁଡାଲୋଇ, ପିପିଲିମାଲ, ବଞ୍ଜାରି ,ଲଖନପୁର ଆଦି ପଞ୍ଚାୟତର ଚାଷୀ ପ୍ରତିନିଧିମାନେ ଯୋଗଦେଇଥିଲେ । ଏଥିରେ ଚାଷୀଙ୍କ ଧାନକ୍ରୟ କରିବା ସମୟ ସୀମା ବୃଦ୍ଧି, ଇନ୍‌ପୁଟ୍ ସବ୍‌ସିଡ୍ ଓ କ୍ରପ୍ ଇନ୍‌ସୁରାନ୍ସ ଆଦି ଦାବି ରହିଥିଲା । ଏନେଇ ସଙ୍ଗଠନ ତରଫରୁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବାପାଇଁ ପ୍ରସ୍ତାବ ଗୃହୀତ ହୋଇଛି । ଏହି ଦାବିପତ୍ର ପ୍ରଦାନର ୧୫ଦିନ ମଧ୍ୟରେ ପ୍ରଶାସନ ତରଫରୁ ଯଦି କୌଣସି ପ୍ରତିକାର କରା ନ ଯାଏ ତା'ହେଲେ ଚାଷୀମାନେ ଆନ୍ଦୋଳନ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି । ଏଥିରେ ବିରଞ୍ଚି ସାହୁ, ଗୋପୀନାଥ ମାଝି, ସାଗର ପ୍ରଧାନ,ହେମନ୍ତ ବଢେଇ, ଝୁମେରଲାଲ୍ ହାତୀ, କିଶୋର ପ୍ରଧାନ, ଅଲେଖ ସାହୁ, କୃଷ୍ଣଚନ୍ଦ୍ର ରଥ, ଫକୀର ଖାନ୍, ଖତୁ ବୁଦ୍ଧିଆ, ରାମପ୍ରସାଦ ସାହୁ ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ ।




ବୈଠକରେ ଯୋଗଦେଇଥିବା ଚାଷୀମାନେ ।

## ବ୍ରଜରାଜନଗର କଲେଜର ପ୍ରତିଷ୍ଠା ଦିବସ

**ବ୍ରଜରାଜନଗର,୪।୨ (ଡି.ଏନ.ଏ.)**

ବ୍ରଜରାଜନଗର ମହାବିଦ୍ୟାଳୟର ୪୧ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ସଚ୍ଚିଦାନନ୍ଦ ବକ୍ସି ସ୍ୱାଗତ ଭାଷଣ ଦେଇଥିଲେ । ସଭାପତି ଅନୁପ ସାଏ ଅଧକ୍ଷତା କରିଥିଲେ । ବିଶ୍ୱବିଦ୍ୟାଳୟର ଭାଇସ କାଉସିଲର୍ ଅତନୁ କୁମାର ପତି ମୁଖ୍ୟଅତିଥି, ପ୍ରଫେସର ଉମାଚରଣ ପତି ସମ୍ମାନିତ ଅତିଥି ଓ ହାସ୍ୟକବି ଅଚ୍ୟୁତାନନ୍ଦ ପୁରୋହିତ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ଅଧ୍ୟାପକ ରତ୍ନପୂର୍ଣ୍ଣା ମହାନ୍ତି ଓ ମୋନାଲିସା ଦାସ ମଞ୍ଚ ପରିଚାଳନା କରିଥିଲେ । ଚଳିତ ବର୍ଷ ଅବସର ନେବାକୁ ଥିବା ବରିଷ୍ଠ କିରାଣୀ ଅଭିମନ୍ୟୁ ସାମଲ ଓ କ୍ରୀଡା ଶିକ୍ଷକ ବିକାଶ ପଟେଲଙ୍କୁ ଅତିଥିମାନେ ଉପଢୌକନ ଦେଇ ସମ୍ମାନିତ କରିଥିଲେ । ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଯୁକ୍ତ ୨ କଳାରେ ଅର୍ପିତା ମହାକୁଡ, ବିଜ୍ଞାନରେ ଏସ୍. ସାହୁ, ବାଣିଜ୍ୟରେ ହିମାଦ୍ରି ବିଶି ଓ ଯୁକ୍ତ ୩ କଳାରେ ସଦାଶିବ କର୍ଣ୍ଣ, ବିଜ୍ଞାନରେ ବିକାଶ ବାରିକଙ୍କୁ ପୁରସ୍କୃତ କରାଯାଇଥିଲା। ଏମ୍‌ଡି ସାହିଦଙ୍କୁ ଶ୍ରେଷ୍ଠ କ୍ରୀଡାବିତ୍ ଭାବେ ପୁରସ୍କୃତ କରାଯାଇଥିଲା । ଅଧ୍ୟାପକ ଶ୍ରୀକର ଭୋଇଙ୍କ ନିର୍ଦ୍ଦେଶନାରେ ଅକ୍ଷୟ ମହାନନ୍ଦଙ୍କ ରଚିତ ନାଟକ ମଞ୍ଚସ୍ଥ କରାଯାଇଥିଲା ।




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ ।

## ମଦ କାରବାରକୁ ମହିଳାଙ୍କ ବିରୋଧ

**ଝାରସୁଗୁଡ଼ା ଅଫିସ,୪।୨**

ଝାରସୁଗୁଡ଼ା ଜିଲା କିର୍ମିରା ବ୍ଲକ ବନ୍ଧପାଲି ପଞ୍ଚାୟତରେ ବେଆଇନ ମଦବିକ୍ରିକୁ ବିରୋଧ କରିଛନ୍ତି ଗାଁର ମହିଳାମାନେ। ଶନିବାର ଶତାଧିକ ମହିଳା ଜିଲାପାଳଙ୍କୁ ଭେଟି ମଦ କାରବାର ବନ୍ଦ କରିବାକୁ ଦାବି କରିଛନ୍ତି। ବନ୍ଧପାଲି ପଞ୍ଚାୟତର ଭାଲୁପତ୍ରା, ସିଆଳରମା, ବନ୍ଧପାଲି, ପୁଡେଇଡିହି, ଭୁର୍ସିମାଲ, ଠାକୁରପଡ଼ା, ମୁଲମୁଲିଟିକ୍ରା, ସୁନାଝରିଆ ଆଦି ଗାଁରେ ବେଆଇନ ମଦ କାରବାର ଉତ୍କଟ ରୂପ ନେଲାଣି। ଘରେ ଘରେ ବିଦେଶୀ ମଦ ବିକ୍ରି ହେଉଥିବାବେଳେ ଦେଶୀମଦ କାରବାର ବ୍ୟାପିବାରେ ଲାଗିଛି। ଆଖାପାଖ ଅଞ୍ଚଳର ବୃଦ୍ଧ, ଯୁବକ, ଶିଶୁମାନେ ମଧ୍ୟ ମଦପିଇ ବୁଲୁଛନ୍ତି। ଏହାଦ୍ୱାରା ସାମାଜିକ ବାତାବରଣ ନଷ୍ଟ ହେଉଥିବାବେଳେ ମହିଳାଙ୍କ ନିରାପତ୍ତା ପ୍ରତି ବିପଦ ସୃଷ୍ଟି ହୋଇଛି। ତେଣୁ ମଦ କାରବାର ବନ୍ଦ କରିବା ସହ ଲୋକଙ୍କ ଜୀବନ ସୁଧାରିବା ଦିଗରେ ପ୍ରଶାସନ ପଦକ୍ଷେପ ନେବାକୁ ମହିଳାମାନେ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ଏହାକୁ ନେଇ ଜନ ଆନ୍ଦୋଳନ ଏବଂ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟିହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

## ମହିମା ଆଶ୍ରମରେ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ

**ଲଖନପୁର,୪।୨ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ କୁମ୍ଭାରବନ୍ଧ ପଞ୍ଚାୟତ ବାରିକଡେରା ଗ୍ରାମ ମହିମା ଆଶ୍ରମରେ ଗତ ରବିବାରରୁ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ମହିମା ବାଲ୍ୟଲୀଳା ଆରମ୍ଭ ହୋଇଛି । ଏହି ବ୍ରହ୍ମଯଜ୍ଞ ବ୍ରହ୍ମବଧୂତ ବୀରେନ୍ଦ୍ର କୁମାର ବାବାଙ୍କ ତତ୍ତ୍ୱାବଧାନରେ ଚାଲିଛି । ଏହି ଅବସରରେ ଯଜ୍ଞ ପ୍ରାରମ୍ଭ ମାଘକୃଷ୍ଣ ଚତୁର୍ଦ୍ଦଶୀ ତିଥିରେ ଗ୍ରାମ ପୋଖରୀରୁ କଳସରେ ପବିତ୍ର ଜଳ ଆଣି ଯଜ୍ଞମଣ୍ଡପରେ ସ୍ଥାପନ, ବ୍ରହ୍ମଧୂନି ସ୍ଥାପନ, ଅଖଣ୍ଡ ବ୍ରହ୍ମବତୀ ପ୍ରଜ୍ୱଳନ, ଆଠଭଜନ, ବ୍ରହ୍ମଧୂନିରେ ଘୃତାହୁତି, ଭଜନ ଓ କୀର୍ତ୍ତନ ଆଦି କାର୍ଯ୍ୟକ୍ରମ ହୋଇଥିଲା। ଯଜ୍ଞର ଦ୍ୱିତୀୟ ଦିବସ ସୋମବାର ମାଘ ଅମାବାସ୍ୟା ତିଥିରେ ପ୍ରାତଃ ବ୍ରାହ୍ମମୁହୂର୍ତ୍ତରେ ଦର୍ଶନ, ସ୍ତୁତି ପ୍ରାର୍ଥନା, ଭଜନ, ଜଣାଣ, ସତ୍‌ସଙ୍ଗ ପ୍ରବଚନ, ସାୟଂବ୍ରାହ୍ମମୁହୂର୍ତ୍ତରେ ଅଖଣ୍ଡବତୀ ପ୍ରଜ୍ୱଳନ ସାଙ୍ଗକୁ ବାଳକ ଭୋଜନ ଆଦି କାର୍ଯ୍ୟକ୍ରମ ଚାଲିଛି। ପ୍ରତିଦିନ ଏହି ଯଜ୍ଞରେ ଆଖପାଖ ଅଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ବାବାଙ୍କ ଆଶିଷ କାମନା କରୁଛନ୍ତି । ଯଜ୍ଞ ଉଦ୍‌ଯାପନୀ ଉତ୍ସବ ମଙ୍ଗଳବାର ମାଘ ଶୁକ୍ଳପକ୍ଷ ପ୍ରତିପଦା ତିଥିରେ ପୂର୍ଣ୍ଣାହୁତି, ବିଶ୍ୱର କଲ୍ୟାଣ ନିମନ୍ତେ ସାଧୁସନ୍ଥଙ୍କ ସାମୂହିକ କାମନା ସାଙ୍ଗକୁ ପ୍ରସାଦ ସେବନ ଆଦି କାର୍ଯ୍ୟକ୍ରମ ରହିଛି । ଏଥିରେ ସାଧୁ ବାଦଲ ଦାସ, ଚିତ୍ରସେନ୍ ଦାସ, ବୈଷ୍ଣବ ଦାସ, ଅମୃତ ଦାସ, ମହେନ୍ଦ୍ର ତ୍ୟାଗୀ, କାହ୍ନା ତ୍ୟାଗୀ ପ୍ରମୁଖ ସାଧୁସନ୍ଥମାନେ ଯୋଗଦେଇଛନ୍ତି । ଆଞ୍ଚଳିକ ବ୍ରହ୍ମଯଜ୍ଞ କମିଟି ସଦସ୍ୟମାନେ ଏଥିରେ ସହଯୋଗ କରୁଛନ୍ତି ।



ବୀରେନ୍ଦ୍ର କୁମାର ବାବାଙ୍କ ସମେତ ଅନ୍ୟାନ୍ୟ ସାଧୁସନ୍ଥମାନେ ଯଜ୍ଞରେ ଘୃତାହୁତି ଦେଉଛନ୍ତି ।

## ପ୍ରଗତିଶୀଳ ଶ୍ରମିକ ମଞ୍ଚର ସମ୍ମିଳନୀ ଉଦ୍‌ଯାପିତ

**ଝାରସୁଗୁଡ଼ା ଅଫିସ,୪।୨**

ପ୍ରଗତିଶୀଳ ଶ୍ରମିକ ମଞ୍ଚର ଦଶମ ସାଂଗଠନିକ ସମ୍ମିଳନୀ ଶିଳ୍ପାଞ୍ଚଳ ପଡ଼ିଆରେ ଆରମ୍ଭ ହୋଇ ରବିବାର ଉଦ୍‌ଯାପିତ ହୋଇଯାଇଛି। ମଞ୍ଚର ରାଜ୍ୟ ସମ୍ପାଦକ ରକ୍ଷାକର ଅନୁପମ କହିଲେ ଦେଶରେ ଭାଜପା ସରକାର ଆସିବା ପରେ ଶ୍ରମିକମାନଙ୍କ ପାଇଁ ଥିବା ଆଇନରେ ପରିବର୍ତ୍ତନ କରି କର୍ପୋରେଟ ଓ କମ୍ପାନୀ ସ୍ୱାର୍ଥରେ ଲାଗିପଡ଼ିଲେ। ଯାହା ଆଜି ଶ୍ରମିକମାନଙ୍କ ପ୍ରଭୂତ କ୍ଷତି ଘଟାଇଛି। ଆହୁରି ଅନେକ ଆଇନକୁ ପରିବର୍ତ୍ତନ କରିବା ପାଇଁ ଚେଷ୍ଟା କରାଯାଇଥିଲା।

ବିଭିନ୍ନ ଶ୍ରମିକ ସଂଘ ପ୍ରତିବାଦ କରିବାରୁ ସେଥିରୁ ଓହରିଯିବା ପାଇଁ ବାଧ ହୋଇଥିଲେ। ଜନ ଆନ୍ଦୋଳନ ନେତା ଲିଙ୍ଗରାଜ ଆଜାଦ, ପ୍ରଫେସର ଧନେଶ୍ୱର ସାହୁ, ସ୍ତମ୍ଭକାର ଓ ଲେଖକ ଅମିୟ ପାଣ୍ଡବ, ଝାଡ଼ଖଣ୍ଡର ବିଶିଷ୍ଟ ମହିଳା ନେତ୍ରୀ ଲଖି ଦାସ, ଡ଼. ଗୋଲକ ବିହାରୀ ନାଥ,ଗୋପାଲ ଦାସ, ସାରଙ୍ଗଧର ମିଶ୍ର ପ୍ରମୁଖ ଯୋଗଦେଇ ଶ୍ରମିକମାନେ ହକ୍, ଅଧିକାର ପାଇବାକୁ ହେଲେ ପ୍ରଥମେ ଶିକ୍ଷିତ ହେବା, ସଂଗଠିତ ହେବା ଓ ସଂଘର୍ଷ କରିବାକୁ ପଡ଼ିବ। ଶ୍ରମିକ ନିଜର ଅଧିକାର ଓ ସାମାଜିକ ସୁରକ୍ଷା ପ୍ରତି ଅବଗତ ହେଲେ ଆଇନ ପ୍ରଣୟନର ଲକ୍ଷ୍ୟ ପୂରଣ ହେବ ବୋଲି କହିଥିଲେ । ସମ୍ମିଳନୀକୁ ଲିଲିମା ମହାନନ୍ଦିଆ, ଶୁକଦେବ ବେସନ ଓ ଲାଲାରାମ ଛତ୍ରିଆ, ସୁବନ୍ତି ଖଡ଼ିଆ, କୁମାର ଧ୍ରୁବଆ, ଚେରୁଣମି କାଲୋ, ସିନ୍ଧିଆ କାଲୋ, ରମେଶ ସିଂ, ମହେନ୍ଦ୍ର ଭୂୟାଁ, ଲିଲିମା ମହାନନ୍ଦିଆ ଓ ଘନଶ୍ୟାମ ମରେଇ ପ୍ରମୁଖ ପରିଚାଳନା କରିଥିଲେ।



ସମ୍ମିଳନୀରେ ଅଂଶଗ୍ରହଣ କରିଥିବା ମହିଳାମାନେ ।



"କୌଣସି ମହତ ବ୍ୟକ୍ତି ଅଭାବ ଓ ସୁଯୋଗ ନିମନ୍ତେ ଅଭିଯୋଗ କରେନାହିଁ।
- ଆର. ଡବ୍ଲ୍ୟୁ. ଇମରସନ

# ମଦ ଭାଟି ବନ୍ଦ ପାଇଁ ମହିଳାଙ୍କ ଧାରଣା

**କିର୍ମିରା, ୪।୨ (ଡି.ଏନ.ଏ.)**



ଥାନା ସମ୍ମୁଖରେ ଧାରଣାରେ ବସିଥିବା ଆନ୍ଦୋଳନକାରୀ ।

କିର୍ମିରା ବ୍ଲକ ବନ୍ଧପାଲି ପଞ୍ଚାୟତ ଅନ୍ତର୍ଗତ ଭାଲୁପତ୍ରା ମୁଖ୍ୟରାସ୍ତାରେ ଥିବା ସରକାରୀ ଦେଶୀ ମଦଭାଟି ଯୋଗୁ ସେହି ଅଞ୍ଚଳରେ ମଦ କାରବାର ବଢ଼ିଛି। ଏଥିଯୋଗୁ ଘରୋଇ କଳହ ଏବଂ ଅଞ୍ଚଳରେ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ମୁଖ୍ୟରାସ୍ତା ଉପରେ ମଦଭାଟି ଥିବାରୁ ମଦ୍ୟପମାନେ ନିଶାସକ୍ତ ଅବସ୍ଥାରେ ଅଶୋଭନୀୟ ଆଚରଣ କରୁଛନ୍ତି । ପାଖରେ ହାଇସ୍କୁଲ ଥିବା ବେଳେ ଛାତ୍ରୀଛାତ୍ରଙ୍କ ଉପରେ ଏହାର କୁପ୍ରଭାବ ପଡୁଛି । ଯେଉଁଥି ପାଇଁ ବନ୍ଧପାଲି ପଞ୍ଚାୟତବାସୀ ଅନେକଥର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି । ତେବେ ଉପରିସ୍ଥ ଅଧିକାରୀ କେବଳ ପ୍ରତିଶ୍ରୁତି ଦେଇ ଭୁଲି ଯାଇଛନ୍ତି । ପ୍ରଶାସନ ଏବଂ ମଦ ବେପାରୀଙ୍କ ମଧୁଚନ୍ଦ୍ରିକା ଯୋଗୁ ଏହି ବେଆଇନ କାରବାର ଚାଲିଥିବା ଅଭିଯୋଗ ହୋଇଛି। ଦୁଇ ଦିନ ପୂର୍ବେ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଏବଂ ଗ୍ରାମବାସୀ ଜିଲାପାଳଙ୍କୁ ଭେଟି ମଦଭାଟି ବନ୍ଦ ପାଇଁ ନିବେଦନ କରିବା ସହ ସମାଧାନ ନ ହେଲେ ଆନ୍ଦୋଳନ ପାଇଁ ଚେତାବନୀ ଦେଇଥିଲେ । ଏଥିରେ କୌଣସି ସୁଫଳ ନ ମିଳିବାରୁ ସୋମବାର ଲଇକେରା ଥାନା ଅଧିକାରୀଙ୍କୁ ସମାନ ନିବେଦନ କରାଯାଇଛି । ଏଥିସହିତ ଭାଟି ସାମନାରେ ବିକ୍ଷୋଭ ପ୍ରଦର୍ଶନ କରି ଧାରଣାରେ ଦିଆଯାଇଛି। ଲଇକେରା ଥାନା ପକ୍ଷରୁ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରାଯାଇଥିଲେ ମଧ୍ୟ ଖବର ଲେଖାଯିବା ପର୍ଯ୍ୟନ୍ତ ଧାରଣା ଜାରି ରହିଛି । ଲଇକେରା ଥାନା ଅଧିକାରୀ ପ୍ରବୀର କେଶରୀ ତ୍ରିପାଠୀ ପ୍ରଶାସନ ନିର୍ଦ୍ଦେଶ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।

# ପ୍ରାଣୀଧନ ବୀମା ଯୋଜନା ସଚେତନତା

**କିର୍ମିରା, ୪।୨ (ଡି.ଏନ.ଏ.):** କିର୍ମିରା ବ୍ଲକ ଗୌଡପାନପାଲି ଗ୍ରାମରେ ପ୍ରାଣୀଧନ ବୀମା ଯୋଜନା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । କିର୍ମିରା ବିଡ଼ିଓ ଡ. ରବୀନ୍ଦ୍ର ହୋତାଙ୍କ ଅଧ୍ୟକ୍ଷତାରେ ପାନପାଲି ଓମ୍‌ଫେଡ ସେଣ୍ଟରରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଦୁଗ୍ଧ ଚାଷୀଙ୍କୁ ଗାଈଙ୍କ ବୀମା ପାଇଁ ସଚେତନ କରାଯାଇଥିଲା । ବାଗଡିହି ଅତିରିକ୍ତ ପ୍ରାଣୀ ଚିକିତ୍ସକ ରୁଦ୍ରଲକ୍ଷ୍ମୀ ବିଜୟକାନ୍ତ ପାତ୍ର, ଅର୍ଡା ପ୍ରାଣୀଧନ ଚିକିତ୍ସକ ବାଲୁକେଶ୍ୱର ହାଁସଦା, ଟେକନିସିଆନ୍ ଗୋପାଳଚନ୍ଦ୍ର ମାଝି ପ୍ରମୁଖ ଉପସ୍ଥିତ ଥିଲେ । ଓମ୍‌ଫେଡର ସଭାପତି ପ୍ରଭାସିନୀ ସା, ସମ୍ପାଦକ ତୁଳସ୍ୟା ବଗାର ପ୍ରମୁଖ ସହଯୋଗ କରିଥିଲେ ।

---

**GOVERNMENT OF ODISHA**
**OFFICE OF THE EXECUTIVE ENGINEER, RURAL WORKS DIVISION, KESINGA**
E-mail : eerwkesinga@yahoo.com

**E-PROCUREMENT NOTICE**
**Cancel to Identification No. EERWKSNG-online-03/2018-19**
No. 238/dated : 30.01.19

No. 1540-O: The bid Identification No : EERWKSNG-online : 03/2018-19 is here by cancelled due to unavoidable circumstances.

**Sd./- Executive Engineer,**
25153/11/0006/1819 **Rural Works Division, Kesinga**

---

**BHUBANESWAR MUNICIPAL CORPORATION**

**Notice No : 4566** **Dt.04.02.2019**

**NOTICE INVITING EXPRESSION OF INTEREST (EOI)**

Sealed Proposal are invited for **"EOI FOR EMPAMNELMENT OF AGENCIES/INDIVIDUAL UNDER BHUBANESWAR MUNICIPAL CORPORATION FOR DE-SILTING OF DRAIN/OTHER WORKS THROUGH EXCAVATORS"** in conformity with the Terms & Conditions of the EOI document in from intending applicants. Please refer to Website www.bmc.gov.in for complete details and downloading the Document. The Last date & time of submission of proposal is **25.02.2019 till 3:30 PM.**

For any queries please contact bmcpmu@bmc.gov.in

By Order,
Sd/-
Executive Engineer (Drainage)
Bhubaneswar Municipal Corporation

Progress Through Partnership for a Better Bhubaneswar

---

**GOVERNMENT OF ODISHA**
**ELECTRONICS & INFORMATION TECHNOLOGY DEPARTMENT**

**Letter No. 307 / EIT** **Dated 01.02.19**
**EIT-OE-ESTT-0008-2016** **Bhubaneswar**

**No.09-U:-** Sealed Quotations/Tenders are invited within 7 days from the publication of the notice from interested reputed Travel Agencies/Tour Operators or Private individuals for supply of one A/C Swift Dzire (Petrol/Diesel) vehicle and one Non A/c Indica or equivalent Diesel Car on hiring basis for one year for use of officers of E & IT Department. The details of notice alongwith the terms and condition of hiring may be seen in the website of Government of Odisha in E&IT Department.

**Sd./-**
28001/11/0017/1819 **Deputy Secretary to Government**

---

**DISTRICT PROJECT OFFICE**
**SARVA SHIKSHA ABHIYAN**
**(R.T.E.-S.S.A)**
**SHIKSHA SADAN, KORAPUT - 764020**

**Ph : (06852) - 252421 (Off), 252857 (MIS)**
**E-mail : dpckoraputssa.opepa@nic.in, financekoraput@gmail.com**

ଶିକ୍ଷା ଅଧିକାର

**Letter No. : 312/CW/19 III-CW-236/18 Date : 02.02.2019**

**NOTICE**

No. 76-n: In view of Mass Strike by the Staffs of District Project Office, Koraput the Opening Date of Tender Documents notified in Letter No : 173/ CW/2019, dtd. 22/01/2019 which is schedule to be held on 05.02.2019 is hereby postponed until further orders. The revised date will be intimated by a fresh notice later on.

**Sd./- District Project Coordinator,**
27035/11/0026/1819 **RTE-SSA, Koraput**

---

**OFFICE OF THE MUNICIPAL COUNCIL : KHORDHA**

**No. 423/** **Dtd.02.02.2019**

No.-458-C **e-Procurement Notice**

**Bid Identification No.KM-06/2018-19**

1. Name of the work for which tender invited - Privatization of sanitation work including collection of solid Waste from door to door in 20 Nos. (Twenty) of Wards of Khordha Municipality area i.e. from ward No. 03 to 22.
2. Estimated cost of work - **Rs.2,68,60,368.00**
3. Eligible Class of Contractor- Intending firms / Service Providers/N.G.Os those are experienced in similar nature of work at least three year and other criteria given in the D.T.C.N.
4. The Bid documents will be available in the website as mentioned below from **05.02.2019 on 11.00 A.M. to 18.02.2019 up to 5.00 P.M.** for online bidding
5. Bid Identification No. KM-06/2018-19.
6. Last date & time of receipt of Bid through online, date **18.02.2019.**
7. Date of receipt of Bid cost & Bid security by **20.02.2019 up to 5.00** P.M.
8. Opening of Bid documents Date **21.02.2019 at 11.30 A.M.**
9. The pre-bid meeting will be held on 11.02.2019 at 11.30 A.M. in the office of the undersigned.
10. The bidder has to participate in online bidding only. Further details can be seen from the e-procurement portal **http://www.tendersorissa.gov.in**

13082/11/0006/1819 **Sd./- Executive Officer, Khordha Municipality**

---

**GOVERNMENT OF ODISHA,**
**"e"- PROCUREMENT NOTICE**
**Bid Identification No. E.E. GTN(R&B)-10/2018-19**
**No.1215-B:- E-mail address: eeghatagaon2015@gmail.com**
**Letter No. 253** **dt. 30.01.2019**

| | | | |
|---|---|---|---|
| 1. | Name of the work | : | Civil Work |
| 2. | Numbers of work | : | 01 (One) |
| 3. | Estimated cost | : | Rs24.96 Lakhs |
| 4. | Period of completion | : | 6 (Six) Months |
| 5. | Date & Time of availability of bid document in the portal | : | From 11.45 A.M of dt 08.02.2019 to 04.00 P.M of dt 16.02.2019 |
| 6. | Last Date/ Time for receipt of bids in the portal | : | 04.00 P.M of dt 16.02.2019 |
| 7. | Date of opening of Bid | : | 11.30 A.M of dt 18.02.2019 |
| 8. | Name and address of the officer inviting Bid | : | Ashok Kumar Giri Executive Engineer, Ghatagaon (R&B) Division |

Further details can be seen from the e-procurement portal https://tendersodisha.gov.in.

**Sd./-**
**A.K. Giri dt.30.01.2019**
**Executive Engineer,**
34140/11/0013/1819 **Ghatagaon(R&B)Division**

---

**OFFICE OF THE SUPERINTENDING ENGINEER**
**RURAL WORKS CIRCLE, BERHAMPUR**
**(At:- Ambapua, Po:- Engineering School**
**Near Income Tax Office, Berhampur-760011)**
**E-Mail:- serwbpr2004@yahoo.com**
**Tel/FAX:- 0680-2404287**

**E-Mail / E-Despatch**
**No. E-Tender // 556 // RWC// BAM // Dated. 01.02.2019**

**Corrigendum to Bid identification No. Online Tender/34-2018-19/BPR**

No. 1580-O: Due to un-avoidable circumstances, the last date of availability of tender, seeking tender clarification, Opening of Technical Bid & Opening of Financial Bid for Sl No. 01 to 05 of NIT of Annexure in the Bid Identification No. Online Tender/34-2018-19/BPR may be read as follows.

| | | | |
|---|---|---|---|
| 1 | Last date of availability of tender | | 11.02.2019 upto 3.00 PM instead of 05.02.2019 upto 3.00 PM |
| 2 | Last date of seeking tender clarification | | 08.02.2019 upto 2.00 PM instead of 02.02.2019 upto 2.00 PM |
| 3 | Date of opening of Technical Bid. | | 12.02.2019 at 3.00 PM instead of 06.02.2019 at 3.00 PM |
| 4 | Date of opening of Financial Bid | | 18.02.2019 at 11.00 AM instead of 14.02.2019 at 11.00 AM |

All other contents will remain unchanged.

**Sd/- Superintending Engineer**
25071/11/0060/1819 **R.W.Circle, Berhampur**

---

**MAHILA VIKAS SAMABAYA NIGAM**
**(Govt. of Odisha Undertaking)**
**A-1 Block, Ground Floor, ToshaliBhawan, Satya Nagar, Bhubaneswar- 751007, Ph.No.2573023, Tele Fax- 2573024, E-mail-mvsn_bbsr@yahoo.com**
**Ref. /MVSN Dt.**

**TENDER CALL NOTICE**

**No.CAD-1370:-** Sealed Tenders are invited from interested Chartered Accountant Firms empanelled under C&AG and having experience in conducting audit of expenses, to conduct audit of Nutrition Operation Plan (NOP) at district (30) level. The Tender completed in all respect shall be deposited in the office of Managing Director, Mahila Vikas Samabaya Nigam, Toshali Bhawan, A-1 Block, and Ground floor, Satya Nagar, Bhubaneswar-751007 on or before Dt.11.03.2019 by 4 P.M. through Registered Post / Speed Post only. The application form of the Tender containing General Bid information and terms & conditions can be downloaded from the website- www.wcdodisha.gov.in from 05.02.2019 to 11.03.2019. A Tender Fee of Rs.2,000 /-(Rupees two thousand)only and EMD of Rs.25,000/- (Rupees Twenty five thousand) only are to be deposited in shape of Demand Draft as indicated in the Tender Schedule along with the Tender Application for each category at the time of submission of the application. The authority reserves the right to modify/cancel the Tender at any point of time.

**Sd./- MANAGING DIRECTOR**
**33003/11/0012/1819 MAHILA VIKAS SAMABAYA NIGAM**

---

**GOVERNMENT OF ODISHA** **1582-O**
**OFFICE OF THE EXECUTIVE ENGINEER, KALAHANDI RWS&S DIVISION, BHAWANIPATNA**
Email: eerwsskld@nic.in, eerwsskld@gmail.com, Phone No.: 06670-230784

**INVITATION OF BID THROUGH e-TENDERING**
**Bid Identification No. 19/EE/RWSS/2018-19/Bpt, Dated 31.01.2019**

1. Name of the work : As per

**ANNEXURE-A**

| Procurement Officer | Bid Identification No. | Availability of tender online for bidding on office hour only | | Date of opening (Technical Bid) |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Kalahandi RWS&S Division, Bhawanipatna | 19/EE/RWSS/ 2018-19/ Bpt Dated 31.01.2019 | 04.02.2019 | 26.02.2019 | 27.02.2019 at 11.30AM onwards |

Cost of tender paper & payment of EMD to be made online payment system.
Further details can be seen from the e-Procurement portal http://tenderodisha.gov.in

25005/11/0035/1819 ***Sd./- Executive Engineer, Kalahandi RWS&S Division, Bhawanipatna***

---

**GOVERNMENT OF ODISHA** **1583-O**
**OFFICE OF THE EXECUTIVE ENGINEER, KALAHANDI RWS&S DIVISION, BHAWANIPATNA**
Email: eerwsskld@nic.in, eerwsskld@gmail.com, Phone No.: 06670-230784

**CANCELLATION OF BID THROUGH e-TENDERING**
**Bid Identification No. 16/EE/RWSS/2018-19/Bpt, Dated 15.01.2019**

1. Name of the work :

| Procurement Officer | Bid Identification No. | Availability of tender online for bidding on office hour only | | Date of opening (Technical Bid) |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Kalahandi RWS&S Division, Bhawanipatna | 16/EE/RWSS/ 2018-19/ Bpt Dated 15.01.2019 | 22.01.2019 | 07.02.2019 | 08.02.2019 at 11.30AM onwards |

The Bid Identification No.- 16/EE/RWSS/2018-19/Bpt, Dated 15.01.2019 is hereby cancelled due to Technical error during publishing the tender.

25005/11/0036/1819 ***Sd./- Executive Engineer, Kalahandi RWS&S Division, Bhawanipatna***

---

**ODISHA HYDRO POWER CORPORATION LIMITED**
**OFFICE OF THE SENIOR GENERAL MANAGER (ELECTRICAL), UPPER KOLAB HYDRO ELECTRIC PROJECT, AT/PO: BARINIPUT, DIST: KORAPUT- 764006, PHONE: 06854-242001, FAX: 06854242038, E-mail: sgmel_ukhep@ohpcltd.com, CIN: U40101OR1995SGC003963**

**e-PROCUREMENT NOTICE NO.-UKHEP/ET- 14/2018-19, Dated 31.01.2019**

**No.: CAD-1364:** The Unit Head, Upper Kolab Hydro Electric Project, Bariniput, Koraput, Odisha invites percentage rate bid in Double cover system in ONLINE MODE only from eligible contractors for the works as mentioned below.

| Sl. No. | Name of the work | Approx. Estimated cost (in Rs.) | E.M.D. (In Rs.) (online) | Cost of bid document (online) | Class of Contractor | Availabiliy of Bids online for Bidders | Due date and time of Opening of Technical Bid |
|---|---|---|---|---|---|---|---|
| 1 | Bottom Soil Treatment and Metal spreading at 33KV & 220KV switchyard of UKHEP, Bariniput | 22,28,821/- | 22,300/- (online) | 7080/- (Rs. 7000/- + 18% GST) (online) | "B" & "C" Class having Electrical Licence issued by ELBO. | From 10.00 hrs of 11.02.2019 to 17.00 hrs of 25.02.2019 | At 11.30 hrs. of 28.02.2019 |

1. The Bidders have to participate in ONLINE bidding only through the Govt. e-Procurement portal www.tendersorissa.gov.in by using their compatible Digital Signature Certificate (DSC).
2. Further details like tender specification (DTCN), BOQ and any addendum/ corrigendum/ cancellation of tender can be seen in the same website.

**04002/11/0092/1819** **Sd./- Unit Head, UKHEP, Bariniput**

---

**OFFICE OF THE MUNICIPAL COUNCIL, SUNDARGARH**

**No. 560** **Dt. 04.02.2019**
**COMPETITIVE BIDDING THROUGH e-Procurement**
**NOTICE INVITING TENDER**
**Bid Reference No. SNGM-21/2018-19/Dt. 04.02.2019**

On behalf of the Sundargarh Municipality on-line e-tender Percentage Rate Bids are invited by the Executive Officer, Sundargarh Municipality from the intending and eligible class/ category of bidders in conformity with the Detailed Tender Call Notice for execution of the works mentioned in the DTCN. Contractors validity registered empanelled under Sundargarh Municipality are also eligible to participate for the works as per condition of DTCN.

1. Total No. of works for which Tenders invited : 15 Nos.
2. Place of Execution : Different areas of Sundargarh Municipality.
3. Estimated Cost of Works : Rs. 4,24,710/- to 16,38,700/-.
4. Eligible Class of Contractors : Registered Contractos of Class-'D' to Class-'C' as indicated against each work mentioned in the Tender Call Notice.
5. Intending bidders have to participate through "On-Line" bidding. The website for online bidding is https://www.tendersodisha.gov.in.
6. The bid documents will be available in the above website from 11 AM on 06.02.2019 to 5 PM on 15.02.2019 for online bidding.
7. Bids received online will be opened at 11 AM on 19.02.2019.
8. The bidder must possess valid and compatible Digital Signature Certificate (DSC).
9. The DTCN for 15 Nos. of work shall be available in the e-procurement portal https://www.tendersodisha.gov.in for on-line bidding.

**Sd./- Executive Officer**
**Sundargarh, Municipality**

---

**PANCHAYAT SAMITI, NUAPADA,DIST : NUAPADA**
**BID IDENTIFICATION NO. : PS, NPD / 03/2018-19**
**No. 877 / Dev/ Dtd. 04.02.2019**

The Block Development Officer, Nuapada on behalf of Governor of Odisha invites Percentage Rate bids in single cover system for the construction of works as detailed in the table, from the class of eligible contractors as mentioned in column-5 (five) registered with the State Governments and Contractors of equivalent Grades/ Class Registered with Central Government / MES/ Railways to be eventually drawn up in PWD P-1 Agreement form, for execution of Building / Road Works. The proof of registration from the appropriate authority shall be enclosed along with the Bid. If successful, the bidder who has not registered under state government has to register under the state PWD in appropriate class of eligibility before signing of the agreement. The bidders may submit bids for the following work.

| Sl. No. | Name of the Work | Approximate value of work (Rs in Lakh) | Period of Com-pletion | Class of Contr-actor | EMD @1% | Cost of bid documents (Non-refundable) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Stage with 2 Nos of Green Rooms and other infrastructure for stage Programme at National High School, Nuapada | 12, 23,444.00 | 4 Months | C & D | 12234.00 | 6000.00 |
| 2 | Improvement of road from Moharadihi to Gastidihi with three Nos of culvert | 10,64,730.00 | 4 months | C & D | 10647.00 | 6000.00 |

1. The sale of the Bid document shall start from Dt. 05.02.2019 and close on Dt. 14.02.2019 at 4.00 P.M. in the office of the undersigned. Bids shall be received by this office up to 5.00 PM on date 14.02.2019 through Registered Post / Speed Post only. The authority will not be held responsible for any postal delay in delivering of the Bid documents or non-receipt of the same.
2. The details Bid documents will also be available in the district website http://nuapada.nic.in from 05.02.2019 to 14.02.2019.
3. Bid documents consisting of plans, specification the schedule of quantities and the set of terms and conditions of contract and other necessary documents can be seen in the office of the undersigned during office hours every day except on Sunday & Public Holidays till last date of sale and receipt of tender papers.
4. The Bid will be opened on Dt. 15.02.2019 at 11.30 AM in the office of the undersigned in the presence of the bidders or their authorized representative.
5. The authority reserves right to reject any or all the bids without assigning any reason thereof.

**Sd./- Block Development Officer, Nuapada**

---

# ୩୦ ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ-୨୦୧୯

(ତା.୦୪/୦୨/୨୦୧୯ ଠାରୁ ତା.୧୦/୦୨/୨୦୧୯)

**"ସଡ଼କ ସୁରକ୍ଷା - ଜୀବନ ରକ୍ଷା"**

**ସଡ଼କ ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ତୁରନ୍ତ ଡ଼ାକ୍ତରଖାନା ନିଅନ୍ତୁ - ଆର୍ଥିକ ପୁରସ୍କାର ପାଆନ୍ତୁ**

ମାନ୍ୟବର ସୁପ୍ରିମକୋର୍ଟଙ୍କ ଆଦେଶ ଅନୁଯାୟୀ ରାଜ୍ୟ ସରକାର ସଡ଼କ ଦୁର୍ଘଟଣା ପିଡ଼ିତ ବ୍ୟକ୍ତିଙ୍କୁ ଡ଼ାକ୍ତରଖାନାରେ ଭର୍ତ୍ତି କରୁଥିବା ପରୋପକାରୀ ଭଦ୍ର ବ୍ୟକ୍ତିଙ୍କ ସୁରକ୍ଷା ନିମନ୍ତେ **"Good Samaritan Policy"** ପ୍ରକାଶିତ କରିଛନ୍ତି। ଏହି ପଲିସି ର କେତେକ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ନିମ୍ନରେ ପ୍ରଦାନ କରାଗଲା।

★ କୌଣସି ସଡ଼କ ଦୁର୍ଘଟଣାରେ ଆହତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଇଥିବା ବ୍ୟକ୍ତିଙ୍କୁ ନିଜର ପରିଚୟ କିମ୍ବା ଠିକଣା ଦେବା ପାଇଁ ବାଧ୍ୟ କରାଯିବ ନାହିଁ।

★ ସମ୍ପୃକ୍ତ ପରୋପକାରୀ ବ୍ୟକ୍ତି ଇଚ୍ଛା କଲେ ସଙ୍ଗେ ସଙ୍ଗେ ଡାକ୍ତରଖାନା ଛାଡ଼ି ଯାଇପାରିବେ।

★ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଦୁର୍ଘଟଣା ପିଡ଼ିତଙ୍କ ଚିକିତ୍ସା ଖର୍ଚ୍ଚ ବହନ କରିବା ପାଇଁ ଡାକ୍ତରଖାନା କର୍ତ୍ତୃପକ୍ଷ ବାଧ୍ୟ କରିପାରିବେ ନାହିଁ।

★ ସମ୍ପୃକ୍ତ ବ୍ୟକ୍ତିଙ୍କ ନାମରେ ପୁଲିସ୍ କୌଣସି ମାମଲା ଦାୟର କରି ପାରିବେ ନାହିଁ କିମ୍ବା ତାଙ୍କୁ ପୁଲିସରେ ଏଫ୍.ଆଇ.ଆର୍. ଦେବା ପାଇଁ ବାଧ୍ୟ କରାଯିବ ନାହିଁ।

★ ସମ୍ପୃକ୍ତ ବ୍ୟକ୍ତି ଯଦି ସାକ୍ଷୀ ହେବା ପାଇଁ ଇଚ୍ଛା କରନ୍ତି ତେବେ ଗୋଟିଏ ଥରରେ ପୁଲିସ୍ ତାଙ୍କ ଠାରୁ ଜମାନବନ୍ଦି ନେବେ।

★ ସମ୍ପୃକ୍ତ ପରୋପକାରୀ ବ୍ୟକ୍ତିଙ୍କୁ ତାଙ୍କ ନାମ ଓ ଠିକଣା ପ୍ରଦାନ କରିବା ପାଇଁ କୌଣସି ସରକାରୀ କର୍ମଚାରୀ ବାଧ୍ୟ କଲେ ସେହି କର୍ମଚାରୀଙ୍କ ବିରୁଦ୍ଧରେ ସରକାର ବିଭାଗୀୟ ତଦନ୍ତ କରିବେ।

★ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ତରଫରୁ **2000/-** ଟଙ୍କାର ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯିବ ଏବଂ ଯଦି ସେ କୌଣସି ଭଡ଼ା ଗାଡ଼ିରେ ଦୁର୍ଘଟଣା ପିଡ଼ିତଙ୍କୁ ସ୍ଥାନାନ୍ତର କରିଥାନ୍ତି ତେବେ ଭଡ଼ା ବାବଦକୁ ଦେୟ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପ୍ରଦାନ କରାଯିବ। ଏତ୍‌ଦବ୍ୟତିତ ସମ୍ପୃକ୍ତ ଭଦ୍ର ବ୍ୟକ୍ତିଙ୍କୁ ଜିଲ୍ଲାସ୍ତରୀୟ / ରାଜ୍ୟସ୍ତରୀୟ ଉତ୍ସବରେ ସମ୍ମାନିତ କରାଯିବ।

**ଜନସାଧାରଣ ନିର୍ଭୟରେ ସହିତ ଦୁର୍ଘଟଣା ପିଡ଼ିତଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସନ୍ତୁ।**

**ପରିବହନ କମିଶନର, ଓଡ଼ିଶା**

**ସୌଜନ୍ୟ :- ଓଡ଼ିଶା ରୋଡ଼ ସେଫ୍ଟି ସୋସାଇଟି**